# [illegible]

## ଗ୍ରନ୍ଥାବଳୀ

http://oaob.nitrkl.ac.in

# ଚିନ୍ତାମଣି-ଗ୍ରନ୍ଥାବଳୀ

## କବିତା ବିଭାଗ

( ପ୍ରଥମ ଖଣ୍ଡ )

କବିବର ଶ୍ରୀ ଚିନ୍ତାମଣି ମହାନ୍ତି କବିଶେଖର

ପ୍ରକାଶକ

ଶ୍ରୀ ଉପେନ୍ଦ୍ରପ୍ରସାଦ ମହାନ୍ତି ବି. ଏ., ଡି. ଇଡ୍.

ବାଣୀ-ସାହିତ୍ୟ-ମନ୍ଦିର୍

ଭଦ୍ରଖ

ପ୍ରଥମ ମୁଦ୍ରଣ

୧୯୬୮

ମୂଲ୍ୟ—ଛଅ ଟଙ୍କା

http://oaob.nitrkl.ac.in

# ଘୁମୁସର କାବ୍ୟ

## ପ୍ରଥମ ସର୍ଗ

ସୌଭାଗ୍ୟର ଏ କି ମହା ଶୁଭଦିନ,
ଜାଗଉଠେ ପ୍ରାଣେ ପୁଲକ ନବୀନ ।
ଅଲକ୍ଷ୍ୟରେ କୋଟି ଆନନ୍ଦ-ହାଟବଳି,
ମନ ମଧ୍ୟେ ପଶି ଯାଉଅଛି ଖେଳି ।
ଯାହାଙ୍କୁ ଚାହିଁଲେ ସେ ମଧୁର ଦିଶେ,
ଅମଧୁର ଯେତେହେଁ ନାହିଁ କାହିଁ ବିଶ୍ୱେ ।
ଆନନ୍ଦ-ଅମୃତେ ପୂରିଲେ ହୃଦୟ,
ଅମଧୁର ସୁଦ୍ଧା ହୁଏ ମଧୁମୟ ।
ଆନନ୍ଦ ଆବେଗ ବଢୁଛି ସର୍ବଥା,
ପର୍ବ ଦିବସର ପୂର୍ବଦିନେ ଯଥା ।
ଆନନ୍ଦ ପଛରେ ଧାଉଁଛି ଆନନ୍ଦ,
ବର୍ଷୁଛି ହୃଦୟେ ମଧୁ ମକରନ୍ଦ ।

ବ୍ୟାପିଛି ମାନସେ ଆନନ୍ଦ ପ୍ରଭାବ,
ଆନ ଚିନ୍ତା ପାଇଁ ନାହିଁ ତହିଁ ଠାବ ।
ସଂସାର ବାସନା ବହୁ ଦୂରାନ୍ତରେ,
ରହିଲାଣି ଯାଇ ହତାଶ ଅନ୍ତରେ ।
ଅଭୀଷ୍ଟଦାୟିନୀ ଦେବୀ ବୀଣାପାଣି,
କି ଶୁଭ ସୁଯୋଗ ଘଟାଇଲ ଆଣି ।
ଘେନ ମାତଃ ପୂତ ଭକ୍ତି କୃତଜ୍ଞତା,
ଆଗେ ମାତୃପୂଜା, ପଛେ ଆନ କଥା ।
ସାରସ୍ୱତ-ସ୍ୱର୍ଗ୍ୟ ରାଜ-ଚକ୍ରବର୍ତ୍ତୀ,
କାବ୍ୟ-ତପୋବନ-ତପଃ ସିଦ୍ଧ ଯତି,
ଉତ୍କଳ-ସାହିତ୍ୟ-କଳ୍ପଦ୍ରୁମ ମଞ୍ଜି,
କବି-କୁଳଟିକା ଉପଇନ୍ଦ୍ର ଭଞ୍ଜ ।

http://oaob.nitrkl.ac.in

ତାଙ୍କ ଜନ୍ମ ଧାମ ସାରସ୍ୱତ ତୀର୍ଥ
ଦର୍ଶନେ ଆଜି ମୁଁ ହେଉଛି ଧାବିତ ।
ବହୁଦିନର ଏ ଦର୍ଶନ-ପିପାସା—
ମେଣ୍ଟନ୍ତା କି ନାହିଁ, ସେ ଯେ ଦୀନ ଆଶା ।
ଦୀନ ଆଶା ବଣମାଳତୀର ସମ,
ଝଡ଼ି ପଡ଼ିଯିବା ପାଇଁ ତା ଜନମ ।
ପୂର୍ଣ୍ଣ ହେବ ଆଜି ସେ ପୁରୁଣା ସାଧ,
ଏହା ସିନା ଦେବ, ତୁମ୍ଭ ଆଶୀର୍ବାଦ ।
ଜଗୁଥିଲ ମୋତେ ଯେ ଇଚ୍ଛା ଆକୁଳ,
ଭାଗ୍ୟ ସେ ଇଚ୍ଛାର ଆଜି ଅନୁକୂଳ ।
ମାତ୍ର ସେ ଇଚ୍ଛାର କାହିଁ ଆଦି ଅନ୍ତ,
ତୁମ୍ଭେ ଏକା ଦେବ, ଜାଣ ସେ ଉଦନ୍ତ ।
ବଞ୍ଚିଥାନ୍ତେ ଯେବେ ଭକ୍ତ ମହାକବି,
ଲଭନ୍ତ ମୁଁ ତାଙ୍କ ସେବକ-ପଦବୀ ।
ଲେଖକ ହେବାକୁ କାହିଁ ମୋ ଭରସା,
ମୋ ପକ୍ଷରେ ସିନା ତାହା ଲୋକହସା ।
ଲେଖନ ପତର ଶ୍ରୀକରେ ବଢ଼ାଇ—
ଦେଇ ମୁଁ କରନ୍ତି ସଗର୍ବେ ବଡ଼ାଇ ।
ବାଣୀ ବରପୁତ୍ର ପରିଚାର ପଦ
ହୋଇଥାନ୍ତା ମୋର ଗୌରବ-ସମ୍ପଦ ।
ପାଦମୂଳେ ବସି ହୋଇ ଉଲ୍ଲସିତ,
ଶୁଣୁଥାନ୍ତି ତାଙ୍କ ଲଳିତ ସଙ୍ଗୀତ ।
ସଧୀରେ ମଞ୍ଜାଳି କବି ପୁଣ୍ୟପାଦ,
ପୂର୍ଣ୍ଣ କରନ୍ତି ମୋ ଅନ୍ତରର ସାଧ ।
ହାୟରେ ଏ ମୋର ତୁଚ୍ଛା ମନୋରଥ,
ଫେରିବ ତ ନାହିଁ ସେ ରୁକୁଣା ରଥ ।
କାହିଁ ଭକ୍ତ, କାହିଁ ମୁହିଁ ଅକିଞ୍ଚନ,
ଦେଖୁଛି ମୁଁ ବ୍ୟର୍ଥ କଳ୍ପନା-ସ୍ୱପନ ।

ସାହିତ୍ୟ ଉତ୍କଳ-ନନ୍ଦନ ପ୍ରଫୁଲ୍ଲ,
ଗଞ୍ଜାମ ତହିଁରେ ପାରିଜାତ ଫୁଲ ।
ପୁଣ୍ୟ ଘୁମୁସର ସେ ଫୁଲର ମଧୁ,
କାଳେ କାଳେ ଖ୍ୟାତ ତାହାର ବୀରଧୁ ।
ଅଥବା ଗଞ୍ଜାମ ସୌନ୍ଦର୍ଯ୍ୟ ପୁସ୍ତିକା,
ଘୁମୁସର ତାର ସୁବୋଧିନୀ ଟୀକା ।
ଶଶାଙ୍କମଣ୍ଡଳ ଉତ୍କଳ ଧରଣୀ,
ଗଞ୍ଜାମ ତା ମଧ୍ୟେ ପୂର୍ଣ୍ଣ ନିଶାମଣି ।
ଘୁମୁସର ଜ୍ୟୋତ୍ସ୍ନା ସେ ନିଶାମଣିର,
ଅତ୍ୟୁକ୍ତି ବର୍ଣ୍ଣନା ନୁହେଁ ଏହି ଗୀର ।
ଶୋଭାଲକ୍ଷ୍ମୀ ସଦା ବୁଲୁଛନ୍ତି ତହିଁ,
ନାଚି-ଖେଳି-ଧାଇଁ-ହସି-କଥା କହି ।
ଏତେ ଅତି-ଦୃଶ୍ୟ ଏତେ ଅତିଚିତ୍ର,
ଏତେ ବନଗିରି ପ୍ରସ୍ରଣ ପବିତ୍ର,
ଆନ କାହିଁ ନାହିଁ ନ ଥିଲା ନିକର,
ପ୍ରକୃତିର ତାହା ଶୋଭା-ଗନ୍ତାଘର ।
ସେ ଶୋଭା ବର୍ଣ୍ଣନେ ବଳୁଛି କୌତୁକ,
ମାତ୍ର କବି-ଭାଷା ହୋଇ ରହେ ମୂକ ।
ଲଳିତ ଲାବଣ୍ୟ ଗଢ଼ା ବନ ସୃଷ୍ଟି,
ବସନ୍ତ ତହିଁରେ କରେ ମଧୁ ବୃଷ୍ଟି ।
ଲୋମକୂପଯାକ ହୋଇଥିଲେ ଆଖି,
କାହିଁତେ ସେ ଶୋଭା ହୁଅନ୍ତା ବା ଚାଖି ।
କିନ୍ତୁ ବିଧାତା ତ ବହି ନାହିଁ ତାହା,
ନରପ୍ରାଣେ ବଡ଼ ଅଭାବ ଏ ଆହା ।
କବି-କଳ୍ପିଣୀ ବିଶ୍ୱ-ମନୋଲୋଭା,
ମହାଶୋଭା ନୁହେଁ—ତାହା ଅଛି ଶୋଭା ।
କବି-ଜନ୍ମ ଆଗୁଁ ପ୍ରକୃତି-ସୁନ୍ଦରୀ,
ଭବି-ଚିତ୍ତଚୋର ରୂପ ଅଛି ଧରି ।
ମହାକବି ହେବେ ଭକ୍ତ ବୀରବର,
ଜାଣିଥିଲା ଏହା ବିଧାତା ନିକର,
ତେଣୁ ଜନ୍ମ ଦେଲା ତାଙ୍କୁ ଶୁଭକ୍ଷଣେ,
କବିତା ମୂର୍ତ୍ତିର ଏ ନିକୁଞ୍ଜ ବନେ ।
ଏଭଳି ସୁତୀର୍ଥ ଥିଲେ ଆନ ଦେଶେ,
ବଢ଼ିଥାନ୍ତା ତାର ଗୌରବ ବିଶେଷେ ।

http://oaob.nitrkl.ac.in

ଲୁଟିଥାନ୍ତେ ବହୁ ଦେଶୁ ଯାତ୍ରୀ ଧାଡ଼ି,
ଦେଉଥାନ୍ତେ ଭକ୍ତି ତା ପଦେ ଅଜାଡ଼ି ।
କବି-କଣ୍ଠ ଭଞ୍ଜ ସ୍ୱର୍ଣ୍ଣମୂର୍ତ୍ତି ପାଦେ,
ଢାଳୁଥାନ୍ତେ ଜନେ ମଣିରତ୍ନହାରେ ।
କବି-ସିଂହାସନ ମୋତି ମାଣିକ୍ୟରେ,
ଗଢ଼ା ହୋଇଥାନ୍ତା ମହା ଆଡ଼ମ୍ବରେ ।
ଉଠୁଥାନ୍ତା ସଦା ବାଦିତ୍ର ଝଙ୍କାର,
ଲାଗିଥାନ୍ତା ପୂଜା କବି-ପ୍ରତିଭାର ।
ସାହିତ୍ୟ-ସଙ୍ଗୀତ ପ୍ରଭା ସୁବିମଳ,
କରୁଥାନ୍ତା ଆହା ଦିଗନ୍ତ ଉଜ୍ଜ୍ୱଳ ।
ହେଉ ଘଟେ ଏବେ ଦୁର୍ଲଭ ସେ କଥା,
ମାତ୍ର ଭବିଷ୍ୟରେ ନ ହେବ ଅନ୍ୟଥା ।
ସେ ଉତ୍କଳ କାଳେ ଭଞ୍ଜ ଜନ୍ମ ସ୍ଥାନ ।
ମହାତୀର୍ଥରୂପେ ଲଭିବ ସମ୍ମାନ ।
ସାହିତ୍ୟ ପ୍ରଭାବ ଜାଗିବ ପ୍ରଖରେ,
ଭଞ୍ଜକବି କୀର୍ତ୍ତି ଘୋଷିବ ବିଶ୍ୱରେ ।
ବାଣୀତୀର୍ଥ ଏହି ଘୁମୁସର ଗଡ଼,
ଉତ୍କଳର ହେବ ଦ୍ୱିତୀୟ ଝଙ୍କଡ଼ ।
ଉଚ୍ଚ ଭାବ, ନବ କଳ୍ପନାନିର୍ଝର,
ଆଣିବ ସାହିତ୍ୟ-ପ୍ରାଣେ ଯୁଗାନ୍ତର ।

ବସ୍ତୁରେ ଅଗ୍ରତେ ବୁଦ୍ଧଖୋଲ ଗିରି,
ମର୍କତ ପ୍ରାଚୀର ପ୍ରାୟେ ଚାରୁ ଶିରୀ ।
ଉତୁଙ୍ଗ ଚୂଡ଼ା ତାର ବହୁଦୂରୁଁ ଦିଶେ,
ଭଞ୍ଜ-ରାଜବଂଶ ପାଟହସ୍ତୀ କି ସେ ?
କିମ୍ବା ଘୁମୁସର ସୀମାନ୍ତ ପ୍ରହରୀ,
ସଦର୍ପରେ ଠିଆ ରୁଦ୍ର ବପୁଧାରୀ ।
ପବିତ୍ର ସେ ଗିରି ବୁଦ୍ଧଦେବ ସ୍ପର୍ଶେ, ୧
ଗାଏ ତାଙ୍କ ସ୍ମୃତି ଗୁହା-ମୁଖେ ହରଷେ ।

ସିଦ୍ଧଯୋଗୀ ପ୍ରାୟେ ଧ୍ୟାନମଗ୍ନ ସଦା,
କ୍ରୀଡ଼ନ୍ତି ତା ଚୂଳେ ଅମର-ପ୍ରମଦା ।
ଐତିହାସିକ ସେ ଗିରି ପୁରବାସ,
ନୀରବେ ବଖାଣେ ବହୁ ଇତିହାସ ।
ପଞ୍ଚଚୂଡ଼ ଗିରି ପଞ୍ଚ ଶମ୍ଭୁପୀଠ, ୨
ଚିର ମୌନବ୍ରତୀ ଯୋଗ-ଯୋଗନିଷ୍ଠ ।
ସେ ପାଞ୍ଚ ଶିଖରେ ଚାହିଁ ପରସ୍ପରେ,
କହୁଥାନ୍ତି କଥା ମୌନ ସଙ୍କେତରେ ।
ନେତ୍ରଭାଷା ତାହା ନାହିଁ ତହିଁ ରବ,
ବୁଝିବା ତା ଆନ ପକ୍ଷେ ଅସମ୍ଭବ ।
ମହତେ ବୁଝନ୍ତି ମହତଙ୍କ କଥା,
ଇତର ପକ୍ଷେ ତା ନିପଟ ଧୃଷ୍ଟତା ।
ଦୋଳାରେ ଆରୋହି ଉଠିଲି ଉପରେ,
ଦେଖି ଦେଖି ବହୁ ଦୃଶ୍ୟ ସମ୍ମୁଖରେ ।
ପ୍ରକୃତି ଦେବୀଙ୍କ ମହାଶକ୍ତି ନଗ,
ଖସିପଡ଼ିଛି କି ଉର୍ଦ୍ଧ୍ୱରୁ ସ୍ୱରଗ ।
ଲୋମ କେଶ ପ୍ରାୟ ଆଶିରଚରଣ,
ବ୍ୟାପିଛି ତାହାକୁ ଅରଣ୍ୟ ଭୀଷଣ ।
ପଡ଼ିଛି ପାବଚ୍ଛ ପ୍ରସ୍ତର ବାନ୍ଧୁଣି,
ସ୍ୱର୍ଗକୁ କି ଅବା ଲାଗିଛି ନିଶୁଣୀ ।
କେତେ ଭାଗ୍ୟଧର ମୁହିଁ ଏ ମହୀରେ,
ଯାଉଅଛି ଉଠି ସ୍ୱର୍ଗେ ସଶରୀରେ ।
କେଉଣ ଜନ୍ମର କେଉଁ ତପେ ଆହା,
ଲଭୁ ଏ ସୁଫଳ କେ କହିବ ତାହା ?
ଅପାର ଉଲ୍ଲାସ ପରଭବ ପାଇ,
ମହାଭୟେ ଛାଡ଼ିଗଲାଣି ପଳାଇ ।
ସ୍ୱର୍ଗୀୟ ଅମୃତେ ପୂରିଛି ଉଦର,
ଦିବ୍ୟଭାବେ ଆଜି ଭରୁଛି ଅନ୍ତର ।
ମୋ ଇଷ୍ଟଦେବତା ଦେବୀ ବାଗୀଶ୍ୱରୀ !
କୃତାର୍ଥ ମୁଁ ଏବେ ତୋ କୃପା ସୁମରି ।

୧ ବୁଗୁଡ଼ାର ନିକଟବର୍ତ୍ତୀ ବୁଦ୍ଧଖୋଲ ପର୍ବତରେ ବୁଦ୍ଧଦେବଙ୍କର ସିଦ୍ଧମୂର୍ତ୍ତି ଅଛି ।
୨ ଗଙ୍ଗାଧର, ଜଟାଧାରେଶ୍ୱର, ମକରେଶ୍ୱର, ବୁଢ଼େଶ୍ୱର ଏବଂ ଭୂତେଶ୍ୱର ଏହି ପଞ୍ଚଶମ୍ଭୁ ପର୍ବତ ଉପରେ ଅଧିଷ୍ଠିତ ।

http://oaob.nitrkl.ac.in

ଏ ଆନନ୍ଦ ତୋର୍ ପ୍ରସାଦ କେବଳ,
ଏ ସୌଭାଗ୍ୟ ତୋର୍ କରୁଣାର ଫଳ ।

ଗିରିପାଦମୂଳେ 'କଦଳୀ ଖାଲିଆ, ୧
ତହିଁ ଗିରିଯାତ୍ରୀ ମେଣ୍ଟାନ୍ତି ହାଲିଆ ।
ଘୋଷେ ଜନଶ୍ରୁତି ଅତୀତେ ସେ ବନେ,
ଯୋଗ ସାଧୁଥିଲେ ମହାଯୋଗୀ ଜଣେ ।
କାହିଁ ସେ ଉଦ୍ୟାନ, ଯୋଗୀ ମହାଯଶା,
ଭଜିଛି ସେ ଜୀର୍ଣ୍ଣ ଶ୍ମଶାନର ଦଶା ।
ନିୟତି ନିୟମ ଆହା କି ନିଷ୍ଠୁର,
ଭଙ୍ଗୁର ଭବେ କେ ନୁହେ ଅଭଙ୍ଗୁର ।
ଆଜି ଯେଉଁ ସ୍ଥାନ ଦେବତା-ସଦନ,
କାଲି ସେ ହେଉଛି କଣ୍ଟକିତ ବନ ।
ନିୟତିର ସ୍ରୋତ ଏକାନ୍ତ ଅବାଧ୍ୟ,
ଫେରାଇବ ତାକୁ ଅଛି କାର ସାଧ୍ୟ ?
ଦୁର୍ଦ୍ଧର୍ଷ ଦୁର୍ଜ୍ଜେୟ ଦୁର୍ନିବାର ଅତି,
ଫେରାଇ ନ ପାରେ ନିଜେ ତା ନିୟତି ।
ଦେଖିଲି ପଥରଖାଇଙ୍କ ଆବାସ, ୨
କରନ୍ତି ସେ ଦେବୀ ଖଣ୍ଡୋପଳ ଗ୍ରାସ ।
ପଥିକ ଦେବୀଙ୍କୁ କରେ ଶିଳା ଦାନ,
ଚଳି ଆସୁଛି ଏ ବିଚିତ୍ର ବିଧାନ ।
ଟଙ୍କାଶାଳି କୂପ ସ୍ଥିତ ତାହା ପାଶେ,
ଏବେ ତାହା କ୍ରମେ ପୋତିହୋଇ ଆସେ ।
ଭଞ୍ଜବଂଶୀ ନୃପେ ବହି ଶତ୍ରୁ ଶଙ୍କା,
ରଖୁଥିଲେ ତହିଁ ଲୁଚାଇଣ ଟଙ୍କା ।
ସେ ଅତୀତ ସ୍ମୃତି ବହେ ଏବେ କୂପ,
ସରିଛି ସେ ଯାଗ ଅଛି ଖାଲି ଯୂପ ।
ତହୁଁ ଖଣ୍ଡେ ଦୂରେ ଦିଶେ ଭାଲୁଡ଼ଲୀ,
ଭଲ୍ଲୁକ ବିକଟ ସେ ସଙ୍କଟ ସ୍ଥଳୀ ।

ରୁକ୍ଷ ବଧୂଙ୍କର ହୁଲାହୁଳି ଧ୍ୱାନ,
ଶୁଣି ଉଡ଼ିଯାଏ ପାନ୍ଥ ପିଣ୍ଡୁ ପ୍ରାଣ ।
ଶ୍ରୀକରଭଞ୍ଜଙ୍କ ଭଗ୍ନ ଦୁର୍ଗ ତହିଁ,
ରହିଛି ଅବଧି ଗତ ସ୍ମୃତି ବହି ।
ଥିଲା ତାହା ଦିନେ ପ୍ରକାଣ୍ଡ ନଗରୀ,
ସ୍ୱଉସ୍ୱଜେଶ୍ୱରୀ ରମ୍ୟ ବେଶ ଧରି ।
ହୋଇଛି ତା ଭାଗ୍ୟ ବନ୍ଧୁକାଳ ଶେଷ,
ଧରିଅଛି ଏବେ ଘୃଣ୍ୟ ଶବ ବେଶ ।
ହୋଇ ବିକଳାଙ୍ଗ ଗଳିତ ପଳିତ,
କାଳ ଦନ୍ତେ ଏବେ ହେଉଛି ଚର୍ବିତ ।
ଦେଖି ଦେଖି ବହୁ ଦୃଶ୍ୟ ତହିଁ ପରେ,
ପ୍ରବେଶିଲି ଯାଇ ପ୍ରଥମ ଶିଖରେ ।
କାଟିଦେଲା ପ୍ରାୟ ସକଳ ସେ ଚୂଡ଼ା,
ଅତି ଭୟଙ୍କର ଧଇର୍ଯ୍ୟ ଉଜୁଡ଼ା ।
ଟାଙ୍ଗରମୁଣ୍ଡିଆ ତ୍ରିପଣ୍ଡ କାଳିଆ,
କ୍ରୁଦ୍ଧ ଦୈତ୍ୟ ପ୍ରାୟ ହୋଇଅଛି ଠିଆ ।
ତହୁଁ ଜଳଧାର ଗର୍ଜି ଗର୍ଜି ଖରେ,
ଡେଇଁ ପଡ଼େ ତଳେ ପ୍ରସ୍ତର ଉପରେ ।
ବହୁ ଉର୍ଦ୍ଧ୍ୱୁ ଜଳ ପଡ଼ୁଛି କଚାଡ଼ି,
ଦୃପ୍ତ ସିଂହ ପ୍ରାୟ ଘୋର ରଡ଼ି ଛାଡ଼ି ।
ହୀରକର ସ୍ତମ୍ଭ ଉର୍ଦ୍ଧ୍ୱୁ ନିପତିତ,
ହୋଇଯାଏ କିବା ଚୂର୍ଣ୍ଣବିଚୂର୍ଣ୍ଣିତ ।
ପଡ଼େ କି ପାତାଳେ ଭୁଜଙ୍ଗ ପ୍ରଚଣ୍ଡ
କିମ୍ବା ଗିରିଗର୍ଭ ମପା ମାନଦଣ୍ଡ ।
ବହୁ ଜଳବିନ୍ଦୁ ସୃଜୁଅଛି ପୁଣି,
ମଣି ମୁକ୍ତା ବର୍ଷି ଦେଉଛି କି ବୁଣି ।
ପ୍ରତିଫଳି ସ୍ତମ୍ଭେ ଅଂଶୁମାଳୀ କର,
ଇନ୍ଦ୍ରଧନୁ ପ୍ରାୟ ଦିଶଇ ସୁନ୍ଦର ।
ଆସେ ସୂକ୍ଷ୍ମଧାର ତରୁ ଚେରୁଁ ସ୍ରବି,
ହର ଜଟାରୁ କି ଝରୁଛି ଜାହ୍ନବୀ ?

୧ କଦଳୀ ଖାଲିଆ ନାମକ ସ୍ଥାନରେ ପୂର୍ବେ ବିସ୍ତୃତ କଦଳୀ ବନ ଥିଲା ବୋଲି ସ୍ଥାନୀୟ ଲୋକେ କହନ୍ତି ।
୨ ପଥରଖାଇ ଦେବୀଙ୍କ ଆସ୍ଥାନ । ପଥିକମାନେ ତାଙ୍କୁ ଖଣ୍ଡେ ଖଣ୍ଡେ ପଥର ଉପହାର ଦେଇ ପର୍ବତ ଉପରକୁ ଉଠନ୍ତି ।

http://oaob.nitrkl.ac.in

ତଳେ ଧ୍ୟାନମଗ୍ନ ବୁଦ୍ଧଦେବ ମୂର୍ତ୍ତି,
କରେ ଉଦ୍‌ବୋଧନ ପୂର୍ବକାଳ ସ୍ମୃତି ।
ସଖୀଦ୍ୱୟ ମଧ୍ୟେ ନବସନ୍ତ ବାଳୀ,
ବିଲମ୍ବିତ କଣ୍ଠେ ବହୁ ରତ୍ନମାଳୀ ।
କେତେ ଭଗ୍ନମୂର୍ତ୍ତି ଅଛି ସ୍ତରେ ସ୍ତରେ,
ଅସ୍ପଷ୍ଟ ସକଳ କାଳ ପ୍ରଭାବରେ ।
ସ୍ୱଭାବେ ସେ ଗିରି ବୁଦ୍ଧଦେବ ଧାମ,
ତେଣୁ ଖ୍ୟାତ ବୁଦ୍ଧପ୍ରପାତ ତା ନାମ ।
ପ୍ରପାତ ସମୀପେ ସ୍ଥିତ ବେନ ଦରୀ,
ଦର୍ପିଷ୍ଠ ଦାନବ ପ୍ରାୟ ହାଆଁ କରି ।
ପୂର୍ବେ ହୋଇଥିଲା ତପସ୍ୱୀ ଆଶ୍ରୟ,
ଏକାଳେ ଆଭାସେ ଯେହ୍ନେ ଯମାଳୟ ।
ସମ୍ମୁଖରେ ଉଭା ପ୍ରକାଣ୍ଡ ରସାଳ,
ଯମାଳୟର ସେ କିବା ଦ୍ୱାରପାଳ !
ଫଳେ ନତ ତହିଁ ଅସଂଖ୍ୟ ଡୁମ୍ବୁରୁ, ୧
ଶ୍ୟାମାଲତା ୨ କାହିଁ ବଳୁଛି ତଉଁରୀ ।
ପ୍ରାବୃଟେ ପ୍ରପାତ ଉଠି ଖରେ ଚେଇଁ,
ହସ୍ତିଶୁଣ୍ଢାକାରେ ପଡ଼େ ତଳେ ଡେଇଁ ।
ଧୂ ଧୂ ଶବ୍ଦେ କମ୍ପି ଉଠେ ବସୁମତୀ,
କମ୍ପେ ବନଗିରି, କମ୍ପେ ବନସ୍ପତି ।
ମହାବିଭୀଷିକା ଦେଖାଏ ଭ୍ରୁକୁଟି,
ସତେ ବା ସେ ଗିରି ପଡ଼ିବ ଲେଉଟି !
ଘୁଷି ଘୁଷି ଫେନ କରେ ସେ ଉଦ୍ଗାର,
ଛାଡ଼େ ଅବିରତ ବିକଟ ହୁଙ୍କାର ।
ସେ ହୁଙ୍କାରେ ଭୀତ ହୋଇଣ ଶ୍ୱାପଦ,
ହିଂସାବୃତ୍ତି ଭୁଲି ଗଣଇ ବିପଦ ।
ଜନ୍ମ ଖର ସ୍ରୋତ ନିମ୍ନେ ଯାଏ ମାଡ଼ି,
ପଳାନ୍ତି ଜନ୍ତୁଏ ଭୟେ ଗିରି ଛାଡ଼ି ।
ସ୍ରୋତମୁଖେ ଯାହା ପଡ଼େ ସେହି କାଳେ,
ଟାଣିନିଏ ତାକୁ ଅତଳ ପାତାଳେ ।
କରେ ସ୍ରୋତ ଖଣ୍ଡ-ପ୍ରଳୟ ସୃଜନ,
ମହା ମହା ବୃକ୍ଷ କରେ ଉତ୍ପାଟନ ।

ଗିରି ଭୃଗୁ ପ୍ରଷ୍ଠେ ଘନ ଅରଣ୍ୟାନୀ,
ଗିରି ରାଜାର ସେ ପ୍ରିୟ ରାଜଧାନୀ ।
ନିବସନ୍ତି ତହିଁ ନାନାଜାତି ପ୍ରଜା,
ସମ ସ୍ନେହେ ସର୍ବେ ପାଳେ ଶୈଳ-ରାଜା ।
ହୃଦୟ ଯାହାର ଉଦାର ମହାନ,
ଥାଏ ନାହିଁ ତାର ସାନ ବଡ଼ ଜ୍ଞାନ ।
ବିଜ୍ଞାତ ସୁରାଜା ରାଜନୀତି ମର୍ମ,
ନିର୍ମଳ ଆଦର୍ଶ ତାର ରାଜଧର୍ମ ।
ଅଭାବ କାହାକୁ କହନ୍ତି ସେ କଥା,
ସେ ରାଜ୍ୟ ପ୍ରଜାଏ ଅଜ୍ଞାତ ସର୍ବଥା ।
ଭୋଗୀ ରାଜା ନୁହେଁ ଗିରି, ଯୋଗୀ ରାଜା,
ବାଜେ ତାହା ନାମେ ଭବେ ଜୟବାଜା ।
ତା ରାଜ୍ୟର ସବୁ ପ୍ରଜା ହରଷଡ଼ି,
ରାଜ-ଗନ୍ତାଘରୁ ନେଉଛନ୍ତି ପଡ଼ି ।
ବହୁ ଜୀବଜନ୍ତୁ ବହୁ ତରୁଲତା,
ପୋଷିଛନ୍ତି ଅଚଳ ପ୍ରକାଶି ମମତା ।
ଗୟଳ, କୁଟୁରୁ, ଖଗ, ୩ ନୀଳଗାଈ,
ଡିଙ୍କିଆ, ୪ ନେଉଳ, ସର୍ପ-ବଳଶାୟୀ ।
ବରାହ, ଶମ୍ବର, ମୃଗ, ମହାବଳ
ଶଶକ, କଠାସ, ହିଙ୍କାରୀ, ଶଡଲ ।
ଏ ଆଦି ପଶୁଏ ବିବିଧ ପ୍ରକାର,
ପୋଷା ହୋଇଛନ୍ତି ଯାଦୁଘରେ ତାର ।
ବହୁ ପକ୍ଷୀ ତାର ରାଜ-ପକ୍ଷିଶାଳେ,
ଅଛନ୍ତି, ତା ବ୍ୟକ୍ତି ହେବ ଯଥାକାଳେ ।
ରଚିଛି ଆଦର୍ଶ କୃଷିକ୍ଷେତ୍ର ପୁଣି,
ପ୍ରଜାପୁଞ୍ଜେ ତାହା ପାଦେ ଶିରରଣୀ ।

୧—ଏକପ୍ରକାର ଫଳ, ତାକୁ ତରକାରୀ କରାଯାଏ । ୨—ସୁଆଁଳ ଲତା । ୩—ବନ୍ୟପଶୁ ବିଶେଷ ।
୪—ଏକପ୍ରକାର ବାଘ । ଏହାର ଆଗ ଗୋଡ଼ ଲମ୍ବ, ପଛ ଗୋଡ଼ ଖର୍ବ ।

http://oaob.nitrkl.ac.in

ଔଷଧିରେ ତାର ବନ ଜ୍ୟୋତିର୍ମୟ,
ଭବିଲେ ସେ ବନ ଖାଣ୍ଡବ ନିଶ୍ଚୟ ।
ସେ ବନ ସମୀପେ ବନ୍ଧା ଦେଇ ମନ,
ମୁକୁଳାଇ ହେବ ନାହିଁ କଦାଚନ ।
ମାୟା-ଡୋର ତାର ହୁଏ ନାହିଁ କାଟି,
ଆଖି-ପକ୍ଷୀର ସେ ବୃକ୍ଷ ଅଟାକାଟି ।
ନିଶୀଥେ ସେ ବନେ ଗନ୍ଧର୍ବକଳାପ,
ବୈଦେହୀଶ କାବ୍ୟ କରନ୍ତି ଆଳାପ ।
ଶୋଇଲେ ତାହିଁ ଦେଖି ନିଜକୁ ମୁଁ ଚାହିଁ,
ଗଲା ମୋ ଅସ୍ତିତ୍ୱ ତା ଦେହେ ମିଳାଇ ।
ସ୍ୱପ୍ନରେ ଗଲା ବୁଜି ଆଖିପତା,
ପାରିଲି ମୁଁ ବୁଝି ନିଜର କ୍ଷୁଦ୍ରତା ।
ଚହଟିଯାଏ ସିନା ଦେଖି ମହୀୟାନ,
ବ୍ୟର୍ଥ ଆତ୍ମଦର୍ପ ବ୍ୟର୍ଥ ଅଭିମାନ ।
ନ ହୁଏ ଧାରିକୁ ସତ୍ୟଜ୍ଞାନ ଆଉ,
କ୍ଷୁଦ୍ରତ୍ୱେ ମହତ୍ତ୍ୱ ଛାଡେ ତାହୁଁ ତାହୁଁ ।
ଗିରି ପାଦମୂଳେ ଦିଶେ ଅଭିରାମ,
ପ୍ରସିଦ୍ଧ "ମୁକୁନ୍ଦପୁର" ନାମେ ଗ୍ରାମ ।
ଆହା ସେ ମାଧୁରୀ ବଦନକୁ ବଳେ,
ବସିଛି କା ଭକ୍ତ ଦେବପାଦ ତଳେ ।
କାମ୍ୟା ବସି ପ୍ରଭୁ ପାଦତଳେ ଦାସ,
ନୀରବେ ଜଣାଏ ନିଜ ଅଭିଳାଷ ।
ନବସନ୍ତ ତହିଁ ଖଣ୍ଡଗ୍ର ନଗର, [1]
ଖଣ୍ଡା ନିର୍ମାଣରେ ଦକ୍ଷ ଯାଙ୍କ କର ।
ଭଞ୍ଜବଂଶୀ ବୀରେ ପୂର୍ବେ ଯୁଦ୍ଧ ଅସ୍ତ୍ର
ଯୋଗାଉଣ ଥିଲେ ସେ ତାଙ୍କ ଅଜସ୍ର ।
ଏକାଳେ ସେ ବିଦ୍ୟା ଅନଭ୍ୟାସେ ଭୁଲି,
ଗଢୁଛନ୍ତି ପିଠାକାଠି କରଚୁଲି ।
ଗଢ଼ିଗଲେ ପର ଆଉ କଣ୍ଟକାଳ,
କର୍ମଶାଳ ତାଙ୍କ ହେବ ହାଣ୍ଡିଶାଳ ।

ଦ୍ୱିତୀୟ ଚୂଡ଼ାରେ ନବସନ୍ତ ହର,
ପ୍ରସିଦ୍ଧ ଦେବତା ପ୍ରଭୁ ଗଙ୍ଗାଧର ।
ଚତୁଷ୍କୁଞ୍ଜେ ତାଙ୍କ ଧବଳ ମନ୍ଦିର,
ହୀରା ହର୍ମ୍ୟ ପ୍ରାୟ ଦିଶେ ସୁରୁଚିର ।
ପ୍ରତାପୀ ସେ ଶିବ ମହା-ମହିମିତ,
ରାଜର୍ଷି ଶ୍ରୀଧର ଭଞ୍ଜ ପ୍ରତିଷ୍ଠିତ ।
ଧାର୍ମିକ ସେ ନୃପ ଦୟା-କ୍ଷମା-ଖଣି,
ଭଞ୍ଜବଂଶୀ ରାଜା ଶିର-ଚୂଡ଼ାମଣି ।
ହତାଶ ରୋଗୀଏ ପୀଡ଼ା-ମୁକ୍ତି ଆଶେ,
ପଡ଼ନ୍ତି ଧାରଣା ତାଙ୍କ ପୀଠପାଶେ ।
ଟେକିଛନ୍ତି ଫଣୀ ଫଣା ଶିରେପର,
ଦୀପ ଧରି ଉଭା ଦ୍ୱିପାଶେ ଅପ୍ସରୀ ।
ଗଙ୍ଗାଧର ବାମେ ବସନ୍ତି ଶଙ୍କର,
ସୁନ୍ଦର ମନ୍ଦିରେ ଶ୍ରୀମକରେଶ୍ୱର ।
ପାର୍ବତୀ ଗଣେଶ ମୂର୍ତ୍ତି ସୁଗଠିତ,
ଦେଉଳ ଭିତ୍ତିରେ ଅଛି ସଂଯୋଜିତ ।
ସମ୍ମୁଖରେ ବୃଷ ରୌପ୍ୟଖଚିତ ବର୍ଣ୍ଣ,
ଆଜ୍ଞା ପ୍ରତୀକ୍ଷାରେ ରହିଛି ଉତ୍କର୍ଣ୍ଣ ।
ଦେବାର୍ଚ୍ଚନ କାଳେ ବାଜେ ବାଦ୍ୟ ଘଣ୍ଟା
ହର ହର ରବେ ଗର୍ଜି ଉଠେ ଘଣ୍ଟା ।
ବମ ବମ ଶବ୍ଦ ଘୋଷେ ଶଙ୍ଖବର,
ପୂରିଲେ ସେ ଶବ୍ଦେ ଶିଙ୍ଗା ରୁଦ୍ର ସ୍ୱର ।
ଦଣ୍ଡ-ମୁଣ୍ଡେ ଗିରି-ଯୋଗୀ ରୁଦ୍ରକାୟ,
ଉଚ୍ଚାରେ ଗମ୍ଭୀରେ ଓଁ ନମଃ ଶିବାୟ ।
ଗିରିସ୍ଥ କାନନୁ ଉଠେ ପ୍ରତିଧ୍ୱନି,
ଭୈରବ ଆରବେ ଗର୍ଜେ କା ଅଶନି !
ଧ୍ୱନି ପ୍ରତିଧ୍ୱନି ହୋଇ ମିଶାମିଶି
ମୁହୂର୍ତ୍ତକେ ବ୍ୟାପିଯାଏ ଦିଶି ଦିଶି ।
ବନପକ୍ଷିକୁଳ ଉଲ୍ଲାସେ ପ୍ରମତ୍ତ
ବଜାଇ ଦିଅନ୍ତି ବାଦ୍ୟ-ନହବତ ।

[1] — ଖଣ୍ଡା ନିର୍ମାଣ କରନ୍ତି ବୋଲି ଏ ଗ୍ରାମର ନାମ ଖଣ୍ଡଗ୍ର ହୋଇଅଛି ।

http://oaob.nitrkl.ac.in

ଶୁଣି ସେହି ଶବ୍ଦ-କୋମଳ କଠୋର,
ଭକ୍ତ ପ୍ରାଣ ହୁଏ ପ୍ରେମରେ ବିଭୋର ।
ଅନ୍ତଃସ୍ପୃତ ସେ ହୋଇଯାଏ କ୍ଷଣେ,
କର୍ଣ୍ଣରେ ଅମୃତ ବୃଷ୍ଟି ପ୍ରାୟ ମଣେ ।
ସେକାଳେ ସେ ଗିରି କୈଳାସ ବିଭବ—
ଲୁଟି କରି ମନେ ବହେ ମହାଗର୍ବ ।
ସ୍ୱଭାବେ ସେ ଗିରି ପୁଣ୍ୟ ଦେବଧାମ,
ତାପସ୍ୟ-ବ୍ରତସ୍ଥ ପ୍ରାଣର ଆଶ୍ରମ ।
ଧର୍ମ-ଅର୍ଥ-କାମ-ମୋକ୍ଷର ଆଧାର,
ପଶୁ ଜନ୍ତୁ ତହିଁ ନର ଜନ୍ମ ସାର ।
ସୌନ୍ଦର୍ଯ୍ୟ ସମ୍ପଦ ମହିମାର କେନ୍ଦ୍ର
ଉତ୍କଳେ ସେ ଗିରି ଦ୍ୱିତୀୟ ମହେନ୍ଦ୍ର ।
ସବୁ ତରୁଲତା ସବୁ ମହୌଷଧି,
ଅଟନ୍ତି ସୁଲଭ ସେ ଶୈଳେ ନିରବଧି ।
ବାସ୍ତବେ ସେ ସ୍ୱର୍ଗ ସୁଷମାର ଟିକା
ଧନ୍ୱନ୍ତରିଙ୍କର ଭୈଷଜ୍ୟ ବାଟିକା ।
ଇନ୍ଦ୍ରଜାଲ ଫୁଲ ୧ କାହିଁ ଘନ ଘନ
କରେ ଗିରିସ୍ଥଳେ ଚାମର ବ୍ୟଜନ ।
ଖତରେ ଧୂଷୁରି କେନ୍ଦୁ ୨ ଫଳ ମିଠା,
ଭଲ୍ଲୁକ କୁଳର ପ୍ରିୟ ମଣ୍ଡାପିଠା ।
ଭୁଞ୍ଜି ତାହା ଶୋଇ ପଡ଼ନ୍ତି ନିଶାରେ,
କେବେ ବା ଉନ୍ମତ୍ତ ମଦ୍ୟପ ପ୍ରକାରେ ।
ତରୁତଳେ ଲତା ଲୁଣ୍ଠିତ ଗହଳେ
ନମେ କିବା ସତୀ ପତିପାଦ ତଳେ ।
ଢଉ ଶିରେ ଦସ୍ତା ମାଡ଼ିଛି କୁଟରେ ୩
ଶ୍ୟାମ ପାଗ କିବା ଶୋଭେ ଗୌର ଶିରେ ।
କାମ୍ୟା ହର ଶିରେ ଖେଳେ ମନ୍ଦାକିନୀ,
ଅମନ୍ଦଗାମିନୀ ନଗେନ୍ଦ୍ର-ନନ୍ଦିନୀ ।

ତରୁ-ସ୍କନ୍ଧେ ଜେମା କୁସୁମ ସୁନ୍ଦରୀ,
ହସେ ପିତୃକୁଳେ ଦିଗ ଦୀପ୍ତ କରି ।
ସ୍ଥାନେ ସ୍ଥାନେ ବନେ ମାଡ଼ିଅଛି ରୁଞ୍ଜି,
ମଞ୍ଜୁ ପଦ୍ମରାଗେ ମଣ୍ଡିତ କି କୁଞ୍ଜ !
ପୁଷ୍ପିତ ରସାଳ ଯୋଡ଼ି ଶାଖାକରେ,
ଆଶ୍ରୟ ଶଇଳେ ନମସ୍କାର କରେ ।
ପୂଷା ପ୍ରତି ଭକ୍ତି ଉଚିତ ସର୍ବଥା
ଜଡ଼ ପଦାର୍ଥେ ବି ବୁଝନ୍ତି ଏ କଥା ।
କାଖେ ଧରି ବନ୍ଧୁ ମର୍କତ କଳସ,
ସ୍ଥାନେ ସ୍ଥାନେ ଉଭା ହୋଇଛି ପଣସ ।
ମାତୃକୋଳେ ବସି ଶିଶୁ ପୁତ୍ରଗଣ
ଶୋଷୁଛନ୍ତି କିବା ହର୍ଷେ ମାତୃସ୍ତନ ।
କୁସୁମ ସ୍ତବକେ କାହିଁ ଗିରିମଲ୍ଲୀ ୪
ଧରି ଚାରୁ ଶୋଭା ହସୁଛି ଦୋହଲି ।
କାହିଁ ବା ବାସନ୍ତୀ ବସନ୍ତ-ବାନ୍ଧବୀ ୫
ରୂପେ ଜ୍ୟୋତିର୍ମୟ କରୁଛି ଅଟବୀ । ୬
ବସନ୍ତ-ସ୍ୱକାର ସୁବର୍ଣ୍ଣ ତକ୍ଷକ,
ଧରି କର୍ଣ୍ଣିକାର ଟେକିଛି ମସ୍ତକ । ୭
ବକ୍ଷୁ ନେତ୍ର ଫେଡ଼ି ଦେଖୁଛି ତସ୍ତଟ,
କୌଶିକ ଦମ୍ପତି ୮ ପ୍ରେମୋନ୍ମତ୍ତ ନାଟ ।
କଳାତୋଳା ପ୍ରାୟ ସେ ନେତ୍ରେ-ଭ୍ରମର,
ବସି ଘୋଷୁଅଛି ଗୁଣୁ ଗୁଣୁ ସ୍ୱର ।
ସୁ-ନାରୀ ପରାୟେ ସୁନାରୀ ସୁନ୍ଦରୀ,
ହୋଇଅଛି ଉଭା ଫୁଲହାର ଧରି ।
ନିପୁଣ ହସ୍ତରେ ଗୁନ୍ଥା ସେହି ହାର,
ବସନ୍ତ-ସମ୍ରାଟେ ଦେବ ଉପହାର ।
ଫୁଲ-କାନେ ଅଳି କହେ ଗୁପ୍ତ କଥା,
ରସିକା କର୍ଣ୍ଣରେ ସୁରସିକ ଯଥା ।

୧—ଏକପ୍ରକାର ପଦ୍ମ ସୁନ୍ଦର ଫୁଲ । ୨—ଧୂଷୁରି କେନ୍ଦୁ ଖାଇଲେ ନିଶା ହୁଏ । ୩—ଢଉ—ଶୁକ୍ଳବର୍ଣ୍ଣ ବୃକ୍ଷ ବିଶେଷ । ଦସ୍ତା—ଦଦସ୍ତା ଲତା । ୪—କୁଟଜ ଫୁଲ । ୫—ବାସନ୍ତୀ—ବାସଙ୍ଗ ଫୁଲ । ୬—ଅଟବୀ—ନିବିଡ଼ ଅରଣ୍ୟ । ୭--କନିଅର ଫୁଲ । ୮—ଲକ୍ଷ୍ମୀପେଚା ବା ବଡ଼ପେଚା ।

http://oaob.nitrkl.ac.in

ଦ୍ୱିଧାର କରତ ଧରିଛି କେତକୀ,
ଲମ୍ପଟ ଭ୍ରମର ବକ୍ଷ ଚିରିବ କି ?
ଦ୍ୱିତୀୟ ଶିଖରେ ବହୁଛି ନିର୍ଝର,
ସୃଜି ସୁମଧୁର କୁଳୁ କୁଳୁ ସ୍ୱର ।
ହେରିଲେ ସେ ଦୃଶ୍ୟ ନେତ୍ର ବିନୋଦନ,
ମହାଭାବେ ଚିତ୍ତ ହୁଏ ସମାଚ୍ଛନ୍ନ ।
ଧନ୍ୟ ବିଶ୍ୱସ୍ରଷ୍ଟା ସର୍ଜନା କୌଶଳ,
ପାଷାଣ ଭିତରେ ଅଛି ସ୍ୱଚ୍ଛ ଜଳ ।
ରଖିଛନ୍ତି ଆହା ସେହି ବିଶ୍ୱସାଇଁ ;
କଠୋର ହୃଦୟେ କରୁଣା ଲୁଚାଇ ।
ବହୁ ବନ ତରୁ ଗୁଳ୍ମ ଲତା ଘାସ,
ଝର ବେଳା ତୀରେ କରନ୍ତି ନିବାସ ।
ନାରିକେଳ ଏବା ବୈଦେଶିକ ତହିଁ,
ଔପନିବେଶିକ ରୂପେ ଅଛି ରହି ।
ଗିରି ଆବର୍ତ୍ତକ ବତୀ ଶିଖା ପ୍ରାୟେ,
ଚମ୍ପକ କଳିକା କମ୍ପି ଶୋଭା ପାଏ ।
ନାଗଜିହ୍ୱା ୧ ରସ ଖାଇ ପୁଲକିତା;
ଅଶୋକ କାନନେ ନିବସନ୍ତି ସୀତା ୨
ମହାକାଳୀ ୩ ଲଭି ଟେକି ବିଷ ଫଣା,
ମହାକାଳୀ ପ୍ରାୟ ରୁଦ୍ରା ବିଭୀଷଣା ।
ଜଗିଛି ଅନଳ ସଙ୍ଘାତ ଅରଣୀ ୪
ହେବା ପାଇଁ ଯଜ୍ଞେ ପ୍ରଥମ ବରଣି ।
ତରୁ-ଋଷି ମଧ୍ୟେ ଅଷ୍ଟାବକ୍ର ଆରୁ ,
ଦେହସାରା ତାର ଆବୁ ଯାବୁ କାରୁ ।
ଗୁଣ ହେତୁ ଲଭେ ଆଦର ଅତୁଲ୍ୟ ,
ମୂଲ୍ୟବାନ ଗୁଣ, ରୂପ ହୀନ ମୂଲ୍ୟ ।

ଚିର-ଲାଜକୁଳୀ ଲାଜକୁଳୀ ଲତା,
ଭୂଆସୁଣୀ ପ୍ରାୟ ଲାଜେ ଅବନତା ।
ଆତ୍ମରକ୍ଷା ପାଇଁ ବହେ ସେ କଣ୍ଟକ,
ଚରିତ୍ର ତାହାର ସ୍ୱଚ୍ଛ ନିଷ୍କଳଙ୍କ ।
ଭାରତ-କନ୍ୟା ସେ ସାବିତ୍ରୀ ପ୍ରତୁଳ,
ପ୍ରାଣାଧିକ ମଣେ ସତୀତ୍ୱର ମୂଲ୍ୟ ।
ଚରିତ୍ରେ କରେ ସେ ବିଶେଷ ମମତା,
ଚରିତ୍ରହିଁ କରେ ମାନବେ ଦେବତା ।
ଜଗେ ଯେ ଚରିତ୍ରେ ହୋଇ ସାବଧାନ,
ନୀଚ ହେଲେ ବି ସେ ପୂଜ୍ୟ ମହୀୟାନ ।
ହସୁଛି ମାଳତୀ ଅରଣ୍ୟ ଅପ୍ସରୀ,
ସ୍ୱର୍ଗର ଅପ୍ସରୀ ନୁହେଁ ତାକୁ ସରି
ସୁଦୀର୍ଘ ପଲ୍ଲବେ ସୃଜି ଘନ ଛାଇ,
ଠିଆ ହୋଇଅଛି ଠାବେ ଠାବେ ଗୁଇ । ୫
ବିତରୁଛି ବନ ସୁନ୍ଦର ସୁବାସ ୬
ମୁଚୁକୁନ୍ଦେ କରି ତୀବ୍ର ପରିହାସ ।
ଅଗୁଣା ପାଦପ ହରିତ ବିକ୍ରଣ,
ଭୂଇଁ ଖଜିରର ରମ୍ୟ ସଂସ୍କରଣ ।
ଅଳିକୁଳେ କରି ଗନ୍ଧେ ସମାକୁଳ ,
କଣ୍ଟକ ଦୁର୍ଗରେ ନିବସେ ଆଙ୍କୁଲ । ୭
କୋଳିମାନେ ନତ ବେଉସ-ବଲ୍କରୀ,
ଜପେ କି ଯୋଗିନୀ ଜପାମାଳି ଧରି ।
ଶୋଭେ ବାଉବସା ତାଳପତ୍ରେ ଝୁଲି,
କୃଷ୍ଣ ଭକ୍ତ କଣ୍ଠେ କି ସେ ମାଳ ଝୁଲି ?
ରକ୍ତକାନ୍ତ ପାଟ ନେପୁର ମୁଷିକେ, ୮
ଖେଳୁଥାନ୍ତି ପୁଚ୍ଛ ସଞ୍ଚାଳି ନିର୍ଭୀକେ ।

୧—ସୁଗନ୍ଧିଲତା, ଅନନ୍ତମୂଳ । ୨—ଅଶୁଗଛ । ୩—ବହୁଅଢ । ୪—ଅଗ୍ନିମନ୍ଥନ ଦଣ୍ଡ, ଅଗ୍ୟାବଥୁ ଗଛ । ୫—ଗୁଇ—ବୃକ୍ଷବିଶେଷ । ଏହାର ପତ୍ର ଲମ୍ବରେ ଦେଢ଼ ହାତ ଏବଂ ଓସାରରେ ପ୍ରାୟ ହାତକରୁ ଊର୍ଦ୍ଧ୍ୱ ହୁଏ । କଦଳୀପତ୍ର ପରି ଗୁଇ ପତ୍ରରେ ଭାତ ଖିଆଯାଏ । ୬—ବନସୁନ୍ଦର—ବୃକ୍ଷବିଶେଷ । ଏହା ଠିକ୍ ମୁଚୁକୁନ୍ଦ ଗଛ ପରି । ୭—ଆଙ୍କୁଲ—ପୁଷ୍ପବିଶେଷ । ୮—ପାଟ ନେପୁର ମୂଷାର ଆକୃତି ଓଧପରି । ସେ ବୃକ୍ଷରୁ ବୃକ୍ଷାନ୍ତରକୁ ଡେଇଁ ଯାଇପାରେ ।

http://oaob.nitrkl.ac.in

ନ ଡରନ୍ତି ବାଘେ ନ ଡରନ୍ତି ସର୍ପେ
ଦେଖାନ୍ତି ମାର୍ଗରେ ବୃଦ୍ଧାଙ୍ଗୁଷ୍ଠି ଦର୍ପେ ।
ତୀକ୍ଷ୍ଣ କଣ୍ଠଦାହୀ ରୁକ୍ଷ ଶବ୍ଦ ତାର,
କାଠଖୁମ୍ପା ଧ୍ୱନି କରେ ଅନୁକାର ।
ନୁହେଁ ମୂଷା କ୍ଷମ୍ୟା ନକୁଳ, ମାର୍ଜାର,
ଏ ତିନଙ୍କର ସେ ମିଶ୍ରିତ ସଂସ୍କାର ।
କର୍କଶ ଶବଦେ କ୍ରୂର କାକକୁଳ,
ବିନ୍ଧୁଛନ୍ତି କର୍ଣ୍ଣେ ତୀକ୍ଷ୍ଣ ମୁନା ଶୂଳ ।
ଚଞ୍ଚଳପ୍ରକୃତି ଚୁଟିକାନିକର, ୧
ଅନୁକରୁଛନ୍ତି ବୀଣା ସୂକ୍ଷ୍ମ ସ୍ୱର ।
ବନ-ଚଢ଼େଇଆ କଳାପୀ ଉଛାଟେ,
'କ୍ୱାଏ ହୋ 'କ୍ୱାଏ ହୋ' ଗଭୀରେ କୁହାଟେ ।
ଲୁଚି ରହି ପିକ ପତ୍ର ଅନ୍ତରାଳେ,
ପଞ୍ଚମ ସ୍ୱରରେ କର୍ଣ୍ଣେ ସୁଧା ଢାଳେ ।
ଉଇତରୁ ଚୂଡ଼େ ସ୍ତବେ ରଙ୍ଗମୁଣ୍ଡୀ, ୨
କଳହେ ନିଯୁକ୍ତ କାହିଁ କଳିତୁଣ୍ଡୀ । ୩
ନିକାଞ୍ଚନେ ବସି ଝୁରେ କୁରରଣୀ
କା ଶୋକ ତାହାର ଜାଣେ ସେ ଦୁଃଖିନୀ ।
ବିଲ୍-ମହୁରିଆ ଶଲ୍ ଘୁରି ଘୁରି,
ବଜାଏ ସଘନେ ମଧୁର ମହୁରୀ ।
ଖଣ୍ଡିଚଡ଼ା ଦେଇ ଶିଶୁ ଡମ୍ବକାଉ ୪
ଉଡେ କଣ୍ଠ-ଡକା ପିଟେ ଢାଉଁ ଢାଉଁ ।
ଗହନ ବନସ୍ତେ ଘୋଡ଼ାଙ୍ଗୀ ଘୋଡ଼ାଙ୍ଗ ୫
ପ୍ରେମେ ପରସ୍ପରେ କରନ୍ତି ସୁଆଙ୍ଗ ।
ନିର୍ଭୟେ ବୁଲନ୍ତି ବଳିଆନଚୟ,
କୋଷ୍ଠୀରେ ତାଙ୍କର ଲେଖା ନାହିଁ ଭୟ ।
ଖେଳନ୍ତି ଶାଖାରେ ଶାଖାମୃଗଗଣ,
ବାଛି ବାଛି ଫଳ କରନ୍ତି ଭକ୍ଷଣ ।

ଭୁଞ୍ଜନ୍ତି ଯେଉଁଙ୍କ ବହୁଗୁଣ ତାର,
ଫୋପାଡ଼ି ଦିଅନ୍ତି କରି ନାରଖାର ।
ଛଦ୍ମଯୋଗୀ ପ୍ରାୟ ଘୃଣିତ ପ୍ରକୃତି,
ଆଚରନ୍ତି ସଦା ଦୁଷ୍ଟ ଦସ୍ୟୁବୃତ୍ତି ।
ଯାହା ଧନ ଖାଇ ପୋଷନ୍ତି ଜୀବନ,
କରନ୍ତି ତାହାର ଅନିଷ୍ଟ ସାଧନ ।
ଏତେ ଅକୃତଜ୍ଞ ଈର୍ଷାପ୍ରାଣ ଜୀବ,
ଭୂମଣ୍ଡଳେ କେହି ଦ୍ୱିତୀୟ ନ ଥିବ ।
ସବୁ ଅତ୍ୟାଚାର ବନରେ କରନ୍ତି,
ବନ ଯେହ୍ନେ ତାଙ୍କ ଯୌତୁକ ସମ୍ପତ୍ତି ।
ଦରିଗର୍ଭ ଗିରି ଅରଣ୍ୟ-ଭୀଷଣ,
ଅଛନ୍ତି ଶ୍ୱାପଦ ତହିଁ ପଣ ପଣ ।
ମାତ୍ର ତାହାଙ୍କର ନାହିଁ ଉପଦ୍ରବ,
ଭୀତିଶୂନ୍ୟ ମନେ ଭ୍ରମନ୍ତି ମାନବ ।
ଶିବଙ୍କର ଏହା ପ୍ରଭାବର ଫଳ,
କାଲେ କାଲେ ତାଙ୍କ ମହିମା ଅଟଳ ।
ଏ ଶୈଳେ ଭ୍ରମରମାରୀ ମହୌଷଧି,
ଅଛି ବୋଲି ଲୋକେ କହନ୍ତି ଅବଧି ।
କାହିଁ ଶାଳପର୍ଣ୍ଣୀ କୃଷ୍ଣପର୍ଣ୍ଣୀ ବେନି,
ସଞ୍ଚାଳନ୍ତି ଧୀରେ ଧୀରେ ଜଟା-ବେଣୀ ।
ଭୂଇଁରେ ବସିଣ କାହିଁ ଭୂଇଁନିମା,
ବିସ୍ତାରିଛି ସ୍ନିଗ୍ଧ ଚକ୍କଣ କାଳିମା ।
ଦଗ୍ଧ ପିତ୍ତ ଶୂଳ ଔଷଧି ମୁଣ୍ଡିକା; ୬
ଗୁଳ୍ମ ଗହଳରେ ଟେକିଅଛି ଶିଖା ।
ଅଶୋକପାଦପ ସମାଚ୍ଛନ୍ନ ବନେ,
ବସନ୍ତେ ଅଶୋକକୁଣ୍ଡ ନିକାଞ୍ଚନେ ।
ବନଦେବୀଙ୍କର ଦର୍ପଣ ସେ କୁଣ୍ଡ,
ଝର ଜଳ ଆସି ହୁଏ ତହିଁ ରୁଣ୍ଡ ।

୧—ଚୁଟିକା—ଚୁଟି ଚଢ଼େଇ । ୨—ଯାମନାଦା ପକ୍ଷୀ ପହଡ଼କଅ । ୩—ପୁଣ୍ଡୁକ ଚଢ଼େଇ । ୪—ଡୁମ୍ବାଚୂଆ ।
୫—ଘୋଡ଼ାଙ୍ଗ—ବନ୍ୟ ଘୋଟକ । ଅଣ୍ଡିରା ଘୋଡ଼ାଙ୍ଗର ମୁଣ୍ଡରେ ଶିଙ୍ଗ ଥାଏ । ୬—ମୁଣ୍ଡିକା—ଔଷଧି ବୃକ୍ଷବିଶେଷ । ତାହାର ପତ୍ର ବାସେ ।



http://oaob.nitrkl.ac.in

ଜମ୍ବା ଶୈଳ-ଶିବ ତୃତୀୟ ନୟନ,
ପବିତ୍ର ତା ଜଳ ଯଥା ଦେବ-ମନ ।
ତୀରସ୍ଥ ବନ୍ଧୁର ପାଦପମଣ୍ଡଳୀ,
ଅର୍ପନ୍ତି ତାହାକୁ ଭକ୍ତି-ପୁଷ୍ପାଞ୍ଜଳି ।
ବିମ୍ବିତ ତହିଁରେ ଦେଖି ନିଜ କାନ୍ତି,
କୁସୁମ ସୁନ୍ଦରୀ ହସି ଉଠୁଥାନ୍ତି ।
ନିଜ ରୂପେ ମୁଗ୍ଧ ପାଦପ ତନୂଜାଂ
କରନ୍ତି ସେ କୁଣ୍ଡେ ଆତ୍ମଦାନେ ପୂଜା ।
ଲୁଣ୍ଠ ହୋଇ ଗିରି-ବିଦ୍ୟାଧରୀମାନ,
କରନ୍ତି ସେ କୁଣ୍ଡେ ନିତ୍ୟ ପ୍ରାତଃସ୍ନାନ ।
ଅଦ୍ଭୁତ ପବିତ୍ର ସେ ସଲିଳ ଗୁଣ,
ଝଟକେ ତାଙ୍କର ଲାବଣ୍ୟ ଦ୍ୱିଗୁଣ ।
କି ସୁନ୍ଦର ଦିଶେ ଆର୍ଦ୍ର ମୁଖ-ଶଶୀ,
ଯାଉଛି କି ଜ୍ୟୋତ୍ସ୍ନା ଫୁଲରେ ବରଷି ।
ସେ ଶୋଭାରେ ହାସ୍ୟ ଅଙ୍କିଦିଏ ଦାଗ,
ପ୍ରେମ କୋଳେ ଜିବା ଖେଳେ ଅନୁରାଗ ।
ତୃତୀୟ ଶିଖରେ ଅଧିଷ୍ଠିତ ହର,
ବିଶ୍ୱ ଦୁଃଖହାରୀ ଶ୍ରୀ ଜଗଦୀଶ୍ୱର ।
ହୋଇଉଠେ ମନ ସେଠାରେ ଉଦାସ,
ଖେଳିଯାଏ ଦେହେ ଅପୂର୍ବ ଉଲ୍ଲାସ ।
ସ୍ଥାନ ମାହାତ୍ମ୍ୟର କିସ ଅବିଚିତ୍ର,
ପାପ ମନ ତହିଁ ହୁଏ ସୁପବିତ୍ର ।
ବଂଶବୃଦ୍ଧା ପକ୍ଷୀ କୁଟିଳ ତାହୁକ,
ଜାତିପ୍ରାଣେ ତହିଁ ଲଗାଏ କୁହୁକ ।
ଜାତିଦ୍ରୋହୀ ସେହୁ ଘର-ବିଭୀଷଣ,
ପର ପାଇଁ ଦିଏ ଆତ୍ମୀୟେ କଷଣ ।
ପଞ୍ଜରୀରେ ଥାଇ କପଟ ବାତରେ,
ଡାକେ ଜାତିଗଣେ ସମୂଚାଟ ସ୍ୱରେ ।
ଆତ୍ମୀୟ ସ୍ୱଜନେ ଶୁଣି ତାର ଡାକ,
ଆସନ୍ତି ଉଦ୍ଧାର କରିବାକୁ ତାକୁ ।

ଖୋଲି ଦେଇ ତହୁଁ ପଞ୍ଜରୀର ଦ୍ୱାର,
ବନ୍ଦୀ କରେ ତାଙ୍କୁ କ୍ରୂର ଦୁରାଚାର ।
ଶେଷେ ଅବିଶ୍ୱାସୀ ଉଲ୍ଲାସ ଅନ୍ତରେ,
ଜାତିଗଣେ ଅର୍ପେ ଘାତକ ହସ୍ତରେ ।
ଜଗଦୀଶ୍ୱରଙ୍କ ପୁଣ୍ୟପୀଠ ସ୍ଥାନ,
ରମଣୀୟ ଅତି ସୁତୀର୍ଥ ସମାନ ।
ଶାନ୍ତି ନିବାସ ସେ ଦୁର୍ଲଭ ଅତୁଳ,
ଯୋଗ ସାଧନର ପୂର୍ଣ୍ଣ ଅନୁକୂଳ ।
ଜାଣି ଏହା ଶିବ ଜ୍ଞାନ-କଳ୍ପତରୁ,
ବାଛି ନେଇଛନ୍ତି ଅରଣ୍ୟ ମଧ୍ୟରୁ ।
ସମ୍ମୁଖେ 'ମଇଁଷି ଖଡ' ଅଧିତ୍ୟକା,
ପ୍ରତିପଦେ ଆଣେ ପତନ ଆଶଙ୍କା ।
ମଖମଲ୍ ଲତା ମାର୍ଗ-ବରଣା,
ଅଶୋକ ମସ୍ତକେ ଟାଣିଛି ଓଢ଼ଣା ।
ମଣ୍ଡି ହୋଇ ଫୁଲେ ପଳାଶ ଲତିକା[2]
ଦିଶେ ଯଥା ଉଭା ସୁ-ଅଭିସାରିକା ।
ବନଦେବୀ ସିନ୍ଥି ସିନ୍ଦୂରର ରେଖା—
ପ୍ରାୟ ସୁରୁଚିର ଦୂରୁ ଯାଏ ଦେଖା ।
ଅଥବା ପ୍ରକୃତି ପ୍ରକାଶ ମମତା,
ଗିରିରାଣୀ ପାଦେ ମଣ୍ଡିଛି ଅଳତା ।
ଅଦୂରେ କାନ୍ତାରେ ବହୁଛି ଝରଣା,
ମୃଗୟୂକୁଳର ମୃଗୟାର ଠଣା ।
ପ୍ରସିଦ୍ଧ "ଶମ୍ବରଖଦା" ତାହା ନାମ,
ଶମ୍ବରେ ସେଠାରେ କରନ୍ତି ବିଶ୍ରାମ ।
ସୁଦୂର ବିସ୍ତୃତ ସେ ବନ-ବାରିଧି
ଭଞ୍ଜବୀରେ ତହିଁ ରଚନ୍ତି ପାରିଧି ।
ବନପଶୁଙ୍କର ନିପାନ ସେ ସ୍ଥାନ[3]
କରନ୍ତି ଶମ୍ବରେ ତହିଁ ଜଳ ପାନ ।
ପାଷାଣନିର୍ମିତ ଦୃଢ଼ ସ୍କନ୍ଧାବାରେ,
ଲୁଚି ରହିଥାନ୍ତି ବୀର ବେଷ୍ଟକାରେ ।

୧—ଫୁଲ । ୨—ଲତା ପଳାଶ । ୩—ପଶୁମାନଙ୍କର ଜଳ ପିଇବା ଘାଟ ।

http://oaob.nitrkl.ac.in

ଯଥାକାଳେ ପେଷି ରକ୍ତପଥେ ବାଣ,
ବଧନ୍ତି ତୃଷାର୍ତ୍ତ ପଶୁଙ୍କର ପ୍ରାଣ ।
ନିରୀହ ପ୍ରାଣୀର ପ୍ରାଣେ ଦେଇ ପୀଡ଼ା,
ଆଚରନ୍ତି ବୀରେ କି ନିଷ୍ଠୁର କ୍ରୀଡ଼ା !
ବୀର ହିଆ କିବା ପାଷାଣେ ନିର୍ମିତ,
ପର ପ୍ରାଣ ନାଶେ ନୁହେଁ ସେ ବ୍ୟଥିତ ।
ନିଜ ପ୍ରାଣ ତାଙ୍କ ମହା ମୂଲ୍ୟବାନ,
ଧୂଳିରୁ ହୀନ କି ନିରୀହର ପ୍ରାଣ ।
ଦୁର୍ବଳର ପ୍ରାଣ ଯାର ଉପଭୋଗ୍ୟ,
ମାନବ ଆଖ୍ୟାର ସେହିଟି କି ଯୋଗ୍ୟ ।
ଶିଷ୍ଟ ପଶୁ ପ୍ରାଣ କରେ ଯେ ହରଣ,
ନୀତିଶାସ୍ତ୍ର ମଥା କରେ ସେ ଚର୍ବଣ ।
"ଜୀବେ ଦୟା" ଏହି ଶାସ୍ତ୍ର ସତ୍ୟ ବାଣୀ,
ଘଷିଦିଏ ପାଦେ ମୂଲ୍ୟହୀନ ଜାଣି ।
ସୃଷ୍ଟିରେ ଆଦର୍ଶ ଜୀବ ପରି ନର,
ପର ପ୍ରାଣେ ସେ କି ପୋଷିବ ଉଦର ?
ପ୍ରାଣ ବଳି କରେ ଆନ ପ୍ରାଣ ନାଶ,
ସେ ନିଶ୍ଚେ ପଶୁର ଦାସ ଅନୁଦାସ ।
ଜୀବହତ୍ୟା ଧର୍ମ ଭଣେ ଯେଉଁ ଶାସ୍ତ୍ର,
ଶାସ୍ତ୍ର ନୁହେଁ ତାହା—ଧର୍ମର ବ୍ରହ୍ମାସ୍ତ୍ର ।
ହତ୍ୟାକୁ ହିଁ ଧର୍ମ ମଣିଲେ ଅଗତ୍ୟା,
ପାପ ଶବ୍ଦ ତେବେ ବସ୍ତୁ ଆତ୍ମହତ୍ୟା ।
ନିଜ ମାଂସ ଦାନେ ଯାହା ମନେ କ୍ଷୋଭ,
ସେ କିପାଁ ବଳିବ ପର ମାଂସେ ଲୋଭ ?

ହତ୍ୟା ଯେବେ ଧର୍ମ ସଭ୍ୟତାର ସାର,
ତେବେ ସେ ସଭ୍ୟତା ପଦେ ନମସ୍କାର ।
ସ୍ୱାର୍ଥଦାସ ନର ବୁଝେ ସ୍ୱାର୍ଥ ମର୍ମ,
ତେଣୁ ହତ୍ୟା ନାମ ଦେଇଅଛି ଧର୍ମ ।
ପର ତନୁ ଭୁଞ୍ଜି ନିଜ ତନୁ ପୋଷେ,
ଲିପ୍ତ ହୁଏ ସେହୁ ଆତ୍ମହତ୍ୟା ଦୋଷେ ।
ସମସ୍ତଙ୍କ ପ୍ରାଣେ ଅଛି ବ୍ରହ୍ମ ସତ୍ତା,
ଜୀବହତ୍ୟା କଲେ ସ୍ପର୍ଶେ ବ୍ରହ୍ମହତ୍ୟା ।
ବ୍ରହ୍ମଙ୍କର ନର ରୂପାନ୍ତର ଆପେ,
ଜାଣି ଜାଣି ଲିପ୍ତ ହୁଏ ମହାପାପେ ।
ମାନବ ସ୍ୱଭାବ କେଡ଼େ ବିପରୀତ,
ନିଜ ଦେହୁଁ ଲୋମ ଦାନେ ସେ କୁଣ୍ଠିତ ।
କିନ୍ତୁ ପରଦେହ ଭକ୍ଷଣେ ନିପୁଣ
ଏହାଟି କି ଶ୍ରେଷ୍ଠଜୀବ ଶ୍ରେଷ୍ଠଗୁଣ ?
ଯେଉଁ ଦିନ ସେହୁ ବୁଝିବ ନିକର,
ହତ୍ୟାର କୁଫଳ, ସୁଫଳ ଜ୍ଞାନର;
ବୁଝିବ ଆବର ପାପପୁଣ୍ୟ ଭେଦ,
ସେ ଦିନ ନିଶ୍ଚୟ ଲଭିବ ନିର୍ବେଦ ।
ସେହି ଦିନ ତାର ଆରମ୍ଭ ସର୍ବଥା
ପ୍ରକୃତ ସୁଶିକ୍ଷା, ଆଦର୍ଶ ସଭ୍ୟତା ।
ସେ ଦିନ ସେ ପ୍ରାଣେ ଭୁଞ୍ଜିବ ଚୌବର୍ଗ
ସେହି ଦିନ ଏକା ଧରା ହେବ ସ୍ୱର୍ଗ ।

## ଦ୍ୱିତୀୟ ସର୍ଗ

ଦୂରବର୍ତ୍ତ୍ୱ ମାର୍ଗେ ଶୋଭେ ସିଦ୍ଧଗୁମ୍ଫା,
ଅପ୍ରଶସ୍ତ ମୁଖ ଯେହ୍ନେ ତେଲ କୁମ୍ଭା ।
ଶିଖରୀର ତାହା ବିଶାଳ ଉଦର,
ଅନୁଭୂତିଶାଳ ସେ ଜ୍ଞାନବିଜ୍ଞାନର ।
ବସୁଥିଲା ତହିଁ ପୂର୍ବେ ଯୋଗିସଭା,
ଉଠୁଥିଲା ତହୁଁ ଆର୍ଯ୍ୟଧର୍ମ ପ୍ରଭା ।
ଏକାଳେ ନିର୍ଜନ ଦେଖି ଲାଗେ ତ୍ରାସ,
ମଶା ଶମଣିର ନିର୍ଭୟ ନିବାସ ।
ସାଇଁ ସାଇଁ ଶବ୍ଦେ ତହିଁ ନିସ୍ତବ୍ଧତା,
କହି ବୁଲେ ଏବେ ନିଜେ ନିଜ କଥା ।
ଶୁଭୁଥିଲା ଗର୍ଭୁ ମୃଦଙ୍ଗ ନିନାଦ,
ସେ ଅତୀତ ବାର୍ତ୍ତା ପ୍ରଚାରେ ପ୍ରବାଦ ।
ନଇଁ ବସି ପୁଣି ଆଣ୍ଠେଇ ଶେଷରେ,
ପଶିବାକୁ ହୁଏ ସେ ଗୁମ୍ଫା ଭିତରେ ।
କାହିଁ ଶୋଇ ପାନ୍ଥ ହୁଏ ଅଗ୍ରସର,
ସରୀସୃପ ହୁଏ ପାଦସତ୍ତ୍ୱେ ନର ।
ତେଣିକି ଅନ୍ଧାର ଅମାନିଶା ସମ,
ପଶିବାକୁ ତହିଁ ଭୀତ ହେବ ଯମ ।
କେତେ ଶାନ୍ତିପ୍ରଦ ସ୍ଥାନ ସୁଶୀତଳ,
ହୁଏ ତହିଁ ମନେ ସଂଯମ ପ୍ରବଳ ।
ନୀଚ ବୃତ୍ତି ଲଭେ ସେଠାରେ ବିନାଶ,
ହୋଇଉଠେ ମନ ଗଭୀର ଉଦାସ ।
ମାନସକୁ ଦୃଢ଼େ ଘେରେ ଧର୍ମଭାବ,
ନ ଥାଏ ଅସାର ଚିନ୍ତାପାଇଁ ଠାବ ।
ସ୍ଥାନଗୁଣେ ମନ ପବିତ୍ର ସର୍ବଥା,
ଗଙ୍ଗାଜଳ ସ୍ପର୍ଶେ ଦୁଷ୍ଟ ପାତ୍ର ଯଥା !
ଅଜ୍ଞାତରେ ଆସି ଆଧ୍ୟାତ୍ମିକ ଭାବ,
ଚିନ୍ତାଶକ୍ତି ପ୍ରାଣେ ପ୍ରକାଶେ ପ୍ରଭାବ ।
ଅଲକ୍ଷ୍ୟେ ସେ କରେ ଦୃଢ଼େ ଆକର୍ଷଣ,
ଫେରିବାକୁ ତହୁଁ ବଳେ ନାହିଁ ମନ ।

ସେ ଐନ୍ଦ୍ରଜାଲିକ ସ୍ଥାନେ ଥିବା ଯାଏଁ,
ଜଣାଯାଏ ନାହିଁ ମର୍ତ୍ତ୍ୟେ ଥିଲି ପ୍ରାୟେ ।
କି ଜାଉଁରୀମନ୍ତ୍ର ପ୍ରଭାବେ କେଜାଣି,
ମନ ନେତ୍ର ପ୍ରାଣେ ଧରେ ଦୃଢ଼େ ଟାଣି ।
ପ୍ରତି ଶିଳାଖଣ୍ଡ ସହିତେ ମାନବ,
ତୀବ୍ର ଆକର୍ଷଣ କରେ ଅନୁଭବ ।
ଅପୂର୍ଣ୍ଣ ବାସନା ବେଦନା ଏଡ଼ାଇ,
ବହୁକଷ୍ଟେ ହୁଏ ତା ମାୟା ଛିଣ୍ଡାଇ ।
ଫେରେ ଖାଲି ଦେହ ମୂର୍ଚ୍ଛିତା' ଆଦର,
ମାତ୍ର ମନ ତହିଁ ରହେ କରି ଘର ।
ଅନାୟତ୍ତେ ସିନା ଫେରି ଆସେ ଦେହ,
ମାତ୍ର ଆଜୀବନ ଝୁରେ ତାର ସ୍ନେହ ।
ଗୁମ୍ଫା ସମ୍ବନ୍ଧରେ ଅଛି କିମ୍ବଦନ୍ତୀ,
ଯୋଗ ସାଧୁଥିଲେ ତହିଁ ଜଣେ ଯତି ।
ମଇଁଷି ଗୋଟିଏ ନିତି ପ୍ରାତେ ଯାଇ,
ଦେଇଆସେ ଦୁଧ ସେ ଯୋଗୀଙ୍କ ପାଇଁ ।
ଦିନେ ମହିଷାଳ ମଇଁଷି ସଙ୍ଗରେ,
ପଶିଲା ଯାଇ ସେ ଗୁମ୍ଫା ଭିତରେ ।
ଦୟା ବହି ତାକୁ ଯତି ମତିମାନ,
କଲେ ଯକ୍ଷଚରୁ ଅନ୍ନଟିଏ ଦାନ ।
କହିଲେ—'ଏ ଅନ୍ନ କଲେ ତୁ ଭକ୍ଷଣ,
କ୍ଷୁଧାତୃଷା ତୋତେ ନ ଦେବ କଷଣ ।
ନ କହିବୁ କେବେ ପ୍ରକାଶ ଏ କଥା,
କଲେ ତୋର ମୃତ୍ୟୁ—ନ ହେବ ଅନ୍ୟଥା ।'
ତହୁଁ ମହିଷାଳ ସାଧୁ ଆଜ୍ଞା ପାଳି,
ଚରୁଅନ୍ନ ଭୁଞ୍ଜି ଗଲା ତହୁଁ ଚାଲି ।
ସେହି ଦିନୁ ସେହୁ ଲଭିଲା ସନ୍ତୋଷ,
ନ ଲଗିଲା ଆଉ ତାକୁ ଭୋକ ଶୋଷ ।
ଅନାହାରେ ଯାପେ ରଜନୀଦିବସ,
ହେଲା ନାହିଁ ତାର ଶରୀର ଅବଶ ।

http://oaob.nitrkl.ac.in

ଆତ୍ମୀୟେ ତାହାର ନଦେଖି ଏ ରୀତି,
ଜୀବନ ସନ୍ଦେହ ଜାଣି କଲେ ଭୀତି ।
ଖୁଆଇବା ପାଇଁ କଲେ ବହୁ ଚେଷ୍ଟା,
ପ୍ରବୋଧିଲେ ଆସି ବନ୍ଧୁ ଉପଦେଷ୍ଟା ।
ମାତ୍ର ସବୁ ଚେଷ୍ଟା ହେଲାକ ବିଫଳ,
ଛୁଇଁଲା ନାହିଁ ସେ କେବେ ଅନ୍ନ ଜଳ ।
ଚିନ୍ତାକୁଳ ହୋଇ ସ୍ୱଜନେ ତାହାର,
ବିବିଧ ଉପାୟ କଲେ ବାରମ୍ବାର ।
ତେବେ ସୁଦ୍ଧା ତାର ନ ଟଳିଲା ମନ,
ସାଧୁଙ୍କର ଆଜ୍ଞା ରଖିଲା ଗୋପନ ।
ନିରୁପାୟ ହୋଇ ଜ୍ଞାତି ପରିବାର,
ମନେ ମନେ ତାର ମୃତ୍ୟୁ କଲେ ସାର ।
ଏହିପରି ଗତ ହେଲା କେତେ ଦିନ,
ଶରୀର ତାହାର ହେଲା ନାହିଁ କ୍ଷୀଣ ।
ଦିନେ ଆସି ଜଣେ ସାଧୁବେଶୀ ଭଣ୍ଡ,
କହିଲା—'ତା ପଣ କରିବି ମୁଁ ପଣ୍ଡ ।
ଖୁଆଇବି ନିଶ୍ଚେ ତାହାକୁ ଆହାର୍ଯ୍ୟ,
ଏ ପ୍ରତିଜ୍ଞା ମୋର ନ ହେବ ନିଷ୍କାର୍ଯ୍ୟ ।'
ମାତ୍ର ମାନେ ନାହିଁ ଦୃଢ଼ବ୍ରତୀ ମନ,
ଯେତେ ବୁଝାଇଲେ କାହାରି ବଚନ ।
ଭଣ୍ଡ ତାପସର ପ୍ରଯତ୍ନ ସକଳ,
ମହିଷାଳ ପାଶେ ହେବାରୁ ବିଫଳ,
ଘୋର ଦୁଷ୍କରଣୀ କଲା ହୋଇ ବାଧ୍ୟ,
ଭ୍ରଷ୍ଟଚରିତ୍ରର କିସ ବା ଅସାଧ୍ୟ ?
ଶୁଷ୍କ ମତ୍ସ୍ୟଚୂର୍ଣ୍ଣ ଅନ୍ନରେ ଗୋଳାଇ,
ବଳାତ୍କାରେ ତାକୁ ଦେଲା ସେ ଖୁଆଇ ।
ତହୁଁ ମହିଷାଳ ଶ୍ରୀବିଷ୍ଣୁ ଉଚ୍ଚାରି,
ପଢାଇଲା ଗଳେ ଯଜ୍ଞାନ୍ନ ଉଦ୍ଗାରି ।
ଅକସ୍ମାତ ସେହୁ ତେଜିଲା ଜୀବନ,
ଭୟେ ଭଣ୍ଡ-ସାଧୁ କଲା ପଳାୟନ ।
ନ ଜାଣିଣ କିଛି ମନ୍ତ୍ର ସେ ପାମର,
କାଳସର୍ପ ତୁଣ୍ଡେ ଭରିଦେଲା କର ।
ମାନବ ଧର୍ମରେ ଅର୍ପି ଜଳାଞ୍ଜଳି ।
କଲା ଅବ୍ୟାପାର ନୀତି ପଦେ ଦଳି ।
ଏତେ ଅକରଣୀ କଲା ଦୁଷ୍ଟ ଠକ,
ସାଧୁ ନୁହେଁ ତ ସେ—ସାଧୁର କଳଙ୍କ ।
ଅନ୍ତେ ନର୍କ ଗତି ଅର୍ଜିଲା ସେ ପାପୀ,
ଜନରବ ଏହା ପ୍ରଚାରେ ଅଦ୍ୟାପି ।

ଅଛି ମହାଦୃଶ୍ୟ ପର୍ବତେ ପ୍ରଚୁର,
ସକଳ ସୁନ୍ଦର ସକଳ ମଧୁର ।
ବୁଲି ବୁଲି ମୁହିଁ ଶିଖିଯାଏ କାହିଁ,
ଅସୁନ୍ଦର କିଛି ଦେଖିଲି ତ ନାହିଁ ।
ଦେଖିଲି ତାହାର ବାହାର ଭିତର,
ସବୁ ମୋ ନୟନେ ଦିଶିଲା ସୁନ୍ଦର ।
ଚିରସୁନ୍ଦରଙ୍କ ସୁନ୍ଦର ସୃଷ୍ଟିରେ,
ଅସୁନ୍ଦର କାହୁଁ ପଡ଼ିବ ଦୃଷ୍ଟିରେ ?
କହନ୍ତି ଯାହାକୁ ଜନେ ଅସୁନ୍ଦର,
ସୁନ୍ଦରର ସିନା ତାହା ରୂପାନ୍ତର ।
କାହାର ଶୁଆଣ ଅସୁନ୍ଦର ଶବ୍ଦ,
ଭାବି ଏହା ହୁଏଁ ଆଶ୍ଚର୍ଯ୍ୟେ ମୁଁ ସ୍ତବ୍ଧ ।
ଶବ୍ଦକୋଷେ ତାକୁ ଦେଇଛି ଯେ ସ୍ଥାନ,
ନାହିଁ ତାର ଟିକେ ସୌନ୍ଦର୍ଯ୍ୟର ଜ୍ଞାନ ।

ମହାକାବ୍ୟ ଗିରି, ଶୃଙ୍ଗକୁଳ ସର୍ଗ,
କବିତା ତହିଁରେ ତରୁଲତାବର୍ଗ ।
ଫୁଲ ଅଳଙ୍କାର, ପାଖୁଡ଼ା ସୁଛନ୍ଦ,
କେଶର ତା ଭାବ ରସ-ମକରନ୍ଦ ।
ପୁଷ୍ପ ସଉରଭ—ମଧୁର ମୂର୍ଚ୍ଛନା,
ମହାକବି ବିଶ୍ୱସ୍ରଷ୍ଟାଙ୍କ ରଚନା ।
ଯତି ଉପଯତି ସୁନ୍ଦର ବଳିକା,
ଫଳପତ୍ର ଅର୍ଥ-ସମ୍ବୋଧିନୀ ଟୀକା ।

http://oaob.nitrkl.ac.in

ପଶୁ-ପକ୍ଷୀ ସେହି କାବ୍ୟର ପାଠକ,
ନର୍ତ୍ତନକର ତାଳଙ୍କ ବାଦକ ।
ଶିଖଣ୍ଡୀ-ନର୍ତ୍ତକ, ପାଳିଆ-ଗନ୍ଧର୍ବ,
ଶ୍ରୋତା ଦ୍ରଷ୍ଟା ବେନି ଚନ୍ଦ୍ର ଦିବାକର ।
ଝଡିତ 'ଶାମୁକ କୁଣ୍ଡ' ଦରୀ ଶିରେ,
ସବୁକାଳେ ତାହା ପୂର୍ଣ୍ଣ ସ୍ୱଚ୍ଛ ନୀରେ ।
ଏ ଶୁଦ୍ଧ ଶାମୁକେ ପଶୁ ଗିରିବାଳେ,
ପିଉଥିଲେ ଦୁଗ୍ଧ ଅତି ଶିଶୁକାଳେ ।
ସର୍ବୋଚ୍ଚ ଶିଖରେ ଅଛି ଦୃଶ୍ୟମାନ,
ଛୁଟିର 'ଉଆସ ଖୋଲ' ନାମେ ସ୍ଥାନ ।
ଭଞ୍ଜ ରାଜାଙ୍କର ପୂର୍ବ ରାଜଧାନୀ,
ହୋଇଅଛି ଏବେ ଘନ ଅରଣ୍ୟାନୀ ।
ଭଗ୍ନଦୁର୍ଗ ତହିଁ ରହିଛି ଅବଧି,
ବକ୍ଷେ ଧରି ବନ ଅଜର ଔଷଧି ।
ଜୀର୍ଣ୍ଣ ଶିଳାଦନ୍ତ ବିସ୍ତାରି ଉଆସ,
କରୁଛି କାଳକୁ ତୀବ୍ର ପରିହାସ ।
ଥିଲା ଦିନେ ଦୁର୍ଗ ଅମର ସମାନ,
ଏବେ ହୋଇଅଛି ଶୋଭାର ଶ୍ମଶାନ ।
ଅତୀତ ସ୍ମୃତିର ବହୁ ହୀରା ମୋତି,
ଭଗ୍ନଦୁର୍ଗ ତଳେ ପଡ଼ିଅଛି ପୋତି ।
ନୃତ୍ୟ ବାଦ୍ୟେ ଥିଲା ଗନ୍ଧର୍ବ ଆଳୟ,
ଗାଉଥିଲେ ଗୀତ ନର୍ତ୍ତକୀନିଚୟ ।
ଗାବନ୍ତି ସଙ୍ଗୀତ ଏବେ ପକ୍ଷିଆଳି,
ପ୍ରତିଧ୍ୱନି ଉଠି ଧରୁଅଛି ତାଳି ।
ମଲ୍ଲ-ବୀରଙ୍କର ଦୃପ୍ତ ଦୀର୍ଘ ଗଡ଼ି,
ଉଠୁଥିଲା ଯେଉଁ ଦୁର୍ଗ ହୃଦଘଡ଼ି,
ଏବେ ସେ ଦୁର୍ଗରେ ଗର୍ଜନ୍ତି ଶାର୍ଦ୍ଦୂଳ,
କି ନୋହେ ନିୟତି ହେଲେ ପ୍ରତିକୂଳ ?
ରହିଛି କାହାର ହୋଇଣ ନିର୍ମାଣୀ,
ଗତ ସୌଭାଗ୍ୟର ଜୀର୍ଣ୍ଣ ମୌନ ସାକ୍ଷୀ ।

ଶୋଭୁଥିଲା ପୂର୍ବେ କୁମୁଦ କମଳେ,
ସମାଚ୍ଛନ୍ନ ଏବେ ଘନ ତୃଣେ, ଦଳେ ।
ପର୍ବତଶିଖରେ ରସାଳ କାନନ,
ଅତି ରମଣୀୟ ଅତି ପୁରାତନ ।
ରଖିଛି ଜାଗ୍ରତ ଅତୀତର ସ୍ମୃତି,
ଲୁପ୍ତ ଭାଗ୍ୟ ସ୍ୱର୍ଣ୍ଣ ବିଷାଦିତ ମୂର୍ତ୍ତି ।
ରାଜେ ଗିରିଚୂଳେ ବହୁ ତରୁଲତା,
ଶୈଳରାଜା ଶିରେ କି ସେ ରାଜଛତା !
କଣ୍ଟକ କଞ୍ଚୁକଧାରୀ ଜନ୍ଦାମାରୀ[1]
ବସିଛି ସୌରଭ-ପସରା ବିସ୍ତାରି ।
ପତ୍ରର ସୁବାସ ମୃତ୍ତିକା ପାଦପ,
ବତରି ବହିଛି ଦାତାପଣେ ଦର୍ପ ।
ଚାରୁ ଫୁଲଧଣ୍ଡା ବିରଚି ଅତଣ୍ଡି[2]
ପ୍ରଣୟୀ ପାଦପ କଣ୍ଠେ ଅଛି ମଣ୍ଡି ।
ସେ ଗିରିଶିଖରୁ ଚାହିଁଲେ ଚୌପାଶେ,
ସୁଷମା ସାଗରେ ନେତ୍ର ଡେଇଁ ଭାସେ ।
ଉପକଣ୍ଠୁ ଦୂର ଚକ୍ରବାଳ ଯାଏଁ,
ଛବି ପ୍ରାୟେ ଗିରିସ୍ତର ଶୋଭା ପାଏ ।
ସିଦ୍ଧହସ୍ତ ଶିଳ୍ପୀ କଳ୍ପ ତୂଳିକାରେ,
ଅଙ୍କିଛି କି ବହୁ ଚିତ୍ର ଏକାଧାରେ ?
ପ୍ରକୃତିର ନଗ୍ନ ସ୍ୱାଭାବିକ ମୂର୍ତ୍ତି,
ଦେଖୁଥିଲେ ଆଶା ଭଜେ ନାହିଁ ପୂର୍ତ୍ତି ।
ସବୁ ମହାଦୃଶ୍ୟ ଯେତେ ତହିଁ ଥୁଆ,
ଯେତେ ଦେଖିଲେ ବି ଦିଶେ ନୂଆ ନୂଆ !
କରୁଛି ପ୍ରକୃତି କେତେ ଶୋଭା ସୃଷ୍ଟି
ଶୋଭା ଶିରେ ଶୋଭା ହୋଇଯାଏ ବୃଷ୍ଟି ।
ଆକାଶ ସେ ଶୋଭା କରେ ଅନୁକୃତି,
ଘନେ ଯୋଡ଼ି ଗଢ଼େ ସେଭଳି ଆକୃତି ।
ସେହିପରି ଗିରି ସେହିପରି ଗଛ,
ରୂପବର୍ଣ୍ଣ ଠାଣି ସବୁ ସମକଛ ।

୧ — ଜନ୍ଦାମାରୀ—କଣ୍ଟା ଥିବା ଗୁଳ୍ମବିଶେଷ । ୨ — ଅତଣ୍ଡି—ଲଇବାହାଡ଼ା ଲତା ।

http://oaob.nitrkl.ac.in

କିନ୍ତୁ ହୁଏ ନାହିଁ ତାହା ଚିରସ୍ଥାୟୀ,
ଯାଏ ତେଣୁ ଆଡ଼େ କ୍ଷଣକେ ମିଳାଇ ।
କ୍ଷମ୍ୟା ନ ହେବାରୁ ଅନୁରୂପ ତାହା,
ଲିଭାଇ ପକାଏ ଲଜ୍ଜାବଶେ ଆହା !
ସଜାଇଲେ ଯେତେ ପରିପାଟୀ କରି,
କୃତ୍ରିମ କି ହେବ ପ୍ରାକୃତିକ ସରି !
ପରିହାସ କଲେ ଶିଅର୍ଥେ ପରକୁ,
ଛୁଟିକି ଆସେ ତା ନିଜ ଉପରକୁ ।
ସୃଜିଛୁ ପ୍ରକୃତ ଶୋଭା ନବ ନବ,
ଲାଗିଛୁ ସର୍ବତ୍ର ବିବାହ ଉତ୍ସବ ।
ବସନ୍ତ ବିବାହ ଧରଣୀ ସହିତ,
ଗନ୍ଧର୍ବ ବିଧାନେ ହୁଏ ସମାହିତ ।
ଦିଗଙ୍ଗନା ସହ ଗିରିର ବିବାହ,
କୁସୁମକୁ ଶିଭା ହୁଏ ଗନ୍ଧବାହ ।
ନୀରବ ବିବାହ ତରୁଲତାଙ୍କର,
ଧରିଛୁ ଲତିକା ତରୁବର କର ।
ସ୍ତବ୍ଧ ବିଜନତା ଓଁକାର ଉଭୟେ,
ଧର୍ମତଃ ଆବଦ୍ଧ ଶୁଭ-ପରିଣୟେ ।
ପ୍ରବୀଣ ପୁରୋଧା ବିହଙ୍ଗମଗଣ,
କରନ୍ତି ବିବାହ-ମନ୍ତ୍ର ଉଚ୍ଚାରଣ ।
ଯଥା ରାବଣସ୍ୟ ମନ୍ଦୋଦରୀ ତଥା—
ଏ ବରକନ୍ୟାଏ ହୁଅନ୍ତି ସର୍ବଥା ।
ସହକାର ରାଜଜେମା-ବକୁଳର,
ଲାଗିଅଛୁ ତେଣେ ମହା ସ୍ୱୟମ୍ବର ।
ପିକରାଜ ଭୃଙ୍ଗରାଜ ଆଦି କେତେ,
ରାଜା ଉପବିଷ୍ଟ ସ୍ୱୟମ୍ବର କ୍ଷେତ୍ରେ ।
ହରିଦ୍ରାବସନ୍ତ କନ୍ୟା ସହଚରୀ,
ଚହ୍ନାଇ ଦେଉଛୁ ଗୋଟି ଗୋଟି କରି ।
ଦେଖ ସଖି ଏହି ପୁଷ୍ପ-ସିଂହାସନେ,
ଉପବିଷ୍ଟ ଯେଉଁ ବୀର ହୃଷ୍ଟମନେ;
ଧରନ୍ତି ସେ ନାମ ମଧୁପ ଭ୍ରମର,
ରାଜକୁଳେ ଧନ୍ୟ ନାଗର-ପ୍ରବର ।

ଉପବନ-ରାଜ୍ୟେ ଅଟନ୍ତି ସେ ରାଜା,
ବାଜେ ତାଙ୍କ ନାମେ ସଦା ଜୟ-ବାଜା ।
ଦୃଢ଼ ବଂଶ-ଦୁର୍ଗେ କରନ୍ତି ନିବାସ,
ପାରେ ନାହିଁ ପଶି ତହିଁ ଶତ୍ରୁ-ତ୍ରାସ ।
ଅଛନ୍ତି ତାଙ୍କର ଅଶେଷ ନାୟିକା,
ପ୍ରେମପଣେ ସର୍ବେ ତାଙ୍କ ପଦେ ବିକା ।
କା ନାମ ଗୋଲପ, କାହା ନାମ ହେନା,
ରୂପେ ଗୁଣେ ଯେହ୍ନେ ସ୍ୱର୍ଗାପ୍ସର ମେନା ।
ବୀଣା ବାଦନେ ସେ ରାଜା ମହୋଦୟ,
ପାରନ୍ତି ଗନ୍ଧର୍ବେ କରି ପରାଜୟ ।
ଅଭିଜ୍ଞାତ ପୁଣି ବହୁ କାରୁକଳା,
ମାତ୍ର ଏକା ରୂପେ ଅଟନ୍ତି ସେ କଳା ।
କିନ୍ତୁ କଳା ପରା କୃଷ୍ଣ ଦାମୋଦର,
କରନ୍ତି କି କେହି ତାଙ୍କୁ ହତାଦର ?
ଗୁଣ ହେତୁ ସର୍ବେ ଲଭନ୍ତି ପ୍ରଶଂସା,
ଗୁଣହୀନ ରୂପ ସିନା ଲୋକହସା ।
ବରିଲେ ତାଙ୍କୁ ଗୋ ରାଜେନ୍ଦ୍ର-ଦୁହିତା,
ଲକ୍ଷ ରାଣୀ ମଧ୍ୟେ ହେବୁ ତୁ ବନ୍ଦିତା ।
ଏଣେ ଦେଖ ଏହି କୋକିଳ ଭୂପତି,
ଯୋଗି-ଋଷି ପ୍ରାୟେ ଫଳାହାରବ୍ରତୀ ।
ସୁମଧୁର କଣ୍ଠେ ଗାଇ ସେ ସଙ୍ଗୀତ,
କରନ୍ତି ମୋହିତ ଜଗଜ୍ଜନ ଚିତ୍ତ ।
ଇଚ୍ଛୁ ଯେବେ ହେବୁ ପତି-ସୋହାଗିନୀ,
ବର ତେବେ ତାଙ୍କୁ ଗଜେନ୍ଦ୍ରଗାମିନି !
ପୁଣି ଦେଖ ଏହି ଅନିଳ ନୃପତି,
ବଳବନ୍ତ ପଣେ ଠେକ ଯାଙ୍କ ଛତି ।
ଅଗମ୍ୟ ତାଙ୍କର ତ୍ରିଭୁବନେ ନାହିଁ,
ଇଚ୍ଛିଲେ ପାରନ୍ତି ପୃଥ୍ୱୀ ଲେଉଟାଇ ।
ତାଙ୍କପ୍ରତି ତୋର ଇଚ୍ଛା ଯେବେ ବଳେ,
ଅର୍ପ ବରମାଲ୍ୟ ତେବେ ତାଙ୍କ ଗଳେ ।
ସେ ଯଥା ତେଜସ୍ୱୀ ରୂପସୀ ତୁ ତଥା,
ଦୋହିଙ୍କ ମିଳନ ସୁନ୍ଦର ସର୍ବଥା ।

http://oaob.nitrkl.ac.in

ଶାଶ୍ୱତ ବେଭାର ଏ ତ ସଂସାରର,
ସୁଷମାର ଶୌର୍ଯ୍ୟ ସିନା ଯୋଗ୍ୟ ବର ।
ନତୁବା ବଜୁଳି ବରିଥାନ୍ତା କି ସେ,
ଅନଳ-ଉଦ୍ଗାରୀ କଠୋର କୁଳିଶେ ?
କିମ୍ବା ଶୋଭାସ୍ୱିଣୀ ନଳିନୀ ସୁନ୍ଦରୀ,
ପ୍ରଚଣ୍ଡ ମାର୍ତ୍ତଣ୍ଡେ ଥାଆନ୍ତା କି ବରି ?
ଏହିପରି ଯେତେ କନ୍ୟାପ୍ରାର୍ଥୀ ନୃପେ,
ଚହଲାଇଲେ ସଖୀ ବର୍ଣ୍ଣି ଗୁଣେ ରୂପେ ।
କିନ୍ତୁ ବାଳା ମନେ କେହି ରୁଚୁ ନାହିଁ,
ନିଷେଧୁଛି ମୌନେ ମସ୍ତକ ହଲାଇ ।
ତହୁଁ ସର୍ବେ ହୋଇ ଭଗ୍ନମନୋରଥ,
ଆଶ୍ରିଲେ ଖୁଙ୍କାଏ ସ୍ୱାଗମନ ପଥ ।
ବରିଛି ସୁନ୍ଦରୀ ବସନ୍ତେ ଗୋପନେ,
ଅନ୍ୟ ବର ତାର ରୁଚିବ କି ମନେ ?
ବହିଛି ବିଧାତା ପୂର୍ବୁ ଯେ ନିର୍ବନ୍ଧ,
କେ କରିବ ଆନ ସେ ମହା ସମ୍ବନ୍ଧ ?
କୁମୁଦିନୀ ଧନୀ ତେଜି ସୁଧାକରେ,
ଛନ୍ଦିବ କି କର ଧୂମକେତୁ କରେ ?

ଦୂର ଶୈଳଶିରେ ସୂର୍ଯ୍ୟାସ୍ତର ଶୋଭା,
ଆହା କି ସୁନ୍ଦର ଜନମନ ଲୋଭା ।
କନକେ ରଞ୍ଜିତ ପଶ୍ଚିମ ଆକାଶ,
ପିନ୍ଧିଛି ପ୍ରତୀଚୀ ପୀତପଟ୍ଟବାସ ।
ଅସ୍ତଗାମୀ ରବି ସୁବର୍ଣ୍ଣ କିରଣ,
ବୋଳି ହେଲେ ଶିରେ ତରୁ ଗିରିଗଣ ।
ପିନ୍ଧାଇ ଦେଲା କି ଭାସ୍କର ଖୁସିରେ
କାଞ୍ଚନ କିରୀଟ ସମସ୍ତଙ୍କ ଶିରେ ।
ସଭିଙ୍କ ବଦନ ଉଠିଲା ଉଲ୍ଲସି,
ପରସ୍ପରେ ଚାହିଁ ହେଲେ ହସାହସି ।
ସ୍ୱର୍ଣ୍ଣ ଜ୍ୟୋତି ଜଳେ ଖଗେ ଅବଗାହି,
ଉଡ଼ିଲେ ଗଗନେ ଗୀତ ଗାଇ ଗାଇ ।

ସୁବର୍ଣ୍ଣ ସାଗରେ ସୁବର୍ଣ୍ଣ ମୀନାଳୀ,
ସନ୍ତରନ୍ତି କିବା ସ୍ୱର୍ଣ୍ଣ ପକ୍ଷ ଟାଳି ।
ତଳକୁ ତଳକୁ ରବି ଘୁଞ୍ଚି ଘୁଞ୍ଚି,
ପର୍ବତ ଉହାଡ଼େ ଯାଉଅଛି ଲୁଚି ।
ଦେଖି ତାହା ପ୍ରତେ ହେଉଛି ଏଭଳି,
ରାହୁ ଶିରେ ଯାଏ ବିଷ୍ଣୁ ଚକ୍ର ଗଳି ।
ଅଥବା ଯେସନ ଉପରାଗେ ରାହୁ,
ଗିଳି ଦେଉଅଛି ସୂର୍ଯ୍ୟେ ଟାହୁଁ ଟାହୁଁ ।
ମହାଦାତା ରବି ଦାନେ ମୁକ୍ତହସ୍ତ,
ବୁଣି ବୁଣି ରତ୍ନରେଣୁ ହେଲା ଅସ୍ତ ।
କେଜାଣି କାହାର ଆଜ୍ଞା ଶୁଣି କଣ୍ଠେ,
ବୋଳି ହେଲେ ଶୈଳେ ଦେକୀକଣ୍ଠ ବର୍ଣ୍ଣେ ।
ବହୁରୂପୀ ଗିରି ଗଗନ ସମାନ,
ଧରେ କ୍ଷଣେ କ୍ଷଣେ ରୂପ ଆନ ଆନ ।
କରିଛି ସେ ପରି ମାନସେ କଳ୍ପନା,
ଅର୍ପିବ ଶଶାଙ୍କେ ପ୍ରୀତି-ସମ୍ବର୍ଦ୍ଧନା ।
ଅଭ୍ୟର୍ଥନା-ସଭା ହୋଇଛି ଗଠିତ,
ବହୁ ଗିରି-ସଭ୍ୟ ଛନ୍ତି ଉପସ୍ଥିତ ।
ବିହଙ୍ଗକୁଳର ହର୍ଷ ହୁଳାହୁଳି,
ଦିଗ-ଦିଗନ୍ତରେ ଉଠୁଛି ଉଛୁଳି ।
ପୁଷ୍ପମାଳା ଧରି ଉଭା ତରୁବରେ,
ଲମ୍ବାଇବା ପାଇଁ ଶଶାଙ୍କ କଣ୍ଠରେ ।
ସ୍ୱର୍ଣ୍ଣାକ୍ଷରେ ଲେଖି ରଖିଛି ଅଶୋକ,
ସର୍ବ ଶରୀରରେ ସମ୍ବର୍ଦ୍ଧନା ଶ୍ଳୋକ ।
ଖଦିର ପାଦପ ଉଭା ହର୍ଷଭରେ,
ଅର୍ଘ୍ୟ ବନ୍ଦାପନା ଦୀପ ଧରି କରେ । *
ଅରଣ୍ୟ-ଭେରିଆ ଫେରୁ ଊର୍ଦ୍ଧ୍ୱ ହେରି,
ବଜାଉଛି ଉଚ୍ଚେ ଚନ୍ଦ୍ର-ବିଜେ-ଭେରୀ ।
ଏ ସମୟେ ଘନ ଘୋଟି ଦୈତ୍ୟବତ ।
ରୋଧିଦେଲା ଚନ୍ଦ୍ର ଆଗମନ ପଥ ।
ସମସ୍ତଙ୍କ ମନ ଗଲା ତହୁଁ ଫାଟି,
ଏତେ ଉତ୍ସବଟା ହୋଇଗଲା ମାଟି ।

* ଖଇର ଫୁଲ ଧାପଣିଆ ପରି ଦିଶେ ।

http://oaob.nitrkl.ac.in

ଉଦ୍‌ବେଳ ଆଶାରେ ହେଲା ବଜ୍ରପାତ,
ଲଗିଲା ସବୁଙ୍କ ଅନ୍ତରେ ଆଘାତ ।
ଭଗ୍ନ ଆକାଂକ୍ଷାର ଦାରୁଣ ଯନ୍ତ୍ରଣା,
ଭୁକ୍ତଭୋଗୀ ଜନେ ଏକା ସିନା ଜଣା ।
ମତ୍ସରୀ ସ୍ୱଭାବ ସତତ ଉଦ୍‌ବିଗ୍ନ,
ଘଟାଇବା ପାଇଁ ଶତ୍ରୁକାର୍ଯ୍ୟ ବିଘ୍ନ ।
ଜାଳିଦେଇ ଅଗ୍ନି ଆଶାର୍ଥୀର ପ୍ରାଣେ,
କି ଯଶ ଲଭେ ତା ସେହି ଏକା ଜାଣେ ।
ଅକୃତ ଭାହାର ନୁହେଁ କେଉଁ ପାପ,
ତା ଠାରୁ ଭୀଷଣ ନୁହେଁ ନାଗପାଶ ।
ନ କଲେ ଯେ ଦିନେ ପର ଅପକାର,
ମନସ୍ତାପେ କାଟେ ସେ ଦିନଟି ତାର ।
ଦୈବେ କ୍ଷଣେ ଗଲେ ହିଂସାବୃତ୍ତି ଛାଡ଼ି,
ପକାଏ ସେ କ୍ରୋଧେ ନିଜକୁ କାମୁଡ଼ି ।
ବିନା ମେଘେ ସୃଜିପାରେ ସେ ଅଶନି,
ମଙ୍ଗଳ କୋଷ୍ଠୀରେ ସେ ରାହୁଗ୍ରସ୍ତ ଶନି ।
ଥାଉ ସେ ପ୍ରସଙ୍ଗ କି ଲଭ ତହିଁରେ,
ଉକୁଟିଲେ ପଙ୍କେ ଛୁଡ଼ିଲେ ଶରୀରେ ।
ବୁଲି ବୁଲି ଥକ୍କା ପଡ଼ିଲାଣି ପାଦ,
ମାତ୍ର ମନେ ନେତ୍ରେ ନାହିଁ ଅବସାଦ ।
ସେ ବେଦନଙ୍କ ଶାଧ ଯାଇନାହିଁ ତୁଟି,
ପାଦ ଏକା ତାଙ୍କୁ ଦେଖାଏ ଭ୍ରୂକୁଟି ।
କି କରିବ ଜରା ହେଲା ଉଗାରୁଣୀ,
କରୁଛି ସାହାଯ୍ୟ ପୀଡ଼ା ତାକୁ ପୁଣି ।
ଶୋଷୁଛନ୍ତି ମୋର ସେ ବେଦନା ରାକ୍ଷସୀ,
ଶରୀରର ଆୟୁ ଅନୁକ୍ଷଣ ବସି ।
ଗିରିର ସୁଷମା ଅସୀମ ଅପାର,
କାସ ମୁଁ ଦେଖିବି କ୍ଷୁଦ୍ର ନର ଛାର ।
ଆବର କ୍ଷୀଣାୟୁ ଅତି ଦୀନ ହୀନ,
କ୍ଷୀଣ କଳେବର ଚିର ପରାଧୀନ ।
କଣାଦଙ୍କର ମୁଁ ଦୃଷ୍ଟ ସଂସାରର,
କମ୍ପୁଛି ତା ଡରେ ହୋଇ ଥରହର ।

ଦୁଃଖେ ଶୋକେ ଆତ୍ମା ପଡ଼ୁଅଛି ଥକ୍କ,
ଭବ-ବଜାରେ ମୁଁ ଦୁଃଖର ଗହକ ।
ଦୁଃଖ ଉପାଦାନେ ଗଢ଼ା ମୋ ଜୀବନ,
ଦୁଃଖ ଏକା ମୋର ଚିର ସଞ୍ଚିଧନ ।
ଯେଉଁ ଦୁଃଖାନଳ ଜଳେ ଅନ୍ତସ୍ତଳେ,
ନ ଲିଭିବ ତାହା ସପ୍ତସିନ୍ଧୁ ଜଳେ ।
ଆଜୀବନ କଲି ଦୁଃଖକୁ ବରଣ,
ସଂସାରେ ମୋହର ଜନ୍ମ ଅକାରଣ ।
ବ୍ରହ୍ମାଣ୍ଡେ ମୋ ଭଳି ନାହିଁ ହୀନକର୍ମା,
ଦୁର୍ଭାଗ୍ୟ ପଣେ ମୁଁ ମୋହର ଉପମା ।
ଚିର-କଣ୍ଟକିତ ମୋ ଜୀବନ-ପଥ,
ଚିର ହାହାମୟ ମୋର ମନୋରଥ ।
ଦୁଃଖେ ମୋର ଜନ୍ମ ଦୁଃଖରେ ବର୍ଦ୍ଧନ,
ଦୁଃଖ ଭୋଗ ମୋର ଲଲାଟ ଲେଖନ ।
ଦଗ୍ଧ ଭାଗ୍ୟେ ମୋର ସୁଖ ପରାଙ୍ମୁଖ,
ଯାଉଛି ମୁଁ ଫେରି ଭୁଞ୍ଜିବାକୁ ଦୁଃଖ ।
ଆଜୀବନ ମୁହିଁ ଦୁଃଖପଦେ ବିକା,
ସୁଖ ସିନା ମୋର ଭାଗ୍ୟେ ମରୀଚିକା ।
ସାଫଲ୍ୟ ସହିତ ନାହିଁ ମୋର ଭେଟ,
କଳ୍ପନା ପିଷ୍ଟକେ ପୂରଉଛି ପେଟ ।
ନ ଘଟୁ ବାସ୍ତବ ସୁଖ ପଛେ ଭାଗ୍ୟେ,
କଳ୍ପନାକୁ ମୁହିଁ ପୂଜେ ଅନୁରାଗେ ।
ପ୍ରଦାନେ କଳ୍ପନା ଆନନ୍ଦ ପ୍ରଚୁର,
ସୁଖ ସ୍ୱପ୍ନ ପରି କଳ୍ପନା ମଧୁର ।
ମୁହୂର୍ତ୍ତକେ ଯାଏ ବାସ୍ତବ ମିଳାଇ,
କଳ୍ପନା ତ କିନ୍ତୁ ଚିରକାଳ ସ୍ଥାୟୀ ।
କଳ୍ପନା ମାଧୁରୀ ଉପଭୋଗ୍ୟ ଯାର
ମଣେ ସେ ବାସ୍ତବେ ଅଳୀକ ଅସାର ।
ନ ଥାଉ ପଛକେ କଳ୍ପନାର ସ୍ୱାଦ,
ମନର ସେ ପ୍ରିୟ ପୁଷ୍ଟିକର ଖାଦ୍ୟ ।
ସୁଖ ବୋଲି ଯାହା ହୁଏ ଅଭିହିତ,
ମଣେ ମୁଁ ତାହାକୁ କପୋଳକଳ୍ପିତ ।



http://oaob.nitrkl.ac.in

ଏଣୁ ମୁହିଁ ଦୁଃଖେ ନେଇଅଛୁ ବରି,
ପୂଜା କରେଁ ତାକୁ ଇଷ୍ଟଦେବ ପରି ।
ସୃଷ୍ଟି ଆଗମ୍ୟାଧାରୀ ଶବ୍ଦ ଦୁଃଖରତ,
ଫୁଟିଲ ସେ ତାର ଢଙ୍ଗ ବିପରୀତ ।
ଗୂଢ଼ ଛଦ୍ମବେଶୀ ଠକ ଦୁସ୍ୱଚାର
ଚହ୍ନିବା କଠିଣ ସ୍ୱରୂପ ତାହାର ।
ବାହ୍ୟ ସୁନ୍ଦର ସେ ମହାକାଳ ଫଳ,
ଗର୍ଭ ତାର ପୂର୍ଣ୍ଣ ଅଙ୍ଗାରେ କେବଳ ।
ସେ ସୁଖେ ମୋହର ବଳେ ନାହିଁ ମନ,
ଭୁଞ୍ଜିବାକୁ ତାହା ନୁହେଁ ମୁଁ ଭାଜନ ।
ଦୁଃଖ ଏକା ମୋର ପ୍ରାଣର ସଙ୍ଗାତ,
ମୋହୋ ବିନା ଆହା ହେବ ସେ ଅନାଥ !
ବଡ଼ ଅସହାୟ ଏ ଜୀବନ-ତରୀ,
ବହୁ ଛିଦ୍ରେ ପାଣି ପଶେ ତହିଁ ଝରି ।
ବକ୍ଷେ ଘନ ଘନ ବିପଦ-ବତାସେ,
ଅଲକ୍ଷ୍ୟରେ ଘୂରି ଏଣେ ତେଣେ ଭାସେ ।
ଉତ୍ତାଳ ତରଙ୍ଗ ଆସେ ଖରେ ଧାଇଁ,
ସିନ୍ଧୁ ଗର୍ଭେ ତାକୁ ଦେବାକୁ ବୁଡ଼ାଇ ।
ଡାକେ ସେ କାହାକୁ ଅର୍ତ୍ତେ ହାତ ଠାରି,
ନାହିଁ କର୍ଣ୍ଣଧାର ନେବାକୁ ଉଦ୍ଧାରି ।
ଅବହେଳେ ବୁଡ଼ିଯିବ ସେ ତ ଖରେ,
ଅତଳ ଉଦ୍‌ବେଳ ସାଗର ଗର୍ଭରେ ।
ହଜିଇବ ସତ୍ତା ଚିରଦିନ ପାଇଁ,
ବିଶ୍ୱେ କାହାକୁ ତା ଜଣାଯିବ ନାହିଁ ।
ଆସିଥିଲା ଏକା ଯିବ ହୋଇ ଏକା,
ସଙ୍ଗୀ ବୋଲି କେହି ଦେବେ ନାହିଁ ଦେଖା ।
ଏଣିକାରେ ସବୁ ହୋଇଯିବ ଶେଷ,
ନ ରହିବ ତାର ନାମ ରୂପ ଲେଶ ।
ସରିଯିବ ତାର ଯାତ୍ରା ଅବିଳମ୍ବ,
ଭଙ୍ଗିବ ସୁଆଙ୍ଗ ସମୂଳେ ବିଲମ୍ବ ।
ଏହି ସିନା ନର-ଜୀବନର କ୍ରୀଡ଼ା,
କ୍ରୀଡ଼ା ନୁହେଁ ଆହା ପ୍ରାଣାନ୍ତକ ପୀଡ଼ା ।
ଗାଉଛନ୍ତି ମୋ ଆତ୍ମା ସକରୁଣ ଗୀତା,
ଜଳେ ଅନ୍ତସ୍ତଳେ ଦ୍ରବଣର ଚିତା ।
ଦୁଃଖ ପାଇଁ ଦୁଃଖୀ ନୋହି କଦାଚନ,
କରିଛି ମୁଁ ତାକୁ ପ୍ରେମେ ଆଲିଙ୍ଗନ ।
ସେହି ମୋ ଆନନ୍ଦ ସେହି ମୋ ଜୀବନ,
ସେହି ମୋର ସୁଖ ମହାର୍ଘ ରତନ ।

ଘେନ ନମସ୍କାର ଶିରି ଦେବଧାନୀ,
ରଖିଥିବୁ ମନେ ମାଗୁଛି ମେଲାଣି ।
ନ ପାରିବି କେବେ ତୋ ସ୍ମୃତି ପାଶୋରି,
ନେଇ ଯାଉଛି ମୁଁ କରି ତାହା ଚୋରି ।
ଦେଖୁଥିବି ତୋତେ କଳ୍ପନା-ନୟନେ,
ପୂଜୁଥିବି ନିତି ତୋ ଚାରୁ ଚରଣେ ।
ଭକ୍ତି-ପୁଷ୍ପେ ବୋଳି ଶ୍ରଦ୍ଧା-ସୁଚନ୍ଦନ,
କରୁଥିବି ମୋଦେ ତୋତେ ସମର୍ପଣ ।
ପ୍ରୀତି-କର୍ପୂରରେ କରିବି ଆରତି,
ସ୍ତୁତି-ଗୀତି ମୋର ହୋଇବ ବିନତି ।
ବିଚ୍ଛେଦ-ଲୋତକେ ତୋ ପଦ-ନଳିନ,
ଦେଉଥିବି ଶିରି ଧୋଇ ପ୍ରତିଦିନ ।
ଦୂରେ ଥିଲେ ପାଶେ ଅଛୁ ଥିବୁ ଜାଣି,
କେତେ ଦୂରେ ଚନ୍ଦ୍ର ପୁଣି କୁମୁଦିନୀ ।
ଅଟେ ସିନା ପ୍ରୀତି ଅଭେଦ ତାଙ୍କର,
ଯେତେ ଦୂରେ ଥିଲେ ଯେ ଯାର ସେ ତାର ।
ତୋର ଅଧିକାରୀ ଭକ୍ତ ମହାକବି,
ଗାଇଛନ୍ତି ଏହା ପ୍ରୀତି ରସେ ଦ୍ରବି ।
ସେ ମହା କବିତା କରି ଦୃଷ୍ଟିବୃତ୍ତି,
ଘେନୁଛି ମେଲାଣି ଭଜି ମୁଁ ନବବୃତ୍ତି ।
ଯେତେ କାଳ ମୋତେ ଧରିଥିବ କ୍ଷିତି,
ତେତେ କାଳ ହେବୁ ମୋ ନେତ୍ର-ଅତିଥି ।
ଆଉ ଦୃଶ୍ୟେ ବହି ଦେଖନ୍ତି ତୋହର,
ଅପୂର୍ବ ସୁଷମା, ମୂର୍ତ୍ତି ଚାରୁତର ।

http://oaob.nitrkl.ac.in

କ୍ଲାନ୍ତ ହୋଇଲଣି ଦାରୁଣ ସଂସାର,
ଛାଡ଼ି ଘନ ଘନ ସରୋଷ ହୁଙ୍କାର ।
ଅବ୍ୟର୍ଥ ତାହାର ସେ ରୁଦ୍ର ଆହ୍ୱାନ,
କାହିଁ ମୋର ଶକ୍ତି କରିବାକୁ ଆନ ?

ଯେ ବଜ୍ର ଶୃଙ୍ଖଳ ଛନ୍ଦିଛି ପଦ୍ମରେ,
ଛିଣ୍ଡାଇ ନୁହେଁ ତା କାହାର ବଳରେ ।
ଓଟାରୁଛି ତାକୁ ଧରି ଦୃଢ଼ ହସ୍ତେ,
ଯାଉଛି ରେ ଗିରି ନମସ୍ତେ ନମସ୍ତେ ।

## ତୃତୀୟ ସର୍ଗ

ଛଅ ପ୍ରାୟ ଚାରୁ 'କରଚୁଲି' ବନ, ୧
ଘୁମୁସର-ସ୍ୱର୍ଗେ ନନ୍ଦନ-କାନନ ।
ଭାଷାକୁ ଜିଣେ ତା ଶୋଭା ମନୋରମା,
ସେହି ଏକା ନଷ୍ଟେ ତାହାର ଉପମା ।
ବାମେ ଶୈଳମାଳା ଯାମ୍ୟେ ବନଶ୍ରେଣୀ,
ପ୍ରକୃତିର କି ସେ ଯୁଗ୍ମ ନୀଳବେଣୀ ?
ଦେନଙ୍କର ରମ୍ୟ ବିଚିତ୍ର ସୁଷମା,
ବହିଛି ମହେନ୍ଦ୍ର ଉଦ୍ୟାନ ଉପମା । ୨
ମଧ୍ୟେ ରାଜପଥ କି ସୁନ୍ଦର ଦିଶେ,
ଶୋଭା-ଲକ୍ଷ୍ମୀ ଶିରେ ସିନ୍ଥିରେଖା କି ସେ !
ବନ ନୁହେଁ ତାହା ଶୋଭା-ପାରାବାର,
ଭବ-ଅଗ୍ନି କ୍ଷେତ୍ରେ ଶୀତଳ କାସାର ।
ଲମ୍ବା ପ୍ରତେ ହୁଏ ମାନସେ ଏସନ,
ତ୍ରିଦିବ-ଶିରୀ ସେ ଅଳକା ଭୁବନ ।
ଶିଶୁ ଯୁବା ବୃଦ୍ଧ ଶ୍ୟାମକାନ୍ତ ଶାଳ,
ଲଗି ଲଗି ଉଭା ରୁନ୍ଧା ଯେହ୍ନେ ମାଳ ।
ସୁଦୂର ବିସ୍ତୃତ ନଗଣ୍ଡ ପ୍ରକାଣ୍ଡ,
ଥାଉ ଆନ ତହିଁ ନ ଗଳିବ କାଣ୍ଡ ।
ଦିବସେ ଅନ୍ଧାର ମହା ଭୟଙ୍କର,
ପଶିବାକୁ ତହିଁ ଡରେ ସୂର୍ଯ୍ୟ-କର ।
ଥାଉ ଆନ, ଭୟ ଦେଖି ବହେ ତ୍ରାସ,
ଶାର୍ଦ୍ଦୁଳ ସ୍ୱଭାବ ଅଭେସ୍ତ ଉଆସ ।

ହୃଷ୍ଟ ଶ୍ୱାପଦର ଗର୍ଜନେ ମୁଖର,
ମୃତ୍ୟୁ ଦେବତାର ପ୍ରିୟ କେଳିଘର ।
ପଶିବାକୁ ପ୍ରାଣ ଥରଇ ସର୍ବଥା,
ଦୁଃସାହସ ଭଜେ ସେଠାରେ କ୍ଲୀବତା ।
ରହିଥାଏ ମନ ହୋଇ ମୃତ୍ୟୁମୁଖୀ,
ଛନକାରେ ରକ୍ତ ଯାଉଥାଏ ଶୁଖି ।
ମୟୂର ମୟୂରୀ ଅଭିସାର ସ୍ଥଳୀ,
ରଚନ୍ତି ଦମ୍ପତି ତହିଁ ପ୍ରେମ ଦଳି ।
ଦୁର୍ଦ୍ଦାନ୍ତ ବାନର କେଳି କୋଳାହଳେ,
ସ୍ଥାନ ତେଜି ଶାନ୍ତି ପଳାଏ ଚକିତେ ।
ବନଦେବୀଙ୍କର ନୂପୁର ନିକ୍ୱଣ—
ପ୍ରାୟ ସୁମଧୁର ଝିଙ୍କାରୀ ନିଃସ୍ୱନ ।
ସ୍ଥାନେ ସ୍ଥାନେ ବନ ଅତୀବ ଗମ୍ଭୀର,
ଶୁଭେ ନାହିଁ ସ୍ୱର କେବଣ ପ୍ରାଣୀର ।
ନିସ୍ତବ୍ଧତାର ଅଶବ୍ଦ ଶବଦ,
ପ୍ରେମ-ହର୍ଷକାରୀ ମହାଭୟପ୍ରଦ ।
ସାହସ ଦିଦୃକ୍ଷା ଦର ତହିଁ ପାଳି,
ଖେଳୁଥାନ୍ତି ପାନ୍ଥ ମନେ ଲୁଚକାଳି ।
ଭୟେ ଭୟେ ତହିଁ ଶାକଟିକଗଣ,
ନୀରବେ କରନ୍ତି ଶକଟ ଚାଳନ ।
ଯାତ୍ରୀ ଦର୍ଶକର ନାହିଁ ତିଳେ ଶଙ୍କା,
ଡରେ ତାକୁ ଭୟ ଯେହ୍ନେ ଦୁଶ୍ୟରଙ୍କା ।

୧—ବୁଗୁଡ଼ାଠାରୁ ଛଅ ମାଇଲ ଦୂରରେ ସୁଦୂର ବିସ୍ତୃତ ପ୍ରକାଣ୍ଡ ଶାଳବନ । ଏହା ଗଭର୍ଣ୍ଣମେଣ୍ଟଙ୍କର ରକ୍ଷିତ ଅରଣ୍ୟ । ପଥ ଦୁଇ ପାର୍ଶ୍ୱରେ ପ୍ରାୟ ଦୁଇ ମାଇଲ ପର୍ଯ୍ୟନ୍ତ ବ୍ୟାପି ରହିଅଛି । ୨—ପଶ୍ଚିମରେ ମହେନ୍ଦ୍ରମାଳ ଓ ପୂର୍ବରେ ଶୋଭାଲକ୍ଷ୍ମୀ ଉଦ୍ୟାନଖଣ୍ଡର ଉପମା ।

http://oaob.nitrkl.ac.in

ନ ଗଣେ ବିତୃଷା ଶଙ୍କା କମ୍ପା ଥବା,
ତଡ଼ିଦିଏ ଭୟେ ମାରି ଗଳା ଧକ୍କା ।
ହେଲେ ମନ ଦୃଢ଼ ପ୍ରଭଞ୍ଜନର ବାସ,
ମୃତ୍ୟୁକୁ ସଗର୍ବେ କରେ ଉପହାସ ।
ପ୍ରାଣକୁ ଯେ ପାଣି ଦେଇଛି ଛଡ଼ାଇ,
ଛାର ତାହା ପାଶେ ମୃତ୍ୟୁର ବଡ଼ାଇ ।
ମୃତ୍ୟୁଭୟ ଜିଣା ସୁଦୃଶ୍ୟ ମୋହନ,
ମରଣାନ୍ତେ ସୁଖ ରଖେ ଯେ ସ୍ମରଣ ।
ଦର୍ଶକ ହୃଦୟ ବୀରର ହୃଦୟ,
ମହାବୀର ପରି ସଦା ସେ ନିର୍ଭୟ ।

ଶାଳତରୁକୁଳ ଦିଶେ ବିଛୁରିତ,
ପ୍ରବାଳ ପାଟଳ ପଲ୍ଲବେ ମଣ୍ଡିତ ।
କରିଅଛି ଲତା ବୃକ୍ଷେ ଆଲିଙ୍ଗନ,
ମମତା ପ୍ରକାଶି ଯଥା ନିଜ ଜନ ।
ଜଗତର ଏ ତ ଶାଶ୍ୱତ ବେଭାର,
ସ୍ୱାର୍ଥ ପାଇଁ ପର ହୁଏ ଆପଣାର ।
ମାଡ଼ିଛି ଅତଣ୍ଡୀ ଶ୍ୟାମତରୁ ଦେହେ,
ଖସି ଛାଇ ଲତା କୋଳାକୋଳି ସ୍ନେହେ ।
ତରୁରାଜା ଦାହ ସୁଶାନ୍ତ ନିମିତ୍ତ,
ହୋଇଅଛି ଅବା ଚନ୍ଦନେ ଚର୍ଚ୍ଚିତ ।
ଅଥବା ବୈଷ୍ଣବ ସ୍ୱଧର୍ମ ବିଧିରେ,
ତିଳକର ଛାପା ମାରିଛି ଶରୀରେ ।
ଶାଳ ପଲ୍ଲବରେ ଶ୍ୱେତପତ୍ର ତାର,
ଦିଶୁଅଛି ଦୂରୁ ଆହା କି ବାହାର !
ଶ୍ୱେତ ଶତଦଳ ପାଖୁଡ଼ା ଗୋଟିଏ,
ପଦ୍ମରାଗ ପାତ୍ରେ ଥୋଇଛି କି କିଏ ?
ସେ ବନେ ଭବତା ବର୍ଷେ ଦିବାନିଶି,
କୋମଳ କଠୋର ତହିଁ ମିଶାମିଶି ।

ଭୀଷଣ ସହିତେ ମିଶିଛି ସୁନ୍ଦର,
ସୃଜିଛି ପ୍ରକୃତି ଅଦ୍ଭୁତ କୁହର ।
କୋଳା କୋଳି ପୁଣି ତହିଁ ଶାନ୍ତ ହସ,
ରୌଦ୍ରରସେ ମିଶିଅଛି ଶାନ୍ତ ରସ ।
ସ୍ତବ୍ଧ ବନସ୍ଥଳୀ ଗଭୀର ନିର୍ଘୋଷେ,
ପ୍ରଣବ କବିତା ସ୍ୱର ତୋଳି ଘୋଷେ ।
ବେଳେ ବେଳେ ଯାଏ ସେ ଶବଦେ ଭିଣି,
ନିଶୀଥେ ବ୍ୟାଘ୍ରର ଭୈରବ ରାଗିଣୀ ।
ଶିରଟ କୁକ୍କୁଟ ହର୍ଷେ ଗର୍ଜି ନାଚେ,
ଦଣ୍ଡକେ ଘଡ଼ିକେ ଛାଡ଼ୁଛି କୁହାଟ ।
ଲାଗିଅଛି ଏବେ ତହିଁ ଅଭିନବ,
ବସନ୍ତ ଶୃଙ୍ଗାର ଚର୍ଚ୍ଚରୀ ଉତ୍ସବ ।
ଦିବ୍ୟ ବେଶେ ସାଜି ପ୍ରକୃତି ସୁନ୍ଦରୀ,
ବିହରେ ଯେସନ ସ୍ୱର୍ଗର ଅପ୍ସରୀ ।
ବନ-ସ୍ୱଜଜେମା ବନସ୍ୱଜ-ସୁତ, *
ଫଗୁ ଖେଳେ ମତ୍ତ ଅଯୁତ ଅଯୁତ ।
ଶାଳ୍ମଳୀ ସୁନ୍ଦରୀ ଫିଙ୍ଗିଦିଏ ଅଙ୍ଗୁ,
ଦିଗ ଦୀପ୍ତ କରି ମୁଠା ମୁଠା ଫଗୁ ।
କୁସୁମ ରଙ୍ଗରେ କେହି ବା କେଶରେ,
ରଚିଅଛି ଫଗୁ ବିବିଧ ରଙ୍ଗରେ ।
ରଞ୍ଜନ ରେଣୁରେ ରଚି ଫଗୁ କେହି,
ଚର୍ଚ୍ଚରୀ କ୍ରୀଡ଼ାରେ ହୋଇଛନ୍ତି ସ୍ନେହୀ ।
ଝରି ବଉଳକୁ ତରୁ ସହକାର,
ଫଗୁ କରି ଫିଙ୍ଗିଦିଏ ବାରମ୍ବାର ।
କିଂଶୁକ-ରସିକ ସର୍ବାଙ୍ଗ ଶରୀରେ,
କରିଛି ରଞ୍ଜିତ ଲୋହିତ ଅମ୍ବରେ ।
ପୁଷ୍ପ ଗନ୍ଧେ ସିକ୍ତ ସେ ଫଗୁ ନିଚୟ,
ରୂପ ତେଜେ ପୁଣି ଦିବ୍ୟ ଆଭାମୟ ।
ମଧୁ ପ୍ରିୟବଧୂ ସୁନ୍ଦରୀ ସୁନାରୀ,
ହସ୍ତେ ଧରି ଉଭା ଫଳ-ପିଚକାରୀ ।

* ବନ-ସ୍ୱଜଜେମା — ଲତା; ବନ-ସ୍ୱଜସୁତ — ତରୁ

http://oaob.nitrkl.ac.in

ହଳଦୀବସନ୍ତ ହରନ୍ତଏ ଚିତ୍ତ,
ପିକ ସଙ୍ଗେ ଗାଇ ଚର୍ଚ୍ଚରୀ ସଙ୍ଗୀତ ।
ସ୍ୱଭାବେ ଯେ ବନ ଶୋଭାର ଆଳୟ,
ତହୁଁ ଯେ ମଧୁଋତୁ ହୋଇଛି ଉଦୟ ।
ପ୍ରୀତି ହୋଇଲେ କିବା ଉଡେ ଇନ୍ଦ୍ରଧନୁ,
କମ୍ପା ପିକୁ ଅଙ୍କେ ଖେଳୁଛି ଅତନୁ

କରୁଛନ୍ତି ବନ ଚାରୁ ଚିତ୍ରମୟ,
ବନଦେବୀଙ୍କର ପ୍ରିୟ ରଙ୍ଗାଳୟ ।
ପକ୍ଷିକୁଳ ତହିଁ ଗନ୍ଧର୍ବଙ୍କ ପରି,
ପକ୍ଷିଣୀ ସୁନ୍ଦରୀ ଅପୂର୍ବ ଅପ୍ସରୀ ।
ନୃତ୍ୟ ଗୀତ ବାଦ୍ୟ କଳା କଉଶଳେ,
ହୋଇଛନ୍ତି ଆତ୍ମବିସ୍ମୃତ ସକଳେ ।
ଅନ୍ତ ନାହିଁ ଛନ୍ଦ ସ୍ୱର ରାଗିଣୀର,
ସ୍ୱର ମିଶାମିଶି ଯଥା ନୀର କ୍ଷୀର ।
ସର୍ବେ ଆଶୁ କବି ସର୍ବେ ସୁଗାୟକ,
କେହି ସୁନର୍ତ୍ତକ କେହି ସୁବାଦକ ।
ଟୋସ୍ତ ବସନ୍ତି ଦକ୍ଷ ବିଦୂଷକ,
ଅଲୌକିକ ହାସ୍ୟ ରହସ୍ୟ ରଚକ ।
ନକଲିଆ ପଣେ ମହା ଧୁରନ୍ଧର,
ସୃଜେ କ୍ଷଣେ କ୍ଷଣେ ବିବିଧ ହୁନର ।
ଫୁଲ ସୁନ୍ଦରୀର ଅଳକ କମ୍ପାଇ,
ଚୋର ପରି ଖରେ ଯାଉଛି ପଳାଇ ।
କେବେ ପାଦପରୁ ଝଡ଼ାଇ ପତର,
ହସି ଉଠେ ଉଚ୍ଚେ ହୋଇ କର କର ।
ଭେଟୁଛି ଛାମୁରେ ପୁଷ୍ପ ପରିମଳ,
ନାଚୁଅଛି କେବେ ହସି ଖଳଖଳ ।
ପଛଆଡୁ ଛୁଇଁ ଦେଇ ଅତର୍କିତେ,
ଲୁଚିଯାଉଅଛି ଭୟଭୀତ ଚିତ୍ତେ ।

ନର୍ତ୍ତକୀକୁଳର ଗିନ୍ଧା ବାସ ଫେଇ,
କରୁଛି କୌତୁକ ନାଚ ଥେଇ ଥେଇ ।
ତୁଷ୍ଟ ହୋଇ ଦେବୀ ଅଭିନୟ ଦେଖି,
ଯୋଗ୍ୟ ପୁରସ୍କାର ଦେଉଛନ୍ତି ଲେଖି ।
କାହା ଭାଗ୍ୟେ କୋଳି କାହା ଭାଗ୍ୟେ ଫଳ,
କାହା ଭାଗ୍ୟେ ମିଳେ ସୁଶୀତଳ ଜଳ ।
ବନବାସୀ ଜୀବ ସଦାନନ୍ଦମୟ,
ସର୍ବେ ଚିରସୁଖୀ ଚିର ଅନାମୟ ।
ନ ଜାଣନ୍ତି କେହି ଅକାଳ ମରଣ,
ଭୋଗନ୍ତି ସକଳେ ସୁଦୀର୍ଘ ଜୀବନ ।
ଆରୋଗ୍ୟ ବିଧାନ ନୀତି ପାଳନରେ,
ଆସନ ତାଙ୍କର ମାନବ ଉପରେ ।
ଭୁଲନ୍ତି ମାନବେ ଖୋଜି ବ୍ୟର୍ଥ ସୁଖ,
ବିଧି ପାଳନରେ ସଦା ପରାଙ୍ମୁଖ ।
ଏହା ତାଙ୍କ ଜ୍ଞାନଗରିମାର ଫଳ,
ବୁଦ୍ଧିର ବଡ଼ାଇ ଅନର୍ଥ କେବଳ ।
ପଶୁ ପକ୍ଷୀଠାରୁ ଶିଖିବା ବିଷୟ,
ଯଥେଷ୍ଟ ତାଙ୍କର ଅଛି ସୁନିଶ୍ଚୟ ।
ବହୁ ଶୁଭନୀତି ଆତ୍ମନିର୍ଭରତା,
ଏକଥାର ସର୍ବେ ଶିକ୍ଷାଦାନ-କର୍ତ୍ତା ।
ନାନା ଅପୂର୍ଣ୍ଣତା ମାନବ ଦେଖାଇ,
କେଉଁ ମୁଖେ କରେ ଶିକ୍ଷାର ବଡ଼ାଇ ?
ପେଟପୋଷା ପାଇଁ ଶିକ୍ଷା ଯିନା ତାର,
ସଭ୍ୟତାର ବୃଥା କହେ ଅହଙ୍କାର ।
ଅଧ୍ୟାତ୍ମ ଉନ୍ନତି ନାହିଁ ଯେ ଶିକ୍ଷାରେ,
ସେ ଶିକ୍ଷା କେବଳ ଶରୀରର ଭାର ।
ଯେବଣ ଉନ୍ନତି ଧର୍ମଭାବଶୂନ୍ୟ,
ଅବନତିଠାରୁ ତାହା ଯିନା ନ୍ୟୂନ ।
ବର୍ତ୍ତମାନ ବିନା ଭବିଷ୍ୟତ ପ୍ରତି,
ପଶୁପକ୍ଷୀ କେବେ ଆକୃଷ୍ଟ ନୁହନ୍ତି ।



http://oaob.nitrkl.ac.in

ଈଶ୍ୱରନର୍ଭର ଭାବ ତାହାଙ୍କର,
ମାନବ ଅପେକ୍ଷା ଶୁଭ୍ରାଦର୍ଶତର ।
ସେହି ଆଧ୍ୟାତ୍ମିକ ଜ୍ଞାନ ପ୍ରଭାବରେ,
ହୁଅନ୍ତି ନାହିଁ ସେ କ୍ଷୁଣ୍ଣ ଅଭାବରେ ।
ଅଳ୍ପରେ ସନ୍ତୁଷ୍ଟ ଅଧିକେ ସନ୍ତୁଷ୍ଟ,
ନ ହୁଅନ୍ତି କେବେ ଲୋଭରେ ଆକୃଷ୍ଟ ।
ବିଶ୍ୱାସ ତାଙ୍କର ସୁଦୃଢ଼ ଅଟଳ,
ସାଂଖ୍ୟ ସକାଶେ ନୁହନ୍ତି ବିକଳ ।

ତନ୍ତୁ ଖଣ୍ଡା ଟେକି ଖଣ୍ଡାଳ ଶିଖରୀ ୧
ବୀର ଦର୍ପେ ଉଭା ପ୍ରକୃତି-ପ୍ରହରୀ ।
ପ୍ରତେ ହୁଏ ମନେ ଯେସନ୍ତେ ରୁଷା-ଯୋଷା,
ବାନ୍ଧିଛି ମସ୍ତକେ ତୈଲଙ୍ଗୀୟ ଖୋଷା ।
ଶ୍ୱାପଦସଙ୍କୁଳ ଭୀମକାନ୍ତ ଗିରି,
ଘୁମୁସର ଖ୍ୟାତ ସୀମାନ୍ତ ପାଚରୀ ।
ପୃଷ୍ଠଭାଗେ ଅଷ୍ଟଦୁର୍ଗ ଲୁକ୍କାୟିତ,
ଉତ୍କଳ ଖଣ୍ଡର ଆନ ବାଣୀ ତୀର୍ଥ ।
କବି-ସୂର୍ଯ୍ୟଙ୍କର ପୁଣ୍ୟ ଜନ୍ମଭୂମି,
ବହୁଛନ୍ତି ବାଘୁଆ ଯା ଚରଣ ଚୁମି ।
ଚାହିଁଛି ଖଣ୍ଡାଳେ ଅଦୂରେ ସୋଲର, ୨
ଭଗବତୀ ଦେବୀ ବିହାର-ଶିଖରୀ । ୩
ବାଘ ପ୍ରାୟ ଗର୍ଜି ବାଘୁଆ ସରିତ, ୪
ବନସ୍ଥଳୀ ଭେଦି ହୁଏ ପ୍ରବାହିତ ।
ପ୍ରଖରଗାମିନୀ ସ୍ୱଚ୍ଛ ପୂତଜଳା,
ବନଦେବୀଙ୍କର ହୀରକ ମେଖଳା ।
ଗର୍ଭେ ଗଣ୍ଡଶୈଳ ସୁଖେ ଶତ ଶତ,
କରଭକୁଳ କି ଜଳକେଳି ରତ ?
ଝମ୍ପା ଜଳେ ବୁଡ଼ି ମହିଷନିକର,
କରନ୍ତି ଶୀତଳ ଉଷ୍ଣ କଳେବର ।
ସେ ନଦୀର ନୀର ମାତୃକ୍ଷୀର ଭଳି,
ନୀର ନୁହେ ତାହା ଦିବ୍ୟ ରସାବଳୀ ।
ନଦୀ ବେଳ ତୀରେ ଧାଣି କନିଅର,
ରକ୍ତବର୍ଣ୍ଣ ପୁଷ୍ପେ ଦିଶେ ମନୋହର ।
ସ୍ଥଳେ ଗଣ୍ଡଶୈଳ ପ୍ରପାତ ଭୀଷଣ,
ରୁଦ୍ର ଧୁଧୁ ଶବ୍ଦେ କମ୍ପାଇ କାନନ ।
ଅରଣ୍ୟାନୀ କୋଳେ ସୁପ୍ତ ପ୍ରତିଧ୍ୱନି,
ଜାଗି ଉଠେ ସେହି ଶବ୍ଦେ ସେହିକ୍ଷଣି ।
ସେ ରୁଦ୍ର ଗର୍ଜନ ଶୁଣି ମହାବଳ,
ପଳାଇ ସଭୟେ ଆଶ୍ରେ ଗୁପ୍ତସ୍ଥଳ ।
ଠାବେ ଠାବେ ଶୋଭେ ପ୍ରସ୍ତର ବେଦିକା,
କେହି ଘନକୃଷ୍ଣ କେହି ଦିଶେ ଫିକା ।
ହୋଇଛି କି ବନ୍ଧା ମର୍କତ ବରଣ,
ଜଳଦେବୀଙ୍କର ଦିବ୍ୟ ଆସ୍ତରଣ ।
ବସି ତହିଁ ଦେବୀ ପ୍ରକାଶି ଆଗ୍ରହ,
କରନ୍ତି ସମ୍ଭାଷ ବନଦେବୀ ସହ ।
ସେ କାଳେ ବେଳଙ୍କି ପାଣି କନିଅର,
ଢାଳନ୍ତି ଭକ୍ତିରେ ପଲ୍ଲବ ଚାମର ।
ଜଳସ୍ରୋତ ବେଦୀ ଚତୁପାଶେ ବୁଲି,
କୁଳୁ କୁଳୁ ସ୍ୱରେ ଦିଏ ହୁଳହୁଳୀ ।
ଅତି ପ୍ରଖର ସେ ତରଙ୍ଗିଣୀ ରୟ, ୫
ପଶିବାକୁ କରେ ବାଘ ସୁଦ୍ଧା ଭୟ ।
ରଙ୍ଗ ରଙ୍ଗ ଶବ୍ଦେ ବହେ ନଦୀ ଗର୍ଜି,
ତେଣୁ ସେ ସ୍ଥାନର ନାମ ରଙ୍ଗରଙ୍ଗି ।
ଅଦୂରେ ତାହାର ସୁକେ ସ୍ୱର୍ଣ୍ଣଗଣ୍ଡ,
ବନ୍ୟାକାଳେ ଛାଡ଼େ ଗର୍ଜନ ପ୍ରଚଣ୍ଡ ।

୧—ବରଚୁଲ୍ଲା ବଣର ଅଦୂରବର୍ତ୍ତୀ ପର୍ବତ । ୨—ବାଣପୁରସ୍ଥ ସୋଲର ପର୍ବତ । ୩—ସୋଲର ପର୍ବତରେ ପ୍ରସିଦ୍ଧ ଦେବତା ଭଗବତୀଙ୍କର ମନ୍ଦିର ଅଛି । ୪—ବାଘୁଆ ନଦୀ ବରଚୁଲା ବଣକୁ ଭେଦ କରି ବହୁଯାଇଅଛି । ୫—ସ୍ରୋତ

http://oaob.nitrkl.ac.in

ସ୍ରୋତ ଜଳଲତା ସୃଜଇ ବହୁଳ,
ଫୁଟାଏ ଭଉଁରୀ ସେ ଲତାରେ ଫୁଲ ।
ପ୍ରାବୃଟେ ଧରେ ସେ ଭୀଷଣ ଆକୃତି,
କମ୍ପେ ହୃଦ ହେରି ସେ ବିକଟ ମୂର୍ତ୍ତି ।
ଭାସେ ଫେନପୁଞ୍ଜ ସଲିଳ ଆଚ୍ଛାଦି,
ଧାଏଁ ତୀରବେଗେ ସ୍ରୋତ ଉଠେ ନାଦି ।
ଉଗାରି ଗରଳ ମହା ଅଜଗର,
ଧାଇଁଛି କି କ୍ରୋଧେ ହୋଇ ଖରତର !
ଚକ୍ରାବର୍ତ୍ତେ ଘୂରି ଧାଏଁ ଗଡ଼ପଥେ,
ଖୋଜନ୍ତି କି ଆହା ଗଙ୍ଗା ଭଗୀରଥେ ।
ହୁନ୍ତାଳି ହୁନ୍ତାଳି ସ୍ରୋତ ଗଣ୍ଡଗର୍ଭେ,
କଳ କଳ ନାଦେ ହୁଙ୍କାରେ ଭୈରବେ ।
ସେ ରୁଦ୍ର ଆବର୍ତ୍ତେ ନାବ ଯାଏ ବୁଡ଼ି,
ଭୟେ ପକ୍ଷୀ ଊର୍ଦ୍ଧ୍ୱେ ନ ପାରନ୍ତି ଉଡ଼ି ।
କରୁଥାନ୍ତି ବୃକ୍ଷେ ବସି ଆର୍ତ୍ତନାଦ,
ଗଣୁଥାନ୍ତି ମନେ ଭୀଷଣ ପ୍ରମାଦ ।
ତେତେ ତାଳପତ୍ର ସ୍ରୋତେ ଯାଏ ଭାସି,
କବି-କଳ୍ପନାରେ ଯଥା ଭାବରାଶି ।
ଖଣ୍ଡେ ଦୂରେ ରମ୍ୟ ଗ୍ରାମ ଅବସ୍ଥିତ,
ମୁକୁନ୍ଦ ପୁରାଖ୍ୟ ମୁକୁନ୍ଦ ସ୍ଥାପିତ ।
ସେ ଗ୍ରାମେ ଖଇରା ଜାତଙ୍କର ବାସ,
କରନ୍ତି ବାହାରି ଖଇର ନିର୍ଯାସ ।
ଶ୍ରୀ ମୁକୁନ୍ଦଭଞ୍ଜ ଶତ୍ରୁ ଭୀତି ବହି,
ରାଜ୍ୟ ଛାଡ଼ି ଆସି ଲୁଚିଥିଲେ ତହିଁ ।
ରାଜା ଅଦର୍ଶନେ ରାଣୀ ବହି ତ୍ରାସ,
ଦେଇଥିଲେ ଏହି ଗଣ୍ଡେ ଆସି ଝାସ ।
ସେ ଦିନୁ ବହିଛି ରାଣୀଗଣ୍ଡ ନାମ,
ସତୀ ସ୍ପର୍ଶ ପୂତ ମହାତୀର୍ଥ ଧାମ ।

ମଣିରତ୍ନମୟ ହର୍ମ୍ୟ ଯାଙ୍କ ବାସ,
ଦେଲେ ସେ ରାଣୀଏ ଗଣ୍ଡଗର୍ଭେ ଝାସ ।
କିସ ଅସମ୍ଭବ ବିଧାତା ସନ୍ତୋଷେ,
କିସ ବା ନ ଘଟେ ହାୟ ବିଧି ରୋଷେ ?
ନଦୀ ବେନି ତୀରେ ବନ ଭୟଙ୍କର,
ବସନ୍ତ-ବିଭବେ ସମୃଦ୍ଧ ସୁନ୍ଦର ।
ମାତୃ ମୂର୍ତ୍ତି ଛବି ବହିଣ ଆକୁଳ,
ହୋଇଅଛି ଉଭା କୋଳେ ଧରି ଫୁଲ ।
ଗୁଳ୍ମ ରାଣୀ ଅଗ୍ନିକୁମାରୀ ଶ୍ୟାମାଙ୍ଗୀ, ୧
ନର୍ତ୍ତକୀ ଠାଣିରେ ଠିଆ ଗ୍ରୀବା ଭାଙ୍ଗି ।
କାହିଁ ପାକଧୂଆ ବଧୂଲୀ ଅଧରେ,
ଖେଳାଇ ସୁହାସ ଦିଗ ଦୀପ୍ତ କରେ ।
କମ୍ପେ ଚଳଦଳ ହୋଇ ଥର ହର,
ଆକ୍ରମିଛି ତାକୁ ଯେସନ୍ତେ ମାଳଜ୍ୱର ।
ବନ ପଦପ୍ରାନ୍ତେ କରଚୁଲୀ ପଲ୍ଲୀ,
ଦୂରୁ ଦିଶେ ଋଷି-ପୁଣ୍ୟାଶ୍ରମ ଭଳି ।
କାନନ ଶ୍ଲୋକର କି ସେ ପାଦ-ଟୀକା,
ସୂକ୍ଷ୍ମ ପାଦେ ନମେ ଅଥବା ସାଧିକା ।
ବସେ ଶ୍ରମ ପାଦେ ଅବା ସଫଳତା,
ବର୍ଣ୍ଣି ପଦପ୍ରାନ୍ତେ କମ୍ପା ମାତ୍ରା ଯଥା ।
ଦୁଇ ଧାଡ଼ି ଗୃହ ମଧ୍ୟେ ପଥ ରେଖା,
ନଦୀ ତୀରେ ବନ୍ଧ ପ୍ରାୟ ଯାଏ ଦେଖା ।
କମ୍ପା ଶୋଭା-ରାଣୀ କେଶ-ବେଶ-ପ୍ରିୟା,
ଚୂର୍ଣ୍ଣ କେଶ ଭାଙ୍ଗି ରଚନ୍ତି ପାଣ୍ଡିଆ ।
ଖମ୍ବ ପରି ଉଭା ଦୂରେ ଖମ୍ଭେଶ୍ୱରୀ, ୨
ଖମ୍ଭେଶ୍ୱରୀ ଦେବୀ ଆସ୍ଥାନ ଶିଖରୀ ।
ତେଣେ ନବଦୁର୍ଗ ୩ ଏଣେ ଘୁମୁସର,
ମଧ୍ୟସ୍ଥଳେ ଦର୍ପେ ଉଭା ଗିରିବର ।

୧—ଅଗ୍ନିକୁମାରୀ—କୁଣ୍ଡପୋଡ଼ା ଗଛ । ୨—ଖମ୍ଭେଶ୍ୱରୀ ପର୍ବତରେ ଖମ୍ଭେଶ୍ୱରୀ ଦେବୀଙ୍କ ମନ୍ଦିର ଅଛି । ୩—ଖମ୍ଭେଶ୍ୱରୀ ପର୍ବତ ନୂଆଗଡ଼ ଏବଂ ଘୁମୁସରର ସୀମାସ୍ତମ୍ଭ ସ୍ୱରୂପ ।

http://oaob.nitrkl.ac.in

ବେନ ସୂର୍ଯ୍ୟର ସେ ତୁଙ୍ଗ ସୀମା ବନ୍ଧ,
ବନ୍ଧବଧୂ ସଙ୍ଗେ କ୍ରୀଡ଼େ ଯହିଁ ନନ୍ଦ ।
ବନ୍ଧା ଗୋ-କୁଆଁର ଅରଣ୍ୟ ଭିତରେ,
ଯାପନ୍ତି ଗୋଯୂଥେ ନିଶା ଉଜାଗରେ ।
ସେ କୁଆଁରେ ବ୍ୟାଘ୍ର ପାରେ ନାହିଁ ପଶି,
ଫେରିଯାଏ ଦୁଃଖେ ଛକ୍କ ବସି ବସି ।
ବୃତ୍ତାକାରେ ଠିଆ ହୋଇ ଗୋରୁଗଣ,
କରନ୍ତି ବିଫଳ ବ୍ୟାଘ୍ର ଆକ୍ରମଣ ।
ଶୃଙ୍ଗକୁନ୍ତ ଲକ୍ଷ୍ୟ କରି ବ୍ୟାଘ୍ର ଆଡ଼େ,
ଛିଡ଼ା ହୋଇଥାନ୍ତି ସଦର୍ପେ ଖୁଆଡ଼େ ।
ଭୟରେ ଶାର୍ଦ୍ଦୂଳ ହୋଇଣ ଅବଶ,
ଗୋଷ୍ଠେ ପଶିବାକୁ ନ କରେ ସାହସ ।
ଗୋବୃନ୍ଦ କେନ୍ଦ୍ରରେ ଶୋଇ ବଗୁଆଳ,
ନିର୍ଭୟେ ନିଶ୍ଚିନ୍ତେ ଯାପେ ରାତ୍ରିକାଳ ।

ଅରଣ୍ୟନିବାସୀ ପାଦପସରବେ,
ରତ ପରସ୍ପରେ ସମ୍ମାନ ଗୌରବେ ।
କେ ତାହାକୁ କରି ବନ୍ଧୁତ୍ୱେ ବରଣ,
କରିଅଛି ପ୍ରେମେ ଦୃଢ଼େ ଆଲିଙ୍ଗନ ।
କେହି ତାହା ପଦେ ଲୋଟି ଅବିରାମ,
କରୁଛି ସଭକ୍ତି ସାଷ୍ଟାଙ୍ଗ ପ୍ରଣାମ ।
କେ ତାହାକୁ ମଣି ଅପତ୍ୟ ସମାନ,
ଶିରେ କର ରଖି କରୁଛି କଲ୍ୟାଣ ।
ଚୁମ୍ବୁଅଛି କିଏ ତାହାର ମସ୍ତକ,
ସ୍ନେହ ଭାବେ ଯଥା ତନୟେ ଜନକ ।
ଶାଖା କର ଯୋଡ଼ି କେହି ବାରମ୍ବାର,
କରୁଛି ତାହାକୁ ପ୍ରୀତି-ନମସ୍କାର ।

ଟେକିଛି ବା କେହି ତାହା ଶିରେ ଛତା,
ନୃପମଣି ମସ୍ତକେ ଛତ୍ରଧର ଯଥା ।
କିଏ ତାହା ଦେହେ ପଡ଼ିଅଛି ଢଳି,
ଅତି ସୁଆଗରେ ଖେଳ ହେଲା ଭଳି ।
ସେବନ୍ତି ସେ ବନେ ଅସଂଖ୍ୟ ଖଗାଳି,
ବସିଛି କି ତହିଁ ପକ୍ଷୀ ଚାଟଶାଳୀ ।
ଶ୍ରେଣୀ ଅନୁସାରେ ବିହଙ୍ଗମ-ଚାଟ,
ଘୋଷୁଛନ୍ତି ସର୍ବେ ଭିନ୍ନ ଭିନ୍ନ ପାଠ ।
ଗାଉଅଛି କିଏ ଗୀତ ଭାଗବତ,
କିଏ ରାମାୟଣ କେ ମହାଭାରତ ।
ଘୋଷୁଅଛି କିଏ ଚାଣକ୍ୟର ବିଧି,
ଗାଉଛି କିଏ ସେ ପ୍ରେମ-ସୁଧାନିଧି ।
କେ ଲାବଣ୍ୟବତୀ ଗାଇ ମୋହେ ଚିତ୍ତ,
କିଏ ବା ଗାଉଛି ଅନ୍ୟ ଛାନ୍ଦ ଗୀତ ।
ଯୋଡ଼ି ଯମକର ମଧୁର ମୂର୍ଚ୍ଛନା,
ବିପଞ୍ଚୀ ଝଙ୍କାରେ ଦେଉଛି ଦୁର୍ଚ୍ଛନା ।
ଗୋମୂତ୍ର ଛନ୍ଦ କେ କରୁଛି ଆବୃତ୍ତି,
ଅନ୍ତର୍ଲିପିରେ କେ ହରେ ଶ୍ରୋତା ଧୃତି ।
ବ୍ୟାଘ୍ରଗତି ଛନ୍ଦ କେ କରେ ଗାୟନ,
ଗାଉଛି କେ ବସି ସିଂହାବଲୋକନ ।
କେହି ମେଷ ଯୁଦ୍ଧ ଗାଉଛି ସୁସ୍ୱରେ,
କାହାର ବା ସ୍ନେହ ଅବନା ଅକ୍ଷରେ ।
କେହି ଅନୁପ୍ରାସ ଗାଉଛି କୌତୁକେ,
ମୌନେ ବସି ଶ୍ରୋତା ଶୁଣୁଛି ଉତ୍ସୁକେ ।
କେହି ନିରୋଷ୍ଠକ କେହି ସରୋଷ୍ଠକ,
ଗାଉଛି ମଧୁରେ କେ "ରସପଞ୍ଚକ" । ୧
କେ ମାଳ ଯମକେ ବହାଏ ତ୍ରିବେଣୀ,
"ବୃନ୍ଦେ ରମ ରମ ରମକେତ୍ରୀ ଘେନ ।" ୨

୧—ରସପଞ୍ଚକ—ଉପେନ୍ଦ୍ରଭଞ୍ଜଙ୍କ କୃତ ଅବକାଷର୍ଥ କାବ୍ୟ । ୨—ବୈଦେହୀଶ-ବିଳାସର ମାଳଯମକ

http://oaob.nitrkl.ac.in

ପାଠସ୍ନେହୀ ଚାଟେ ହୋଇ ଆନନ୍ଦିତ,
ବିହଙ୍ଗ ଭାଷାରେ ଗାଉଛନ୍ତି ଗୀତ ।
ଅଧୋମୁଖେ ଝୁଲେ ଅଜିନ ପକ୍ଷକ, ୧
ପକ୍ଷୀ ବାଲଖିଲ୍ୟ କଠୋର ସାଧକ ।
ଯୋଗୀ ପ୍ରାୟ ସଦା ଫଳାହାର ବ୍ରତୀ,
ବିହଙ୍ଗ ସମାଜେ ନିଷ୍ଠାପର ଯତି ।
ନୁହନ୍ତି ସେ ଦ୍ୱିଜ, ପକ୍ଷୀ ମଧ୍ୟେ ଶୂଦ୍ର,
ଆଚାର ତାଙ୍କର ନୁହେ ନୀଚ କ୍ଷୁଦ୍ର ।
ବୃଥା ଦେହ ଭାରେ ନତ ତରୁଡାଳ,
ପକ୍ଷୀ ସମାଜେ ସେ ଅସ୍ପୃଶ୍ୟ ଚଣ୍ଡାଳ ।
ନ କରେ କେ ତାକୁ ସ୍ନେହ ବା ସମ୍ଭାଷ,
ନିର୍ଜନେ କରେ ସେ ଏକାକୀ ନିବାସ ।
ଅଖାଦ୍ୟ ଖାଦକ ପାପିଷ୍ଠ ଘୃଣିତ,
କୁକର୍ମେ ହୋଇଛି ସମାଜ-ବର୍ଜିତ ।

ବୁଗୁଡ଼ା ଗ୍ରାମର ଛବଳ ଦେଉଳ, ୨
ଚାରୁ କାରୁଶିଳ୍ପେ ଦିଶେ ସୁମଞ୍ଜୁଳ ।
ନିବସନ୍ତି ତହିଁ ଦେବ ଦିବାକର,
ସୁଗଠିତ ମୂର୍ତ୍ତି ଅତି ମନୋହର ।
ଦେଉଳ ଆକାରେ ହୋଇଛି ନିର୍ମିତ,
ଏକଚକ୍ରରଥ ସପ୍ତାଶ୍ୱ ଯୋଜିତ ।
ଦେଖି ସେ ରଥର ସୂକ୍ଷ୍ମ ଶିଳ୍ପକଳା,
ଦେବଶିଳ୍ପୀ ମୁଖେ ଲଜ୍ଜେ ହେବ କଳା ।
ଆପାଦମସ୍ତକ କାଷ୍ଠରେ ନିର୍ମିତ,
ବହିର୍ଭାଗ ତାମ୍ରଫଳକେ ପିହିତ ।
ଛବି ଗାତ୍ରେ ସ୍ଥିତ ଚିତ୍ର ଅଗଣିତ,
ସୂକ୍ଷ୍ମ ସୂଚି ମୁନେ ଯେସନେ ଖୋଦିତ ।
ପୂର୍ଣ୍ଣ ସେ ଅଦ୍ଭୁତ କଳା-କଉଶଳେ,
ଦ୍ୱିତୀୟ କୋଣାର୍କ ଉତ୍କଳ-ମଣ୍ଡଳେ ।
ବହୁ କାଳର ସେ ଶିଳ୍ପ ସୁସମୃଦ୍ଧ;
ଉତ୍କଳ ଶିଳ୍ପୀର ପ୍ରତିଭା-ସମ୍ଭୂତ ।

କୀର୍ତ୍ତିଗ୍ରାସ ପଡ଼ୁ କାଳର ଅଗୁଆଁ,
ଯେତେ ଦେଖିଲେ ବି ଦିଶେ ଯେସନେ ନୂଆ ।
ତ୍ରେତା ଦ୍ୱାପରର ଘଟଣାସମୂହ,
ଏକାଧାରେ ତହିଁ ବାନ୍ଧିଛନ୍ତି ବ୍ୟୂହ ।
ବହୁମୁଖଧାରୀ ବହୁ ମହାକବି,
ନ ପାରିବେ ବର୍ଣ୍ଣି ଯୁଗାନ୍ତେ ସେ ଛବି ।
ବର୍ଣ୍ଣନାକୁ ବଳେ ସେ ଚିତ୍ର କୁହୁକ,
ସ୍ୱୟଂ ବାକ୍ୟଦେବୀ ଦେଖି ହେବେ ମୂକ ।
ଫୁଟାଇଛି ଆହା ଶିଳ୍ପୀ କି ହୁନରେ,
କବି-କଳ୍ପନାକୁ ନୀରସ କାଷ୍ଠରେ ।
ସେ ଏକା ଭାବୁକ ସେହି ଏକା କବି,
ଭାଷା କବିତାର ଛାୟା ପ୍ରତିଛବି ।
କରିଛି ସେ ଯେଉଁ ସୌନ୍ଦର୍ଯ୍ୟ ସର୍ଜନା,
ସଞ୍ଚିତ ତହିଁ ଅମର କଳ୍ପନା ।
କେଉଁ କାଳୁ ଶିଳ୍ପ ରହିଛି ଜୀବିତ,
ଭାଷେ ମଧୁ ଭାଷା ଗାଏ ମଧୁ ଗୀତ ।
ଥିଲେ ମାତ୍ର ଶିଳ୍ପୀ ହୋଇ ନାହିଁ ବଣା,
ଚାଲିଛି ଅବାଧେ ସ୍ୱାଧୀନ କଳ୍ପନା ।
ସୃଜିଛି ସେ ଯେଉଁ ଦୃଶ୍ୟ ହିମାଳୟ,
କାଳେ କାଳେ ନାହିଁ ତାହାର ବିଳୟ ।
ଧନ୍ୟ ସେହି ଶିଳ୍ପୀ ଶିଳ୍ପି-କୁଳ-ଈଶ,
ବିଶ୍ୱକର୍ମାର ସେ ପ୍ରିୟତମ ଶିଷ୍ୟ ।
ନିର୍ଦ୍ଦୋଷ ତାହାର ଆଦର୍ଶ ତୂଳିକା,
ଅଙ୍କିଛି ଅପୂର୍ବ ଶିଳ୍ପକଳା-ଟୀକା,
ନିଜ କଳ୍ପନାକୁ ଭାଷା, ରୂପ, ପ୍ରାଣ,
ବିଚକ୍ଷଣ ଶିଳ୍ପୀ କରିଛି ପ୍ରଦାନ ।
ନୁହେଁ ପର୍ବ ଶିଳ୍ପୀ—ଇନ୍ଦ୍ରଜାଲିକ ସେ,
ଉଜ୍ଜ୍ୱଳ ତା ଶିଳ୍ପ ତାହାର ସୁଯଶେ ।
କାଷ୍ଠନିର୍ମିତ ସେ ରଥ ନୁହେଁ ଆହା,
ପ୍ରକାଣ୍ଡ ଜଳନ୍ତ ଚିତ୍ରକାବ୍ୟ ତାହା ।
ରଥଚୂଡ଼ା ସ୍ଥିତ ସୁବର୍ଣ୍ଣ କଳସେ,
ଦେଖନ୍ତି ଶ୍ରୀମୁଖ ତ୍ରିଦିବୁଁ ତ୍ରିଦଶେ ।



୧—ବାହୁଡ଼ । ୨—ସୂର୍ଯ୍ୟମନ୍ଦିର

http://oaob.nitrkl.ac.in

ଭିତ୍ତି ଗାତ୍ରେ ଅଙ୍କା ବହୁବିଧ ଛବି,
ଦେଖି ଭକ୍ତି ରସେ ଚିତ୍ତ ଯାଏ ଦ୍ରବି ।
ଲଗିଛି ପଶ୍ଚାତେ ମହା ଲକ୍ଷ୍ମୀବନ୍ଦା,
ଯାହିଁ ବା ଅଙ୍କିତ ଦଶ ମହାବିଦ୍ୟା ।
ଶ୍ରୀକ୍ଷେତ୍ର ଦେବତା ସର୍ବେ କୁଣ୍ଡ ତହିଁ,
ଶ୍ରୀକ୍ଷେତ୍ର ଉପମା ଅଛି ତେଣୁ ବହି ।
ଦ୍ୱାରକା ଧାମର ଚିତ୍ର ତହିଁ ଅଙ୍କା,
ରଥ କୁହେଁ ତାହା ଦ୍ୱିତୀୟ ଦ୍ୱାରକା ।
ବହେ ସେତୁବନ୍ଧ ଛବି ଅନୁପମ,
ତେଣୁ ଦିଶେ ତାହା ରାମେଶ୍ୱର ସମ ।
ନର-ନାରାୟଣ ତହିଁ ବିଦ୍ୟମାନ,
ତହୁଁ ପୁଣ୍ୟଧାମ ବଦ୍ରିକା ସମାନ ।
ସର୍ବ ତୀର୍ଥ ଧାମ ତହିଁ ଏକତ୍ରିତ,
ଭାରତ ସହିତ ତେଣୁ ଉପମିତ ।
ବହିଅଛି ଚାରି ଯୁଗର ଆଭାସ,
ତେଣୁ ସେ ବିରାଟ ବିଶ୍ୱ-ଇତିହାସ ।
ବହେ ଦେବ, ନାଗ, ମାନବର ଛବି,
ରଚିଛି ତ୍ରିପୁର ପରି ଚିତ୍ର କବି ।
ଚିତ୍ର ପ୍ରତିମାର ହାବଭାବ ଠାଣି,
ଫୁଟାଇଛି ଦକ୍ଷ ହସ୍ତରେ ବଖାଣି ।
ଦେଇ ପାରି ନାହିଁ କେବଳ ଜୀବନ,
ତଥାପି ଦିଶନ୍ତି ଜୀବିତ ଯେସନ ।
କାହିଁ ରାସଲୀଳା କାହିଁ ରାମାୟଣ,
କାହିଁ ବା ଭାରତ ଗ୍ରନ୍ଥ ବିବରଣ ।
କାହିଁ କେତେ ଚିତ୍ର ହୋଇଛି ଅଙ୍କିତ,
ସତ୍ୟ ଲେଖା ପ୍ରାୟ ହୁଏ ସେ ପ୍ରତୀତ ।
କାହିଁ ବା ଅଙ୍କିତ ରାମ ରାବଣର,
ମହାସମାରୋହେ ଭୀଷଣ ସମର ।
ଯାମ୍ୟେ ନବଗ୍ରହ ମୂର୍ତ୍ତି, ଯାମ୍ୟେତରେ—
ଦଶ ମହାବିଦ୍ୟା ଅଙ୍କିତ କାନ୍ଥରେ ।

ପୂର୍ବେ ଭାଗବତ ବିବରଣାବଳୀ,
ପଶ୍ଚିମେ ରାଜନ୍ତି ସପ୍ତର୍ଷି ମଣ୍ଡଳୀ ।
ଚାରି ଦ୍ୱାରପାଳ ଉଭା ଚତୁପାଶେ,
ଆନନ୍ଦ ଉଚ୍ଛୁଳ ମଧୁ ମନ୍ଦ ହାସେ ।
ପୂର୍ବେ ବିଶ୍ୱମୂର୍ତ୍ତି ନାଟ୍ୟସାୟ ଦକ୍ଷେ, ୧
ବିରାଜେ ଭୈରବ ଦକ୍ଷେତର ବକ୍ଷେ ।
ପଶ୍ଚିମରେ ଦଣ୍ଡପିଙ୍ଗଳ ଆସ୍ଥାନ,
ନାହିଁ ବଡ଼ ସାନ ଚାରିହେଁ ସମାନ ।
କୃଷ୍ଣ ଜନ୍ମଲୀଳା ଆଦ୍ୟ ଶେଷ ଯାଏ,
ପଣସ ଦେହରେ ଅଙ୍କା ଠାଏଁ ଠାଏଁ । ୨
ରୁଅ ବତାମାନ ସୌନ୍ଦର୍ଯ୍ୟେ ଅତୁଳ,
ଫୁଟିଛି ତହିଁରେ ବହୁ ପଦ୍ମଫୁଲ ।
ଲାଳିତ୍ୟ ସୌରଭ ନାହିଁ ତହିଁ ଏକା,
ମାତ୍ର ନୈସର୍ଗିକ ପ୍ରାୟ ଯାଏ ଦେଖା ।
ସେ ପୁଷ୍ପ ହାସ୍ୟରୁ ପଡ଼େ ଯେସନ୍ତେ ଝଡ଼ି,
ମଣି ମୁକ୍ତା ହୀର ରତ୍ନ ହରସଡ଼ି ।

ତନୁ ଢାଙ୍କି ଛାୟା ସୁବର୍ଣ୍ଣ ଦୁକୂଳେ, ୩
ବସିଛନ୍ତି ସତୀ ପତି-ପାଦମୂଳେ ।
ଆହା କି ସୁଷମା ମନନେତ୍ର-ଲୋଭା,
ଶୌର୍ଯ୍ୟ-ପାଦତଳେ ବସିଛି କି ଶୋଭା !
କାମ୍ୟ ଯଥା ଭାବ ପଦପ୍ରାନ୍ତେ ଭାଷା,
ଅଥବା ସାଫଲ୍ୟ ପାଦତଳେ ଆଶା ।
ନତୁବା ଏସନ ପ୍ରତେ ହୁଏ ସିନା,
ବହ୍ନି ପାଦତଳେ ସ୍ୱାହା କି ଆସୀନା !
ବାମେ ବାଲଖିଲ୍ୟ ଦକ୍ଷିଣେ ତୁମ୍ବରୁ,
ଗନ୍ଧର୍ବକୁଳର ଚତୁସ୍ପର୍ଧ୍ୟ ଗୁରୁ ।
ଅଙ୍କିତ ଖୋଦିତ ସୁଚିତ୍ରନିକର,
ଧର୍ମଭାବମୟ ପବିତ୍ର ସୁନ୍ଦର ।

୧—ବିଶ୍ୱମୂର୍ତ୍ତି, ନାଟ୍ୟସାୟ, ଭୈରବ, ଦଣ୍ଡପିଙ୍ଗଳ ଗୃହଦ୍ୱାରପାଳଙ୍କର ନାମ । ୨—କଦଳୀଭିଣ୍ଡା ଅବୃଢର ବାସ୍ତୁଖଣ୍ଡ । ୩—ଛାୟା—ସୂର୍ଯ୍ୟପତ୍ନୀ

http://oaob.nitrkl.ac.in

ନାହିଁ କେଉଁଠାରେ ଅଶ୍ଳୀଳତା ଲେଶ,
ଭକ୍ତି ଆକର୍ଷକ ସର୍ବରୂପ ବେଶ ।
ସୁବିଶାଳ ସ୍ତମ୍ଭେ ବରିଷ୍ଠ ଆଗରେ, ୧
ଆସୀନ ଅରୁଣ ଧ୍ୟାନେ ଯୁକ୍ତ କରେ ।
ବିଷ୍ଣୁଙ୍କ ସ୍ଥାନରେ ଗରୁଡ଼ ଯେସନ,
କ୍ଷମ୍ବା ସ୍ୱମ ଆଗେ ପବନ-ନନ୍ଦନ ।
ପ୍ରକାଣ୍ଡ ସେ ଖମ୍ବ ଶତ୍ରବିବର୍ଜିତ,
ଖଣ୍ଡିଏ ପ୍ରସ୍ତରେ ହୋଇଛି ନିର୍ମିତ ।
ଉତ୍ତର ପାରୁଶେ ସ୍ୱଳେ ବାପିଘର
ବାପି ନୁହେଁ ତାହା—କ୍ଷୁଦ୍ର ସରୋବର ।
ବାପି ତଳଯାଏଁ ଲାଗିଛି ପାହାଚ,
ପାଳିତ ତହିଁରେ ନାନା ଜାତି ମାଛ ।
ସନ୍ତରନ୍ତି ହର୍ଷେ ଦେବ-ଭୋଗ ଖାଇ,
ଛୁଇଁଲେ ବି ତାଙ୍କୁ ନ ଯାନ୍ତି ପଳାଇ ।
ଭୟ ତାଙ୍କ ମନେ ପାଏ ନାହିଁ ଠାବ,
ବିସ୍ମୃତ ସକଳେ ମାନବ-ପ୍ରଭାବ ।
ବାପି ଊର୍ଦ୍ଧ୍ୱଭାଗେ ବନ୍ଧା ଛାମୁଣ୍ଡିଆ,
ଲତା ଗହଳରେ ଦିଶେ ବାହାରିଆ ।
ଫୁଟିଅଛି ତହିଁ ନାନାବର୍ଣ୍ଣ ଫୁଲ,
ରୂପ କୁମାରୀଏ ୨ ହୋଇଛନ୍ତି ଠୁଳ ।
କରନ୍ତି ସେ ଶୋଭା ମୀନେ ଉପଭୋଗ,
ଶୋଭା-ଲକ୍ଷ୍ମୀ ଭାଗ୍ୟେ ଆହା କି ଦୁର୍ଯୋଗ !
ପର୍ଯ୍ୟୁଷିତ ଫୁଲ ହେ ମଞ୍ଚାରୁ ଝଡ଼ି,
ବାପି ଜଳେ ପଡ଼ି ଯାଉଅଛି ସଡ଼ି ।
ଅଗ୍ରାହକ ଯୋଗ୍ୟେ ହାୟରେ ଏସନ,
ଗୁଣୀର ପ୍ରତିଭା ହୁଏ ଅକାରଣ ।
ଶିଶିର ଶୋକାଶ୍ରୁ ନୟନରେ ଭରି
ମନଦୁଃଖେ ଫୁଲେ ପଡ଼ୁଛନ୍ତି ଝରି ।
କେ ବୁଝିବ ତାଙ୍କ ଦଗ୍ଧ-ହୃଦ-ବ୍ୟଥା,
ମନଦୁଃଖ ମନେ ମରୁଛି ସର୍ବଥା ।

ପୁଷ୍ପିତ ତରୁଏ ଅଛନ୍ତି ଉଭାରି,
ସୁଖଦୁଃଖ କେହି ନ ବୁଝେ କାହାରି ।
ମନୁଷ୍ୟଙ୍କ ପରି ସର୍ବେ ସ୍ୱାର୍ଥ ଦାସ,
ସ୍ୱାର୍ଥ ସମସ୍ତଙ୍କୁ କରିଅଛି ଗ୍ରାସ ।
ହୋଇଛନ୍ତି ସର୍ବେ ସ୍ୱାର୍ଥରେ ତନ୍ମୟ,
କି ବୃଦ୍ଧ ସଙ୍ଗୀତେ ବିମୁଗ୍ଧ ହୃଦୟ ।
ସୁଖ ବୋଲି ଯାକୁ ମଣେ ଭ୍ରାନ୍ତ ଲୋକ,
ସୁଖ ନୁହେଁ ତାହା—ସୁଖ-ସ୍ୱପ୍ନାଲୋକ ।
ପ୍ରଳୟ ବିଷାଣ ବାଜେ ରୁଦ୍ର ନାଦେ,
ମଙ୍ଗଳ ବାଜଣା ମଣେ ତାକୁ ହ୍ଲାଦେ ।
ଅଗ୍ନିଚକ୍ର ରଥେ ଧାଇଁ ଆସେ ମୃତ୍ୟୁ,
ମଣନ୍ତି ତାହାକୁ ଲୋକେ ମଧୁଋତୁ ।
ଶେଷ ରଶ୍ମିରେଖା ତେଜି ଏ ପୃଥିବୀ,
ଗୋଧୂଳି କୋଳରେ ଯାଏ ଯଥା ଲିଭି ।
କ୍ଷୀଣ ପ୍ରାଣ ଶିଖା ଲିଭିଯିବ ତଥା,
ମୃତ୍ୟୁ-ସିନ୍ଧୁ କୋଳେ, ନ ହେବ ଅନ୍ୟଥା ।

ବରିଷ୍ଠ ମନ୍ଦିର ସମ୍ମୁଖେ ରୁଚିର,
ଶ୍ରୀ ଜଗନ୍ନାଥଙ୍କ ଛବିଳ ମନ୍ଦିର ।
ଅଛନ୍ତି ବରିଷ୍ଠ ଜଗନ୍ନାଥେ ଚାହିଁ,
ଜଗନ୍ନାଥ ଛନ୍ତି ତାହାଙ୍କୁ ଅନାଇଁ ।
ନେତ୍ରେ ନେତ୍ରେ ନିତି ହୁଏ ତାହାଙ୍କର,
ଭାବ ବିନିମୟ ଦେବ ହୃଦୟର ।
ବେନି ଦେବତାଙ୍କ ପବିତ୍ର ଆରତି,
ଦେଖନ୍ତି ବେନିଏ ଆଗ୍ରହରେ ଅତି ।

ମଠ ଇତିହାସ ଗାଏ ଜନରବ,
କେତେ ବା ସମ୍ଭବ କେତେ ଅସମ୍ଭବ ।

୧—ପ୍ରସ୍ତରନିର୍ମିତ ଅରୁଣ ସ୍ତମ୍ଭର ଉଚ୍ଚତା ୧୬ ଫୁଟ ଏବଂ ପରିଧି ୬ ଫୁଟ । ୨—ଶୋଭା

http://oaob.nitrkl.ac.in

ମାଳତୀ ପବତେ ଗୋପ ଶିଶୁଗଣ,
ଡ଼ାବୁଲ ✻ ଖେଳରେ ବଳାଇଲେ ମନ ।
ଗର୍ତ୍ତ ଖୋଳୁ ଖୋଳୁ ବାହାରିଲା ଚକ,
ବର୍ଣ୍ଣେ ତହିଁ ରକ୍ତ ଯଥା ଅଳକ୍ତକ ।
ଦେଖିଣ ବାଳକେ ଅଦ୍ଭୁତ ବ୍ୟାପାର,
ଯାଇ ଗ୍ରାମ ମଧ୍ୟେ କଲେ ତା ପ୍ରଚାର ।
ଚଢ଼ି ସେ ବାରତା ନରତୁଣ୍ଡ ଯାନେ,
ପ୍ରବେଶିଲା ଯାଇ ଶେଷେ ରାଜକାନେ ।
ସେ କାଳର ରାଜା ଶ୍ରୀ ଶ୍ରୀକରଭଞ୍ଜ,
ଭଞ୍ଜବଂଶ ସରେ ସୁମଞ୍ଜୁଳ କଞ୍ଜ ।
ଖୋଳା ହୋଇ ଗିରି ତାହାଙ୍କ ଆଦେଶେ,
ବାହାରିଲା ସୂର୍ଯ୍ୟମୂର୍ତ୍ତି ଅବଶେଷେ ।
ଲକ୍ଷ ମୁଦ୍ରା ବ୍ୟୟେ ଏ ରଥ ନିର୍ମାଣି,
ସଂସ୍ଥାପିଲେ ତହିଁ ସେ ମୂର୍ତ୍ତିକୁ ଆଣି ।
ଦହିଲେ ଦରଶିନାରାୟଣ ନାମ,
ସେ ଦିନୁଁ ଏ ମଠ ହେଲା ପୁଣ୍ୟଧାମ ।
ପୂର୍ବେ ରଘୁନାଥ ଥିଲେ ସେ ସ୍ଥାନରେ,
ବଂଶାଦି ପୁରୁଷ ମିଳିଲେ ତତ୍ପରେ ।
ସେ କାଳୁ ଅବଧି ସେ ବେନି ଦେବତା,
ଅଛନ୍ତି ଏକତ୍ରେ ପ୍ରକାଶି ମମତା ।

ସ୍ୱର୍ଗର୍ଷି ଶ୍ରୀକରଭଞ୍ଜ ମହାମଣ୍ଡ,
ଭଞ୍ଜରାଜା ମଧ୍ୟେ ଆଦର୍ଶ ନୃମଣ୍ଡ ।
ଅଦ୍ଭୁତ ସ୍ୱତନ୍ତ୍ର ତାଙ୍କ ରାଜବିଧି,
ନିଜକୁ ମଣନ୍ତି ପ୍ରଜା-ପ୍ରତିନିଧି ।
ନିଜ ବିଧାନରେ ନିଜକୁ ଶାସନ
କରି କରୁଥିଲେ ପ୍ରକୃତ ପାଳନ ।
ଦେହେ ରାଜା, ମାତ୍ର ବ୍ୟବହାରେ ଯୋଗୀ,
ସଂଯମେ ବିଳାସୀ ତ୍ୟାଗେ ମହାଭୋଗୀ ।
ମୃତ୍ତିକା ରାଜ୍ୟରେ ସିନା ରାଜପଣ,
କରୁଥିଲେ ସେହି ସୁଜ୍ଞାନୀ ସଜ୍ଜନ ।

ମାତ୍ର ତାଙ୍କ ହୃଦ-ରାଜ୍ୟେ ଶୁଭାଚାରୀ—
ସତ୍ୟ ଧର୍ମ ଥିଲେ ରାଜତ୍ୱ ବିସ୍ତାରି ।
ରାଜମୁକୁଟେ ସେ ନୃପ ଗଣାଧାର,
ମଣୁଥିଲେ ପ୍ରଜାଦତ୍ତ ପୁରସ୍କାର ।
ରତ୍ନୋଜ୍ଜ୍ୱଳ ରାଜକୋଷେ ସେ ଭୂପତି,
ମଣନ୍ତି ପ୍ରଜାଙ୍କ ରକ୍ଷିତ ସମ୍ପତ୍ତି ।
ଜ୍ଞାନ ପ୍ରଜ୍ଞା ତାଙ୍କ ଥିଲା ଅନ୍ତର୍ମୁଖୀ,
ପ୍ରଜା ସୁଖେଦୁଃଖେ ଥିଲେ ସୁଖୀଦୁଃଖୀ ।
ଜୀବନ ତାଙ୍କର ନୁହେଁ ବ୍ୟକ୍ତିଗତ,
ପ୍ରକୃତ କଲ୍ୟାଣେ ଥିଲା ସେ ନିରତ ।
ନ୍ୟାୟ ପ୍ରେମ ସଙ୍ଗେ ରଚନ୍ତି ସେ କ୍ରୀଡ଼ା,
ନ ଜାଣନ୍ତି ତାଙ୍କ ପ୍ରଜା ରାଜପୀଡ଼ା ।
ନ ଥିଲା ଶୋଷଣ ନୀତି ତାହାଙ୍କର,
ପୋଷଣ କେବଳ ଥିଲା ପ୍ରିୟକର ।
ପ୍ରତିଦାନ ପାଇଁ ଗ୍ରହୁଥିଲେ କର,
ପ୍ରଜାପିତା ଆଖ୍ୟା ସାର୍ଥକ ତାଙ୍କର ।
ଆଦର୍ଶ ତାଙ୍କର ଥିଲା ରାଜଗୁଣ,
ଦେଉଥିଲେ ଗୁଣେ ନେଇ ବହୁଗୁଣ ।
ଘୋଷୁଥିଲେ ପ୍ରଜା ରାଜ-ଉଦାରତା,
ନର ନୁହନ୍ତି ସେ ସ୍ୱର୍ଗର ଦେବତା ।
ଭୁଞ୍ଜୁଥିଲେ ପ୍ରଜା ସେ ରାଜାଙ୍କ ପାଇଁ,
ରାମ-ରାଜ୍ୟ ପ୍ରଜା ସୌଭାଗ୍ୟ ବଳାଇ ।
ନ ଥିଲା ତାଙ୍କର ରାଜ-ଅଭିମାନ,
ରାଜନ୍ୟ-ସୁଲଭ ଗର୍ବାରୁ ଗୁମାନ ।
ନ ଥିଲା ତାଙ୍କର ଧର୍ମେ ଅବସାଦ,
ଅଧର୍ମ ପଥରେ ନ ପକାନ୍ତି ପାଦ ।
ବହୁ ପୁଷ୍କରିଣୀ ବହୁ ଦେବାଳୟ,
ଗାଉଛି ତାଙ୍କର କୀର୍ତ୍ତି ଅନାମୟ ।
ମଣୁଥିଲେ ନାହିଁ ନିଜକୁ ସେ ରାଜା,
ପ୍ରଜା ସଙ୍ଗେ ମିଶି ହୋଇଥିଲେ ପ୍ରଜା ।
ଧନ ଯଉବନ ପଦ ଆଧିପତ୍ୟ,
ଗଣୁଥିଲେ ସର୍ବେ ନିପଟେ ଅସତ୍ୟ ।

✻ ପିଲଚାଠି ଖେଳ ବା ଡାହୁ ଖେଳ ।

http://oaob.nitrkl.ac.in

ସୁପାଳନେ ରାଜ୍ୟେ ନ ଥିଲେ ଭିକାରୀ,
ତଥା ସୁଶାସନେ ଦସ୍ୟୁ ଦୁଷ୍ଟାଚାରୀ ।
ଦୁଃଖୀ ନେତ୍ରୁଁ ତପ୍ତ ଲୋତକ ନିଃଶେଷେ,
ପୋଛି ଦେଉଥିଲେ କରୁଣ ଦାନରେ ସେ ।
ଦେଉଥିଲେ ଗୁଣିଜନେ ପୁରସ୍କାର,
ଶିଷ୍ଟେ ସମାଦର ସ୍ନେହ ବ୍ୟବହାର ।
ଅକ୍ଷମ ଦୁର୍ବଳ ରକ୍ଷା ମାନସରେ,
ଧରିଥିଲେ ନୃପ ରାଜଦଣ୍ଡ କରେ ।
ଦକ୍ଷିଣ ହସ୍ତର ଦାନ ତାହାଙ୍କର,
ପାରୁଥିଲା ନାହିଁ ଜାଣି ଦକ୍ଷେତର ।
ବାସ୍ତବରେ ରାଜା ପ୍ରଜାର ସେବକ,
କରିଥିଲେ ସେଏ ଏ ସୂକ୍ତି ସାର୍ଥକ ।
ସାଧାରଣ ତାଙ୍କୁ ଜାଣନ୍ତି ଅମିର,
ମାତ୍ର ସେ ମଣନ୍ତି ନିଜକୁ ଫକୀର ।

## ଚତୁର୍ଥ ସର୍ଗ

ସ୍ୱାଗତ ଉପେନ୍ଦ୍ରଭଞ୍ଜ ମହାକବି,
ବାଣୀ ତପ-କୁଞ୍ଜ ପିକ, କବି-ରବି ।
ଆସିଅଛି ମୁହିଁ ବହୁ ଦୂରୁ ଧାଇଁ,
ତୁମ୍ଭ ଜନ୍ମତୀର୍ଥ ସନ୍ଦର୍ଶନ ପାଇଁ ।
ସେ ଦୃଶ୍ୟ ଦେଖିବା ଭଳି ଦିବ୍ୟ ଆଖି—
ନାହିଁ ମୋର, ତେଣୁ ମୋ ଆଶା ନିରାଶି ।
ସାରସ୍ୱତ ନେତ୍ର ଯୋଗେ ସିନା ଜନ,
ସାରସ୍ୱତ ଦୃଶ୍ୟ ଦର୍ଶନେ ଭାଜନ ।
ଦିବ୍ୟ ଚକ୍ଷୁ ଦାନେ ପୂରାଅ କାମନା,
ଶ୍ରୀଚରଣେ ତବ ଏତିକି ପ୍ରାର୍ଥନା ।
ତୁମ୍ଭର ଅଭୂତ ପ୍ରଭାବେ ମୋ ଚିତ୍ତ,
ହୋଇଉଠୁ ଦେବ କ୍ଷଣେ ପ୍ରଭାବିତ ।
ଉପତ୍ୟକା "ଟଖାଲ-ପାଣ୍ଡେରୀ" ଦର୍ଶନେ,
ଧାବିତ ମୁଁ ଆଜି ମହା ହୃଷ୍ଟ ମନ ।
କର ଆଶୀର୍ବାଦ ପୂରୁ ମୋର ଆଶା,
ଦୃଶ୍ୟାମୃତ ପାନେ ମେଣ୍ଟୁ ମୋ ପିପାସା ।
ମହାଜନ କୃପା ସିନା ସମରଥ,
କରିବାକୁ ପୂର୍ଣ୍ଣ ଦୀନ ମନୋରଥ ।
ଶକ୍ତି ଦାନେ କର ଦୌର୍ବଲ୍ୟ ସଂହାର,
ଘେନ ଭକ୍ତିପୂତ କୋଟି ନମସ୍କାର ।
ହୁଅ ଆବିର୍ଭୂତ ହୃଦ-ସିଂହାସନେ,
ଧନ୍ୟ ହେଉ ପଥ କୁସୁମ ସ୍ପର୍ଶନେ ।
ଗଙ୍ଗା ସ୍ପର୍ଶେ ପୂତ ହେଉ କର୍ମନାଶା,
ଦୃଶ୍ୟ ବର୍ଣ୍ଣନାର ଦିଅ ଯୋଗ୍ୟ ଭାଷା ।

ଆବାଲ୍ୟ ମୁଁ ତୁମ୍ଭ ପାଦେ ଜାଣ ଭକ୍ତ,
ସଦା ତୁମ୍ଭ କାବ୍ୟ-ସୁଧା ଅନୁରକ୍ତ ।
ତୁମ୍ଭ କଣ୍ଠେ ଯଥା ବସନ୍ତି ଭାରତୀ,
ବସ ତଥା ମୋର ହୃଦେ ମହାମତି !
ଶୁଷ୍କ ହୃଦ ଉଠୁ ପଲ୍ଲବି ହରଷେ,
ଜୀର୍ଣ୍ଣ ତରୁ ଯଥା ବସନ୍ତ ପରଶେ !
ଭକ୍ତି ଶତଦଳ ପାଖୁଡ଼ା ବିଛାଇ,
ହୃଦ-ସିଂହାସନ ରଖିଛି ସଜାଇ ।
ବିଜେ କର ତହିଁ ହେ କବି-ସମ୍ରାଟ,
ଗୁରୁ ହୋଇ ମୋତେ ସନ୍ଥ ଦିଅ ପାଠ !

ନିବିଡ଼ ଅରଣ୍ୟ ଅହୋ କି ଭୀଷଣ,
ଭୀଷଣ ଯେସନ ବିଚିତ୍ର ତେସନ ।
ଅମରାବତୀର ସୁଷମାର ଟିକା,
ପୁଣି ଯମପୁରୀ ମହାବିଭୀଷିକା ।
ସମାବେଶ କିବା ତହିଁ ଏକାଧାରେ,
ପୂରି ଉଠେ ଚିତ୍ତ ଆନନ୍ଦେ ଶଙ୍କାରେ ।
ସୁବିସ୍ତୀର୍ଣ୍ଣ ଶାଳବଂଶ ଅରଣ୍ୟାନୀ,
ଶ୍ୱାପଦ ରାଜ୍ୟର କି ସେ ରାଜଧାନୀ ।
ନିମ୍ନେ ଜନ୍ତୁରାଜ୍ୟ ଊର୍ଦ୍ଧ୍ୱେ ପକ୍ଷିରାଜ୍ୟ,
ଦେନଙ୍କ ରାଜିରେ ହୋଇଛନ୍ତି ବିଭାଜ୍ୟ ।
ଛନ୍ଦି ହୋଇଅଛି ପାଦପ ନିକର,
ପଶେ ନାହିଁ ତହିଁ ଉଷ୍ମେ ରବି-କର ।

http://oaob.nitrkl.ac.in

ପ୍ରତିଘାତ ପାଇ ଫେରି ଆସେ ଶବ୍ଦ,
ଶ୍ମଶାନ ପ୍ରାୟ ସେ ନିସ୍ପୃଷ୍ଠ ନିସ୍ତବ୍ଧ ।
ବିଜନତା ଦେବୀ ଭୈରବ ରୂପିଣୀ,
ଗାଉଛନ୍ତି ନୀରବେ ବଜାଇ କଙ୍କିଣୀ ।
ଲତା କେଶ ମେଲି ନୀରନ୍ଧ୍ର ଅଟବି,
ଦିଶେ ଯଥା ମୁକ୍ତ-କୁନ୍ତଳା ଭୈରବୀ ।
କେଜାଣି କାହିଁକି ହୋଇ କ୍ରୋଧାସକ୍ତ,
ଅଲକ୍ଷ୍ୟ ଶରୀରୁ ଶୋଷିନିଏ ରକ୍ତ ।
କଣ୍ଟକ ନଖସ୍ତ କୀଲକ ଦଶନା,
ବିଲୋଳ ପାଟଳ ପଲ୍ଲବ ରସନା ।
ସେ ବିକଟ ମୂର୍ତ୍ତି ଦେଖି ପ୍ରତେ ହୁଏ,
ଅଦ୍ଭୁତ ରାଜ୍ୟର ଅଦ୍ଭୁତ ଜନ୍ତୁଏ ।
ପବନ ତାହାର ଖର ଶ୍ୱାସ ପରି,
ନିଜ ପ୍ରଶ୍ୱାସରେ ନିଜେ ଉଠେ ଥରି ।
ଅନ୍ଧାରେ ଗଠିତ ତନୁ ଭୟଙ୍କର,
ସାନ ଭଉଣୀ ସେ ମୃତ୍ୟୁ ଦାନବର ।
ବିଭୀଷିକା ତାର ହୁଏ ନାହିଁ କହି,
ଭୟ ସୁଦ୍ଧା ଭୟେ କାନ୍ଦି ଉଠେ ତହିଁ ।
କିମ୍ବା ସେ ଉଲଗ୍ନା ମହା କାଳୀମୂର୍ତ୍ତି,
ଦୃଷ୍ଟି ମାତ୍ରେ ହୃଦୁ ହରିନିଏ ଧୃତି ।
ଏ ବନରେ ପଶି ଭଞ୍ଜ ମହାଦେବ,
ସ୍ୱେଚ୍ଛାଭ୍ୟାସରେ ଅଙ୍କିଛନ୍ତି ଛବି ।
"ବେନି ମହାରଣ୍ୟ ସଭ୍ୟତାରେ ହୀନ,
ଭୀଷଣ ପଶୁରେ ସଭ୍ୟତାରେ ପୂର୍ଣ୍ଣ ।
ବାଘି ଗମ୍ୟ ନୋହେ ସର୍ବ ସମୟରେ,
ବାଘସିଂହ କ୍ରୀଡ଼େ ବିଗତ ଭୟରେ ।"
ଛନ୍ନ ଅନ୍ୱେଷେ ଦବ-ମୃଗ-ସୁତ—
ଦବଦା ହୋଇଛନ୍ତି କଣ୍ଠିତ ବହୁତ ।
ସେ ଲାଗି ମୁଁ ଯାଚେଁ କ୍ଷମା ଦଣ୍ଡ-ପାଦେ,
ଅନୁତାପ ଭୋଳା ଦାରୁଣ ବିଷାଦେ ।
ବାମ ଭାଗେ ଉଭା "ତର୍କାଇ" ଶିଖରୀ,
ଠିଆ ଠାଣି ଯଥା ମଦମତ୍ତ କରୀ ।

ଦକ୍ଷିଣେ "ଦାନ୍ତୁରି" ଶିଳା ଦନ୍ତୁରିତ,
କକର-କଣ୍ଟକେ ଶିର କଣ୍ଟକିତ ।
ମଧ୍ୟରେ "ଗୁଣ୍ଡେଇ ମୁଣ୍ଡି" ଉଠାଣିଆ,
ଲୌହ ଗୁଳ ପରି ହୋଇଅଛି ଠିଆ ।
ତିନି ଗିରି ଚୂଡ଼ା ଚୁମ୍ବୁଛି ଆକାଶ,
ପ୍ରକୃତିର କି ସେ ଶ୍ୟାମ ବସ୍ତ୍ରାବାସ । ୧
ସେ ରହସ୍ୟମୟୀ ରହସ୍ୟ ଉଭାବ,
ଅଥବା ରଚନ୍ତି ଗିରି ମହୋତ୍ସବ ।
ତିନି ଗିରି ପାଦେ ବନ ଘନଶ୍ୟାମ,
ସୁବିସ୍ତୀର୍ଣ୍ଣ 'ଟୋଲ ପାଣ୍ଡେର' ତା ନାମ ।
ଗଭୀର ସେ ଅତି ଯେସନେ ପାତାଳ,
ବୁଡ଼ିଯିବ ପଶି ତହିଁ ସପ୍ତତାଳ ।
ବନଦେବୀଙ୍କର କି ସେ ନାଭି କୁଣ୍ଡ,
ସବୁଜ କାଣ୍ଡ ତରୁଲତା ତହିଁ ଲୁଣ୍ଡ ।
ଉଭା ସର୍ବେ ହୋଇ ଦେହ ଘଷାଘଷି,
ଥାଉ ଆନ, ଛୁଞ୍ଚି ନ ପାରିବ ପଶି ।
କୋଟି ଅମାନିଶା ଅନ୍ଧାର ସେଠାରେ,
ଖନ୍ଦା ଖନ୍ଦି ହୋଇଅଛି କୋଧାରେ ।
ବ୍ୟାଘ୍ରକୁଳର ସେ ଥାନ ପଟା ଭୂଇଁ,
ଲଗାନ୍ତି ବିରୁଡ଼ି ପରି ଖୁଆ ଖୁଇ ।
ବଂଶବୃଦ୍ଧି ତହିଁ କରନ୍ତି ନିର୍ଭୟେ,
ନବସନ୍ତ ସୁଖେ ଘେନ କାନ୍ତଚୟେ ।
ଦୂରେ ଦେଖାଯାଏ "ବକ୍ରଗଡ଼" ଗିରି,
ତୋଳିଛି ମସ୍ତକ ନଭ ବକ୍ଷ ଚିରି ।
ବେଷ୍ଟିତ ଚୌପାଶେ ପର୍ବତ ମେଖଳା,
ମଧ୍ୟେ ବନକର୍ମୀ ଆବାସ ବଙ୍ଗଳା । ୨
ସପ୍ତରଥୀ ମିଳି କୁରୁକ୍ଷେତ୍ର ରଣେ,
ବେଢ଼ିଛନ୍ତି କିବା ଅର୍ଜୁନ ନନ୍ଦନେ !
ବଙ୍ଗଳା ଅଳିନ୍ଦେ ମଧ୍ୟାହ୍ନ କାଳରେ,
ବସେ ବ୍ୟାଘ୍ର-ସଭା ମହା ଆଡ଼ମ୍ବରେ ।
କିମ୍ବା ଶୋଭା ବେଦୀ ଶାର୍ଦ୍ଦୂଳକୁଳର,
ବସନ୍ତ ସଦଳେ ତହିଁ ବନ୍ୟାବର ।

୧— ଟମ୍ବ । ୨— ଟୋଲପାଣ୍ଡେର ବଣରେ ବନବିଭାଗୀୟ କର୍ମଚାରୀଙ୍କର ଗୋଟିଏ ସୁନ୍ଦର ବଙ୍ଗଳା ଅଛି ।

http://oaob.nitrkl.ac.in

ଶାର୍ଦ୍ଦୂଳ ସମ୍ରାଟ କେମାମଣିଙ୍କର,
ଲଗେ ତହିଁ ନିତ ଶୁଭ ସ୍ୱୟମ୍ବର ।
ଅରଣ୍ୟ ସେବତୀ ପ୍ରକାଶି କୌତୁକ, ୧
ଗନ୍ଧହୀନ ବାସ ଅର୍ପେ ଯଉତୁକ ।
ହେଉ ପଛକେ ସେ ବନ ଭୀତିପ୍ରଦ,
ମାତ୍ର ଭାବୁକର ବାଞ୍ଛିତ ସମ୍ପଦ ।
ବସିଲେ ଦଣ୍ଡକ ଘଡ଼ିଏ ସେଠାରେ,
ନିଜକୁ ବିସୋରି ବିସୋଡ଼ର ସଂସାରେ ।
ପ୍ରତେ ହୁଏ ଯେମନ୍ତେ ଘଟିଲା ସତ୍ୱର,
ଅତୀବ ଉନ୍ନତ ଶୁଭ ଜନ୍ମାନ୍ତର ।
ସତେ ଯେମନ୍ତେ ଆତ୍ମା ଭାଙ୍ଗି କାରା କୁଞ୍ଚି,
ଅମୃତ ସ୍ୱର୍ଗରେ ଗଲା କି ପହଞ୍ଚି !
ଦେଖନ୍ତି ଦର୍ଶକେ ନିଜକୁ ଏପରି,
ସୁଖ-ସ୍ୱପ୍ନ ଜ୍ୟୋତି ନୟନରେ ଭରି ।
ମୃତ୍ୟୁ ଯେବେ ଆସେ ସେ ସ୍ଥାନକୁ ବୁଲି,
ନିଜର କର୍ତ୍ତବ୍ୟ ଯିବ ନିଶ୍ଚେ ଭୁଲି ।
ଇତର କୁଭାବେ ପାଦେ ଦେଇ ଦଳି,
ଆଧ୍ୟାତ୍ମିକ ଭାବ ଉଠିବ ପ୍ରବଳି ।
ସୀମାରୁ ତାହାର ଅସୀମେ ପ୍ରବେଶ—
କଲା ପ୍ରାୟ ମନେ ହୁଏ ଭାବାବେଶ ।
କିନ୍ତୁ ସେହି ଭାବ ହୁଏ କ୍ଷଣସ୍ଥାୟୀ,
କ୍ଷଣସ୍ଥାୟୀ ଯଥା ନଭେ ଘନଛାଇ ।
ଧନ୍ୟ ରେ ସଂସାର ଧନ୍ୟ ତୋ କୁହୁକ,
ଅଦ୍ଭୁତ ତୋହର ରହସ୍ୟ କୌତୁକ ।
ଟେକିଦେଉ କେବେ ନେଇ ନଭସ୍ଥଳେ,
ମୁହୂର୍ତ୍ତକେ ପୁଣି ଫିଙ୍ଗିଦେଉ ତଳେ ।
ଖେଳାଉ ମାୟାରେ କେବେ ମୁକ୍ତି କ୍ରୋଡ଼େ,
ପରକ୍ଷଣେ ଆଣି ବେଢ଼ି ବାନ୍ଧୁ ଗୋଡ଼େ ।
ବନ୍ଧୁ ବୋଲି ତୋତେ କରେ ଯେ ବିଶ୍ୱାସ,
ତାହାର ତୁ ଗୁପ୍ତେ କରୁ ସର୍ବନାଶ ।

ଜାଲ ପରି ତୁହି ବିଶ୍ୱାସଘାତକ,
ମହା ମାୟାବନ୍ତ, ଖଳ ଭଣ୍ଡ ଠକ ।
ଲେପିଥାଉ ମଧୁ ଜିହ୍ୱାଗ୍ରେ କେବଳ,
ମାତ୍ର ହୃଦେ ପୂର୍ଣ୍ଣ ତୀବ୍ର ହଳାହଳ ।
ଭିତରେ ତୁ ଦୁଷ୍ଟ ବାହାରେ ଉଦାର,
କୁଟ ନୀତିକି ତୋ ଦୂରୁ ନମସ୍କାର ।
ହାତେ ମାପି ଚାଲେ ଚାଖଣ୍ଡେ ଯେ ବାଟ,
ତାହା ପିଠିରେ କି ପିଟୁ ତୁହି ଛାଟ ।

ଫିଙ୍ଗି ଦେଇ ବୃକ୍ଷେ ଜୀର୍ଣ୍ଣ ଅଳଙ୍କାର,
ପିନ୍ଧୁଛନ୍ତି ନବ ଅଳଙ୍କାର ସାର ।
ବିଧବା ପର୍ଏ ଶୂନ୍ୟ କାହା ଅଙ୍ଗ,
ଖେଳାଉଛି କେହି ସୁଷମା-ତରଙ୍ଗ ।
କ୍ଷୁଦ୍ର ଲତାଟି ବି ଅଳଙ୍କାର ଭାରେ,
ନଇଁ ପଡ଼ିଅଛି ସୁବିସ୍ତ ପ୍ରକାରେ ।
ବାଳିକା ବୟସେ ହୋଇ ପୁଷ୍ପବତୀ,
ଲଜ୍ଜେ ମଥା ପୋତି ବସିଛି କି ସତୀ ।
ଛାୟା ରୌଦ୍ରପାତ ତରୁ ଆଳବାଳେ,
ବସିଛି କି ତପୀ ଚତ୍ର ମୃଗଛାଲେ ।
ବସନ୍ତର ପୂଜା ପାଇଁ ବନରାଣୀ,
ଛିଞ୍ଚିଅଛି ତଳେ କିବା ଝୁଣ୍ଟିପାଣି ।
ସିନ୍ଦୁର କାନ୍ତି କେ ଲଟା ପଲାଶରେ,
ବାଣ୍ଟିଛି ଲଲାଟେ ଅତି ଆଡ଼ମ୍ବରେ,
ଶତାଧିକ ହସ୍ତ ଉଚ୍ଚେ ତୋଳି ଶିର ୨
ବଂଶକୁଞ୍ଜ ବାୟୁ ପ୍ରଭାବେ ଅସ୍ଥିର ।
ଲଗେଇଛନ୍ତି ସର୍ବ ତରୁଲତା ବନେ,
ବସନ୍ତ ପୂଜାର ଆଶୁ ଆୟୋଜନେ ।
ଜଗନ୍ତି ପାରଧି ମୃଗୟୁ ସେ ସ୍ଥଳେ,
ବନଜନ୍ତୁକୁଳେ କନ୍ଦାଇ ବିକଳେ ।

୧— ଅରଣ୍ୟ ସେବତୀ ଏକପ୍ରକାର ସୁନ୍ଦର ଫୁଲ । ଏହାକୁ ବଣଲ୍ୟବଙ୍ଗଣୀ କହନ୍ତି । ୨— ଏଠାରେ ବାଉଁଶ ପ୍ରାୟ ଶହେ ହାତରୁ ଅଧିକ ଲମ୍ବ ଓ ତଦୁପଯୋଗୀ ମୋଟ ।

http://oaob.nitrkl.ac.in

ଶିକାରୀଏ କରୁ ଶିକାରକୁ ଖେଳ,
ବ୍ୟାଘ୍ରର ଶିକାର ହୋଇନ୍ତି କେବେ କାଳେ।
ଯାଇ ପର ପ୍ରାଣ ନେବାକୁ ବହନ,
ଦେଇଛନ୍ତି ତହିଁ ଆପଣା ଜୀବନ।
ଭରୁଛନ୍ତି ଲଭି ଫଳ ସମୁଚିତ;
ସେ ପାପର ତାହା ଯୋଗ୍ୟ ପ୍ରାୟଶ୍ଚିତ୍ତ।
କେତେ କେତେ ଫୁଲ ଫୁଟିଛି ସେ ବନେ,
ମାତ୍ର କେହି ନୁହେଁ ଧନୀ ଗନ୍ଧ-ଧନେ।
କ୍ଷୁଦ୍ର ବଣମଲ୍ଲୀ ଗନ୍ଧେ ଉଠେ ପୂରି,
କ୍ଷୁଦ୍ର ସଙ୍ଗୀତେ କି ନ ଥାଏ ମାଧୁରୀ ?
ଥିଲେ ଥାଉ ସ୍ୱର୍ଗ ସେ ତ ଅପ୍ରତ୍ୟକ୍ଷ,
ପ୍ରତ୍ୟକ୍ଷ ସ୍ୱର୍ଗ ଏ ତୀର୍ଥ ସମକକ୍ଷ।

ଏ ବନର ଦୃଶ୍ୟ ମୃତ୍ୟୁ-ଭୟଜିଣା,
ଦର୍ଶକ ତା ପାଶେ ବିନା ପଣେ କିଣା।
ଦେଖି ଶୋଭାମୟ ଏ ବନ ସୁନ୍ଦର,
ଭୁଲିଯିବ ମୃତ୍ୟୁ କର୍ତ୍ତବ୍ୟ ନାଗର।
ମନୁଷ୍ୟ କି ଯାଏ ମୃତ୍ୟୁକୁ ପାଶୋରି,
ଅଜ୍ଞାତରେ ଛିଣ୍ଡିଯାଏ ମୃତ୍ୟୁ-ଡୋରି।
ଦିବସେ ଏଠାରେ ବ୍ୟାଘ୍ର ଉପଦ୍ରବ—
ସୁଲଭ ପ୍ରକାରେ ଏହା ଜନରବ।
କି ଜାଣି କି ଦୋଷେ ଶାର୍ଦ୍ଦୂଳ ରାଜନ,
ଦେଲେ ନାହିଁ ମୋତେ ଥରେ ଦରଶନ।
ବନ-ରାଜାଙ୍କର ଏ କି ରାଜନୀତି,
ଅତିଥି ନେତ୍ରର ନ ହେଲେ ଅତିଥି।
ବାହନ ଆଗ୍ନେୟ ଶାର୍ଦ୍ଦୂଳ ଦର୍ଶନେ, ୧
ଲୁଚିଗଲେ ପଶୁ ଭୀତ ଗଣି ମନେ।

ଦୁର୍ବଳ ପାଖରେ ନଖମୋଡ଼ା ଖଟେ,
ମାତ୍ର କରଯୋଡ଼ା ପ୍ରବଳ ନିକଟେ।
ସଂସାରର ଏ ତ ଚିରନ୍ତନୀ ଧାପ,
ଲଙ୍ଘିବାକୁ କାହିଁ ରାଜାଙ୍କର ଚାପ।
ରହିଗଲା ମନେ ଦୁଃଖ ଗୁରୁଭାର,
କଲେ ନାହିଁ ମାମୁ ଅତିଥି ସତ୍କାର। ୨
ହତମାନ ହୋଇ ମାମୁ ରାଜା ପାଶେ,
ଭଣଜାଏ ଆମ୍ଭେ ଫେରିଲୁ ହତାଶେ।
ଦେଖା ହୋଇଥିଲେ ମାମୁଙ୍କ ସଙ୍ଗରେ,
ପଚାରିଥାଆନ୍ତି ଛାମୁରେ ମୁଁ ଥରେ।
ଏ ତାଙ୍କର କେଉଁ ଦୁଷ୍ଟ ରାଜନୀତି,
କିପାଁ ଆଚରନ୍ତି କଂସମାମୁ ରୀତି ?
ଭଣଜାଙ୍କୁ ରଖି ଉଦର କୁଟୀରେ,
କି ଯଶ ଅବା ସେ ଅର୍ଜନ୍ତି ମହୀରେ ?
କେତେ ଶ୍ରେଷ୍ଠ ଖାଦ୍ୟ ଭବେ ଅବା ନାହିଁ,
ନରମାଂସେ ଲୋଭ ତାଙ୍କର କିପାଇଁ ?
ଏତେ ଦୁଷ୍ପୂରଣୀ ଦଗ୍ଧୋଦର ଲାଗି,
ଆଚରୁଛନ୍ତି କିପାଁ ପାପଭାଗୀ ?
ନ ରୁଚିଲେ ଅନ୍ୟ ସୁଖାଦ୍ୟ ଅଗତ୍ୟା,
ନ କରନ୍ତି କେବେ କିପାଁ ଆତ୍ମହତ୍ୟା ?
ଏହି ହେତୁ ସିନା ବିଧାତା ବିରାଗେ,
କଂସ ମାମୁ ଦଶା ଘଟେ ତାଙ୍କ ଭାଗ୍ୟେ।
ମରନ୍ତି ଅକାଳେ ଭଣଜାଙ୍କ ହାତେ,
ସନ୍ଦେହ ନାହିଁ ଧର୍ମ ଅଛି ଉତପାତେ।

ଗିରି ଦେହେ ଜଳ ଶିରା ବିଲମ୍ବିତ,
ଫଣୀ ବା ତଳକୁ ହେଉଛି ଧାବିତ।

୧—ମୋଟରକାର। ୨—ଲୋକସମାଜ ବାଘକୁ ବାଘ ନ କହି ମାମୁ ବୋଲି କହନ୍ତି। ବ୍ୟାଘ୍ରକୁ ପିତୃଶ୍ୟାଳକରୂପେ ଜଣେ ବଧୂର ସମ୍ପର୍କରେ ଅବଜ୍ଞ କଲେ ସେ ମହାଖୁସି ହୋଇ ତାଙ୍କ ମୁଣ୍ଡରେ ହାତ ବୁଲାଇ ଆଶୀର୍ବାଦ କରିବେ, ବୋଧହୁଏ ଏହାହିଁ ତାଙ୍କର ଉଦ୍ଦେଶ୍ୟ। ବ୍ୟାଘ୍ର ସଙ୍କୁଳ ସ୍ଥାନରେ ମୋଟର ପଛୁଆଁ ଉପରେ ସେ କହନ୍ତି—ସାବଧାନ, ମାମୁ ଆସି ବାଟେ ଖେଳୁ ଯେବେ ପଳାଇବେଟି। ତାଙ୍କର ଏହିପରି ସ୍ୱାଭାବିକ କଳ୍ପନା କଥାରେ ପଥଭ୍ରାନ୍ତ ବାଧେ ନାହିଁ।

http://oaob.nitrkl.ac.in

ଯୋଗୀ ଋଷି ପରି ଖୋଲିସ୍ଥ ପାଦପ,
ଆକଣ୍ଠ ସଲିଳେ ଆଚରନ୍ତି ତପ ।
ପଳାଇଣ ପ୍ରାଣଭୟେ ପଶୁଚୟ,
ଗିରି-ଶୃଙ୍ଗେ ଯାଇ ନିଅନ୍ତି ଆଶ୍ରୟ ।
ନ କରି ସେ ଭରେ ଖୋଲ ନିଜ ପାଣି
ବନ୍ଧୁ ହସ୍ତେ ଦିଏ ଶସ୍ୟକ୍ଷେତ୍ରେ ବାଣ୍ଟି ।
ଅଛି ନୀତ ସିନା ଲୁବ୍ଧକ ଆଖ୍ୟାତ,
ସାଧାରଣ ସ୍ୱାର୍ଥ କରେ ଆତ୍ମସାତ ।
ଦାନ-ଯଜ୍ଞରେ ଯେ ଚିର ମୁକ୍ତହସ୍ତ,
ସେହି ଏକା ଜାଣେ ଦାନର ମହତ୍ତ୍ୱ ।

ପଥ ବେନି ପାଶେ ବିସ୍ତୃତ ଅରଣ୍ୟ,
ଫୁଲଫଳେ ଭରି ସୁଷମାରେ ଧନ୍ୟ ।
ପକ୍ଷିରାଜ୍ୟ କି ସେ, ବିଶ୍ୱ ପକ୍ଷିକୁଳ,
ହୋଇଛନ୍ତି ଆସି ସର୍ବେ ତହିଁ ଠୁଳ ।
ସ୍ୱଭାବେ ସେ ଦ୍ୱିଜ, ପାଳି ନିଜ ବୃତ୍ତି,
ଋକ ସାମ ଅବା କରନ୍ତି ଆବୃତ୍ତି ।
ବନ୍ଧୁ ଶୁକ୍ଳ ଫୁଲେ ଶୈଳ କଟି ଢଙ୍କା,
ବର୍ଷିଯାଇଛି କି ବହଳେ କରକା !
ଦୂର ବନସ୍ତରୁ ଛୁରିଅନା ଗନ୍ଧ,
ବାତେ ଭାସି ଆସି ଚିତରେ ଆନନ୍ଦ ।
ପିନ୍ଧିଛି ବଣିଆଖାଟି ଶିରେ ଚୂଡ଼ା ୧
ଦିବ୍ୟ ରୂପେ ରଚା ମାନସ ଉଜୁଡ଼ା ।
ସ୍ୱର୍ଗ-ଅନୁଗ୍ରହ ଚିହ୍ନ ସେ ତାହାର,
ବସନ୍ତ-ପ୍ରଦତ୍ତ ପ୍ରୀତି-ଉପହାର ।
ଦେଇଣ ଅମରପୁରି ଶିର କମ୍ପା,
ଦୁଲାଇ ଦେଉଛି କର୍ଣ୍ଣଭୂଷା ଚମ୍ପା । ୨
ଶୁଦ୍ଧ ସୁବର୍ଣ୍ଣରେ ସେ ଚମ୍ପା ନିର୍ମିତ,
ପଦ୍ମରାଗ ତହିଁ ହୋଇଛି ଜଡ଼ିତ ।

ଛୁଟ ବନଗର୍ଭେ ଅରଣ୍ୟ କୁକ୍କୁଟ,
ରୁଚୁଅଛି ଟେକି ପ୍ରବାଳ ମୁକୁଟ ।
ଅରଣ୍ୟ ବିଦାରି ଧାଁମନ୍ତି ଶମ୍ବର,
ଶମ୍ବର ଅସୁର ପ୍ରାୟେ ଭୟଙ୍କର ।
ଶୁଭେ ଦୂରଚାରୀ ମହିଷର କଣ୍ଠ,
ଘଣ୍ଟ ଘଣ୍ଟ ଶବ୍ଦେ ବାଜେ ଗଳଘଣ୍ଟ ।

ବାହାରି ବୁଗୁଡ଼ା ଗଡ଼ ବାଷ୍ପଯାନ,
ବେଲ୍‌ଗୁଣ୍ଡା ମୁଖେ ହେଲା ଧାବମାନ ।
ପଥ ବେନିପାଶ୍ୱେ ରୋପିତ ପାଦପ,
ଧାଇଁ ଆସୁଥାନ୍ତି ପ୍ରକାଶିଣ ଦର୍ପ ।
ମାତ୍ର ବାଷ୍ପରଥ କୁହାଟେ ଅଗତ୍ୟା,
ଭଜୁଥାଏ ତାଙ୍କ ସେ ଦର୍ପ କ୍ଲୀବତା ।
ଦୂରସ୍ଥ ପାଦପେ ଶାଖା ଛନ୍ଦି ଠିଆ—
ହୋଇ ରଚିଛନ୍ତି ପଥେ ଛାମୁଣ୍ଡିଆ ।
କାହିଁ ସୃଜିଛନ୍ତି ପଲ୍ଲବ ତୋରଣା,
କାହିଁ ବା ହୋଇଛି ନିକୁଞ୍ଜ ରଚନା ?
ଲଙ୍ଘି ଶସ୍ୟକ୍ଷେତ୍ର ପ୍ରାନ୍ତର ଉଦ୍ୟାନ,
ଦୀର୍ଘଶ୍ୱାସ ଛାଡ଼ି ଧାଇଁ ଥାଏ ଯାନ ।
ଛାତେ ବସି ଚଷା ମେଣ୍ଟାଏ ହାଲିଆ,
ହଳକାର୍ଯ୍ୟ ରତ କାହିଁ ବା ହଳିଆ ।
ଗାଉଛି ଡମାଳି ଗଭୀରେ ଉଚ୍ଚାରି,
"ରାମ ଯେ ଲକ୍ଷ୍ମଣ ଗଲେ ମୃଗ ମାରି ।"
ଖରତର ରୌଦ୍ର ଗ୍ରୀଷ୍ମ ଅସମ୍ଭାଳ,
ପାଣି ପରି ଦେହୁ ବହିଯାଏ ଝାଳ ।
କୁଳୁଛତର ଶ୍ରମେ ହୁଏ ସେ ଧକାଇ,
ଏତେ କଷ୍ଟ ପେଟ ଚାଖଣ୍ଡିକ ପାଇଁ ।
ପେଟର ଶାସନ ଅସହ୍ୟ କଠୋର,
ତାହାରି ଜ୍ୱାଳାରେ ସାଧୁ ହୁଏ ଚୋର ।

୧—ବଣିଆଖାଟି—ଗୁଳ୍ମବିଶେଷ, କଳାମେଘ ଗଛ । ଏହାର ଫୁଲ ରକ୍ତବର୍ଣ୍ଣ ଲମ୍ବିତ ସ୍ତବକ ମୁକୁଟ ପରି ଦିଶେ । ୨—ଅମରପୁରି—ହଂସସାଗର ଗୁଳ୍ମ, ଏହାର ଫୁଲ କର୍ଣ୍ଣଭୂଷଣ ସ୍ୱର୍ଣ୍ଣଚମ୍ପା ସଦୃଶ ।

http://oaob.nitrkl.ac.in

ତା ଲାଗି ଧାର୍ମିକ ଯାଏ ଧର୍ମ ଭୁଲି,
କୁବେର ହସ୍ତେ ସେ ଦିଏ ଭିକ୍ଷା ଝୁଲି ।
ପଥ ଦେନି ପାଶେ ନାନା ଶସ୍ୟକ୍ଷେତ୍ର,
ଫୁଲେ ଫଳେ ପୂରି ହରଇଏ ନେତ୍ର ।
ପ୍ରକୃତିରୂପିଣୀ ଲକ୍ଷ୍ମୀ ପ୍ରସାଦରେ,
ମାଟିରେ ବି ସୁନା ଫଳେ ଶ୍ରମ ଷ୍ଟରେ ।
ଶ୍ରମ ଷ୍ଟର ପ୍ରତ୍ୟେ ପ୍ରକୃତି-କମଳା
"ସୁଜଳା ସୁଫଳା ଶସ୍ୟ ସୁଶ୍ୟାମଳା ।
ବନଗିରି ପୂର୍ଣ୍ଣ ଯହିଁ ଏକାଧାରେ,
କେଉଁ ରତ୍ନ ଅବା ଅପୂର୍ବ ସେଠାରେ ?
ବହେ ନଦୀମାଳ ତା ଚରଣ ଚୁମି
ଇନ୍ଦ୍ରଙ୍କର ତାହା ଯତ୍ନର ଭୂମି ।
ଦିଶିଲା ଅଦୂରେ ତରୁଲତା ଶ୍ୟାମ,
ବାଲି ପଦବ୍ରଶ୍ୟ ଶିଳ୍ପଦକ୍ଷ ଗ୍ରାମ ।
ନବ ଢାଞ୍ଚ ଶିଳ୍ପୀ ନବସନ୍ତ ତହିଁ,
ଶିଳ୍ପର ମାହାତ୍ମ୍ୟ ହେବ ନାହିଁ କହି ।
ଚୌଦିଗେ ତା ଶ୍ୟାମ ରହିଅଛି ପୂରି,
ଝଲଲେ ସେ ଗ୍ରାମ ବିଶ୍ୱକର୍ମା ପୁରୀ ।
ଧନ୍ୟ ଶିଳ୍ପୀ, ଧନ୍ୟ ତାଙ୍କ ହାତ ଫୁର୍ତ୍ତି,
ରଚନ୍ତି ତେନ୍ତୁଳୀବୀଜେ ସୂକ୍ଷ୍ମ ମୂର୍ତ୍ତି । ୧
ସତେ ଯେତେକେ ତାହା ଅ-କରପ୍ରସୂତ,
ବିଚକ୍ଷଣ ଶିଳ୍ପୀ କଳ୍ପନା-ପ୍ରସୂତ ।
ସ୍ଥିତ ସାଧାରଣ ପାଠାଗାର ତହିଁ, ୨
ବହୁ ଅଧିବାସୀ ପଠନେ ଆଗ୍ରହୀ ।
ଗ୍ରାମେ ବୀଣାପାଣି ଆଦର ସିନ୍ଧୁଜା,
ଦେବୀଙ୍କର ହୁଏ ସମ ଭାବେ ପୂଜା ।

ପ୍ରଭୁ ରଘୁନାଥ ପାଳିତ ସେ ଗ୍ରାମ,
ସତେ କି ସେ ପୁଣ୍ୟ ଅଯୋଧ୍ୟା ସୁଧାମ !
ଗ୍ରାମାନ୍ତେ ସରସୀ ପାବନ-ସୁନ୍ଦର,
ସର-ସ୍ୱଣୀ କବା ପିନ୍ଧିଛି ସାଗର !
କାଚଧାର-ସ୍ୱଚ୍ଛ ଶୀତଳ ତା ଜଳ,
ଯଥା କୀର୍ତ୍ତି-କର୍ତ୍ତା ହୃଦ ଅନ୍ତସ୍ତଳ । ୩
ଦ୍ୱାରରକ୍ଷୀ ରୂପେ ଚାନ୍ଦନୀ ଉପରେ,
ବସିଛନ୍ତି ଦେନି ସିଂହ ଦର୍ପଭରେ ।
ମହାବୀର ପର ବସିବାର ଠାଣି,
ଡର ମାଡ଼େ ଦେଖି ସଦର୍ପ ଚାହାଣି ।

ପଥମଧ୍ୟେ ହେଲା ବରଷା ପ୍ରବଳ,
ମୁଷଳ ଧାରରେ ଢାଳି ଦେଲା ଜଳ ।
ଭୈରବେ ଅଶନି ଗର୍ଜିଲା ଆବର,
ବାଷ୍ପରଥ ତାକୁ ଦେଲା ପ୍ରତ୍ୟୁତ୍ତର ।
ବହିଲା ବତାସ ନାଚେ ବିଦ୍ୟୁଲ୍ଲତା,
ରୁଦ୍ରତା ସଙ୍ଗରେ ମିଶିଲା ରୁଦ୍ରତା ।
ସୁନ୍ଦରୀ ପ୍ରକୃତି ସୃଜିଲା ସୁନ୍ଦର,
କି ରୁଦ୍ର ସୁନ୍ଦର ଦୃଶ୍ୟ ଚଉହର !
ସୌନ୍ଦର୍ଯ୍ୟେ ରୁଦ୍ରତା ନ ମିଶିଲେ ଏବା,
ନୁହେଁ ତାହା କେବେ ସୌନ୍ଦର୍ଯ୍ୟରେ ଲେଖା
ରୁଦ୍ରତ୍ୱ ସୁବର ସୌନ୍ଦର୍ଯ୍ୟ ସୁକନ୍ୟା,
ଦୁହିଙ୍କ ମିଳନେ ଦୁହେଁ ଧନ୍ୟ ଧନ୍ୟା ।
ବୃଷ୍ଟି ବତାସର ଆଘାତ ଭୀଷଣ,
ସହି ସହି ଦେହ ହେଲା ଅବସନ୍ନ ।

୧—ଶିଳ୍ପୀ କୈବଲ୍ୟ ମହାରଣାଙ୍କ ନିର୍ମିତ ତେନ୍ତୁଳୀ ମଞ୍ଜିରେ ସୁନ୍ଦର ସୂକ୍ଷ୍ମ ମୂର୍ତ୍ତି ଯେ କୌଣସି ଦେଶ ବା ଯେ କୌଣସି କାଳର ଶିଳ୍ପୀ ପକ୍ଷରେ ଗୌରବାବହ ।

୨—ପାଠାଗାରରେ ୧୨୦୦ ଖଣ୍ଡ ପୁସ୍ତକ ଅଛି । ବୈଶ୍ୟବାଣୀ ପତ୍ରିକାର ସମ୍ପାଦକ ବଡତୋଟା ବାଳକୃଷ୍ଣ ପାଢ଼ି ଏହି ପାଠାଗାରର ସମ୍ପାଦକ । ଏ ଅଞ୍ଚଳରେ ସେ ଜଣେ ଉତ୍ସାହୀ ଯୁବକ ।

୩—ବାଳକୃଷ୍ଣ ବାବୁଙ୍କର ପୁଣ୍ୟଶ୍ଳୋକ ପିତାମହ ଏହି ବିଶାଳ ଜଳକୀର୍ତ୍ତି କରି ଯାଇଅଛନ୍ତି ।

http://oaob.nitrkl.ac.in

"କିଲ୍‌ବା" ବଙ୍ଗଳା ଦେଖି ପଥ ପାଶେ,
ବସିଲୁଁ ସେଠାରେ ବିଶ୍ରାମ ଅକାଶେ ।
ଶ୍ୱାପଦଭୀଷଣ ଗିରି ପଦପ୍ରାନ୍ତେ, *
ଅବସ୍ଥିତ ସେହି ବଙ୍ଗଳା ଏକାନ୍ତେ ।
ବାଘ୍ୟା ଭୟେ ନେଲୁଁ ସେଠାରେ ଆଶ୍ରୟ,
ସେ ଭୟକୁ ଗଲି ବଳି ବ୍ୟାଘ୍ର-ଭୟ ।
ତପ୍ତ କଟାହରୁ ଖସିଲା ପ୍ରବଳେ,
ପଡ଼ିବାକୁ ହେଲି ଜ୍ୱଳନ୍ତ ଅନଳେ ।
କିନ୍ତୁ ସେଥିପ୍ରତି ନାହିଁ ମୋ ଖାତର,
ମହାନନ୍ଦେ ଯେଣୁ ପୂରିଛି ଅନ୍ତର ।
ପୂର୍ଣ୍ଣ୍ୟ ଭକ୍ତିଭୂମି ଦର୍ଶନ କଳ୍ପନା,
ଦେଉଥିଲା ମନେ ସତତ ପ୍ରେରଣା ।
ସେ ଶୁଭ କଳ୍ପନା ହେଉଛି ସାର୍ଥକ,
ଏଣୁ ମନେ ଜାତ ଅପୂର୍ବ ପୁଲକ ।
ସୁକଳ୍ପନା ହେଲେ କାର୍ଯ୍ୟେ ପ୍ରମାଣିତ,
ସାଫଲ୍ୟ ଗୌରବେ ଫୁଲିଉଠେ ଚିତ୍ତ ।
ସେହି ସୁଖ ସିନା ଜୀବନେ ଅତୁଳ,
ଭୁକ୍ତଭୋଗୀ ଏହା ବୁଝେ ତାହା ମୂଲ ।
ଅପୂର୍ବ ସଂତୃପ୍ତି ହୃଦେ କରେ ନୃତ୍ୟ,
ସେ ତୃପ୍ତି ନିଶ୍ଚୟ ମର୍ତ୍ତ୍ୟରେ ଅମୃତ ।
ବାସ୍ତବେ ଅମୂଲ୍ୟ ତାହା ମୂଲ୍ୟ ସିନା,
ନ ବୁଝେ ତା ଆନ ଅନୁଭବୀ ବିନା ।
ଘଡ଼ିକେ ପ୍ରକୃତି-ଶକ୍ତିପୁଞ୍ଜ ଚାହିଁ,
ଗୋଟି ଗୋଟି ହୋଇ ଗଲିକ ମିଳାଇ ।
ଲୋଭବାଜି ପରି ବୃଷ୍ଟି ବଜ୍ରପାତ,
ଗଲା ଅନ୍ତର୍ହିତ ହୋଇ ଅକସ୍ମାତ ।
ଶାନ୍ତ ସ୍ନିଗ୍ଧ ଭାବ ଭଜିଲା ଧରଣୀ,
ଘୁଞ୍ଚିଗଲା ତାର ରୁଦ୍ରସ୍ଥିତ ଶନ ।
ମ୍ଲାନ ହେଲା କ୍ରମେ ଦିବସ ମୟୂଖ,
ମଳିନ ଦିଶିଲା ପ୍ରକୃତିର ମୁଖ ।
ଦେଲେ ନାହିଁ ଦେଖା ଦିନମଣି ଆଉ,
ଖସିଛି ତାହାଙ୍କୁ ଦୁଷ୍ଟ ଘନ ରାହୁ ।

ସେହି ଭାବେ ଅସ୍ତ ହୋଇଗଲେ ରବି,
ଲୁଚିଗଲା କାହିଁ ତାଙ୍କ ମୁଖ ଛବି ।
ଅନ୍ଧାର ସାଗରେ ସ୍ନାନ ସନ୍ଧ୍ୟାରାଣୀ,
କଲେ କଲେ ନିଜ ବେଳକାଳ ଜାଣି ।
କିଛିକ୍ଷଣ ପରେ ଉଦେ ହେଲେ ଇନ୍ଦୁ,
ଉଛୁଳି ଉଠିଲା ବିଶ୍ୱ ହର୍ଷ-ସିନ୍ଧୁ ।
ପ୍ରକୃତି-ଦେବୀଙ୍କ ପାଣ୍ଡୁର ଅଧରେ,
ଖେଳାଇଲା ଜ୍ୟୋତ୍ସ୍ନା ହାସ୍ୟରେଖା ଖରେ ।
ଅବଗାହି ରୌପ୍ୟ-ଜଳେ ବନଗିରି,
ଧରିଲେ ଅପୂର୍ବ ଅଭିନବ ଶିରୀ ।
ଲଭିଲା ଚକୋର ଅମୂଲ୍ୟ ବିଭବ,
ଗାଇଲା ସଘନେ ନିଶାକର ସ୍ତବ ।
ଦୂର ଗିରି ଗାତ୍ରେ ଦାବାନଳ ଶିଖା—
କଲି ଉଠି ଖରେ ସୃଜେ ବିଭୀଷିକା ।
ଗିରି ରଜା ଅବା ଦେଖାଏ ସମ୍ପଦ,
ପିନ୍ଧି ସ୍ୱର୍ଣ୍ଣଚୂଡ଼ା, ସ୍ୱର୍ଣ୍ଣ ପରିଛଦ ।
ଭକ୍ତି କବିଙ୍କର ପ୍ରଦୀପ୍ତ ପ୍ରତିଭା,
ଖୋଜି ବୁଲୁଅଛି ଯୋଗ୍ୟ ସ୍ଥାନ କିବା !
ସଙ୍ଗିନୀ ଗହଣେ ଗିରୀନ୍ଦ୍ର ଘରଣୀ,
ଜାଳୁଛନ୍ତି ଅବା କୌତୁକେ ରୋଷଣି ।
କିମ୍ବା ବନଦେବୀ ଖେଳନ୍ତି ଚର୍ଚ୍ଚରୀ,
ରଚନ୍ତି ଫଗୁ ଜ୍ୟୋତ୍ସ୍ନା ବୃଷ୍ଟି କରି ।
ଅଥବା ସହସା ଦେଲା ଆସି ଦେଖା,
ନୈରାଶ୍ୟ ଅନ୍ଧାରେ ଆଶା ବିଦ୍ୟୁତରେଖା ।
ନବୀନ ନିର୍ମଳ ପ୍ରଭାତେ ଯେସନ,
ସୌଦାମିନୀ ଦୋଳେ ଖେଳେ ସ୍ୱର୍ଣ୍ଣ ଘନ ।
କିମ୍ବା ଦେବଯାନ ମାର୍ଗନିର୍ମିତ,
ସୁନେଲୀ ପଟରେ ହୋଇଛି ମଣ୍ଡିତ ।
ଅଥବା ସେ ନୁହେଁ ପରା ଦାବାନଳ,
ଉଦେ ଧୂମକେତୁ ଭେଦି ନଭସ୍ଥଳ ।
କି ସୁନ୍ଦର ଦୃଶ୍ୟ ଅନଳ ରେଖାର,
ଲସନ୍ତି ପଥରେ ଯେସନ୍ତେ ସୁନା ହାର ।

* ଭୂମାରଣ୍ଣୀ ପର୍ବତ

http://oaob.nitrkl.ac.in

କମ୍ପା ଘନ କୋଳେ ହସୁଛି ଚପଳା,
ଆହା ! ସୁନା କି ଲୌହ ଛାଞ୍ଚେ ଢଳା !
'ଜିଲୁବା' ଉପେକ୍ଷି ଚାରିଚକ୍ର ରଥ, ୧
ଧାଇଁଲାକ ଧରି ବେଲଗୁଣ୍ଠା ପଥ ।
ପାର୍ବତ୍ୟ ପ୍ରକୃତି ନୈଶ ମହାଶୋଭା,
ପଟାନ୍ତରହୀନ ମନନେତ୍ର-ଲୋଭା ।
ସୃଷ୍ଟି କୋଳେ ଢଳି ପଡୁଛି ଚନ୍ଦ୍ରିକା,
ମାତୃ ଅଙ୍କେ ଯଥା ଅଲେଖ ବାଳିକା ।
କମ୍ପା ଶାନ୍ତ କୋଳେ ବସିଅଛି ପ୍ରୀତି,
ପତିବ୍ରତା କୋଳେ ଅବା ଯେହ୍ନେ ନୀତି ।
ଢଳ ଢଳ ହୁଏ ପତ୍ରେ ଚନ୍ଦ୍ରଜ୍ୟୋତି,
ଶୁକ୍ତିକା ଉଦରେ ଯେହ୍ନେ ଶୁଭ୍ର ମୋତି ।
ପ୍ରଫୁଲ୍ଲ ଜ୍ୟୋତ୍ସ୍ନା-ଜଳେ ସ୍ନାନ କରି,
ଦିଗନ୍ତ ସୁନ୍ଦରୀ ଯେସନ ଅପ୍ସରୀ ।
କଟା କଟି ହୋଇ ସଡ଼କେ ସଡ଼କ,
ସୃଜିଅଛି ପଥମଧ୍ୟେ ଶୃଙ୍ଗାଟକ । ୨
ଚୌଦିଗେ ଚୌଶାଖୀ ଯାଇଅଛି ଚାଲି,
ପ୍ରକୃତିର କି ସେ ଚଉସାରି ପାଲି ।
ବିସ୍ତୃତ ଦିପାଶେ ରସାଳ କାନନ,
ଆବାଳ-ବେଦୀରେ ତରୁ ଧ୍ୟାନମଗ୍ନ ।
ପେଚକ-କୁଳର ବିକଟାଳ ସ୍ୱର,
କରୁଛି ସେ ସ୍ଥାନେ ଅତି ଭୟଙ୍କର ।
ପେଚକ କାହାର ଖାଇ ନାହିଁ କିଛି,
କଣ୍ଠ ସ୍ୱର ହେତୁ ହୁଏ ସିନା ଛି-ଛି ।
ସ୍ୱଭାବରେ ମଧୁ ମଧୁର ଶୀତଳ,
ତପ୍ତ ହେଲେ କିନ୍ତୁ ତୀବ୍ର ହଳାହଳ । ୩
ଦୂରୁ ଶସ୍ୟରକ୍ଷୀ ଘଣ୍ଟିର ଗର୍ଜନ,
ବହି ଆଣୁଅଛି ନୈଶ ସମୀରଣ ।
ମଞ୍ଜି ଫୁଲ ପରି ପଡୁଛି ଚାନ୍ଦନୀ,
କ୍ଷୀରବୃଷ୍ଟି ଉପମା ବହୁଛି ଅବନୀ ।
ମିଶିଛି ସମୀରେ କୁସୁମ ପରାଗ,
ମିଶାମିଶି କିବା ବଦାନ୍ୟତା ତ୍ୟାଗ ।

ଆଲିଙ୍ଗିଛି ନଭେ ଶୋଭାଙ୍ଗୀ ଚନ୍ଦ୍ରିକା,
ପାଦପେ ଯେସନ ପୁଷ୍ପିତା ଲତିକା ।
ଚକ୍ରବାକ ଉଡେ଼ ଉଠୁଅଛି ଡାକି,
ଦେଉଛି ଉତ୍ତର ଦୂରୁ ଚକ୍ରବାକୀ ।
ହତାଶ ପ୍ରେମିକ-ପ୍ରେମିକା ଯେସନ,
କି ଦୀନ କରୁଣ ସେ ବେନିଙ୍କ ସ୍ୱନ ।
ଲଙ୍ଘି ବହୁ ପଥ ଧାଇଁ ଅବିଶ୍ରାମେ ।
ଉପସ୍ଥିତ ଯାନ ବେଲଗୁଣ୍ଠା ଗ୍ରାମେ ।

ମଠ "ଜଗନ୍ନାଥ-ବଲ୍ଲଭ" ଆଖ୍ୟାତ,
ଅଧିଷ୍ଠିତ ତହିଁ ପ୍ରଭୁ ରଘୁନାଥ ।
ଅଯୋଧ୍ୟା ଧାମ ସେ ଘୁମୁସର ରାଜ୍ୟେ,
ସ୍ୱନାମପ୍ରସିଦ୍ଧ ଗ୍ରାମ ତହିଁ ରାଜେ ।
ସରଯୂ ସଦୃଶ କ୍ଷୁଦ୍ର ନଦୀ ତହିଁ,
ଗ୍ରାମ ଉପକଣ୍ଠେ ଯାଉଅଛି ବହି ।
ନିର୍ମଳ ମଧୁର ସଲିଳ ତାହାର,
ଲମ୍ବିତ କି ଗ୍ରାମ କଣ୍ଠେ ମୁକ୍ତାହାର ।
ସେ ସ୍ଥାନର ସ୍ୱଚ୍ଛ ସୁବାୟୁମଣ୍ଡଳ,
ଧର୍ମ ଭାବ ବୋଳା ପବିତ୍ର ଶୀତଳ ।
ରାଜା କୃଷ୍ଣଭଞ୍ଜ ପିତା ପ୍ରତିଷ୍ଠିତ,
ରଘୁନାଥ ପାଶେ ଜଗନ୍ନାଥ ସ୍ଥିତ ।
ଦେବ-ସେବା ପାଇଁ ଅଛି ନିରୂପଣ,
ଗାଣ୍ଠି ଭୂମି ପଞ୍ଚ ସହସ୍ର ଭରଣ ।
ମହନ୍ତ ପଣ୍ଡିତ ସଦ୍‌ଗୁଣ ନିବାସ,
ନୃସିଂହଚରଣ ରାମାନୁଜ ଦାସ ।
ସାଧୁ ସଦାଚାରୀ ସୁଶୀଳ ବିଦ୍ୱାନ,
ସଦାଳାପୀ ଗୁଣଗ୍ରାହୀ ଧର୍ମପ୍ରାଣ ।
ଯୋଗୀ ଋଷି ପରି ଶାସ୍ତ୍ରଜ୍ଞାନୀ, ତ୍ୟାଗୀ,
ଅତିଥିବତ୍ସଳ ବିଷୟ-ବୈରାଗୀ ।
ପ୍ରବେଶ ଦ୍ୱାରରେ ଲେଖା ଶୁଭ ଶ୍ଳୋକ,
ଶ୍ଳୋକ ନୁହେଁ ତାହା—ନୈତିକ ଆଲୋକ ।

୧—ମୋଟରଯାନ । ୨—ଶୃଙ୍ଗାଟକ—ଛକିବାଟ । ୩—ମହୁ ଗରମ ହେଲେ ବିଷ ତୁଲ୍ୟ ହୁଏ ।

http://oaob.nitrkl.ac.in

"ଧନ ଯଉବନ ବିଜୁଳି ସମାନ,
କ୍ଷଣେ ଦେଖା ଦେଇ ହୋଇଯାଏ ଲୀନ ।"
ଦେବ ସମ୍ପତ୍ତିର ରକ୍ଷଣାବେକ୍ଷଣ—
ବିଷୟେ ମହନ୍ତ ବଡ଼ ବିଚକ୍ଷଣ ।
ଦାନ-ଦୟାଶୀଳ ସରଳ ପ୍ରକୃତି,
ଭକ୍ତି ଆକର୍ଷଣୀ ଶାନ୍ତ ସୌମ୍ୟ ମୂର୍ତ୍ତି ।
ପୁଷ୍ପ ଉପବନ ମଠ ଚାରି ପାଶେ,
ମହକି ଉଠୁଛି କୁସୁମ ସୁବାସେ ।
ପୁଷ୍ପେ ବସି ମଧୁ ଶୋଷେ ପ୍ରଜାପତି,
ମାଳଞ୍ଚ ସାମ୍ରାଜ୍ୟ ରାଜ-ଚକ୍ରବର୍ତ୍ତୀ ।
ସତେ ବା ଓହ୍ଲାଇ ଆସିଣ ଗଗନୁ,
ପୁଷ୍ପ-ସିଂହାସନେ ବିଜେ ଇନ୍ଦ୍ରଧନୁ ।
ମଦ୍ୟପ ପରାଏ ଉଡ଼ି ଢଳି ଢଳି,
ପୁଷ୍ପୁ ପୁଷ୍ପାନ୍ତରେ ଭ୍ରମି ବୁଲେ ଅଳି ।
କନିଅର ଫୁଲେ ବସେ ସୁଗ ମଣି,
ହେମ ପାତ୍ରେ କିବା ଥୁଆ ନୀଳମଣି !
ବୃନ୍ତାସନେ ବସି ଗୋଲପ ସୁନ୍ଦରୀ,
ହସୁଛି ନୀରବେ ମୃଦୁ ବାତେ ଥରି ।
କାହିଁ ସୂର୍ଯ୍ୟମୁଖୀ ସୂର୍ଯ୍ୟପ୍ରିୟସଖୀ—
ଧ୍ୟାନମଗ୍ନା ଦୃଷ୍ଟି ସୂର୍ଯ୍ୟମୁଖେ ରଖି ।

ଛାୟା-ସୁଶୀତଳ ତରୁତଳେ ବସି,
ବନାନ୍ତ ବିହଙ୍ଗେ ହର୍ଷେ କଣ୍ଠ-ବଂଶୀ ।
ତୃଷାର୍ତ୍ତ ଚାତକୀ କ୍ଷୀଣ ଶୁଷ୍କକଣ୍ଠୀ,
ଛିନ୍ନ ପ୍ରାଣ-ସୂତ୍ରେ ଦେଉଅଛି ଗଣ୍ଠି ।
ଅଦୂରେ ଶ୍ମଶାନ-ତୁଳସୀର ଭଳି,
ଶ୍ରୀବର ଭକ୍ତଙ୍କ ଭଗ୍ନ ଦୁଗସ୍ଥଳୀ ।
ସ୍ଥାନେ ସ୍ଥାନେ ପୋତି ପଡ଼ିଛି ପଉଖା,
ପଡ଼ିଛି ଶଳିତା ଲିଭିଅଛି ଶିଖା ।

ଦୁର୍ଗ ପ୍ରାଚୀରର ଭଗ୍ନ ଅବଶେଷ,
ଧରି ଉଭା ଦୀନ କାଙ୍ଗାଳୀର ବେଶ ।
ଉତ୍ସବେ ଯେ ମଠ ଥିଲା ଦିବାନିଶି,
ଗଲାଣି ସେ ହର୍ମ୍ୟ ମାଟି ସଙ୍ଗେ ମିଶି ।

ଶୋଭାଶୂନ୍ୟ ଦୁର୍ଗ ବେଶ ଅନାଦରା,
ଯାଇଛି କର୍ପୂର ଅଛି ଛିଣ୍ଡା କନା ।
କାଳଗର୍ଭେ ଜୀର୍ଣ୍ଣ ପୂର୍ବ ଚାରୁ ମୂର୍ତ୍ତି,
ଅଛି ମାତ୍ର ଖାଲି ତୁଚ୍ଛା କ୍ଷୀଣ ସ୍ମୃତି ।
ମଣିରତ୍ନ ସାଜେ ଥିଲା ଯେ ଉଜ୍ଜ୍ୱଳ,
ଏବେ ତାହା ଆହା ଘନ ବନସ୍ଥଳ !
ଗତ ସୌଭାଗ୍ୟର ମୂକ ସାକ୍ଷୀ ରୂପେ,
ପଡ଼ି ରହିଛନ୍ତି ଭଗ୍ନ ବାପୀ, କୂପେ ।

କି ନିଷ୍ଠୁର ହାୟ ନିୟତି ବିଧାନ,
ଆଜି ଯେ ଅମର କାଲି ସେ ଶ୍ମଶାନ !
ଧ୍ୱଂସପଟୁ କାଳ ଧ୍ୱଂସ ତାର ନୀତି,
ନିର୍ବାଣୀ ଛନ୍ଦେ ସେ ଗାଏ ଧ୍ୱଂସ-ଗୀତ ।
ଦୁର୍ଗ କାହିଁ ବୋଲି ପଚାରିଲେ ଯାଇ,
ଦୁଷ୍ଟା ପ୍ରତିଧ୍ୱନି ହୁଅଇ ଖଭାଇ ।

ସ୍ୱଭାବ ତାହାର ଘୃଣ୍ୟ ନୀଚତର,
ଖଭାଇ ହୁଏ ସେ ନ ଦେଇ ଉତ୍ତର ।
ବସିଲେ ସେଠାରେ ବହୁ ମନେ ବ୍ୟଥା,
ଦିଶେ ନେତ୍ରେ ଖାଲି ଭବ-ଭଙ୍ଗୁରତା ।
ନିର୍ଭର ଦୁର୍ଭାର ଲାଗେ ନିଜ ତନୁ,
ନିଜ ପ୍ରତି ଆସ୍ଥା ଛାଡ଼ିଯାଏ ମନୁ ।

ଜଳି ଉଠେ ହୃଦେ ବିତୃଷ୍ଣାର ଚିତା,
ଜୀବନ ଜଗତ ଲାଗେ ସବୁ ମିତା ।
ଏ ସଂସାର ଯେବେ ଏତେ ଦଗାଦାର,
ତେବେ ତାହା ପଦେ କୋଟିଏ ଜୁହାର ।
ବଳେ ବଳେ ଜାତ ହୁଏ ଏ କଳ୍ପନା,
ସଂସାର ନୁହେଁ ସେ କାହାର ଛଳନା ।
ସବୁ ଯେବେ ମିଥ୍ୟା ସବୁ ଇନ୍ଦ୍ରଜାଲ,
ନର ଆଶା ତେବେ କେବଳ ଖିଆଲ !
ସବୁ ଯେବେ ତୁଚ୍ଛ ଆବର ଅସ୍ଥାୟୀ,
ଆଶା-ସ୍ୱପ୍ନ ତେବେ ଆସେ କାହିଁ ପାଇଁ ?
ଆସେ କିପାଁ ପୁଣି ସଂସାର ଲାଳସା,
କାହାର ଲୀଳା ଏ କାହାର ତାମସା ?

http://oaob.nitrkl.ac.in

ଯେବଣ ମାୟାବୀ ସୃଜିଲା ସଂସାର,
ଆଶା ଲାଳସା ବା ସଜନା ତାହାର ।
ଅତି ଅଲୌକିକ ସିନା ତାହା ମାୟା,
ରୂପରେଖାହୀନ କେବଳ ସେ ଛାୟା ।
ସେ ମହା ମାୟାର ତତ୍ତ୍ୱ ଆଲୋଚନା,
କ୍ଷୁଦ୍ର ନର ପକ୍ଷେ ସିନା ବିଡ଼ମ୍ବନା ।

ଦୁର୍ଗ ଯାମ୍ୟେତରେ ଲଙ୍କାଗଡ଼ ଗିରି,
ଟେକିଛି ମସ୍ତକ ନଭ ଗର୍ବ ଭରି ।
ମାରୁତ ମନ୍ଦିର ପ୍ରାୟ ଦୂରୁ ଦିଶେ,
ଲଙ୍କାଦେବୀ ପ୍ରିୟ ବିଜୟ ବେଦୀ ସେ ।
ଦୂରୁ ହେରି ଦୁର୍ଗେ ଲଭି ମନେ ତ୍ରାସ,
ଦରୀ-ନାସେ ଗିରି ଛାଡ଼େ ଦୀର୍ଘଶ୍ୱାସ ।
ମନେ ମନେ ଭାବେ ନିୟତି ଅଧୀନେ,
ମୋହର କି ହେବ ଏହି ଦଶା ଦିନେ ।
କ୍ଷୟ ବା ଅସାଧ୍ୟ ଦୁରନ୍ତ କାଳର,
କରିବ ମୋ ସ୍ଥାନେ ହ୍ରଦ ବା ସାଗର ।
ହୃଦୟ ପଟରେ ରହିଛି ରେ ଅସ୍ତ୍ର,
ଜୀବନ କହିବା କାଳ ହସ୍ତେ ନ୍ୟସ୍ତ ।
ଦେଖିଥିଲି ଗିରି ଦୁର୍ଗ ଅହଙ୍କାର,
ଧ୍ୱଂସ ଦେଖି ଏବେ କରେ ହାହାକାର ।

"ବଲ୍ଲବ" ଗ୍ରାମଟି ଶସ୍ୟସୁଶ୍ୟାମଳ,
ପ୍ରକୃତି-ଦେବୀଙ୍କ ପ୍ରିୟ କ୍ରୀଡ଼ାସ୍ଥଳ ।
ଧାଡ଼ି ଧାଡ଼ି ହୋଇ ଦୁଇ ପାଖେ ଘର,
ମଧ୍ୟସ୍ଥଳେ ଦାଣ୍ଡ ପ୍ରଶସ୍ତ ସୁନ୍ଦର ।
କୃଷି ସେ ଗ୍ରାମର ମୁଖ୍ୟ ବ୍ୟବସାୟ,
କରନ୍ତି କୃଷାଣେ ନାନା ଶସ୍ୟ ଆୟ ।

ଦାଣ୍ଡ, ପିଣ୍ଡା, ବାଡ଼, ପ୍ରାଙ୍ଗଣନିଚୟ,
ସୁପକ୍ୱ ମରିଚେ ଦିଶେ ରଙ୍ଗମୟ ।
ଲଗିଛି ଉତ୍ସବ ଯେସନେ ଚଉରୀର,
ବହଳରେ ବୁଣି ହୋଇଛି ଅବିର ।
ବଛା ହୋଇଅଛି କମ୍ବା ରଙ୍ଗ ପାଟ,
ବିକେ ହେବେ ବୋଲି ବସନ୍ତ-ସମ୍ରାଟ ।
ଅନନ୍ତର ଗ୍ରାମ ଛାଡ଼ି ବାସ୍ପରଥ,
ଧରିଲା ଦୁର୍ଭିକ୍ଷ ସ୍ମୃତିଧର ପଥ । ୧
ବହୁଛି ସେ ପଥ କରୁଣ ବିବୃତି,
ଆଉର ପୁଣ୍ୟାତ୍ମା କଟରଙ୍କ ସ୍ମୃତି । ୨
ସରଣୀର ପ୍ରାନ୍ତ ରେଣୁରେ ନିର୍ମିତ,
ଦୁର୍ଭିକ୍ଷର ଅଧ୍ୟା ଅଛି ଲୁକ୍କାୟିତ ।
ନାନା ଶସ୍ୟକ୍ଷେତ୍ର ବିସ୍ତୃତ ଦ୍ୱିପାଶେ,
ଗର୍ବେ ଧରି ଶସ୍ୟ ସାଫଲ୍ୟ ସୁହାସେ ।
ଫଳ ଫୁଲ ଭବ ନେତ୍ରେ ଉଲୋଭମା,
ନାସିକା ସଙ୍ଗେ ସେ ଯୋଗେ ତା ଉପମା ।
ପିନ୍ଧାଇଛି ପକ୍ୱ ଲଙ୍କା ସସମ୍ମାନେ, ୩
ସଦ୍ୟୁଗ ଚମ୍ପା କ୍ଷେତ୍ରଲକ୍ଷ୍ମୀ କାନେ ।
ଧୂଆଁ ପତ୍ର କାହିଁ ଢାଳେ କଟୁଗନ୍ଧ,
କେତେ ସ୍ଥାନେ କେତେ ହୋଇଅଛି ଗନ୍ଧ ।

ସୁପ୍ରଭାତ ଆଜି ଭାଗ୍ୟ ସୁପ୍ରସନ୍ନ,
କଲି ତନରଡ଼ା ଗୋଶାଳା ଦର୍ଶନ ।
ଆହା କି ପବିତ୍ର ତୀର୍ଥ ମନୋରମ,
ଗୋଶାଳା ନୁହେଁ ସେ—ସୁରଭୀ ଆଶ୍ରମ ।
ପଣ୍ଡିତ ଶ୍ରୀବତ୍ସ ଆବାଲ୍ୟ ସଂସ୍କାରୀ, ୪
ସେ ପୁଣ୍ୟ ଆଶ୍ରମେ ତୀବ୍ର ତପଚାରୀ ।

୧—୧୯୧୯ ସାଲ ଦୁର୍ଭିକ୍ଷ ସମୟରେ ଏହି ସଡ଼କ ପ୍ରସ୍ତୁତ ହୋଇଥିଲା । ୨—ଓଡ଼ିଆବନ୍ଧୁ କଟରଲ ସାହେବ ଅକର୍ମୀ ଲୋକଙ୍କୁ କର୍ମ ଯୋଗାଇବା ପାଇଁ ଏହି ସଡ଼କ ତିଆର କରାଇଥିଲେ । ୩—ସୁପକ୍ୱ ଲୋହିତ ବର୍ଣ୍ଣର ଲଙ୍କାମରିଚ । ୪—ତନରଡ଼ାରେ ଜିଲ୍ଲାର ଏକମାତ୍ର ସଂସ୍ଥାପକ ନିର୍ଭୀକ ସମାଜ-ସଂସ୍କାରକ ଶ୍ରୀବତ୍ସ ପଣ୍ଡା ବି, ଏ, ମହାଶୟଙ୍କର ପ୍ରସିଦ୍ଧ ଗୋଶାଳା ଅବସ୍ଥିତ ।

http://oaob.nitrkl.ac.in

ସଂସ୍କାର, ସାହିତ୍ୟ ତପସ୍ୟା ସାଧନ,
କରନ୍ତି ସେଠାରେ ହୋଇ ଯୋଗମଗ୍ନ ।
କିଛୁ ନାହିଁ ନେତ୍ରେ ଶୁଭୁ ନାହିଁ କାନେ,
ତଥାପି କର୍ମରେ ରତ ଏକଧ୍ୟାନେ ।
ଏ ଆଶ୍ରମ ତାଙ୍କ ପବିତ୍ର ସୁକୃତି,
ବହିଥିବ କାଳେ କାଳେ ତାଙ୍କ ସ୍ମୃତି ।
ନିଜ ସ୍ମୃତିସ୍ତମ୍ଭ ନିଜେ ଗଲେ ପୋତି,
ନିଃସରିବ ତହୁଁ ଶୁଭ୍ର ସ୍ୱଚ୍ଛ ଜ୍ୟୋତି ।
ପାରିବ ସେ ନବ ଆଦର୍ଶ ବିତରି,
ମହିମ୍ନ କ୍ରା ସ୍ତମ୍ଭ ନୁହେଁ ତାକୁ ସରି ।
ବାର୍ଦ୍ଧକ୍ୟେ ସୁଦ୍ଧା ସେ ଶକ୍ତି-ଧନେ ଧନୀ,
ଚାଲିଛି ଅଶ୍ରାନ୍ତେ ତାହାଙ୍କ ଲେଖନୀ ।
ନ ଥାଏ ଭ୍ରୂକ୍ଷେପ ଆକ୍ଷେପେ କଟାକ୍ଷେ,
ସତ୍ୟ ଶିବ ସେବା-ରତ ମନୋବାକ୍ୟେ ।
କରିବାକୁ କାର୍ଯ୍ୟ ଯୋଗ୍ୟ କେତେ ଜଣ,
ମାତ୍ର ବାଛିବାକୁ ଛନ୍ତି ପଣ ପଣ ।
ନ ଦେଖନ୍ତି ନିଜ ନେତ୍ରେ ନିଜ ହିତ,
ପର ଉପଦେଶେ ଦେଖାନ୍ତି ପାଣ୍ଡିତ୍ୟ ।
ଏହି ଜ୍ୟୋତିଷ୍କଟି ବାର୍ଦ୍ଧକ୍ୟ ବତାସେ,
ଜଳେ ଧୂକୁ ଧୂକୁ ସଂସ୍କାର ଆକାଶେ ।
ତଥାପି କରୁଛି ବିକିରଣ ଜ୍ୟୋତି,
ପ୍ରଭାହୀନ ନୁହେଁ ପୁରାତନ ମୋତି ।

ଅହୋ କି ସୌଭାଗ୍ୟ ଅହୋ କି ସୁଦିନ,
ଖେଳିଯାଏ ପ୍ରାଣେ ଉଲ୍ଲାସ ନବୀନ ।
ଭଞ୍ଜ କବିଙ୍କର ସ୍ମୃତି ସୌଧ ଚୂଳ,
ଦୂରୁ ଦିଶେ ବହି ଉପମା ଅତୁଳ ।
କି ଅମୃତମୟ ସୁଖ ସ୍ୱପନର—
ଉନ୍ନତକାଳେ ଭଙ୍ଗା ତାହା କଳେବର ।

ଗାଉଛି ନୀରବେ ଭଞ୍ଜ କବି ଗୀତ,
କବିତାରେ ହର୍ମ୍ୟ ହୋଇଛି ନିର୍ମିତ ।
ଦୃଷ୍ଟି ମାତ୍ରେ ସେହି ସୌଧରୂପୀ ଯତି,
ନେଲକ ଓଟାରି ହୃଦୟୁ ଭକତି ।
ହାତ ଯୋଡ଼ି ତହୁଁ କହିଲି ପ୍ରଣାମ,
ତ୍ରିବାର ଉଚ୍ଚାରି ମହାକବି ନାମ ।
ଘୁମୁସର ରାଜ୍ୟେ ଭ୍ରମି ବହୁ ସ୍ଥାନ,
ନ ଦେଖିଲି କାହିଁ ଭଞ୍ଜ ସ୍ମୃତି ଆନ ।
ଧନ୍ୟ ତନରଡ଼ା ଯୁବକମଣ୍ଡଳୀ,
ଅର୍ପନ୍ତି ଉପେନ୍ଦ୍ର ପାଦେ ପୁଷ୍ପାଞ୍ଜଳି ।
ଜାତୀୟ କବିଙ୍କ ଆଦର ସମ୍ମାନ,
କରି ଜାଣନ୍ତି ସେ ଯୁବା ମତିମାନ ।
ପ୍ରତିଭା ପୂଜାର ଯେ ଦକ୍ଷ ପୂଜାରୀ,
ପ୍ରତିଭାର ସେହି ଯୋଗ୍ୟ ଅଧିକାରୀ ।
ଛୁଇଁବା ମାତ୍ରେ ସେ ପବିତ୍ର ମନ୍ଦିର,
ଉଠିଲା ଶିହରି ଉଲ୍ଲାସେ ଶରୀର ।
ସତେ ଯେସନେ ତହିଁ ଉପେନ୍ଦ୍ର ପ୍ରଭାବ,
ଖେଳି ବୁଲୁଅଛି ସହ ହାବଭାବ ।
ସତେ ଯେସନେ ତାଙ୍କ କବିତା-କଳାପ,
ଅଲକ୍ଷିତେ କିଏ କରୁଛି ଆଳାପ ।
କିନ୍ତୁ ଭାଷାହୀନ କି ମହାବିଷାଦ,
ଘୋଟିଛି ମନ୍ଦିରେ ଆମସ୍ତକ ପାଦ ।
ମହାକବିଙ୍କର ବିରହ ବେଦନା,
ଘାରୁଛି ତା ପ୍ରାଣେ ହୁଏ ସମ୍ଭାବନା ।
ବହୁ ପାଣ୍ଡୁଲେଖ୍ୟ, ଗ୍ରନ୍ଥ ଏକାଧାରେ,
ରହିଛି ରକ୍ଷିତ ଭଞ୍ଜ ପାଠାଗାରେ । *
ସଞ୍ଚିତ ତହିଁରେ ଯେ ରତ୍ନ ବିଭବ,
ଜଗନ୍ନାଥରେ ସେ ରତ୍ନ ଦୁର୍ଲଭ ।
ଅଦୂର ଭବିଷ୍ୟେ ଆଦର୍ଶେ ତାହାର,
ପ୍ରତି ଘର ହେଉ ଭଞ୍ଜ ପାଠାଗାର ।

* ତନରଡ଼ାର ଉପେନ୍ଦ୍ରଭଞ୍ଜ ପାଠାଗାର ଏକ ବୃହତ୍ ଅନୁଷ୍ଠାନ । ପାଠାଗାରରେ ଓଡ଼ିଆ, ଇଂରାଜୀ, ବଙ୍ଗଳା ପୁସ୍ତକ ତିନି ହଜାର ଅଛି । ଅନେକ ଦୁଷ୍ପ୍ରାପ୍ୟ ଉତ୍କୃଷ୍ଟ ପୁସ୍ତକ ଏହି ପାଠାଗାରରେ ଦେଖାଗଲା । ଏରୂପ ସୁପରିଚାଳିତ ବୃହତ୍ ପାଠାଗାର ସମଗ୍ର ଅଞ୍ଚଳରେ ବିରଳ ।

http://oaob.nitrkl.ac.in

ଏଣିକି ମାଗୁଣି ବାଗ୍‌ଦେବୀ ଚରଣେ,
ଏକାନ୍ତ ବିନୟେ ବାକ୍ୟେ-ପ୍ରାଣେ-ମନେ ।
ସ୍ଥାପିଲେ ମନ୍ଦିର ଲକ୍ଷ୍ମୀନାରାୟଣ, ୧
ସାହିତ୍ୟ-ଜୀବନ ସାହିତ୍ୟ-ଭୂଷଣ ।
ସଞ୍ଚାରିଲେ ପ୍ରାଣ ଶ୍ରୀ ରାଧାମୋହନ ୨
ଯୁବକ ସମାଜେ ଗର୍ବ-ଗଣ୍ୟଧନ ।
ରାଓ ନରସିଂହ ମୁଖ୍ୟ ପୃଷ୍ଠରକ୍ଷୀ, ୩
ପୁସ୍ତକ ବୃଦ୍ଧିରେ ଛନ୍ତି ଲକ୍ଷ୍ୟ ରଖି ।
ହେ ସାହିତ୍ୟବୀର ଭକ୍ତ କବିବର,
ମାନବ କି ସ୍ମୃତି ରଖିବ ତୁମ୍ଭର ?
ରଖି ଯାଇଅଛ ତୁମ୍ଭେ ତୁମ୍ଭ ସ୍ମୃତି,
ଗ୍ରନ୍ଥଫଳେ ତୁମ୍ଭ କାବ୍ୟେ ତୁମ୍ଭ ମୂର୍ତ୍ତି ।
ସ୍ମୃତି-ପୂଜା ସିନା ନିଜ ହିତ ପାଇଁ,
ପୂଜ୍ୟ ପୂଜା ବିନା ପୂଜା ମିଳେ ନାହିଁ ।
ତୁମ୍ଭ କାବ୍ୟ-ପୁତ୍ର କବିତା-କନ୍ୟାଏ,
ଗାଉଥିବେ ସ୍ମୃତି ସୃଷ୍ଟି ଥିବା ଯାଏଁ ।
ଉପଯୁକ୍ତ ପୁତ୍ରକନ୍ୟା ସେ ତୁମ୍ଭର,
ପିତୃଭକ୍ତିରେ ସେ ଉଭେ ଧୁରନ୍ଧର ।
ଯେତେ କାଳ ଯାଏଁ ବହୁଥିବ ବାତ,
ହେଉଥିବେ ଚନ୍ଦ୍ରସୂର୍ଯ୍ୟ ଆତଯାତ,
ତେତେ କାଳ ଯାଏଁ ସେ ବେନି ତୁମ୍ଭର,
ଘୋଷୁଥିବେ କୀର୍ତ୍ତି-ଗୀତ ନିରନ୍ତର ।
ଫୁଲ, ଇନ୍ଦ୍ରଧନୁ, ବିଜୁଳି ଆବର,
ରତ୍ନ, ଜ୍ୟୋତ୍ସ୍ନା ଯାହା ଜଗତେ ସୁନ୍ଦର ।
ମିଶାଇଣ ଏହି ଷଡ଼ ଉପାଦାନ,
କଲେ ତୁମ୍ଭ ସ୍ମୃତି-ମନ୍ଦିର ନିର୍ମାଣ ,
ହେବ ନାହିଁ କେବେ ସେ ମନ୍ଦିର ମୂଲ୍ୟ,
ତୁମ୍ଭ ପ୍ରତିଭାର କଣିକାକୁ ତୁଲ୍ୟ ।
ସାରସ୍ୱତ ପୂଜା ଲୋଡ଼େ ନାହିଁ ଆନ,
ବିନା ସାରସ୍ୱତ ଶୁଦ୍ଧ ଉପାଦାନ ।
ପାଠାଗାର ତୁମ୍ଭ ଯୋଗ୍ୟ ପୂଜା ବେଦୀ,
ପାରେ ସେ ଜ୍ଞାନାସ୍ତ୍ରେ ଅଜ୍ଞାନତା ଛେଦି ।
ହେ ସାହିତ୍ୟଶିଳ୍ପି, ହେ ଯୋଗିପ୍ରବର,
ଯୁଗେ ଯୁଗେ ତୁମ୍ଭେ ଅଜର ଅମର ।
ଭାରତୀ ଭଣ୍ଡାର ଆଣିଥିଲ ଲୁଟି,
ବାଣ୍ଟିଦେଇ ତାହା ଗଲ ହେ ଲେଉଟି ।
ସେ ରତ୍ନେ ସମୃଦ୍ଧ ଉତ୍କଳ-ସାହିତ୍ୟ,
କୋଟି ଧନ୍ୟ ତୁମ୍ଭ ବୈଶିଷ୍ଟ୍ୟ ପାଣ୍ଡିତ୍ୟ ।
ଯାଇଅଛ ତୁମ୍ଭ ମାଟିଦେହ ମରି,
ମାତ୍ର ଭ୍ରମୁଅଛ କୀର୍ତ୍ତି-ମୂର୍ତ୍ତି ଧରି ।
ମାଟିପିଣ୍ଡ ସିନା ଲଭୁଛି ବିଲୟ,
କିନ୍ତୁ ବଞ୍ଚିଅଛି ମୂର୍ତ୍ତି ଜ୍ୟୋତିର୍ମୟ ।
ସେ ମୂର୍ତ୍ତିର ମୃତ୍ୟୁ ନାହିଁ କେବେ ଭବେ,
ମରି ତୁମ୍ଭେ ଚିର ଅମୃତ ଉତ୍ସବେ ।
କି କଠୋର ତପେ ଉତ୍କଳ ଧରଣୀ,
ଲଭିଲା ଏଭଳି ପୁତ୍ର ଗୁଣମଣି ।
କେଉଁ ମହାତୀର୍ଥେ ବସିଥିଲା ସେବା,
କେଉଁ ଦେବତାଙ୍କୁ ଦେଇଥିଲା ଦେବୀ ।
କେ କହିବ ତାହା ଜଣା ବା କାହାର,
ଗୋଚର ଏକା ତା ଜଗତନାଥଙ୍କୁ ।
କୋଟି ପୁତ୍ର ପଛେ ଜନ୍ମ କରୁ ମାତା,
ଗୋଟିଏ ସୁପୁତ୍ର ଯୋଗେ ହୁଏ ଖ୍ୟାତା ।
କୋଟି କୋଟି ତାରା କି କରନ୍ତି ଆସି,
ଚନ୍ଦ୍ର ହେତୁ ସିନା ଧନ୍ୟା ପୌର୍ଣ୍ଣମାସୀ ।

---

୧—ସାହିତ୍ୟବନ୍ଧୁ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏହି ଗାଁଓ ମଦର ପାଠାଗାରର ପ୍ରତିଷ୍ଠାତା । ୨—ଉତ୍ସାହୀ ଯୁବକ ବାବୁ ରାଧାମୋହନ ଦାସ ପାଠାଗାରର ସୁପରିଣ୍ଟେଣ୍ଡେଣ୍ଟ । ତାଙ୍କ ପରିଚାଳନା କୌଶଳରେ ପାଠାଗାରର ପ୍ରଭୂତ ଉନ୍ନତି ସାଧିତ ହୋଇଅଛି । ୩—ଦମ୍ପପୁରର ଭୂତପୂର୍ବ ଡେପୁଟୀ କଲେକ୍ଟର ଶ୍ରୀଯୁକ୍ତ ନରସିଂହ ରାଓ ପାଠାଗାରର ପ୍ରଧାନ ପୃଷ୍ଠପୋଷକ । ସେ ଅଦ୍ୟାବଧି ପ୍ରତିବର୍ଷ ଦୁଇଶତ ଟଙ୍କାର ପୁସ୍ତକ ପାଠାଗାରକୁ ସାହାଯ୍ୟ ପଠାଉଅଛନ୍ତି । ପାଠାଗାରରେ ଅନେକ ମାନପତ୍ର ଅଛି ।

http://oaob.nitrkl.ac.in

## ପଞ୍ଚମ ସର୍ଗ

ବିସ୍ତୀର୍ଣ୍ଣ ରସଲକୋଣ୍ଡା ଜଳାଧାର, ୧
ଦିଶେ ଯଥା କ୍ଷୁଦ୍ର ନୀଳ ପାରାବାର ।
ଅଗାଧ ଗଭୀର ନିର୍ମଳ ପାବନ, ୨
ମହାବିଦ୍ୱାନର ହୃଦୟ ଯେସନ ।
ଅଥବା ପଢନ୍ତି ପାଠାଳିଙ୍କୁ ବାଟ,
ଦେଖିଛନ୍ତି ତା ଦ୍ୱାର ଦର୍ପଣ-କବାଟ ।
ରବି ପ୍ରତିବିମ୍ବ ବହନ୍ତି ବକ୍ଷରେ,
ତେଣୁ ନୀଳାକାଶ ଉପମା ସେ ଧରେ ।
ଦେଶପ୍ରେମୀ ହୃଦେ ଦେଶପ୍ରୀତି ପ୍ରାୟେ,
ଜଳେ ପ୍ରତିବିମ୍ବ କେଡ଼େ ଶୋଭା ପାଏ ।
ଭାବୁକ ନେତ୍ରେ ତା ବହୁରୂପେ ଦିଶେ,
ସାଇ-ସ୍ଥୂଳଦେହେ ସୂକ୍ଷ୍ମ ଆତ୍ମା କି ସେ ?
ଜଳନ୍ତି ବାଡବ ସିନ୍ଧୁଗର୍ଭେ କିବା,
ମହାତ୍ମା ମସ୍ତିଷ୍କେ ଅଥବା ପ୍ରତିଭା ।
ବାଘଦେଇ ସୁସ୍ୱଦେଇ ରତନେଇ, ୩
ଉଭାଇଛନ୍ତି ତା ତୀରେ ପାଦ ଦେଇ ।
ଛନ ଶୈଳର ସେ ସୁନୀଳ ଦର୍ପଣ,
ଦେଖୁଛନ୍ତି ମୁଖ ତହିଁ ଗିରିଗଣ ।
ମାଛରଙ୍କା ପକ୍ଷୀ ଖରେ ଜଳେ ବୁଡି,
ଥରେକେ ମାଛ ଘେନ ଯାଏ ଉଡ଼ି ଉଡ଼ି ।
ଇନ୍ଦ୍ରଧନୁ କିବା ସ୍ନାନ କରି ଜଳେ,
ଉଠିଯାଉଅଛି ପୁଣି ନଭସ୍ଥଳେ ।
ଟଙ୍କ ମାରି ଟଳି ବୁଲେ ଉଡ଼ି ଉଡ଼ି,
ଡିଆ ସୂତ୍ରେ ଘାଇ ଉଡ଼ାଏ କି ଘୁଡ଼ି । ୪

ଗିରି-ବାସ୍ପୁ ଜଳେ ସ୍ୱଚ୍ଛ ନୀଳବେଣୀ,
ଖେଳେ କି ଶାଦ୍ୱଳେ ମରୀଚିକା ଶ୍ରେଣୀ ? ୫
ସେ ମୃଦୁ ହିଲ୍ଲୋଳ ବନପାଦେ ଲଗି,
ସ୍ତର ସ୍ତର ହୋଇ ପଡ଼ୁଥାଏ ଭଙ୍ଗି ।
ବନଲକ୍ଷ୍ମୀ ପାଦେ ଯେସନେ ଜଳାଧାର,
ଜୁହାରୁଛି ହାତ ଯୋଡ଼ି ବାରମ୍ବାର ।
ବକ-ହଂସ-କେଳିସର ଘୁମୁଷରେ,
ଇନ୍ଦୀବର ପ୍ରାୟେ ଶୋଭା ଜଳୀ ଧରେ ।
ବ୍ରହ୍ମପୁର, ଛତ୍ରପୁର, ଘୁମୁଷର,
ପୁଣି ଇଛାପୁର ମାତୃକା ଏ ସର ।
ଏ ଚାରି ତାଲୁକ ଅନାବୃଷ୍ଟି କାଳେ,
ଇନ୍ଦ୍ରପର ଏହି ଜଳୀ ପ୍ରତିପାଳେ ।
ନାଳ ପଥେ ବଡ଼ନଦୀ ଜଳରାଶି,
ପୂର୍ଣ୍ଣ କରେ ଏହି ଜଳାଧାରେ ଆସି ।
କେଡ଼େ ବୁଦ୍ଧିମନ୍ତ ସ୍ଥପତି-ପ୍ରବର, ୬
ସ୍ଥାପତ୍ୟ ବିଦ୍ୟାରେ ଅତି ଧୁରନ୍ଧର । ୭
ମିଶାଇଛି ନେଇ ଆହା କି ବୁଦ୍ଧିରେ,
କୃତ୍ରିମ ତଟିନୀ କୃତ୍ରିମ ସାଗରେ !
ଭୀତ ଅଜଗର ଧାଇଁ ଆସି କବେ,
ପଶି ଯାଉଛି କି ସମୁଦ୍ର ଗରଭେ ?
ନିଦାଘ ମଧ୍ୟାହ୍ନେ ଉତ୍ତପ୍ତ ବାଘ,
କିମ୍ବା ଅଗ୍ନିହୋତ୍ରୀ ଅଗ୍ନିଷ୍ଟୋମ ଯାଗ ।
ନୀରବ ନିସ୍ତବ୍ଧ ଗ୍ରାମ ପଦା ବାଟ,
ଛାଡ଼େ ବଭୀଷିକା ନିଃଶବ୍ଦ କବାଟ ।

୧—ରସଲକୋଣ୍ଡା ଜଳାଧାର ୧୮୯୪ ସାଲରେ ପ୍ରସ୍ତୁତ । ମହାନଦୀର ସାତକୋଶିଆ ଗଣ୍ଡଠାରୁ ପାଣି ଅଣାଇ ଏହି ଜଳାଧାରକୁ ପାଣି ଆଣିବାର ବ୍ୟବସ୍ଥା ହୋଇଥିଲେ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ସେ ପ୍ରସ୍ତାବରେ ଅସମ୍ମତ ହେବାରୁ ବଡ଼ନଦୀରେ ଆନିକଟ କରି ପାଣି ଅଣାଗଲା । ସେତେବେଳେ ଓଡ଼ିଶା ବଙ୍ଗଳାର ଅଧୀନରେ ଥିଲା । ଉପର୍ଯ୍ୟୁକ୍ତ ପ୍ରସ୍ତାବ ଅନୁସାରେ କାର୍ଯ୍ୟ ହୋଇଥିଲେ କଟକ ଓ ପୁରୀ ଜିଲ୍ଲା ବର୍ତ୍ତମାନ ପରି ବନ୍ୟାରେ ଛାରଖାର ହେଉ ନ ଥାନ୍ତା । ୨—ଜଳାଧାରର ଗଭୀରତା ୪୫ ଫୁଟରୁ ଅଧିକ । ୩—ସ୍ୱନାମପ୍ରସିଦ୍ଧ ପର୍ବତତ୍ରୟ । ୪—କାଗଜଗେଳ । ୫—ଶାଦ୍ୱଳ—ତୃଣପୂର୍ଣ୍ଣ ପ୍ରାନ୍ତର । ୬—ଇଞ୍ଜିନିୟର ବେକେଟରେଡ୍ ନାଇଡୁ । ଡାକନାମ ଜଲା ସାହେବ । ୭—ସ୍ଥାପତ୍ୟ ବିଦ୍ୟା—ଇଞ୍ଜିନିୟରିଂ ବିଦ୍ୟା ।



http://oaob.nitrkl.ac.in

ଅଗ୍ନିକଣାରାଶି ବର୍ଷୁଛି ତପନ,
ଉଷ୍ଣ-ନୀଡ଼ ଦୃଷ୍ଟ ଭୂପୃଷ୍ଠ ଯେସନ ।
ଭୀଷଣେ କର୍କଶେ ରଟୁଛନ୍ତି କାକେ,
ଦୁଷ୍କାଳେ ମଣ୍ଡୁକେ କାଳ ଯେହ୍ନେ ଡାକେ ।
ମଧ୍ୟାହ୍ନ-ବାନ୍ଧବ ଯାମଘୋଷୀ ତୋଷେ, ୧
"ଖଟ୍ଟେଶ୍ ଖଟ୍ଟେଶ୍" ଉଚ୍ଚକଣ୍ଠେ ଘୋଷେ ।
କାହାକ ଗଟରେ ଶୁଆଏ ବିହଙ୍ଗ,
ସେହି ଏକା ଜାଣେ ତାହା ରସ ରଙ୍ଗ ।
ନୀରବେ ସ୍ଥବିର ଧରଣୀ-ତାପସୀ,
ପଞ୍ଚାଗ୍ନି ସାଧନା କରେ ରୌଦ୍ରେ ବସି ।
ଫେଇ ନୀଳବେଣୀ ନାଚେ ମରୀଚିକା,
ହାତ ଧରି ତାର ନାଚେ ବିଭୀଷିକା ।
ଧାବନ୍ତି ତା ଦେଖି ମୃଗମୃଗୀଗଣ,
ଆଶା ପଛେ ଧାଏଁ ଆଶାୟୀ ଯେସନ ।
ଆଶା ପ୍ରାୟ ତୃଷ୍ଣା ମହା ପ୍ରତାରିକା,
କୁହୁକ ମନ୍ତର ଜାଣେ ସୁକଣ୍ଠୀକା ।
ଅଗ୍ନି-ସିନ୍ଧୁ ପ୍ରାୟ ଧରଣୀ ଆକାଶ,
ରୌଦ୍ରରେଖା ଯେହ୍ନେ ମହାକାଳ ହାସ ।
ସନ୍ତରିବାକୁ ସେ ଅନଳ-ସାଗରେ,
ଦୁଃସାହସ ଖଗେ ନ କରନ୍ତି ଡରେ ।
ମାତ୍ର ଯାନ-ଦୈତ୍ୟ ୨ ଧାଇଁ ଅଛି ସୁଖେ,
ନିର୍ଭୟେ ସୋରିଷମୂଳୀ ଅଭିମୁଖେ ।
ଦୁର୍ବଳର ଯମ ପ୍ରବଳ କେବଳ,
ପ୍ରବଳକୁ କାହିଁ ଡରିବ ପ୍ରବଳ ?
ପଥ ପାର୍ଶ୍ୱେ ଶୋଭେ "ଡୁମୁ" ନାମେ ଗ୍ରାମ, ୩
ଶ୍ରାନ୍ତ ପାନ୍ଥେ ତହିଁ କରନ୍ତି ବିଶ୍ରାମ ।
ସାଧକ ପ୍ରାୟ ସେ ଶର୍ବ ବର୍ଷା ଶୀତେ,
ତୀବ୍ର ତପେ ରତ ନିର୍ବିକାର ଚିତ୍ତେ ।
ତରୁଲତାଶୂନ୍ୟ ଦିଶେ ନଗ୍ନାଟିଆ,
ଛାୟାଦାନେ ଦକ୍ଷ ଦାଣ୍ଡେ ଛାମୁଣ୍ଡିଆ ।

ସେ ଗ୍ରାମର ଭଦ୍ର ଗୃହସ୍ଥଜନର,
ଅତିଥିସତ୍କାରେ ସତତ ତତ୍ପର ।
ଗଡ଼ିଚଳେ ଯାନ ପଶ୍ଚିକର୍ଣ୍ଣି ତୀରେ
ପ୍ରବେଶିଲା ଯାଇ ସୋରିଷମୂଳୀରେ ।
ବିଶ୍ୱକେ ଅଗ୍ରତେ ବିଶାଳ ଅଚଳ ୪
କଙ୍କଣ ଦେଈଙ୍କ ପୁଣ୍ୟପୀଠ ସ୍ଥଳ ।
ଦେବୀଙ୍କର ତହିଁ ପ୍ରକାଣ୍ଡ ପ୍ରତିମା, ୫
ବସିଛି ବିସ୍ତାରି ଅଦ୍ଭୁତ ମହିମା ।
ପର୍ବତର ଉଚ୍ଚ ନଗ୍ନ ସ୍ୱରୂପ,
ଶିଖରରେ ସ୍ଥିତ ପୁଣ୍ୟତନ କୂପ ।
ବହିଯାଏ ଗିରିପାଦେ ବଡ଼ନଦୀ,
ହିମାଳୟ ପାଦେ ଯେହ୍ନେ ବିଷ୍ଣୁପଦୀ ।
ଅଦୂରେ ବଙ୍ଗଳା ଦିଶେ ଶୋଭାବନ, ୬
ଚଉର ମୂଳରେ ପ୍ରଦୀପ ଯେସନ ।
ବହୁଛି ସୋରିଷମୂଳୀ ନାମେ ଘାଇ, ୭
ବିଜୟ ଶଙ୍ଖ ସେ ସଦର୍ପେ ବଜାଇ ।
ଘାଇ ପଥେ ଯାଇ ବଡ଼ନଦୀ ଜଳ,
ନୀଳ ଜଳାଧାରେ କରେ ସୁପ୍ରବଳ ।
କାହା ଶାପେ ଅବା କି ପାପେ କେଜାଣି,
ଲଭିଛି ବନ୍ଧନ ଦଶା ନଦୀରାଣୀ !
ଚତୁର୍ମାସ୍ୟ କାଳେ ପୂର୍ଣ୍ଣଗର୍ଭା ନଈ,
ରୁଦ୍ଧ ରୋଷେ ଫୁଲି ଭୈରବେ ଗର୍ଜଇ ।
ବନ୍ଧେ ବନ୍ୟାସ୍ରୋତ ହୋଇ ପ୍ରତିହତ,
କଳକଳ ଶବ୍ଦେ ଘୂରେ ଅବିରତ ।
ବନ୍ଧ ଭାଙ୍ଗିବାକୁ ଉଦ୍ୟତ ସର୍ବଥା,
ମାତ୍ର ଭଙ୍ଗେ ତାରି ପ୍ରତାପ କ୍ଲୀବତା ।
ସତେ ବା ସେଠାରେ ଲାଗିଛି ଆହବ,
ଗଜ-କୁମ୍ଭୀରର ଭୀଷଣ ସମର ।
କମ୍ପାଏ ଗଗନ ଛାଡ଼ି ରୁଦ୍ର ଧ୍ୱନି,
ପ୍ରଳୟେ ଯେସନ ଗରଜେ ଅଶନି ।

୧—ଯାମଘୋଷୀ—ଟହଟହିଆ ପକ୍ଷୀ । ୨—ମୋଟରକାର । ୩—ଡୁଡୁମା ଗ୍ରାମର ଡାକନାମ ଡୁମୁ ଗ୍ରାମ । ୪—କାଙ୍କଣଦେଈ ପର୍ବତ । ୫—ଦଶହାତ ଉଚ୍ଚତାବିଶିଷ୍ଟ ପାଷାଣ ପ୍ରତିମା । ୬—P. W. D. ଡାକବଙ୍ଗଳା । ୭—ଆନିକଟ ।

http://oaob.nitrkl.ac.in

କଙ୍କଣ-ଶିଖରୀ ଶିଖର ସେ ସ୍ୱରେ,
କହେ ଆଜ ଶୈଳେ କମ୍ପିତ କଣ୍ଠରେ—
"କଲ୍ଣି ତ ଇନ୍ଦ୍ର ପୁଣି ଅଭିଯାନ,
ସାବଧାନ ଭାଇ, ସର୍ବେ ସାବଧାନ !"
କେତେ ରମଣୀୟ ଦେବ-ପ୍ରିୟଭୂମି,
ଯଜ୍ଞଧୂମେ ଯେତେକ ଉଠଇ ପ୍ରଧୂମି ।
ବାଳ-ଶ୍ୱେତହସ୍ତୀ ପରସ୍ପେ ଘନାଳି,
ଖେଳୁଛନ୍ତି ଗିରିଚୂଳେ ଲୁଚକାଳି ।
କୌତୁକ ଗହ୍ୱରେ ଖଣ୍ଡେ ଆସି ଘୂଞ୍ଚି,
ବନଗର୍ଭେ ପଶି ଯାଉଅଛି ଲୁଚି ।
ପଛେ ଉଡ଼ିଆସି ଆଉ ଖଣ୍ଡେ ଘନ,
ଖୋଜୁଛି ତାହାକୁ କରାର କାନନ ।
କିଛି ଦୂରେ ଦୁହେଁ ଉଠି ଶିର ଟେକି,
ପ୍ରେମେ ପରସ୍ପରେ ହୋନ୍ତି କୋଳାକୋଳି ।
ପୁନଶ୍ଚ ବିଚ୍ଛିନ୍ନ ହୋଇଯାଇ ଖରେ,
ଧାଇଁ ବୁଲେ ଖଣ୍ଡେ ଖଣ୍ଡକ ପଛରେ ।
ପ୍ରତେ ହୁଏ ଯେତେକ ଶୀତେ ଗିରିଚୂଡ଼ା,
ଦୋହରାଇ ଘୋଡ଼ି ହେଉଛି ପାଛୁଡ଼ା ।
କିମ୍ବା ପର୍ବତର ହୁଏ ଦେବାର୍ଚ୍ଚନ,
ଲଗି ହେଉଛି ସେ ଶରୀରେ ଚନ୍ଦନ ।
ବଙ୍ଗଳା ସମ୍ମୁଖେ ସ୍ୱଭ୍ରେ ବାଣକାର,[1]
ଜାଳିଲା ଦେଖଣ ଅଦ୍ଭୁତ ପ୍ରକାର ।
ଖେଳିଲା ହାଉଇ ଆକାଶରେ ଛୁଟି,
ଧୂମକେତୁ କିବା ଯାଏ ଉଙ୍କେ ଉଠି ?
ବହୁ ଉଚେ ଯାଇ ପକାଏ ଉଗାର,
ଶ୍ୱେତ ପୀତ ରକ୍ତ ନୀଳ ରଙ୍ଗ ତାର ।
ଅଥବା ଚୌବର୍ଣ୍ଣୀ ଫୁଲ ହାରାବଳୀ,
ଛୁଟିଯାଇ ଫୁଲ ପଡ଼ୁଅଛି ଗଳି !
ଟଳଟାଣ୍ ପ୍ରାନ୍ତେ ପ୍ରଦୀପ ପଞ୍ଜୁରୀ,
ଉଭଳ ସଧୀରେ କିଗ ଆଲୋ' ଦରି ।

ଏହିପରି କେତେ ଅପୂର୍ବ କୌତୁକ,
ଦେଖି ମନପ୍ରାଣ ଉଠିଲା ପୁଲକି ।
ଅପକ୍ୱ ବୟସେ ବାଣ-କାରିଗର,
ଭଲ ଶିଖିଅଛି ଅଦ୍ଭୁତ ସୁନ୍ଦର !
"ମୁଁ ଚଷାପୁଅ ମୋ କଷ୍ଟ ନାଅ" ବୋଲି,
ସବେ ଚଷାପୁଅ ୨ ତରୁଡ଼ାଳେ ଦୋଳି ।
କାହାକୁ ସେ କହେ କି କଷ୍ଟ ତା ପ୍ରାଣେ,
ତାହା ତରବ୍ୟଥା ସେହି ଏକା ଜାଣେ !
ପକ୍ଷୀର ବିଶ୍ୱାସ ଅଛି ଷୋଳପଣ,
କେହି ଜଣେ ତାର ଫେଡ଼ିବ ବନ୍ଧନ ।
ତାହାରି ଉଦ୍ଦେଶେ କହୁଛି ସେ କଥା,
ଜଣାଉଛି ଆର୍ତ୍ତେ ନିଜ ମନବ୍ୟଥା ।
ପରହିତ ପାଇଁ ସ୍ୱର୍ଗରେ ନ ଶୋଇ,
"ଏଠି ଗୋ ଏଠି ଗୋ" ଉଚ୍ଚାରେ ଟେଣ୍ଟୋଇ ।[3]
ବ୍ୟାଘ୍ର ସଙ୍ଗେ ସଙ୍ଗେ ଉଡ଼ି ସେ ଗଗନେ,
ସତର୍କ କରଏ ବ୍ୟାଘ୍ରଭୀତ ଜନେ ।
ଗଭୀର ନିଶୀଥେ ସେ ନିସ୍ତବ୍ଧ ସ୍ଥାନ,
ହୋଇଉଠେ ଭାବପ୍ରବଣ ମହାନ ।
ସୁପ୍ତ ବସୁମତୀ ସୁପ୍ତ ମହୀଧର,
ନୀଡ଼କୋଳେ ସୁପ୍ତ ବିହଙ୍ଗନିକର ।
ଶୁଭେ ମାତ୍ର ଶୂନ୍ୟ ସାଇଁ ସାଇଁ ସ୍ୱନ,
ସୁପ୍ତିମଗ୍ନା ମହୀ ଦେଖେ କି ସ୍ୱପନ ?
ଅଥବା ଉଚ୍ଚାରେ ରଜନୀ-ତାପସୀ,
ପ୍ରଣବ ଓଁକାର ଯୋଗଧ୍ୟାନେ ବସି ।
କ୍ଷୀଣାଲୋକ ଜାଳି ଖଦ୍ୟୋତନିକର,
ଦେଉଛନ୍ତି ମୁହୁଃ ନିଭାଇ ଆବର ।
ତମଃ-କଷଟିରେ କେଉଁ ସ୍ୱର୍ଣ୍ଣକାର,
କାଟିଯାଉଛି କି ଶତ ସ୍ୱର୍ଣ୍ଣଗାର ?
କିମ୍ବା ବହୁନେତ୍ର ଫେଡ଼ି ନିଶୀଥିନୀ,
ନିଜ ରୂପ ହେରି ହୋଇ ବିଷାଦିନୀ;

୧—ଅନନ୍ତରାମ ପଣ୍ଡା ଅଦ୍ଭୁତ ବାଣକାର । ଏ ସେନାପତି ପଣ୍ଡାଙ୍କ ବାବାପୁଅ ଭାଇ ଥିଲେ । ୨—ଜନାମପ୍ରସିଦ୍ଧ ପକ୍ଷିବିଶେଷ । ୩—ଟେଁଟେଁଯା ପକ୍ଷୀ ।

http://oaob.nitrkl.ac.in

ଆପେ ଆପଣାକୁ କରି ମହାଭୟ,
ଲୁଚି ପଡ଼ାଉଛୁ ମୁହୁଃ ନେତ୍ରଚୟ।
ପ୍ରତେ ହୁଏ ହେରି ସେହି ଜ୍ୟୋତି-ଗାର,
ହସି ଉଠୁଛୁ କି ନୈଶ ଅନ୍ଧକାର?
ମତ୍ତଗଜ ପରି ଦୂରେ 'ଚନ୍ଦ୍ରଗିରି' ୧
ମିଶାଇଛି ନୀଳନଭେ ନୀଳ ଶିରୀ।
କଳିଙ୍ଗ-ସମ୍ରାଟ ପ୍ରାୟ ସେ ଅଟଳ,
ରଖିଅଛି ପୋଷି ବହୁ ଦନ୍ତାବଳ!
ସେ କରିକୁଳର କପୋଳ-କଣ୍ଡୂଳ—
ଘର୍ଷଣେ ପାଦପୁ ଝଡ଼ିପଡ଼େ ଫୁଲ।
ଆଶ୍ରୟ-ପର୍ବତେ ଦେବତା ଜ୍ଞାନରେ,
ପୂଜନ୍ତି କି ତାକୁ ମାତଙ୍ଗନିକରେ?
ଲୁଚିଥାଏ ବ୍ୟାଘ୍ର ଭଣ୍ଡାଘାସ ବଣେ, ୨
ମୃଗ ଅପେକ୍ଷାରେ ଉଚ୍ଚାଟ ନୟନେ।
ଥାଉ ଆନ ଜୀବ, କେ ଗଣେ ଇତରେ,
ଲୁଚିଯାଏ ହସ୍ତୀ ସେ ତୃଣ ଭିତରେ!
ଡରୁଆମ୍ବା ଗ୍ରାମେ ବ୍ୟାଘ୍ର ଜନଶୂନ୍ୟ—
କରି ଦେଇଅଛି ଦୁରନ୍ତ ପିଶୁନ।
ଏକମାତ୍ର ବୃଦ୍ଧା ଅଭିମାନ ବହି,
କୁକୁର ସହିତେ ଅଛି ଗ୍ରାମେ ରହି।
ବନପତି ବ୍ୟାଘ୍ର ହୋଇ ଦୟାବାନ,
ଖଣ୍ଡିବ ପରା ତା ଅନ୍ଧ ଅଭିମାନ!
ହାୟ ବୃଦ୍ଧା ନାରୀ, ଶୋକେ ତୁ ବାୟାଣୀ,
ନିୟତି ବିଧାନ ପାରୁ ନାହୁଁ ଜାଣି?
ଅଭିମାନେ ମୂର୍ତ୍ତି ଦେଲେ ତୁ ଫଟାଇ,
ଦେବ କି ସେ ବାଘ ତୋ ବଂଶେ ଫେରାଇ?
ହୋଇଗଲେଣି ସେ ବାଘ ପେଟେ ଜୀର୍ଣ୍ଣ,
ବୃଥା ତନୁ ଝୁରି ହେଉ କପାଁ ଶୀର୍ଣ୍ଣ?
ଦଗାଦାର ଯମ ନିର୍ଦ୍ଦୟ ଅଜ୍ଞାନ,
ନ ଗଣେ ସେ କାହା କ୍ରୋଧ ଅଭିମାନ।

କାନ୍ଦି କାନ୍ଦି କେତେ ହେଲେହେଁ ଆତୁର,
ଆର୍ଦ୍ର ନୟନରେ ନ ଚାହେଁ ସେ କ୍ରୁର।
ବୁଝେ ନାହିଁ ଦୁଷ୍ଟ ଧର୍ମ ବା ଅଧର୍ମ,
ଦୁଃଖୀ ଦୁଃଖ ଦେଖି ହସେ ସେ ଅଧମ।
ବର୍ଣ୍ଣି ନୁହେଁ ବାକ୍ୟେ ତାହା ଦୁଷ୍କରଣୀ,
ତା ପରି ଭୀଷଣ ନୁହେଁ କାଳଫଣୀ।
'କୋକଲବା ମୁଠା' ଅଧିବାସୀଙ୍କର,
ଦୁଃଖ ଶୁଣି ଯିବ ତରଳି ପଥର।
ନାହିଁ ପଥ, ନାହିଁ ଦେଶ ଗ୍ରାମପାଶେ,
ବର୍ଷାକାଳେ ତାହା ଦ୍ୱୀପ ପରି ଭାସେ।
ଯେଣେ ଅନାଇଲେ ତେଣେ ଜଳାର୍ଣ୍ଣବ,
ଗ୍ରାମେ ଯାତାୟତ ହୁଏ ଅସମ୍ଭବ।
ଆହ୍ନାମାନେ ଦୋଷୀ ବନ୍ଦୀ ହେଲା ପରି,
ରହନ୍ତି ଗୃହସ୍ଥେ କପାଳ ଆଦରି।
ଲବଣ ଅଭାବେ ଖାଆନ୍ତି ମନୁଷ୍ୟ,
ସାହାଜ ଗଛର ଅଖାଦ୍ୟ ପାଉଁଶ। ୩
ଏହାଠାରୁ ବଳି ଦୁରଦୃଷ୍ଟ ଦାଉ,
ମନୁଷ୍ୟ ଜୀବନେ କିସ ଅଛି ଆଉ?
ଆହା! ସେ ଦୁର୍ଭାଗ୍ୟ ଗ୍ରାମବାସିଗଣ,
ଭୁଞ୍ଜନ୍ତି ଜୀବନେ ଜୀବନ୍ତ-ମରଣ!

ଚନ୍ଦ୍ରଗିରି ଚୂଡ଼େ ସୂର୍ଯ୍ୟୋଦୟ ଛବି—
ଅଙ୍କନେ ଅକ୍ଷମ ଭାଷାଶିଳ୍ପୀ କବି!
ପ୍ରତେ ହୁଏ ଯେବେ ଦିନମଣି ଅଂଶୁ,
ମୁକ୍ତ ହେଉଛନ୍ତି ଦୃଷ୍ଟି ରାହୁଗ୍ରାସୁଁ।
କ୍ରମେ ଊର୍ଦ୍ଧ୍ୱେ ଉଠେ ଭାସ୍କରମଣ୍ଡଳ,
ଅଗ୍ନିଶୈଳ ୪ କିବା ଉଦ୍ଗାରେ ଅନଳ?
ଅବା କାମେ ଭସ୍ମ କରିବା କାରଣ,
ଫେଡ଼ିଲେ ତ୍ରିନେତ୍ର ତୃତୀୟ ନୟନ?

୧—ଘୁମୁସର କୋକଲବାମୁଠାର ସୁନାମପ୍ରସିଦ୍ଧ ପର୍ବତଶ୍ରେଣୀ। ୨—ସାତ ଆଠ ହାତ ଲମ୍ବ ବର୍ଣ୍ଣିଷ୍ଣୁ ଘାସ। ୩—ସାହାଜଗଛର ପାଉଁଶ ଲୁଣିଆ। ୪—ଆଗ୍ନେୟ ଗିରି।

http://oaob.nitrkl.ac.in

ଚାନ୍ଦ ଦୂରନ୍ତିଆ ବାଲି ବସି ଗିରେ,
ମାଣ୍ଡିଲେ ସକଳେ ପ୍ରାତଃ ଶୌର୍ଯ୍ୟ ତ୍ରିପେ ।
ଉଠିଲା ପ୍ରଥମେ ବହୁ ପକ୍ଷିରବ,
ଲାଗିଲା ପ୍ରଭାତୀ ଆନନ୍ଦ ଉତ୍ସବ !
ହସିଲେ ଦିଗ୍‌ବଧୂ ହସିଲେ ପର୍ବତେ,
ହସିଲେ କାନନେ ପାଦପ ସମସ୍ତେ ।
ଗୁଣ୍ଡିପିନ୍ଧା ବସ୍ତ୍ର ଶ୍ରୀଅଙ୍ଗରୁ କାଢ଼ି,
ପିନ୍ଧିଲା ପ୍ରକୃତି ସୁନାରଙ୍ଗ-ଶାଢ଼ୀ ।
ମୋହିନୀ ମୂରତି ଧରି ପୁଣି ଦ୍ରୁତ,
ବାଢ଼ିଲା ହସ୍ତେ ଶିଶିର-ଅମୃତ !
କୃଷକେ କାନ୍ଧରେ ବହିଣ ଲଙ୍ଗଳ,
ଗମିଲେ କ୍ଷେତକୁ କରିବାକୁ ହଳ ।
ଶ୍ରାନ୍ତି ଅପାଢ଼ତା କ୍ରମେ ଯାନ୍ତେ କଟି,
ସର୍ବ ପ୍ରାଣେ ଗଲା ଚାଞ୍ଚଲ୍ୟ ପ୍ରକଟି ।
ନିଜ ଧନ୍ଦା ଦୁଃଖେ ଲାଗିଲେ ସକଳେ,
କର୍ମସ୍ରୋତ ଜାଗି ଧାଇଁଲା ପ୍ରବଳେ ।
ସୃଷ୍ଟି-କର୍ମକ୍ଷେତ୍ରେ କର୍ମର ତରଙ୍ଗ,
ଖେଳିଲା ବସୁଧା ସଞ୍ଚାଳିଣ ଅଙ୍ଗ ।
ନୈଶ ନିସ୍ତବ୍ଧତା ଲୁଚିଲା ବିକଳେ,
ପୂରିଲା ଧରଣୀ ତୀବ୍ର କୋଳାହଳେ ।
ଫୁଲବାନେ ଅଳି କହିଲା ବଚନ,
ଗୁଣ୍‌ଗୁଣ୍ ସ୍ୱରେ ରବି-ଆଗମନ ।
ମସ୍ତକେ ଓଢ଼ଣୀ ଟାଣି ସେ ସୁନ୍ଦରୀ,
କହିଲାକ ଲଜ୍ଜା ଭୂଆସୁଣୀ ପରି ।
କୁସୁମ ନିଶ୍ୱାସେ ପୂର୍ଣ୍ଣ ବନସ୍ଥଳୀ,
ସୁବାସରେ ବନ ଉଠୁଛି ଉଚ୍ଛୁଳି ।
ହେଲା ବହୁ ନବ-ସୌନ୍ଦର୍ଯ୍ୟର ସୃଷ୍ଟି,
ସୁଷମା ଉପରେ ମଧୁରିମା ବୃଷ୍ଟି !
ଅରୁଣୀ ଉପମା ବହୁ କେତେ ଫୁଲ,
ଦେଖାଇଲେ ରୂପ ଚହଟ ଅତୁଳ ।
ହେଉ ପଛେ ରୂପ ଅନନ୍ୟ-ସୁନ୍ଦର,
ମାତ୍ର ଗୁଣ ତାର ଭୂଷଣନିକର ।
ହେଉ ପଛେ ରୂପ ଯେତେ ମହୀୟାନ,
ମାତ୍ର ଗୁଣ ନିଶ୍ଚେ ସେ ରୂପର ପ୍ରାଣ ।
ଶୋକେ ନାହିଁ ଶୋଭା ବାହ୍ୟ ଆଡ଼ମ୍ବର,
ଗୁଣଯୋଗେ ଏକା ଦିଶେ ସେ ସୁନ୍ଦର ।
ଥିଲେ ଥାଉ ରୂପ କନ୍ଦର୍ପ ସମାନ,
ତଥାପି ସେ ଜନ ନୁହେଁ ରୂପବାନ ।
ଅଷ୍ଟାବକ୍ର ପରି ଯା ରୂପ କଦର୍ଯ୍ୟ,
ସେହିଥିରେ ଥାଏ ଅତୁଳ ସୌନ୍ଦର୍ଯ୍ୟ ।
ସୁନ୍ଦର ମଧ୍ୟରେ ନ ଥାଏ ସୁନ୍ଦର,
ଅସୁନ୍ଦର ମଧ୍ୟେ ସୁନ୍ଦରର ଘର ।
କାନନ ପ୍ରକୃତି ସୌନ୍ଦର୍ଯ୍ୟର ଖଣି,
ବସାଇଛି ତହିଁ ଶୋଭା-ପ୍ରଦର୍ଶନୀ ।
ସେ ଶୋଭା ବୈଶିଷ୍ଟ୍ୟ ବର୍ଣ୍ଣି ନୁହେଁ ଗୀରେ,
ବୁଡ଼ିଯାଏ ଭାଷା ଦୃଶ୍ୟ-ବାରିଧିରେ ।
ନ ପାରିବେ ବର୍ଣ୍ଣି ସେ ଶୋଭାର ଲେଶ,
ଅଶେଷ ମୁଖରେ ଶେଷ କରି ଶେଷ ।

ଯାଉଛି ମୁଁ ଏବେ ଦେଖିବି କୁଲାଡ଼,
କବିଯଶେ ଗଢ଼ା ଯାର ମେରୁଦାଣ୍ଡ ।
ବୋଲିହେଲେ ମୁଠେ ସେ ରେଣୁ ମସ୍ତକେ,
ଅପସରିଯାଏ ମୂଢ଼ତା ପଲକେ ।
ବାଣୀ-ବୈକୁଣ୍ଠ ସେ, ଦୃଶ୍ୟେ ଅତୁଳିତ,
ସ୍ଥାବର ଜଙ୍ଗମେ ଗାନ୍ତି ତହିଁ ଗୀତ ।
ସେ ସ୍ଥାନ ମୃତ୍ତିକା, ବାୟୁ ନଭ ଜଳ,
ତରୁ ଲତା ବନ ଗିରି ଫୁଲ ଫଳ;
ଗଢ଼ା କବିତାର ଉପାଦାନେ ସର୍ବେ,
ମତ୍ତ ପଶୁପକ୍ଷୀ କବିତା ଉତ୍ସବେ !
କୁଲାଡ଼-ମହିମା ଶତ-ଜ୍ୟୋତିର୍ମୟ,
ଯେତେକ ଭଞ୍ଜ-କାବ୍ୟକବିତା-ନିଚୟ !
ଭଞ୍ଜ-ରାଜଧାନୀ ବିଖ୍ୟାତ କୁଲାଡ଼,
ବ୍ୟାଘ୍ରଦେଇ ତାକୁ କରିଛି ଉଦ୍ଧାର । *

* ପର୍ବତ ବିଶେଷ । କେହି କେହି ବାଗ୍‌ଦେବୀ ପର୍ବତ ବୋଲି ମଧ୍ୟ କହନ୍ତି ।

http://oaob.nitrkl.ac.in

ଗିରିପାଦ ତଳେ ଶୋଭେ ସେ ନଗରୀ,
ଦେବ-ପାଦେ ଯେସନେ ତୁଳସୀ ମଞ୍ଜରୀ ।
ସୁବଳୟ ତଳେ ହୋଇଛି ବା ଅଙ୍କା,
କମଳା-ବିଳାସ ସ୍ୱର୍ଣ୍ଣପୁରୀ-ଲଙ୍କା ।
ଭଗ୍ନ ଆହା ! ଏବେ ସେ ସୌଭାଗ୍ୟ-ହାଟ,
ସରିଛି କସ୍ତୁରୀ ପଡ଼ିଛି କବାଟ !
କିନ୍ତୁ ଭାଙ୍ଗି ନାହିଁ ଶୋଭା-ଲକ୍ଷ୍ମୀ-ଘଟା,
ନେଇଛି ସେ ତହିଁ ଚିରସ୍ଥାୟୀ ପଟା ।
ଯେଣେ ଦେଖ ତେଣେ ସଦା ହସି ହସି,
ଶୋଭା ପରେ ଶୋଭା ଯାଉଛି ବରଷି ।
ବନଗିରିରାଜି କବିନେତ୍ର ତାରି,
ମୁକୁଳିବ ତହୁଁ ଅଛି କାହା ଚାରି ?
ଶିଖରରେ ବସି ଭେଦି ଘୋର ବନ,
କଲି ବ୍ୟାଗ୍ରଦେଇ ଗିରି ଆରୋହଣ ।
ଅଗମ୍ୟ ସେ ଗିରି କଣ୍ଟକ-କାନନେ,
ଅନ୍ଧାରିତ ପୁଣି ଘନ-ବଂଶବନେ ।
ନିର୍ଜନ ନିସ୍ତବ୍ଧ ଭୀଷଣ ସେଠାବ,
ଶ୍ୱାପଦର ସଂଖ୍ୟା ନାହିଁକ ଅଭାବ ।
ଉଠି କେତେଦୂର କାଟି କାଟି ବଣ,
ପଡ଼ିଲେକ ଥକି ଯାନବାହଗଣ ।
ଅଗ୍ରେ ଠିଆ ପୁଣି ପ୍ରକାଣ୍ଡ ଉପଳ,
ସେହିଠାରୁ ହେଲି ଶିବିକା ଅଚଳ ।
ତୀର୍ଯ୍ୟକ ଭାବରେ ହୋଇ ଗଡ଼ାଣିଆ,
ସେ ବିଶାଳ ଶିଳା ହୋଇଅଛି ଠିଆ ।
ଶୈବଳିତ ତୃଣେ ଶରୀର ଆଚ୍ଛନ୍ନ,
ବିଛା ହୋଇଅଛି ଗାଲିଚା ଯେସନ ।
ଆରୋହଣ ତହିଁ କରି-ବାହନରେ,
ଉଠିଲି ପିଚ୍ଛିଳ ପାଷାଣ ଶିଖରେ ।
ଧାଇଁଲେ ବାହକେ ହୋଇ ତରତର,
ପାଦ-ସ୍ଖଳନର କାହିଁ ଅବସର ।
ଉଠିଲେ ସେ ହସି ହସି ଅନାୟାସେ,
ଅସାଧ୍ୟ ସୁସାଧ୍ୟ ହୋଇଛି ଅଭ୍ୟାସେ ।

ଗିରିଚୂଡ଼ା ପରି ସେ ଶିଳା ଆକାର,
ନାମ "ବେହରଣ ଚାନ୍ଦିଡ଼ା" ତାହାର ।
ଭାବିଲି ଆନନ୍ଦେ କି ତପେ କେଜାଣି,
ବସାଇଲି ଭାଗ୍ୟ ଅଧାସ୍ୱର୍ଗେ ଆଣି ।
ଶାଳ ପିଆଳାଦି ଅଶେଷ ପାଦପ,
ଟାଣିଛନ୍ତି ଶିଳା-ଶିରେ ଚନ୍ଦ୍ରାତପ ।
ହୋଇଅଛି ଉଭା ଶ୍ୟାମାଙ୍ଗୀ କରୁଣା, ୧
ଅଙ୍ଗ ସଞ୍ଚାଳୁଛି ନର୍ତ୍ତକୀ ଅରୁଣା ।
ଦିଗ ବ୍ୟାପ୍ତ କରି ଅସଂଖ୍ୟ କୁଦାଳ, ୨
ବିରାଜନ୍ତି କାହିଁ ହୋଇ ମାଳମାଳ ।
କାହିଁ ପତ୍ରଗନ୍ଧୀ ସୁନ୍ଦରୀ ସୁଗନ୍ଧୀ, ୩
ମାରୁଦେଇ ଅଛି ଅରଣ୍ୟାନୀ ସନ୍ଧି ।
କାହିଁ ଉଭା ଟେଙ୍ଗୁ—ଫୁଲ ପେଣ୍ଡା ଧରି,
ଅତର ପସ୍ୱେ ସୁଗନ୍ଧ ବିତରି ।
ଧବଳ ଚାମର ଧରିଣ ଶିରୀଷେ,
ବିଞ୍ଚୁଛନ୍ତି ମୃଦେ ଗିରିଦେବେ କି ସେ ?
ଦୁର୍ଭିକ୍ଷ-ପୀଡ଼ିତ ପ୍ରଜାପ୍ରାୟେ କେହି,
ଅନ୍ତଃସାରଶୂନ୍ୟ ଅଷ୍ଟ କ୍ଷୀଣଦେହୀ ।
ନଖଦନ୍ତ ପ୍ରାୟ କଣ୍ଟକ ପ୍ରକାଶି,
ଉଭା କେହି ଯେସନେ ପ୍ରେତ-ସ୍ଥଳୀବାସୀ ।
ବେହରଣ ଶିଳା ପ୍ରଶସ୍ତ ବିଚିତ୍ର,
ଭଞ୍ଜକବି ସ୍ପର୍ଶେ ପରମ ପବିତ୍ର ।
ଶିଳା ନୁହେଁ ତାହା ମହେନ୍ଦ୍ର ଆସନ,
ଇନ୍ଦ୍ରଧନୁବର୍ଣ୍ଣୀ ତୃଣେ ଶୋଭାବନ ।
ମଣିରତ୍ନ ନୁହେଁ ସେ ତୃଣକୁସର,
ଚାନ୍ଦିଡ଼ା କି ସ୍ୱପ୍ନ ସ୍ୱର୍ଗ ଅପସରୀ ?
ଏହିଠାରେ ବସି ଲେଖିଥିଲେ କବି,
କାନନ ଭ୍ରମଣ ଛାନ୍ଦ ଅନୁଭବି ।
ଏ କବି-ବେଦୀରେ ଭଞ୍ଜ-ବୀରବର,
ଗାଉଥିଲେ ଗୀତ ମଧୁର ସୁନ୍ଦର ।
ଶୁଣି ସେ ରାଗିଣୀ ପଶୁପକ୍ଷୀକୁଳ,
ଭାବାବେଶେ ଆସି ହେଉଥିଲେ ଠୁଳ ।

୧—କଣ୍ଟାଲେମ୍ବୁ । ୨—ଶ୍ୱେତବର୍ଣ୍ଣ ଲତାବିଶେଷ । ୩—ବୃକ୍ଷବିଶେଷ ।

http://oaob.nitrkl.ac.in

କେତେ ନାଚୁଥିଲେ ପ୍ରେମେ ଝୁଲି ଝୁଲି,
କେତେ ଦେଉଥିଲେ ତରେ ହୁଲାହୁଲି ।
ବଂଶରନ୍ଧ୍ରେ ପଶି ପାଗଳ ପବନ,
ଉଠାଏ ପୂର୍ବେ ଶତ ବଂଶୀସ୍ୱନ ।
ମଧୁର ସେ ସ୍ୱର ଓଁକାର ଯେସନ,
ଶୁଷ୍କ ତରୁପିଣ୍ଡେ ସଞ୍ଚାରେ ଜୀବନ ।
ଶୁଣି ଆହା ସେହି ସ୍ୱର ରମଣୀୟ,
ହୋଇଯାଏ ବଶ୍ୟ ସକଳ ଇନ୍ଦ୍ରିୟ ।
ପୁଷ୍ପିତ ପାଦପେ ଢାଳି ପୁଷ୍ପାଞ୍ଜଳି,
ପୂଜା ସେନାବାଙ୍କୁ କରୁଥିଲେ ଅଳି ।
ମହାଭାବେ ଭୋଳ ହୋଇ ଲତାଙ୍ଗନା,
କରୁଥିଲେ ମୋଦେ ଭକ୍ତ-ସମ୍ବର୍ଦ୍ଧନା ।
ସ୍ୱପ୍ନଭାବନ୍ତ ଯେହ୍ନେ ବାସ୍ତବରେ,
ପ୍ରତିଭା ପୂଜା ସେ ଖୋଜି ଖୋଜି କରେ ।
ସେ ସ୍ଥାନର ସର୍ବ ତରୁଲତାଗଣ,
ହୋଇଛନ୍ତି ଭଞ୍ଜ-ବିରହେ ବିଷଣ୍ଣ !
ଭାଙ୍ଗି ପଡ଼ିଅଛି ଶୋକେ କାହା ଅଣ୍ଟା
ଝୁରିଝୁରି କେତେ ହୋଇଛନ୍ତି କଣ୍ଟା ।
ନୀରବରେ କେହି କାନ୍ଦୁଅଛି ଦୁଃଖେ,
ଶୋକ ପାଣ୍ଡୁ ରମା ବୋଳା କାହା ମୁଖେ ।
ଅଦ୍ୟାପି ପାଦପେ ଭଞ୍ଜଙ୍କ ବିଚ୍ଛେଦେ,
ଝୁରିଝୁରି ଶୀର୍ଣ୍ଣ ଦାରୁଣ ନିର୍ବେଦେ ।
ହାୟ ! ଭଞ୍ଜ, ତୁମ୍ଭ ଗୁଣ କେ ନ ଜାଣେ,
ବାନ୍ଧିଅଛୁ ତୁମ୍ଭ ମୂର୍ତ୍ତି ସର୍ବପ୍ରାଣେ ।
ସ୍ଥାବର ଜଙ୍ଗମ ସଙ୍କେତ ଭାଷାରେ,
ବିଳପନ୍ତି ସର୍ବେ ଘୋର ନିରାଶାରେ ।
ସେ ମାଳ-ଯମକ ସେ ଗୋମୂତ୍ର-ଛନ୍ଦ,
କିଏ ଗାଇ ଦେବ ଦେଶକୁ ଆନନ୍ଦ ?
କିଏ ଦେଖାଇବ ସାହିତ୍ୟ-ଚାତୁରୀ,
କିଏ ଚଖାଇବ ସୁରସ ମାଧୁରୀ ?
ସେହି ନବୋତ୍କୃଷ୍ଟ ସର୍ବୋତ୍କୃଷ୍ଟ ବାଣୀ,
ଅବନା ଛନ୍ଦ କେ ଶିଖାଇବ ଆଣି ?

ଦିବ୍ୟ ଅନୁପ୍ରାସ ରମ୍ୟ ଅଳଙ୍କାର,
କେ ରଚିବ ଅଛି ଶକତି କାହାର ?
ବିରଚି କେ ଦନ୍ତ ଅକ୍ଷର କଣ୍ଠରେ,
ମଣ୍ଡିବ ସାହିତ୍ୟ ଜନନୀ-କଣ୍ଠରେ ?
କିଏ ଦେଖାଇବ ମର୍ତ୍ତ୍ୟେ ଆଣି ସ୍ୱର୍ଗ,
ସାହିତ୍ୟେ ପ୍ରାଣ କେ କରିବ ଉତ୍ସର୍ଗ ?
କରିବ କେ ଆଉ ଇନ୍ଦ୍ରଜାଲ ସୃଷ୍ଟି,
ଆନନ୍ଦେ ଆନନ୍ଦ କେ କରିବ ବୃଷ୍ଟି ?
ଛଣାସୁଧା-ଜଣା ସୁମଧୁର ଭାଷା,
ଶୁଣାଇ କିଏ ବା ଶମିବ ପିପାସା ?
ମୂକ ହୋଇଅଛି ଶୁକ ବହି ଶୋକ,
ନ ଶୁଣି ତୁମ୍ଭର ମୁଖସୂତ ଶ୍ଳୋକ !
କିଏ ଦେଖାଇବ ବାଣୀ ଶିଳ୍ପଛବି,
ହା ହା ଉପେନ୍ଦ୍ର ଭଞ୍ଜ କବିରବି !
ଶୋକାଶ୍ରୁରେ ସର୍ବ ନେତ୍ର ଅଛି ଦ୍ରବ
ହା ହା ଉପେନ୍ଦ୍ର ରାଜକବି-ରବି ! !
ତମ୍ଭ ବିନା ଦେଶ ହୋଇଛି ଅଟବୀ,
ହା ହା ରାଜଋଷି ଭଞ୍ଜ ମହାକବି !
ସାହିତ୍ୟେ ନିଯୁକ୍ତ ପ୍ରହାରିଲ ପବି,
ହା ହା ଭଞ୍ଜକୁଳ-କଞ୍ଜ-କୁଞ୍ଜ-ରବି !
ବୁଝିବ କେ କ୍ଷୋଭ ବିନା ଅନୁଭବୀ,
ହା ହା ବୀରବର କବିଗୁରୁ କବି !
ସାହିତ୍ୟ-କମଳୁ ତୁଟିଛି ସୁରଭି,
ହାୟ ହାୟ ହାୟ ମହା କବିରବି ! !
କାବ୍ୟ-ବୀରବର ସାର୍ଥ ଏ ପଦବୀ,
ହା ହା ସାରସ୍ୱତ-ଯୋଗୀ ଭଞ୍ଜକବି ।
କଳ୍ପନା ତୁମ୍ଭର ଆବାଲ୍ୟ ବାନ୍ଧବୀ,
ହା ହା କବିକୁଞ୍ଜ-ଶୁକ, ଦେବକବି !!
ଏହିପରି ଗିରି ତରୁ ଲତା ତୃଣ,
ବାହୁନ କାନ୍ଦନ୍ତି ଉପେନ୍ଦ୍ର ଗୁଣ ।
କାନ୍ଦୁଛି ଗଗନ, କାନ୍ଦୁଛି ପବନ,
କାନ୍ଦୁଛି ବିଜୁଳି ସଙ୍ଗେ ନଭେ ଘନ ।

http://oaob.nitrkl.ac.in

କାନ୍ଦୁଅଛୁ ଦିନ କାନ୍ଦୁଅଛୁ ରାତି,
କାନ୍ଦୁଛନ୍ତି ଘୋଡ଼ା କାନ୍ଦୁଛନ୍ତି ହାତୀ ।
କାନ୍ଦନ୍ତି ଆବର ରବିଶଶିତାରା,
କାନ୍ଦୁଛନ୍ତି ସର୍ବେ ଏ ଉତ୍କଳ ସାରା ।
କାନ୍ଦୁଛି କାନନ, କାନ୍ଦୁଛନ୍ତି ଫୁଲ,
ନଦୀ, ସର, ସିନ୍ଧୁ, ଦେବତା, ଦେଉଳ ।
ଯାହା ଅଭାବରେ କାନ୍ଦଇ ସଂସାର,
ଦେବତାଙ୍କ ଊର୍ଦ୍ଧ୍ୱେ ଆସନ ତାହାର ।
ଯୋଗଜନ୍ମା କବି ଥିଲେ ଉତ୍କଳମଣି,
ଅପୂର୍ବ କଳ୍ପନା-ଶବ୍ଦ-ଭାବ ଖଣି ।
ଏତେ କାରୁକଳା ସୌନ୍ଦର୍ଯ୍ୟ ସର୍ଜ୍ଜନା,
ଆନ ଦେଶ ଆନ ସାହିତ୍ୟେ ଅଜଣା ।
କାନ୍ଦୁଛି ଉତ୍କଳ, କାନ୍ଦୁଛି ଗଞ୍ଜାମ,
କାନ୍ଦୁଛି କୁଳୁଡ଼ କବି ଜନ୍ମଧାମ ।
ଅସହ୍ୟ ଉପେନ୍ଦ୍ର ବିରହ-ଯନ୍ତ୍ରଣା,
କାହାଣାଙ୍କୁ ମହାଶୋକର ସାନ୍ତ୍ୱନା ।
କାନ୍ଦ ଲୋ ଅଭାଗି ଘୁମୁସର ଭୂମି,
ଶୋକାନଳ ହୃଦେ ନ ରଖ ପ୍ରଧୁମି ।
ରୁଦ୍ଧଶୋକ ଅତି ଅସହ୍ୟ ଭୀଷଣ,
ଅଗ୍ନି-ଶୈଳଗର୍ଭେ ଅନଳ ଯେସନ ।
କାନ୍ଦ ପ୍ରାଣ ଖୋଲି, ଅଶ୍ରୁ ସହିତରେ—
ଶୋକ-କ୍ଳେଦ ଯାଉ ବାହାର ସତ୍ୱରେ ।
ହରାଇଛୁ ଯେଉଁ ଦୁର୍ଲ୍ଲଭ-ରତନ,
କି କରିବୁ ଆଉ ନ କରି କ୍ରନ୍ଦନ ?
ମାତ୍ର ତୋର କବି-ଜନନୀ ସୁଖ୍ୟାତି,
ଥିବ ଯେତେ ଦିନ ଥିବ ଦିନପତି ।
ପାର୍ଥିବ ସମ୍ପଦ ଏତେ ଦେଇ ପଦେ,
ଏବେ ତୁ କୁବେର ନସର୍ଗ-ସମ୍ପଦେ ।
ଅସ୍ଥାୟୀ ଉପେକ୍ଷି ପାଇଅଛୁ ସ୍ଥାୟୀ,
ସୁଭାଗିରେ ଗଣ୍ୟା ତୁହି ସେଥିପାଇଁ ।
ତୁଯେ ହୋଇଅଛୁ ବାଣୀତୀର୍ଥ ସ୍ଥାନ,
ତୋ ଭାଗ୍ୟେ ଏ ସିନା ଦୁର୍ଲ୍ଲଭ ସମ୍ମାନ ।
କି ଭାଗ୍ୟ ଅର୍ଜ୍ଜିଛି ଅବା ଏଥୁ ବଳି,
ଭାଗ୍ୟବତୀ କିଏ କାହିଁ’ଛି ତୋ ଭଳି ?
ଯେଉଁ ଅଳଙ୍କାର ପିନ୍ଧିଛୁ ଅଧୁନା,
ଗିଲ୍‌ଟି ନୁହେଁ ସେ ଖାଣ୍ଟି ସରି ସୁନା ।

ରାଜ-ବେହରଣ ଥିଲା ଏ ଉପଳ,
ଏବେ ବନ୍ୟଜନ୍ତୁ ବେହରଣ ସ୍ଥଳ ।
ସନ୍ଧି-ବିଗ୍ରହର ଗୋପନ ମନ୍ତ୍ରଣା,
ହେଉଥିଲା ଏଥି ପୂର୍ବେ କୁଟ୍ଟାମଣା ।
ରାଜ୍ୟ-ଶାସନର ଜଟିଳ ସମସ୍ୟା,
ହେଉଥିଲା ସବୁ ଏଠାରେ ମୀମାଂସା
ଏଇଠାରୁ ଜାତ ନୀତି-ନିୟମାଦି,
ରାଜାଙ୍କର ଏହା ଉପ-ରାଜଗାଦି ।
ଥିଲା ତାହାଙ୍କର ନୀରବ ସଭବ,
ମନ୍ତ୍ରଗୁପ୍ତି ପଟୁ ବିଶ୍ୱାସୀ ଅତୀବ ।
ସେ ସୌଭାଗ୍ୟ ତାର ହୋଇଛି ଅନ୍ତର,
ଏବେ ତାହା ଖଣ୍ଡେ ଅଲୋଡ଼ା ପଥର ।
ମାତ୍ର ପ୍ରକୃତରେ ବହୁ ଇତିହାସ,
କରୁଛି ଚାଙ୍ଗଡ଼ା ନୀରବେ ପ୍ରକାଶ ।
ଅଥବା ପ୍ରାଚୀନ ବିଜ୍ଞ ଉପାଧ୍ୟାୟ,
ନତୁ ଇତିବୃତ୍ତ ପ୍ରକାଣ୍ଡ ଅଧ୍ୟାୟ ।
ଅଦୂରେ ବିସ୍ତୃତ ନଅର ଚାଙ୍ଗଡ଼ା,
ଗିରି-ଦେବୀ ତହିଁ ରଚନ୍ତି ଆଖଡ଼ା ।
କୁଳିଶ ତାହାକୁ ପାରେ ନାହିଁ ଭେଦି,
ଗିରିରାଜାର ସେ ଅଭିଷେକ-ବେଦି ।
ଶତ୍ରୁ ଆକ୍ରମଣ ପଣ୍ଡ ହେବା ଛଳେ,
ଉଠି ଆସୁଥିଲା ନଅର ଏ ସ୍ଥଳେ ।
ନିକାଞ୍ଚନ ବନ ନୀରନ୍ଧ୍ର ନିସ୍ତଠ,
ଏ ସ୍ଥାନେ ପ୍ରବେଶ କାଟିକର ପାଠ !
ଥାଉ ଆନ କଥା ସଂସାର ବାସନା,
ପଶିବାକୁ ତହିଁ ପ୍ରକୃତିର ମନା ।

http://oaob.nitrkl.ac.in

ବିପୁଳ ବିସ୍ତୃତ ଅଛି ଶିଳା ବନ୍ଧ,
ସାରନ୍ତି ଦି'ସନ୍ଧ୍ୟ ଲୋକ ବସି ତହିଁ ।
ଅନିର୍ଦ୍ଦେଶ୍ୟ ସ୍ଥାନ ପ୍ରକୃତ ସର୍ଜନା,
ପଶିପାରେ ନାହିଁ ମାନବ କଳ୍ପନା ;
ସଂସାରର ତହିଁ ନାହିଁ ଉପସର୍ଗ,
ସୃଜିଛି ବିଧାତା ମର୍ତ୍ତ୍ୟେ ଗୁପ୍ତ ସ୍ୱର୍ଗ ।
ବସିଲେ ସେ ସ୍ଥାନେ ପ୍ରତେ ହୁଏ ମନେ,
ଉପବିଷ୍ଟ ଯେସନେ ମୁକ୍ତି-ସିଂହାସନେ ।
ନିସ୍ତବ୍ଧ ସେ ସ୍ଥଳୀ ଚିର ନିର୍ମଳ,
ଗ୍ରାମ୍ୟ ପାପ-ପଙ୍କେ ନୁହେଁ ସେ ପଙ୍କିଳ ।
ଅରଣ୍ୟାନୀ ତାକୁ ଚଉଦିଗୁ ଛାଇ,
ପ୍ରାଣମଣି ପ୍ରାୟ ରଖିଛି ଲୁଚାଇ ।
ପ୍ରାତ-ବୈତାଳିକ କୁକ୍କୁଟ-କଳାପ,
ବିଭାଷ ରାଗିଣୀ କରନ୍ତି ଆଳାପ ।
କୁସୁମ-ପରାଗ ବୋଳି ହୋଇ ଅଳି,
ଉଡ଼ନ୍ତି ଚୌପାଶେ ପ୍ରେମେ ଢଳି ଢଳି ।
ବୋଳି ହୋଇ ପ୍ରେମ-ଯଜ୍ଞର ବିଭୂତି,
ଧରିଅଛି କିବା ପ୍ରେମଯୋଗୀ ମୂର୍ତ୍ତି ।
ଶୁଣି ପ୍ରେମ-ଗୀତ ଗୁଣୁ ଗୁଣୁ ସ୍ୱରେ,
କରୁଛି ଆବୃତ୍ତି ମଧୁର ଛନ୍ଦରେ ।
ଛନ୍ଦି ହୋଇ ଗଲେ ଲତାର ଶିକୁଳି,
ଚୋର ପରି ଉଭା ଭରତ ବାଟୁଳି । ୧
କେବଣ ପାଦପେ ଚଉପାଶୁଁ ଧରି,
ଟାଣନ୍ତି ସବଳେ ବିବିଧ ବଲ୍ଲରୀ ।
ଭୁଞ୍ଜୁଛି ସେ ତରୁ ପ୍ରାଣେ ଅବିରଳ,
ବହୁ-ବିବାହର ବିଷମୟ ଫଳ ।
ସେ ବାଇଁଡ଼ା ଯେସନେ ମାଲୁଣୀ ପସରା,
ବିବିଧ କୁସୁମ ଗନ୍ଧେ ସଦା ଭରା ।
କ୍ଷୁଦ୍ର ସେଙ୍ଗୁ ଫୁଲ ସୁଗନ୍ଧ-ଆକର ;
ଅନ୍ତରେ ଗଢା କି ତାହା କଳେବର ?

ଅଧୋମୁଖେ ଲାଜେ ବସିଛି ଛତଣା, ୨
ଦୁର୍ଗନ୍ଧେ କୈବର୍ତ୍ତୀ ଉଗ୍ର ଦର୍ପହିଣା ।
କାହା ଅଭିଶାପେ କି ଜାଣି ତା ଫୁଲ,
ବୀଭତ୍ସ ଘୃଣିତ ଦୁର୍ଗନ୍ଧ ଅତୁଲ ।
ସେ ପ୍ରକାଣ୍ଡ ଦୈତ୍ୟରୂପୀ ବାଇଁଡ଼ାରେ,
ସ୍ଥିତ ଜଳକୁଣ୍ଡ ଶୁକ୍ତିକା ଆକାରେ ।
ପ୍ରତେ ହୁଏ ଚିତ୍ତେ ଦେଖି ତା ଏସନ,
ବାଇଁଡ଼ାର କି ସେ ବିଶାଳ ନୟନ ।
କଳାଡୋଳା ପ୍ରାୟେ ତାହା ମଧ୍ୟେ ଜଳ,
ସମୀର ଆଘାତେ ହୁଏ ଢଳଢଳ ।
କୁଟୁସ୍ୱଏ ୩ ତହିଁ ଥାନ୍ତି ବସା କରି,
ଜଳକୁଣ୍ଡର ସେ ଦୁର୍ଦ୍ଧର୍ଷ ପ୍ରହରୀ ।

ଗିରିଶିରେ ଉଭା ହୋଇ ହୃଷ୍ଟ ଚିତ୍ତେ,
ଚାରିଦିଗେ ଚାହିଁଦେଲି ଅତର୍କିତେ ।
ବିସ୍ତୃତ ପୃଥିବୀ ବିସ୍ତୃତ ଗଗନ,
ବିସ୍ତୃତେ ବିସ୍ତୃତ କରେ ଆଲିଙ୍ଗନ ।
ମିଶିଯାଇଛନ୍ତି ଚକ୍ରବାଳ-ମୂଳେ,
ନ ଯାଏ ଦେଖିଲେ ଦୃଷ୍ଟିରେଖା ଟୁଳେ ।
ମଗ୍ନ ସେ ବିସ୍ତୃତ ଅସୀମତା ମଧ୍ୟେ,
ମୋ କ୍ଷୁଦ୍ରତା ଯେସନେ ତରୀ ମହାହ୍ରଦେ ।
କାନେ କାନେ କିସ ହୁଅନ୍ତି କୁହାକୁହି,
ସେ ଗୋପନ ତଥ୍ୟ ଜଣା ତାହାଙ୍କୁହି ।
ଚାରିଆଡ଼େ ଖାଲି ଦିଶେ ଗିରିଦଳ,
ରୁଣ୍ଡ ହୋଇଛନ୍ତି ଯେସନେ ହାତୀପଲ ।
କିମ୍ବା ଶୋଭାଦେବୀ ମର୍କତ-ମନ୍ଦିର,
ହୁଙ୍କି ମାରି ଯେସନେ ଟେକିଛନ୍ତି ଶିର ।
ବନ୍ଧାଣ ନିମନ୍ତେ ବନ୍ଧୁ ମାଲ ଯୁଡ଼ା,
ମାଲଭୂମିରେ କି ହୋଇଛନ୍ତି ଉଭା ?

୧—ଭରତବାଟୁଳ—ବେତୁଗଛ । ୨—କୃଷ୍ଣବର୍ଣ୍ଣ , ଏହାର ଫୁଲ ଅତୀବ ଦୁର୍ଗନ୍ଧମୟ । ୩—ଏକଜାତୀୟ କ୍ଷୁଦ୍ର ବ୍ୟାଘ୍ର ଜାତୀୟ ଜନ୍ତୁ ।



http://oaob.nitrkl.ac.in

ଅଥବା କଳିଙ୍ଗ ମନେ ବହ୍ନି କ୍ରୋଧ,
ନେବାକୁ ମନାସି ପୂର୍ବ ପ୍ରତିଶୋଧ ,
ସାଜି ଗଜସେନା ତରଙ୍ଗେ ତରଙ୍ଗେ,
ଯୁଦ୍ଧାର୍ଥେ ଉଦୀତ ରଘୁରାଜା ସଙ୍ଗେ । ୧
କିମ୍ବା ବସିଅଛି ମହୀଧର ସଭା,
ବହୁ ଦୈତ୍ୟବଳ ଏକତ୍ରିତ ଅବା ?
ଗଞ୍ଜାମର ବହୁ ରାଜ୍ୟ, ରାଜଧାନୀ,
ଗିରି, ନଦୀ, କ୍ଷେତ୍ର, ତୋଟା, ଅରଣ୍ୟାନୀ,
ଦେଉଳ, ସଡ଼କ, ତଡ଼ାଗ, ପ୍ରାନ୍ତର,
ଛବି ଅଙ୍କା ପ୍ରାୟ ଦିଶୁଛି ସୁନ୍ଦର ।
ବିଶେ ଭୋଇତୋଟା ସୁଦୂର ବିସ୍ତୃତ,
ପକ୍ୱ ଆମ୍ବ ଯାର ଯେସନ ଅମୃତ ! ୨
ଦୂରେ ବଡ଼ନଦୀ ଯାଉଅଛି ବହି,
ଧାଉଁଛି କି ଖରେ ବଙ୍କେ ଶ୍ୱେତ-ଅହି ।
ସମ୍ମୁଖେ ବିରାଜେ ଗିରି କଳାଧାର,
ଶିଳାଖଣ୍ଡେ ଯାର ଅଙ୍କା କଳାଗାର । ୩
ଅଡାଠ ବନ୍ଧର ମହିମା ଅଦ୍ଭୁତ,
ସିଞ୍ଚିଲେ ତା ଜଳ ଛାଡ଼ିଯାଏ ଭୂତ । ୪
ଚନ୍ଦ୍ରଗିରିଠାରୁ ଆସି କରିଦଳ,
ପିଅନ୍ତି ନିଦାଘେ ସେ ବନ୍ଧରୁ ଜଳ ।
ଗିରି ଉପକଣ୍ଠେ କୁଲଡ଼ ନିକଟ,
ବିଷ୍ଣୁ-କଣ୍ଠେ କି ସେ କୌସ୍ତୁଭ-ପଦକ ?
ଖଣ୍ଡାଧୂଆ ବନ୍ଧ ଦକ୍ଷିଣେ ତାହାର,
ସ୍ୱଚ୍ଛ ଯାର ନୀର ଯେସନ୍ତେ କାଚଧାର । ୫

"ସିଦ୍ଧେଶ୍ୱରୀ" "ବ୍ୟାଘ୍ରଦେବୀ" ଗିରିବର,
ବିରାଜନ୍ତି ଯେସନ୍ତେ ଯାମଳ ସୋଦର ।
ସିଦ୍ଧେଶ୍ୱରୀ ଶୈଳ ସିଦ୍ଧେଶ୍ୱରୀ ପୀଠ, ୬
କୁଲଡ଼ ଦୁର୍ଗର ମକୁଟ-କିରୀଟ ।
ବୃଷ୍ଟି-ଅଧିଷ୍ଠାତ୍ରୀ ଦେବୀ ଅଷ୍ଟଭୁଜା,
ବର୍ଷା ହୁଏ କଲେ ସିଦ୍ଧେଶ୍ୱରୀ ପୂଜା ।
ଟାଙ୍ଗିଆ ପଶ୍ଚାତେ ଦିଶେ ମନୋହର,
ହିଙ୍ଗୁଳାଇ ନାମେ ଉତ୍ତୁଙ୍ଗ ଶିଖର ।
ହିଙ୍ଗୁଳାଇ ଦେବୀ ପ୍ରିୟ ବାସସ୍ଥଳ,
ସେ ଶିଖରୁ ଜାତ ହୁଏ ଦାବାନଳ ।
ଗିରିଗାତ୍ରେ 'ଆମ୍ବାଶୀତଳ' ପାଦପ,
ଗୁରୁ ଗର୍ବେ ସ୍ଫୀତ ଯେସନ୍ତେ ପରନ୍ତପ ।
'ଯୋଗଣ ସୁନ୍ଦରୀ' 'ମଣଖ ମୁଣ୍ଡିଆ',
କଳାଭୂତ ପରି ହୋଇ ହୋଇଛନ୍ତି ଠିଆ । ୭
ଗିରିଦେହେ ଦରୀ ବିରାଜେ ପ୍ରଚୁର,
ବନରାଜାର ସେ ରାଣୀହଂସପୁର ।
ଏ ଗିରି ବାଉଁଶ ଉତ୍କଳେ ବିଖ୍ୟାତ,
ଉଇଲା ତାହାର ଶତାଧିକ ହାତ ।
ଘନ ବନ ଭେଦି 'ମଗର ନିର୍ଝର',
ଝର ଝର ସ୍ୱରେ ଝରେ ନିରନ୍ତର ।
ବହି ଆଣୁଅଛି ଶୀତଳ ପବନ,
ପୁଷ୍ପ ପଦ୍ମମଳ ଦୂରରୁ ବହନ ।
କୁହୁ କୁହୁ ସ୍ୱରେ ବହୁ ପିକରୁତ,
ବରଷି ଯାଉଛି କର୍ଣ୍ଣରେ ଅମୃତ ।

୧—କଳିଙ୍ଗ ସହିତ ରଘୁରାଜାଙ୍କର ଯୁଦ୍ଧ ରାମାୟଣରେ ଅନୁସନ୍ଧେୟ । ୨—ଭୋଇତୋଟା ଆମ୍ରୋଦ୍ୟାନ କୁଲଡ଼ଠାରୁ ଘୁମୁସର ଦୁର୍ଗ ପର୍ଯ୍ୟନ୍ତ ଚାରି ମାଇଲ ବ୍ୟାପି ରହିଅଛି । ୩—କଳାଧାର ପର୍ବତର ପ୍ରତ୍ୟେକ ପ୍ରସ୍ତର ଖଣ୍ଡରେ କଳାଦାଗ ବିଦ୍ୟମାନ । ୪—ଅଡାଠବନ୍ଧ ନାମକ ପୁଷ୍କରିଣୀରେ ସ୍ନାନ କଲେ କିମ୍ବା ତାହାର ଜଳ ନେଇ ସିଞ୍ଚିଲେ ଭୂତାକ୍ରାନ୍ତ ବ୍ୟକ୍ତି ଦେହରୁ ଭୂତ ଛାଡ଼ିଯାଏ ବୋଲି ସ୍ଥାନୀୟ ଲୋକେ କହନ୍ତି । ୫—ଦଶହରା ସମୟରେ ଏହି ବନ୍ଧରେ ପୂଜାପାଠ ଖଣ୍ଡା ଧୂଆ ହୁଏ । ୬—ସିଦ୍ଧେଶ୍ୱରୀ ଶୈଳରେ ସିଦ୍ଧେଶ୍ୱରୀ ଦେବୀଙ୍କର ମନ୍ଦିର ଅଛି । ୭—କୁହୁଡ଼ ଆମ୍ବଗଛ । ଫଳ ଖୁବ୍ କଷ୍ଟା, ଟକର ଗଣ୍ଡି ବେନ୍ଦୁଗଛ ପରି କଳା ।

http://oaob.nitrkl.ac.in

ତମାଳ ପାଦପେ ମାଣ୍ଡଣ ମାଳତୀ,
ସୃଜିଅଛୁ ବୃକ୍ଷ ସମଷ୍ଟିର ଅନ୍ତ ।
ଏହିଠାରେ କବି-କୌସ୍ତୁଭ-ପଦକ ୧
ରଚିଥିଲେ. ଛାନ୍ଦ ସେ ମାଳଯମକ ।
ଅଛି ସେହି ବନ ସେହି ମହୀଧର,
ମାତ୍ର ନାହାନ୍ତି ତ ଭଞ୍ଜ ବୀରବର !
ପଚାରିଲେ ସେହି ବନଗିରିବ୍ରଜେ,
'ସମସ୍ତେ ତ ଅଛ କାହିଁ ଗଲେ ଭଞ୍ଜେ ?'
କହେ ପ୍ରତିଧ୍ୱନି ଲୁଚି ରହି କାହିଁ,
ଶୋକବୋଳା ସ୍ୱରେ,—'ନାହିଁ, ହାୟ ନାହିଁ ।'
ପର୍ବତ ପଶ୍ଚରେ ଦିଶେ ସୁରୁଚିର,
ବ୍ୟାଘ୍ରଦେବୀଙ୍କର ସୁନ୍ଦର ମନ୍ଦିର ।
ପର୍ବତ ଉପରେ ଛନ୍ତି ମୂଳ ଦେବୀ,
ପ୍ରଭାବିତ ଜନ ଜାଣି ତାଙ୍କୁ ସେବି ।
ମହିମା ଅପାର ରୂପ ଭୟଙ୍କର,
ଉପମୂର୍ତ୍ତି ଏହି ଦେବୀ ତାହାଙ୍କର ।
ବଖାଣେ ପ୍ରବାଦ—ଦେବୀଙ୍କ ପୂଜାରୀ,
ଆସୁଥିଲା ଫେରି ଦିନେ ପୂଜା ସାରି ;
ମନେ ପଡିଗଲା ପଥେ ଦୈବକ୍ରମେ,
ଛାଡି ଆସିଅଛି ପୂଜା ଗଡୁ ଭ୍ରମେ ।
ଫେରିଯାଇ ତହୁଁ ଦେଖିଲା ସେ ସ୍ଥାନେ,
ଅଦ୍ଭୁତ ଘଟଣା ଦେବୀ ସନ୍ନିଧାନେ ।
ଚଣ୍ଡୀ ଚାମୁଣ୍ଡାଦି ବସି ସର୍ବେ ତହିଁ,
ଖାଉଛନ୍ତି ଭୋଗ ବଳି ମୁଦ ବହି ।
ଦେଖି ଦ୍ୱିଜମଣି ଭୟ ବହି ମନେ,
କହିଲା ଦେବୀଙ୍କୁ ବିନୟ ବଚନେ—
'ନ ଜାଣି ମୁଁ ଦୋଷ କରିଛି ଜନନି,
କ୍ଷମ ଅପରାଧ କ୍ଷମାପାତ୍ର ମଣି ।
କ୍ଷମାମୟି, କ୍ଷମା ଭୂମିର ଭୂଷଣ,
ଅଧମ ସନ୍ତାନେ ହୁଅ ସୁପ୍ରସନ୍ନ ।'

ଏହା ଭାଷି ନେତ୍ରେ ପୂରାଇ ଲୋତକ,
ଦେବୀ ପାଦତଳେ ପିଟିଲା ମସ୍ତକ ।
ଉଠାଇ ତାହାକୁ ଦେବୀ ଦୟାବତୀ,
କହିଲେ ମଧୁରେ ହସି ଏ ଭାରତୀ—
'ଭୟ ନାହିଁ ବତ୍ସ ! ଜାଣେ ମୁଁ ନିକର,
ଗଡୁ ଲାଗି ତୁହି ଆସିଛୁ ଆବର ।
ହୁଅ ତୁ ଆଶ୍ୱସ୍ତ ତେଜି ଖେଦ ପନ୍ତ,
ଅଜ୍ଞାତ ଦୋଷର ନାହିଁ କିଛି ଦଣ୍ଡ ।
ଫିଙ୍ଗୁଛି ମୁଁ ଗଡୁ ଚାହାଁ ସାବଧାନେ,
ପଡିବ ସେ ଯାଇ ତଳେ ଯେଉଁ ସ୍ଥାନେ,
କରିବୁ ତୁ ମୋତେ ପୂଜା ସେହିଠାରେ,
ନ ଆସିବୁ ଆଉ ଏ ସ୍ଥାନକୁ ବାରେ ।'
ଏହା ଭାଷି ଗଡୁ ଫିଙ୍ଗିଦେଲେ ବଳେ,
ପଡିଲା ସେ ଆସି ଏ ପର୍ବତ ତଳେ । ୨
ଶୁଣି ଦେବୀ ବାଣୀ ଯେ ଆଜ୍ଞା ଉଚାରି,
ନମି ତାଙ୍କ ପଦେ ଫେରିଲା ପୂଜାରୀ ।
ଏ ବୃତ୍ତାନ୍ତ ଯାଇ ରାଜାଙ୍କ ଛାମୁରେ,
ଜଣାଇଲା ଖରେ ବ୍ରାହ୍ମଣ ଆତୁରେ ।
ସେ କାଳର ରାଜା ଧନଞ୍ଜୟ ବୀର,
ଥାପିଲେ ଦେବୀଙ୍କୁ ନିର୍ମାଣି ମନ୍ଦିର ।
ମନ୍ଦିର ମସ୍ତକେ ଛନ୍ଦି ଶାଖାପୁଞ୍ଜ,
ସୃଜିଛନ୍ତି ବୃକ୍ଷେ କୁଞ୍ଜ ମଧ୍ୟେ କୁଞ୍ଜ ।
ସେ ମନ୍ଦିର ଦ୍ୱାରେ ନାହିଁ ଚଉକାଠ,
ନୁଲୁଲା ସେ ସଦା ନାହିଁତ କବାଟ ।
କାରଣ ତାହାର କେହି ନ ଜାଣନ୍ତି,
ସେ ବିଷୟେ ମୂକ ସୁଦ୍ଧା କିମ୍ବଦନ୍ତୀ ।
ଶବପୃଷ୍ଠେ ବ୍ୟାଘ୍ର ବ୍ୟାଘ୍ରପୃଷ୍ଠେ ନିଜେ,
ହୋଇଛନ୍ତି ଦେବୀ ଯାମ୍ୟମୁଖେ ବିଜେ ।
ଅଷ୍ଟଭୁଜା ଦେବୀ ଧନୁର୍ବାଣକରା,
ରକ୍ତବର୍ଣ୍ଣା ରକ୍ତନେତ୍ରା ରକ୍ତାମ୍ବରା ।

୧—ଉପେନ୍ଦ୍ର ଭଞ୍ଜ । ୨—ବାର ହାତ ଗଭୀର ଖାଇରେ ଆସି ଗଡୁ ପଡ଼ିଲା ।

http://oaob.nitrkl.ac.in

ନାତିକ୍ଷୁଦ୍ର ନାତିବୃହତ ଆକୃତି,
ଢାଙ୍କି ଯାଇଅଛି ସିନ୍ଦୂରରେ ମୂର୍ତ୍ତି ।
ଦେବୀଙ୍କ ପ୍ରଭାବେ ବ୍ୟାଘ୍ର ଉପଦ୍ରବ,
ନାହିଁ ସେ ଅଞ୍ଚଳେ—ଘୋଷେ ଜନରବ ।
ଥିଲା ତହିଁ "କାଞ୍ଚି ନଅର" ସୌଖୀନ,
ରହିଅଛି ମାତ୍ର ଏବେ ତାର ଚିହ୍ନ ।
ଭୂଗର୍ଭେ ପ୍ରୋଥିତ ଜୀର୍ଣ୍ଣ କଳାଧାନ, ୧
ଦିଏ ଧାନଘର ଅସ୍ତିତ୍ୱ ପ୍ରମାଣ ।
ଅଛି ସ୍ଥାନେ ସ୍ଥାନେ ଶୀର୍ଣ୍ଣ ଗଡଖାଇ,
କଣ୍ଟକ ଗୁଳ୍ମରେ ଯାଇଛି ସେ ଛାଇ ।
କାଳ ପ୍ରଭାବରେ ଏବେ ସେ ନିର୍ଜଳ,
ସଙ୍କେତେ ଜଣାଏ ଅସ୍ଥାୟୀ ସକଳ ।
ଚନ୍ଦ୍ରପଟ ପରି କୁଲ୍ଡ଼ ନଗର,
ନିସର୍ଗ କୃତ୍ରିମ ଦୃଶ୍ୟେ ଚାରୁତର ।
ଗିରି-ଅପସରେ ଶୋଭେ ପୃଷ୍ଠଦେଶ ।
ବହିଛି ସାତ୍ତ୍ୱିକ ସୁଧା ଶୁକ୍ଳବେଶ ।
ଜ୍ୟୋସ୍ନା ଶୁକ୍ଳବାସ ଶଙ୍କ ଉତ୍ତରୀୟ,
ଶୁକ୍ଳହିଁ କେବଳ ହୋଇଅଛି ପ୍ରିୟ ।
ଦ୍ୱିପାଶେ ବସନ୍ତ ମଧ୍ୟେ ଶୋଭେ ଦାନ୍ତ,
ସରଳ ନିର୍ମଳ ପ୍ରଶସ୍ତ ପ୍ରକାଣ୍ଡ ।
ଓଷ୍ଠାଧର ମଧ୍ୟେ ଯଥା ହାସ୍ୟରେଖା,
ତଥା ରାଜପଥ ଦୂରୁ ଯାଏ ଦେଖା ।
ନଗର ମସ୍ତକେ ତୋଳିଅଛି ଶିର,
ଜଗନ୍ନାଥଙ୍କର ଉତ୍ତୁଙ୍ଗ ମନ୍ଦିର ।
ଦେଉଳ ଅଗ୍ରତେ ନନ୍ଦିଘୋଷ ରଥ,
ଉଭା ଚାହିଁ ପ୍ରଭୁ ଆଗମନ ପଥ ।
ଦେବପୂଜା ନୀତି ଭୋଗରେ ଆଦର,
ପୂର୍ବପରି ତେତେ ନାହିଁ ଆଡ଼ମ୍ବର ।
ଚଳୁଅଛି ତାହା ବିଧିରକ୍ଷା ଛଳେ,
ନିଭୁନାହିଁ ଦୀପ ମିଞ୍ଜି ମିଞ୍ଜି ଜଳେ ।

ଦୁର୍ଗ ପୂର୍ବଭାଗେ ବଡ଼ନଦୀ ତୀରେ,
ପ୍ରାଚୀନ ମନ୍ଦିର ଉଭା ଦୃପ୍ତ ଶିରେ ।
ଅଧିଷ୍ଠିତ ତହିଁ ଦେବ ନାରାୟଣ,
ଦୁଃଖୀ ଅନାଥର ଅଭୟ ଶରଣ ।
ବ୍ରହ୍ମହତ୍ୟା ପାପ ପ୍ରାୟଶ୍ଚିତ ସ୍ୱରୂପ,
ସ୍ଥାପିଲେ ତାହାକୁ କୃଷ୍ଣଭଞ୍ଜ ଭୂପ ।
ଯଥାସ୍ଥାନେ ବ୍ୟକ୍ତ ହେବ ସେ ବୃତ୍ତାନ୍ତ,
ରାଜବଂଶାବଳୀ ସଙ୍ଗେ ଆମୂଳାନ୍ତ ।
କାଶୀନାଥ ପାତ୍ର ଘଣ୍ଟା-ବାଦ୍ୟକର,
ଘଣ୍ଟା ବାଦନେ ସେ ଅତି ଧୁରନ୍ଧର ।
ଗୋଟାଏ ଘଣ୍ଟାର ସ୍ୱର ଘନଘଟା,
ପ୍ରତେ ହୁଏ ଯେହ୍ନେ ବାଜେ ବହୁ ଘଣ୍ଟା ।
'କୁଲ୍' 'ଡ଼' ନାମରେ କନ୍ଧ ଦୁଇଜଣ,
କରୁଥିଲେ ଏଥି ବନେ ରାଜପଣ ।
ଘୁମୁସର-ପତି ପ୍ରତାପ ଦୁର୍ଜ୍ଜୟ, ୨
ଦେଖି ଏ ସ୍ଥାନକୁ ଶାନ୍ତ-ଶୋଭାମୟ,
ଦୁର୍ଗ ଉପଯୁକ୍ତ କରି ଅନୁମାନ,
କନ୍ଧ ରାଜା ଦ୍ୱୟେ ମାଗିଲେ ଏ ସ୍ଥାନ ।
ନ ଦେବାରୁ କନ୍ଧେ ବଧି ତାଙ୍କ ପ୍ରାଣ,
କଲେ ରମ୍ୟ ଦୁର୍ଗ ଏଠାରେ ନିର୍ମାଣ ।
ମରଣ ପୂର୍ବରୁ ସେ ବନ୍ୟନୃପତି,
କହିଲେ ଭୂପାଳେ କରୁଣ ମିନତି—
"ହେ ନୃପ, ଛାମୁରେ ଏହି ନିବେଦନ,
ଆମ୍ଭ ନାମେ ଦୁର୍ଗ କରିବ ସ୍ଥାପନ ।
ତହୁଁ ତାଙ୍କ ନାମେ ନୃପ ଗୁଣଧାମ,
ରଖିଲେ 'କୁଲ୍ଡ଼' ନବ ଦୁର୍ଗ ନାମ ।
ଷପକ୍ଷେ ନୃମଣି କହେ ମିତ୍ର ଜ୍ଞାନ,
ବୀର ସିନା ବୁଝେ ବୀରର ସମ୍ମାନ ।
ବୀର ଶୌର୍ଯ୍ୟ-ରତ୍ନ ଚିହ୍ନର ଗ୍ରାହକ,
ବହୁଗୁଣ ମୂଲେ କିଣେ ସେ ହୀରକ

୧—କାଞ୍ଚିନଅର ପାଖରେ ଖୋଳିଲେ ବହୁବର୍ଷର ପୁରୁଣା କଳାଧାନ ଏବେ ସୁଦ୍ଧା ବାହାରୁଅଛି ।
୨—ପ୍ରତାପଭଞ୍ଜ କୁଲଡ଼ ଦୁର୍ଗ ନିର୍ମାଣ କରିଥିଲେ ।

http://oaob.nitrkl.ac.in

ଖଳିତେ କରେ ଯେ ସାଧୁ ବ୍ୟବହାର,
ବୀର ଆଖ୍ୟା ଏକା ସାର୍ଥକ ତାହାର ।
ଖଳିତ ପ୍ରଶ୍ନ ଯେ ପ୍ରକାଶେ ସମ୍ଭ୍ରମ,
ଖଚିତ ସେ ଏକା ବୀର-ଧର୍ମ ମର୍ମ ।
ହେଉ ପଛେ ବୀର ନିଷ୍ଠୁର ଶରୀର,
ମାନ ବୀରପୂଜା କରିଜାଣେ ବୀର ।

ଆବାଲ୍ୟ ପୋଷିତ ଆକାଙ୍କ୍ଷା ମୋହର,
ପୂର୍ଣ୍ଣ ଆଜ ଆହା କି ଶୁଭ ବାସର !
ଜାତୀୟ କବିଙ୍କ ପୁଣ୍ୟ ଜନ୍ମତୀର୍ଥ,
ପରଶେ ମଣିଲି ନିଜକୁ ପବିତ୍ର ।
ଯାର ପୁଣ୍ୟରେଣୁ ମାଖି ହେବାପାଇଁ,
ବାର୍ଦ୍ଧକ୍ୟ ସୁଦୂରୁ ଆସିଥିଲି ଧାଇଁ ।
ସେ ତୀର୍ଥର ବାୟୁ ବିଶୁଦ୍ଧ ପାବନ,
ଭାଗ୍ୟବଳେ ଆଜି କଲି ମୁଁ ସେବନ ।
ସାରସ୍ୱତ-ଯୋଗୀ ତପସ୍ୟା-ଆଶ୍ରମ,
ହେରିଲି ତା ଦିବ୍ୟ ଶୋଭା ଅନୁପମ !
ଅସମ୍ଭବ ଆଜି ହୋଇଛି ସମ୍ଭବ,
ଲଭିଅଛି ଦୀନ କୁବେର ବିଭବ ।
ଏ ସ୍ଥାନକୁ ଛାଡ଼ି ଯିବାପାଇଁ ଆଜି,
ଦେହ ମନ ନେତ୍ର କେହି ନୁହେଁ ରାଜି ।
ହେ ଉପେନ୍ଦ୍ର ଭଞ୍ଜ ବନ୍ଦ୍ୟ ମହାକବି,
କାବ୍ୟାମୃତରସ-ସ୍ୱାଦୁ-ଅନୁଭବି !
ମାଗୁଛି ମେଲଣି ଘେନ ମୋ ସମ୍ମାନ,
ରହିଗଲା କିନ୍ତୁ ମନେ ଆରିମାନ,
କରିଥିଲେ ତୁମ୍ଭ ଚରଣ ଦର୍ଶନ,
ମଣିଥାନ୍ତି ମୋର ଅଦୃଷ୍ଟକୁ ଧନ୍ୟ !
ହୋଇଥାନ୍ତା ପ୍ରାଣ-ପିପାସା ତୃପତ,
ମଣିଥାନ୍ତି ସ୍ୱର୍ଗ ସୁଖେ କରଗତ !
ଶିରେ ସିଞ୍ଚି ତମ୍ଭ ଶ୍ରୀଚରଣାମୃତ,
ବିହ୍ୱଳ ପ୍ରେମରେ କରିଥାନ୍ତି ନୃତ୍ୟ !

ସେହି ଖେଦ ଏକା ରହିଗଲା ମନେ,
ଅସମ୍ଭବ କିନ୍ତୁ ତାହା ତ ସ୍ୱପନେ ।
ଯାଉଛି ଏ ସ୍ଥାନୁ ଘେନି ମୁଁ କେବଳ,
ତପ୍ତ ଶ୍ୱାସ ତପ୍ତ ଲୋତକ ସମ୍ବଳ ।
ହେଉ ଅବଧାନ ଗୁଣିପୂଜ୍ୟ ଗୁଣି,
ବାହୁଡ଼ାଣି ବେଳେ ଏତିକି ମାଗୁଣି ।
ଆଉ ଥରେ ହେବ ତୁଅ ଅବତୀର୍ଣ୍ଣ,
ସାହିତ୍ୟର କ୍ଷେତ୍ର ହେଉ ସୁବିସ୍ତୀର୍ଣ୍ଣ ।
ପ୍ରାଚୀନ ସାହିତ୍ୟେ ହେ ନର-ଦେବତା,
ଦେଖାଇଲ ଯେଉଁ ଅଦ୍ଭୁତ ଦକ୍ଷତା,
ନବୀନ ସାହିତ୍ୟେ ସେ ଭଳି ଯତନେ,
ବିଭୂଷିତ କର ଅଭିନବ ରତ୍ନେ ।
ହୋଇ ଆବିର୍ଭୂତ ଏ ଉତ୍କଳେ ପୁଣି,
କରି ଦିଅ ତାକୁ ସବଳ ସମ୍ପୂର୍ଣ୍ଣ ।
ଯୁଗେ ଯୁଗେ ଯେହ୍ନେ ହୁଅନ୍ତି ସମ୍ଭୂତ,
ଧର୍ମହାନି କାଳେ ସ୍ୱୟମ୍ଭୂ ଅଚ୍ୟୁତ,
ସାହିତ୍ୟ-ପତନେ ଅବତରି ତଥା,
କରୁଥାଅ ତାକୁ ସତେଜ ସର୍ବଥା ।
ଅନ୍ଧାର ମଳିନ ବନଗର୍ଭୁ ତବ,
ଭାସି ଆସେ ଯେହ୍ନେ ପକ୍ଷି-କଳରବ,
ଅଜ୍ଞାତ ସ୍ୱର୍ଗ୍ୟରୁ ଆସେ ତେହ୍ନେ ଭାସି,
ତବ ଛାନ୍ଦ ସ୍ୱର ରସ ଭାବରାଶି ।
ବସାଇ ଯାଇଛ ଏଥି ଚିରନ୍ତନୀ,
ସାହିତ୍ୟ-କଳାର ମହାପ୍ରଦର୍ଶନୀ ।
କବିତାମୟ ଏ ସୁରମ୍ୟ ଘୁମୁସର,
କବିତାରେ ଗଢ଼ା ସବୁ କଳେବର ।
ଯାଇ ନାହିଁ ତୁମ୍ଭେ କାହିଁ କବିଭୂପ,
ଅଛ ଏଥି ରମ୍ୟ ଧରି ବାଷ୍ପରୂପ ।
ସୌନ୍ଦର୍ଯ୍ୟ କୁଞ୍ଜରୁ ସ୍ୱର୍ଗ ଯାଏ ଚଳି,
ବସନ୍ତର ଚିର ପ୍ରିୟ-ଲୀଳାସ୍ଥଳୀ ।
ଆଶ୍ରିଛି ବସନ୍ତ ଏ କୁଞ୍ଜ-କ୍ରୋଡ଼,
ସହଜେ ଏଠାରୁ ନ ଛାଡ଼େ ସେ ଗୋଡ଼ ।

http://oaob.nitrkl.ac.in

ଦେବଚକ୍ଷୁ-ଚୋର୍‌ ଏ ସୁଷମା ସଭା,
ପାରିବ କେ ମୂର୍ତ୍ତି ଦେହାନ୍ତରେ ଅବା ?
ଜଣାଥିଲେ ଏଠାରେ ଉତ୍କଳ ପ୍ରକୃତି,
ଭେଟି ଦେଉଥିବେ ତୁମ୍ଭଙ୍କୁ ହେ କୃତି !
ମହୋଦଧି ତୁଙ୍ଗ ତରଙ୍ଗ-ସଙ୍କୁଳ,
ଭେଟୁଥିବ ଆଣି ଗୁଡ଼କଙ୍କ ଫୁଲ ।
ଚଳିକା ସୁନ୍ଦରୀ ମହୋଦଧି-ସୁତା,
ଭେଟୁଥିବ ନଣ ପ୍ରବାଳ ମୁକୁତା ।
ଭେଟୁଥିବ ପୁଣି ସେ ମହେନ୍ଦ୍ରମାଳ,
ସ୍ୱର୍ଣ୍ଣବର୍ଣ୍ଣଜିତ ସୁପକ୍ୱ ତମାଳ ।
ଯେଣୁ ଋଷିକୁଲ୍ୟା ସଙ୍ଗିନୀନକର,
ଦେଉଥିବ ଭେଟି ବଦୁଲ ଚାମର । ୧
ନଦୀ ଶଙ୍ଖୋପୂଲା ସ୍ୱଚ୍ଛସୁଭଙ୍ଗୀସ୍,
ଭେଟୁଥିବ ଆଣି ଜ୍ୟୋତିର୍ମୟ ହୀର୍‌ । ୨
ଉତ୍କଳ-ନନ୍ଦନ-କାନନ-ଉଦ୍ୟାନ, ୩
ଭେଟୁଥିବ ରମ୍ଭା ନାରିକେଳମାନ ।
ଶୋଭାଙ୍ଗୀ ସାଳନ୍ଦୀ ପୁଷ୍ପ ମକରନ୍ଦ,
ଭେଟୁଥିବ ଲଭି ପରମ ଆନନ୍ଦ ।
ସ୍ୱର୍ଣ୍ଣରେଖା ନଦୀ ବାଇ କଳବେଣୁ,
ଭେଟୁଥିବ ସ୍ୱର୍ଣ୍ଣପାତ୍ରେ ସ୍ୱର୍ଣ୍ଣରେଣୁ ।
ହେମସିଂହାସନେ ବସି ଦେବଗଣ,
କରୁଥିବେ ତୁମ୍ଭ ସଙ୍ଗୀତ ଶ୍ରବଣ ।
ତୁମ୍ଭ ଶିରେ ହସ୍ତ ନ୍ୟସ୍ତ ବୀଣାପାଣି
ଉଚ୍ଚାରୁଣ ଥିବେ ସ୍ନେହେ ଆଶୀର୍ବାଣୀ ।
ଅପ୍ସରୀ ଗହଣେ ଆସି ସୁରାଙ୍ଗନା,
କରୁଥିବେ ମୁଦେ କବି ସମ୍ବର୍ଦ୍ଧନା ।
ପାରିଜାତ ହାର୍‌ ଚୁହାଇ ଚୁହାଇ,
ଦେଉଥିବେ ତୁମ୍ଭ ଗଳାରେ ପିନ୍ଧାଇ ।
ଉତ୍କଳ ଧରଣୀ ଅତୀବ ଆଦରେ,
ବସିଥିବେ ଯେଣୁ ତମ୍ଭଙ୍କ କୋଳରେ ।
କରୁଥିବେ ପୁଣି ଦେବୀ ଘନ ଘନ,
ବାତ୍ସଲ୍ୟ ତୁମ୍ଭର ମସ୍ତକ ଚୁମ୍ବନ ।
ଅକାଳରେ ତୁମ୍ଭେ ବିସର୍ଜିଲ ପ୍ରାଣ,
ଦେଶ ପକ୍ଷେ ଏହା ଅତି ଅକଲ୍ୟାଣ ।
ଅପୂର୍ଣ୍ଣ ଅକର୍ମା ଖଳ ଦୁଷ୍ଟ ଲୋକେ,
ଭୁଞ୍ଜୁଛନ୍ତି ଦୀର୍ଘ ଆୟୁ ଇହଲୋକେ ।
ମାତ୍ର ଅଲ୍ପାୟୁଷ କର୍ମୀ ଗୁଣବାନ,
ବିଧାତାର ଏ କି ବିଚିତ୍ର ବିଧାନ ?
ଦୁର୍ଜନର ଆୟୁ କାଟି ବିଶ୍ୱସାଇଁ,
ନ ଦିଅନ୍ତି ଶିଷ୍ଟ ସଜ୍ଜନେ କାହିଁପାଇଁ ?
କି ଯତ୍ନ ବା ତହିଁ ହୁଅନ୍ତା ତାଙ୍କର,
ତାହା ସିନା ଏକା ତାଙ୍କୁହିଁ ଗୋଚର ।

## ଷଷ୍ଠ ସର୍ଗ

ରସଲକୋଣ୍ଡାର ଦୃଶ୍ୟ ଅପରୂପ,
ଅଳକାପୁରୀକୁ କରୁଛି ବିଦ୍ରୂପ ।
ବିକଚ କୁମୁଦ ସଦୃଶ ଆକୃତି,
ବଞ୍ଚିଛି ମହାତ୍ମା ରସଲଙ୍କ ସ୍ମୃତି ।
ସୌଧ-ଧବଳିତ ଶୋଭାମୟୀ ପୁରୀ,
ଶୋଭେ ଯେସନେ ସର ଶତଦଳେ ପୂରି !
ବାଣିଜ୍ୟର କେନ୍ଦ୍ର ଦୁର୍ଗେ ସ୍କନ୍ଧଧାରୀ,
ଘେରିଛି ଚୌପାଶେ ଗିରି-ଅରଣ୍ୟାନୀ ।

୧—ପାଣି ବେତ ।
୨—ସମ୍ବଲପୁର ଅଞ୍ଚଳରେ ମହାନଦୀ ଗର୍ଭରୁ ହୀରା ମିଳେ ।
୩—ଉଦ୍ୟାନଖଣ୍ଡ ।

http://oaob.nitrkl.ac.in

ନିସର୍ଗ କୃତ୍ରିମ ସୁଦୃଶ୍ୟ ନିକର,
ପ୍ରେମ ଆଲିଙ୍ଗନେ ବନ୍ଧ ପରସ୍ପର ।
ବହୁଛନ୍ତି ଲହରୀଖଣ୍ଡୀ ଗିରିନଦୀ,
ନଗରୀ ପଶ୍ଚରେ ଦୃଢ଼େ ହୋଇ ଛନ୍ଦି ।
ସେ ସ୍ଥଳୀ ଯୁବକେ କର୍ମୀ ଦେଶପ୍ରାଣ,
ଯୁବକ ପଦବୀ କରନ୍ତି ପ୍ରମାଣ ।
ସବୁ କାର୍ଯ୍ୟ ମୂଳ ସିନା ଧର୍ମବଳ,
ଧର୍ମବଳେ ହୁଏ ସଫଳ ସକଳ ।
ବୁଝିଛନ୍ତି ଏ ସତ୍ୟ ଉତ୍କଳଯୁବକ,
ଦେଶପକ୍ଷେ ଏହା ସୌଭାଗ୍ୟସୂଚକ ।
ପଢ଼ୁଛନ୍ତି ସର୍ବେ ଦେଶୋନ୍ନତି ଗ୍ରନ୍ଥ,
ଶୋଷି ହେଉଛନ୍ତି ଆତ୍ମଶୁଦ୍ଧି ସନ୍ତୁ ।
ସ୍ଥାପି ଧର୍ମସଭା ଦେଖାନ୍ତି ଆଦର୍ଶ,
ପ୍ରଚାରନ୍ତି ଦେଶେ ଧର୍ମର ଉତ୍କର୍ଷ ।
ପଦ୍ମଚରଣଙ୍କ ଶବ୍ଦ ହସ୍ତାଙ୍କିତ,
ହେରି କିଏ ଗର୍ବେ ନ ହେବ ମୋହିତ ।
ଯତ୍ନ-ଅଙ୍କା ଚିତ୍ର ନୁହେଁ ତାହା ସରି,
କଳ୍ପନା ବା ରୂପ ଯାଇଅଛି ଧରି ?
ଉତ୍କଳର ଶିଳ୍ପ ବିଶ୍ୱ-ପ୍ରଶସ୍ତିତ,
ସ୍ତତେ ହୁଏ ଅଛି ଅଦ୍ୟାପି ଜୀବିତ ।
ଆଶା ହୁଏ ଦିନେ ଯୁବକ-ପୁଙ୍ଗବେ,
ଫେରାଇ ଆଣିବେ ଜାତୀୟ ଗୌରବେ ।
ଯୁବକ ହୃଦୟେ ସେ ଶୁଭ ପ୍ରେରଣା,
ଜାଗିଲାଣି ତାର ଦିଶୁଛି ସୂଚନା ।
ସାଧୁ ଏ ଆଦର୍ଶ ମଙ୍ଗଳ କାରଣ,
ଭାବି-ଉନ୍ନତିର ଉଜ୍ଜ୍ୱଳ ଲକ୍ଷଣ ।

ଗିରିମୂଳେ ବଡ଼ ଚୋଦଣ୍ଡା ବସତି,
ଦେବସ୍ଥଳ-ପ୍ରଧାନ ରମଣୀୟ ଅତି ।
ମାସ ଶୁକ୍ଳ ବସ୍ତ୍ରେ କଳାଦାଗ ପରି,
ଭ୍ରାତୃଭେଦେ ଗ୍ରାମ ରହିଅଛି ଭରି ।
ଭ୍ରାତୃବିଚ୍ଛେଦର ଜ୍ୱଳନ୍ତ ପ୍ରମାଣ,
ବହିଅଛି ବକ୍ଷେ ଭାରତ ପୁରାଣ ।
ବହୁଛି ଆବର ଏ ଭାରତ ଖଣ୍ଡ,
ଭୁଞ୍ଜୁଛି ସେ ଭ୍ରାତୃ-ବିରୋଧର ଦଣ୍ଡ ।
ଜାଣି ଏହା ଭ୍ରାତୃ-ବିବାଦେ ଯେ ମାତେ,
ନିଜ ଗୋଡ଼ ସେହୁ ହାଣେ ନିଜ ହାତେ ।
ଅଙ୍ଗ ଢାଙ୍କି ଯାନ ବସନ-କଞ୍ଚୁକେ,
ଧାଇଁଲି କାଳିଙ୍ଗା-ଘାଟି ଅଭିମୁଖେ ।
ପଥ ବେନି ପାଶେ ଶ୍ୟାମ ଶାଳବନ,
ରହିଛି ବିସ୍ତୃତ ଯୋଜନ ଯୋଜନ ।
ଯେସନ ବିଗ୍ରହେ ବେନି ସୈନ୍ୟଥାଟ,
ଓଗାଳି ଅଛନ୍ତି ପରସ୍ପରେ ବାଟ ।
ଶୀତଳ ସେ ବନ ଛାୟା-ଆଚ୍ଛାଦିତ,
ନିଦାଘେ ବି ତହିଁ କରି ଉଠେ ଶୀତ ।
ବେଢ଼ିଛି ବିଶାଳ ବୃକ୍ଷେ ଗୁଳ୍ମବନ,
ଅବଧାନେ ଯେହ୍ନେ ଚାଟ ଶିଷ୍ୟଗଣ ।
ପଥ ଭେଦି ବହେ ବେଙ୍ଗଗୁବା ନଦୀ,
ବେନି ତୀରେ ତାର ପୂର୍ଣ୍ଣ ବନୌଷଧି ।
ଶିଳା-ଦନ୍ତୁରିତ ଗର୍ଭରେ ତାହାର,
ବାଙ୍କି ବାଙ୍କି ବହେ ସ୍ୱଚ୍ଛ ଜଳଧାର ।
ତାହିଁ ଝରଝର ତାହିଁ କଳକଳ—
ଶବ୍ଦ ଜଳସ୍ରୋତ ସଙ୍ଗେ ଅନର୍ଗଳ ।
ଅନବ୍ରତେ ତହିଁ ଡୁବୀ ପକ୍ଷିବାର,
ଝଙ୍କାରନ୍ତି ମୁଦେ କଣ୍ଠବୀଣା ତାର ।
କ୍ରୀଡ଼ୁଛନ୍ତି ତାହିଁ ବସନ୍ତ ବାନ୍ଧବ, ୧
ସଙ୍ଗେ ତାହିଁ ଭଦ୍ର ଇନ୍ଦ୍ରଧନୁସ୍ୱର । ୨
ଆବର୍ତ୍ତେ ଘନେ ଜଳ ମାଗୁଛି ଚାତକ,
ସାହୁକାର ଦ୍ୱାରେ ଯେସନ ଖାତକ ।

୧—ଗଳକଣ୍ଠର କ୍ଷୁଦ୍ର ପକ୍ଷିବିଶେଷ । ୨—ଭଦ୍ର—ଭଦଭଦଳିଆ ପକ୍ଷୀ ।

http://oaob.nitrkl.ac.in

ତାହେ ତାକୁ ନଦୀ କଳକଳ ସ୍ୱରେ,
କରେ ସେ ଉପେକ୍ଷା ତାକୁ ଅନାଦରେ ।
ହେଉ ପଛେ ଶିରେ କୋଟି ବଜ୍ରପାତ,
ନ ପାତେ ମହତ ନୀଚ ପାଶେ ହାତ ।
ଇତର ପକ୍ଷୀଏ ହୋଇ ଦଳଦଳ,
କରୁଛନ୍ତି ସର୍ବେ କଳି-କୋଳାହଳ ।
ନଦୀ-ତୀରବନେ ବସିଅଛୁ ଅବା,
ପକ୍ଷୀ ଜାତିଙ୍କର ଜାତିଆଣ ସଭା !
ମାଗୁଛୁ କି ଦୋଷୀ ଅପରାଧ ମୁକ୍ତି,
ଲଗିଅଛୁ କେତେ ଯୁକ୍ତି ପ୍ରତିଯୁକ୍ତି ।
ଜ୍ୱରରୋଗୀ ପ୍ରାୟ ଅସ୍ୱସ୍ଥ ପତର,
କମ୍ପୁଅଛୁ ବୃକ୍ଷେ ହୋଇ ଥରହର ।
ଦେଉଛୁ ମଲ୍ଲାଙ୍ଗ କେଉଁ ବୃକ୍ଷେ ଝାଇ,
ନଦୀ ଏକା ତାକୁ ରଖିଛୁ ବଞ୍ଚାଇ ।
ଉଦହଁଜାତ ରୋଗ ଦେହର ଉଗାରି,
ବନଜ ଔଷଧ ମାତ୍ର ଉପକାରୀ ।
ଘନଶ୍ୟାମ ମୂର୍ତ୍ତି କାଳିଙ୍ଗା ପର୍ବତ,
ତୋଳିଛୁ ଅଦୂରେ ମସ୍ତକ ଉନ୍ନତ ।
ପ୍ରକୃତି ସୁନ୍ଦରୀ ଶ୍ରଦ୍ଧା ବନ୍ଧୁ ଅବା,
ଅତସୀ କୁସୁମେ ମଣ୍ଡିଅଛୁ ଗଭା !
ବନ ଛତ୍ରପଥେ ଦିଶେ ରମ୍ୟ ଗ୍ରାମ,
ଥରି ଉଠେ ପାଳୁ ଶୁଣି ଯାହା ନାମ ।
ଜ୍ୱରପ୍ରିୟ ଭୂମି ଖେଳେ ତହିଁ ତ୍ରାସ,
ବାରମାସ ତାହା ଜ୍ୱରର ନିବାସ ।
ଅସହ୍ୟ ତା ପ୍ରାଣେ ଜ୍ୱରର ଯନ୍ତ୍ରଣା,
ତେଣୁ ଗିରିପାଦେ ପଡିଛୁ ଧାରଣା ।
ଗିରିତଳେ ଦୁର୍ଗାପ୍ରସାଦ ବସନ୍ତି,
ପଡି ପାଦସେବା କରୁଛୁ କି ସତୀ ?
ଶ୍ରୀ ରଘୁନନ୍ଦନ ବିହାର ଉଚାରି,
ଉଠିଲୁ ଘାଟିରେ ପର୍ବତେ ଜୁହାରି ।
ଧର୍ମପଥ ପରି ଦୁରାରୋହ ତାହା,
ଉଠିବାକୁ ତହିଁ ପାଏ ନାହିଁ ଗାହା ।

ମାତ୍ର ଓହ୍ଲାଇବା ସହଜ ସୁଗମ,
ସରଳ ସୁଗମ୍ୟ ପାପପଥ ସମ ।
ଉତ୍ଥାନର ପଥ ଦୁର୍ଗମ ପ୍ରକୃତ,
ପତନର ପଥ କିନ୍ତୁ ପୁଷ୍ପାସ୍ତୃତ ।
ପ୍ରଦକ୍ଷିଣ କରି ପର୍ବତକୁ ଘାଟି,
ଯାଇଅଛୁ ଉଠେ ନଇ ବାଟ କାଟି ।
କାହିଁ ଏକ ପାର୍ଶ୍ୱେ ଉଭା ଗିରିରାଜ,
ଅନ୍ୟ ପାର୍ଶ୍ୱେ ଯେହ୍ନେ ବାସୁକି ସାମ୍ରାଜ୍ୟ ।
ଚାହିଁଲେ ତଳକୁ ଘୂରିଯାଏ ମଥା,
କଳି ହୁଏ ନାହିଁ ତାର ଗଭୀରତା ।
କାହିଁ ବେନ୍ତ ଚୂଡ଼ା ମଧ୍ୟେ ସର୍ପ ଭଳି,
ସଙ୍କଟରେ ଘାଟି ଯାଇଅଛୁ ଗଳି ।
ପ୍ରତେ ଯେହ୍ନେ କଏ ଗିରି କଳେବରେ,
ଲେଖିଛୁ କବିତା ଗୋମୂତ୍ର ଛନ୍ଦରେ ।
କମ୍ୱା ଗିରିକଣ୍ଠୁ ଛିଡ଼ି ଫୁଲହାର,
କଟିରେ ଅଟକି ଦିଶୁଛୁ ଉଦାର ।
ଅଥବା କଟିରେ ପ୍ରକୃତି-କମଳା,
ପିନ୍ଧିଛନ୍ତି ମୁଦେ ପ୍ରବାଳ-ମେଖଳା ।
ଅବା ଅଜଗର କପାଁ ଭୟ ପାଇ,
ପାତାଳ ପୁରକୁ ଯାଉଛୁ ପଳାଇ !
ସେ ପାତାଳେ ବୃକ୍ଷ ହୋଇ ଖୁନ୍ଦାଖୁନ୍ଦି,
ସୌରକର ପଥ ଦେଇଛନ୍ତି ରୁନ୍ଧି ।
ପ୍ରଭାତେ ସୃଷ୍ଟିରୁ ଅନ୍ଧାର ପଳାଇ,
ଲୁଚିରହେ ପରି ସେହିଠାବେ ଯାଇ ।
ବହୁବର୍ଣ୍ଣ ଫୁଲେ ହୋଇ ଆଚ୍ଛାଦିତ,
ପ୍ରାବୃଟେ ସେ ସ୍ଥଳୀ ଦିଶେ ଅଙ୍କୁରିତ ।
ଯେସନେ ଖରଡ଼ ହୋଇଥାଏ ବାଛା,
ଯେତେ ଦେଖିଲେ କି ପୁରେ ନାହିଁ ଇଚ୍ଛା ।
ଉଠାଣିଆ ପରେ ପୁଣି ଗଡ଼ାଣିଆ,
ଏହିପରି ସାରା ପଥ ବନ୍ଧୁରିଆ ।
ସଙ୍କେତ ଭାଷାରେ କହି ଏହି ତଥ୍ୟ,
ଶିଖାଉଛୁ ପାନ୍ଥଜନେ ଗିରିପଥ ।

http://oaob.nitrkl.ac.in

ଜୀବନର ପଥ ଏହିପରି ସିନା,
ନୁହେଁଟି ସମାନ ଖାଲଢିପ ବିନା।
ତେଣୁ ସେ ପଥରେ ଚାଲୁଚାଲୁ ପାନ୍ଥ,
ବାରମ୍ବାର ଝୁଣ୍ଟି ହୁଏ ପଥକ୍ଳାନ୍ତ।
ଅନ୍ଧାରୀ କୋଠରି ଅନ୍ଧାରିତ ବଣ,
ଯମପୁରଠାରୁ ବିକଟ ଭୀଷଣ।
ଉପଯମ ପରି ହିଂସ୍ରଜନ୍ତୁଗଣ,
ଦିବସରେ ତହିଁ କରନ୍ତି ଭ୍ରମଣ।
ଆଲୋକ ସେ ସ୍ଥାନେ ପାରେ ନାହିଁ ଛୁଇଁ,
ବିଭୀଷିକାର ସେ ଚିରକ୍ରୀଡ଼ା ଭୂଇଁ।
ବିପଦ ସମୟେ ରାଜପରିବାରେ,
ନେଉଥିଲେ ଆଶ୍ରା ଯାଇ ସେ ଅନ୍ଧାରେ।
ତଳୁ ଦିଶେ ଯାହା ସାନ ଗୁଳ୍ମଠାରୁ,
ଏଠାରେ ହୁଏ ସେ ଦାରୁ ମହାଦାରୁ।
ମଣୁଥିଲି ତଳୁ ଯାହାକୁ ମୁଁ ଘାସ,
ଦେଖିଲି ସେ ଦୀର୍ଘ ପୃଥୁଳ ବାଉଁଶ।
ମଣୁଥିଲି ଯାକୁ ଦୂରୁ ବକବ୍ୟୂହ,
ବକ ନୁହେଁ ତାହା ଗୋଧନସମୂହ।
କିବା ଇନ୍ଦ୍ରଜାଲ ମନ୍ତ୍ର ଜାଣେ ଗିରି,
କ୍ଷଣେ କ୍ଷଣେ ଧରେ ଭିନ୍ନ ଭିନ୍ନ ଶିରୀ।
ସେ ସ୍ଥାନ ଏକାନ୍ତ ନୀରବ ନିସ୍ତବ୍ଧ,
ଶୁଣାଯାଇପାରେ ନାଡ଼ୀ-ଗତି-ଶବ୍ଦ।
ଅନ୍ଧାର କୋଠରେ ଜନୈକ ତପସ୍ୱୀ,
ସାଧୁଥିଲେ ତପ ଶିଳାଖଣ୍ଡେ ବସି।
ତାହାଙ୍କର ମୁଖ-ବିନିସୃତ ଶ୍ଳୋକ,
ଘୋଷୁଥିଲେ ଶୁକ ଭୁଲି ଶୋଷ, ଭୋକ।
କାହାନ୍ତି ସେ ଯୋଗୀ କାହାନ୍ତି ସେ ଶୁକ,
ମୁଖରିତ ବନ ହୋଇଅଛି ମୂକ।
ଅତୀବ ବିଚିତ୍ର ଲୀଳା ନିସୃଷ୍ଟର,
ଅଚିର ସଂସାରେ ସକଳ ଅଚିର।
ବଟ-ଡାଳ-ତଳୁ ତହିଁ ଜଟାଧାରୀ,
ବେନିଏ ପାଦପକୁଳେ ତପଚାରୀ।

ଦୀର୍ଘ ବଂଶଦଣ୍ଡ ଉଗ୍ରଫଣୀ ଯଥା,
ଶତହସ୍ତ ଊର୍ଦ୍ଧ୍ୱେ ଟେକିଅଛି ମଥା।
ଭଲ୍ଲୁକ-ଭୀଷଣ ମହୁଲ-କାନନ,
ପ୍ରବାଳ-ପାଟଳ ପତ୍ରେ ସମାଚ୍ଛନ୍ନ।
ପିକକୁଳ-କଣ୍ଠ-ଉପଜି ପଞ୍ଚମେ,
ଝଙ୍କାରିତ ଏବେ ବସନ୍ତ ଆଗମେ।
ସେ ସ୍ୱର କର୍ଣ୍ଣର ଚାରୁ ବନ୍ଦୀବାସ,
ନ ଲୋଡ଼େ ସେ ତହିଁ ଛଲେ ଅବକାଶ।
ଚନ୍ଦ୍ରଭାନୁ ବୀର ପାରିଧି ଘଟଣା,
କରିଥିବେ କବି ଏଠାରେ ରଚନା।
ଅନ୍ଧାର-କୋଠରୁ ଅଳ୍ପଦୂର ଯାଇ,
ଯାନରୁ ଓହ୍ଲାଇ ଦେଖ ଊର୍ଦ୍ଧ୍ୱେ ଚାହିଁ।
ପ୍ରକାଣ୍ଡ ପ୍ରସ୍ତର ଗିରି କଳେବରେ,
ରହିଛି ଅଟକି ତୀର୍ଯ୍ୟକ ଭାବରେ।
ତକ୍ଷଣେ ଯେହ୍ନେ ସେ ଶିଳା ଦୈତ୍ୟବେଶୀ,
ଗଡ଼ି ଆସି ତଳେ ଦେବ ସବୁ ପେଷି।
କାହିଁକି କେଜାଣି ତାହାର ଏ ସ୍ଥିତି,
ଯୁଗେ ଯୁଗେ ପାନ୍ଥେ ଦେଖାଉଛି ଭୀତି।
ବାମଭାଗେ ଉଭା ଶୈଳ ସୁବିଶାଳ,
ବାମେତର ପାଶେ ଅତଳ ପାତାଳ !
ଅରଣ୍ୟ ତଳକୁ ଯାଇଛି ଓହ୍ଲାଇ,
ଦୃଷ୍ଟିରେଖା ତାହା ଭେଦିପାରେ ନାହିଁ।
ମଧ୍ୟରେ ସଂକୀର୍ଣ୍ଣ ପଥ ଭୀତିପ୍ରଦ,
ରହିଅଛି ହସ୍ତ ପ୍ରସାରି ବିପଦ।
ଦେଖି ଦେଖି ପଥେ ଦୃଶ୍ୟ ଅଗଣନ,
କରିବାକୁ ହେଲି ଘାଟି ଆରୋହଣ।
ଶସ୍ୟରକ୍ଷି-ଜନ-କ୍ଷୁଦ୍ର-ପର୍ଣ୍ଣକୁଟୀ,
ବନ ଅନ୍ତସ୍ଥଳ ଦିଶୁଅଛି ଫୁଟି।
ବୈରାଗୀ ପ୍ରାୟେ ସେ ପ୍ରତେ ହୁଏ ମନେ,
ସଂସାରୁ ଆସି କି ରହିଛି ନିର୍ଜନେ ?
ତଳେ ଜଗନ୍ନାଥ-ପ୍ରସାଦାଖ୍ୟ ଗ୍ରାମ,
କରୁଅଛି ଶୈଳେ ସାଷ୍ଟାଙ୍ଗ ପ୍ରଣାମ।


http://oaob.nitrkl.ac.in

ଗିରି-ପାଳିତ ସେ ଜାଣେ ଗିରି-ଶକ୍ତି,
ନିବେଦୁନ୍ତି ଧେଣୁ ଗିରିପାଦେ ଭକ୍ତି ।
ଗିରି-ଚାମର କି ସଞ୍ଚାଳେ କେଶର ୧
ଗିରିଦେହେ ସଦା ଢାଳନ୍ତି ଚାମର ?
ବାଙ୍କୁ ଅବା ତୃଣ ବାତେ ଯାଏ ଲୁଟି,
ଶୋଭେ ଯଥା ଶୈଳେ ଧାନଶୀଷା ଝୁଟି ! ୨
ଯେ ଦିଗେ ଚାହିଁଲେ ସେ ଦିଗେ ପର୍ବତ,
କେହୁ ଖର୍ବକାୟ କେହୁ ବା ଉନ୍ନତ ।
ଗୁପ୍ତ ଷଡ଼ାରେ ବା ରତ ଗିରି ସର୍ବ,
ପକ୍ଷଚ୍ଛେଦୀ ଇନ୍ଦ୍ରେ ଦେବେ ପରାଭବ ।
ହୋଇଯାଏ ତହୁଁ ଦୃଷ୍ଟିରେଖା ରୁଦ୍ଧ,
ଲଗିଅଛି ଅବା ରାମାୟଣ ଯୁଦ୍ଧ !
ରୁକ୍ଷରକ୍ଷ-ଦଳ ଫୁଲାଇଣ ଲୁଆ,
ଯୁଦ୍ଧ ଆଶେ କିବା ହୋଇଛନ୍ତି ଠିଆ ?
ରଣ-ଡେଙ୍ଗୁରୁଆ ଡମ୍ବାରୁ ପରି,
ବଜାଉଛି ରଣ-ଘୋଷଣା-ନାଗରୀ ।
କେଉଁ ଗିରିଶିରେ ଶୋଭେ ଦୁଧଖଣ୍ଡ,
ବାନ୍ଧିଛି କି ବୀର ଶିରେ ଶ୍ୱେତ-ପଗଣ୍ଡ ।
ଟାଙ୍ଗର କା' ଚୂଡ଼ା ଦିଶେ ରଙ୍ଗାଳିଆ,
ଗିରି-କଣ୍ଠେ କି ରଙ୍ଗପଣା ଛୁଆ ।
ଅହୋ କି ନୀରନ୍ଧ୍ର ବିସ୍ତୀର୍ଣ୍ଣ କାନ୍ତାର,
ଯେସନ ସୁନୀଳ ରୁଦ୍ର ପାରାବାର !
ଲାକ୍ଷାରସେ ମଧୁ ସ୍ୱାଗତ-ଗୀତିକା,
ଲେଖିଛି ପୁଷ୍ପିତ ପଲାଶ ଲତିକା ।
ସୁନାଫୁଲ ଝୁମ୍ପା ଝୁଲଇ ସୁନାରି ୩
ନଭେ ମୂର୍ତ୍ତ ଯେଣେ ନକଲୁ ନହାରି ।
ରଙ୍ଗ-ପାଟଲୁଗା ପିନ୍ଧି କେନ୍ଦୁ କାହିଁ,
ହସୁଛି ସଗର୍ବେ ଆନ ବୃକ୍ଷେ ଚାହିଁ ।
ଝଞ୍ଜୁଣ୍ଡି ପଡ଼ିଛି ତଳେ ପୁଷ୍ପଜାଳ,
ଛିଣ୍ଡି ପଡ଼ିଛି କି ହୀର-କଣ୍ଠୀମାଳ ?

ସର୍ବାଙ୍ଗେ ଝମଣ୍ଡି ସୁବର୍ଣ୍ଣ ଗହଣା,
ଟାଣିଛି ଅଶୋକ ମସ୍ତକେ ଓଢ଼ଣା !
ବହଳ ହଳଦୀ ଲଗାଇ ଶାଳୁଙ୍କୀ, ୪
ଯୌବନେ ଉଭା ନୂଆ ଭୂଆସୁଣୀ ଭଳି ।
ଅତଣ୍ଡୀକୁ ପ୍ରେମେ ଆଲିଙ୍ଗନ କରି,
ଦିଶେ ତରୁ ଶୁକ୍ଳ ଚର୍ମରୋଗୀ ପରି ।
ତରୁବରେ ଭ୍ରମେ ମଣି କାଦମ୍ବିନୀ,
ଆଲିଙ୍ଗିଛି ଅବା ସ୍ଥିର ସୌଦାମିନୀ !
ମିଥ୍ୟାବାଦୀ ହୃଦେ ସତ୍ୟଶିବ ଭାବ,
କମ୍ପା ଦୈବବଶେ ପାଇଅଛି ଠାବ ।
ମଣ୍ଡିଛି "ଲକ୍ଷ୍ମଣଭେଦୀ" ଗୁଳ୍ମ ଯୋଷା, ୫
ଚାରୁ ସ୍ୱର୍ଣ୍ଣଫୁଲେ ବନଦେବୀ ଶୋଷା ।
ଗୁଳ୍ମ ଗହଳରେ ବସି ଲାଜକୁଳୀ,
କ୍ଷଣେ କ୍ଷଣେ ପଡ଼େ ଲଜ୍ଜାରେ ଝାଉଁଳି ।
ଦୁର୍ଦ୍ଦାନ୍ତ ବାନର ରୁଦ୍ର କୋଳାହଳେ,
ଅତିଷ୍ଠ ପଶୁଏ ସେ ଭୀଷଣ ସ୍ଥଳେ ।
କ୍ଳାନ୍ତ ପକ୍ଷିକୁଳ କ୍ଷୀଣକଣ୍ଠ ସ୍ୱନ,
ଭସାଇ ଆଣୁଛି ଦୂରୁ ସମୀରଣ ।
ମହାକାଳୀ ଧରି ଦିଶେ ମହାକାଳୀ, ୬
ଲହ ଲହ ପତ୍ର-ରସନା ସଞ୍ଚାଳି ।
ପର୍ବତଶିଖରେ ଚୌଖୁଣ୍ଟା କାଆରି,
କାଙ୍ଗୁ କୁଣ୍ଡି ହେତୁ ହୋଇଛି ଭିଆରି ।
ମାରବାଡ଼ି ବେଶ ଧରିବା ଭୂଧର,
ହୋଇଛନ୍ତି ତାଳରେ କୋଟି କାଣ୍ଟିଧର ।
ଉଗାଳୁଛି କଟୁ ଗନ୍ଧ ସିନ୍ଦୁବାର, ୭
ପବନରେ ଖେଳେ ଦୋଳି କୋବଦାର । ୮
ମହୁଲ ଫୁଲର ମଧୁର ଆମୋଦ,
ଖେଳାଏ ମାନସେ ଅପୂର୍ବ ବିନୋଦ !
ଉଡ଼ୁମ୍ବର ତରୁ ଭୂଷିତ ଫଳରେ,
ଉଭା କିବା ଭକ୍ତ ଜପାମାଳି କରେ ?

୧—ଫୁଲ ଛଣ୍ଟୁଣି ଗୁଳ୍ମ । ୨—ଝୁଣ୍ଟି ପାଣିରେ ଧାନଶୀଷା ଆକାରର ଚିହ୍ନ । ୩—ବୃକ୍ଷବିଶେଷ ।
୪—ହଳଦିଆ ଶିମିଳି । ୫—ଗୁଳ୍ମବିଶେଷ । ୬—ବହୁଆଗ । ୭—ବେଗୁନିଆ । ୮—କାଞ୍ଚନ ।

http://oaob.nitrkl.ac.in

ଶୈବପ୍ରାୟ୍ୟ କଣ୍ଠ ବାହୁ ମଣିବନ୍ଧେ,
ବାନ୍ଧିଛି ରୁଦ୍ରାକ୍ଷମାଳା ମହାନନ୍ଦେ ।
ପିନ୍ଧି ସହଚରୀ କଣ୍ଟକ-କଞ୍ଚୁକେ, ୧
ବୀରନାରୀ ପରି ଠିଆ ହାସ୍ୟମୁଖେ ।
ଆତ୍ମନିର୍ଭରତା ଗୁଣେ ସତୀ ଦକ୍ଷା,
ନିଜ ବଳେ କରେ ନିଜକୁ ସେ ରକ୍ଷା ।
ଭୀଷଣ ଅରଣ୍ୟ ନୀରବତାମୟ,
ଗଛେ ପନ୍ତେ ଦୋଳା ଶୋଭା ସଙ୍ଗେ ଭୟ ।
ନିସ୍ତବ୍ଧତା-ଚଣ୍ଡୀ ପ୍ରଚଣ୍ଡ ହୁଙ୍କାର,
କରିନଏ ପିଣ୍ଡୁ ଧଇର୍ଯ୍ୟ ବାହାର ।
ସେ ଅଶବ୍ଦ ଶବ୍ଦେ ଥରିଉଠେ ପ୍ରାଣ,
ଥରିଉଠେ ଆତ୍ମା ବୁଡିଯାଏ ଜ୍ଞାନ ।
ରୁଷ୍ଟା ପେତୁଣୀ ବା ଭୂତ ରହି ବନେ,
ନୀରବରେ ଦାନ୍ତ ରଗଡ଼େ ସଘନେ ।
ପ୍ରକୃତ ଶବଦୁଁ ବଳିଣ ନକର,
ନିଶବ୍ଦ ଶବଦ ସିନା ଭୟଙ୍କର !
ଚୁଲନ୍ତି ନିର୍ଭୟେ ବନ୍ୟ-ଶିଶୁଚୟ,
କାହାକୁ ତାଙ୍କର ନାହିଁ ତିଳେ ଭୟ ।
ଅଭୟ-ଗହ୍ୱର ଯେହୁ ପ୍ରିୟ ଚାଟ,
ଭୟ ତାକୁ ଭୟେ ଛାଡିଦିଏ ବାଟ !
ବାଘଭାଲୁ ପ୍ରତ୍ୟେ ଯାହାଙ୍କ ଆହାର,
ବାଘଭାଲୁଙ୍କ ସେ ମଣନ୍ତି ମାର୍ଜାର ।
ସଂଗ୍ରହନ୍ତି ଅଭ୍ର, ଶବର-ଅଙ୍ଗନା,
ଯୌବନଶ୍ରୀ-ଭାରେ ମନ୍ଥରଗମନା ।
ନାନାବର୍ଣ୍ଣ ଫୁଲ ଗୁନ୍ଥି କନ୍ଧଯୋଷା,
ମଣ୍ଡନ୍ତି ତହିଁରେ ଦୈଡିଲଙ୍ଗୀୟ ଖୋଷା ।
କେହି ଅବା ତୋଳି ସମଧୁର ବୋଲି,
ଭିଜିଅନ୍ତି ସୁଖେ ଲତା-ଦୋଳେ ଦୋଳି ।
କେହି ବନୌଷଧି କରନ୍ତି ସଂଗ୍ରହ,
ଲଗାଇନ୍ତି କିଏ କା ସଙ୍ଗେ କଳହ ।

ଚୁରିଅନା ଫୁଲେ ବରଚ କେ ଚୂଡ଼ା,
ଜୁଡ଼ା ପରେ ଖୋଷି ସୁଢେ ଉପଜୁଡ଼ା ।
କର୍ଣ୍ଣିକାର କଢ଼ ଦୋଳେ କାହା କର୍ଣ୍ଣେ,
ସୁବର୍ଣ୍ଣ ଡମ୍ପେ ଝିଙ୍କାରି ସୁ-ବର୍ଣ୍ଣେ ।
ମଣ୍ଡିଛି ନାସାରେ କେବଣ ରମଣୀ,
ବକୁଳ-କୁସୁମ-ହୀରକ-ବସଣୀ ।
ଗୁଞ୍ଜିଫଳେ ରଚି ପଦ୍ମରଗ ହାର,
ଲମ୍ବାଏ କେ ସ୍ନେହେ ବକ୍ଷରେ କାହାର ।
ଫୁଲ ଚୁଡ଼ି, ଫୁଲ ତାଡ଼, ଫୁଲ ବଳା,
ପିନ୍ଧିଛନ୍ତି ମୁଦେ ସକଳ ଅବଳା !
ନାନାକାନ୍ତି ଫୁଲ ମଣ୍ଡି ଅଙ୍ଗଦେଶେ,
ବିହରନ୍ତି ସର୍ବେ ଫୁଲରାଣୀ ବେଶେ ।
କୁସୁମ-ଜ୍ୟୋସ୍ନାରେ ମିଶେ ହାସ୍ୟ-ଜ୍ୟୋସ୍ନା,
ବର୍ଷେ କି ସତେ ମୋତି ପରେ ମୋତି ?
ସଖୀ ସଖୀ ମିଳି ଖେଳି ଲୁଚକାଳି,
ଫୁଲ ଫିଙ୍ଗାଫିଙ୍ଗି ହେଉଛନ୍ତି ବାଳୀ ।
ନାନା କହଡ଼ଙ୍କ ଭୁଞ୍ଜୁଛନ୍ତି ସର୍ବେ
ମତ୍ତ ହୋଇ ଫୁଲ-ଚଇତ୍ର ଉତ୍ସବେ !
ସକଳ ତୀର୍ଯ୍ୟକ ବକ୍ର ଘାଟିପଥ,
ଧାବନ୍ତ ତହିଁରେ ଧୂମଧ୍ୱଜ ରଥ । ୨
ରୁଦ୍ରସ୍ୱରେ ଗାଇ ଭୈରବ ସଙ୍ଗୀତ,
ଘାଟିଟିରେ ଯାଇ ହେଲ ଉପସ୍ଥିତ ।
ସ୍ତବ୍ଧ ହେଲୁ ହେରି ଗିରିଶିରେ ଧସ୍ତ,
ମାୟା-ରାଜ୍ୟେ ଆସି ପ୍ରବେଶିଲୁ ପସ୍ତ !
ସମତଳ ଭୂମି ସୁବିସ୍ତୃତ ସ୍ଥଳୀ,
ଯାଏ ନାହିଁ ଜଣା ଘାଟିମୁଣ୍ଡ ଭଳି ।
ଅଢ଼ାଇ ସହସ୍ର ଫୁଟ ତଳେ ଯାଇ,
ରହିଲାଣି ମହୀ ଅସ୍ତିତ୍ୱ ଲୁଚାଇ ।
ଉପରକୁ ସ୍ୱର୍ଗ ଆଉ କେତେ ଦୂର,
ଜାଣନ୍ତି ଏକା ସେ ବ୍ରହ୍ମାଣ୍ଡ-ଠାକୁର !

୧— ସହଚରୀ—କୁରୁବକ । ୨—ମୋଟରକାର ।

http://oaob.nitrkl.ac.in

ଭାବିଥିଲି ହେଲି ମୁକ୍ତ ଭବ-ପଙ୍କୁ,
ମାତ୍ର ଆସି ଏଥି ହେଲି ମୁଁ ନିଶଙ୍କୁ !
ଏ ସ୍ଥାନ "ଉଦୟ ଗିରି" ନାମେ ଖ୍ୟାତ,
ବେଳ ଦ୍ୱିଖଣ୍ଡରେ ହୁଏ ଏଥି ପ୍ରାତ ।
ପୃଥିବୀ-ସୁଲଭ ସୁଖ କୋଳାହଳ,
ନାହିଁ ଏଥିଃ ଏହା ସ୍ୱପ୍ନ-ସ୍ୱର୍ଗସ୍ଥଳ ।
ସୌନ୍ଦର୍ଯ୍ୟ ନିବାସ ଶାନ୍ତିମୟ ସ୍ଥାନ,
ଜଳବାୟୁ ଦୋଷେ ହୋଇଛି ଶ୍ମଶାନ !
ନବୀନ ପ୍ରବାସୀ ପକ୍ଷେ ଭୟଙ୍କର,
ସ୍ନାନ କଲେ ତହିଁ ହୁଏ ମାଲଜ୍ୱର ।
ଶସ୍ୟପ୍ରସୂ ରଙ୍ଗ୍ୟ ମୃତ୍ତିକା ରସାଳ,
କିନ୍ତୁ ମାଲ ନାମ ହୋଇଅଛି କାଳ ।
କନ୍ଧ-ଗଣ୍ଡାଦିର ଆଦିମ ନିବାସ,
ଅନ୍ୟ ପକ୍ଷେ କିନ୍ତୁ ଦେହବନ୍ତ ନାଶ ।
ମମତା ଯାହାର ନାହିଁ ଆୟୁପ୍ରତି,
ସେ ଏକା ସେ ରାଜ୍ୟେ କରିବ ବସତି !
ରହିଛି ଆଚ୍ଛନ୍ନ ଅନ୍ଧ-କୁସଂସ୍କାରେ,
ପଶି ନାହିଁ ଶିକ୍ଷାସଭ୍ୟତା ସେଠାରେ !
ରାଜକୃପା ଯୋଗୁଁ ଏକାଳେ ତାହାର,
ଘୁଞ୍ଚୁଛି ସଧୀରେ ଅଜ୍ଞାନ-ଅନ୍ଧାର ।
ଉଜ୍ଜ୍ୱଳ ଯୁବକ ଦୁଇଜଣ ରହି,
ଶିକ୍ଷାର ଆଲୋକ ଜାଳୁଛନ୍ତି ତହିଁ ।
ଜଣେ କରୁଛନ୍ତି ପ୍ରସ୍ତୁତ ଶିକ୍ଷକ, ୧
ପାଠ-ପରୀକ୍ଷକ ଅପର ଯୁବକ । ୨
ଉଭୟେ ସାହସୀ ଉଭୟେ ବିଦ୍ୱାନ,
ବଢ଼ାଉଅଛନ୍ତି ଜାତୀୟ ସମ୍ମାନ ।

ସେ ନୁହେଁ ବୀର—ଯେ ବଳିଷ୍ଠ ଶରୀର,
ସାହସୀ ପୁରୁଷ ଏକା ମହାବୀର ।
ନୁହନ୍ତି ଓଡ଼ିଆ ଭୀରୁ କାପୁରୁଷ,
ଦେଖାନ୍ତି ତାହାର ପ୍ରମାଣ ଚାକ୍ଷୁଷ ।
ଶୀତବର୍ଷା-ଋତୁ-ପ୍ରଧାନ ସେ ସ୍ଥଳ,
ଖଟେ ନାହିଁ ତହିଁ ନିଦାଘର ବଳ !
ଦୁଇଗୁଣ ବର୍ଷା ଦୁଇଗୁଣ ଶୀତ—
ସହି ଅଧିବାସୀ ନ ହୁଅନ୍ତି ଭୀତ ।
ଗ୍ରୀଷ୍ମକାଳେ ବହି ପ୍ରଖର ପବନ,
ବୋଳିଦିଏ ଦେହେ ଶୀତଳ ଚନ୍ଦନ ।
ତେଣୁ ସେ ସ୍ଥାନରେ ନାହିଁ ଗ୍ରୀଷ୍ମଭୟ,
ପ୍ରତେ ହୁଏ ଯେହ୍ନେ ବସନ୍ତ ସମୟ !
ବହୁ ସ୍ଥାନେ ଫୁଟେ ବହଳେ-ଧାତୁକୀ, ୩
ଅତି ଭୟଙ୍କର ଶାର୍ଦ୍ଦୂଳ-ଘାତୁକୀ ।
ବହୁଫଣ ଫଣୀ ପ୍ରାୟ ଫଣଫଣା, ୪
ବାତାଘାତେ ଧୀରେ ସଞ୍ଚାଳୁଛି ଫଣା ।
ପ୍ରେତମୂର୍ତ୍ତି ପ୍ରାୟେ ଦୀର୍ଘାଙ୍ଗ ସଲପ, ୫
ଉଭା ହୋଇ ଝୁଲେ ଯେସନ ମଦ୍ୟପ !
ପାଚିଷ ପାଦପ କି ସେ ହନୁମନ୍ତ, ୬
ଲୋମେ ଲୋମେ ବୀର ବାନ୍ଧିଛି ପର୍ବତ ।
କିମ୍ବା କାଳୀମୂର୍ତ୍ତି ଭୀଷଣ କରାଳ,
ଗଳେ ବିଲମ୍ବିତ ନରମୁଣ୍ଡମାଳ !
ଥାନ୍ତା ଯେବେ ସ୍ୱର୍ଗେ ସେ ଫଳ ସୁନ୍ଦର,
ଅମୃତର ଆଉ ନ ଥାନ୍ତା ଆଦର !
ଉପବନ-ରାଣୀ ଗୋଲାପ ସୁନ୍ଦରୀ,
ହସୁଅଛି ଯେହ୍ନେ ସ୍ୱର୍ଗ-ବିଦ୍ୟାଧରୀ !

୧—କଲଟ୍ରେନିଂ ସ୍କୁଲର ହେଡମାଷ୍ଟର ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମହାପାତ୍ର । ୨—ସ୍କୁଲ ଡେପୁଟି ଇନ୍ସପେକ୍ଟର ଶ୍ରୀଯୁକ୍ତ ସତ୍ୟବାଦୀ ପଟ୍ଟନାୟକ । ୩—ଧାତୁକୀ—ଔଷଧି ଜାତୀୟ ଗୁଳ୍ମ । ଫୁଲରେ ମଧୁ ଭର୍ତ୍ତି ହୋଇଥାଏ । ସେହି ଅଠାଳିଆ ମଧୁ ବାଘ ଦେହରେ ଲାଗିଲେ ଘା ହୋଇଯାଏ । ପର୍ବତର ଯେଉଁ ଅଂଶରେ ଧାତୁକୀ ଫୁଲ ଫୁଟିଥାଏ, ବାଘ ଭୟରେ ସେ ଅଂଶକୁ ଯାଏ ନାହିଁ । ଧାତୁକୀ ଫୁଲ ବସନ୍ତ କାଳରେ ଫୁଟେ । ୪—ଫଣଫଣା—ବୃକ୍ଷବିଶେଷ । ଏହାର ପତ୍ର ଅନେକାଂଶରେ ସାପଫଣା ପରି । ୫—ତାଳ ବୃକ୍ଷ । ୬—ପାଚିଷ—ଅମୃତମଣ୍ଡା ।

http://oaob.nitrkl.ac.in

ଦେଖି ତା ସମ୍ମାନ ହୋଇଣ ଅଧୀର,
ବନ୍ତା-ଲଜ୍ଜା-ଦୁଃଖେ ଶୀର୍ଣ୍ଣ କରବୀର ।
ହେଉ ପଛକେ ସେ ଉଦ୍ୟାନ-ଅପ୍ସରୀ,
କୁହେଁ ଗୋଲାପର ସେବକୀକୁ ସରି ।
ଦୋଳି ଖେଳେ ରତ କାହ୍ନ ରଜନୀଗନ୍ଧ, ୧
ଉପବନ-ଲକ୍ଷ୍ମୀ ଜନନେତ୍ର-କାନ୍ତ ।
ସୁଷମା-ସମ୍ରାଜ୍ଞୀ ଅତୁଲ୍ୟ ରୂପସୀ,
ଶୋଭା-ସ୍ୱର୍ଗ ଶଚୀ ଅଥବା ଉର୍ବଶୀ !
ଗୁଲ୍ମ-ରାଜଜେମା ସ୍ୱର୍ଣ୍ଣାଙ୍ଗୀ ସେବତୀ,
ବସିଛି ବମନ୍ତି ମାଗ୍ୱର-ଉଗତୀ !
ବିଦ୍ୟୁତପ୍ରଭା ଯେହ୍ନେ ପ୍ରଗଲ୍‌ଭା ବାଳିକା, ୨
ରୂପେଶ୍ୱରୀ ରମ୍ଭା ଲାବଣ୍ୟ-ଚନ୍ଦ୍ରିକା ।
ମୁଗ୍ଧନେତ୍ରେ ତାକୁ ରହିଛି ନିରେଖି,
ସଖୀ ପ୍ରାୟେ ଜୟା ଚାରୁ ଗ୍ରୀବା ଟେକି ।
ଚାତକିନୀ ପ୍ରିତେ ଆହ୍ୱାନେ କାତରେ,
କରୁଣ-ବିଷାଦ-ବୋଲା ଦୀନସ୍ୱରେ ।
ରଚୁଛି କବିତା ବନକବି ପିକ,
ବିହଙ୍ଗମକୁଳେ ରସଜ୍ଞ ରସିକ !
କ୍ଷୁଦ୍ର ଫୁଲଚୁଇଁ ଲୁଚି ଫୁଲବନେ,
ବୀଣାଜୀଣା ସ୍ୱରେ ସିସାରେ ସଘନେ ।
ଯୌବନ ସୁଷମା ବହିଣ ବସନ୍ତ,
ଖେଳେ ଚହିଁ ସଦା ହୋଇ ମୂର୍ତ୍ତିମନ୍ତ ।
ଏ ଉଦୟଗିରି ସ୍ୱଭାବେ ଶୈଳେନ୍ଦ୍ର,
ବନଜାତ ଦ୍ରବ୍ୟ ବାଣିଜ୍ୟର କେନ୍ଦ୍ର ।
ସମସ୍ତ ଗଞ୍ଜାମ ଭୂଖଣ୍ଡ ସହିତ,
ଏ ଗିରି ବିବିଧ ସୂତ୍ରେ ସମ୍ପର୍କିତ ।
ବୀରଜାତି କନ୍ଧ ନିର୍ମଳ ବିଶ୍ୱାସୀ,
ଶକ୍ତିରେ ଶ୍ୱାପଦେ ରଖିଛନ୍ତି-ଶାସି ।
ଆଡ଼ମ୍ବରଶୂନ୍ୟ ଅକପଟ ପ୍ରାଣ,
ସରଳ ସ୍ୱଭାବ ମେଳିଆ ପ୍ରଧାନ ।

ଶସ୍ୟପ୍ରାପ୍ତି ଆଶେ ଧର୍ମେ ପଦେ ଦଳି,
ଦେଉଥିଲେ କ୍ଷେତ୍ରେ ପୂର୍ବେ ନରବଳି !
ସେ ନିଷ୍ଠୁର ପ୍ରଥା ଘୃଣିତ କୁତ୍ସିତ,
ରାଜ-ବିଧାନରେ ହୋଇଛି ରହିତ ।
ଅପୂର୍ବ ଛନ୍ଦ ଏବେ ମଉଁଷି ମେରିଆ,
ଶୁଣିଲେ ତା ଦୁଃଖେ କାନ୍ଦି ଉଠେ ହିଆ !
ନ ବଧି ପାଷଣ୍ଡେ ତାହାକୁ ଚଞ୍ଚଳ,
ମାରନ୍ତି ବହୁତ କରି କଲବଲ । ୩
ମହୁଲ ସଲପ ମଦ ପିଇ କନ୍ଧେ,
ଚାଙ୍ଗୁ ବାଦ୍ୟ ବାଇ ନାଚନ୍ତି ଆନନ୍ଦେ ।
ଯୋଗ ଦିଅନ୍ତି ସେ ନୃତ୍ୟେ କନ୍ଧବାଳା,
ପିନ୍ଧି ନୃତ୍ୟସାଜ ଚାରୁ ପୁଷ୍ପମାଳା ।
ଉଗ୍ର ନିଶାଭୋଳେ ଗୀତେ ରଖି ଲୟ,
ଉନ୍ମାଦ ନୃତ୍ୟରେ ହୁଅନ୍ତି ତନ୍ମୟ ।
ଲୁହାଟେନ୍ତି ହର୍ଷେ ଟୋଳି ଉଚେ ଗୁହା, ୪
ଉତ୍ତେଜନାପୂର୍ଣ୍ଣ ବୀରନୃତ୍ୟ ତାହା !
ନାଚି ଉଠେ ସେହି ମଧୁ ନୃତ୍ୟକାଳେ,
ପକ୍ଷିପକ୍ଷ-ଚୂଡ଼ା ଶିରେ ତାଳେତାଳେ ।
ଜାତୀୟ ନୃତ୍ୟ ସେ କନ୍ଧ ସମାଜର,
କଲେ ତାକୁ କେହି ହାସ୍ୟ ଅନାଦର;
ଜାଣିବ ତାହାର ପୂର୍ଣ୍ଣ ହେଲ ଆୟୁ,
ସେହିକ୍ଷଣି ଉଡ଼ିଯିବ ପ୍ରାଣବାୟୁ ।
ସହି ନ ପାରି ସେ ଜାତି ଅପମାନ,
କରନ୍ତି ତକ୍ଷଣେ ପ୍ରତିଶୋଧ ଦାନ ।
ଜାତିଧାରା ଜାତ ଆରାଧ୍ୟ ଦେବତା,
ଲୁଟେ ସୁଦ୍ଧା ଏହା ଅନାର୍ଯ୍ୟର ମଥା ।
ହେଉ ପଛେ କନ୍ଧ ଅସଭ୍ୟ ବଣୁଆ,
ମାତ୍ର ଜାତୀୟତା ଗୁଣରେ ଟାଣୁଆ ।
ଯେ ଜାତି ଏକତା-ଜାତୀୟତା ହୀନ,
ଭାଗ୍ୟ ତାର ଅମା-ଅନ୍ଧାରେ ମଳିନ !

୧ ପୁଷ୍ପ ବିଶେଷ, ଏହାର ଫୁଲ ଠିକ ତାରା ପରି । ୨—ବିଦ୍ୟୁତ୍‌ଲତା—ପୀତ ଜୟନ୍ତୀ । ୩—କନ୍ଧମାନେ ଏବଂ ଭୂଦେବତାଙ୍କ ମନୁଷ୍ୟ ବଳି ଦେଉଥିଲେ । ତାହାର ଦେହରୁ ଖଣ୍ଡ ଖଣ୍ଡ ଅଙ୍ଗ କାଟି ଛଟପଟ କରି ମାରନ୍ତି । ୪—ଲୁହା ଟୋପିରେ ଶିଙ୍ଗ ମିଶିଥିବାରୁ ସେହି ଲୁହାଟ ବିକଟ ବୋଧ ହୁଏ ।

http://oaob.nitrkl.ac.in

ତରୁଣ ବଳରେ ସେ ଭାଣ୍ଡ ନାଗର,
ରଖିଛନ୍ତି ବୃଦ୍ଧ ସମାଜେ ନଜର ।
ନାଗରିକ ଶିକ୍ଷା ନୁହେଁ ତାଙ୍କ ଲକ୍ଷ୍ୟ,
ନିସର୍ଗ ଶିକ୍ଷାରେ ମାତ୍ର ଅତି ଦକ୍ଷ ।

ଧାଙ୍ଗଡ଼ା ଧାଙ୍ଗିଡ଼ୀ ଚାରୁ ନୃତ୍ୟକଳା, ୧
ଲଳିତ ମଧୁର ନବ ଛାନ୍ଦେ ଢଳା !
ହେଉ ନୃତ୍ୟଠାଣି ପ୍ରତେ ହୁଏ ଯଥା,
ଖେଳିବୁଲେ ଘୂରି ଘୂରି ବିଦ୍ୟୁଲ୍ଲତା !
ଧାଙ୍ଗିଡ଼ୀ କୁଳର ନୃତ୍ୟ ସଙ୍ଗେ ସଙ୍ଗେ,
ପାଦ ଅଳଙ୍କାର ବାଜେ ନାନା ଢଙ୍ଗେ ।
ନୃତ୍ୟକାଳେ ତାଙ୍କ ନେତ୍ର-ସଞ୍ଚାଳନ,
ଶୋଭେ ଯେସନ୍ତେ ଦୋଳେ କମଳ-କାନନ !
ବିଗତ ତାଙ୍କର ସୌନ୍ଦର୍ଯ୍ୟର ଛୁଟ,
ସ୍ୱଭାବ ସୌନ୍ଦର୍ଯ୍ୟ ଯାଏ ତହିଁ ଛୁଟ !
ଚିତାକୁଟା ମୁଖ ଶ୍ରୀହୀନ ବିକୃତ,
କମଳ କି ଅହା ଶୈବାଳେ ଆବୃତ ?
ଅଥବା ଚନ୍ଦ୍ରରେ ଲଗିଛି ଗ୍ରହଣ,
ମଧୁପ-ବେଷ୍ଟିତ କିବା ମଧୁଫଣ !
କିମ୍ବା ପଦ୍ମପତ୍ରେ ବିରହୀ ନାୟକ,
ଲେଖିଛି ଅନଙ୍ଗ-ପ୍ରାର୍ଥନା-ପତ୍ରକ ।
ଠିଆହୋଇ କେଇଁ ନବୀନ ଛଇଳା,
ରଚନ୍ତି ଅଦ୍ଭୁତ ରମ୍ୟ ନୃତ୍ୟଲୀଳା ।
ବସି ବସି ନୃତ୍ୟ ଆହା କି ସୁନ୍ଦର,
ନୃତ୍ୟକଳାର ସେ ଅପୂର୍ବ ସୁନ୍ଦର !
ବଜାଏ ଧାଙ୍ଗଡ଼ା ଖଞ୍ଜଣୀ ଉଚ୍ଚାଟେ,
ମାତନ୍ତି ଧାଙ୍ଗିଡ଼ୀ ମଧୁମସ୍ତ ନାଟେ !
ନ ଚାହିଁ କାହାକୁ ନର୍ତ୍ତକୀନିଚୟ,
ରଖିଥାନ୍ତି ସଦା ନୃତ୍ୟେ ଦୃଢଲୟ ।

ଉଲ୍ଲାସର ଜ୍ୟୋତ୍ସ୍ନା ଥାନ୍ତି ମୁଖେ ବୋଳି,
ବର୍ଣ୍ଣେ ବର୍ଣ୍ଣଭୂଷା ଖେଳୁଥାଏ ଦୋଳି ।
ଚାରୁ ନୃତ୍ୟକଳା ବିଶେଷତ୍ୱଭରା,
ମଧୁରସେ ପୂର୍ଣ୍ଣ ଯେସନ ଶର୍କରା ।
ଯନ୍ତ୍ରବଳେ କିବା କୃତ୍ରିମ ଅପ୍ସରା, ୨
ନାଚୁଛନ୍ତି ହୋଇ ହାତ ଧରାଧରି ?
ଧାଙ୍ଗଡ଼ା ଧାଙ୍ଗିଡ଼ୀ ବିବାହ ବିବୃତ୍ତି,
ପ୍ରଚାରେ ଏସନ ସତ୍ୟ ଜନଶ୍ରୁତି ।
ସେ ବିବାହ ରୀତି ଅଟେ ଭିନ୍ନତର,
ନୁହେଁ ସେ ଗାନ୍ଧର୍ବ କିମ୍ବା ସ୍ୱୟମ୍ବର ।
କିମ୍ବା ଏ ଉଭୟ ପଦ୍ଧତି ମିଶିଛି,
ସହଜରେ ବୁଝି ହୁଏ ନାହିଁ କିଛି ।
ବିବାହ ପୂର୍ବରୁ ଅଛି କୁଳାଚାର,
ପାତ୍ରପାତ୍ରୀଙ୍କର ପ୍ରୀତି-ଉପହାର ।
ବର ଉପହାର ଟୋକିଏ ଉଖୁଡ଼ା,
କନ୍ୟା ଦିଏ ବରେ ଭେଟି ନାସପୁଡ଼ା ।
ଉଖୁଡ଼ା ନାସରେ ବରକନ୍ୟାଦ୍ୱୟ,
ପରସ୍ପରେ ପ୍ରୀତି କରନ୍ତି ବିନିମୟ ।
ପାତ୍ରପାତ୍ରୀଙ୍କର ବିବାହ ବନ୍ଧ,
ଭାଙ୍ଗିଲେ କ୍ୱଚିତ ଘଟେ ଫଳ ମନ୍ଦ ।
ଗୋପନେ ପ୍ରେମିକ-ପ୍ରେମିକା ଦ୍ୱିଜଣ,
ଲୋମହର୍ଷୀ କାଣ୍ଡ କରନ୍ତି ସର୍ଜନ ।
ନଛାଡ଼ିଆ ସ୍ଥାନେ ବରଗଛ ତଳେ,
ପରସ୍ପରେ ଦୃଢ଼େ ଆଲିଙ୍ଗି ବିକଳେ ।
ପରବର୍ତ୍ତୀ ଜନ୍ମେ ମିଳନ ମନାସି,
ମରନ୍ତି ବେନିଏ ବୃକ୍ଷେ ଦେଇ ଫାଶୀ ।
ପ୍ରେମପଥେ ବାଧା ଦେଲେ ଏହିମତି,
ଘଟେ ସିନା ଶେଷେ ଦାରୁଣ ଦୁର୍ଗତି ।
ଭୁଞ୍ଜି ଜନକାନ୍ତ ପ୍ରୀତି-ଅଭିଶାପ,
ନ କରନ୍ତି ଦୂର ସମାଜୁ ଏ ପାପ ।

୧—ଅବିବାହିତ ପୁରୁଷ ଏବଂ ଅବିବାହିତା କନ୍ୟାକୁ ଜଙ୍ଗମାନେ ଧାଙ୍ଗଡ଼ା, ଧାଙ୍ଗିଡ଼ୀ କହନ୍ତି ।
୨—କୃତ୍ରିମ ଅପ୍ସରା—କଣ୍ଢେଇ ।

http://oaob.nitrkl.ac.in

ଆତ୍ମହତ୍ୟା-ଦକ୍ଷ ଏହି କୁସଂସ୍କାର,
ଅଶୁ ବାହୁବୀର୍ଯ୍ୟ ସଂସ୍କାର ତାହାର ।
କିନ୍ତୁ ତାହା ମଧ୍ୟେ ଅଛି ଯେଉଁ ସାର,
ସ୍ୱଚ୍ଛ ବିଶ୍ୱାସର ଦୃଢ଼ତା ଅପାର;
ନିତାନ୍ତ ସାମାନ୍ୟ ନୁହେଁ ତାହା ମୂଲ୍ୟ,
ସତ୍କାର୍ଯ୍ୟେ ବାଞ୍ଛିତ ତାର ଆନୁକୂଲ୍ୟ ।
କନ୍ଧ ଶକ୍ତି କୃଷି ମୃଗୟାରେ ନ୍ୟସ୍ତ,
ବ୍ୟଭିଚାର ପ୍ରତି କନ୍ଧ ଗତ୍‌ରହସ୍ତ ।
ରଖିବହିଁ ଧର୍ମ ଉନ୍ନତିର ସଖା,
ତା ବିନା ଉନ୍ନତି ହୁଏ ଶୂର୍ପଣଖା ।
ନ ବୁଝେ ଅସଭ୍ୟ କନ୍ଧ ଧର୍ମକର୍ମ,
ରଖିନେ କର୍ତ୍ତବ୍ୟେ ମଣେ ସାରଧର୍ମ !
ମିଥ୍ୟାର ଶତ୍ରୁ ସେ ସତ୍ୟର ପୂଜାରୀ,
ନୁହେଁ ସେ ଭିକାରୀ କର୍ମ ତପଚାରୀ ।
ସରଳ ସେ ଜାତି ନାହିଁ ତାର ଶଙ୍କା,
ଭାଙ୍ଗିଯିବ ପଛେ ହେବ ନାହିଁ ବଙ୍କା ।
ପ୍ରକୃତି ସହିତ ସମ୍ବନ୍ଧ ତାହାର,
ପ୍ରକୃତିଦେବୀର ଜାତି ପରିବାର ।
ପ୍ରକୃତିର ଯଥା ପୂଜେ ସେ ପସ୍ତର,
ପ୍ରକୃତି ତାହାକୁ ଦିଏ ତଥା ବର ।
ପ୍ରକୃତି ସଙ୍ଗରେ ରହିଛି ସେ ମିଶି,
ଖେଳେ ତାହା ସଙ୍ଗେ ହର୍ଷେ ଦିବାନିଶି ।
ଆତ୍ମଶକ୍ତି ଆତ୍ମ-ସ୍ୱାତନ୍ତ୍ର୍ୟ ଉପେକ୍ଷି,
ହୁଏ ନାହିଁ କେବେ ପରମୁଖାପେକ୍ଷୀ !
ବିଳାସ ଆଡ଼କୁ ନାହିଁ ତାର ଦୃଷ୍ଟି,
କରେ ନାହିଁ ବ୍ୟର୍ଥ ଅଭାବର ସୃଷ୍ଟି ।
ନିଜ ଅବସ୍ଥାରେ ସନ୍ତୋଷ ତାହାର,
ନ ଦେଖାଏ ତାକୁ ଭ୍ରୂକୁଟି ସଂସାର ।
ବନ ତାର ପିତା ବନ ତାର ମାତା,
ବନ ଏକା ତାର ଶାନ୍ତିସୁଖଦାତା ।
ବନ ଫଳମୂଳେ ଗଠିତ ତା ଦେହ,
ତା ପ୍ରତି ବନର ଅଲୌକିକ ସ୍ନେହ ।

ବନକୁ ସେ ଛାଡ଼ିପାରେ ନାହିଁ କ୍ଷଣେ,
ବନଗିରିକୁ ସେ ପ୍ରାଣ ପରି ମଣେ ।
ମଧୁର ଶୀତଳ ଗିରି-ଝର ନୀର,
ସଞ୍ଚାରେ ତା' ଦେହେ ବିଶୁଦ୍ଧ ରୁଧିର ।
ବନଗିରି ତାର, ବନଗିରିର ସେ,
ତହିଁରେ ନିବସେ ତହିଁରେ ବିଳସେ ।
ଚିର ଅ-ଋଣୀ ସେ ଚିର ଅ-ପ୍ରବାସୀ,
ଭୁଞ୍ଜେ ସଦା ପ୍ରାଣେ ଶୁଦ୍ଧ ସୁଖରାଶି ।
ନଗର-ସୁଲଭ ଜଟିଳ ଭାବନା,
ପାରେ ନାହିଁ କରି ତାକୁ ବାଟବଣା !
ସଂସାର-ମରୁର ଭୀଷଣ ଉତ୍ତାପ,
ନ ପାରେ ତା ପ୍ରାଣେ ପ୍ରକାଶି ପ୍ରତାପ ।
ଭବ-ପାରାବାରେ ତା ଜୀବନ-ତରୀ,
ଚାଲେ ଅବାଧରେ ସ୍ୱଚ୍ଛନ୍ଦେ ସନ୍ତରି ।
ଅନାବିଳ ତୃପ୍ତି ବିଶୁଦ୍ଧ ଆନନ୍ଦ,
କରେ ଉପଭୋଗ ବନବାସୀ କନ୍ଧ ।
ନ ହେଉ ସେ ପଛେ ସୁସଭ୍ୟ ଶିକ୍ଷିତ,
ମାତ୍ର ତା ଜୀବନ-ପଥ ଆଲୋକିତ !
ଲୋଡ଼େ ନାହିଁ କନ୍ଧ ରଙ୍ଗଦିଆ ଖ୍ୟାତି,
ତାହାଠାରୁ ସୁଖୀ କେଉଁ ସଭ୍ୟ ଜାତି ?

ଆନନ୍ଦ ଆବେଗେ ଫୁଲି ଉଠେ ହିଆ,
ଉଦୟଗିରିର ଆଜି ମୁଁ କୁଣିଆ !
ଅଦୃଷ୍ଟକୁ ଆଜି ନାହିଁ ପଟାନ୍ତର,
ମୁକୁଳା ମୋ ପାଇଁ ଗୁପ୍ତ-ଗନ୍ତାଘର !
ବିଶ୍ୱ-ଗରବିଣୀ ପ୍ରକୃତି-ଜନନୀ,
ବସାଇଛି ତହିଁ ମହା ପ୍ରଦର୍ଶନୀ;
ପୁଣି ସଦାବର୍ତ୍ତ ଖୋଲିଛି ବାହାରେ,
କେଉଁ ପଦାର୍ଥ ବା ଅପୂର୍ବ ସେଠାରେ ?
ଅଭାବ ସକାଶେ ନାହିଁ ତହିଁ ଠାବ,
କେବଳ ଅଭାବ ସେଠାରେ ଅଭାବ !

http://oaob.nitrkl.ac.in

ମର୍ତ୍ତ୍ୟସ୍ୱର୍ଗେ ଆଜି ଭୁଞ୍ଜିଲି ଅମୃତ, ୧
ଏଥୁ ବଳି କିସ ସୌଭାଗ୍ୟ ଅଦ୍ଭୁତ ?
ଯାହା ଶୁଭୁ ଥିବା ହେଲେ ଯତ୍ନାତୀତ,
ଘର ଦେଖି ଥିବା ହୁଅନ୍ତି ଅତୀତ ।
ହୃଦୟୀ ଗୃହରେ ହେଲେ ଅଭ୍ୟାଗତ,
ଅବାଞ୍ଛିତ ସୁଖ ହୁଏ ପଦ୍ମପତ ।
ଶିବର ଆତିଥ୍ୟ ଜାଣିଥିଲେ ଯୋଗୀ,
ଆଦର ସେ ଜାଣେ ଯେବୁ ଭୁକ୍ତଭୋଗୀ ।
ସେ ସୁଖ ବର୍ଣ୍ଣନେ ଲେଖନୀ ଅଯୋଗ୍ୟ,
ଦେହପ୍ରାଣର ସେ ଏକା ଉପଭୋଗ୍ୟ !
ଅସୁଲଭ ତହିଁ ପାର୍ଥିବ ଆଚାର,
ସେ ସ୍ଥାନର ଧାରା ସ୍ୱତନ୍ତ୍ର ପ୍ରକାର ।
କରିବାକୁ ହେଲ ଉଷ୍ଣଜଳ ପାନ,
ଦେଶଭେଦେ ଭିନ୍ନ ହୁଏ ତ ବିଧାନ ।
ପାର୍ଥିବ ସ୍ୱଭାବ ସେ ନୁହେଁ ବାସ୍ତବରେ,
ତେଣୁ ଅପାର୍ଥିବ ନିୟମ ଆଚରେ ।
ଶୀତଳ ସଲିଳ କଲେ ତହିଁ ପାନ,
କଲପର ହୁଏ ଜ୍ୱରକୁ ଆହ୍ୱାନ ।
ଜ୍ୱର-ଦୈତ୍ୟ ତହିଁ କରିଛି ସ୍ଥାପନ,
ନର-କଙ୍କାଳରେ ଦୃଢ଼ ସିଂହାସନ ।
ତଥାପି ସେ ସ୍ଥଳ ସ୍ୱର୍ଗ ସମକକ୍ଷ,
ଭୂତଳେ ତାହାର ନାହିଁ ଉପଲକ୍ଷ ।
ପାର୍ଥିବ ବିଷାକ୍ତ ବାଷ୍ପ ତେଜି ଭୁଇଁ,
ସେ ପୁଣ୍ୟଧାମକୁ ପାରେ ନାହିଁ ଛୁଇଁ ।
ପାର୍ଥିବ ଗହଳି ପାର୍ଥିବ ଉଷ୍ଣତା,
ପଶିପାରେ ନାହିଁ ସେଠାରେ ସର୍ବଥା ।
ସ୍ୱର୍ଗ କଲକ୍ଷଣି ଏ ସ୍ଥାନର ଧୂଳି,
ସଂସାରକୁ ମୁହିଁ ଯାଇଥିଲି ଭୁଲି !
କି ମୋହନ ମନ୍ତ୍ର ଜାଣେ ଏହି ଶିବ,
ବାନ୍ଧିରଖେ ପ୍ରାଣ ଦେଖାଇ ସୁଶିବ ।

କଣ୍ଠପାରେ ଶିବ ଗୃହୀକୁ ବୈରାଗୀ,
ମୋହମଗ୍ନ ଜନେ ପୁଣି ସର୍ବତ୍ୟାଗୀ ।
ଲଗାଇଦିଏ ସେ କି ଅଚ୍ଛେଦ୍ୟ ମାୟା,
ଅଦୃଶ୍ୟ ଓଷ୍ଠାରେ ମନ-ନେତ୍ର-କାୟା ।
ମନଭୁଲି କଥା କହ୍ନ ନୀରବରେ,
ଆତ୍ମୀୟ ସ୍ୱଜନ କରିନଏ ପରେ !
ମସ୍ତକରୁ ଜନ୍ମି କଲ୍ପନା ଯେସନ,
କରେ ଯାଇ କର୍ମେ ଦୃଢ଼େ ଆଲିଙ୍ଗନ;
ତେସନ ସାଲୁକୀ ଏ ଶୈଳୁ ବାହାରି,
ମହାନଦୀ ସଙ୍ଗେ ମିଶାଇଛି ବାରି । ୨
ଲକ୍ଷ୍ମୀଚନ୍ଦ୍ର ମିଶି ଉଭୟେ ଏକତା,
ସନ୍ଧି ସାଧନରେ ବେନିପଦ ତଥା ।
ଏ ଉଦୟଗିରି ଉତ୍କଳର ଅଙ୍ଗ,
ହୋଇଥିଲା ଛିନ୍ନ ହୁଗ୍ଲିର ତା ସଙ୍ଗ ।
ବହୁବର୍ଷବ୍ୟାପୀ ତୀବ୍ର ତପଫଳେ,
ମିଶିଅଛି ଏବେ ପୁନଶ୍ଚ ଉତ୍କଳେ ।
ମଙ୍ଗଳ ମଧୁର ଏ ଶୁଭ ମିଳନ,
ଆଶା-ସାଫଲ୍ୟର ସଂଯୋଗ ଯେସନ ।
ଭାଗ୍ୟ ଅବଲରୁ ଏ ଉତ୍କଳ ମହୀ,
ବିକଳାଙ୍ଗେ ଥିଲା ବହୁ ଦୁଃଖ ସହି ।
ହୋଇ ସେ ସ୍ୱଭାବେ ରାଜରାଜେଶ୍ୱରୀ,
ଯାପୁଥିଲା ଦିନ ଦୀନହୀନ ପରି ।
ପର ଓଲିତଳେ ଗୁଞ୍ଜିଥିଲା ମଥା,
ଭୁଞ୍ଜୁଥିଲା ପ୍ରାଣେ ଅଙ୍ଗଚ୍ଛେଦ ବ୍ୟଥା ।
ପ୍ରଭୁ ଜଗନ୍ନାଥ ଦୁରିତ ଦାରୁଣ,
ଏତେ କାଳେ ତାର ଫେଡ଼ିଲେ କଷଣ !
ତାଙ୍କରି ଅଦ୍ଭୁତ କରୁଣା ଅପାଙ୍ଗ,
ପ୍ରଦାନିଲା ତାକୁ ସଦ୍ୟେ ପୂର୍ଣ୍ଣାଙ୍ଗ ।
ରକ୍ତର ସମ୍ପର୍କ ଯା ସଙ୍ଗେ ଯାହାର,
ତା ସଙ୍ଗେ ମିଳନ ତାର ଅନିବାର ।

୧—ଅମୃତ—ଅମୃତମଣ୍ଡା । ୨—ସାଲୁକୀ ମହାନଦୀର ଉପନଦୀ ।

ଯେ ଦୃଢ଼ ସମ୍ପର୍କ କରିବାକୁ ବ୍ୟର୍ଥ,
ହେବ ନାହିଁ କେହି କଦାପି ସମର୍ଥ ।
ସ୍ୱଜାତୀୟ ଅଣୁ ଆକର୍ଷଣ ବଳେ,
ଏ ବିଚ୍ଛିନ୍ନ ଅଙ୍ଗ ମିଶିଲା ଉତ୍କଳେ ।
ସୁଦୂର ଅତୀତୁ ଯାହାର ବିଚ୍ଛେଦ,
ଅର୍ପୁଥିଲା ପ୍ରାଣେ ନିଦାରୁଣ ଖେଦ;
ଦେବେ ତାହା ସଙ୍ଗେ ଘଟିଛି ମିଳନ,
ହସ୍ତଗତ ଆଜି ବାଞ୍ଛିତ ରତନ !
ବିଚ୍ଛେଦ ଶେଷରେ ମିଳନର ସୁଖ,
ବର୍ଣ୍ଣିବେ ଅକ୍ଷମ ହେବ ଚତୁର୍ମୁଖ ।
ସେ ସ୍ୱର୍ଗୀୟ ସୁଖ, ଆନନ୍ଦ ଅତୁଳ,
ବିସର୍ଜନେ ପ୍ରାଣ ହେଉଛି ବ୍ୟାକୁଳ ।
ଜନନୀର ସେହି ଯୁକ୍ତ ଅଙ୍ଗ ଦେଖି,
ଅତୃପ୍ତ ଦିଦୃକ୍ଷା ନ ହୁଏ ଉପେକ୍ଷି !
ମାହେନ୍ଦ୍ର ଯୋଗରେ ପାହିଥିଲା ରାତି,
ଅପୂର୍ବ ଆନନ୍ଦେ ଫୁଲୁଉଠେ ଛାତି !
ପୂର୍ଣ୍ଣ ମୂର୍ତ୍ତି ହେରି ମାତୃଦେବୀଙ୍କର,
ମଣୁଛି ନିଜକୁ ମହା ଭାଗ୍ୟଧର !
ହେଲା ଆଜି ଜନ ଜୀବନ ସଫଳ,
ଧନ୍ୟ ହେଲା ମୋର ନୟନଯୁଗଳ !
ବିଧି ଇଚ୍ଛାରୋଧେ ହୋଇ ଅସମର୍ଥ,
ମଣୁଥିଲି ଜୀର୍ଣ୍ଣ ଜୀବନେ ମୁଁ ବ୍ୟର୍ଥ !
ହେଲା ଏବେ ମନୁ ସନ୍ଦେହ ଉଚ୍ଛିନ୍ନ,
ଜାଣିଲି ମୋ ପ୍ରତି ବିଧାତା ପ୍ରସନ୍ନ !
ଏ ମଙ୍ଗଳ ଦୃଶ୍ୟ ଦେଖାଇବା ପାଇଁ,
ରଖିଥିଲେ ନିଶ୍ଚେ ମୋତେ ସେ ବଞ୍ଚାଇ ।
ଭ୍ରାନ୍ତିମତ୍ତ ମୁହିଁ ଅଜ୍ଞାନ ପାଷଣ୍ଡ,
ଦୁର୍ଲ୍ଲଭ ଦୟାକୁ ମଣୁଥିଲି ଦଣ୍ଡ ।
ଦେବଙ୍କ ମହିମା ଦେବଙ୍କୁ ଗୋଚର,
କି ବୁଝିବ ତାହା ହୀନବୁଦ୍ଧି ନର !

ଶୋକମ୍ଳାନ ମାତୃବଦନ-ମଣ୍ଡଳ,
ମୁକ୍ତି-ହାସ୍ୟେ ଆଜି ଦିଶେ ସମୁଜ୍ଜ୍ୱଳ !
ଖେଳିଯାଉଅଛି ଉତ୍କଳେ ଉଲ୍ଲାସ,
ହସୁଛି ଆକାଶ, ହସୁଛି ବତାସ ।
ଏ ଆନନ୍ଦଦାତା ଗଜପତି ରାଜା, *
ବାଜୁଅଛି ତାଙ୍କ ନାମେ କୀର୍ତ୍ତି-ବାଜା ।
ବହୁ କ୍ଲେଶ ସହି, ସାରି ବହୁ ଧନ,
ଫେଡ଼ିଛନ୍ତି ସ୍ୱୟେ ଜନନୀ କଷଣ ।
ଘୋଷୁଥିବେ ଜନେ ଏ କୀର୍ତ୍ତି ଅକ୍ଷୟ,
ଜୟ ମହାରାଜା କୃଷ୍ଣଚନ୍ଦ୍ର ଜୟ !
ଯାବତ ମହୀରେ ଥିବ ଏ ଉତ୍କଳ,
ରହିବ ତାବତ ଏ ଯଶ ନିର୍ମଳ !
ଦେଶ-ଇତିହାସ ପବିତ୍ର ବକ୍ଷରେ,
ରହିବ ଅଙ୍କିତ ଅକ୍ଷୟ ଅକ୍ଷରେ ।
ସ୍ୱର୍ଗଧାମ ନୁହେଁ ମାତୃମହୀ ତୁଲ୍ୟ,
ଜ୍ଞାତ ମାତୃଭକ୍ତ ଏ ସଦୁକ୍ତି ମୂଲ୍ୟ ।
ଜନନୀ କଷଣ ମାତୃଭକ୍ତ ପ୍ରାଣେ,
ଶତ ବଜ୍ରାଘାତ ତୀବ୍ର ବ୍ୟଥା ଆଣେ ।
ସେ ବ୍ୟଥା ମୋଚନେ ଉତ୍ସର୍ଗି ସେ ପ୍ରାଣ,
କଲେ ଜନନୀଙ୍କୁ ସଙ୍କଟରୁ ତ୍ରାଣ ।

ଏତେ ଉଚ୍ଚେ ଉଠି ସହିଣ କଷଣ,
ତଳକୁ ଯିବାକୁ ବଳୁ ନାହିଁ ମନ ।
ଉନ୍ନତ ଶିଖରୁ ଘଟିଲେ ପତନ,
ଅମଙ୍ଗଳ ତାହା ଦୁର୍ଭାଗ୍ୟ ଲକ୍ଷଣ ।
କିନ୍ତୁ କି କରିବ କି ଚାର ମୋହର,
ସଂସାରର ମୁଁ ଯେ ଭୃତ୍ୟ ବଚସ୍କର ।
ଆଦେଶ ତାହାର ନ ପାରେ ଉପେକ୍ଷି,
ଦେଉଛି ତ ପୂର୍ବୁ ମୁଚାଲିକା ଲେଖି ।

*—ପାରଳାଖେମଣ୍ଡିର ସ୍ୱନାମଧନ୍ୟ ମହାରାଜା ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ।



http://oaob.nitrkl.ac.in

ଜାଣି ତ ନ ଥିଲି ଏ ପୋଡ଼ା ସଂସାର,
ଏଡ଼େ ବାହ୍ୟାପିଆ ଏଡ଼େ ଦଗାଦାର !
ଅନାୟତ୍ତେ ଗଲି ତାହା ଫାନ୍ଦେ ପଡ଼ି,
ଛାଡ଼ୁଅଛୁ ଏବେ ନାହି ନାହି ରଡ଼ି !
ଲତାର ପ୍ରଥମ ମଧୁର ପରଶେ,
ଫୁଲ୍ଲବୃନ୍ତେ ତରୁ ଅଧୀର ହରଷେ;
କିନ୍ତୁ କ୍ରମେ ଭିଡ଼ି ଧରିଲେ ଆକଟି,
ଯନ୍ତ୍ରଣାରେ କାନ୍ଦେ ଚପି ହୋଇ ତଟି !
ସେହି ଦଶା ସିନା ସଂସାରୀ ମାନର,
କେମନ୍ତେ ବା ତହୁଁ ହେବ ମୁଁ ଅନ୍ତର ?
କ୍ଷଣକ ପାପର ପ୍ରାୟଶ୍ଚିତ୍ତ ପାଇଁ,
ସାରା ଜୀବନଟା ସୁଦ୍ଧା ଅଣ୍ଟେ ନାହିଁ ।
ଭୁଲିଛି କୋଶଳ ଜାଣୁ ଜାଣୁ ଆହା,
କି କରିବ ପିଠା ଲଗିଲେ ବି ତାହା !
ମହୁ ବୋଲି ପିଇଦେଲି ହଳାହଳ,
କି ହେବ ବା ହେଲେ ପଶ୍ଚାତେ ବିକଳ ।
କି ଫଳ ବା ଗାଇ ବ୍ୟର୍ଥ ଶୋକ-ଗୀତ,
ଆସିବ ତ ନାହିଁ ବାହୁଡ଼ି ଅତୀତ !
ଉତ୍ଥାନ ପତନ ବିଧାତା ଭିଆଣ,
କାହା ବଳେ ତାହା ବର କୋହେ ଆନ !
ସତତ ସେ ବେନି ପର୍ଯ୍ୟାୟ-ତରଙ୍ଗେ,
ଘୂରି ବୁଲୁଛନ୍ତି କାଳଚକ୍ର ସଙ୍ଗେ ।
ଅନୁସରି ସେହି ଅବ୍ୟର୍ଥ ବିଧାନ,
କରୁଛି ମୁଁ ଦୁଃଖେ ତଳକୁ ପ୍ରୟାଣ ।
କି ସହଜଗମ୍ୟ ଅଧୋଗତି ପଥ,
ନିର୍ବିଘ୍ନରେ ତହିଁ ଧାଏଁ ମନୋରଥ ।
ନ ଥିଲେ ତାହାର ଏ ଦୁର୍ଲ୍ଲଭ ଗୁଣ,
ଆହ୍ରେ ତାହାକୁ କାପାଁ ଜନେ ପୁଣ ?
ଗିରିପଥ କ୍ରମେ ତଳକୁ ସ୍ଖଳିତ,
ଗିରି ମାନ-ରଜ୍ଜୁ କାହା ବିଲମ୍ବିତ ?

କିମ୍ବା ଜନ୍ମେଜୟ ରାଜା ସର୍ପ-ଯାଗ—
ଭୟେ ଅଦ୍ୟାବଧି ଛାଡ଼ି ନାହିଁ ନାଗ !
ବାସୁକି ରାଜ୍ୟକୁ ଅଛି ବେଣୁ ଧାଇଁ,
ଜୀବନ ବିକଳେ ଆତ୍ମରକ୍ଷା ପାଇଁ ।
ଅଥବା କୁମାରୀ ଶିରୁଁ ଭୋଗବତୀ, ୧
ପାତାଳ-ମୁଖରେ କରୁଅଛି ଗତି ।
ଦୂରୁ ଗିରିମାଳା ଦିଶେ ଧୂମାୟିତ,
ତୋଳିଅଛି ଊର୍ଦ୍ଧ୍ୱେ ଚୂଡ଼ା ଅଗଣିତ ।
ଅତୀତର ଉଷ୍ଣଶ୍ୱାସ ଉଦ୍‌ବେଳର,
ବସି ଯାଉଛି କି ହୋଇ ସ୍ତର ସ୍ତର ?
ପ୍ରକାଣ୍ଡ ପ୍ରସ୍ତର ଅଂଶ୍ରି ମହାତରୁ,
ରହିଛି ଅଟଳ ଯୁଗ ଯୁଗାନ୍ତରୁ ।
ଅପସରେ ଅଙ୍ଗ ନାହିଁ ତରୁସ୍ୱଜ, ୨
ଗିରିପୃଷ୍ଠେ କିବା କରୁଛି ବିରାଜ ?
ବେଢ଼ି ବସିଛନ୍ତି ରାଜା ଚଉକଣ୍ଡ,
ଅମାତ୍ୟ ସଦସ୍ୟ ସୈନ୍ୟ ସେନାପତି ।
ଦୁଇପାଖେ ତରୁ କର୍ଣ୍ଣେଜପ ରୂପେ, ୩
ବେନି କର୍ଣ୍ଣେ କାସ କହୁଛନ୍ତି ଭୂପେ ।
କାସଲମ୍ବ ଦ୍ୟାତେ ଖଡ଼ି ସଞ୍ଚାଳନ,
ଭରନ୍ତି ଛାମୁରେ ଭୃତ୍ୟ ତରୁଗଣ ।
ରହିଛି ଉଭାରି ଧୂତୁରା ସୁନ୍ଦରୀ,
ରଜତ-ପରିଖ ଚାରୁକରେ ଧରି । ୪
ହୀରକ-ଆଲଟ ଟେକି ସପ୍ତଫେଣୀ,
ପୂରିତରେ ଉଭା, ହୋଇ ଶ୍ରେଣୀ ଶ୍ରେଣୀ ।
ହସ୍ତିଦନ୍ତ ବନ୍ଧ-ଡ଼ଉଁରି ମସ୍ତକେ, ୫
ମଣ୍ଡିଛି ଅଗସ୍ତି ସ୍ତବକେ ସ୍ତବକେ ।
ତରୁରାଜାଙ୍କର ନର୍ତ୍ତକୀ ସେ ପରି,
ପାଦପକୁଳର ସୁନ୍ଦରୀ ଅପ୍ସରୀ !
ଶ୍ୟାମାଲତା ଶଙ୍ଖ ପୁଷ୍ପେ ବିମଣ୍ଡିତ,
ସୁଖନିଦ୍ରା କିବା ସ୍ୱପନେ ଉଡ଼ିତ ?

୧—ଭୋଗବତୀ—ପାତାଳଗଙ୍ଗା । ୨—ଅପସର—ପିଠି-ଡାକୁଆ । ୩—କର୍ଣ୍ଣେଜପ—କାନକୁହା, ଖଟୁଆ । ୪—ପରିଖ—ପିକଦାନ । ୫—ବନ୍ଧ ଡଉଁରି—ମସ୍ତକର ଅଳଙ୍କାରବିଶେଷ ।

http://oaob.nitrkl.ac.in

ଝିଙ୍କାରି ଝଙ୍କାର ଶବ୍ଦେ ଘନ ଘନ,
ଧରଣୀରୁ ମୃଦୁ ହଂସକ ନିଃସ୍ୱନ । ୧
ବସନ୍ତ-ବିରହ-ବିବଶା ଶାଲ୍ମଳୀ—
ହୃଦେ ଉଠିଥିଲା ବିରହାଗ୍ନି ଜଳି ;
ପ୍ରିୟ ସହବାସେ ଏବେ ସେ ନାୟିକା,
ଫୁଲ ଛଳେ ଝାଡ଼େ କି ଅଗ୍ନିକଣିକା ?
କି ଦୁଃଖେ କେଜାଣି ଆହା କୋବିଦାର, ୨
ଖୋଲି ପକାଇଛି ଅଙ୍ଗ ଅଳଙ୍କାର !
ଖେଳେ ଶୈଳେ ଘନ ଧରି ଧୂମାକୃତି,
ବୋଲୁଛି କି ଯୋଗୀ ଶରୀରେ ବିଭୂତି ?
ଦେଖାଇ ଅନନ୍ତ ରୌଦ୍ର-ଛାୟାଦ୍ୱୟ,
ଆଶା ନିରାଶାର କ୍ରୀଡ଼ା ଅଭିନୟ ।
ଗଣ୍ଡପଥେ ବହୁ ଦୃଶ୍ୟ ଚାହିଁ ଚାହିଁ,
ପର୍ବତ ତଳକୁ ଆସିଲି ଓହ୍ଲାଇ ।
ନମି ସାନୁମାନେ ଯୋଡ଼ି ବେନପାଣି,
ବାହୁଡ଼ିଲି ମାଗି ତା ପାଶୁ ମେଲାଣି ।
ଅନନ୍ତ ସୌନ୍ଦର୍ଯ୍ୟ, ନିସର୍ଗ ବିଭବ,
ସର୍ବାଂଶରେ ଏହି ସୁରାଜ୍ୟେ ସୁଲଭ ।
ଏ ରାଜ୍ୟବାସୀଏ ସୌନ୍ଦର୍ଯ୍ୟ-ଲୋଲୁପ,
ଦେଖନ୍ତି ଶୋଭାର ବାସ୍ତବ ସ୍ୱରୂପ ।
ସୁବର୍ଣ୍ଣ ପିତୁଳା ପ୍ରାୟେ ଏଥି ଶୋଭା,
ନଗ୍ନ ମୂର୍ତ୍ତି ଧରି ଦିଶେ ନେତ୍ରଲୋଭା ।
ଯେ ଆଡ଼େ ଚାହିଁଲେ ବୃଷ୍ଟି ଧାରା ପରି,
ଶୋଭା ପରେ ଶୋଭା ପଡ଼ୁଅଛି ଝରି ।
ଏ ସୌନ୍ଦର୍ଯ୍ୟ-ତୀର୍ଥେ କରେ ଯେ ବିହାର,
କୋଟି ସ୍ୱର୍ଗସୁଖ ତାହା ପାଶେ ଛାର !
ସ୍ୱଭାବେ ଏ ସ୍ଥଳୀ ଶୋଭା-ଆସ୍ପଦତା,
ଜନ୍ମ-ଜଡ଼ମୁଖେ ଫୁଟାଏ କବିତା !
ଶୋଭା-ଶକ୍ତି ପ୍ରଦୀ ବହେ ଏ ରାଜ୍ୟରେ,
ଭସାଇନିଏ ସେ ଶୋକେ ତାପେ ଖରେ ।

ଉଦେ ଏ ରାଜ୍ୟରେ କୋଟି ଶୋଭା-ଶଶୀ,
ସବୁ ଜ୍ୟୋତିର୍ମୟ ନାହିଁ ଧାନେ ମସି ।
ଏ ରାଜ୍ୟ ସୁଷମା-ମାନସର ତୁଲ୍ୟ,
ଫୁଟେ ତହିଁ ଶୋଭା-ସ୍ୱର୍ଣ୍ଣ-ପଦ୍ମଫୁଲ !
ଲାଳିତ୍ୟ, ସୁବାସ କି ସୁନ୍ଦର ଆହା,
କାଳେ କାଳେ ଦେବେ ନ ମଉଳେ ତାହା !
ଏ ସୁଷମା-ସ୍ୱର୍ଗ ବନଗିରିବୀଥି,
ହେବ ନାହିଁ ଆଉ ମୋ ନେତ୍ର-ଅତିଥି !
ଏ ଜନ୍ମେ ଏତିକି ଆଦ୍ୟ ଶେଷ ଦେଖା,
ଏହା ବିନା ଆଉ ନାହିଁ ଭାଗ୍ୟ ଲେଖା !
ଦେବୀ ବୀଣାପାଣି ଅଭୀଷ୍ଟଦାୟିନୀ,
ଶ୍ରୀପଦ୍ମରେ ତବ ଏତିକି ଦୟିନୀ—
ହେଉ ଭାବିଜନ୍ମ ଏ ରାଜ୍ୟେ ମୋହର,
କୃପା ବହି ମାତଃ ପ୍ରଦାନ ଏ ବର ।
ଏ ବନ-ପଲ୍ଲୀରେ ଏହି ବନ-ଫୁଲେ,
ପୂଜିବି ତୁମ୍ଭଙ୍କୁ ବସି ତରୁମୂଳେ ।
ଏହି ଗିରିଝରୁ ଆଣି ପୂତଜଳ,
ପଖାଳିବି ତୁମ୍ଭ ଚରଣ-କମଳ ।
ରଚିବି ଆସନ ବହୁବର୍ଣ୍ଣୀ ଘାସେ,
ତୋଳିଦେବି କୋଳି ନୈବେଦ୍ୟ ସହାସେ ।
ସମର୍ପିବି ଧୂପ ସର୍ଜ-ରସ ଜାଳି,
ସଜାଡ଼ିବି ପର୍ଣ୍ଣ-ପୁଟେ ଅର୍ଘ୍ୟଥାଳୀ ।
ପୂଜାର ତାବତ ସାମଗ୍ରୀ ନିବହ,
କରିବି ଏ ବନ-ଶୈଳରୁ ସଂଗ୍ରହ !
ଖଇର ପାଦପ ଜାଳିଥିବ ଦୀପ, ୩
କର୍ପୂର କଣିକା ଭରିଥିବ ନୀପ ।
ଶ୍ରୀମୁଖ ଶୋଧନେ ପକ୍ୱ ହରିତକୀ,
କାନନରୁ ଖୋଜି ଆଣି, ଥିବି ରଖି ।
ଏକତନ୍ତ୍ରୀ ବୀଣା ବାଇବ ଭ୍ରମର,
ମିଶିବ ସେ ସ୍ୱରେ ତୁମ୍ଭ ବୀଣାସ୍ୱର ।

୧—ହଂସକ—ନୂପୁର । ୨—କୋବିଦାର—ରକ୍ତ କଞ୍ଚନ । ୩—ଖଇର ଫୁଲର ଅନୁକୃତ ସାପଣ୍ଡିଆ ପକ୍ଷୀ ।

ସେ ତାଳ ଆନନ୍ଦ କଳ୍ପନା-ଅତୀତ,
ଅମୃତ ଉତ୍ସବେ ପୂରିବ ମୋ ଚିତ୍ତ !
ହେବ କି ଜନନୀ ! ଏ ଆଶା ସଫଳ,
ତୁମ୍ଭ କୃପା ମୋର ଭରସା କେବଳ !

ଗିରିପାଦପୀଠେ ହୋଇଅଛି ସ୍ତବ୍ଧ,
ବିଚିତ୍ର ତୃଣର ବିଚିତ୍ର ଗାଲିଚା !
ବଣା ଫୁଲେ ବନ ଦିଶେ ଧବଳିତ, ୧
ହୋଇଅଛି କେଳିକଦମ୍ବ ପୁଷ୍ପିତ । ୨
ଠିଆ ହୋଇ ଅଗ୍ରେ ପୂର୍ଣ୍ଣଚନ୍ଦ୍ର ଅବା,
ଦେଖୁଛି କୌତୁକେ କୁମୁଦିନୀ-ସଭା ।
ଲଗିଅଛି ନାହିଁ ଶୂନ୍ୟ କଣ୍ଟାବନେ,
ଉପଯୁକ୍ତ ଦଣ୍ଡ ମିଳୁଛି ଦୁର୍ଜନେ !
ଶାସି ନୋହେ ଦୁଷ୍ଟେ ଶିଷ୍ଟ ବ୍ୟବହାରେ,
ଦୁଷ୍ଟ ଜଉଁକାକୁ ଲୁଣ ସିନା ମାରେ !
ନ ରୁଚେ ଔଷଧି ମୁମୂର୍ଷୁକୁ ଯଥା,
ସେହିପରି ନାହିଁ ଦୁଷ୍ଟ ତଥା ଭଲ କଥା ।
ଗିରି ନମ୍ରେ ମର୍ତ୍ତ୍ୟ ଉର୍ଦ୍ଧ୍ୱେ ସ୍ୱର୍ଗ,
ଏ ଆଡ଼େ ବନ୍ଧନ, ତେଣେ ଅପବର୍ଗ ।
ଗିରି ସ୍ୱର୍ଗମର୍ତ୍ତ୍ୟ ସୀମାସ୍ତମ୍ଭ ଯଥା,
ଏଣିକି ମାନବ, ତେଣିକି ଦେବତା ।

ପାପପୁଣ୍ୟ ପୁଣି ସ୍ୱର୍ଗ-ନରକର,
ମିଳନ-ମନ୍ଦିର ଏହି ମହୀଧର !
ସତ୍ୟର ଆଲୋକେ ପାଖେ ଉଦ୍ଭାସିତ,
ମିଥ୍ୟା-ଅନ୍ଧକାରେ ଆନ ଅନ୍ଧାରିତ ।
ପାଖେ ପୌର୍ଣ୍ଣମାସୀ, ପାଖେ କୁହୁ ଅମା !
ପାଖେ ସୁପ୍ତି, ପାଖେ ଜାଗ୍ରତ ଉପମା ।
ପାଖକରେ ମୃତ୍ୟୁ କରେ ସ୍ୱଗପଣ,
ଆନପାଖେ ତାର ଅନନ୍ତ ଜୀବନ ।
ପାଖେ ଚିରଶାନ୍ତି, ପାଖେ କୋଳାହଳ,
ପାଖକେ ଅମୃତ, ପାଖେ ହଳାହଳ ।
ଏ ପାଖରେ ମାୟା, ସେ ପାଖରେ ତ୍ୟାଗ,
ଏ ପାଖେ ଆସକ୍ତି, ସେ ପାଖେ ବିରାଗ ।
ଝାଙ୍କଦେଇ ଅଂଶୁ ଚାହୁଁ ଚାହୁଁ ରବି,
ଖସିଗଲେ ତଳେ ଧରି ରଙ୍ଗଛବି ।
ଝଡ଼ଯାନ୍ତେ ଅଂଶୁ ଦିଶିଲେ ସେ ଫିକା,
ତାଙ୍କର କିରଣେ ଯଥା ଦୀପଶିଖା ।
ଲେଖା ଛବି କି ସେ ଶୂନ୍ୟ କୋଣଧାର,
ଛାଡ଼ିଗଲ କିବା ଦର୍ପଣରୁ ପାର !
ଦିବାଶେଷ ଜାଣି ଧୂମଧ୍ୱଜ ରଥ, ୩
ବାହୁଡ଼ିଲା ଧରି ଆଗମନ ପଥ ।

## ସପ୍ତମ ସର୍ଗ

ଭଦ୍ର ଜନପଦ ରମ୍ୟ ବେଲଗୁଣ୍ଠା,
ଅତିଥି-ସତ୍କାରେ ନାହିଁ ତାର କୁଣ୍ଠା ।
ବନ୍ୟ-ବାଣିଜ୍ୟର କେନ୍ଦ୍ର ସୁପ୍ରଧାନ,
"ପଲ୍ଲୀବାସୀ" ପତ୍ର ପୁଣ୍ୟ ଜନ୍ମସ୍ଥାନ ।
"ପଲ୍ଲୀବାସୀ" ପଲ୍ଲୀଦୂତ, ପଲ୍ଲୀପ୍ରାଣ,
ପଲ୍ଲୀ ପଲ୍ଲୀ ବୁଲି ସାଧୁଛି କଲ୍ୟାଣ ।

ଶୋଭେ ପାନ୍ଥଶାଳା ଗ୍ରାମଚୂଡ଼ା ପରି,
ଅଦୂରେ ବିରାଜେ ଯାମଳ ପୋଖରୀ ।
ଗ୍ରାମଟି ଯେସନ ଧାର୍ମିକ ମହତ,
ଗୃହ-ନୀର-ଦାନେ ପୂଜେ ଅଭ୍ୟାଗତ ।
ସେ ସ୍ଥାନର ମାତ୍ର ପିତ୍ତଳ-ନିର୍ମିତ,
ଉନ୍ନତ ପାଶ୍ଚାତ୍ୟଖଣ୍ଡେ ସୁପ୍ରଥିତ ।

୧—ବଣାଫୁଲ—ଶଙ୍ଖନୀ ବା ଶଙ୍ଖପୁଷ୍ପୀ । ୨—କେଳିକଦମ୍ବ—କଇମ ଫୁଲ । ଏହା ଅବିକଳ କଦମ୍ବଫୁଲ ପରି । ୩—ମୋଟର ଯାନ ।

http://oaob.nitrkl.ac.in

ଧରିଲେ ତାହାକୁ ହସ୍ତେ ଦୃଢ଼ କରି,
ଛଟପଟ ହୁଏ ଜୀଇଥିଲ ପରି ।
ଅଦ୍ଭୁତ ଶିଳ୍ପୀର କଳ୍ପନା କୌଶଳ,
ଆଖି କାଣ୍ଡ ଠାଣି ସବୁ ଅବିକଳ ?
ବୈଜ୍ଞାନିକ ଦେଶେ ଲଭି ସେ ଆଦର,
ରଖିଅଛି ଟେକ ଉତ୍କଳଖଣ୍ଡର ।
ଉଜ୍ଜ୍ୱଳ ସୁନ୍ଦର ପିତ୍ତଳର ଢାଳ,
ଦିଶା ହୋଇଅଛି ଯେସନେ ସୁନାଙ୍ଖାଳ !
ଧାତୁ ଶିଳ୍ପେ ଗ୍ରାମ ଦକ୍ଷତା ଦେଖାଇ,
ପ୍ରାଚୀନ ସୁଖ୍ୟାତି ରଖିଛି ବଞ୍ଚାଇ ।
ଜଗନ୍ନାଥଙ୍କର ସୁନ୍ଦର ମନ୍ଦିର,
ରୁପାଶୈଳ ପ୍ରାୟ ତୋଳିଅଛି ଶିର ।
ଶିଳ୍ପେ ଦେବଶିଳ୍ପୀ ସଉଧ ସଦୃଶ,
ବାସ୍ତବରେ ଶ୍ରେଷ୍ଠ ଦର୍ଶନୀୟ ଦୃଶ୍ୟ !
ନୂତନ ସେ କାନ୍ତି ହେରି ତା ଗଠନ,
ପ୍ରତେ ହୁଏ ଯେସନେ ସତେ ପୁରାତନ !
ଯେଉଁ ଶିଳ୍ପ ହେତୁ ଉତ୍କଳ ବନ୍ଦିତ,
ରହିଛି ସେ ଶିଳ୍ପ ଅଦ୍ୟାପି ଜୀବିତ !
କଲ୍ୟାଣପ୍ରସୂ ଏ ଶୁଭ ସମାଚାର,
କ୍ଷୀଣ-ଜ୍ୟୋତିରେଖା ଭବିଷ୍ୟ ଆଶାର ।
ଅମର ଉତ୍କଳ ଚାରୁ-କାରୁକଳା,
ପାରି ନାହିଁ କାଳ କରି ତାକୁ କଳା ।
ସ୍ଥାନେ ସ୍ଥାନେ ଶିଳ୍ପୀ କରିଛି ରଚନା,
ମିଶାଇ ପ୍ରାଚୀନେ ନୂତନ କଳ୍ପନା ।
ସେ ସକଳ ଦୃଶ୍ୟ ଅତି ଚମତ୍କାର,
ହେମ-ଚନ୍ଦ୍ରମର ସଂଯୋଗ ପ୍ରକାର ।
ଅଛନ୍ତି ଅବଧି ଶିଳ୍ପୀ ମୟ ନିଭ, ୧
କ୍ଷେତ୍ର ଅଭାବରେ ହୋଇଛନ୍ତି କ୍ଲୀବ ।
ଉପଯୁକ୍ତ କ୍ଷେତ୍ର, ଉତ୍ସାହ ଆଦର,
ଉନ୍ନତିର ମୂଳ ବଳିଷ୍ଠ ସମ୍ବର ।

ସ୍ଥାନୀୟ କେତେକ ଧର୍ମପ୍ରାଣ ବ୍ୟକ୍ତି,
ମନ୍ଦିର ନିର୍ମାଣେ ନିୟୋଜିଲେ ଶକ୍ତି ।
ଶ୍ରୀବାଞ୍ଛି ଦାସ କରଣ ସାମନ୍ତ,
ହାଡ଼ି ପାତ୍ର, ପୂର ପାତ୍ର ପୁଣ୍ୟବନ୍ତ ।
ଭଦ୍ର ଭାଗୀରଥି ସୁବୁଦ୍ଧି ଆବର,
ଅଦମ୍ୟ ଚେଷ୍ଟାରେ ଏହି ଚାରିଙ୍କର ।
ହୋଇଛି ନିର୍ମିତ ଏ ରମ୍ୟ ଦେଉଳ,
ନିଖିଳ ସୁଷମା ହୋଇଛି କି ଠୁଳ ?
ଚତ୍ୱାରିଂଶ ବର୍ଷ ଲାଗି ଅହରହ,
ଲକ୍ଷାଧିକ ମୁଦ୍ରା କଲେ ସେ ସଂଗ୍ରହ ।
ସେହି ଧନେ ହେଲ ମନ୍ଦିର ନିର୍ମିତ,
ତାଙ୍କ ଶୁଭାଦର୍ଶ ରହିଛି ଜୀବିତ !
ଗ୍ରାମେ ଠାବେ ଠାବେ ପୁଷ୍ପ-ଉପବନ,
କରେ ଜନ ମନ-ନୟନ ହରଣ !
ଶଙ୍କର ତ୍ରିଶୂଳ ଟେକଣ ଜୟନ୍ତୀ, ୨
କି ସୁନ୍ଦର ଉଭା ହୋଇ ପନ୍ତି ପନ୍ତି ।
ଦିଶେ ସେ ତ୍ରିଶୂଳ ପ୍ରଗାଢ଼ ଲୋହିତ,
ସଦ୍ୟ ଦୈତ୍ୟ ରକ୍ତେ କି ଅବା ରଞ୍ଜିତ !
ଉତ୍କଳେ ପ୍ରସିଦ୍ଧ "ବେଲଗୁଣ୍ଠା" ହାଟ,
ପ୍ରଦର୍ଶନୀ ପ୍ରାୟ ବିସ୍ତୃତ ବିରାଟ ।
ବିବିଧ ଦୁର୍ଲ୍ଲଭ ବନଜାତ ଦ୍ରବ୍ୟ,
ସେ ମହା-ହାଟର ପ୍ରଧାନ ଦ୍ରଷ୍ଟବ୍ୟ ।
ମାଲ-ବାଣିଜ୍ୟର ପରମ ସହାୟ,
ଏକାଧାରେ ଚଳେ ନାନା ବ୍ୟବସାୟ ।
ବହୁଦୂରୁ ହୁଏ ଜନ ସମାଗମ,
ଦେଖାଯାଏ ଦୂରୁ ନରସିନ୍ଧୁ ସମ ।
ଘନ ଘନ ସ୍ୱରେ ଗର୍ଜିଉଠେ ହାଟ,
ଜନତା ଗହଳେ ରୁନ୍ଧ ହୁଏ ବାଟ ।
ସୁତାଖିଅଠାରୁ ମୁକୁତା ଅବଧି,
ବିକା ହୁଏ ପୁଣି ବହୁ ମହୌଷଧି ।

୧—ମୟ—ମୟ ଦାନବ । ୨—ରକ୍ତଜବା ।

http://oaob.nitrkl.ac.in

ବାଲ୍ମପଦରର ବାସ୍ତୁ-ଶିଳ୍ପକଳା,
ରମଣୀୟ ଅଛି ଯେହ୍ନେ ଛାଞ୍ଚେ ଢଳା !
ଚିହ୍ନଶିଳ୍ପେ ଖ୍ୟାତ ବରପାଲୀ ଗ୍ରାମ,
ଠେକ ଅଗ୍ନିଶିଳ୍ପେ ନବଗ୍ରାମ ନାମ । ୧
ମାତ୍ର ବେଲଗଣ୍ଡା ଦକ୍ଷ ବସ୍ତ୍ର ଶିଳ୍ପେ,
କଳାଦେବୀ ଚିରପୂଜ୍ୟ ତା ସମୀପେ ।
ଘୁମୁଷର ସ୍ୱତ୍ୱେ ଏହି ତାର ସ୍ଥାନ,
ପ୍ରଶଂସିତ କଳାବିଦ୍ୟାରେ ପ୍ରଧାନ ।
ସ୍ୱଚ୍ଛ ଥାଉଁ ଗ୍ରାମେ କରନ୍ତି ଆବୃତ୍ତି,
ଜଡୁଆ ବିଳାସ ସ୍ୱରେ ପ୍ରଭୁ ସ୍ତୁତି । ୨
ପ୍ରଭାତ ପୂର୍ବରୁ ଶୁଣି ସେହି ସ୍ୱର,
ଭାଙ୍ଗି ଯାଏ ନିଦ୍ରା ଗ୍ରାମବାସୀଙ୍କର ।
ଦିନସାରା ସାଧୁ ତପ ଅଧୋମୁଖେ,
କରନ୍ତି ପାରଣା ସ୍ୱଭେ ଇଚ୍ଛା ସୁଖେ ।
ଗ୍ରାମର ଶିକ୍ଷିତ ଯୁବକଜନଙ୍କର,
ଜାତୀୟ ସାହିତ୍ୟ କରନ୍ତି ଆଦର ।
ନବସନ୍ତ ତହିଁ ସୁପଣ୍ଡିତ ଜ୍ଞାନୀ,
ବୃଦ୍ଧ କବିଚନ୍ଦ୍ର ଅଷ୍ଟ ଅବଧାନୀ ! ୩
ଅର୍ଜିଛନ୍ତି ପୂର୍ଣ୍ଣ ଆଶୁକବି ଯଶ,
ଅଛି ଉପଭୋଗ୍ୟ ତାଙ୍କ ହାସ୍ୟରସ !

ବଜ୍ରର ଅଭେଦ୍ୟ ଦୁର୍ଗ ବଜ୍ରଗଡ଼,
ପ୍ରକାଶେ କ୍ଲୀବତା ଯହିଁ ମହାଝଡ଼ । ୪
ଗିରି-ପରିଖର ଦୁର୍ଗ ମଧ୍ୟକେନ୍ଦ୍ର,
ଅତୀବ ତେଜସ୍ୱୀ ସେ ରାଜ୍ୟ ନରେନ୍ଦ୍ର ।
ଧନୁର୍ବିଦ୍ୟାରେ ସେ ଯଥା ଧନଞ୍ଜୟ,
ପ୍ରବଳ ଶତ୍ରୁକୁ ନ କରନ୍ତି ଭୟ !
ବଜ୍ରଗଡ ଦୁର୍ଗ ଚତୁଷ୍କୋଣାକାର,
ଏକମାତ୍ର ତାର ପ୍ରବେଶ ଦୁଆର ।

ଭଞ୍ଜରାଜା ତାହା ନ ପାରିଲେ ଜିଣି,
ଆଚରିଲେ ତହୁଁ ନିନ୍ଦ୍ୟ କୂଟନୀତି ।
ସେ ରାଜାଙ୍କ ସଙ୍ଗେ ସଙ୍ଗାତ ବସାଇ,
ବାନ୍ଧିଲେ ସମ୍ପର୍କ ଛଳେ ନରସାଇଁ ।
ବସନ୍ତ ସେ ରାଜ୍ୟେ ଶମ୍ଭୁ ବୈଦ୍ୟନାଥ,
ମହିମା ତାଙ୍କର ଚୌଦିଗରେ ବିଖ୍ୟାତ ।
ଦେବ-ଦରଶନ ଛଳେ ଭଞ୍ଜରାଜା,
ବିଜେ ହେଲେ ଦିନେ ବଜାଇଣ ବାଜା ।
ପୁରନାରୀ ବେଶେ ସଶସ୍ତ୍ର ସୈନିକେ,
ଶିବିକା ଆରୋହି ଚଳିଲେ ଅନ୍ତିକେ ।
ବଜ୍ରଗଡ଼-ପତି ଆସି ଆନନ୍ଦରେ,
ନେଲେ ସମସ୍ତଙ୍କୁ ପାଛୋଟି ସାଦରେ ।
ଆଗେ ଆଗେ ସବୁ ଚାଲିଲା ଶିବିକା,
ତହିଁ ପଛେ ବିଜେ ବଜ୍ରଗଡ଼-ଟିକା ।
ତାଙ୍କ ପଛେ ଭଞ୍ଜ କୁଟିଳ ନରେଶ,
ବିଜେ ହୋଇ କଲେ ନଅରେ ପ୍ରବେଶ ।
କୌଶଳେ ସେ ଦୋଷୁଁ କରିବାକୁ ଆଣି,
ବଜ୍ରଗଡ଼ ନୃପେ ପକାଇଲେ ହାଣି ।
ହାନ୍ଦୋଳାରୁ ସୈନ୍ୟେ ପଡ଼ିଲେ ବାହାରି,
ଶସ୍ତ୍ରେ ସୁସଜ୍ଜିତ ଧନୁର୍ବାଣଧାରୀ ।
ଏ ଭୀଷଣ ଦୃଶ୍ୟ ହେରି ବହୁ ଭୟ,
ପଳାଇଲେ କାହିଁ ପ୍ରହରୀନିଚୟ ।
ତହୁଁ ବଜ୍ରଗଡ଼ ଅଜେୟ ଦୁର୍ଗ ତ,
ଭଞ୍ଜରାଜାଙ୍କର ହେଲା କରଗତ ।
ନିଜ ପୁଣ୍ୟପୀଠେ ହେରି ହତ୍ୟାପାପ,
ଲଭିଲେ ଧୂର୍ଜଟୀ ଦାରୁଣ ସନ୍ତାପ ।
କମ୍ପିଲା ଶରୀର ଭୂକମ୍ପନେ ଯଥା,
ସେ କମ୍ପେ ଦେଉଳ ଭଜିଲା ବକ୍ରତା । ୫
ଭଞ୍ଜରାଜାଙ୍କ ଏ ପିଶାଚ ବେଭାର,
ଜନଶ୍ରୁତି ଏବେ କରୁଛି ପ୍ରଚାର ।

୧—ନବଗ୍ରାମ—ନୂଆ ଗାଁ । ୨—ଜଡୁଆ—ବାଦୁଡ଼ି । ୩—ସ୍ୱର୍ଗତ କବିଚନ୍ଦ୍ର ରାଜଗୁରୁ । ୪—ପ୍ରବଳ ପ୍ରଭଞ୍ଜନ । ୫—ବୈଦ୍ୟନାଥଙ୍କ ଦେଉଳ ପଛକୁ ଟିକିଏ ଢଳିଛି ।

http://oaob.nitrkl.ac.in

ମିଶାଇଲେ ନୃପ ବିଶ୍ୱାସରେ ବିଷ,
ଏଥି ବଳି ଅହୋ ଅଛି ପାପ କିସ ?
ନାହିଁ ସେହି ଦୁର୍ଗ ନାହାନ୍ତି ଭୂପାଳ,
ରହିଛି କୁକୀର୍ତ୍ତି ମାତ୍ର ଚିରକାଳ !

ନାଳୁକେଶ୍ୱରଙ୍କ ପଟୁଳ ଦେଉଳ,
ଉଭା ବନ୍ଧ କୂଳେ ନିଶୂନୀ ନିଶୂଳ ।
'ନୀଳଆ' ତାହାର ମାରୁଗ ଦର୍ପଣ, ୧
ପଛୁ ପ୍ରତିବିମ୍ବ କରିଛି ଧାରଣ ।
ସରସ୍ୱତ ନୀରେ ସ୍ନାନ କେଉଁ ମୁନି,
ହୋଇଛି କି ଉଭା ତୀରେ ହୋଇ ତୁନି ?
ସିନ୍ଧୁସୁତ ଇନ୍ଦୁ ସମୁଦ୍ର ମନ୍ଥନେ,
ଉଠି ଆସି ଉଭା କିବା ହୃଷ୍ଟ ମନେ ?
* ଜସୀଶାଖେ ବସି ପାଳଟୀ ମାଳତୀ ୨
ପ୍ରାତଃଠେ ଶିବଙ୍କୁ କରନ୍ତି ଆଳତି ।
ନାରିକେଳ ତରୁ ଶାଖା ସଞ୍ଚାଳନ,
କରୁଛି ଶିବଙ୍କ ଚାମର ବ୍ୟଜନ ।
ଉଦ୍ୟାନେ ପୁଷ୍ପିତ ପାଦପକଳାପେ,
ରତ ପରସ୍ପରେ ନୀରବ ଆଳାପେ !
ଶିବ ପାଦୋଦକେ ଭସ୍ମ ହୁଏ ବିଷ,
ତାଙ୍କ ନେତ୍ରାନଳେ ଯେସନ ରତୀଶ ।
ଅମୃତ ପାଦୁକ ସିଞ୍ଚିଦେଲେ ଆଣି,
ସର୍ପ ଘାଉଁରୁ ବିଷ ହୁଏ ପାଣି ।
ପାଞ୍ଚକୋଶ ମଧ୍ୟେ ଶିବଙ୍କ ପ୍ରଭାବେ,
ସର୍ପାଘାତ ମୃତ୍ୟୁ ନାହିଁ କେଉଁଠାବେ !
ଅଦୂରେ ଦେଉଳ ବିଶେ ଶୋଭାବନ,
ପ୍ରତିଷ୍ଠିତ ତହିଁ ସତ୍ୟନାରାୟଣ !
ଦୀପଦଣ୍ଡି ପାଶେ ମଣ୍ଡି ଉଚ୍ଚସ୍ତମ୍ଭ,
କରୁଛି ଗରୁଡ଼ ହାତ ଯୋଡ଼ି ସ୍ତବ ।

ଜଳଦେବୀଙ୍କର ବିଳାସ ମନ୍ଦିର,
ପ୍ରାୟେ ଦୀପଦଣ୍ଡି ବିଶେ ସୁରୁଚିର ।
କାମ୍ୟା ସରଗର୍ଭେ ବାଲୁତ ବୋଇତ,
ଖଟା ହୋଇ ଦୂରୁ ଦିଶେ ବିଚୁରିତ ।
ବର୍ଷ୍ଣ ଥିଲେ ବସି ସେ ଦୃଶ୍ୟ ସୁଷମା,
ସରିଯିବ କବି-ସମ୍ବଳ ଉପମା !

ପଥପାର୍ଶ୍ୱେ ଶୋଭେ ଗୋବର୍ଦ୍ଧ ବସନ୍ତ,
ସାହିତ୍ୟ-ସେବାରେ ଆଗ୍ରହିତ ଅତି ।
ଲମ୍ବାଇଛି କଣ୍ଠା-ସେବତୀ ତାହାର
ବକ୍ଷେ ରମଣୀୟ ପଦ୍ମସ୍ୱଗ-ହାର !
ଅଦୂରେ ତାହାର ଦିଶେ ଝଙ୍କୁରିତ,
ମାଳତୀ ପର୍ବତ ମାଳତୀ-ବେଷ୍ଟିତ ।
ପାଶେ ଧର୍ମ୍ମକୋଠ ପାଶେ ଘୁମୁଷର,
ସନ୍ନିସ୍ତମ୍ଭ ରୂପେ ଉଭା ଗିରିବର !
ଆଲିଙ୍ଗନ ଆଶେ ଯେତେକେ ସେ କାହାକୁ,
ରହିଛି ବିସ୍ତାରି ବିଶାଳ ବାହାକୁ ।
ଖଣ୍ଡ-ଖଟୀ ପ୍ରାୟ ତରୁ-ଭାଣ୍ଡପ୍ରଦ,
ଠୁଳ ତହିଁ ସବୁ ଦୂରନ୍ତ ଶ୍ୱାପଦ !
ପାଦେ ସମତଳ କ୍ଷେତ୍ର ସୁବିସ୍ତୃତ,
କଣ୍ଟକିତ ଗୁଳ୍ମଲତାରେ ଆବୃତ ।
ଅତୀତେ ସେ ସ୍ଥାନେ ଥିଲା ଗ୍ରାମଦୁର୍ଗ,
କରନ୍ତି ସ୍ୱଜନ୍ତୁ ଏବେ ମୃଗୀମୃଗ ।
ସାକ୍ଷୀରୂପେ ଠିଆ ଦୁର୍ଗ ଭଗ୍ନସ୍ତୂପ,
ହୋଇଛି ଅମର ଶ୍ମଶାନ ସ୍ୱରୂପ ।
ଏଠାରୁ ବାହାରି ଦେବ ହୋଇ ନୀତ,
ଘୁଗୁଡ଼ାରେ ହୋଇଅଛନ୍ତି ସ୍ଥାପିତ ।
ବନ୍ୟକାଣ୍ଡଙ୍କର ଭକ୍ତିପୂଜା ଗ୍ରହି,
ବସନ୍ତି "କୁଦୁଡ଼ାଖାଇ" ଦେବୀ ତହିଁ ।

୧—ନୀଳଆ – ସୁନାମପ୍ରସିଦ୍ଧ ମୃଦଙ୍ଗୀ । *—ଜସୀ—ବାରଗଛ ସଦୃଶ ଏକଜାତୀୟ ବୃକ୍ଷ ।
୨—ପାଳଟି—ସେଠି ସେବାଦାସୀ ପାଳି ଅନୁସାରେ ଖଟେ ।

http://oaob.nitrkl.ac.in

ରତ୍ନେଶ୍ୱରୀ ଭଗ୍ନମୂର୍ତ୍ତି ଅଷ୍ଟଭୁଜା,
ଅବଧି ସେଠାରେ ପାଉଛନ୍ତି ପୂଜା । ୧
ସାମ୍ନାଦିରେ ସ୍ଥିତ ସର "ସ୍ୱର୍ଣ୍ଣୀବନ୍ଧ",
ବସ୍ତାର ବାଉନେ ଶତଦଳ ଗନ୍ଧ । ୨
ଦେବୀ ବୀଣାପାଣି ପୂର୍ଣ୍ଣ୍ୟ-କେଳିସର,
ବହୁ ଜଳପକ୍ଷୀ ଆସନ୍ତେ ମୁଖର ।
ଜନଶ୍ରୁତି ଦୃଢ଼େ ବଖାଣେ ଏସନ,
ବେଳେ ବେଳେ ତହିଁ ମିଳେ ରତ୍ନଧନ । ୩
କେଶରୀ-ବଂଶୀୟ ନରପତିଗଣ,
କରୁଥିଲେ ପୂର୍ବେ ତହିଁ ସ୍ୱଜପଣ ।
ଅଦୂରେ କେଶରୀ ପଲ୍ଲୀ ବିଦ୍ୟମାନ, ୪
ଜନପ୍ରବାଦର ଏହାହିଁ ପ୍ରମାଣ ।
କିନ୍ତୁ କାହାଠାରୁ ସ୍ୱଜପଣ ଶେଷ,
ଜନରବ ତାହା ଅଜ୍ଞାତ ବିଶେଷ ।
ଗଡ଼ଭୂମି ପୂର୍ବେ ଖର୍ବ ଗିରିଚୂଡ଼େ,
ଉଚ୍ଚ ଶିଳାସ୍ତମ୍ଭ ଉଭା ହୋଇ ଦୃଢ଼େ;
ବହନ୍ତି ମସ୍ତକେ ପ୍ରଦୀପ ବିଶାଳ,
ଟୋଳିଅଛି ଫଣା ଯେହ୍ନେ କୃଷ୍ଣ ବ୍ୟାଳ !
ଦୀପଟି ଶୈଳର କ୍ଷୁଦ୍ର ସଂସ୍କରଣ,
ରହେ ତାହା ଗର୍ଭେ ତୈଳ ଧାମଣ ।
ସୂର୍ଯ୍ୟକାଳେ ଯାଏ ସେ ଦୀପରୁ ଜଣା,
ଜୟ-ପରାଜୟ ପ୍ରକୃତ ସୂଚନା ।

ଗୂ ପ୍ତ ଅଭିଳାଷ ସଙ୍କେତ ଦୀପ ସେ,
ଅଜୟରେ ନିଭେ ବିଜୟରେ ହସେ ।
ଶେଷ କେଶରୀ ଏ ସଙ୍କେତ ସର୍ଜନେ,
ଆଣିଥିଲେ ଆପେ ନିମନ୍ତ୍ରି ମରଣେ ।
ବେନ ନୃପ ଭଞ୍ଜ-କେଶରୀ ମଧ୍ୟରେ,
ଭୀଷଣ ସମର ଘଟିଲ୍‌କ ଥରେ । ୫
କେଶରୀ-ମହିଷୀ ପୁଚ୍ଛିଲେ ଏକାନ୍ତେ,
ଯୁଦ୍ଧଯାତ୍ରା କାଳେ ଦୀନକଣ୍ଠେ କାନ୍ତେ—
"ପୋଡ଼ା ପ୍ରାଣ ମୋର ହେଉଛି ବିକଳ,
ଜାଣିବି କେମନ୍ତେ ସ୍ୱାମୀଙ୍କ କୁଶଳ !"
ଶୁଣି ନରମଣି ଦେଖାଇଣ ଦୀପେ,
କହିଲେ ମଧୁରେ ପ୍ରେୟସୀ ସମୀପେ
"ଶୁଣ ପ୍ରିୟେ ! ଯାହା କହୁଛି ତା ସତ,
ଜଳୁଥିବ ଜାଣ ଏ ଦୀପ ଯାବତ,—
ତାବତ ମୋହର ନାହିଁ ପରାଜୟ,
ନିଭିଲେ ଜାଣିବ ମୃତ୍ୟୁ ସୁନିଶ୍ଚୟ ।
ତେଣିକି କରିବ ତୁମ୍ଭେ ତୁମ୍ଭ କର୍ମ,
ସତୀଦେବୀ ତୁମ୍ଭେ, ଜାଣ ସତ୍ୟଧର୍ମ ।"
ଏହି ଗୁପ୍ତକଥା ସ୍ୱଜାରାଣୀଙ୍କର,
ଶୁଣିଲା କୌଶଳେ ଶତ୍ରୁ ଗୁପ୍ତଚର ।
ସେଦିନ ତୁମୁଳ ସଂଗ୍ରାମ କାଳରେ,
ନିଭାଇଦେଲା ସେ ପ୍ରଦୀପ ସତ୍ୱରେ ।

୧—ରତ୍ନେଶ୍ୱରୀ—ସ୍ୱଜାଙ୍କର ଇଷ୍ଟଦେବୀ । ୨—ସ୍ୱର୍ଣ୍ଣୀବନ୍ଧ ଶ୍ୱେତ ଶତଦଳରେ ପୂର୍ଣ୍ଣ ।

୩—ତିରିଶି ବର୍ଷ ପୂର୍ବରେ ଜଣେ ବ୍ରାହ୍ମଣ ସେଠାରୁ ଗୋଟିଏ ସୁନା ମଦ ପାଇଥିଲେ । ମୁଦଟି ବସ୍ୟରୁ ଲୋକର ଗୋଡ଼ ବୁଡ଼ା ଅଙ୍ଗୁଳିକୁ ସୁଦ୍ଧା ହୁଗୁଳା ହେବ ।

କେତେ ବର୍ଷ ପୂର୍ବରେ ଜଣେ ଗଉଡ଼ ସେଠାରେ ଗାଈ ଚରାଇ ଚରାଇ ଖଣ୍ଡେ ଅତ୍ୟୁଜ୍ଜ୍ୱଳ ପ୍ରସ୍ତର ପାଇଥିଲା । ଗଉଡ଼ ଅବା ତାହାର ମୂଲ୍ୟ କଅଣ ବୁଝିବ । ସେ ଯାଇ ଦମ୍ପରର ତାଲ୍ଲୁକ ଡେପୁଟି କଲେକ୍ଟର ଜଣେକ ବମା ପଣ୍ଡିତଙ୍କୁ ହୀରା ଖଣ୍ଡିକ ଦେଖାଇଲା । ପଣ୍ଡିତେ ଗଉଡ଼କୁ ପାଞ୍ଚଟଙ୍କା ପୁରସ୍କାର ଦେଇ ତାହା ଗ୍ରହଣ କଲେ । ହୀରା ଖଣ୍ଡକ ମାନ୍ଦ୍ରାଜରେ କାଟିବା ପାଇଁ ପଣ୍ଡିତଙ୍କର ଛନେଶ ଟଙ୍କା ବ୍ୟୟ ହୋଇଥିଲା । ଏହିଥିରୁ ହୀରାର ମୂଲ୍ୟ ଅନୁମେୟ । ହୀନ-କପାଳିଆ ଜନ୍ମ-ଦରିଦ୍ର ସୌଖୀନ ଅନ୍ଧ ସାଜି ମହାଦେବଙ୍କର ବର ବ୍ୟର୍ଥ କଲା ପରି ଦୁର୍ଭାଗ୍ୟବନ୍ତ ମୂର୍ଖ ଗଉଡ଼ ଭଗବାନଙ୍କର ଅକସ୍ମାତ ଦୟା ହରାଇ ବସିଲା ଏବଂ ସାତପୁରୁଷରେ ପଣ୍ଡିତଙ୍କର ଏକାଦଶ ବୃହସ୍ପତି ଯୋଗ ଘଟିଲା । "କପାଳଃ କପାଳଃ କପାଳୋହି ମୂଳଂ ।"

ଆଉ ଥରେ ଜଣେ କାଠୁରିଆ ସ୍ତ୍ରୀ ସେହି ମାଳତୀଗଡ଼ରୁ କେତେଗୁଡ଼ିଏ ସ୍ୱର୍ଣ୍ଣାଳଙ୍କାର ପାଇଥିଲା । ଛଅବର୍ଷ ପୂର୍ବରେ ରତ୍ନେଶ୍ୱରୀଙ୍କ ପୂଜାରୀ ଗୃହଭୂମିରୁ ଗୋଟାଏ ତୂଷପୂର୍ଣ୍ଣ କ୍ଷୁଦ୍ର କଳସୀ ପାଇଥିଲେ; ସେଥିରେ କେତେକ ସୁନାରୂପାର ଅଳଙ୍କାର ଥିଲା । ୪—ପ୍ରଚଳିତ ନାମ କେଶରୀପଲ୍ଲୀ ଗ୍ରାମ ।

୫—ସ୍ୱଜା ଦ୍ୱୟଙ୍କର ନାମ ଏବଂ ଘଟଣାର କାଳନିର୍ଣ୍ଣୟ ସମ୍ବନ୍ଧରେ ଜନଶ୍ରୁତି ନୀରବ ।

http://oaob.nitrkl.ac.in

ସେ ସଙ୍କେତରୁ ବୁଝି ରାଜାଙ୍କ ବିନାଶ,
ରାଣୀ, ପରିଚାରୀ କୂପେ ଦେଲେ ଝାସ !
ଫେରି ଖରେ ରାଏ ହେରି କୁ-ଶକୁନ,
ଦେଖିଲେ ନଅର ଜନପ୍ରାଣିଶୂନ୍ୟ ।
ଜାଣିଲେ ଏ ନଷ୍ଟେ ଶତ୍ରୁର ଚକ୍ରାନ୍ତ,
ବିସର୍ଜିଲେ ପ୍ରାଣ ହୋଇ ଶୋକାକ୍ରାନ୍ତ ।
ତାଙ୍କଠାରୁ ଶେଷ ସେ କେଶରୀ ବଂଶ,
ବୈରି-ଛଳନାରେ ଭଜିଲ ବିଧ୍ୱଂସ ।
ଘଟିଲା ଆବର ଘଟଣା କରାଳ,
ବଜ୍ରାଘାତେ ଦୀପ ହେଲ ବେନି ଫାଳ ।
ଯାଇଛି ସେ ଦୁର୍ଗ, ଯାଇଛି ବିଭୂତି,
ବଞ୍ଚି ରହିଅଛି ମାତ୍ର ଜନଶ୍ରୁତି ।
ଗିରି-ଲୋମାବଳୀ ପ୍ରାୟ ଦିଶେ କୁଣ, ୧
କ୍ଷୁଦ୍ରଜଟା ଯେହ୍ନେ ରାଜେ ମୁର୍ଗାତୃଣ ।
ପର୍ବତ-କଟିରୁ ଝରେ ଝର ଧାର,
ବିଲମ୍ବିତ କିବା ଶ୍ଳଥ ଚନ୍ଦ୍ରାହାର !
ଅଦୂରେ "କନ୍ଧୁଣୀ ଦେବୀ" ବିରାଜିତା,
ଖ୍ୟାତ ବନଦେବୀ କନ୍ଧୁଣୀ-ପୂଜିତା ।
ପର୍ବତ-ରାଜାର ଅଙ୍ଗରକ୍ଷୀ ପରି,
ସିଂହବଣ ଉଭା ପନ୍ଦ-ବାଡ଼ି ଧରି ।
ତୀକ୍ଷ୍ଣ କଣ୍ଟା-ଲନ୍ତ ଟେକିଛି ବଇଁଶ,
ପାଗପ୍ରାୟେ ଶିରେ ମାଡ଼ିଛି କାଇଁଶ ।
କି ଶୋକେ କେତେଣି ଲୋଟୁଛି ଭୂତଳେ,
ଶ୍ୟାମାଙ୍ଗିନୀ 'ଲତା ବାର୍ତ୍ତାକୀ' ବିକଳେ ! ୨
ଛିଣ୍ଡିଯାଇଅଛି କଣ୍ଠରୁ ତାହାର,
ସୁରଙ୍ଗ ପ୍ରବାଳ ମନୋହର ହାର । ୩
ସୁନାରୀ, ମହୁଲ, ଡଉ, ଶେଫାଳିକା,
ବ୍ରାହ୍ମଣୀୟା, ପନ୍ଦ-ଯାଉଁଳ, ମୁଣ୍ଡିକା ।
ଆମ୍ର, ଆମ୍ରାତକ, ଧାତୁକୀ, ନାରଙ୍ଗ,
ବେଲ, ଫଣଫଣା, ଆଙ୍କୁଲ, ବାସଙ୍ଗ ।
ମୁରୁ କୁନ୍ଦ ଆଦି ପାଦପନିକର,
ଉଭା ଠେସାଠେସି ହୋଇ ପରସ୍ପର ।
ରାମ ପାଦତଳେ ଉପବିଷ୍ଟ ସୀତା,
ପଦସେବା ଲଭେ ଅତି ହରଷିତା । ୪
ପତର-ସୁନ୍ଦର ବହୁ ଗୁଳ୍ମଲତା,
ଦେଖାଉଅଛନ୍ତି ରୂପ-ମଧୁରତା । ୫
ରୁକମୂଳ-ହସ୍ତ ନିର୍ଲଜ୍ଜା ନିର୍ମୂଳୀ,
ଯହିଁ ତହିଁ ଯାଇ ପଡ଼ିଅଛି ଝୁଲି । ୬
ବହେ ଶିଳାରସ ଉପଲ ଖଣ୍ଡରୁ,
ମଦବାରି ଯଥା ମାତଙ୍ଗ ଗଣ୍ଡରୁ ।
ଆଚ୍ଛନ୍ନ ସେ ଶିଳେ ପୀତ ଶଇବାଳ,
ବହଳେ କି ତହିଁ ଯୋଗ ହରିତାଳ ?
ନବଗ୍ରାମ ମିଶି କେଟଗା ଉତ୍ପତ୍ତି,
ରଘୁନାଥ ପୀଠ ସମ୍ଭ୍ରାନ୍ତ ବସତି ।
ବୈଷ୍ଣବ-ଶରୀରେ ତୀର୍ଥ-ଛାପା ପ୍ରାୟେ,
ବହୁ ପୁରାସ୍ମୃତି ଗ୍ରାମେ ଦେଖାଯାଏ ।
ରମ୍ୟ ପ୍ରାକୃତିକ ସୁଷମା ନିବାସ,
ଛଟୁକାଳ ଖେଳି ବୁଲେ ଇନ୍ଦ୍ରହାସ !
ଘନଶ୍ୟାମ କାନ୍ତ ନାରିକେଳେ ଦଳ—
ବହଳ ଛାୟାରେ ଗ୍ରାମ ସୁଶୀତଳ !
ଦୂରେ ରହି ତାଳ ଧରି ଦୈତ୍ୟବେଶ,
ଉଡ଼ାଉଛି ଶିରେ ଫରଫରେ କେଶ ।
ବାହ୍ୟ ଅଭ୍ୟନ୍ତର ଉଭୟ ସୁନ୍ଦର,
ଶ୍ରୀକରଭଞ୍ଜଙ୍କ କୀର୍ତ୍ତିରେ ଭାସ୍ୱର ।
କରାଇଅଛନ୍ତି ସେହି ନରରାଣ,
କାଷ୍ଠ-ଦେବାଳୟ ଏ ଗ୍ରାମେ ନିର୍ମାଣ ।
ବୁଗୁଡ଼ା ମନ୍ଦିର ଏ ମନ୍ଦିରଦ୍ୱୟ,
ଏକ ମାତାର କି ଯମଜ ତନୟ ?
ପ୍ରଭୁ ରଘୁନାଥ ତହିଁ ଅଧିଷ୍ଠିତ,
ରଘୁ-କୁଳ-ଚୂଡ଼ା ମହିମା-ମଣ୍ଡିତ !

୧—କୁଣ—ଏକପ୍ରକାର ଲମ୍ବ ତୃଣ । ୨—ଲତାବାର୍ତ୍ତାକୀ—ନଙ୍ଗାଳୁଡ଼ । ୩—ଫଳଗୁଚ୍ଛକ ପ୍ରବାଳ ପରି ।
୪—ରାମ—ରାମଫଳ, ସୀତା—ସୀତାଫଳ । ୫—ଟୋକସଙ୍କାଗପ ଗୁଳ୍ମ । ୬—ନିର୍ମୂଳୀ—ଲତାର ମୂଳ ନାହିଁ; ପବନରେ ଉଡ଼ିଆସି ବୃକ୍ଷ ବୃକ୍ଷାନ୍ତରରେ ମାଡ଼େ ।


http://oaob.nitrkl.ac.in

ପାଶେ ଗୋପୀନାଥ ଦେବଙ୍କ ଦେଉଳ;
ହୀର ସୌଧ ପ୍ରାନ୍ତେ ଦିଶେ ସୁମଞ୍ଜୁଳ !
ଜାଡଅଣ ଧନେ ଅଲଅା ଜାଡର,
ହୋଇଛି ନିର୍ମିତ ସେ ଭୃଙ୍ଗ-ମନ୍ଦିର ।
ରଘୁନାଥ କାଷ୍ଠ-ମନ୍ଦିରର କମ,
ଥାଉ ଆନ କଥା ଦେବ-ମନୋରମ ।
ସେ ମନ୍ଦିରେ ବସି ଗାଇ ମଧୁଗାନ,
କରନ୍ତି ବିହଙ୍ଗେ ଶୋଭାମୃତ ପାନ ।
ଦେଖନ୍ତି ଭାସ୍କର ଥାଇଣ ଗଗନେ,
କୋଣାର୍କର ସ୍ମୃତି ପଡିଯାଏ ମନେ ।
ହସନ୍ତି ନିଶାରେ ଦେଖି ଚନ୍ଦ୍ରତାର,
ଶୋଭାଦେବୀର ସେ ଶୋଭା ନେହଳାର !
ସେ ମନ୍ଦିର ଶୋଭା ନିଜ୍ଜୁ ହେର ମେଘ,
କରେ ସଂଶୋଧିକ ସ୍ୱୀୟ ଗତିବେଗ ।
ସ୍ମୃତେ ହୁଏ ଯେହ୍ନେ ଅବର-ନିର୍ମିତ,
ଶୋଭା ସ୍ୱପ୍ନପୂର୍ଣ୍ଣ କଳ୍ପନା-କଳ୍ପିତ !
ବଛା ହୋଇ ଗ୍ରାମ୍ୟ କାଷ୍ଠଶିଳ୍ପୀମାନେ,
ଥିଲେ ନିଯୋଜିତ ମନ୍ଦିର ନିର୍ମାଣେ ।
ଦିନଯାଏ ଖୋଲ କରେ ଯେ ବାହାର,
ତୋଳାଦରୁ ବେଶି କାଷ୍ଠ ଗୁଣ୍ଡାକାର ।
ଅନଭିଜ୍ଞ ବୋଲି ହୋଇ ବିବେଚିତ,
ତକ୍ଷଣେ ହୁଏ ସେ କର୍ମୁ ବିତାଡିତ ।
'ମୋହନ' 'ଭଦ୍ରର' ମଧ୍ୟବର୍ତ୍ତୀ 'ରେଖ' ୧
ପ୍ରାଚୀନ କଳାର ରଖିଅଛି ଟେକ ।
ସୂକ୍ଷ୍ମ ଶିଳ୍ପର ସେ ଉତ୍କୃଷ୍ଟ ଆଦର୍ଶ,
ଶିଳ୍ପ ବିକାଶର ଚରମ ଉତ୍କର୍ଷ ।
ଅଭିଷେକ ମୂର୍ତ୍ତି, ଅନନ୍ତ ଶୟନ,
ନୋହେ ପୁରାତନ ସର୍ବଦା ନୂତନ ।
ମଗର-ବାହନେ ବରୁଣ ନୈଋତ,
ଐରାବତ ପୃଷ୍ଠେ ବଜ୍ରେ ପୁରୁହୂତ ।
ମହିଷ-ବାହନେ ଯମ ଅଗ୍ନି ପବନ,
ହଂସ-ପୃଷ୍ଠେ ବ୍ରହ୍ମା ଐଶାନୀକୁ ଘେନ ।
ଉପବିଷ୍ଟ ମୃଗେ ପବନ, ଧନଦ,
ମନ-ଦଣ୍ଡେ ବଜେ ଦେବର୍ଷି ନାରଦ । ୨
ଜୟବିଜୟର ସୁନ୍ଦର ଆକୃତି,
ଅତି ଚମତ୍କାର ବେନି ସିଂହମୂର୍ତ୍ତି !
ନିପୁଣ ହସ୍ତରେ ହୋଇଛି ଖୋଦିତ,
ଦେଖାଇଛି ଶିଳ୍ପୀ ଅପୂର୍ବ ପାଣ୍ଡିତ୍ୟ ।
ଶିଳ୍ପ-ଚାତୁରୀରେ ରେଖର ଦେହଳୀ,
ରୂପମାର ଦର୍ପ ଦେଇଅଛି ଦଳି ।
ଜୀବନ୍ତ ଭଙ୍ଗୀରେ ସୌନ୍ଦର୍ଯ୍ୟ ପ୍ରଭାବ,
ଯେସନ୍ତେ ତାହା ଖଣ୍ଡେ ସ୍ୱଭାବୋକ୍ତି କାବ୍ୟ !
ଅନୁରୂପ ଲତାବେଢ଼ର ନିର୍ମାଣ,
ଦେଇପାରି ନାହିଁ ଶିଳ୍ପୀ ଖାଲି ପ୍ରାଣ ।
ଆଦର୍ଶର ତାହା ପରମ ଆଦର୍ଶ,
ଶିଳ୍ପି-ପ୍ରତିଭାର ଅଦ୍ଭୁତ ଉତ୍କର୍ଷ ।
ଥିଲା ଏ ନେଟଗା ଅଳକା ସମାନ,
ପାଉଥିଲା ପୂଜା ଯେସନ୍ତେ ତୀର୍ଥସ୍ଥାନ ।
ଭାଗ୍ୟଲକ୍ଷ୍ମୀ ତାର ଉଠୁଥିଲା ହସି,
ହୋଇଅଛି ଏବେ ଶ୍ମଶାନ-ତୁଳସୀ !
ପ୍ରାଧାନ୍ୟ, ସମ୍ପଦ, ସୌଭାଗ୍ୟ, ଗୌରବ,
ମହାକାଳସ୍ରୋତେ ଭାସିଯାଏ ସର୍ବ !
ମାୟାବୀ ବଞ୍ଚକ ସିନା ଏ ସଂସାର,
ଆଲୋକ ପଛରେ ରଖିଛି ଅନ୍ଧାର ।
ସେ ଦେଉଳକୁ ପୁଣି ପର୍ଯ୍ୟାୟ କ୍ରମରେ,
ଘୂରୁଅଛି କାଳଚକ୍ରେ ନିରନ୍ତରେ ।
ଭଙ୍ଗାଗଡା ବେନି ନିୟତିର ପାଦ,
ଚାଲେ ସେ ଭଙ୍ଗୀରେ ବହିଣ ଆହ୍ଲାଦ ।
ଅଖଣ୍ଡ ସେ ଗତି ନିତ୍ୟ ଅବ୍ୟାହତ,
ଲୀଳାମୟ ଭୂମି ତାର ଅସୀମ ଅନନ୍ତ !

୧—ଦେଉଳର ବଢ଼ିଲ ଅଂଶ । ୨—ମନ-ଦଣ୍ଡ— ଚିଙ୍କି ।

http://oaob.nitrkl.ac.in

ଭାଗ୍ୟ-ଶଶୀ ଅସ୍ତ ହେବାରୁ ସହସା,
ଭଜିଛୁ ନେଟେଙ୍ଗା ଦିନ-କଇଁ ଦଶା !
ଥିଲା ଭାଗ୍ୟଦୀପ ଜ୍ୟୋତିର୍ମୟ ଅତି,
ଏବେ ତାହା ଆହା ତୈଳହୀନ ବତୀ !
ହୋ'ଇଛୁ ତା ମୁଖ ଶୋକାଶ୍ରୁ-ମଳିନ,
ମଳିନ ଯେସନ ପ୍ରଦୋଷ ନଳିନ !
କାନନା ନେଟେଙ୍ଗା ନିସର୍ଗ-ସୁନ୍ଦରୀ,
ପାହିଲଣି ତୋର ଦୁଃଖ-ବିଭାବରୀ !
ଦୁଃଖ ପରେ ସୁଖ ବାହୁଡ଼େ ଆବର,
ନିଶାଥିନୀ ଅନ୍ତେ ଯେସନ ବାସର ।
ଦୁଃଖର ଗୁରୁତ୍ୱ ହୁଏ ଯେଉଁ ଭାଗ୍ୟ,
ସୁଖର ବି ଅଛି ସେ ଭାଗ୍ୟରେ ଭାଗ ।
ଯେଉଁ ନଭେ ଘୋଟେ ଉଆଁସ ତିମିର,
ସେହି ନଭେ ଉଦେ ହୁଅନ୍ତି ମିହିର ।
ନେଲଣି ତ ତୋତେ ମିଶାଇ ଉତ୍କଳ,
ନିଶ୍ଚିତ ତୋହର ଭବିଷ୍ୟ ମଙ୍ଗଳ !

ରମ୍ୟ ବେଣୀପଲ୍ଲୀ ଦିବ୍ୟ-ରୂପେଶ୍ୱରୀ,
ଖସି ପଡ଼ିଛୁ କି ସ୍ୱର୍ଗରୁ ଅପ୍ସରୀ ?
ପ୍ରଭୁ ଗୋପୀନାଥ ପାଳିତ ଭୂଭାଗ,
ବିଜେ ସେ ସ୍ଥାନେ ସେ ବହି ଅନୁରାଗ ।
ଉପବନ-ଜେମା ସନ୍ଧ୍ୟା ନିଆଳୀ,
ନିତି ତାଙ୍କ ପାଦେ କରେ ନିଉଛାଳି !
କିଦବ-ଦୃଷ୍ଟିର ସୌରଭ ତାହାର,
ଭକ୍ତିରେ ଦେବଙ୍କୁ ଅର୍ପେ ଉପହାର ।
ଗୋପୀନାଥଙ୍କର ଅଙ୍କା ପ୍ରତିପାଳ,
ବାରମାସ ଫୁଟେ ସେଠାରେ ନିଆଳୀ ।
ଗୋପୀନାଥ ଭଞ୍ଜ ନୃପ-ପାଟେଶ୍ୱରୀ,
ବେଣୀପଲ୍ଲୀଗ୍ରାମେ ମନ୍ଦିର ନିର୍ମାଣି,

ଗୋପୀନାଥ ଦେବେ କଲେ ପ୍ରତିଷ୍ଠିତ,
ଅଦ୍ୟାପି ରହିଛି ସେ କୀର୍ତ୍ତି ଜୀବିତ ।
ଗୋପୀନାଥ ଭଞ୍ଜ ନୃପତି ଶାର୍ଦ୍ଦୁଳ,
ବହୁନ୍ତି ଶରୀର ବିଶାଳ ପୃଥୁଳ ।
ବଧନ୍ତି ଭୀଷଣ ବ୍ୟାଘ୍ରେ ବେକ ମୋଡ଼ି,
ମୁଠାରେ କଉଡ଼ି ରହେ ବାରବୋଡ଼ି । *
ନିଖିଳ-ଉତ୍କଳ ରାଜ-ଚକ୍ରବର୍ତ୍ତୀ,
ଶ୍ରୀ ପୁରୁଷୋତ୍ତମ ଦେବ ମହାମତି,
ସମ୍ପର୍କରେ ତାଙ୍କ ମହିଷୀ ସୋଦର,
ଅଖଣ୍ଡ ସଦ୍ଭାବ ଥିଲା ଦେହିଙ୍କର ।
ଦିନେ ଭଞ୍ଜ ନୃପ ବାହାରି ସଦଳେ,
ଉପସ୍ଥିତ ହେଲେ ଯାଇ ନୀଳାଚଳେ ।
ଉତ୍କଳ-ସମ୍ରାଟ ସିଂହଦ୍ୱାରେ ଗଳ—
ନ ପାରିଲା ତାଙ୍କ ଦେହ ହସ୍ତୀ ଭଳ ।
ତହୁଁ ଶିର ନଇଁ ଅଣେଇ ଆବର,
ପାରି ହେଲେ ଦ୍ୱାର ଭଞ୍ଜ ବୀରବର ।
ତା ଦେଖି ସମ୍ରାଟ ପରିହାସେ ଭଣି—
"ବଡ଼ ପାତଳ ତ ଭଞ୍ଜ ନୃପମଣି ।"
ବୋଲାଇଲେ ସେହି ଦିନୁ ନୃପକଞ୍ଜ—
ସ୍ୱନାମ ପାତଳୀ ଗୋପୀନାଥ ଭଞ୍ଜ ।
ଶ୍ରୀଗୁଣ୍ଡିଚା ଦିନ ଚକ୍ରବର୍ତ୍ତୀ ନିଜେ,
ନନ୍ଦିଘୋଷ ରଥେ ହୋଇଥାନ୍ତି ବିଜେ ।
ପ୍ରବେଶିଲେ ତହୁଁ ସେହି ଦିନ ସଞ୍ଜେ,
ଶିବିକା ଆରୋହୀ ଗୋପୀନାଥ ଭଞ୍ଜେ ।
ବଜାଇ କାହାଳୀ ପୁଣି ନାନା ବାଜା,
ଛତ୍ର ଟେକି ଯାକା ଦେଖୁଥାନ୍ତି ରାଜା ।
ଜଣାଇଲେ ଭୃତ୍ୟେ ଚକ୍ରବର୍ତ୍ତୀ କତି,
'ଆସୁଛନ୍ତି ଦର୍ପେ ଘୁମୁସର-ପତି ।'
କେଡ଼େ ସାହସୀ ସେ ନ ବହି ନମ୍ରତା,
ଉଡ଼ାଉଅଛନ୍ତି ନୀଳାଚଳେ ଛତା ।

* ତାଙ୍କ ମୁଠାରେ ଚିକପଣ କଉଡ଼ି ଧରେ ।

http://oaob.nitrkl.ac.in

ଶୁଣିଣ ସମ୍ରାଟ ଅତି କ୍ରୋଧଭରେ,
ଆଦେଶିଲେ ଦୂତ ଭାଙ୍ଗିଦିଅ ଖରେ ।
ପ୍ରଭୁ ଆଜ୍ଞା ପାଇ ଦୀର୍ଘ ରଜ୍ଜୁ ହାତେ,
ଧାଇଁଲେ ପାଇକେ ଛେକି ତେଙ୍ଗା ବାଟେ ।
ତହୁଁ ଶିବିକାରୁ ଓହ୍ଲାଇ ନୃପତି,
ମିଳିଲେ ସମ୍ରାଟ ଛାମୁରେ ତତ୍‌କ୍ଷତି ।
ଭାଷିଲେ ତାହାଙ୍କୁ ରାଜ-ଚକ୍ରବର୍ତ୍ତୀ,—
"କେତେ ଦର୍ପେ ତୁମ୍ଭେ ଉଡ଼ାଉଛ ଛତି ।"
ଶୁଣି ଏହା ହସି ରାଜା ଗୋପୀନାଥ,
ଉତ୍ତରିଲେ ଧୀରେ ଯୋଡ଼ି ବେନି ହାତ,—
"ଗଜପତି ବଂଶ ଚକ୍ରବର୍ତ୍ତୀଙ୍କର,
ସାମନ୍ତ ରାଜାଏ ଥିବା ଛତ୍ରଧର ।
ଯାହା ମୋ କର୍ତ୍ତବ୍ୟ, ପାଳୁଛି ତାହା ମୁଁ,
କେଉଁ ଦୋଷ ଏଥି ବିଚାରନ୍ତୁ ଛାମୁ !
ଅଧୀନ ରାଜାଏ ନ ଛେକିଲେ ଛତ,
ବୋଲାଇବେ କେହ୍ନେ ଛାମୁ ଚକ୍ରବର୍ତ୍ତୀ ?"
ଶୁଣି ଚକ୍ରବର୍ତ୍ତୀ ଲଭିଣ ସନ୍ତୋଷ,
ଭଗ୍ନୀପତିଙ୍କର କ୍ଷମା କଲେ ଦୋଷ ।
ଶ୍ରୀମଖରୁ ଆଜ୍ଞା ହେଲା ସେହିକ୍ଷଣି

ଶୁଣ ବୀରବର ଭଞ୍ଜ ନରମଣି—
"ଆଜିଠାରୁ ତୁମ୍ଭେ କାହାଳୀ ବଜାଇ,
ଛତ ଛେକି ଆସ କିଛି ଭୟ ନାହିଁ ।"
ଛାଡ଼ ହେଲା ତାଙ୍କୁ ସେଦିନୁ ସର୍ବଥା,
ହାତେ ଲାଠା, କାହାଳୀ ପୁଣି ରାଜଛତା ।
ଚାଲକଗଣର ସୁବ୍ୟବସ୍ଥା ଫଳେ,
ଗୋପୀନାଥ ସେବା ଚଳୁଛି ଶୃଙ୍ଖଳେ ।
ଯଥାକାଳେ ହୁଏ ଯଥା ଦେବନୀତି,
ଦେବ ତୁଲ୍ୟ ହୁଏ ପୂଜିତ ଅତିଥି ।
ପୁଷ୍ପିତ ଉଦ୍ୟାନ ମଧ୍ୟରେ ମନ୍ଦିର,
ନଭେ ଚନ୍ଦ୍ର ପ୍ରାୟ ଦିଶେ ସୁ-ରୁଚିର !
ତାରାବଳୀ ପ୍ରାୟେ ତାହା ଚଉପାଶେ,
ଫୁଟିଥାଏ ଫୁଲ ବିସ୍ତୃତ ସୁହାସେ !
ଦୃଶ୍ୟର ଗହଳ ନାହିଁ ସେ ସ୍ଥାନରେ,
ତଥାପି ସୌନ୍ଦର୍ଯ୍ୟେ ଜନମନ ହରେ ।
ସୁନ୍ଦରୀ ଶରୀର ସୌନ୍ଦର୍ଯ୍ୟ ଭଣ୍ଡାର,
କି ଲୋଡ଼ା ତହିଁକି ବହୁ ଅଲଙ୍କାର ?
ବହୁ ଦୃଶ୍ୟ ନୁହେଁ ସୌନ୍ଦର୍ଯ୍ୟର ମାପ,
ଅଳ୍ପ ଫୁଲେ ଥିବା ସୁନ୍ଦର ଗୋଲାପ !

## ଅଷ୍ଟମ ସର୍ଗ

ଧୂମଧ୍ୱଜଯାନ ଏଥୁ ଅନନ୍ତରେ,
ପ୍ରବେଶିଲା ଯାଇ ମୂଳ ଘୁମୁସରେ ।
ବିଶାଳ ଉତ୍କଳ ନବରତ୍ନ ଖଣି,
ତା ମଧ୍ୟେ ଗଞ୍ଜାମ ମହାର୍ଘ ସୁମଣି !
ସେ ମଣିର ଜ୍ୟୋତି ଏହି ଘୁମୁସର,
କୀର୍ତ୍ତିଯୁକ୍ତ ସାହିତ୍ୟ-ରତ୍ନ-ଗନ୍ତାଘର ।
ବୌଦ୍ଧ ରାଜ୍ୟ ରାଜା ବନମାଳୀ ଭଞ୍ଜ,
ଭଞ୍ଜ-ରାଜବଂଶ-ସର-ମଞ୍ଜୁ କଞ୍ଜ !

ତାଙ୍କ ଅଧୀନସ୍ଥ ଝିଞ୍ଜିଲୀ ଅଞ୍ଚଳେ, *
ବିଦ୍ରୋହାଗ୍ନି ଜଳି ଉଠିଲା ପ୍ରବଳେ ।
ନ ମାନିଲେ ପ୍ରଜା ଶାସନ ତାଙ୍କର,
ଦେଲେ ନାହିଁ ମେଳି ବାନ୍ଧି ରାଜକର ।
କୋପ ବହ୍ନି ତହୁଁ ଭଞ୍ଜ ନରପତି,
ଭାଇ ରଘୁନାଥେ ହକାରି ତତ୍‌କ୍ଷତି;
ଆଦେଶିଲେ ତୁମ୍ଭେ ବିଦ୍ରୋହ ନିବାରି,
ଝିଞ୍ଜିଲୀ ରାଜ୍ୟରେ ହୁଅ ଦଣ୍ଡଧାରୀ ।

* ତେତେବେଳେ ଘୁମୁସର ନାମ ହୋଇ ନ ଥିଲା, ରାଜ୍ୟର ନାମ ଝିଞ୍ଜିଲୀ ଥିଲା ।

http://oaob.nitrkl.ac.in

ତହୁଁ ରଘୁନାଥ ଭଞ୍ଜ ମଣ୍ଡମାନ,
ଖିଣ୍ଡିଳୀ ମୁଖରେ କଲେ ଅଭିଯାନ ।
ବଳେ ଛଳେ କରି ବିଦ୍ରୋହ ଦମନ,
ନିଜ ସିଂହାସନ କଲେ ସଂସ୍ଥାପନ ।
ବିଦ୍ରୋହୀଏ ଲଭି ଶାସ୍ତି ଉପଯୁକ୍ତ,
ହେଲେ ତାହାଙ୍କର ପୂର୍ଣ୍ଣ ବଶୀଭୂତ ।
ସୁଦୃଢ଼ ପ୍ରଶସ୍ତ ଦୁର୍ଗ ସେ କାଳରେ,
ନ ଥିଲା ମୁଣ୍ଡୁହୁଁ ଖିଣ୍ଡିଳୀ ଭିତରେ ।
ଦିନେ ଭଞ୍ଜରାଜା ସଦସ୍ୟ ଗହଣେ,
ବାଜେ ହୋଇଥିଲେ ଅରଣ୍ୟ ଭ୍ରମଣେ ।
ଦେଖିଲେ ବିସ୍ତୀର୍ଣ୍ଣ ଗୁମା ନଗବର, ୧
ତହିଁ ପାଶେ ତାର ବେଢ଼ିଅଛି ସର । ୨
ମଣି ତାକୁ ଦୁର୍ଗ ଉପଯୁକ୍ତ ସ୍ଥାନ,
କରାଇଲେ ଗଡ଼ ସେଠାରେ ନିର୍ମାଣ ।
ଗୁମା-ସର ସ୍ମୃତି ରଖି ରାଜ୍ୟଧର,
ରଖିଲେ ଦୁର୍ଗର ନାମ ଘୁମୁଷର ।
ଖିଣ୍ଡିଳୀ ଅଭିଖ୍ୟା ଭଜିଲା ବିଶ୍ରାମ,
ବହିଲା ନଗରୀ ଘୁମୁଷର ନାମ ।
ଜୀର୍ଣ୍ଣ ପରିଚ୍ଛଦେ ବିହୀନ ବିରାଗ,
ଆସ୍ଥା ପ୍ରାୟେ ତାହା କଲା ପରିତ୍ୟାଗ ।
ଇନ୍ଦ୍ରାଳୟେ ହସେ ଯେଉଁ ରାଜଧାନୀ,
ହୋଇଛି ସେ ଆହା ଏବେ ଅରଣ୍ୟାନୀ !
ନାହିଁ ଆଉ ତାର ପ୍ରଚଣ୍ଡ ପ୍ରତାପ,
ପଡ଼ିଅଛି ହାୟ ଯଥା ମୃତସାପ !
ନାହିଁ ସେ ସମ୍ପଦ ନାହିଁ ସେ ସୁଷମା,
ବହିଅଛି ଏବେ ମରୁର ଉପମା ।
ନାହିଁ ନଗରର ଉଜ୍ଜ୍ୱଳ ମୂର୍ତ୍ତି,
କ୍ଷୁଦ୍ର ଗ୍ରାମ ଏବେ ବହିଛି ତା ସ୍ମୃତି !
ତଥାପି ସେ ଗ୍ରାମ ଦେଖେ ମନୋରମ,
ପବିତ୍ର ସୁନ୍ଦର ଯେସନେ ଯୋଗାଶ୍ରମ !

ଭାଗ୍ୟ-ସୂର୍ଯ୍ୟେ କଲା କାଳରାହୁ ଗ୍ରାସ,
ମାତ୍ର ନଭି ନାହିଁ ପ୍ରଭାର ଆଭାସ ।
ସୁଲକ୍ଷଣବନ୍ତ ଶ୍ରୀଲକ୍ଷ୍ମଣ ଭଞ୍ଜ,
ଭଞ୍ଜ-ମହାବଂଶ-ମହାତରୁ-ମଞ୍ଜ ।
ଧୂନିଆ ନାମରେ କ୍ଷୌରକାର ଜଣେ,
ଖଟିଥାଏ ତାଙ୍କୁ ପରିଚାର ପଣେ ।
ଯାଇ ସେହୁ ସରେ ନୀର ଆନୟନେ,
ଅପୂର୍ବ ଘଟଣା ହେରିଲା ନୟନେ ।
ଶତଦଳ ପୁଷ୍ପେ ଖେଳୁଛି ଖଞ୍ଜନ,
ସେ ଦୃଶ୍ୟ ଭବିଷ୍ୟ ସୌଭାଗ୍ୟ ଲକ୍ଷଣ !
ଲକ୍ଷ୍ମଣ ଭଞ୍ଜେ ସେ ନିବେଦିଲା ଯାଇ—
"ଅଳ୍ପଦିନେ ସ୍ୱାମୀ ହେବେ ନରସାଇଁ ।
ଆସିଲି ଏବେ ମୁଁ ଦେଖି ସରୋବରେ,
ଖେଳୁଛି ଖଞ୍ଜନ ଫୁଟିଲା ପଦ୍ମରେ !
ଏହି ଘଟଣାକୁ କହନ୍ତି ଲୋକେ ତ,
ନୃପତି ହେବାର ମଙ୍ଗଳ ସଙ୍କେତ ।"
କୁମାର ଲକ୍ଷ୍ମଣ ଶୁଣି ଏ ବଚନ,
ହସି ହସି ତହୁଁ ଭାଷିଲେ ଏସନ, –
"ଧୂନିଆ ତୁ ଏକ ଅଦ୍ଭୁତ ପାଗଳ,
ଅର୍ଜିବୁ ତୁ ପୁଣ୍ୟ, ଭୁଞ୍ଜିବି ମୁଁ ଫଳ !"
ହାତ ଯୋଡ଼ି ତହୁଁ କହିଲା ଧୂନିଆ,—
"ମୁଁ ପରା ସ୍ୱାମୀଙ୍କ ଅନୁସରଣିଆ ।
ରାଜା ଭୁଞ୍ଜେ ଦଣ୍ଡ ପ୍ରଜା ପାପ ଲାଗି,
ପ୍ରଜା ପୁଣ୍ୟେ କାହିଁ ନ ହେବ ସେ ଭାଗୀ ?
ମଣିମାଙ୍କର ମୁଁ ପାଳିତ କଙ୍କର,
ଯା କିଛି ମୋହର ସବୁ ସ୍ୱାମୀଙ୍କର ।
ଭୃତ୍ୟପାଇଁ ନୁହେଁ ରାଜପଦ ସୃଷ୍ଟି,
ମରୁଭୂମି ଶିରେ ସମ୍ଭବେ କି ବୃଷ୍ଟି ?
ଗଜମୋତି ସିନା ଗଜଶିରେ ଫଳେ,
ଶୂକର ଘଣ୍ଟେ ତା ପରିହାସୁ ବଳେ ।

୧—ଗୁମା— ଉଚ୍ଚ ପ୍ରଶସ୍ତ ଭୂମି । ୨—ସର —ଜଳା, ପଲ୍ୱଳ ।

http://oaob.nitrkl.ac.in

ଚନ୍ଦ୍ରକ ବଢ଼ାଏ ଶୋଭା ମୟୂରର,
କାକକୁ କି ତାହା ଦିଶିବ ସୁନ୍ଦର ?
ଗୁଞ୍ଜା ଗରଗଡ଼ କନ୍ଦର ଭୂଷଣ;
ମାନବ କି ତାକୁ ମାଣିକ୍ୟ ରତନ ?"
ଶୁଣିଣ ଏ ବାଣୀ ନୃପତିନନ୍ଦନ,
ମୃଦୁହାସ୍ୟେ ମୁହେଁ ଭାଷିଲେ ବଚନ—
"ମୁଁ ଯେବେ ନୃପତି ହେବି ଏ ମହୀରେ,
ପାନପତ୍ରେ ଶାଢ଼ୀ ବାନ୍ଧିବି ତୋ ଶିରେ ।"
ସିଂହାସନେ ବସି ରାଜପୁତ୍ର କୃତୀ,
ପାସୋରି ନ ଥିଲେ ପୂର୍ବ ପ୍ରତିଶ୍ରୁତି ।
କରି ମେଦିନୀରୁ ଉପାଧି ଅର୍ପଣ,
ଧୂନିଆକୁ କଲେ ମନ୍ତ୍ରିତ୍ୱେ ବରଣ ।
ତୁରଙ୍ଗ ପାଲିଙ୍କି ପୁରସ୍କାର ପାଇ,
ପାନ ଆସନରେ ବସିଲା ସେ ଯାଇ ।
ଦୟା ସୁନ୍ଦା ବଡ଼ ବଡ଼ଲୋକଙ୍କର,
ହୃଦହୀନ ସିନା ଇତର ପାମର ।
ଅପୂର୍ବ ବିଚିତ୍ର ଭାଗ୍ୟର ରହସ୍ୟ,
ହୀନ ଶିରେ ଢାଳେ ସୁବର୍ଣ୍ଣ କଳସ ।
ଆଜି ଯେ ନଗଣ୍ୟ କାଲି ସେ ପୂଜିତ,
ଅସମ୍ଭବେ ଭାଗ୍ୟ କରେ ସମ୍ଭାବିତ ।
କିସ ନୋହେ ଭାଗ୍ୟ ହେଲେ ଅନୁକୂଳ,
କପାଳ କପାଳ କପାଳହିଁ ମୂଳ ।
ସେହି ମହାପ୍ରାଣ ନୃପ ମହାମନା,
କରାଇ ଏ ସ୍ଥାନେ ଦେଉଳ ରଚନା ।
କଲେ ପ୍ରତିଷ୍ଠିତ ବାସୁଦେବେ ତହିଁ,
ଧର୍ମଭାବେ ଦୃଢ଼ ହୃଦେ ଭକ୍ତି ବହି ।
ପ୍ରଭୁ ବାସୁଦେବ ଅତୁଳ ପ୍ରତାପୀ;
ପାପମୁକ୍ତ ହୁଏ ସେବି ତାଙ୍କୁ ପାପୀ ।
ଶଙ୍ଖଚକ୍ରଗଦାପଦ୍ମ କରେ ଧରି,
ରାଜନ୍ତି ଦେଉଳ ଗର୍ଭ ଦୀପ୍ତ କରି ।
କି ସୁନ୍ଦର ମୂର୍ତ୍ତି ଭକ୍ତି-ଆକର୍ଷଣୀ,
ଦୃଷ୍ଟିମାତ୍ରେ ନିଏ ମନପ୍ରାଣ କିଣି ।
ମୂର୍ତ୍ତି ଦେଖି ମୋର ଅନ୍ଧାରିତ ହୃଦେ,
ହେଲା ପ୍ରେମଭକ୍ତି-ଉଷାଲୋକ ଉଦେ ।
ଦଶ ଅବତାର ସ୍ତବ ପାଠ ପରେ,
ନମିଲି ଭକ୍ତିରେ ଦେବଙ୍କ ପଦ୍ମରେ ।
ନାରିକେଳ କୁଞ୍ଜେ ଉତ୍ତୁଙ୍ଗ ଦେଉଳ,
ଶୋଭେ ଭକ୍ତି କୀର୍ତ୍ତି ହେଲା ପ୍ରାୟେ ଠୁଳ !
କିମ୍ବା ନାଗରାଜା କ୍ଲେଶ ଅସମ୍ଭାଳେ,
ଶ୍ୱାସରୁଦ୍ଧ ହୋଇ ନିବାତ ପାତାଳେ;
ଭୂଗର୍ଭ ବିଦାରି ତୋଳି ଉର୍ଦ୍ଧ୍ୱେ ଶିର,
କରୁଅଛି ପାନ ଶୀତଳ ସମୀର !
ବକୁଳ ପାଦପ ଭକ୍ତଜନ ଭଳି,
ପ୍ରଭୁଙ୍କ ପଦ୍ମରେ ଢାଳେ ପୁଷ୍ପାଞ୍ଜଳି !
ମଧୁପ୍ରିୟା ମଧୁ-ମାଳତୀ ବଲ୍ଲରୀ,
ରୂପ-ମହୋତ୍ସବ ସୃଜିଛି ସୁନ୍ଦରୀ !
ବସନ୍ତ-ପୂଜାର ପାଟଖଣ୍ଡାଧାରୀ,
ପୁଷ୍ପିତ ପଳାଶ ରହିଛି ଉଭାରି ।
ଶୀତଦୈତ୍ୟ ଶିର ଛେଦିଣ ସତ୍ୱର,
ହୋଇଛି ସେ ଖଣ୍ଡା ଶୋଣିତେ ଜର୍ଜର !
ଶ୍ୟାମାଙ୍ଗୀ ତରୁଟେ ଉଭା ତାହା ପାଶେ,
ଚିର-ହାସ୍ୟମୟୀ ରତ ଚିରହାସ୍ୟେ ।
ମୃତବତ୍ସା ଶୋକେ ହୋଇ ସମାକୀର୍ଣ୍ଣ,
ଶତବର୍ଷ ଦିଶେ ବନ୍ଧ୍ୟାପରି ଶୀର୍ଣ୍ଣ ।
ଦୀନା ପ୍ରାୟେ ଚମ୍ପା ରହିଛି ବିରସେ,
ନାହିଁ ତା ଶରୀରେ ଅଳଙ୍କାର ମଣେ ।
ଜଟାଜୁଟେ ମେଲି ବସିଛି ତୁଳସୀ,
ଧ୍ୟାନମଗ୍ନା ଯେସନେ ସ୍ଥବିର ତାପସୀ !
ପ୍ରତିଷ୍ଠିତ ସେହି ସେବାଦାସୀ ପଦେ,
ଖଟିଥାଏ ସଦା ବାସୁଦେବ ପଦେ ।
ଦେଉଳ ଭିତରେ ଅଛି ସଂଯୋଜିତ,
କୃଷ୍ଣଭକ୍ତି ମୂର୍ତ୍ତି ପ୍ରସ୍ତର-ଖୋଦିତ ।
ତେଜି ଯୁଏ ରାଜ୍ୟ ଅତୁଳ ବିଭବ,
ଜଟା-ଚୀର ଧରି ହେଲେକ ବୈଷ୍ଣବ ।

http://oaob.nitrkl.ac.in

ସେହି କାଳର ଏ ମୂର୍ତ୍ତି ଅବିକଳ,
ସତ୍ୟ ରସାଣିତ ପ୍ରାୟେ ଢଳଢଳ !
ରାଜବେଶେ ବସେ ସମୀପେ ତାଙ୍କର,
ଧାର୍ମିକ ଲକ୍ଷ୍ମଣ ଭଞ୍ଜ ନରେଶ୍ୱର ।
ବେନଙ୍କ ସରବ ବେନଙ୍କ ଆଗରେ,
ହୋଇଛନ୍ତି ଉଭା ଖଣ୍ଡା ଧରି କରେ ।
କୃଷ୍ଣ ଭଞ୍ଜଙ୍କର ସଚିବ ପ୍ରଧାନ,
ବହନ୍ତି ଅନ୍ତୁର ପାଳ ଅଭିଧାନ ।
ଲକ୍ଷ୍ମଣ ଭଞ୍ଜଙ୍କ ମନ୍ତ୍ରୀ ପଦଧାରୀ,
ପୂର୍ବ ବିବର୍ଣ୍ଣିତ ଧୂନ୍ଦିଆ ଭଣ୍ଡାରୀ ।
ପାଉଛି ସେ ପୂଜା ନିତ ପ୍ରଭୁ ସହ,
ବଡ଼ଲୋକର ବି ବଡ଼ ଅନୁଗ୍ରହ ।
ବସେ ପିତାପୁତ୍ର ବେନି ମହାଭାଗ,
ଏକତ୍ରିତ ଯେସନେ ତ୍ୟାଗ ଅନୁରାଗ ।
ମୂର୍ତ୍ତିର ଗଠନ ନିର୍ଦ୍ଦୋଷ ଅକ୍ଷୁଣ୍ଣ,
ଦେଖାଉଛି ଶିଳ୍ପୀ ଚୂଡ଼ାନ୍ତ ନୈପୁଣ୍ୟ !
ମୂର୍ତ୍ତିରେ ସ୍ୱଭାବ-ସୁଷମା ମଣ୍ଡାଇ,
ମାୟାପ୍ରାଣ ଯେସନେ ଦେଇଛି ପୂରାଇ !
କେତେ ଚମତ୍କାର ବଦନର ଠାଣି,
ବାହାରି ଆସୁଛି ସତେ ଯେସନେ ବାଣୀ !
ହେଲେହେଁ ସେ ମୂର୍ତ୍ତି ନିର୍ବାକ ସର୍ବଥା,
ମାତ୍ର ତାହା ନେତ୍ର କହେ ବହୁ କଥା !
ମନୋଗତ ଭାବ-ଚେଷ୍ଟା-ଚିନ୍ତାରାଶି,
ମୁଖନୟନରୁ ଉଠୁଛି ଆଭାସି ।
ନବଛତ୍ର ମୂର୍ତ୍ତି ଦେହୁଳୀରେ ସ୍ଥିତ,
ଉଦାର ଗମ୍ଭୀର ଚିନ୍ତା-ବିଜଡ଼ିତ ।
ସତେ କି କେବଣ ଜଟିଳ ସମସ୍ୟା,
କରୁଛନ୍ତି ବସି ନୀରବେ ମୀମାଂସା !
କାହା ମୁଖେ ହାସ ଉଠୁଛି ସଞ୍ଚରି,
ଦୃଷ୍ଟିରୁ କରୁଣା ପଡ଼ୁଅଛି ଝରି ।

ବହୁଅଛି କେହି ଶାନ୍ତ ସୌମ୍ୟଠାଣି,
ନିଷ୍ଠୁର କର୍କଶ କାହାର ଚାହାଣି ।
ପ୍ରତିଭା-ଜ୍ୟୋତିରେ କା ମୁଖ ଉଜ୍ଜ୍ୱଳ,
କାହା ନେତ୍ରେ ଜଳେ ଉଗ୍ର କ୍ରୋଧାନଳ ।
ପ୍ରାଚୀର ମଧ୍ୟରେ ବସେ ଦେବ ହର,
ଛବିଲ ଦେଉଳେ ଶ୍ରୀ କପିଳେଶ୍ୱର ।
ପ୍ରତାପୀ ଦେବତ ମହିମାର ଖଣି,
ତୋଳିଛି ମସ୍ତକେ ଫଣା ମହାଫଣୀ ।
କୃଷ୍ଣ ଭଞ୍ଜଙ୍କର ସୁନ୍ଦର ସମାଧି,
ଶୋଭେ ଯେସନେ ଶୁଭ୍ର ହୀର-ରାଜଗାଦି ।
ସମୀପେ ମନ୍ଦିର ଅଛି ଖର୍ବକାୟ,
ଟେକିଛି ମସ୍ତକ ବେଙ୍ଗଛତା ପ୍ରାୟ ! ୧
ରହିଛି ତା ମଧ୍ୟେ ଉପଲେ ଉତ୍କୀର୍ଣ୍ଣ, ୨
ବୈଷ୍ଣବରାଜାଙ୍କ ପୁଣ୍ୟପାଦ ଚିହ୍ନ । ୩
ବଂଶ ଅଧିଦେବୀ ବ୍ୟାଘ୍ରଦେବୀ ତହିଁ,
ହୋଇଛନ୍ତି ବସେ ଅଷ୍ଟଭୁଜ ବହି ।
କୁଲଡ଼ରେ ଦେବୀ ଶାର୍ଦ୍ଦୂଳ ବାହିନୀ,
ମାତ୍ର ଘୁମୁସରେ ମହିଷ-ମର୍ଦ୍ଦିନୀ ।
ରାଜ-ନଗରର ଚିହ୍ନ ସୁଦ୍ଧା ନାହିଁ,
କାଳଗର୍ଭେ ତାହା ଯାଇଛି ମିଳାଇ ।
ଜୀର୍ଣ୍ଣ ଛିନ୍ନ ଗଳି ରହି ବିଦ୍ୟମାନ,
ଦେଉଛି ଦୁର୍ଗର ଅସ୍ତିତ୍ୱ ପ୍ରମାଣ ।
ଲହରୀ ଖଣ୍ଡିରୁ ଆସି ଏକ ଧାର,
ପୂର୍ଣ୍ଣ କରୁଥିଲା ଏହି ଜଳାଧାର ।
ସେ କୃତ୍ରିମ ଧାର ଛିନ୍ନରଜ୍ଜୁ ପ୍ରାୟେ,
ସ୍ଥାନେ ସ୍ଥାନେ ମାତ୍ର ଏବେ ଦେଖାଯାଏ ।
ପରିଖା ସମୀପେ ସ୍ଥିତ ଜୀର୍ଣ୍ଣତର,
ରାଜମହିଷୀଙ୍କ କେଳି-ସ୍ନାନ-ସର ।
ତାଙ୍କ ପ୍ରସାଧନ ଗନ୍ଧେ ଜଳ ତାର,
ବାସୁଥିଲା ସଦା ଯେସନେ ପୁଷ୍ପସାର !

୧— ବେଙ୍ଗଛତା—ଛତ୍ର । ୨—ଉତ୍କୀର୍ଣ୍ଣ—ଖୋଦିତ । ୩—ବୈଷ୍ଣବରାଜା—କୃଷ୍ଣ ଭଞ୍ଜ ।

http://oaob.nitrkl.ac.in

ସର୍-ସ୍ୱଚ୍ଛତୋୟା ବସି ପିକ୍‌ବୋଳେ, ୧
ହସୁଥିଲା ଫୁଲ ସମୀର ହିଲ୍ଲୋଳେ ।
ଜଳ-ଦରପଣେ ହେରି ନିଜ ମୁଖ,
ମୁଗ୍ଧ ହୋଇ ଧନୀ ଭୁଞ୍ଜୁଥିଲା ସୁଖ ।
ଶୁଦ୍ଧାନ୍ତ ସୁନ୍ଦରୀ ସ୍ନାନ ସମୟରେ, ୨
ବଢ଼ୁଥିଲା ଫୁଲସଂଖ୍ୟା ସରୋବରେ ।
ସର-କମଳ କେ, କେ ମୁଖ-କମଳ,
ବାରି ହୁଏ ନାହିଁ ଉଭେ ଅବିକଳ ।
ପ୍ରସ୍ତର ପାବଚ୍ଛ ସୁନ୍ଦର ଗଠନ;
ଶୋଭେ ସରସୀର ତ୍ରିବଳୀ ଯେସନ ।
ଭାରତୀର ଅନ୍ତ୍ୟେଷ୍ଟିକ୍ରିୟା ସମାପତ,
ହୋଇଛି ତାହାର ବହୁଦିନୁ ସତ ।
କିନ୍ତୁ ରହିଛି ଯେ ଚିତା-ଭସ୍ମଟିକ,
ହୀରାନୀଳ ଠାରୁ ତା ମୂଲ୍ୟ ଅଧିକ !
କାଳିଆମ୍ବା ଗିରି ଦୂରେ ତୋଳି ମଥା,
ବିସ୍ତାରିଛି ଡେଣା ମହାପକ୍ଷୀ ଯଥା ।
ନରପ୍ରାଣ ଘେନି ତହିଁ ବେଳେ ବେଳେ,
ମାତନ୍ତି ଶ୍ୱାପଦେ କ୍ଷୁଦ୍ର ଧ୍ୱଂସ ଖେଳେ ।
ଶୁଣି ତାହାଙ୍କର ଭୀମ ବଜ୍ରନାଦ,
ମହାଭୟେ ଧାନ୍ତି ଗଣନ୍ତି ପ୍ରମାଦ ।
ଉପକଣ୍ଠେ "ଡେଙ୍ଗା ପଦର" ନଗରୀ,
ସୂର୍ଯ୍ୟମଣି ଚ୍ୟାଉ ସ୍ମୃତି ଅଛି ଧରି ! ୩
ଲେଖିଯାଇଛନ୍ତି ସେ କଳାକୁଶଳୀ,
ବିବିଧ ଛନ୍ଦରେ ଭଞ୍ଜ-ବଂଶାବଳୀ ।
ବଂଶ-ଇତିହାସ-ନିବିଡ଼-ଅନ୍ଧାରେ,
ପ୍ରଦୀପ ଭଳି ସେ ଆଲୋକ ସଞ୍ଚାରେ ।
ବିରଚି ଅଧ୍ୟାତ୍ମ ରାମାୟଣ ଗ୍ରନ୍ଥ,
ଧର୍ମ-ପିପାସୁଙ୍କୁ ପ୍ରଦାନିଲେ ସନ୍ତ ।
ରାମାୟଣ ରଚି ନାନାବିଧ ଛନ୍ଦେ,
ଅର୍ଚ୍ଚିଛନ୍ତି ଦେବ ପରମ ଆନନ୍ଦେ ।
କରଣ କୁଳେ ସେ ଦୀପ୍ତ କୋହିନୂର,
ମହକୁଛି ତାଙ୍କ ସୁକୀର୍ତ୍ତି-କର୍ପୂର !

କାଳିଆମ୍ବା ଚୂଳେ ଅସ୍ତ ହେଲେ ରବି,
କି ସୁନ୍ଦର ଲାଲ ଟୁହୁ ଟୁହୁ ଛବି !
ଦିବସ-ଜୀବନ ଶେଷ ଦୀପଶିଖା,
ଜ୍ୟୋତିହୀନ ହୋଇ ଦିଶେ କିବା ଫିକା !
ଅଥବା ବାରୁଣୀ-ତରୁଣୀ ପୃଥୁଳା,
ଢାଳୁଛି ପ୍ରସବ ରକତ ପେଣ୍ଡୁଳା !
କିମ୍ବା ସରଲକ୍ଷ୍ମୀ ସରୋଜିନୀ ସତୀ,
ପତି ବିରହରେ ହୋଇ ଶୋକମତୀ,
ସଜାଉଛି ଚିତାକୁଣ୍ଡ ଗିରିଶିରେ,
ବିସର୍ଜିବ ପ୍ରାଣ ଝାସିଣ ତହିଁରେ ।
କହୁଛି ଏ ଗିରି ସତତ ଆବୃତ୍ତି,
ନୀରବ ବାଣୀରେ ବହୁ ପୂର୍ବ ସ୍ମୃତି ।
ଯବନକାଳେ ଗୁପ୍ତ-ମନ୍ତ୍ରଣା ସମିତି,
ବସୁଥିଲା ଏଥି ଶୈଳେ ଯଥାରୀତି ।
ବୈରୀ ଦାଉ ବ୍ୟର୍ଥ କରିବା ସକାଶେ,
ଲୁଚୁଥିଲେ ସେନା ଏଥି ବ୍ୟାଘ୍ର-ବାସେ ।
ଏହି ଗିରିଶିରୁ ଗଡ଼ାଇ ପାଷାଣ,
ଅନାୟାସେ ନାଶୁଥିଲେ ଶତ୍ରୁ ପ୍ରାଣ ।
ଦକ୍ଷା ଅଶ୍ୱନେତ୍ରୀ ପ୍ରବୃତ୍ତି ରସିକା,
ଖସାଇ ଦେଲଣି କୃଷ୍ଣ ଯବନିକା ।
ହେଉଛି ଅନ୍ଧାର କ୍ରମେ ଅଗ୍ରସର,
ଘେନୁଛି ବିଦାୟ ଏବେ ଘୁମୁସର !
ଆସିଥିଲି ବହି ଉଛାଳ ଆହ୍ଲାଦ,
ଯାଉଛି ମୁଁ ଘେନି ବିଚ୍ଛେଦ-ବିଷାଦ !
ବହୁଛୁ ତୁ କେଡ଼େ ବିଶାଳ ଶରୀର,
ଶୋଇଛୁ କି ଦୃପ୍ତ କୁମ୍ଭକର୍ଣ୍ଣ ବୀର ?

୧—ସର ସ୍ୱଚ୍ଛତୋୟା—ପଦ୍ମ । ୨—ଶୁଦ୍ଧାନ୍ତ ସୁନ୍ଦରୀ—ଅନ୍ତଃପୁରସ୍ଥା ମହିଳା । ୩—ସୂର୍ଯ୍ୟମଣି ଚ୍ୟାଉପଟ୍ଟନାୟକ ଡେଙ୍ଗା ପଦରରେ ଜନ୍ମଗ୍ରହଣ କରିଥିଲେ ।

http://oaob.nitrkl.ac.in

କାନନ-କୁନ୍ତଳା ଗିରି-ଗଭାମୟୀ,
ଧରିଅଛୁ ବିଶ୍ୱ ମନକର୍ଷଣା ଛବି ।
ଦେବଭୂମି ତୁହି ଦେଉଳମାଳିନୀ,
ଉତ୍କଳ-ମାନସ-ସ୍ୱର୍ଣ୍ଣ-ସରୋଜିନୀ ।
ତୋର କୀର୍ତ୍ତି, ଶୌର୍ଯ୍ୟ, ଐଶ୍ୱର୍ଯ୍ୟ, ପ୍ରଭାବ,
ମହତ୍ତ୍ୱ, ପ୍ରତିଷ୍ଠା, ପୁଣ୍ୟ ଧର୍ମଭାବ;
ତୋ ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଆବର,
ତୋ ଆଦର୍ଶ ଏବେ ତୋତେ ପଟାନ୍ତର !
ତୋ ଉନ୍ନତ କଳା ସ୍ୱଚ୍ଛ ନିଷ୍କଳଙ୍କ,
ଉତ୍କଳ ଅଭିଧା କରୁଛି ସାର୍ଥକ । *
ତୋ ଶିଳ୍ପିକୁଳର ଧନ୍ୟ ସୂକ୍ଷ୍ମଦୃଷ୍ଟି,
ଧନ୍ୟ ତାଙ୍କ ଭାବ ସୌନ୍ଦର୍ଯ୍ୟର ସୃଷ୍ଟି !
ନିରେଖି ତାଙ୍କର ଦକ୍ଷତା ଅଦ୍ଭୁତ,
ହେଉଅଛି ବିଶ୍ୱ ମୁଗ୍ଧ ସ୍ତମ୍ଭୀଭୂତ ।
ସତ୍ୟ ସହିତରେ କଳ୍ପନା ମିଶାଇ,
ଅଭିନବ କଳା ଅଛନ୍ତି ଥୁଆଇ ।
ଅନନ୍ତକାଳରେ ସେ ନୁହେଁ କଳୁଷିତ,
ଶିଳ୍ପୀର ସେ ଧନ ନିଜ ଉପାର୍ଜିତ ।
ବିବିଧ ବିଦ୍ୟାରେ ତୋ ପୁତ୍ରେ ନିପୁଣ,
ବିଭୁ କୃପାରେ ତୁ ସର୍ବଗୁଣେ ପୂର୍ଣ୍ଣ ।
ଛୁଇଁ ନାହିଁ ତୋତେ ଭୀରୁତା କଳଙ୍କ,
ହୋଇ ନାହିଁ ବୀରଶୂନ୍ୟ ତୋର ଅଙ୍କ ।
ବୀରତ୍ୱ ଗୁମାନ ଅଦ୍ୟାପି ତୋହର,
ରହିଛି ଅକ୍ଷତ ଅଜର ଅମର ।
କିଏ ବା ନ ଜାଣେ ତୋ ଘନ ନାୟକେ,
ଦୃପ୍ତ ମହାବଳ ଡରେ ଯା ଶାୟକେ ।
ହେଉ ସେ ପଛକେ ନୀଚ ଜାତି ପାଣ,
ମାରି ବଜ୍ର ପରି ଅବ୍ୟର୍ଥ ତା ବାଣ ।
ଶ୍ୱାପଦକୁଳର ଯମ ସେ ବାଣୁଆ,
ଭୀଷଣ ଶାର୍ଦ୍ଦୂଳେ ମଣେ ଯଥା ଭୁଆ ।

ବାଘୁଣୀ ନୟନ ସେ ଘନ ନାୟକ,
ଝରାଏ ଉତ୍ତପ୍ତ ବୈଧବ୍ୟ ଲୋତକ ।
ତାହା ଯୋଗୁଁ ତୋର ମଶାମାରୀ ଗ୍ରାମ,
ହୋଇଅଛି ଏବେ ବୀର ତୀର୍ଥଧାମ ।
ଭକ୍ଷିଲା ଶାର୍ଦ୍ଦୂଳ ଦିନେ ତା ପିଅରେ,
ଶୁଣି ବୀରମଣି କମ୍ପିଲା କ୍ରୋଧରେ !
ଜାଗିଲାକ ବୀର ହୃଦ ଅନ୍ତସ୍ତଳେ,
ପ୍ରତିଶୋଧ ସ୍ପୃହା ଅତୀବ ପ୍ରବଳେ ।
କଲା ସେ କଠୋର ପ୍ରତିଜ୍ଞା ତକ୍ଷଣେ,
ଅଷ୍ଟାଧିକ ଶତ ଶାର୍ଦ୍ଦୂଳ ନିଧନେ ।
ବୀରର ପ୍ରତିଜ୍ଞା ଅଭଙ୍ଗ ଅଟଳ,
ହୁଏ ନାହିଁ ତାହା କଦାପି ବିଫଳ ।
ନଦୀ ପ୍ରାୟ ତାହା ଧାଏଁ ଏକମୁଖେ,
ଗଣେ ନାହିଁ ଲକ୍ଷ୍ୟପଥେ ବିଘ୍ନ ଦୁଃଖେ ।
ଟଳିପାରେ ତୁଙ୍ଗ ହିମାଦ୍ରି ଅଚଳ,
ଟଳିପାରେ ପୃଥ୍ୱୀ ସ୍ୱର୍ଗ ରସାତଳ;
ଟଳି ଯାଇପାରେ ଯୋଗୀ ଯୋଗ ଧ୍ୟାନ,
ବୀରର ପ୍ରତିଜ୍ଞା ହୁଏ ନାହିଁ ଆନ ।
ବରନଏ ବୀର ମୃତ୍ୟୁକୁ ପୁଲକେ,
ନାହିଁ ପଛଘୁଞ୍ଚା ବୀରର ଜାତକେ ।
କାର୍ଯ୍ୟ ସାଧନ ବା ଶରୀର ପତନ,
ବୀର ପୁରୁଷର ପ୍ରିୟ ଏହି ପଣ ।
ଘନ ବୀର ସେହି ଦିନୁ ଅଦ୍ୟାବଧି,
ଅଠାବନ ବ୍ୟାଘ୍ର ସାରିଲାଣି ବଧି ।
ପାଳୁଛି ପ୍ରତିଜ୍ଞା ବୀର ଆପଣାର,
ଖୋଜେ ନାହିଁ ଖ୍ୟାତି କିମ୍ବା ପୁରସ୍କାର ।
ଗିରିବନେ ଖୋଜି ବଧୁଛି ସେ ବାଘ,
ଆଚରୁଛି ପିତୃଶତ୍ରୁ-ମେଧ ଯାଗ ।
ଯେଉଁ ଦିନ ଯଜ୍ଞେ ଦେବ ପୂର୍ଣ୍ଣାହୁତି,
ଭୁଲିବ ସେ ଦିନ ପିତୃଶୋକ ସ୍ମୃତି ।

*— ଉତ୍କୃଷ୍ଟ କଳା ଯାହାର ସେ ଉତ୍କଳ ।



http://oaob.nitrkl.ac.in

ପ୍ରତିଜ୍ଞାରେ ଭୀଷ୍ମ, ତେଜବୀର୍ଯ୍ୟେ ଭୀମ,
ଅତି ସାହସରେ କଳିଙ୍ଗ ପ୍ରତିମ ।
ଏହିଭଳି ବୀରେ କ୍ରୀଡ଼ନ୍ତି ତୋ କୋଳେ,
ମତ୍ତ ହୋଇ ଉଚ୍ଚ ଶୌର୍ଯ୍ୟ-ନିଶା ଭୋଳେ ।
ବୀରପୁତ୍ର ତୋର ବନ୍ୟ କନ୍ଦରସ୍ଥ,
ସତ୍ୟ ଧର୍ମନିଷ୍ଠ ସମରେ ଦୁର୍ଜ୍ଜୟ ।
ସ୍ଥୂଳକାଣ୍ଡ ତରୁ ଶାଳ, ପିଆଶାଳ,
କାଣ୍ଡ ବାନ୍ଧି କରି ପାରନ୍ତି ଦ୍ୱିଫାଳ ।
ତନ୍ତ୍ରବିଦ୍ୟାବଳେ ତୋହୋ ପୁତ୍ରଗଣ,
ପାରୁଥିଲେ କରି ଅସାଧ୍ୟ ସାଧନ ।
ରହିଛି ସେ ବିଦ୍ୟା ଏବେ ଅପ୍ରକାଶ୍ୟ,
ସାଧକ ଅଭାବେ ହୋଇ ଉପହାସ୍ୟ ।
କି କୁଟିଳ ଖଳ କାଳର ସ୍ୱଭାବ,
କରିଦିଏ ଧ୍ୱଂସ ସବୁରି ପ୍ରଭାବ ।
ହିଂସ୍ର ଜନ୍ତୁ ବଶ ଯେଉଁ ବିଦ୍ୟାବଳେ,
ଗଲାଣି ସେ ବିଦ୍ୟା ଏବେ ରସାତଳେ ।
ତୋ ବନ୍ୟ-ସମ୍ପଦ ଅସୀମ ଅପାର,
ଊଣା ତାକୁ କୋଟି କୁବେର ଭଣ୍ଡାର ।
ସବୁ ଜାତି ଗଛ ସକଳ ଔଷଧି,
ଗନ୍ତାଘରେ ତୋର ଅକ୍ଷୟ ସମ୍ପଦ ।
ଗଜରାଜ ସହ ଗଜରାଜ-ପ୍ରିୟା,
ତୋ ବନରେ ଆସି ହୁଅନ୍ତି କୁଣିଆ ।*
ସେବୁ ତାଙ୍କୁ ବାସ ଖାଦ୍ୟପେୟ ଦାନେ,
ମହତ ମର୍ଯ୍ୟାଦା ମହତହିଁ ଜାଣେ ।
ତୋର ବାଙ୍କି ତୋଠା ସୁଗମ୍ୟ ସରଣୀ,
ଦେଉଳ ପୋଖରୀ ହେବ ନାହିଁ ଗଣି !
ସତତ ତୋ ଭୂମି ସୁଜଳା ସୁଫଳା,
କୃଷି-ସମ୍ଭାରେ ତୁ ପ୍ରତ୍ୟକ୍ଷେ କମଳା !
କୃଷକ ତୋହର ପରାଶର ଋଷି,
ଯେବେ ଦେଖ ତେବେ କ୍ଷେତ୍ରେ ଥାଏ କୃଷି ।

ପ୍ରକୃତି-କମଳା କରୁଣା ପ୍ରକାଶି,
ବୁଣନ୍ତି ତୋ ବକ୍ଷେ ସଦା ରତ୍ନରାଶି ।
କୃଷିଶିଳ୍ପଜାତ ପଦାର୍ଥ ସକଳ,
ବାଣିଜ୍ୟକୁ ତୋର କରିଛି ସବଳ ।
ତୋ ହାଟ ବଜାର ମେଳା ଯାତ୍ରାଚୟ,
ବାଣିଜ୍ୟ ବୃଦ୍ଧିର ଦିଏ ପରିଚୟ ।
ତୋର ଉଦ୍ଭାବିତ ଶିଳ୍ପଦ୍ରବ୍ୟମାନ,
ଦେଶ ବିଦେଶରେ ଲଭୁଛି ସମ୍ମାନ ।
ପୂର୍ବର ପ୍ରତିଷ୍ଠା ପୂର୍ବର ମହତ୍ତ୍ୱ,
ବୈଜ୍ଞାନିକ ଯୁଗେ ରଖିଛୁ ଅକ୍ଷତ ।
ବିଜ୍ଞାନର ଶକ୍ତି ଏକାଳେ ପ୍ରବଳ,
କରିପାରି ନାହିଁ ତୋ ଶିଳ୍ପେ କବଳ ।
ଚିଲିକା ତୋର ଉନ୍ନତ ଅଦ୍ଭୁତ,
ହେଉଥିବ ଯୁଗେ ଯୁଗେ ପୁରସ୍କୃତ ।
ନଦୀ ଉପନଦୀ ପୁଣି ଶାଖାନଦୀ,
ହୋଇଛି ତୋ ଦେହେ ଶିରପ୍ରାୟେ ଛନ୍ଦି ।
ଗିରି ବନ୍ୟ ସାର ବହିଆଣି ଖରେ,
ଢାଳି ଦେଉଛନ୍ତି ସର୍ବେ ତୋ ବକ୍ଷରେ ।
ସ୍ୱଭାବ-ଉର୍ବର ମୃତ୍ତିକା ତୋହର,
ହେଉଛି ସେ ସାରେ ବିଶେଷ ଉର୍ବର ।
ବହୁ ଅନୁଭବୀ ବୟସେ ପ୍ରାଚୀନ,
ଖଣିଜ ବିଭବେ ନୋହୁ ତୁହି ଦୀନ ।
ବହୁମୂଲ୍ୟ ଦ୍ରବ୍ୟ ପୂର୍ଣ୍ଣ ତୋ ଉଦର,
ରତ୍ନଗର୍ଭା ଖ୍ୟାତି ସାର୍ଥକ ତୋହର ।
ମେଲିଛୁ ସତତ ସୌନ୍ଦର୍ଯ୍ୟ-ପସର,
ସ୍ୱପ୍ନ-ଶୋଭା-ସ୍ୱର୍ଗେ ତୁ ରମ୍ଭା ଅପ୍ସର ।
ନିତ୍ୟ ନବଶୋଭା ବିଶ୍ୱେ ଭେଟି ଦେଉ,
ଖେଳାଉ ତୁ ଶୋଭା-ସରେ ଶୋଭା-ଢେଉ ।
କରି ନାହିଁ ତୋତେ ଶୋଭା ଚାରୁତର,
ତୁ ଏକା ତାହାକୁ କରିଛୁ ସୁନ୍ଦର !

*—ସମୟ ସମୟରେ ଓଡ଼ିଶା ଗଡ଼ଜାତର ହାତୀପଲ ସ୍ମୃଷର ବଣରୁ ଆସନ୍ତି ।

http://oaob.nitrkl.ac.in

ଶୋଭାରାଣୀ ତୋତେ ହାରି ଶୋଭାପଣେ,
ପଶିଛି ଶରଣ ଭୟେ ତୋ ଚରଣେ ।
ଶୋଭା-ବନ୍ଧୁର ତୁ ମାଣିକ୍ୟ-ମଞ୍ଜୁଷା,
ମହାର୍ଘ ଦୁର୍ଲ୍ଲଭ ଭୂଷଣର ଭୂଷା ।
ବଂଶ-ଦୁର୍ଗ ତୋର ନୀରନ୍ଧ୍ର ଦୁର୍ଗମ,
ଭେଦିବାକୁ ତାହା ଅଶନି ଅକ୍ଷମ !
ଉଗ୍ର ଶକ୍ତି ଦୃପ୍ତ ବୈରୀ ଉଚ୍ଚ ମଥା,
ସେ ଦୁର୍ଗ ଦର୍ଶନେ ଲଭିବ ନମ୍ରତା ।
ଗିରିମାଳ ତୋର ଉଗ୍ର ଦୈତ୍ୟ ସୈନ୍ୟ,
ସୌଭାଗ୍ୟେ ତୋହର ନାହିଁ ଧାନେ ଦୈନ୍ୟ !
ଧନ୍ୟ ଘୁମୁସର ଧନ୍ୟ ତୋ ମହିମା,
ଯାଇଛୁ ତୁ ଲଙ୍ଘି ପ୍ରଶସ୍ତିର ସୀମା ।
ତୋ ଦର୍ଶନେ ମୋର ଦେହେ ପ୍ରାଣେ ମନେ
ମଳୟ ହିଲ୍ଲୋଳ ଖେଳନ୍ତି ସଘନେ ।
ଜୀର୍ଣ୍ଣ ଶୀର୍ଣ୍ଣ ପ୍ରାଣ ଉଠିଲା ମଞ୍ଜରି,
ବସନ୍ତେ ତୋ ବନେ ଧ୍ରୁବ ତରୁ ପରି ।
ଉଠିଲା କ ଫୁଟି ଶୁଷ୍କ ହାଡ଼େ ଫୁଲ,
ପଶିଗଲା ଦେହେ ଶକ୍ତିର ଶାର୍ଦ୍ଦୂଳ ।
ସାହିତ୍ୟେ ତୋହର ଅଦ୍ଭୁତ ନୈପୁଣ୍ୟ,
ଅଦ୍ୟାପି ତୋ ଅଙ୍କ ନୋହେ କବିଶୂନ୍ୟ ।
ସାରସ୍ୱତ ବୀଣା ଅମୃତ ଝଙ୍କାର,
ସାହିତ୍ୟ ମହିମା କରୁଛି ପ୍ରଚାର ।
କବି ଆଶୁକବି କବି ଅବଧାନୀ,
ଅବଧି ତୋହର ରଖିଛନ୍ତି ଆଣି । *
ସାହିତ୍ୟ ତୋହର ଉଜ୍ଜ୍ୱଳ ଦର୍ପଣ,
ପ୍ରତିଫଳେ ତହିଁ ତୋର ବଡ଼ପଣ ।
କାବ୍ୟକଳାପୂର୍ଣ୍ଣ ପ୍ରାଚୀନ ସାହିତ୍ୟ,
ଗାଉଛି ତୋହର ଗୌରବ-ସଙ୍ଗୀତ ।
ଖେଳାଏ ସେ ହୃଦେ ଆନନ୍ଦ-ଲହରୀ,
ବାସନ୍ତୀ-ଚନ୍ଦ୍ରିକା ସ୍ନିଗ୍ଧଜ୍ୟୋତ୍ସ୍ନା ପରି ।

କବିକୁଳ ତୋର ଅଜର ଅମର,
କାବ୍ୟାବଳୀ ଛଟା-ଅମୃତ ନିଝର !
ଅତୁଳ ଚାତୁରୀ ଦକ୍ଷତା ଅତୁଳ,
ରସ-ଅଳଙ୍କାର ସବୁ ତହିଁ ଠୁଳ !
କଳାଶିଳ୍ପୀ ପରି ଭାଷାଶିଳ୍ପୀ ତୋର,
ହର-ହୃଦହରା ବର୍ଣ୍ଣ-ଚିତ୍ର-ଚୋର ।
ସ୍ୱଭପୂତେ ତୋର କବି ଯୋଗୀ ବେଶ,
ପାଳୁଥିଲେ ପ୍ରଜା ନ୍ୟାୟ-ନିକ୍ତି ଘେନ ।
ସିଂହାସନ ତୋର ଯୋଗି-ସିଂହାସନ,
ଭୋଗୀ ରାଜ୍ୟ ଲୁବ୍ଧ ନୋହୁ କଦାଚନ ।
ତୋର ସାରସ୍ୱତ-ବର୍ଣ୍ଣୀ ମୂର୍ଚ୍ଛନା,
ଗନ୍ଧର୍ବ ବାଦିନେ ପ୍ରଦାନେ ଦୁର୍ଜ୍ଜନା ।
କବିପୁତ୍ର ତୋର ଉପେନ୍ଦ୍ର ଭଞ୍ଜ,
କାବ୍ୟଦୁର୍ଗେ ଉଡ଼େ ଉଚ୍ଚେ ଯାର ଧ୍ୱଜ !
ରାଜପୁତ୍ର, କାନ୍ତି ବ୍ୟବହାରେ ଯତି,
ଉତ୍କଳ-ସାହିତ୍ୟ-ସ୍ୱର୍ଗ-ଚକ୍ରବର୍ତ୍ତୀ ।
କରି ଯାଇଛନ୍ତି ସେହି ମହାପ୍ରାଣ,
ସାହିତ୍ୟର ତାଜମହଲ ନିର୍ମାଣ ।
ହେରି ତାହା ହେବେ କୋବିଦେ ନିର୍ବାକ
ଭାଷା-ଶିଳ୍ପ ତୋର ଭାଷାର କୋଣାର୍କ ।
କାବ୍ୟ-ସରୋବରେ ଫୁଟାଇ କମଳ,
କରିଛନ୍ତି କବି ତୋ ମୁଖ ଉଜ୍ଜ୍ୱଳ ।
କାଳେ କାଳେ ତୁହି ସୁକବି-ଜନନୀ,
ମହାର୍ଘ ଦୁର୍ଲ୍ଲଭ ମଣିଗର୍ଭ-ଖଣି !
ବହିଯିବ କେତେ ଦିନ ପରେ ଦିନ,
କବିଯଶ ତୋର ନ ହେବ ମଳିନ ।
ଗୌରବ-ଗର୍ବିତ ଅତୀତ ତୋହର,
ବଞ୍ଚାଇ ରଖିବ ତୋତେ ନିରନ୍ତର !
ଉପେନ୍ଦ୍ର ପ୍ରଭାବେ ଜଗତେ ତୁ ଧନ୍ୟା,
ପୁତ୍ରଯୋଗେ ପିତା ମାତା ହୁଏ ଗଣ୍ୟା !



http://oaob.nitrkl.ac.in

ଫୁଟାଏ ଯେ ମାତୃ-ମୁଖେ ହାସ୍ୟରେଖା,
ସେହି ସିନା ଏକା ପୁତ୍ର ମଧ୍ୟେ ଲେଖା !
ପୁତ୍ର ତୋର ସିଦ୍ଧ ସାରସ୍ୱତ ଯତ,
ଯୋଗମାତା ତୁହି ମହା ଭାଗ୍ୟବତୀ ।
ପୁଣ୍ୟ ବକ୍ଷେ ତୋର ତୋହର କୁମାର,
ମଣ୍ଡିଛି ଯେ କୀର୍ତ୍ତି-କୋହିନୂର୍ ହାର;
ପୁରାତନ ନୁହେଁ, ନିତ୍ୟ ସେ ନବୀନ,
କାଳେ କାଳେ ତାର୍ ଜ୍ୟୋତି ଅମଳିନ !
ବୈଦେହୀଶ କାବ୍ୟ ରସର ଲହରୀ,
କୋଟି ଧନ୍ୟ 'କୋଟି ବ୍ରହ୍ମାଣ୍ଡ-ସୁନ୍ଦରୀ !
ଲାବଣ୍ୟ ମଞ୍ଜୁଷା ସେ 'ଲାବଣ୍ୟବତୀ',
'କଳା କଉତୁକ' କଳାବନ୍ତ ଅତି !
ରସସିନ୍ଧୁ 'ରସତରଙ୍ଗ' ଅବନା,
ପାଉଥିବା ଯାଏଁ ଉତ୍କଳେ ଅର୍ଚ୍ଚନା,
ହୋଇଥିବୁ ତୁହି ସାରସ୍ୱତ ଧାମ,
ଘୋଷୁଥିବେ ଜନେ ତୋର ପୁଣ୍ୟ ନାମ !
କାବ୍ୟମାଳା ତୋର ଶ୍ରୁତି-ରସାୟନ,
ମୋହିପାରେ ବାଳବୃଦ୍ଧଯୁବା ମନ ।
କି ଅମୃତମୟ ଛାନ୍ଦଗୀତ ସ୍ୱର,
ହୁଏ ତହିଁ ମୁଗ୍ଧ ମୂର୍ଖ ନିରକ୍ଷର !
ଯେତେକାଳ ଥିବ ଉତ୍କଳ-ସାହିତ୍ୟ,
ଭଞ୍ଜକବି ନାମ ରହିଥିବ ନିତ୍ୟ ।
ତେତେକାଳ ତୁହି ଥିବୁ ଗୁଣଜ୍ୟେଷ୍ଠ,
ଉଚ୍ଚମଥା ତୋର ହେବ ନାହିଁ ହେଠ ।
ସ୍ୱରଶିଳ୍ପେ ତୋର ନାହିଁ ପଟାନ୍ତର, ୧
ସ୍ୱତନ୍ତ୍ର ତାହାର ତାଳ, ମାନ, ସ୍ୱର !
ରସ ସୁମଧୁର ଉପାଦେୟ ଭାବ,
ପ୍ରାଣ-ଅନ୍ତଃପୁରେ ପ୍ରକାଶେ ପ୍ରଭାବ ।
ଶୁଣିବା ନିମନ୍ତେ ସେ ସଙ୍ଗୀତ ତାନ,
ପଶୁପକ୍ଷୀ ସୁଦ୍ଧା ଡେରିଥାନ୍ତି କାନ ।

ନାଟଉଠେ ତହିଁ ଅରସିକ ଚିତ୍ତ,
କାଳେ କାଳେ ଖ୍ୟାତ ଦକ୍ଷିଣୀ ସଙ୍ଗୀତ ।
ତୋର୍ ଆୟୁର୍ବେଦ ଜ୍ୟୋତିର୍ବେଦ ନାମେ,
ଉଠୁଥିଲା ଜୟଧ୍ୱନି ଗ୍ରାମେ ଗ୍ରାମେ ।
ଅଦ୍ୟାପି ସେ ବିଦ୍ୟା ରହିଛି ଜୀବିତ,
ମାତ୍ର ଭସ୍ମେ ଅଗ୍ନି ରହିଛି ଛାଦିତ ! ୨
ଫୁଙ୍କିଦେଲେ ଭସ୍ମେ ଉତ୍ସବ୍ୟ-ବାୟୁ,
ଉଠିବ ସେ ପୁଣି ହୋଇ ଦାଉ ଦାଉ ।
ଇତିହାସ ତୋର୍ ଯଶ-ଶୌର୍ଯ୍ୟମୟ,
ବହିଅଛି ବକ୍ଷେ ମହା ସ୍ମୃତିଚୟ ।
ତୋର୍ ଦେବାଳୟ ନଦୀ ସରୋବର,
ବନଗିରି ଦଣ୍ଡି ଭଗ୍ନଦୁର୍ଗ ଘର;
ସର୍ବେ ସୁବିସ୍ପଷ୍ଟ ମହା ଇତିହାସ,
ଅତୀତର ସାକ୍ଷୀ ଘଟଣା-ନିବାସ !
ତାମ୍ର ପ୍ରସ୍ତରାଦି ଫଳକେ ଖୋଦିତ,
ବହୁ ଇତିବୃତ୍ତ ତୋ ଗର୍ଭେ ପ୍ରୋଥିତ ! ୩
ଯେବେ ଅନାଇଲେ ବିଶେ ଇତିହାସ,
ଇତିହାସେ ଗଢ଼ା ତୋର୍ ଅସ୍ଥିମାଂସ ।
ଅତୀତର କେତେ ଇତିହାସ ପୋଥି,
ଶିଳାଖଣ୍ଡ ତଳେ ପଡ଼ିଅଛି ପୋତି ।
କରୁଛନ୍ତି ଯତ୍ନ ତୋ କୃତୀ କୁମାରେ,
ସେ ଅମୂଲ୍ୟ ଲୁପ୍ତରତ୍ନ ସମୁଦ୍ଧାରେ ।
କ୍ଷୁଦ୍ର ମସିବିନ୍ଦୁ ପ୍ରାୟେ ଶୁକ୍ଳବାସେ,
ଥିଲା ଯେଉଁ ଦୋଷ ତୋର୍ ଇତିହାସେ ।
ଉପେନ୍ଦ୍ର ଭଞ୍ଜଙ୍କ ସୁକୃତି-ଜ୍ୟୋତ୍ସ୍ନାରେ,
ଯାଇଛି ସେ ଦାଗ ଧୋଇ ନିର୍ବିକାରେ ।
ଜନମିଲେ ବଂଶେ ସୁକୃତି ନନ୍ଦନ,
ବଂଶ-ଅପବାଦ କରେ ସେ ଛେଦନ ।
ଗିରିଦେହୁଁ ଜନ୍ମ ଲଭି ଦାବାନଳ,
କରେ ଆବର୍ଜ୍ଜନା ତା ବକ୍ଷୁ ନିର୍ମଳ ।

୧—ସ୍ୱରଶିଳ୍ପ—ସଙ୍ଗୀତ । ୨—ଛାଦିତ—ଆଚ୍ଛାଦିତ । ୩—ଘୁମୁସରରେ କେତେ ଖଣ୍ଡ ତାମ୍ରଲିପି ଓ ଶିଳାଲିପି ମିଳିଅଛି ।

http://oaob.nitrkl.ac.in

ଶାନ୍ତି ଶୁଭତା ତୋର ଅମୂଲ୍ୟ ଭୂଷଣ,
ଦାନ ଦୟା ପୁଣ୍ୟ ଦାକ୍ଷିଣ୍ୟ ଭେସନ ।
ନିଖିଳ ସଦ୍‌ଗୁଣେ ଲଭିଛୁ ଉତ୍କର୍ଷ,
ଆଦର୍ଶର ତୁହି ଉଜ୍ଜ୍ୱଳ ଆଦର୍ଶ ।
ମର୍ତ୍ତ୍ୟର ଦେବୀ ତୁ ଅମର-ବନ୍ଦିତା,
ପ୍ରକୃତି-ରାଣୀର ସ୍ନେହର ଦୁହିତା ।
ପ୍ରକୃତି-ମାତା ତୋ ଦେହ ରକ୍ଷାପାଇଁ,
ନୀଳଚେଳାଞ୍ଚଳ ଦେଇଛି ଘୋଡ଼ାଇ ।
ଭାଗ୍ୟଲକ୍ଷ୍ମୀ କୀର୍ତ୍ତିଲକ୍ଷ୍ମୀ ବେନିଙ୍କର,
ପ୍ରିୟତମା ସଖୀ ତୁହି ସୂର୍ଯ୍ୟପୁର !
ପବିତ୍ର ତୁ ଯେଉଁ ସ୍ୱର୍ଗ ମନ୍ଦାକିନୀ,
ତର ଯୋଗମଗ୍ନା ଗିରି-କାତ୍ୟାୟିନୀ ।
ଧର୍ମଭାବେ ଶୁଭ୍ର ଦୀପ୍ତ ତୋର ଅଙ୍ଗ,
କି କରି ପାରିବ ପାର୍ଥିବ କଳଙ୍କ ?
ନ ଭଜିବ ତୋର କୀର୍ତ୍ତି ତହୁଁ କ୍ଷୟ,
ତୁଷାର ଜଳରେ ହେବ କି ପ୍ରଳୟ ?
ସୂର୍ଯ୍ୟପୁର ତୁହି ବହୁଗୁଣେ ଧନ୍ୟା,
ଶୋଭା-ଲକ୍ଷ୍ମୀଙ୍କର ଆଦରିଣୀ କନ୍ୟା ।
ବକ୍ଷେ ବିଲମ୍ବିତ ଧାରାଧର-ହାର,
ନୀଳମଣି ଜିଣି ଦିଶେ ଚମତ୍କାର !
କି ଚାରୁ ତା ପାଶେ କାଦମ୍ବିନୀମାଳା,
ପିନ୍ଧନ୍ତି ପ୍ରାବୃଟେ ଯାହା ଦିଗ-ବାଳା ।
ଗିରି-ମେଖଳା ତୁ, ଗିରି ତୋ ମୁକୁଟ,
ପୁଷ୍ପିତ ଶିଆଳୀ ଲତା ଜଟାଜୁଟ ।
ଦାବାନଳ ତୋର ଚାରୁହାସ ସ୍ୱଚ୍ଛ,
ଘନହାସ ବଦ୍ୟ ନୁହେଁ ତାକୁ ଲଜ୍ଜ !
କଣ୍ଠେ ବନଫୁଲ ଆହା କି ବାହାର,
ରଜନୀ କଣ୍ଠରେ ଯେସନେ ତାରା-ହାର ।
ଅରଣ୍ୟାନୀ ତୋର କୁଞ୍ଚିତ ସୁକେଶ,
ବସିଅଛୁ ଧରି ସ୍ୱର୍ଗୀୟ ବେଶ ।
ନିସର୍ଗ ସମ୍ପଦେ ତୁହି ଚନ୍ଦ୍ରାଳୟା,
ନିର୍ମମ ସଂସାରେ ମୂର୍ତ୍ତିମତୀ ଦୟା ।
ରାଜରାଜେଶ୍ୱରୀ ତୁହି ଏ ମହୀରେ,
ଦେବ ଆଶୀର୍ବାଦ ବର୍ଷେ ତୋର ଶିରେ ।
ତ୍ରେତା ଦ୍ୱାପରର ସମର ଉଭୟ,
କରୁଅଛୁ ତୁହି ବ୍ୟାଜେ ଅଭିନୟ ।
ରାମାୟଣ ମହାଭାରତୀୟ ବୀରେ,
ହୋଇଛନ୍ତି ତୁଣ୍ଡ ତୋ ବନଗିରିରେ ।
ବିରାଜନ୍ତି ରାମ ସହିତେ ଲକ୍ଷ୍ମଣ, ୧
ଚଉପାଶେ ଉଭା ଯୂଥପତିଗଣ ।
ତାଳଜମ୍ବ, ଜାମ୍ବବ, ପନସ, ଗବୟ, ୨
ସୁଗ୍ରୀବ, ସୁଷେଣ, କୁମୁଦ ଦୁର୍ଜ୍ଜୟ ।
ନଳ, ନୀଳ, ହନୁ, ରକ୍ଷ ବିଭୀଷଣ, ୩
ଅଛନ୍ତି ଆବର ଶୂର ଅଗଣନ !
ବଡ଼ ହସ୍ତ ତୋଳି ବସିଛି ରାବଣ,
ଗର୍ବୋନ୍ନତ ଶିରେ ଉଭା କୁମ୍ଭକର୍ଣ୍ଣ । ୪
ଶୁକ, ବଜ୍ରଦଂଷ୍ଟ୍ର, ବୀରେନ୍ଦ୍ର-ଶାର୍ଦ୍ଦୂଳ, ୫
ମେଘନାଦ କଙ୍କ ଆଦି ବୀରକୁଳ !

୧—ରାମ—ରାମଚନ୍ଦ୍ର, ଏବଂ ମୃଗ । ଲକ୍ଷ୍ମଣ—ରାମାନୁଜ ଏବଂ ସାରସପକ୍ଷୀ । ଯୂଥପତି—ସେନାପତି, ହସ୍ତୀ । ୨—ତାଳଜମ୍ବ—ବାନର ସେନାପତି, ତାଳଜମ୍ବ ଗଛ । ଜାମ୍ବବ—ଭଲ୍ଲୁକମନ୍ତ୍ରୀ, ଜାମୁଗଛ । ପନସ—ବାନରବୀର, ପଣସଗଛ । ଗବୟ—ବାନର ଦଳପତି, ଗୟଳ । ସୁଗ୍ରୀବ—ବାନରରାଜା, ହଂସ । ସୁଷେଣ—ବାନର ଯୂଥପତି, ବେଲଗଛ । କୁମୁଦ—ବାନର ସେନାପତି, ଗମ୍ଭାରିବୃକ୍ଷ ।

୩—ନଳ—ବାନରବୀର, ପଦ୍ମ । ନୀଳ—କପିଯୂଥପତି, ମତ୍ସ୍ୟବିଶେଷ । ହନୂ—ପବନପୁତ୍ର, ମର୍କଟ । ବିଭୀଷଣ—ରାକ୍ଷସବୀର, ଭୟ । ଶୂର—ବୀର, ଶାଳ - ଗଛ । ୪—ରାବଣ—ଲଙ୍କାର ରାଜା, ସପ୍ତଫେଣୀଗଛ; ଏହାର ଅନ୍ୟ ନାମ—ରାବଣହସ୍ତ । କୁମ୍ଭକର୍ଣ୍ଣ—ରାବଣର ଭାଇ, ପଣସଗଛ । ( ଦ୍ୱିଅର୍ଥ ) ୫—ଶୁକ—ରାକ୍ଷସବୀର, ଶୁକପକ୍ଷୀ । ବଜ୍ରଦଂଷ୍ଟ୍ର—ରାକ୍ଷସ ସେନାପତି, ଭଗୃହ । ଶାର୍ଦ୍ଦୂଳ—ରାକ୍ଷସବୀର ଏବଂ ବ୍ୟାଘ୍ର । ମେଘନାଦ—ଇନ୍ଦ୍ରଜିତ, ମୟୂର । କଙ୍କ—ରାକ୍ଷସ ବୀର, ପକ୍ଷିବିଶେଷ ।

http://oaob.nitrkl.ac.in

ବହନ୍ତୁ ତୁ କୁରୁକ୍ଷେତ୍ରର ଉପମା,
ବର୍ଣ୍ଣନାକୁ ବଳେ ତୋ ଚାରୁ ସୁଷମା !
ସ୍ୱଭାବେ ତୋ ବକ୍ଷ ରଣ-ଯଜ୍ଞ ସ୍ଥଳ,
ବିହରନ୍ତି ତହିଁ ସଦା କୁରୁବଳ । ୧
ଗିରି-କପିଧ୍ୱଜ ସ୍ୟନ୍ଦନେ ଅର୍ଜୁନ, ୨
ଚଳେ ଯେନ କୃଷ୍ଣେ—ସୁନୀଳ ନପୁଣ ।
ଯୁଦ୍ଧାର୍ଥେ ଉଦ୍ୟତ ମାନୀ ଦୁର୍ଯ୍ୟୋଧନ, ୩
ନିକଟେ ସଦର୍ପେ ଦୁଷ୍ଟ ଦୁଃଶାସନ ।
ଭୀଷ୍ମ ଦ୍ରୋଣ ସୌରି ଶଲ୍ୟ ଅଶ୍ୱତ୍ଥାମା, ୪
ବିଦ୍ୟମାନ ବୀରେ ଦିବସ ତ୍ରିଯାମା ।
ଖଳ ସମୀପରେ ଉପବିଷ୍ଟ ପୁଣି,
ଦୁଷ୍ଟ-କୂଟ-ପଟୁ ସଚିବ ଶକୁନି । ୫
ଚଳେ ତ୍ରିକାଳଜ୍ଞ ପଣ୍ଡି-ଚୂଡ଼ାମଣି, ୬
ଶିଖଣ୍ଡୀ ନକୁଳ ଭୀମ ବୀରାଗ୍ରଣୀ ।

ସୁବିଶାଳ ତୋର ମୂର୍ତ୍ତି ଧୂମ୍ରଧର,
ମାତ୍ର ଦୃଷ୍ଟିରେଖା ମୋର କ୍ଷୀଣତର ।
ଦୂଷିତ ନୟନରେ ଦେଲେ ତୋତେ ଚାହିଁ,
ଦୃଷ୍ଟିରେଖା ଯାଏ ତୋ ଦେହେ ମିଳାଇ ।
ଅଳ୍ପଦିନ ମାତ୍ର ମହା ଆନନ୍ଦରେ,
ହୋଇଥିଲି ମୁହିଁ କୁଣିଆ ତୋ ଘରେ ।
ସାମାନ୍ୟ ଦେଖାରେ ନ ପୂରିଲା ଆଶା,
ଶିଶିରେ କି ମେଣ୍ଟେ ଚାତକ ପିପାସା ।
ଦୁଃଖ-ତାପ ତପ୍ତ ବିଶ୍ୱ-କୋଳାହଳ,
ଯାଇଥିଲି ଭୁଲି ତୋ କୋଳେ ସକଳ ।

ପାରୁଥିଲି ନାହିଁ ହାହାକାର ଶୁଣି,
ପଶିବ ତା ମଧ୍ୟେ ଏବେ ଯାଇ ପୁଣି ।
ଉଚ୍ଚାରିଲି କ୍ଷଣି ବିଦାୟ ଶବଦ,
ଥରିଉଠେ ଆତ୍ମା, ହୁଏ ପ୍ରାଣ ସ୍ତବ୍ଧ !
ଆଲୋକକୁ ଆସି ପୁଣି ଅନ୍ଧକାରେ,
ଫେରିଯିବା ପାଇଁ କେ ଇଚ୍ଛେ ସଂସାରେ ?
ତୋର ସ୍ନେହାମୃତେ ହୋଇଣ ବିସ୍ମୃତ,
କିଏ ଭୁଲି ଇଚ୍ଛେ ସ୍ୱର୍ଗର ଅମୃତ ।
ତୋର ପଶୁପକ୍ଷୀ ବନ ସାନୁମାନ,
ମୋହୋଠାରୁ କୋଟି ଗୁଣେ ଭାଗ୍ୟବାନ ।
କରନ୍ତି ସେମାନେ ତୋ ପାଦ-ପୂଜନ,
ମୋ ଭାଗ୍ୟେ ତା ସିନା ବିଫଳ ସ୍ୱପନ ।
ଏହି ରୁଦ୍ଧ ବ୍ୟଥା ଅନ୍ତର ବିଦାରି,
ଅଶ୍ରୁ ରୂପେ ନେତ୍ରେ ପଡ଼ୁଛି ବାହାରି ।
ଜାଗେ ଯେବେ ପ୍ରାଣେ ବିଚ୍ଛେଦ ଆଶଙ୍କା,
ପଶିଯାଏ ଆସି ଛାତିରେ ଛନକା ।
ବିଚ୍ଛେଦାଶ୍ରୁ-ଅର୍ଘ୍ୟ ଢାଳି ତୋ ପଦ୍ମରେ,
ମାଗୁଛି ମେଲାଣି ନମ୍ରେ ଯୋଡ଼କରେ ।
ଭାସିବ ଜୀବନେ ତୋ ସ୍ମୃତି-ତରଙ୍ଗେ,
ଜୀବନାନ୍ତେ ତାହା ଯେନ ଯିବ ସଙ୍ଗେ ।
ସ୍ମରୁଥିବ ଦୁଃଖେ ସୁଖେ ତୋର ସ୍ମୃତି
ପୂଜିବ ହୃଦୟେ ଗଢ଼ି ସ୍ୱର୍ଣ୍ଣ ମୂର୍ତ୍ତି ।
ଯେତେ ଦୁଃଖଶୋକ ଅଛି ଭୂମଣ୍ଡଳେ,
ବିଚ୍ଛେଦ ତୀବ୍ରତା ସବୁଠାରୁ ବଳେ ।
ବହ୍ୟୋଧର୍ମେ ମୁହିଁ ଜଗ-ଧନେ ଧନୀ,
ଥକୁଅଛି କର, ଥରୁଛି ଲେଖନୀ !

୧— କୁରୁବଳ—କୌରବସେନା, ପକ୍ଷିବିଶେଷ । ୨—ଅର୍ଜୁନ—ମଧ୍ୟମପାଣ୍ଡବ, ଅର୍ଜୁନଗଛ । କୃଷ୍ଣ—ଭଗବାନ, କୋଇଲି । ୩—ଦୁର୍ଯ୍ୟୋଧନ—କୁରୁରାଜା, ବ୍ୟାଘ୍ର—( ଶ୍ଲିଷ୍ଟାର୍ଥ ), ଦୁଃଶାସନ—କୁରୁରାଜଭ୍ରାତା, ସର୍ପ ( ଶ୍ଲିଷ୍ଟାର୍ଥ ) । ୪—ଭୀଷ୍ମ—ଦୁର୍ଯ୍ୟୋଧନ ପକ୍ଷୀୟ ମହାରଥୀ, ବୃକ୍ଷ । ଦ୍ରୋଣ—କୌରବପାଣ୍ଡବଙ୍କର ଅସ୍ତ୍ରଗୁରୁ, ଦ୍ରୋଣକାକ । ସୌରି—କର୍ଣ୍ଣ, ଶନିଗ୍ରହ । ଶଲ୍ୟ—କୌରବପକ୍ଷୀୟ ରଥୀ ଏବଂ କଣ୍ଟକ । ଅଶ୍ୱତ୍ଥାମା—ଦ୍ରୋଣପୁତ୍ର, ବଣଘୋଡ଼ା ଗଛ । ୫—ଶକୁନି—କୁରୁମନ୍ତ୍ରୀ, ଶାଗୁଣାପକ୍ଷୀ । ୬—ତ୍ରିକାଳଜ୍ଞ—ସହଦେବ, କୁକୁଡ଼ା । ଶିଖଣ୍ଡୀ—ଦ୍ରୁପଦରାଜ-ପୁତ୍ର, ମୟୂର । ନକୁଳ—ଚତୁର୍ଥ ପାଣ୍ଡବ, ନେଉଳ । ଭୀମ ଦ୍ୱିତୀୟ ପାଣ୍ଡବ, ଭଲ୍ଲୁକ ।

http://oaob.nitrkl.ac.in

ଲୁଚିଲଣି ସର୍ବ ଇନ୍ଦ୍ରିୟ ଜଡ଼ତା,
ଉତ୍ସାହ ଉଦ୍ୟମ ପୋଡିଲଣି ମଥା ।
ନିର୍ଦ୍ଦୟା ନିଷ୍ଠୁର ଦୃଷ୍ଟା ଜରାସୁରୀ,
କରୁଛି ଶରୀରୁ ଶକ୍ତି-ବଳ ଚୁରି ।
ଶାରଦୀୟ ଘନ ସିନା ମୁଁ କେବଳ,
ପଡିଅଛି ଧଡ଼ ଶୁଖିଲଣି ଜଳ ।
ଆୟୁ-ତୈଳ କ୍ଷୟେ ପ୍ରାଣ-ଦୀପଶିଖା,
ହୋଇ ଆସୁଅଛି କ୍ରମେ କ୍ରମେ ଫିକା ।
ଅଦୂର ଭବିଷ୍ୟେ ଦିନେ ପ୍ରାଣ-ପକ୍ଷୀ,
ଉଡ଼ିଯିବ କେଉଁ ଗୁପ୍ତସ୍ଥାନେ ଲକ୍ଷି ।
ସବଳେ ଚପୁଡ଼ି ହେଲେହେଁ ଅବଶ,
ଚୂଷି କାଷ୍ଠ କାହୁଁ ବାହାରିବ ରସ ?
ବହୁପୂର୍ବ ତୋର ଭକ୍ତ ବୀରବର,
ବର୍ଣ୍ଣିଥାନ୍ତେ ଯେବେ ଆଖ୍ୟାନ ତୋହର;
ବାହାରି ଥାଆନ୍ତା କେତେ ନବତତ୍ତ୍ୱ,
ଫୁଟି ଉଠିଥାନ୍ତା କବିତା ମହତ୍ତ୍ୱ ।
କାହିଁ ସେହି, କାହିଁ ମୁହିଁ ଅନାଦୃତ,
ମୋ ହସ୍ତରେ ତୁମ୍ଭ ହୋଇଛୁ ବିକୃତ ।
ତୀବ୍ର ଉତ୍ତାପରେ ଗଢ଼ା ମୋ ଜୀବନ,
ଜୀବନ ନୁହେଁ ତା ଦୀପ୍ତ ହୁତାଶନ ।
ନିଜ ଶକ୍ତି ପ୍ରତି ଜନ୍ମୁଛି ସନ୍ଦେହ,
ମନର ଆଦେଶ ମାନୁ ନାହିଁ ଦେହ ।
ସାଧି ନାହିଁ ତିଳେ ବିଶ୍ୱ ଉପକାର,
ବସୁଧାକୁ ଖାଲି ଦେଇଛି ମୁଁ ଭାର ।
ଅନନ୍ତ ମୋହର କଳ୍ପନାନିଚୟ,
ପ୍ରସବୁଛି କାହିଁ ମଶା ହିମାଳୟ ।
ଦେଖ ନାହିଁ କିଛି କର୍ମ ମୁଁ ସଞ୍ଚୟ,
ମୋ ଜୀବନ-ଖାତା ଶୂନ୍ୟ ପୃଷ୍ଠାମୟ ।
ମହା-ଦରବାରେ କର୍ମର ହିସାବ,
ଦେବାକୁ ତ କିଛି ନାହିଁ ମୋ ଜବାବ ।
ଏଣୁ ଅନୁତାପ ଦହୁଛି ଜୀବନ,
ମୋ ମାନବ ଜନ୍ମ ସିନା ଅକାରଣ ।
ତପ୍ତ ମରୁଭୂମି ମୋ ହୃଦୟ ସ୍ଥଳ,
ତୋ ଦୃଶ୍ୟ ମଧୁରେ ହେଉଛି ଶୀତଳ ।
ଛଟପଟ ତାହା ହେବ ପୁଣି ହାୟ,
ତପ୍ତ ବାଲୁକାରେ ଜଳଚର ପ୍ରାୟ ।
ପାରୁଥାନ୍ତି ହୋଇ ଯେବେ ମୁଁ ସ୍ୱାଧୀନ,
ଭ୍ରମନ୍ତି ତୋ ବକ୍ଷେ ହୋଇ ଉଦାସୀନ ।
ମହତ ସଂସର୍ଗେ ଶିଖନ୍ତି ମହତ୍ତ୍ୱ,
ସାମ୍ୟ ଉଦାରତା ଶୁଭ୍ର ଭାବ ତତ୍ତ୍ୱ ।
କରୁଥାନ୍ତି ତୋର ଶୋଭାମୃତ ପାନ,
ପୂରୁଥାନ୍ତା ସଦା ପୁଲକରେ ପ୍ରାଣ !
କିନ୍ତୁ ଦୀନଭାଗ୍ୟେ କାହିଁ ସ୍ୱଜସୁଖ,
ଦଗ୍ଧ ଭାଗ୍ୟ ମୋର ମୋ ପ୍ରତି ବିମୁଖ ।
କି ଫଳ ଯୋଗେ ମୁଁ ହୁଡ଼ିଛି ତ ବୁଝି,
ହରାଇଛି ନିଜେ ସ୍ୱାତନ୍ତ୍ର୍ୟ-ସମୃଦ୍ଧି ।
କ୍ଷଣିକ ଭ୍ରାନ୍ତିର ପ୍ରାୟଶ୍ଚିତ୍ତ ପାଇଁ,
ସମଗ୍ର ଜୀବନ ସୁଦ୍ଧା ଅଣ୍ଟେ ନାହିଁ ।
ଥାଅ ଘୁମୁସର ଘେନୁଛି ମେଲଣି,
ବନ୍ଦି ତୋ ପୟର ଯୋଡ଼ି ବେନିପାଣି ।
ରଖିଥିବୁ ଦେବ କରୁଣା ସତତ,
ଘେନ କୃତଜ୍ଞତା ଭକ୍ତି ଦଣ୍ଡବତ ।
ମାଗୁଛି ଏ ଭିକ୍ଷା କର ଆଶୀର୍ବାଦ,
ଜନ୍ମାନ୍ତରେ ଯେମନ୍ତେ ପୂଜିବି ତୋ ପାଦ ।

http://oaob.nitrkl.ac.in

# ନବମ ସର୍ଗ

## ଭଞ୍ଜ ରାଜବଂଶାବଳୀ

ଭଞ୍ଜରାଜବଂଶ ଅତି ପୁରାତନ,
ଇତିହାସ ତାର ଅନ୍ଧାରେ ଆଚ୍ଛନ୍ନ ।
ହସ୍ତଅସ୍ତ କାଳ କ୍ରମେ ତା ବିଭବ,
ରାଜବଂଶାବଳୀ ଏକାଳେ ଦୁର୍ଲଭ ।
କବି ସୂର୍ଯ୍ୟମଣି ତ୍ୟାଜ୍ୟ ବିରଚିତ,
ବଂଶ-ବୃକ୍ଷ ମାତ୍ର ରହିଛି ଜୀବିତ ।
ଭଞ୍ଜ-ମହାବଂଶ ଶେଷ କୁଳାଙ୍କୁର,
ଅନନ୍ତ କୁଳତେ ରଚି ରମ୍ୟପୁର ।
ରାଜବଂଶାବଳୀ ଅଛି ତାଙ୍କ ଘରେ,
ଲିଖିତ ସେ ପୋଥି ସେକାଳ ଗଦ୍ୟରେ ।
ସେ ଦୁଇ ପୁରୁଣା ପୋଥିରୁ ସଙ୍କଳି, ୧
ଲିଖିତ ଏ ଭଞ୍ଜ-ରାଜବଂଶାବଳୀ ।
ବହୁ ଜନଶ୍ରୁତି ପ୍ରବୀଣ-କଥିତ,
ଏ ବଂଶାବଳୀରେ ହୋଇଛି ଗ୍ରଥିତ ।

ତ୍ରେତାଯୁଗେ ଦିନେ ମହର୍ଷି ବଶିଷ୍ଠ,
ପୁଷ୍କର ତୀର୍ଥରେ ଥିଲେ ତପୋନିଷ୍ଠ ।
ମୃଗ-ଦମ୍ପତିର ଉନ୍ମାଦ ସଙ୍ଗମ--
ନିରେଖି ତାଙ୍କର ଟଳିଲା ସଂଯମ ।
କ୍ଷରିଲା ଋଷିଙ୍କ ବ୍ରହ୍ମବୀର୍ଯ୍ୟ ତବେ,
ମଦନର କିସ ଅସାଧ୍ୟ ବା ଭବେ ?
ମହାରୁଦ୍ରଠାରୁ ପାଇ ପରାଭବ,
ନ ଛାଡିଲା ତେବେ ସେ ଦୁଷ୍ଟ ସ୍ୱଭାବ ।
ମହାବଳୀ କାମ ବିଜୟୀ ଅଦ୍ଭୁତ,
ଏଡ଼େ ଯୋଗୀଙ୍କୁ ସେ କଲା ପରାଭୂତ ।

ବନାନ୍ତେ ସଂଯମୀ ଧୈର୍ଯ୍ୟ ଦିଏ କାଟି,
ଫୁଲବାଣେ ତାରୁ ବର୍ତ୍ତ ଯାଏ ଫାଟି ।
ଜଳେ ପଶି ତହୁଁ ମହର୍ଷି ବହନ,
କଷା-କଉପୀନ କଲେ ପ୍ରକ୍ଷାଳନ ।
ସ୍ୱଭାବରେ ଋଷି-ବୀର୍ଯ୍ୟ ଅବିନାଶୀ,
ଜଳେ ଦୁଇ ବିନ୍ଦୁ ଉଠିଲା ଭାସି ।
ତୃଷିତା ମୟୂରୀ ମିଳି ତହୁଁ ଖରେ,
ପିଇଲା ସେ ରେତ ଜଳ ସଙ୍ଗତରେ ।
ଡିମ୍ବ ଦୁଇ ଗୋଟି ପ୍ରସବି ତକ୍ଷଣେ,
ପକାଇ ସତ୍ୱରେ ଲୁଚିଲା ସେ ବନେ ।
ଅଦ୍ଭୁତ ଘଟଣା କରି ବିଲୋକନ,
ଭାବିଲେ ମହର୍ଷି ମାନସେ ଏସନ—
ଆମ୍ଭ ବୀର୍ଯ୍ୟୁ ଏହି ଡିମ୍ବର ଉଦ୍ଭବ,
ଅବଶ୍ୟ ଏଥିରୁ ଜନ୍ମିବେ ମାନବ ।
ଉଠାଇଣ ତହୁଁ ତକ୍ରି ଡିମ୍ବ ବେନି,
ଗଲେ ତପୋଧନ ଆଶ୍ରମକୁ ଘେନି ।
ଦିବସେ ତାହାକୁ ରଖନ୍ତି ରୌଦ୍ରରେ,
ରଜନୀରେ 'କସି' ପାଦପ ଗହ୍ୱରେ । ୨
ଦିନେ ଏକ ଡିମ୍ବ ଫୁଟି ଅକସ୍ମାତ,
ହେଲା ତହୁଁ ଏକ ଦିବ୍ୟ ପୁତ୍ର ଜାତ ।
ହେରି ଋଷି ଶିଶୁ ରୂପ ଅଭିରାମ,
ଥିଲେ ମଦନ ରାଣା ତାହା ନାମ ।
ଅପର ଗୋଟିକ ଡିମ୍ବ ନିଜ ଛାଏଁ,
ନ ଫୁଟି ରହିଲା ବହୁ ଦିନ ଯାଏଁ ।
କଲେ ତାକୁ ମନ୍ତ୍ର ଦଣ୍ଡରେ ଭଞ୍ଜନ,
ଜନ୍ମିଲା ତହିଁରୁ ସୁନ୍ଦର ନନ୍ଦନ ।

୧—ସଙ୍କଳି—ସଙ୍କଳନ କରି, ସଂଗ୍ରହ କରି । ୨—କସି—ବୃକ୍ଷବିଶେଷ ।

http://oaob.nitrkl.ac.in

ମୁଢ଼ ଲଭୁ ତହୁଁ ଋଷି ପୁଣ୍ୟଧାମ,
ରଖିଲେ ମୋଦକ ଭଞ୍ଜ ତାହା ନାମ ।
ଭଞ୍ଜନରୁ ଜାତ ହେତୁ ଭଞ୍ଜ ପଦ,
ଲଭିଲା ସେ ଶିଶୁ ଗୌରବ ସମ୍ପଦ ।
ପୁତ୍ରଦ୍ୱୟେ ଯତ୍ନେ ପ୍ରତିପାଳି ମୁନି,
ଶସ୍ତ୍ରଶାସ୍ତ୍ର ବିଦ୍ୟା ଶିଖାଇଲେ ପୁଣି ।
ହୁଅନ୍ତେ ସେ ବୟଃପ୍ରାପ୍ତ ବେନି ଜଣ,
ଦିନେ ତାଙ୍କୁ ଋଷି କହିଲେ ଏସନ—
"ଉପାର୍ଜ୍ଜନ କରି ରାଜ୍ୟ ବାହୁ ବଳେ,
ରାଜା ହୋଇ ତୁମ୍ଭେ ପାଳ ପ୍ରଜାଦଳେ ।
ଭାଗ୍ୟ, ଯଶ, ପୁଣ୍ୟ, ସମ୍ପଦ, ପ୍ରାଧାନ୍ୟ,
ଦେଇପାରେ ନାହିଁ କାହାକୁ କେ ଆନ ।
କହିବାକୁ ହୁଏ କର୍ମମୂଳେ ତାହା,
କର୍ମହିଁ ଅସାହା ଜୀବନର ସାହା ।"
ଏହିରୂପେ ପିତୃ ଉପଦେଶ ପାଇ,
ଆଶ୍ରମୁ ବାହାର ହେଲେ ଦୁଇ ଭାଇ ।
ଛତୋରକୁ ଯାଇ ଜ୍ୟେଷ୍ଠ ସହୋଦର,
ଯୁଦ୍ଧେ ଜିଣି ହେଲେ ସେ ରାଜ୍ୟ-ଈଶ୍ୱର ।
କନିଷ୍ଠ ମୋଦକ ଭଞ୍ଜ ମହାମଣ୍ଡ,
ହରିହରପୁରେ ହେଲେ ଅଧିପତି ।
ବିସ୍ତୃତ ସେ ରାଜ୍ୟ ସ୍ୱର୍ଣ୍ଣରେଖା ଯାମ୍ୟେ,
ସେଦିନୁ ବିଖ୍ୟାତ ଭଞ୍ଜଭୂମି ନାମେ । ୧
ଗୌହାନ ବଂଶୀୟ ହୀରାଖଣ୍ଡ ପତି, ୨
ଭଞ୍ଜେ କନ୍ୟାଦାନ କଲେ ମହାମତି ।
ସେ କନ୍ୟା ଗର୍ଭରୁ ଜାତ ବେନି ସୁତ,
ଲତା ଗର୍ଭୁ ଯଥା କଳିକା ସମ୍ଭୂତ ।
ବେନି ପୁତ୍ରେ ରାଜ୍ୟ କରି ଅନୁସାର,
ବାଣ୍ଟି ଦେଲେ ରାଜ୍ୟ କରି ବେନି ଭାଗ । ୩
ଜ୍ୟେଷ୍ଠ ଭ୍ରାତା ହେଲେ ଭଞ୍ଜଭୂମି ରାଜା,
କନିଷ୍ଠ ପାଳିଲେ ଦକ୍ଷିଣାଂଶ ପ୍ରଜା ।
ଯେ ରାଜ୍ୟେ କନିଷ୍ଠ ହେଲେ ନରେଶ୍ୱର,
ସେ ରାଜ୍ୟର ନାମ ହେଲା କେନ୍ଦୁଝର ।
ଭଞ୍ଜବଂଶ ତହିଁ ଲଭିଲା ବର୍ଦ୍ଧନ,
କମଳ-କାନନ ବସନ୍ତେ ଯେସନ ।
ଦଇତାରି ଭଞ୍ଜ ସେ ବଂଶ ସମ୍ଭୂତ,
ଗୃହ-ଦୋଷେ ହେଲେ ରାଜ୍ୟୁ ବହିଷ୍କୃତ ।
ସେ କାଳ ରାଜାଙ୍କ ନିଜ ପିତୃବ୍ୟ ସେ,
ରାଜରୋଷେ ପାତ ଦୁରଦୃଷ୍ଟ ବଶେ ।
ବନମାଳୀ ଭଞ୍ଜ ରଘୁନାଥ ଭଞ୍ଜ,
ଥିଲେ ତାହାଙ୍କର ଯୁଗଳ ଅଙ୍ଗଜ ।
କେନ୍ଦୁଝର ତେଜି ଘେନି ପୁତ୍ରଦ୍ୱୟ,
ବୌଦ୍ଧ ରାଜ୍ୟେ ଯାଇ ନେଲେ ସେ ଆଶ୍ରୟ ।
ବ୍ରାହ୍ମଣ ବଂଶଜ ସେ ରାଜ୍ୟର ରାଜା,
ଦାନେ ଧର୍ମେ ଯଶେ ଟେକ ତାଙ୍କ ଧ୍ୱଜା ।
ବହନ୍ତି ସେ ନାମ ଦୀନବନ୍ଧୁ ନନ୍ଦ,
ଅନପତ୍ୟ ହେତୁ ସଦା ନିରାନନ୍ଦ ।
ଦୈତ୍ୟାରି ଭଞ୍ଜଙ୍କୁ ବହୁ ସମାଦରେ,
ରଖିଲେ ନୃପତି ବଉଦ ଗଡ଼ରେ ।
ତାହାଙ୍କର ପୁତ୍ରଦ୍ୱୟେ ସେ ବ୍ରାହ୍ମଣ,
ପୋଷ୍ୟପୁତ୍ରରୂପେ କଲେକ ଗ୍ରହଣ ।
ପରେ ପାଟରାଣୀ ଗର୍ଭରୁ ତାଙ୍କର,
ଜାତ ହେଲା ଏକ ସୁନ୍ଦର କୁମର ।
ପରମ ଆନନ୍ଦେ ସେ ନୃପ-ତିଳକ,
ରଖିଲେ ସେ ପୁତ୍ର ନାମ ବିନାୟକ ।
ବଢ଼ିଲେ କ୍ରମଶଃ ସେ ତିନି କୁମାର,
ଧର୍ମବଳେ ଯଥା ନୃପତି ଭଣ୍ଡାର ।
ଏକତ୍ରେ ସେ ତିନି ଭୂପାଳ ନନ୍ଦନ,
କରନ୍ତି ଆହାର ବିହାର ଶୟନ ।
କ୍ରମଶଃ ସୌହାର୍ଦ୍ଦ୍ୟ ଉଠୁଥାଏ ବଢ଼ି,
ନ ହୁଅନ୍ତି କେହି କେବେ ଛଡ଼ାଛଡ଼ି ।

୧—ଭଞ୍ଜଭୂମି—ମୟୂରଭଞ୍ଜ । ୨—ହୀରାଖଣ୍ଡ—ସମ୍ବଲପୁର । ୩—ମୋଦକ ଭଞ୍ଜଙ୍କ ପୁତ୍ରଦ୍ୱୟଙ୍କ ନାମ ବିଷୟରେ ବଂଶାବଳୀ ନୀରବ ।



http://oaob.nitrkl.ac.in

ମାତ୍ର କି ଦୁର୍ଦ୍ଦୈବ, ସେ ସ୍ନେହ ମଧ୍ୟରେ,
ଜଳୁଥିଲା ଈର୍ଷା-ଅନଳ ପ୍ରଖରେ ।
କିଏ ଦେଖିଥିଲା ସେଉଣ ଭବିଷ୍ୟ,
ସର୍ପମଣି ତଳେ ଅଛି ତୀବ୍ର ବିଷ !
ଫୁଲ ମଧ୍ୟେ ସୂକ୍ଷ୍ମ ଲୁଚିଥାଏ କୀଟ,
ସାତେ କଳଙ୍କିତ ଆହା ପୁଣ୍ୟପୀଠ ।
ପୋଷ୍ୟପୁତ୍ର ବେନି ହୋଇ ପାପାକ୍ରାନ୍ତ,
ରଚିଲେ ଗୋପନେ ଭୀଷଣ ଚକ୍ରାନ୍ତ ।
ଭାବିଲେ ସେ ଦିନେ ଏହି ବିନାୟକ,
ଏ ରାଜ୍ୟର ହେବ ପ୍ରକୃତ ପାଳକ ।
ନିଜ ପୁତ୍ର ଥାଉଁ ପୋଷ୍ୟପୁତ୍ରେ ଛାର,
ଅର୍ପିବେ କି ରାଜ୍ୟେ ରାଜ୍ୟ ଅଧିକାର ?
ନିଜ ମୁଣ୍ଡ ରଖି ନଷ୍ଟ ରୁ ଅସଙ୍ଗ,
ପର ମୁଣ୍ଡେ କେହି ଢାଳେ କି ମାଳୁପା ?
ବିନାୟକ ଥିଲେ କାହିଁ ଆମ୍ଭ ଭଲ,
ଆମ୍ଭ ସୌଭାଗ୍ୟରେ ସେହି ଏକା ଶଲ ।
ନିପାତ ତାହାକୁ ନବାଣିବା ଦକ,
କରିବା ଜୀବନ ପଥ ନିଷ୍କଣ୍ଟକ ।
ଏହି ପାପ ଚିନ୍ତା ପୋଷି ଅହରହ,
ମିଶିଲେ ବାହାରେ ବିନାୟକ ସହ ।
ହସ୍ତିପୃଷ୍ଠେ ଦିନେ ବିନାୟକେ ଘେନି,
ଭ୍ରମଣେ ବାହାର ହେଲେ ଭାଇ ବେନି ।
ଗ୍ରାମପ୍ରାନ୍ତେ ଯାଇ ନିର୍ଜନ ପ୍ରାନ୍ତରେ,
ପେଲି, ଦେଲେ ତାକୁ ନିଷ୍ଠୁର ଅନ୍ତରେ ।
ପଡିଲା ବାଳକ ଭୂମିପୃଷ୍ଠେ ଯାଇ,
ହସ୍ତିପାଦେ ତାକୁ ଦେଲେ ଚକଟାଇ !
ସ୍ୱାର୍ଥ-ନିଶା ଭୋଳେ ଧର୍ମପଥ ଚ୍ୟୁତ,
ହେଲେ ବ୍ରହ୍ମହତ୍ୟା ପାପ-ପଙ୍କେ ବୁଡି ।
ଦୁଇ ସଖାଙ୍କର ବାତ୍ସଲ୍ୟ କରୁଣା,
ଭୁଲିଗଲେ ହୋଇ ରାଜଶ୍ରୀ ଚଞ୍ଚଳା ।

କପଟେ-କାନ୍ଦଣା କାନ୍ଦି ଦୁଇ ଭାଇ,
ରାଜାଙ୍କ ଛାମୁରେ ନିବେଦିଲେ ଯାଇ ।
ଭାଇ ବିନାୟକ ଲଭିଲା ଆଘାତ,
ଖସିପଡି ହସ୍ତିପୃଷ୍ଠୁ ଅକସ୍ମାତ,
ଧରୁ ଧରୁ ଆମ୍ଭେ ତାହାକୁ ଆଙ୍କଟି,
ଦୁଷ୍ଟ ହସ୍ତୀ ଦେଲା ପାଦରେ ଚକଟି ।
ଅପଘାତେ ଭାଇ ତେଜିଲା ଜୀବନ,
ବହିଲା ବହି ଏ ଦାରୁଣ ବଚନ ।
ଶୁଣି ନୃପ ଶୋକେ ହେଲେ ଆତ୍ମହାରା,
ବହିଲା ନୟନୁ ଶ୍ରାବଣର ଧାରା ।
ଗୁପ୍ତ ଦେଶାନ୍ତର କହିଲା ଏସନ, *
ଶୁଣନ୍ତୁ ମହିମା ସତ୍ୟ ମୋ ବଚନ ।
ଏ ବେନି ସୋଦର ଦୁଷ୍ଟ ପ୍ରବଞ୍ଚକ,
ମହାପାପାଚାରୀ କ୍ଷତ୍ରିୟ କଳଙ୍କ !
କପଟେ ଏ ଦୁହେଁ ବଧିଲେ କୁମାରେ,
ଦେଖିଛି ମୁଁ ଥାଇ ଗୋପନେ ସେଠାରେ ।
ଶୁଣି ନୃପ ହୋଇ ବିସ୍ମୟେ ଉଦାସ,
ନିଜ କର୍ଣ୍ଣେ ନିଜେ କଲେ ଅବିଶ୍ୱାସ ।
ଏତେ କୃତଘ୍ନ କି ହୋଇପାରେ ନର,
ଏ ଚିନ୍ତା ତାଙ୍କର ଘାରିଲା ଅନ୍ତର ।
ସତେ କି ମୁଁ ହାୟ ମଣି ଫୁଲମାଳ,
କଣ୍ଠରେ ଲମ୍ବାଇଥିଲି କାଳ ବ୍ୟାଳ ।
ସତେ କି ବା ଭ୍ରମେ ମାର୍ଜାର ଜ୍ଞାନରେ,
ଭୀଷଣ ଶାର୍ଦ୍ଦୂଳ ପୋଷିଥିଲି ଘରେ ।
ଏହା ଭାବି ଜୀର୍ଣ୍ଣ ଶୋକାର୍ତ୍ତ ହୃଦୟେ,
କହିଲେ ସମ୍ବୋଧି ପୋଷ୍ୟପୁତ୍ର ଦ୍ୱୟେ—
"ପୋଷ୍ୟପୁତ୍ର ତୁମ୍ଭେ ଉଭୟେ ଆମ୍ଭର,
ଆମ୍ଭ ଅନ୍ତେ ରାଜ୍ୟେ ହେବ ଅଧୀଶ୍ୱର ।
ହୋଇଥିଲେ ଧ୍ରୁବ ସତ୍ୟ ତୁମ୍ଭ କଥା,
ହେବ ତୁମ୍ଭ ବଂଶ ଆଦର୍ଶ ସର୍ବଥା ।

*—ଦେଶାନ୍ତର—ଦୂତ ।

http://oaob.nitrkl.ac.in

ନଷ୍ଟ କରିଥିଲେ ବ୍ରହ୍ମହତ୍ୟା ପାପ,
ତେବେ ତୁମ୍ଭ ବଂଶେ ଫଳିବ ଏ ଶାପ ।
"ଲାଗିଥିବ ସଦା ବଂଶରେ ତୁମ୍ଭର,
ହତ୍ୟା ଅନାଚାର ପାପ ଭୟଙ୍କର ।
ଖୁଡ଼ୁତା ପୁତୁରା ବାପ ପୁଅ ଜଣା,
ମଧ୍ୟେ ଲାଗିଥିବ ବୀଭତ୍ସ ଘଟଣା ।
ପରସ୍ପରେ ଲାଗିଥିବ ହଣାକଟା,
ଭୁଞ୍ଜୁଥିବେ ମନସ୍ତାପ ହଟହଟା ।
ହତାହତ ଜ୍ଞାନେ ଅର୍ପି ଜଳାଞ୍ଜଳି,
ସ୍ୱାର୍ଥ ପଦେ ଧର୍ମେ ଦେବେ ବଶାବଳ ।
ଅଢେଇ-ଦିନିଆ ଉପାଧିରେ ବାଇ—
ହୋଇ ଚନ୍ଦ୍ରସୂର୍ଯ୍ୟେ ଅନାଇବେ ନାହିଁ ।
ନିଜ ଜୀବନର ଇତିହାସ ଅଧ୍ୟା,
ଲେଖିବେ ସ୍ୱଜନ-ରକ୍ତେ ବସି ଶ୍ରଦ୍ଧା ।
ଋଷିରକ୍ତେ ଗଢ଼ା ପ୍ରାଣପିଣ୍ଡ ଯାର,
କରିବେ ସେ ନୃପେ ପିଶାଚ ଆଚାର ।"
ଶୋକାବେଗେ ଏହା ଭାଷି ନରନାଥ,
ପରକ୍ଷଣେ ହେଲେ ପୂର୍ବ ପରି ଶାନ୍ତ ।
ସୋଲ ନଆଁ ପରି ବ୍ରାହ୍ମଣର କୋପ,
ଜଳଜୁଟି ଭଳି ପରି କ୍ଷଣେ ଲୋପ ।
ପୁନଦୃଷ୍ଟେ ଚାହିଁ ସେ ବୃଦ୍ଧ ରାଜନ,
ବାତ୍ସଲ୍ୟ କୋମଳେ ଭାଷିଲେ ଏସନ—
"କଲେ ସୁଦ୍ଧା ତୁମ୍ଭେ ଯେତେ ଗୁରୁଦୋଷ,
ପିତୃହୃଦ ତଳେ ନ ବହିବ ରୋଷ ।
ସ୍ନେହମୟ ପିତା ପିତାର ସ୍ୱଭାବ,
ପିତୃହୃଦେ କାହିଁ କ୍ରୋଧ ପାଇଁ ଠାବ ?
ଦେଇଛି ତ ଯାଚି ତୁମ୍ଭଙ୍କୁ ମୁଁ ସ୍ନେହ,
ରଖିବ ମୋ ସତ୍ୟ ଥିବା ଯାଏ ଦେହ ।
ସ୍ନେହ ମାନବର ଅଧିକର ଧନ,
ରହେ ନାହିଁ କ୍ରୋଧେ କାହା ବଡ଼ ପଣ ।
ସ୍ନେହ କେବେ ନୁହେଁ ଫେରିବାର ବାରୁ,
କେହି ନୁହେଁ ମୁକ୍ତ ତା ମହାପ୍ରଭାବୁଁ ।
ରାଜା ହେବ ତୁମ୍ଭେ ମୋ ଅନ୍ତେ ଏ ରାଜ୍ୟ,
ପାଳିବ ନ୍ୟାୟରେ ପରଜା ସମାଜେ ।
ବଶିଷ୍ଠ ତୁମ୍ଭର ଗୋତ୍ର ସୁମହତ,
ତୁମ୍ଭ ବଂଶେ ହେବେ ଦଶ କର୍ମେ ବ୍ରତ ।"
ଏହା ଭାଷି ତୁନ ହେଲେ ନରବର,
ବନ୍ଦିଲେ କୁମାରେ ତାଙ୍କ ଶ୍ରୀପୟର ।
କୋଟି ଧନ୍ୟ ବୃଦ୍ଧରାଜାଙ୍କ କରୁଣା,
ପୁନଶ୍ଚ ପ୍ରଭା ତା ନୁହେଁ ତଳେ ଊଣା ।
ଆଦର୍ଶ ତାଙ୍କର ଦେବ ବ୍ୟବହାର,
ପୁତ୍ର-ଶତ୍ରୁ କରେ ଦେଲେ ରାଜ୍ୟଭାର ।
ପାଦପର ପ୍ରାଣ ଦୟାରେ ସକଳ,
ଶାଖାଚ୍ଛେଦୀକୁ ସେ ଦିଏ ସୁଦ୍ଧା ଫଳ ।
ମହାଜନ ହୃଦ ଆହା କି ପବିତ୍ର,
ମହାଶତ୍ରୁକୁ ବି ମଣନ୍ତି ସେ ମିତ୍ର ।
ଏଭଳି ରାଜା ଯେ ଜନ୍ମେ ନରକୁଳେ,
ନମନ୍ତି ଦେବତା ତାହା ପାଦମୂଳେ ।
ଶମ ଦମ ଦୟା ଆବର ତିତିକ୍ଷା,
କେବଳ ତାହାର ମୂଳମନ୍ତ୍ର ଦୀକ୍ଷା ।
ସୁଲଭ ଯେ ରାଜ୍ୟେ ଏଭଳି ସୁରାଜା,
ତୁଚ୍ଛ ମଣେ ସ୍ୱର୍ଗେ ସେ ରାଜ୍ୟର ପ୍ରଜା ।
ବୃଦ୍ଧ ବିପ୍ର ରାଜା ଝୁରି ପୁତ୍ରଶୋକେ ।
ଅଳ୍ପଦିନେ ଗଲେ ଚଳି ଊର୍ଦ୍ଧ୍ୱଲୋକେ ।
ବନମାଳୀ ଭଞ୍ଜ ହେଲେ ରାଜ୍ୟେଶ୍ୱର,
ପୂରିଲା କପାଳ କଦାଶା ତାଙ୍କର ।
କିଛିଦିନ ପରେ ଗିଞ୍ଜିଲୀ ଖଣ୍ଡରେ,
ବିଦ୍ରୋହ-ଅନଳ ଜଳିଲା ପ୍ରଖରେ ।
ରଘୁନାଥ ଭଞ୍ଜେ ନବୀନ ନୃପତି,
ବିଦ୍ରୋହ ଦମନେ ଦେଲେ ଅନୁମତି ।
କହିଲେ ବିଦ୍ରୋହୀ ମେଳିଆଙ୍କୁ ମାରି
ସେ ରାଜ୍ୟରେ ତୁମ୍ଭେ ହୁଅ ଦଣ୍ଡଧାରୀ ।
ଭ୍ରାତୃରାଜାଙ୍କର ପାଇ ଏ ଆଦେଶ,
ଲଭିଲେ ଅନୁଜ ସନ୍ତୋଷ ବିଶେଷ ।

http://oaob.nitrkl.ac.in

ଖିଣ୍ଡିଲୀରେ କରି ବିଦ୍ରୋହ ଦମନ,
ଦୁର୍ଗ ରଚି ତହିଁ କଲେ ରାଜପଣ ।
ସେ ଦିନୁ ଖିଣ୍ଡିଲୀ ହେଲାକ ସ୍ୱାଧୀନ,
ବହି ଘୁମୁଷର ଅଭିଧା ନବୀନ । *
ଦର୍ଗ ଦେବାଳୟ ତୋଠା ସରୋବର,
କଲେ ବହୁ କୀର୍ତ୍ତି ସେହି ନୃପବର ।
ଏକତିଂଶ ବର୍ଷ ରାଜତ୍ୱ ସେ କରି,
ଗଲେ ସ୍ୱର୍ଗଲୋକେ ପ୍ରାଣ ପରିହରି ।
ଶ୍ରୀ ଅର୍ଜୁନ ଭଞ୍ଜ ତାହାଙ୍କ ନନ୍ଦନ,
ପଞ୍ଚଦଶ ବର୍ଷ କଲେ ରାଜପଣ ।
ଶ୍ରୀ କେଶବ ଭଞ୍ଜ ତାହାଙ୍କ ତନୟ,
ପାଳିଲେକ ବିଂଶ ବର୍ଷ ରାଜ୍ୟଚୟ ।
ନ ଥିଲେ ତାଙ୍କର ସନ୍ତାନସନ୍ତତି,
ଭାଇ ବନମାଳୀ ହେଲେ ନରପତି ।
ଷୋଡ଼ଶ ବର୍ଷ ସେ ବସି ସିଂହାସନେ,
ଆୟୁଶେଷେ ଗଲେ ଅମର ଭୁବନେ ।
ଏଥୁ ଅନ୍ତେ ତାଙ୍କ ସୁଯୋଗ୍ୟ ଆତ୍ମଜ,
କଲେ ରାଜପଣ ଶ୍ରୀ ଗୋପାଳ ଭଞ୍ଜ ।
ଶତ୍ରୁ ତସ୍କରଙ୍କ ଦର୍ପ କରି ଧ୍ୱଂସ,
ଶାସିଲେ ସେ ରାଜ୍ୟ ତେଇଶ ବରଷ ।
ତାଙ୍କର ଗୋବିନ୍ଦ ଭଞ୍ଜ ନାମେ ସୁତ,
ପଞ୍ଚଦଶ ବର୍ଷେ ହେଲେ ମହୀଭୃତ ।
ଜଗନ୍ନାଥ ଭଞ୍ଜ ତାହାଙ୍କ କୁମର,
ପାଳିଲେ ଦ୍ୱାଦଶ ବର୍ଷ ଘୁମୁଷର ।
ହରିକୃଷ୍ଣ ଭଞ୍ଜ ତାଙ୍କର ନନ୍ଦନ,
ମଣ୍ଡିଲେ ପନ୍ଦର ବର୍ଷ ସିଂହାସନ ।
ତଦୁତ୍ତାରେ ତାଙ୍କ ପୁତ୍ର ଗୌରହରି,
ଦଶବର୍ଷ ମାତ୍ର ରାଜପଣ କରି,
ଲଭିଲେ ପଞ୍ଚତ୍ୱ ହୋଇ ନିଃସନ୍ତାନ ।
ଭ୍ରାତା କୃଷ୍ଣଭଞ୍ଜ ହେଲେ ନରତ୍ରାଣ ।
ଷୋଡ଼ଶ ବରଷ ପ୍ରଜାପାଳି ପ୍ରଜା,
ନଶ୍ୱର ଶରୀର ତେଜିଲେ ସେ ରଜା ।
ରାଜା ହେଲେ ତହୁଁ ନରସିଂହ ଭଞ୍ଜ,
ଆଜିକେ ତାଙ୍କର ହୋଇଯାଏ ସଞ୍ଜ ।
ଅଠର ବରଷ ରାଜ୍ୟଭୋଗ କରି,
ଗଲେ ପରଲୋକେ ଭାଗ୍ୟ ଅନୁସରି ।
ପିତୃ ଅନ୍ତେ ପୁତ୍ର ବଳଭଦ୍ର ଭଞ୍ଜ,
ଉଡ଼ାଇଲେ ଧର୍ମରାଜ୍ୟେ ଖ୍ୟାତିଧ୍ୱଜ ।
ହେଲେହେଁ ବିଶାଳ ରାଜ୍ୟ ଅଧିକାରୀ,
ସ୍ୱଭାବେ ସେ ପ୍ରେମ-ଭକ୍ତିର ଭିଖାରୀ ।
ଏକତ୍ରିଂଶ ବର୍ଷ ରାଜ୍ୟ ପ୍ରଜାପାଳି,
କାଳସ୍ରୋତେ ରାଜ୍ୟେ ଦେଲେ ତନୁ ଢାଳି ।
ଶ୍ରୀମୁକୁନ୍ଦ ଭଞ୍ଜ ତାଙ୍କ ପ୍ରିୟ ସୁତ,
ରାଜନୀ-ବାଞ୍ଛିତ ବହୁ ଗୁଣଯୁକ୍ତ ।
ପ୍ରାଣପଣେ ପାଳି ପିତାଙ୍କ ଆଦର୍ଶ,
ଶାନ୍ତିରେ ରାଜତ୍ୱ କଲେ ଷୋଳବର୍ଷ ।
ତାଙ୍କ ପରେ ପୁତ୍ର ଶ୍ରୀମଧୁସୂଦନ,
ରାଜସିଂହାସନ କଲେ ଆରୋହଣ ।
ଶାସି ପାଳି ପ୍ରଜା ବରଷ ପନ୍ଦର,
କାଳବଶେ ପ୍ରାପ୍ତ ହେଲେ ଲୋକାନ୍ତର ।
ତାହାଙ୍କର ପୁତ୍ର ନାରାୟଣ ଭଞ୍ଜ,
ମୃଗୟୁ ମଣ୍ଡଳେ ଟେକ ଯାଙ୍କ ଧ୍ୱଜ ।
ଊନବିଂଶ ବର୍ଷ ବସି ରାଜାସନେ,
ଯଥାକାଳେ ଗଲେ ଶାଶ୍ୱତ ଭୁବନେ ।
ନୃପ-ହୀରା ତାଙ୍କ ପୁତ୍ର ହୀରାଧର,
ରାଜ୍ୟ-ଯନ୍ତ୍ରର ସେ ଯନ୍ତ୍ରୀ ଧୁରନ୍ଧର ।
ପଞ୍ଚଦଶ ବର୍ଷ ପ୍ରଜା ପାଳି ସୁଖେ,
କଲେ ମହାଯାତ୍ରା ଦିବ୍ୟଧାମ ମୁଖେ ।
ନରହରି ଭଞ୍ଜ ପୁତ୍ର ତାହାଙ୍କର,
କଲେ ରାଜପଣ ବରଷ ଅଠର ।

*—ଘୁମୁଷର ନାମକ ଇତିହାସ କାବ୍ୟାଂଶରେ ଅର୍ନ୍ତୁଭୁକ୍ତହେବ ।

http://oaob.nitrkl.ac.in

ନରହରିଙ୍କର ପୁତ୍ର ଜଗନ୍ନାଥ,
ଚଳଲକ୍ଷ୍ୟ ଭେଦେ ଥିଲେ ସୁବିଖ୍ୟାତ ।
ଊନବିଂଶ ବର୍ଷ ହୋଇ ନରରାଣ,
ଦେହ ତେଜି କଲେ ତ୍ରିଦିବେ ପ୍ରୟାଣ ।
ତାହାଙ୍କ କୁମର ବଳେ ଅନୁପମ,
ମତ୍ତହସ୍ତୀ ଭଞ୍ଜ ମତ୍ତହସ୍ତୀ ସମ ।
ଅତି ବୀର୍ଯ୍ୟବନ୍ତ, ଅମାନୁଷ ବଳେ,
ବଧନ୍ତି ସେ ତଣ୍ଡି ଚାପି ମହାବଳେ ।
ଶ୍ରୀ ପୁରୁଷୋତ୍ତମ ଭଞ୍ଜ ତାଙ୍କ ସୁତ,
ଦଶ ବର୍ଷ ରାଜ୍ୟ ପାଳି ହେଲେ ମୃତ ।
ତାଙ୍କ ବୀରପୁତ୍ର ସୁନୀତି-ଆଳୟ,
ପ୍ରତାପୀ ପ୍ରତାପଭଞ୍ଜ ସଦାଶୟ ।
ଦୂରହସ୍ତେ ଠୁଳ କରି ଧନଧାନ୍ୟ,
ବହୁହସ୍ତେ ତାହା କରୁଥିଲେ ଦାନ ।
ଅତୁଳ ତାଙ୍କର ଶୌର୍ଯ୍ୟ ପ୍ରଭାବ,
ଗଙ୍ଗା ଜଳ ପରି ନିର୍ମଳ ସ୍ୱଭାବ ।
ଧାର୍ମିକ ଦୟାଳୁ ଦାତା କ୍ଷମାମୟ,
ପାଳୁଥିଲେ ପୁତ୍ର ତୁଲ୍ୟ ପ୍ରଜାଚୟ ।
ରାଜଧର୍ମ ରାଜନୀତି ବିଚକ୍ଷଣ,
ଉଦାର ହୃଦୟ ସତ୍ୟପରାୟଣ ।
କୁଲାଡ଼ରେ ଦୁର୍ଗ ସେ ନୃପ ନିର୍ମାଣି,
କରିଥିଲେ ତାକୁ ଶ୍ରେଷ୍ଠ ରାଜଧାନୀ । ୧
ତୋଳାଇ ଦେଉଳ ଅମର-ଲୋଭିତ,
ଜଗନ୍ନାଥେ ତହିଁ କଲେ ପ୍ରତିଷ୍ଠିତ ।
ଆଡ଼ମ୍ବରେ ଦେବ ପୂଜାନୀତି ପାଇଁ,
ଖଞ୍ଜି ଦେଇଛନ୍ତି ଗ୍ରାମ ଧୂଆଁ ଛାଇ ।
ଗୁଣଗ୍ରାହୀ ରାଜା ଗୁଣି-ଅଳଙ୍କାର,
ଅର୍ପନ୍ତି ଗୁଣୀଙ୍କୁ ଯାଚି ପୁରସ୍କାର ।
ବହୁ ନୟନର କାର୍ଯ୍ୟ ସମ୍ପାଦନ,
କରୁଥିଲା ତାଙ୍କ ଯୁଗଳ ନୟନ ।

ସପ୍ତଦଶ ବର୍ଷ ହୋଇ ରାଜ୍ୟେଶ୍ୱର,
ହୋଇଛନ୍ତି ମରି ସୁଦ୍ଧା ସେ ଅମର ।
ବଜ୍ରଧର ଭଞ୍ଜ ତାହାଙ୍କ କୁମର,
କଲେକ ରାଜତ୍ୱ ଦଶ ସମ୍ବତ୍ସର ।
ଶାନ୍ତିପ୍ରିୟ ରାଜା ଗୁଣିକ ଧାର୍ମିକ,
କିନ୍ତୁ ଭାଗ୍ୟଦୋଷେ ଥିଲେ ଅପୁତ୍ରିକ ।
ତହୁଁ ତାଙ୍କ ଭ୍ରାତା ଶ୍ରୀହରି ଶରଣ,
ତ୍ରୟୋଦଶ ବର୍ଷ କଲେ ରାଜପଣ ।
ତାଙ୍କର କପିଳ ଭଞ୍ଜ ନାମଧାରୀ—
ପୁଣି ଘୁମୁସରେ ହେଲେ ଅଧିକାରୀ ।
ସପ୍ତବିଂଶ ବର୍ଷ ଅନ୍ତେ ସେ ନୃପତି,
ଦେହ ତେଜି କଲେ ପରଲୋକେ ଗତି ।
ଶ୍ରୀମନ୍ତ ଶ୍ରୀଧର ତାହାଙ୍କ ନନ୍ଦନ,
ମଣ୍ଡିଲେ ପନ୍ଦର ବର୍ଷ ସିଂହାସନ ।
ତାଙ୍କ ଗୁଣଧର ପୁଣି ରାମଚନ୍ଦ୍ର,
ପ୍ରକୃତି ରଞ୍ଜନେ ଯଥା ରାମଚନ୍ଦ୍ର !
ଧରି ରାଜଦଣ୍ଡ ବର୍ଷ ଏକବିଂଶ,
ଲଭିଲେ ପଞ୍ଚତ୍ୱ ସେ ସାଧୁ କ୍ଷିତୀଶ ।
ଯଥାକାଳେ ତାଙ୍କ କୁମାର ଲକ୍ଷ୍ମଣ,
ଉଜ୍ଜ୍ୱଳିଲେ ସୂର୍ଯ୍ୟବଂଶ ସିଂହାସନ ।
ପଞ୍ଚଦଶ ବର୍ଷ ରାଷ୍ଟ୍ର ଯନ୍ତ୍ର ଚାଳି,
ତେଜିଲେ ଜୀବନ କାଳ ଆଜ୍ଞା ପାଳି ।
ତ୍ରିଲୋଚନ ଭଞ୍ଜ ତାଙ୍କ ପୁତ୍ର ମଣି,
ଅଷ୍ଟାଦଶ ବର୍ଷ ପାଳିଲେ ଧରଣୀ ।
ତାଙ୍କ ସୁତ ହରି ସେବକ ନୃବର,
ରାଜା ହେଲେ ମାତ୍ର ବରଷ ସତର ।
ସବୁ ସୁଖେ ସୁଖୀ ମାତ୍ର ନିଃସନ୍ତତି,
ଭ୍ରାତା ଗଦାଧର ହେଲେ ଅଧିପତି ।
ପଞ୍ଚବିଂଶ ବର୍ଷ ଧରି ପାଳି ଧର୍ମେ,
ସମ୍ବରିଲେ ଲୀଳା ନିୟତି ନିୟମେ ।

୧—କୁଲାଡ଼ର ନାମକରଣ ଇତିହାସ ଭାବ୍ୟାଂଶରେ ଦ୍ରଷ୍ଟବ୍ୟ ।

http://oaob.nitrkl.ac.in

ପୁତ୍ର ଦୟାନିଧି ବୃଦ୍ଧ ସତ୍ୟବାଦୀ,
ଏକବିଂଶ ବର୍ଷ ମଣ୍ଡି ରାଜଗାଦି ,
କଲେକ ଜୀବନ ଯଜ୍ଞ ଉଦ୍‌ଯାପନ,
ତେଜି ରାଜ୍ୟ, ଧନ, ପୁତ୍ର, ପରିଜନ ।
ଏଥିଅନ୍ତେ ତାଙ୍କ ପୁତ୍ର ଗିରିଧର,
ପାଳିଲେ ବିଂଶୋନବର୍ଷ ଘୁମୁସର । ୧
ତାହାଙ୍କ କୃପାଳୁ ପୁତ୍ର କୃପାସିନ୍ଧୁ,
ଘୁମୁସର-ଭାଗ୍ୟ-ନଭ-ପୂର୍ଣ୍ଣଇନ୍ଦୁ ।
ଦ୍ୱାଦଶ ବରଷ କଲେ ରାଜ୍ୟଭୋଗ,
ଅକାଳେ ତାଙ୍କର ଘଟିଲା ବିଯୋଗ ।
ପୁତ୍ର ପଦ୍ମନାଭ ଷଡ଼ବିଂଶ ବର୍ଷ,
ପ୍ରଜାକୁଳେ ଦେଲେ ସୁଖଶାନ୍ତିହର୍ଷ ।
ତାହାଙ୍କ ସୁଯୋଗ୍ୟ ତନୟ ମାଧବ,
ଦୀନ-ଦୁଃଖୀ-ପିତା ଅନାଥ-ବାନ୍ଧବ,
ଦଶବର୍ଷ ମାତ୍ର ହୋଇ ନରମଣି,
ଆଶ୍ରା କଲେ ଆହା ଅନ୍ତିମ ସରଣୀ !
ରାଜା ହେଲେ ପୁତ୍ର କମଳଲୋଚନ,
ବିଂଶ ବର୍ଷ ପରେ ତେଜିଲେ ଜୀବନ ।
ହରିହର ତାଙ୍କ ପୁତ୍ର ଦେବୋପମ,
ଦୁର୍ବଳର ବନ୍ଧୁ ପ୍ରବଳର ଯମ,
ଚତୁର୍ଦ୍ଦଶ ବର୍ଷ ରାଜ୍ୟ ଭୋଗ କରି,
ଗଲେ ଊର୍ଦ୍ଧ୍ୱଲୋକେ ପ୍ରାଣ ପରିହରି ।
କୁମାର ପାଟଳୀ ରଘୁନାଥ ଭଞ୍ଜ,
ଆକାରେ ପ୍ରଭାବେ ମତ୍ତ ମତଙ୍ଗଜ ।
ପିତୃ ବିୟୋଗାନ୍ତେ ହୋଇ ନରପତି,
ସାଧିଲେ ରାଜ୍ୟର ପ୍ରଭୂତ ଉନ୍ନତି ।
ଭଞ୍ଜବଂଶର ସେ ପ୍ରଚଣ୍ଡ ମାର୍ତ୍ତଣ୍ଡ,
ଶିଷ୍ଟେ ପୋଷି ଦୁଷ୍ଟେ ବହୁଥିଲେ ଦଣ୍ଡ ।
ଝରାଉଣ ଥିଲେ ସେ ନରନାୟକ,
ଶତ୍ରୁ ନାରୀ ନେତ୍ରେ ବୈଧବ୍ୟ ଲୋତକ ।

ତାଙ୍କ ଭୀମମୂର୍ତ୍ତି ବିକଟ ଭ୍ରୂକୁଟି—
ଦେଖି ବୈରିବୀର୍ଯ୍ୟ ଅଧେ ଯାଏ ତୁଟି !
ପ୍ରକାଣ୍ଡ ଶରୀର ନରେ ଅପ୍ରତିମ,
ଅବତୀର୍ଣ୍ଣ ଯଥା କଳିଯୁଗେ ଭୀମ ।
ତ୍ରିଂଶ ବର୍ଷାନ୍ତେ ବିସର୍ଜିଲେ ପ୍ରାଣ,
କାବ୍ୟାଂଶେ ବର୍ଣ୍ଣିତ ତାହାଙ୍କ ଆଖ୍ୟାନ । ୨
ରାଜା ହେଲେ ତାଙ୍କ କୁମାର ଦେବେନ୍ଦ୍ର,
ଯଦି ସ୍ୱ-ବାଞ୍ଛିତ ସଦ୍‌ଗୁଣର କେନ୍ଦ୍ର ।
ବାଜୁଥିଲା ତାଙ୍କ ନାମେ ଖ୍ୟାତି ବାଜା,
ଥିଲେ ସେ ସୁଦକ୍ଷ ପ୍ରଜାପ୍ରିୟ ରାଜା ।
ସପ୍ତଦଶ ବର୍ଷ ପରେ ନରସାଇଁ,
ଗଲେ ଚଳି ସ୍ୱର୍ଗେ ପ୍ରଜାଙ୍କୁ କନ୍ଦାଇ ।
ରାଜ୍ୟେ ଅଭିଷିକ୍ତ ପୁତ୍ର ହୃଷୀକେଶ,
ଆଡ଼ମ୍ବରଶୂନ୍ୟ ତାଙ୍କ ରାଜବେଶ !
ଅଷ୍ଟାଦଶ ବର୍ଷ ଅନ୍ତେ ସିଂହାସନ—
ଶୂନ୍ୟ କରି କଲେ ତ୍ରିଦିବେ ଗମନ ।
ଆରୋହଣ ଗାଦି ପୁତ୍ର ପୀତାମ୍ବର,
ଏକବିଂଶ ବର୍ଷେ ପ୍ରାପ୍ତ ଲୋକାନ୍ତର ।
ପୁତ୍ର କଞ୍ଜନାକ୍ଷ ଦ୍ୱାଦଶ ବରଷ,
ସିଂହାସନେ ବସି ଅର୍ଜିଲେ ସୁଯଶ ।
ପୁତ୍ର ବିକ୍ରମ ଭଞ୍ଜ ତାଙ୍କ ପରେ,
ଦଶବର୍ଷ ରାଜା ହେଲେ ଘୁମୁସରେ ।
ତାହାଙ୍କର ପଟ୍ଟକୁମାର ଗୋବିନ୍ଦ,
ରୂପେ ଗୁଣେ ଶୀଳେ ବୈଭବେ ଅନନ୍ୟ ।
ଷୋଳବର୍ଷ ରାଜ୍ୟ ପ୍ରତିପାଳି ଶେଷେ,
ଚାଲିଗଲେ କେଉଁ ଅନୁଦ୍ଦେଶ୍ୟ ଦେଶେ ।
ରାଜଲକ୍ଷ୍ମୀ ବିଜେ ହେଲେ ତାହାପରେ,
ତାହାଙ୍କ ତନୟ ଗଜେନ୍ଦ୍ର କନ୍ଧରେ ।
ରାଜକାର୍ଯ୍ୟେ ତାଙ୍କ ନ ଥିଲା ଆଳସ୍ୟ,
ପାଳିଲେ ସେ ପ୍ରଜା ପଞ୍ଚଦଶ ବର୍ଷ ।

୧—ବିଂଶୋନ—ଊନବିଂଶ । ୨—ପୁଷ୍ପବତୀ ସଙ୍ଗରେ ପାଟଳୀ ରଘୁନାଥ ଭଞ୍ଜଙ୍କ ବିଷୟ ଦ୍ରଷ୍ଟବ୍ୟ ।

http://oaob.nitrkl.ac.in

ପିତା ପରେ ପୁତ୍ର ପୁଣ୍ୟାତ୍ମା ଗୋପାଳ,
ଖୁରୁଧାର ରାଜ୍ୟେ ହୋଇଲେକ ଭୂପାଳ ।
ଦ୍ୱାଦଶ ବର୍ଷାନ୍ତେ ତେଜିଲେ ସଂସାର,
ଉଠିଲା ପ୍ରଜାଙ୍କ କଣ୍ଠୁ ହାହାକାର !
ନରପତି ହେଲେ ପୁତ୍ର ବନମାଳୀ,
ସୁବେଦୀ, ପଣ୍ଡିତ ଶୂର ଗୁଣଶାଳୀ ।
ଆହା ସେ ଦୁର୍ଦ୍ଦୈବ ତିନବର୍ଷ ପରେ,
ହେଲେ ସେ ନିହତ ଅନୁଜ ହସ୍ତରେ !
ଧିକ ରାଜପଦ ଧିକ ସେ ବିଭବ,
ଯା ଲୋଭେ ପିଶାଚ ପାଲଟେ ମାନବ ।
କେଉଁ ନାରକୀ ଏ ମହାପାପ ଶୁଣି,
ନ ରୋଧିବ ହସ୍ତେ କର୍ଣ୍ଣପଥ ପୁଣି ?
ଜ୍ୟେଷ୍ଠ ଭ୍ରାତା ହତ୍ୟା ପିତୃହତ୍ୟା ସମ,
ଜାଣେ ନାହିଁ ଏହା କେଉଁ ନରାଧମ ?
ରାଜପୁତ୍ର ହୋଇ ଏଡ଼େ ଅକରଣି,
କେମନ୍ତେ ଏ ପାପ ସହିଲା ଧରଣୀ ?
ବଡ଼କୁଳରେହିଁ ସବୁ ସମ୍ଭାବିତ,
ଏ ମହାପାପର ନାହିଁ ପ୍ରାୟଶ୍ଚିତ୍ତ !
ଅଢ଼େଇଦିନିଆ ଏ ଜୀବନ ପାଇଁ,
ହୁଅନ୍ତି ପିଶାଚେ ମୂଢେ ଆତତାୟୀ ।
କେତେ ଦିନ ଭଲ ଭୁଞ୍ଜିଲେ ସେ କ୍ଷିତି,
ଯୁଗେ ଯୁଗେ କିନ୍ତୁ ରହିଲା ଅକୀର୍ତ୍ତି !
ଭ୍ରାତୃରକ୍ତସିକ୍ତ ପାପ ସିଂହାସନେ,
ବସିଲେ ସେ ରାଜପୁତ୍ର ହୃଷ୍ଟମନେ ।
ଗୋପୀନାଥ ଭଞ୍ଜ ନାମ ତାହାଙ୍କର,
କଲେ ସେ ରାଜତ୍ୱ ଦ୍ୱାବିଂଶ ବତ୍ସର ।
ଭ୍ରାତୃରକ୍ତପାନେ ରାଜତ୍ୱ ପିପାସା,
ମେଣ୍ଟିଲା ତାଙ୍କର ପୂର୍ଣ୍ଣ ହେଲା ଆଶା ।
ଯା ଦୃଷ୍ଟିରେ ନର-ପ୍ରାଣ ଏଡ଼େ ଛାର,
ସେ ପୁଣି ବହନ୍ତି ନରରକ୍ଷା ଭାର !

ଗୋପୀନାଥ ଭଞ୍ଜ ହୋଇ ନରପତି,
ଦାନେ, ପୁଣ୍ୟେ, ଯଶେ ବଳାଇଲେ ମତି ।
ଗୋପୀନାଥପୁର ଶାସନ ବସାଇ,
ଦାନ କଲେ ତାହା ବ୍ରାହ୍ମଣେ ନୃସାଇଁ ।
ଧର୍ମକର୍ମେ ସଦା ନିବେଶିଲେ ଚିତ୍ତ,
ଏହା ପର ଭ୍ରାତୃହତ୍ୟା ପ୍ରାୟଶ୍ଚିତ୍ତ ।
ଜୀବହତ୍ୟା କରି ମାଂସଦାନ ସମ,
ଏ ଦାନର ପୁଣ୍ୟ ଅତି ଅନୁପମ ।
ତାଙ୍କ ମହାଦେଈ କଲେ ସଂସ୍ଥାପନ,
ନୀଳାଦେଈପୁର ନାମରେ ଶାସନ । *
ଭାଳବକ୍ଷେ ରଖି କୁକୀର୍ତ୍ତି ଅଙ୍କିତ,
ହେଲେ ସେ ନୃପତି କାଳ-କବଳିତ ।
ରାଜ୍ୟ, ଆଧିପତ୍ୟ, ଧନ, ବନ୍ଧୁ, ସ୍ନେହୀ,
ରଖି ନ ପାରିଲେ ଧରି ତାଙ୍କୁ କେହି !
କାଳ ଆଜ୍ଞା କେହି ପାରେ ନାହିଁ ଫିଙ୍ଗି,
ଭାଙ୍ଗିଦିଏ କାଳ ବଡ଼ମା ବାଲୁଙ୍ଗି ।
କରୁଛି ସର୍ଜନା କାଳ ଏକ କରେ,
ଆନ କରେ ତାର ନିଯୁକ୍ତ ଧ୍ୱଂସରେ ।
ପାପୀ ଅତ୍ୟାଚାରୀ ନିଷ୍ଠୁର ନୃଶଂସ,
ନ ରହିବେ କେହି, ସର୍ବେ ହେବେ ଧ୍ୱଂସ !
ନୀତିଧର୍ମେ ନୃପ କରୁଣ ଅନ୍ୟଥା,
କେତେ ଦିନ ପାଇଁ କଲେ କେତେ କଥା !
ମଣିଥିଲେ ପର ନିଜକୁ ଅମର,
ଜମ୍ମା ବଜ୍ରେ ଗଡ଼ା ଶିର ତାହାଙ୍କର ।
ଭ୍ରାତୃହତ୍ୟା ପାପେ କେଉଁ ସ୍ୱର୍ଗେ ଗତି,-
କଲେ, ତାହା ଜ୍ଞାତ ସେହି ନରପତି !
ମନ୍ତ୍ରୀ ଦୁର୍ଜ୍ଜନେ ହିଂସା-ନିଶା ଖାଇ,
ପରଭାର୍ଯ୍ୟା, ପ୍ରାଣ ନିଅନ୍ତି ଛଡ଼ାଇ ।
କିନ୍ତୁ ହୁଅନ୍ତି ନିଜ ଭାର୍ଯ୍ୟା, ପ୍ରାଣ,
ନ ଲଭିବ କାଳଗ୍ରାସୁଁ ପରିତ୍ରାଣ ।

* —ମହାଦେଈ ରାଜାଙ୍କ ପରି ନିଜର ନାମାନୁସାରେ ଶାସନ କରାଇଥିଲେ ।

http://oaob.nitrkl.ac.in

ବସ୍ତୁପରେ ମୃଷା ଜନ-ଅପବାଦ,
ମାତ୍ର ତାହା ପରେ ଛନ୍ଦିଛି ମାକାର ।
ଦହେ ପଦ୍ମବନ ଶିଶିର ଅନ୍ତରେ,
ହେବେ ଦୀନ ଅବା ବଞ୍ଚେ ସେ ମହୀରେ ।
ବଡ଼ଲୋକଙ୍କ ଯେ ସବୁ କଥା ସାଜେ,
ଦୀନ ପକ୍ଷେ ଏକା ହେତବାଣ୍ଡ ବାଜେ ।
ବିଦ୍ୟୁ-ଜ୍ୟୋତି ପରି ଜୀବନ ଅସ୍ଥାୟୀ,
ଏହିକ୍ଷଣି ଅଛି ଏହିକ୍ଷଣି ନାହିଁ ।
ଆଖି ବୁଜି ଦେଲେ ଅନ୍ଧାର ହଠାତ,
ଏଥିରେ କିପାଇଁ ଏତେ ଉତପାତ ?
ନର ଜୀବନର ମହାଲକ୍ଷ୍ୟ ହୁଣ୍ଡ,
ଭଲ ଭ୍ରମେ ନର ସନ୍ତରେ ଲୁହୁଣ୍ଡ !
ଭୁଞ୍ଜେ ତାର ଫଳ ଉଲ୍ଟେ ଅତ୍ୟନ୍ତ,
କର୍ମଦୋଷେ ହୁଏ ସେ କ୍ଷତବିକ୍ଷତ ।

ଗୋପୀନାଥଙ୍କର ଧାର୍ମିକ ତନୟ,
ଧନଞ୍ଜୟ ଭଞ୍ଜ ଯଥା ଧନଞ୍ଜୟ ।
ପ୍ରକାଶିଲେ ପ୍ରଭା ସିଂହାସନେ ବସି,
ପୌର୍ଣ୍ଣମାସୀ ନଭେ ଯେସନ୍ତେ ପୂର୍ଣ୍ଣଶଶୀ ।
ଘୁମୁସର ମହୀ ହସିଲା ଉଲ୍ଲାସେ,
କାନନ ପ୍ରକୃତି ଯଥା ମଧୁମାସେ ।
ନାତି-ଶୀତ-ଉଷ୍ଣ ତାଙ୍କ ସୁଶାସନେ,
ଶୋକ-ତାପ ଦୈନ୍ୟ ନ ଜାଣିଲେ ଜନେ ।
ପ୍ରକୃତିପୁଞ୍ଜର ମଙ୍ଗଳ ନିମିତ୍ତ,
ଥିଲା ରାଜକୋଷ ଚିର-ମୁକୁଳିତ ।
ମଣୁଥିଲେ ସଦା ସେ ନୃପ ରତନ,
ନିଜ ଜୀବନକୁ ପ୍ରଜାଙ୍କ ଜୀବନ ।
ମଣନ୍ତି ନିଜକୁ ସେ ନୃପକେଶରୀ,
ପ୍ରଜାଙ୍କର ଧନ, ଜୀବନ ପ୍ରହରୀ ।

ଅର୍ପିଥିଲେ ପ୍ରଜାହିତେ ପ୍ରାଣ ଦେହ,
କରନ୍ତି ପ୍ରଜାଙ୍କୁ ପୁତ୍ରପରି ସ୍ନେହ ।
ପ୍ରଜା ବି ସମର୍ପି ଭକ୍ତି ବହୁଗୁଣ,
ଶୁଝି ଦେଉଥିଲେ ତାଙ୍କର ସେ ଋଣ !
ପ୍ରଖର-ପ୍ରତିଭ, ଚତୁର ଅଗ୍ରଣୀ,
ପାରନ୍ତି ଉଡ଼ନ୍ତା ପକ୍ଷୀ ପକ୍ଷ ଗଣି ।
ସରଳ ଜୀବନ କରୁଣ ଯାପନ,
ଦାନ ପାଇଁ ନୃପ ସଞ୍ଚିଥିଲେ ଧନ ।
ଲଙ୍ଘିଯାଏ ତାଙ୍କ ଦାନ-ଦୟା ସୀମା, ୧
ଥିଲା ନାହିଁ ତାଙ୍କ ଚରିତ୍ରେ କାଳିମା ।
ଅବ୍ୟର୍ଥ ତାଙ୍କର ଥିଲା ଲକ୍ଷ୍ୟଭେଦ,
ଅବତୀର୍ଣ୍ଣ କିବା ସ୍ୱୟଂ ଧନୁର୍ବେଦ ।
ପୁରୁଜା ବାଞ୍ଛିତ ଗୁଣେ ପରିପୂର୍ଣ୍ଣ,
ସାହିତ୍ୟ-ସଙ୍ଗୀତ-ଶିଳ୍ପ ସୁନିପୁଣ !
ବିରଚିଲେ ସ୍ୱଏ ମଦନ-ମଞ୍ଜରୀ,
ଶାଳୀହୋତ୍ର ଗ୍ରନ୍ଥ ବହୁ ଯତ୍ନ କରି । ୨
ପୁଣି ରଘୁନାଥ-ବିଳାସ ସୁକାବ୍ୟ,
ରସ-ଭାବ-ପ୍ରାଣ ସରଳ ସୁଶ୍ରାବ୍ୟ ।
କୁଲଡ଼ ଗଡରେ ରଚିଲେ ନୃପତି,
ସତୁରି ସହସ୍ର ବ୍ୟୟରେ ଜଗତୀ ।
ତହିଁ ଖଟଦୋଳିବାଙ୍କିଆ ଲଗାଇ,
ନବରତ୍ନେ ତାହା ଥିଲେକ ମଣ୍ଡାଇ ।
ଧନଞ୍ଜୟ ଭଞ୍ଜ ନାମରେ ଶାସନ.
ବସାଇଲେ ନିଜ ନାମେ ଯଶୋଧନ ।
ଦେଉଳ, ମଣ୍ଡପ, ପୁଷ୍କରିଣୀ, କୂପ,—
ଆଦି ବହୁକୀର୍ତ୍ତି ସମ୍ପାଦିଲେ ଭୂପ ।
ଶାସନ୍ତି ସେ ରାଜ୍ୟ ରାଜଧର୍ମୋଚିତ,
କଲ୍ପି ନୀତିଦ୍ୱାରା ନିଜେ ସୁଶାସିତ ;
ନ ଜାଣେ ଯେ କରି ନିଜକୁ ଶାସନ,
ତାହା ପାଇଁ ସୃଷ୍ଟ ନୁହେଁ ରାଜାସନ ।

୧—ଦୟା ତୁଳନାରେ ଦାନ ଅଧିକ କରନ୍ତି । ୨—ମଦନମଞ୍ଜରୀ କାବ୍ୟ, ଶାଳୀହୋତ୍ରନାମକ ଘୋଟକ ପୁରାଣ ।

http://oaob.nitrkl.ac.in

ସୁପୁରୁଷ ସେଏ କନ୍ଦର୍ପ-ସୁନ୍ଦର,
ସଙ୍ଗୀତ-କଳାରେ ଅତି ଧୁରନ୍ଧର ।
ଗୁଣାବାଦ୍ୟ ପୁଣି ପୁଡ଼ାବାଦ୍ୟ ସବୁ—
ବାଦ୍ୟବିଦ୍ୟାରେ ସେ ତୁମ୍ବୁରୁ ଗନ୍ଧର୍ବ । ୧
ରଖିଥିଲେ ବୃତ୍ତି ଦେଇ ବହୁ ଗୁଣୀ,
ପୋଷିଥିଲେ ସାତଜୋଡ଼ି ସେ ନାଚୁଣୀ । ୨
ଅନୁଜ ଗୋବିନ୍ଦ ଭଞ୍ଜଙ୍କୁ ଆନନ୍ଦେ,
ଅଭିଷିକ୍ତ କଲେ ଆଠଗଡ଼ା ପଦେ ।
ରାଜ୍ୟ ଶାସନର ବିଶ୍ୱାସୀ ବିଭାଗ;
ଦେଲେ ତାଙ୍କ କରେ ବହି ଅନୁରାଗ ।
ସେ ସୁଦ୍ଧା କର୍ତ୍ତବ୍ୟ ନିଜରୁ ଉତ୍କୃଷ୍ଟ—
କରି, କରୁଥିଲେ ରାଜାଙ୍କୁ ସନ୍ତୁଷ୍ଟ ।
କୃଷିଶିଳ୍ପକଳା ସମୁନ୍ନତି ପାଇଁ,
କରୁଥିଲେ ବହୁ ବ୍ୟୟ ନରସାଇଁ ।
ବସାଇ ରାଜ୍ୟରେ ସ୍ଥାନେ ସ୍ଥାନେ ହାଟ,
ଅନ୍ତର୍ବାଣିଜ୍ୟର ଖୋଲିଦେଲେ ବାଟ !
ରାଜ୍ୟୋନ୍ନତି-ପକ୍ଷେ ଦକ୍ଷ ପୁରୋହିତ,
ନବଭାବେ କଲେ ରାଜ୍ୟ ସୁଗଠିତ ।
ନବ ମହାଦେଈ ଗର୍ଭୁ ରାଜାଙ୍କର,
ଲଭିଲେ ଜନମ ଦ୍ୱାଦଶ କୁମର ।
ଜ୍ୟେଷ୍ଠ ଗଙ୍ଗାଧର ଶାନ୍ତ ସୌମ୍ୟ ଶିଷ୍ଟ,
ଦେବସୁତ ପ୍ରାୟେ ସତ୍ୟ-ଧର୍ମନିଷ୍ଠ ।
ଦ୍ୱିତୀୟ କୁମାର ପିତୃ ଅନୁରକ୍ତ,
ଜଗନ୍ନାଥ ଭଞ୍ଜ ଜଗନ୍ନାଥ ଭକ୍ତ ।
ଦେଖି ତାଙ୍କୁ ରାଜ୍ୟେ ନୀତିଜ୍ଞ ଉଦାର,
ଅର୍ପିଲେ ଗୁଣର ଯୋଗ୍ୟ ପୁରସ୍କାର ।
ମୂଠା ଜଗନ୍ନାଥ ପ୍ରସାଦ ଆଖ୍ୟାତ,
ପ୍ରାପ୍ତ ହେଲେ ଭକ୍ତିପ୍ରାଣ ଜଗନ୍ନାଥ ।
ତହିଁ ସେ ସୁନ୍ଦର ମଣ୍ଡପ ନିର୍ମାଣି,
ଦଧିବାମନଙ୍କୁ ସଂସ୍ଥାପିଲେ ଆଣି ।

ସ୍ଥାପିଲେ ଶାସନ ମଙ୍ଗରାଜପୁର,
ପୋଷିଥିଲେ ବହୁ-ଅନାଥ ଆତୁର ।
'ସତ୍ତୁଣୀ ଗୁଣ୍ଡା'ରେ ସେ ରାଜ-ନନ୍ଦନ,
ସମ୍ପାଦିଲେ ଧାନ ଲକ୍ଷେକ ଭରଣ ।
ଶ୍ରୀହରି ଶରଣ ତୃତୀୟ କୁମାର,
ପାଇଲେ କୁଗୁଡ଼ା ମୂଠା ଅଧିକାର ।
ଅତି ବଳବନ୍ତ ଶତ୍ରୁ-ଭୀତିପ୍ରଦ,
ହନ୍ତକାରୁ ବଡ଼ଜେନା ତାଙ୍କ ପଦ ।
ବିଶାଳ ତାହାଙ୍କ ପିତଳର ଫରି, ୩
ବହନ୍ତି ଦିଜଣ ଭେଣ୍ଡା ସଙ୍ଗୀ କରି ।
କୁଗୁଡ଼ାରେ ଖଞ୍ଜି ବହୁ ସେବାବୃତ୍ତି,
ସ୍ଥାପିଲେ ସେ ତହିଁ ଜଗନ୍ନାଥ ମୂର୍ତ୍ତି ।
ନିଜ ନାମେ ପୁଣି ବସାଇ ଶାସନ, ୪
କଲେ କ୍ଷାତ୍ରୋଚିତ ସୁଯଶ ଅର୍ଜ୍ଜନ ।
ପ୍ରଜା ଶିକ୍ଷା ପାଇଁ ସେ ନୃପ-ତନୟ,
ସ୍ଥାପିଲେ ରାଜ୍ୟରେ ବହୁ ବିଦ୍ୟାଳୟ ।
ଧନଞ୍ଜୟ ଭଞ୍ଜ ଆଦର୍ଶ ନୃନାଥ,
ହେଲା ତାଙ୍କ କୀର୍ତ୍ତି ଦେଶେ ଦେଶେ ଖ୍ୟାତ ।
ପ୍ରତାପୀ ହେତୁ ସେ ନୃପ ମତଙ୍ଗଜ,
ବୋଲନ୍ତି ପ୍ରତାପ ଧନଞ୍ଜୟ ଭଞ୍ଜ ।
ମଣ୍ଡାଦେଈ ତାଙ୍କ ସୁଆଗୀ ମହିଷୀ,
ଏକ ହୋଇଥିଲ ଦେନି ପ୍ରାଣ ମିଶି ।
ନୂଆଗଡ଼ ରାଜଜେମା ସେ ରୁଚିର,
ଶୋଭା-ସାଗରୁ କି ସଞ୍ଜାତ ଇନ୍ଦିରା ?
ରଖିଥିଲେ ବଶେ ନୃପେ ମଣ୍ଡାଦେଈ,
ପୂର୍ବେ ଦଶରଥେ ଯେସନେ କୈକେୟୀ !
ପ୍ରୀତି ସୌନ୍ଦର୍ଯ୍ୟରେ ରାଜହୃଦ ଜିଣି,
ନେଇଥିଲେ ରାଣୀ ସ୍ୱାମୀ ମନ କିଣି ।
ରାଜାଙ୍କ ଦକ୍ଷିଣ ହସ୍ତ ସେ ସାକ୍ଷାତେ,
ରାଜକୋଷ କଞ୍ଚି ଥାଏ ତାଙ୍କ ହାତେ ।

୧—ଗୁଣାବାଦ୍ୟ—ବୀଣା, ସେତାର ପ୍ରଭୃତି । ପୁଡ଼ାବାଦ୍ୟ—ଢୋଲ, ତବଲା, ମୃଦଙ୍ଗାଦି ।
୨—ନାଚୁଣୀ—ନର୍ତ୍ତକୀ, ନାଚୁଆଣୀ । ୩—ଫରି—ଢାଲ । ୪—ହରିଶରଣପୁର ଶାସନ ।

ଅଛି ପ୍ରୀତିଫଳ ଅତି ବିଷମୟ,
ପରିଣାମେ ହେଲା ଏ ଉକ୍ତିର ଜୟ ।
ସାମନ୍ତ ସୈନିକ ପାଇକ ଚାକର,
ସର୍ବେ ରାଣୀଙ୍କର ହେଲେ ବଚସ୍କର ।
ସ୍ୱାମୀ ସୁଆଗରେ ଗର୍ବିତା ସେ ପୁଣି,
ବାଘ ବଳେ ସିନା ପ୍ରମତ୍ତା ବାଘୁଣୀ ।
ବସିଥାନ୍ତି ରାଜା ରାଜପଦ ନେଇ,
ରାଜ୍ୟେ ହର୍ତ୍ତ୍ରୀ କର୍ତ୍ତ୍ରୀ ହେଲେ ମନ୍ତ୍ରାଦେଈ !
ଦୁର୍ଭାଗ୍ୟେ କଳଙ୍କ ଲଗେ ଆହା ଚାନ୍ଦେ,
ପଡ଼ିଗଲେ ଏଡ଼େ ରାଜା ନାରୀ-ଫାନ୍ଦେ ।
ମନ୍ତ୍ରାଦେଈଙ୍କର ଭୀଷଣ କୁଯଶେ,
ଲଗିବ କଳଙ୍କ ଭଞ୍ଜ ମହାବଂଶେ ।
ବହୁ-ବିବାହର ବିଷମୟ ଫଳ,
ଭୁଞ୍ଜିବେ ନୃପତି-କଣ୍ଠେ-କମଳ ।
ମନ୍ତ୍ରାଦେଈଙ୍କର ପୁତ୍ର ନୀଳକଣ୍ଠ,
ଭଞ୍ଜ ସଂଖ୍ୟାବାନ ଚତୁର କର୍ମଠ ।
କିରୂପେ ହେବେ ସେ ରାଜା ଘୁମୁସରେ
ପାଞ୍ଚୁଥାନ୍ତି ରାଣୀ କୁଟିଳ ଅନ୍ତରେ ।
ଦିନେ ମନ୍ତ୍ରାଦେଈ ସ୍ୱାମୀ ପାଶେ ବସି,
ନିବେଦିଲେ ଧୀରେ ମୃଦୁ ମୃଦୁ ହସି ।
ହେଲେଣି ତ ସ୍ୱାମୀ ବୃଦ୍ଧ ଅବସନ୍ନ,
ଭାଙ୍ଗୁଛି ଶୀର୍ଣ୍ଣତା କ୍ରମେ ଅପଘନ ।
ଅର୍ପି ରାଜ୍ୟଭାର ନୀଳକଣ୍ଠ କରେ
ଭୁଞ୍ଜନ୍ତୁ ବିଶ୍ରାମ ନିଶ୍ଚିନ୍ତ ମନରେ ।
ଶୁଣି ରାଣୀ-ବାଣୀ ନୃପତି-ପୁଙ୍ଗବ,
ଅଳ୍ପମାତ୍ର ହସି ରହିଲେ ନୀରବ ।
ତହୁଁ ମନ୍ତ୍ରାଦେଈ ହୋଇଣ ବିରସ,
କହିବାକୁ ଆଉ ନ କଲେ ସାହସ ।
ଲଭିଲେ ମାନସେ ଦୁର୍ବିଷହ କଷ୍ଟ,
କିନ୍ତୁ ହେଲେ ନାହିଁ ସଙ୍କଳ୍ପରୁ ଭ୍ରଷ୍ଟ ।
ଜାଳିଲା ଅନ୍ତରେ ସଦା ଦୁଷ୍ଟ ଚିନ୍ତା
ଅନୁଦିନ ତାଙ୍କୁ ହେଲା ବିଷ ପିତା ।

କୁଚକ୍ରୀର ସିନା ସ୍ୱଭାବ ଏସନ,
କୌଶଳେ ଅଭୀଷ୍ଟ କରେ ସେ ସାଧନ ।
ଅସାଧ୍ୟ ତାହାର ନାହିଁ କିଛି ଭବେ,
ସବୁ ଅସମ୍ଭବ ତା ଠାରେ ସମ୍ଭବେ ।
କୂଟ ମିଥ୍ୟା ପାପେ ସାଧେ ସେ ସ୍ୱକର୍ମ,
ପାପକୁ ତାହାର ସ୍ୱଭାବଜ ଧର୍ମ !
ଅନ୍ୟାୟ କୁଯଶେ ନାହିଁ ତାର ଭୟ,
ଲେଖା ତାହା ଭାଗ୍ୟେ ଅନ୍ତିମେ ନିରୟ ।
ସୁଆଗୀ ବଚନେ ନୃପ ହୋଇ ସ୍ତବ୍ଧ,
ଭାବନ୍ତେ ଘଟିଲା ବିଷମ ବିପଦ !
ଗଙ୍ଗାଧର ମୋର ପ୍ରଥମ ତନୟ,
ରାଜ୍ୟ-ଅଧିକାରୀ ସର୍ବଗୁଣାଶ୍ରୟ ।
ତାକୁ ତେଜି କଲେ ନୀଳକଣ୍ଠେ ରାଜା,
ବାଜିବ ମୋ ନାମେ ଅପଖ୍ୟାତି-ବାଜା !
ସ୍ତ୍ରୈଣ ବୋଲି ମୋତେ ନିନ୍ଦିବେ ସକଳେ,
ସେ ଦାରୁଣ ଲଜ୍ଜା ମୃତ୍ୟୁଠାରୁ ବଳେ ।
କରିବି ଯେବେ ତା ନୀତି ପଦେ ଦଳି,
ରାଜଧର୍ମେ ସିନା ଦେବି ଜଳାଞ୍ଜଳି ।
କି ପାପେ ବିଧାତା ହୋଇଣ ମୂଦେଇ,
ଛନ୍ଦିଲେ ମୋ ଗଳେ ଏ ଦୁଷ୍ଟା କୈକେୟୀ !
ଦଶରଥ ଭାଗ୍ୟେ ଘଟିଥିଲା ଯାହା,
ଘଟିବ ପରା ତା ମୋ ଦୁର୍ଭାଗ୍ୟେ ଆହା !
ମଣିଥିଲି ଯାକୁ ମଣିରତ୍ନମାଳ,
ମୋ ଭାଗ୍ୟେ ହେଲା ସେ ମହାକାଳ ବ୍ୟାଳ ।
ବିଧାତାର ଏ କି ବିଧାନ ବିଶିଷ୍ଟ,
ସୁନ୍ଦର ଫୁଲରେ ରଖେ ବିଷ କୀଟ !
ଯେସନ୍ତ ବିଧି ସିନା ଶୀତଳ ଚନ୍ଦନେ,
ନିହିଅଛି ତୀବ୍ର ଉଗ୍ରତା ଗୋପନେ ।
କରୁଛି ପ୍ରତିଜ୍ଞା ସାକ୍ଷୀ ରଖି ଦେବେ,
ନୀଳକଣ୍ଠେ ରାଜା ନ କରିବି କେବେ ।

ଅଶ୍ୱତ୍ଥାମା ନାମେ ଯୋଗୀ ସୁବିଖ୍ୟାତ,
ପ୍ରବେଶିଲେ ଆସି ଦିନେ ଅକସ୍ମାତ ।

http://oaob.nitrkl.ac.in

ସ୍ଥାନ ଦେଇ ତାଙ୍କୁ ନୃପ ମହାମନା,
ସ୍ୱୋଚିତ ଭାବେ କଲେ ସମ୍ବର୍ଦ୍ଧନା ।
ଭବିଷ୍ୟତ ଜ୍ଞାତା ଅଟନ୍ତି ସେ ଯତି,
ପଚାରିଲେ ଦିନେ ତାଙ୍କୁ ନରପତି—
"ଅଛନ୍ତି ମୋହର ଦ୍ୱାଦଶ କୁମର,
ଷଡ଼ ପୁତ୍ର ପୁଣି ଅଟେ-ରାଜାଙ୍କର ।
ବସିବ ମୋ ଅନ୍ତେ କିଏ ସିଂହାସନେ,
କହନ୍ତୁ ତାପସ ଦୟା ବହି ମନେ !"
ରାଜାଙ୍କର ପ୍ରଶ୍ନ ଶୁଣି ସେ ତାପସ,
ଭାଷିଲେ କୋମଳେ ହୋଇ ହସ ହସ—
"କୁମାରଗଣଙ୍କୁ ଦେଖି ନୃପବର,
କାଲି ଦେବି ତୁମ୍ଭ ପ୍ରଶ୍ନର ଉତ୍ତର ।"
ତହୁଁ ସମସ୍ତଙ୍କୁ ଘେନି ପରଦିନ,
ହେଲେ ନୃପ ଯୋଗୀ ସମୀପେ ଆସୀନ ।
ହେରି ସର୍ବେ ଯୋଗୀ କହିଲେ ଉତ୍ତର—
"ଧନ ପରେ ରାଜ ହେବ ନରେଶ୍ୱର ।"
ଶୁଣି ଏହା ରାଜେ ହୋଇଣ ବିସ୍ମିତ,
ସନ୍ଦେହ-ଦୋଲାରେ ହେଲେ ଦୋଳାୟିତ ।
କହିଲେ ତାପସେ -"ଆଶ୍ଚର୍ଯ୍ୟ ଏ କଥା,
ଶୁଣି ମୋ ହୃଦୟେ ଜାତ ମହାବ୍ୟଥା ।
ଥାଟେରାଜାଙ୍କର କନିଷ୍ଠ ଅଙ୍ଗଜ,
ପୁତୁରା ମୋହର ବନ୍ଧ ଧନ ଭଞ୍ଜ ।
ସେ କେମନ୍ତେ ରାଜା ହେବ ମୋହୋ ଅନ୍ତେ,
ଏ କଥା ତ ମୋତେ ହେଉ ନାହିଁ ପ୍ରତେ ।"
ଭାଷିଲେକ ମୃଦୁ ହାସ୍ୟେ ଯୋଗିବର,
"ଅବ୍ୟର୍ଥ ମୋ ବାକ୍ୟ ଘଟିବ ନୃବର ।"
ତହୁଁ ନରମଣି ଦାରୁଣ ବିଷାଦେ,
ବାହୁଡ଼ିଲେ ନମି ତପୋଧନ ପାଦେ ।
ସେହି ଦିନୁ ବିଜ୍ଞ ବୃଦ୍ଧ ନରପାଳ,
ଚିନ୍ତିତ ମାନସେ ଯାପୁଥାନ୍ତି କାଳ ।
ଜରାଜୀର୍ଣ୍ଣ କ୍ଷୀଣ ଶରୀରେ ତାଙ୍କର,
ଦୁଷ୍ଟ ଚିନ୍ତା-କୀଟ ପଶିଲ ସତ୍ୱର ।

ପୁତ୍ରମାନଙ୍କର ଭାବୀ ଭାଗ୍ୟଚକ୍ର,
ସ୍ମୃତି-ପଟେ ଅଙ୍କି ହେଉଥିଲେ ଭୀତ ।
ପ୍ରିୟ ଘୁମୁସର ଭବିଷ୍ୟତ ଚିନ୍ତା,
ଜୀର୍ଣ୍ଣ ହୃଦବନେ ଜାଳୁଥିଲା ଚିତା !
ବର୍ତ୍ତମାନ ଚିନ୍ତା ହେଉ ଅହର୍ନିଶି,
ଭବିଷ୍ୟତ ତାଙ୍କୁ ଯାଉଥାଏ ଦିଶି ।
କିଛିଦିନ ପରେ ମନ୍ତ୍ରୀଦେଇ ପୁଣି,
ଗର୍ଜି ଫାଇଁ ଫାଇଁ ଯେସନ ତମ୍ପୁଣୀ;
ଯାଇ ସ୍ୱାମୀ ପାଶେ କଲେ ଜଣାମଣା,
କାନ୍ଦି ମାୟାବିନୀ ମାୟାର କାନ୍ଦଣା—
"ଛଅ ପୁଅଯାକ ଥାଟେରାଜାଙ୍କର,
ଗଙ୍ଗାଧରଙ୍କର ପ୍ରିୟ ସହଚର ।
ଗୁଣଧର ତାଙ୍କ କୁସଂସର୍ଗେ ପଡ଼ି,
ନାନା ଅପକର୍ମେ ରତ ହରଘଡ଼ି ।
ବସି ଷଡ଼ଯନ୍ତ୍ର କରନ୍ତି ସେମାନେ,
ମୋ ପୁତ୍ରକୁ ଦିନେ ମାରିଦେବେ ପ୍ରାଣେ ।
ନ କରନ୍ତୁ ଛାମୁ ଏହା ଅପ୍ରତ୍ୟୟ,
ଦୃଢ଼ରୂପେ ମୁହିଁ ବୁଝିଛି ନିଶ୍ଚୟ ।
ସେ ଦୁଷ୍ଟଙ୍କୁ ରାଜ୍ୟ ଛଡ଼ନ୍ତୁ ସତ୍ୱର,
ନତୁ ଆତ୍ମହତ୍ୟା କରିବ ନିକର ।"
ଏହା ଭାଷି ରାଣୀ ଫେରିଗଲେ ତ୍ୱରା,
ଅସମ୍ଭାଳ କ୍ରୋଧେ ହୋଇ ଆତ୍ମହରା ।
ଶୁଣି ଏହା ନୃପ ହୋଇଣ ତାଟଙ୍କା,
ଗଣିଲେ ମାନସେ ଭବିଷ୍ୟ ଆଶଙ୍କା ।
ନ ପାରିଲେ ବୁଝି ମନ୍ତ୍ରୀଦେଇ ଛଳ,
ଉଠିଲା ପ୍ରଜ୍ୱଳ ହୃଦେ କ୍ରୋଧାନଳ ।
ଥାଟେରାଜାଙ୍କୁ ସେ ହକାରି ତକ୍ଷଣେ,
କହିଲେ ଆଦେଶ କଠୋର ବଚନେ-
"ପୁତ୍ରମାନେ ତବ ଦୁଷ୍ଟ କୁଳାଙ୍ଗାର,
କରୁଛନ୍ତି ରାଜ୍ୟେ ବହୁ ଅତ୍ୟାଚାର ।
ପାଟଦେଈଙ୍କୁ ସେ ଦେଇ କୁମନ୍ତ୍ରଣା,
କଲେଣି ତାହାଙ୍କ ମତିର ଖେଳଣା ।

http://oaob.nitrkl.ac.in

ରାଜ୍ୟରୁ ସେମାନେ ଯାଉନ୍ତୁ ବାହାରି,
ଅନ୍ୟଥା ନ ହେବ ମଙ୍ଗଳ କାହାରି ।”
ଅଟରାଜା କିଛି ନ ଦେଇ ଉତ୍ତର,
ଦୁଃଖେ କ୍ଷୋଭେ ଗଲେ ଫେରି ସେ ସତ୍ୱର ।
ଖଡ଼ଲକୁମାରଙ୍କୁ ଦ୍ୱାରି ଚଞ୍ଚଳ,
ଜଣାଇଲେ ରାଜ ଆଜ୍ଞା ଅବିକଳ ।
ଶୁଣି ପୁତ୍ରମାନେ ମନେ ଭୟ ଗଣି,
ଘୁମୁସର ଛାଡ଼ି ଗଲେ ସେହିକ୍ଷଣି ।
ରହିଲେ ଶ୍ରୀକ୍ଷେତ୍ରେ ଯାଇ ତିନି ଭାଇ,
ଦୁଇଟି ରହିଲେ ନୂଆଗଡ଼େ ଯାଇ ।
ଗଲେ ଧରାକୋଟେ ସାନ ଭଣ୍ଟି ଏକା,
ରହିଲେ ସେଠାରେ ନୃପେ କରି ଦେଖା ।
ସହି ନ ପାରିଣ ପୁତ୍ରଙ୍କ ବିଚ୍ଛେଦ,
ଅଟରାଜା ସଦା କରୁଥାନ୍ତି ଖେଦ ।
ଦିନେ ରାଜା ପାଶେ ପ୍ରକାଶି ଛଳନା,
ଗଲେ ନୂଆଗଡ଼େ ହୋଇ କ୍ଷୁବ୍ଧମନା ।
ରହିଲେ ସେଠାରେ ପୁତ୍ରଙ୍କ ସଙ୍ଗରେ,
ନ ଆସିଲେ ଆଉ ଫେରି ଘୁମୁସରେ ।
ମନ୍ତ୍ରୀ ମହାଦେଇ ଶୁଣି ଏ ସମ୍ବାଦ,
ଲଭିଲେ ମାନସେ ଅପାର ଆହ୍ଲାଦ ।
ଏହି ସୁଯୋଗରେ ପୁତ୍ରଙ୍କୁ ଡାକରି,
ରାଜା କରିବାକୁ ହେଲେ ସେ ତତ୍ପର ।
ଚମ୍ପାନାଦୀ ନାମେ ଗୁନ୍ଥୁଣୀଙ୍କୁ ଡାକି,
କହିଲେ ତାହାକୁ ଏକାନ୍ତେ ଏକାକୀ—
"ମୋ କଥା ଯେବେ ତୁ ରଖିବୁ ଲୋ ନାନି,
ଦେବି ଧନରତ୍ନ ଗନ୍ତାଘରୁ ଆଣି ।
ନ ଜାଣିବେ କେହି ନ ପାରିବେ ଦେଖି,
ବଡ଼ ଗ୍ରାମ ଖଣ୍ଡେ ଦେବି ତୋତେ ଲେଖି ।
ଦକ୍ଷିଣ ହସ୍ତର କରଣୀ ତୋହର,
ନ ପାରିବ ଜାଣି ଯେହ୍ନେ ଦକ୍ଷେତର ।
ସକାଳେ ତ ରାଜା କରନ୍ତି ଯୋଗଣ,
ଉଷ୍ମ ଦୁଧ, ସରୁ ଚକୁଳି, ଛଅଣ ।
ତାହା ସଙ୍ଗେ ବିଷ ଦେବୁ ତୁ ମିଶାଇ,
କାମ ସାରି ମୋତେ ଜଣାଇବୁ ଯାଇ ।”
ଧିକ ଶତ ଧିକ ମନ୍ତ୍ରୀଦେଈ ରାଣୀ,
ଉଚାରିଲ ତୁଣ୍ଡେ କେମନ୍ତେ ଏ ବାଣୀ ?
ନ ଗଲା ଯା ଛିଡ଼ି ତୁମ୍ଭ ପାପ ଜିଭ,
ଏ କଳଙ୍କ ତବ ଯୁଗେ ଯୁଗେ ଥିବ ।
ରାଜରାଣୀ ହୋଇ ଏଡ଼େ ମହାପାପ,
ତକ୍ଷଣେ ତୁମ୍ଭଙ୍କୁ ନ ଦଂଶିଲା ସାପ !
ନିଜ ମୁଖେ ହୋଇ କଳଙ୍କ ଲେପିତ,
ପତି-ପିତୃକୁଳ କଲ କଳଙ୍କିତ !
ପତି ଗୁରୁ, ପତି ଆରାଧ୍ୟ ଦେବତା,
ଭୁଲିଗଲ ହାୟ କେମନ୍ତେ ଏ କଥା !
ସ୍ୱାମିହତ୍ୟା, ଗୁରୁହତ୍ୟା, ରାଜହତ୍ୟା,
ତିନି ମହାପାପ ଅର୍ଜିଲ ସର୍ବଥା !
ହୋଇ ରାଜବଧୂ, ରାଜଜେମା ପୁଣି,
କର୍ମଦୋଷେ କିନା ହେଲ ପିଶାଚୁଣୀ !
ଦେବୀକୁଳେ ଜନ୍ମି ହେଲ ତ ଦାନବୀ,
ନ ପଡ଼ିଲା ତୁମ୍ଭ ମସ୍ତକେ ଯା ପବି ।
ବଂଶଧରେ ତବ ସ୍ମରି ଏ ଅଯଶ,
ହେବେ ହେଟମୁଣ୍ଡ ହୋଇ ଲଜ୍ଜାବଶ ।
କାନ୍ଦିବେ ବିସର୍ଜି ରୁଧିର ଲୋତକ,
ରାଣୀକୁଳେ ତୁମ୍ଭେ ଘୃଣିତ କଳଙ୍କ ।
ଯେଉଁ ରାଜକୁଳେ ଜନମି ସାବିତ୍ରୀ,
ପତି-ପିତୃକୁଳ ଗଲେକ ପବିତ୍ରି ।
ଘୋଷେ ଯାଙ୍କ କୀର୍ତ୍ତି ଶାସ୍ତ୍ର-ଇତିହାସ,
ଘୋଷୁଛି ଧରଣୀ ଆକାଶ ବତାସ ।
ମୃତସ୍ୱାମୀଙ୍କୁ ଯେ ଦେଲେ ପ୍ରାଣଦାନ,
ଲଭିଲେ ସ୍ୱର୍ଗରେ ଅତୁଳ ସମ୍ମାନ !
ସେହି କୁଳେ ଜାତ ତୁମ୍ଭେ କି ଗୋ ସତେ,
କିଏ ସେ ବା ଏହା କରିବ ପରତେ !
ମଣିଖଣିରୁ କି ସମ୍ଭବେ ଖପରା,
ରସାଳ ପାଦପେ ଫଳେ କି ବଲସ ?

http://oaob.nitrkl.ac.in

ଶୁଣି ଆଜ୍ଞାମତେ ନୃପେ ଚମ୍ପାଦାସୀ,
ଝଷବୋଲା ଖାଦ୍ୟ ପରଶିଲା ଆଣି ।
ଭୁଞ୍ଜି ତାହା ନୃପ ପଞ୍ଚଲେକ ବଳ,
ତରଙ୍ଗ ଆଘାତେ ବାସି ପଦ୍ମ ଭଳି ।
ତୀବ୍ର ବିଷେ ଶ୍ୱାସ ତେଜିଲେ ଜୀବନ,
ଅସ୍ତ ଶମ୍ଭୁପୁର ସୌଭାଗ୍ୟ-ତପନ !
ଧିକ ଚମ୍ପା ଦାସୀ-ରୂପିଣୀ ବାଘୁଣୀ,
ବ୍ରାହ୍ମଣୀ ନୋହୁ ତୁ ଦୁଷ୍ଟା ଚଣ୍ଡାଳୁଣୀ !
କେଡ଼େ କୃତଘ୍ନୀ ତୁ କେଡ଼େ ପାପୀୟସୀ,
ଆଶ୍ରୟ-ପାଦପେ ଛେଦିଲୁ ରାକ୍ଷସୀ !
କି ସାହସେ କଲୁ ଏଡ଼େ ପାପ କାମ,
ପରଶିବ ପାପ ଧଇଲେ ତୋ ନାମ !
ଦୁଷ୍କରଣୀ ତୋର କରୁଣ ଶ୍ରବଣ,
ତେଜିବେ ଘୃଣାରେ ଜନେ ନିଷ୍ଠୀବନ ।
ଯେଉଁ ନାରକୀ ତୋ ପାପ ନାମ ଶୁଣି,
ନ ଦେବ ଲୋ ତୋତେ ତୀବ୍ର ଶାପ ପୁଣି !
ଏଡ଼େ କଳଙ୍କୀ ତୁ ନାରୀ ଜନ୍ମ ପାଇ,
ମାତୃଗର୍ଭେ ଦୁଷ୍ଟା ନ ମଲୁ କିପାଇଁ ?
ଧନଲୋଭେ ଗଲୁ ପରିଣାମ ଭୁଲି,
ସ୍ୱଜ-ଜୀବନକୁ ମଣିଲୁ ପିମ୍ପୁଡ଼ି !
ଏ ମହାପାପର ନାହିଁ ପ୍ରାୟଶ୍ଚିତ୍ତ,
ତାଲେ କର୍ମଫଳ ଭୁଞ୍ଜିବୁ ନିଶ୍ଚିତ ।
ଯେଉଁ ପାପଫଳେ ହାୟ ନରମଣି,
ପୋଷିଥିଲେ ଘରେ ଏ ଦୁଷ୍ଟା ବ୍ରାହ୍ମଣୀ ।
ମଣୁଥିଲେ ଯାକୁ ନିଜହା ମାଉସୀ,
ବାଘୁଣୀ ହୋଇ ସେ ନେଲା ପ୍ରାଣେ ମାରି ।
ମହୀଲତା ହେଲା କାଳ ଭୁଜଙ୍ଗିନୀ,
ଦୁର୍ବିଳୁ ପ୍ରକୃତ ହୁଏ ନାହିଁ ଚିହ୍ନି !
ଜଣାଇଲା ଚମ୍ପା ଧାଇଁ ଉର୍ଦ୍ଧ୍ୱଶ୍ୱାସେ,
ସ୍ୱଜମୃତ୍ୟୁ ବାର୍ତ୍ତା ମଣ୍ଡାଦେଈ ପାଶେ ।

ଶୁଣି ମଣ୍ଡାଦେଈ ଶରେ ଉଠିଯାଇ,
କହିଲେ ଗୋପନେ ନୀଳକଣ୍ଠେ ଯାଇ ।
ଆଜି ପ୍ରାତେ ରାଜା ତେଜିଲେ ଜୀବନ,
ରାଜା ହେବାକୁ ତୁ କର ଆୟୋଜନ ।
ଦନ୍ତାଦଳ୍ପାକୁ ମୁଁ ତୋଷି ବହୁଧନେ *
କରାଇଛି ତାଙ୍କୁ ସମ୍ମତ ଗୋପନେ ।
ଅଛୁ ସେ ବାହାରେ ତାହା ସାହାଯ୍ୟରେ,
ହାଣିପକା ଯାଇ ବେଗେ ଗଙ୍ଗାଧରେ ।
ପୁଅକୁ ବି ତାର କରଣ ନିଧନ,
ନିଷ୍କଣ୍ଟକ ହୋଇ କର ରାଜପଣ ।
ମାତୃ ଆଜ୍ଞା ପାଇ ପୁତ୍ର ନୀଳକଣ୍ଠ,
ସ୍ୱକାର୍ଯ୍ୟ ସାଧନେ କଲେ ନାହିଁ ମଠ ।
ଦନ୍ତାଦଳ୍ପାକୁ ସେ ଘେନିଣ ସଙ୍ଗରେ,
ଉପସ୍ଥିତ ହେଲେ ଗଙ୍ଗାଧର ଘରେ ।
ଦନ୍ତାଦଳ୍ପା ତାଙ୍କ ଇଙ୍ଗିତକୁ ଜାଣି,
ଗଙ୍ଗାଧର ଭଣ୍ଡେ ପକାଇଲା ହାଣି ।
ପୁଣି ଶତ୍ରୁଶିଶୁ ପଳାଉଁ ପଳାଉଁ,
ଦନ୍ତାଦଳ୍ପା ହସ୍ତେ ହେଲେକ ଗତାୟୁ ।
ପାଇକ ନାୟକ ମାହନ୍ତ ସମସ୍ତ,
ନୀଳକଣ୍ଠଙ୍କର ଥିଲେ ବଶୀଭୂତ ।
ନ ଘଟିଲା ବିଘ୍ନ ଗାଦି ଆରୋହଣେ,
ବସିଲେ ସେ ଯାଇ ପିତୃ-ସିଂହାସନେ ।
ଭାଇ ପୁତୁରଙ୍କ ରକ୍ତେ ଅଭିଷେକ,
ଦର୍ପେ ବୀରବାହୁ ଥିବେ ପସ୍ ଟେକ !
ବସି ସେ ବେନଙ୍କ ଶବ-ସିଂହାସନେ,
ଅସହ୍ୟ ଆନନ୍ଦ ଭୁଞ୍ଜୁଥିବେ ମନେ !
ପୂର୍ଣ୍ଣ ହେଲା ଏବେ ମଣ୍ଡାଦେଈ ସାଧ,
ଭୁଞ୍ଜୁଥିବେ ପ୍ରାଣେ ଦୁର୍ଲଭ ଆହ୍ଲାଦ ।
ଦୟାଧର ପ୍ରଭୁ ସହ୍ନ ଏ ପାତକ,
ପାପହାରୀ ସଂଜ୍ଞା ହେଲେକ ସାର୍ଥକ ।

* --ଦନ୍ତାଦଳ୍ପା ମଣ୍ଡାଦେଈଙ୍କର ବିଶ୍ୱାସୀ ପରିଚାରକ ।

http://oaob.nitrkl.ac.in

ପିତା, ପୁତ୍ର, ପୌତ୍ର ଏକାଦିନେ ନାଶ,
ଅଦୃଷ୍ଟର ଏ କି ତୀବ୍ର ପରିହାସ !
ଶତ୍ରୁଞ୍ଜୟ ପତ୍ନୀ ଥିଲେ ଗର୍ଭବତୀ,
ଗର୍ଭରକ୍ଷା ପାଇଁ ଭୀତ ହେଲେ ଅତି ।
ପାରିକେ ତାହାଙ୍କୁ ଗୁପ୍ତେ ଘେନିଯାଇ ।
ବାରବା ଗ୍ରାମରେ ରଖିଲେ ଲୁଚାଇ । ୧
ପଞ୍ଚଷଠି ବର୍ଷ କରି ରାଜପଣ,
କଲେ ଧନଞ୍ଜୟ ମରଣେ ବରଣ ।
ଏତେ ଧର୍ମପ୍ରାଣ ରାଜର୍ଷି କପାଳେ,
ଅପମୃତ୍ୟୁ ଥିଲା ଲେଖା ବୃଦ୍ଧକାଳେ ।
ଦୃଷ୍ଟା ନୃପତିର ଶାସନ ବିଧାନ,
ନ ପାରନ୍ତି କରି ଦେବତାଏ ଆନ ।
ସ୍ୱୟଂ ନୃପତିର ନାହିଁ ସ୍ପୃହା ଟାସ୍,
ଲଙ୍ଘିବାକୁ ନିଜେ ନିଜ ସୃଷ୍ଟିଧାସ୍ ।
ମୃତ୍ୟୁ ସମୟରୁ ଧନଞ୍ଜୟଙ୍କର,
ହୋଇଥିଲା ପୂର୍ଣ୍ଣ ନବେ ସମ୍ବତ୍ସର ।
ଭଞ୍ଜରାଜା ମଧ୍ୟେ ତାହାଙ୍କ ସମାନ,
ଥିଲେ ନାହିଁ କେହି ଦୀର୍ଘ ଆୟୁଷ୍ମାନ ।
ବହୁମୁଖୀ ସୂକ୍ଷ୍ମ ପ୍ରତିଭା ବଳରେ,
ସାଧୁଥିଲେ କାର୍ଯ୍ୟ ବହୁ କୌଶଳରେ ।
ତାଙ୍କ ଦାନ ପୁଣ୍ୟ ଦୟା ସାଧୁଭାବ,
ଦେଇଥିବ ତାଙ୍କୁ ଦେବମେଳେ ଠାବ ।

## ଦଶମ ସର୍ଗ

ତାଙ୍କ ପରେ ହେଲେ ନୀଳକଣ୍ଠ ରାଜା,
ଉଡ଼ାଇ ଚୌଦିଗେ ଅପଖ୍ୟାତି-ଧ୍ୱଜା ।
କବୀନ୍ଦ୍ର ଉପେନ୍ଦ୍ର ତାହାଙ୍କ କୁମାର,
କାବ୍ୟକଳାଦକ୍ଷ ବାଣୀ ଶିଳ୍ପକାର ।
ବାଣୀ-ପଦେ ସଦା ରଖିଥାନ୍ତି ଭକ୍ତି,
କବିତ୍ୱ ତାଙ୍କର ସହଜାତ ଶକ୍ତି ।
ସେ ଶକ୍ତି ତାରକ-ମନ୍ତ୍ରର ପ୍ରସାଦେ, ୨
ଅଦ୍ଭୁତ ବିକାଶ ଲଭିଥିଲା ହ୍ଲାଦେ ।
ଉତ୍କଳ-ଭାରତୀ ଯୋଗ୍ୟପାତ୍ର ମଣି,
ଅର୍ପିଥିଲେ ତାଙ୍କ କରେ ସ୍ୱଲେଖନୀ ।
ଶାସ୍ତ୍ର, ଇତିହାସ, ଭୂଗୋଳ, ପୁରାଣ,
ଗଣିତ, ଜ୍ୟୋତିଷ, ଦର୍ଶନ, ବିଜ୍ଞାନ;
ଆୟୁର୍ବେଦ, ଧନୁର୍ବେଦ ଏକାଧାରେ,
ଲେଖିଛନ୍ତି କବି କାବ୍ୟେ ଦକ୍ଷତାରେ ।
ସୌନ୍ଦର୍ଯ୍ୟ, ବୈଚିତ୍ର୍ୟ କରି ବହୁ ସୃଷ୍ଟି,
ମଧୁ ପରେ ମଧୁ କରିଛନ୍ତି ବୃଷ୍ଟି ।
ହୋଇପାରେ ଯେତେ କଳାସୃଷ୍ଟି କାବ୍ୟେ,
ସାଧିଛନ୍ତି କବି ତାହା ପୂର୍ଣ୍ଣଭାବେ ।
ଅଳଙ୍କାର ଶାସ୍ତ୍ରୁ ସବୁ ଅଳଙ୍କାର,
ଲୁଟି ନେଇଛନ୍ତି କରି ବଳାତ୍କାର ।
ଅପୂର୍ବ ଉପମା ଅଦ୍ଭୁତ ଚାତୁରୀ,
ପ୍ରତି କବିତାରେ ରହିଅଛି ପୂରି ।
କଳ୍ପନା ସଙ୍ଗେ ସେ ରଚନ୍ତି ବିଳାସ,
ଉତ୍କଳ-ସାହିତ୍ୟେ କବି କାଳିଦାସ !

ନୂଆଗଡ଼ ରାଜ-ଜେମାଦେଈଙ୍କର, ୩
ଗ୍ରହିଥିଲେ ପାଣି ଭଞ୍ଜ କବିବର ।

୧—ବାରବା ଗ୍ରାମ କରଡ଼ା ରାଜ୍ୟରେ ଅବସ୍ଥିତ । ୨—କବିବର ଉପେନ୍ଦ୍ର ଭଞ୍ଜ ରାମତାରକ ମନ୍ତ୍ର ସାଧନ କରି କବି ହୋଇଥିଲେ ବୋଲି ସ୍ୱପ୍ରଣୀତ କାବ୍ୟରେ ଲେଖିଯାଇଅଛନ୍ତି । ୩—ନୂଆଗଡ଼ ରାଜା ବନ୍ଦାସୁକ ସିଂହଙ୍କ କନ୍ୟା ଭଞ୍ଜଙ୍କର ପ୍ରଥମ ସ୍ତ୍ରୀ ଏବଂ ବାଣପୁରର ରାଜା ଅଚ୍ୟୁତ ହରିଚନ୍ଦନ ସ୍ୱସୁଙ୍କ କନ୍ୟା କବିଙ୍କର ଦ୍ୱିତୀୟ ସ୍ତ୍ରୀ ଥିଲେ ବୋଲି କଥିତ ହୁଏ ।

http://oaob.nitrkl.ac.in

ପ୍ରାପ୍ତ ହୋଇଥିଲେ ତହିଁ ଗୁଣାଗ୍ରାମ,
ଯୌତୁକ ସ୍ୱରୂପେ ମାଲପାଡ଼ା ଗ୍ରାମ ।
ଅଳ୍ପ କାଳ ପରେ ସେ ରାଜନନ୍ଦିନୀ,
ଗଲେ ସ୍ୱର୍ଗେ ତେଜି ମାଟିର ମେଦିନୀ ।
ତହୁଁ ବାଣପୁରରେ ଭୂପଙ୍କ ବିବାହ,
ରାଜକନ୍ୟା ସହ ହୋଇଲା ନିର୍ବାହ ।
ସେ ରାଜକୁମାରୀ କାବ୍ୟ-ବିନୋଦିନୀ,
ନିଜ ଗୁଣେ ନେଲେ ସ୍ୱାମୀ ମନ କିଣି ।
ଗୁଞ୍ଜା ହୋଇଲା ମଣି ସଙ୍ଗତେ ହାଟକ,
ବିହିଥିଲା ବିଧି କି ରାଜଯୋଟକ ?
ବେନିଙ୍କ ହୃଦୟ ଏକା ମଣି ଖଣି,
ବେନିଏ ବେନିଙ୍କ ଯେସନେ ପ୍ରତିଧ୍ୱନି !
ଗୋଟିଏ ପ୍ରାଣର ଦୁଇ କଳେବର,
ଦୁଇ ପ୍ରତିଶବ୍ଦ ଗୋଟିଏ ଶବ୍ଦର ।
ଏକ ସଙ୍ଗୀତର ଅବା ଦୁଇ ସ୍ୱର,
ଯଥା ଏକ ଆତ୍ମା ପାର୍ବତୀ ଶଙ୍କର ।
ଉଷା ପ୍ରଭାତର ଶୁଭ୍ର ବିଭା ପ୍ରାୟେ,
ଏ ବିବାହ ଉଭେ ସର୍ବଥା ଯୋଗାଏ ।
ଚଞ୍ଚଳ ବିଦ୍ୟୁତେ ଝମ୍ପା ବାରିବାହ;
ଅବା ଭାଷା ସହ ଭାବର ବିବାହ ।
ଅଥବା ମାନସେ ପ୍ରତୀତ ଏପରି,
ଛନ୍ଦ ଗଲେ ଛନ୍ଦା କବିତା-ସୁନ୍ଦରୀ !
ପଣ୍ଡିତଙ୍କର ପତ୍ନୀ ଥିଲେ ପ୍ରାଣାଧିକା,
ସାହିତ୍ୟ-ଯଜ୍ଞର ଉତ୍ତର ସାଧିକା ।
ବିଦୁଷୀ ପ୍ରେୟସୀ ସ୍ୱଧର୍ମପ୍ରବୀଣା,
ସାରସ୍ୱତ-ଯୋଗୀ ଉପଯୁକ୍ତ ସିନା ।
କୋକିଳ କାକଳୀ ରସାଳ-ମୁକୁଳ,
ଲୁଟିବ କି ତାକୁ କେବେ ଆନ ଫୁଲ ?
କାବ୍ୟର କାଞ୍ଚୀ ମଞ୍ଜୁଳ ସୁନ୍ଦରୀ,
ତେଣୁ ସେ ପାଦରେ ଅଛି ତାକୁ ବରି ।
ସତୀ ସୀମନ୍ତିନୀ ପତିପରାୟଣା,
ଆଦର୍ଶ ଗୃହିଣୀ ସେ ରାଜଲଳନା ।

ପ୍ରକାଶନ୍ତି ପତି ପ୍ରତି ଗୁରୁଭକ୍ତି,
ପତି ହିଁ ତାଙ୍କର ଗତି ମୁକ୍ତି ଶକ୍ତି ।
ପତିପୂଜା ତାଙ୍କ ଇଷ୍ଟଦେବ ପୂଜା,
ପତିପ୍ରାଣା ଯେସନେ ଧରଣୀ ତନୁଜା ।
ନ କହୁଣୁ ସ୍ୱାମୀ ଜାଣି ତାଙ୍କ ମନ,
କରୁଥିଲେ ତାଙ୍କ ଅଭୀଷ୍ଟ ପୂରଣ ।
ଭାଗ୍ୟେ ଗୁଣବତୀ ଦେବୀ ପତ୍ନୀ ଲଭି,
ସ୍ୱଗୃହକୁ ସ୍ୱର୍ଗ ମଣୁଥିଲେ କବି ।
ଧର୍ମ ସାଧନର ସହାୟ ନିମନ୍ତେ,
ସଧର୍ମିଣୀ ଧାତା ସୃଜିଛି ଜଗତେ ।
ରମଣୀ ପୁରୁଷ ଉଭୟ ଶକ୍ତିରେ,
ପୂର୍ଣ୍ଣତାକୁ ଲଭେ ଧର୍ମ ଧୀରେ ଧୀରେ ।
ଏକର ପୀଡ଼ାରେ ଆନ ଭୁଞ୍ଜେ ବ୍ୟଥା,
ଆଦର୍ଶ ଦମ୍ପତୀ ସେ ଏକା ସର୍ବଥା ।
ଦମ୍ପତି ସମ୍ବନ୍ଧେ ଅଦ୍ଭୁତ ବ୍ୟାପାର,
ଜନଶ୍ରୁତି ସଦା କରୁଛି ପ୍ରଚାର ।
ମନେ ମନେ ଚିନ୍ତେ ବିଚାରିଲେ କବି,
ବାଣପୁର ଜେମା ଦେବୀ କି ମାନବୀ ?
ଦ୍ୱିତୀୟା ଜାୟା ତ ବୋଲନ୍ତି କନିଆଁ,
ବାସ୍ତବରେ କନ୍ୟାଜାୟା ଉଚ୍ଚ ନିଆଁ ।
କିନ୍ତୁ ସେ ରୀତି ତ ନାହିଁ ମୋ ପ୍ରିୟାର,
କେତେ ଶୁଦ୍ଧପୂତ ଏହାଙ୍କ ବେଭାର !
ରାଜକନ୍ୟା କେହି ଏଭଳି ହେବ କି,
ଖଟିଛନ୍ତି ପାଦେ ଯେସନ ସେବକୀ !
ଏତେ ଅନୁରାଗ, ଭକ୍ତି, ଦେବୀ ବିନା,
ମାନବୀ ପକ୍ଷରେ ଅସମ୍ଭବ ସିନା !
କୌତୁକରେ ଆଜି ବଞ୍ଚି ପ୍ରିୟା ମନ,
କରିବି ଦୁର୍ବାର ସନ୍ଦେହ ମୋଚନ ।
ବୁଝିବି ଅଛି କି ଏ ସୁନାରେ ଖାଦ,
ମେଣ୍ଟିଯିବ ସତ୍ୟ ସନ୍ଦେହର ବାଦ ।
ବୁଝିବି ଆବର ପ୍ରତ୍ୟକ୍ଷେ ଏ କଥା,
ଏ ସୁଗନ୍ଧ ଫୁଲେ ଅଛି କି ତୀବ୍ରତା ।

http://oaob.nitrkl.ac.in

ଧଳା ଫର୍ ଫର୍ ଡିଶ୍ବକ୍କ କର୍ପୂର୍,
ଚାଖିଲେ ଜାଣିବ ପିତା କି ମଧୁର୍ ।
ଝଟାଉ ଏସନ କତ ମହାମନା,
ବାହାରିଲେ ଧରି ମୃଗୟା ଛଳନା ।
ଘେନଲେ ମେଲାଣି ପ୍ରିୟା ପାଶୁ ଖରେ,
ଝଟେ ହେଲେ ବନେ ଧନୁ ଧରି କରେ ।
ରଙ୍ଗପ୍ରିୟ କବି ଖଣ୍ଡେ ଦୂର ଯାଇ,
ଆଦେଶିଲେ ଜଣେ ପରିକରେ ଯାଇ ।
କହିବୁ ତୁ ଯାଇ ଘରରେ ତୁରନ୍ତ,
ଯୁବରାଜ ହେଲେ ବାଘଦେଣ୍ଟେ ହତ ।
ଜାଣିବୁ କପଟେ ଶୁଖାଇଣ ମୁଖ,
ତୋ ପଛେ ଯାଇ ମୁଁ ଦେଖିବି କୌତୁକ !
ସେହିପରି ଭୃତ୍ୟ କରନ୍ତେ ବଖାଣ,
କବିପତ୍ନୀଙ୍କର ଉଡ଼ିଗଲା ପ୍ରାଣ ।
ମୁଦିଲେ ସେ ଆଖି କମଳିନୀ ଯଥା,
ବାସୁ-ମୁଖୁ ଶୁଣି ରବି ଅସ୍ତ କଥା ।
ଉଠିଲା ନଅରୁ ଶୋକ ହାହାକାର,
କାନ୍ଦିଲେ ସ୍ୱଜନ ଜ୍ଞାତି ପରିବାର ।
ଦେଖିଣ ଏ ଦୃଶ୍ୟ ଫେରି ଆସି କବି,
ମଣିଲେ ମସ୍ତକେ ପଡ଼ିଲା କି ପବି ?
ପ୍ରେମ-ପରୀକ୍ଷାରେ ଘଟିଲା କୁଫଳ,
ମହାଶୋକେ କବି ହେଲେକ ବିକଳ ।
ବିରହ-ବିଧୁର ଚକ୍ରବାକ ଯଥା,
ଦେଖି ଚକ୍ରବାକୀ ନିଷାଦ-ନିହତା ।
ଭାଷିଲେ—"ଅର୍ଜିଲି ଅହୋ କେଡ଼େ ପାପ,
ଅଦୃଷ୍ଟର ହାୟ କି ନିଷ୍ଠୁର ଶାପ ?
ରହସ୍ୟରେ କରି ପାରିଧି ପ୍ରୟାଣ,
ନେଲି ମୁଁ ପାରିଧି ପିନା ପ୍ରିୟା ପ୍ରାଣ ?
ନିଜ ହାତେ ପିନା ନିଜ ସୁଖତରୁ,—
ଛେଦିଲି ମୁଁ ତୁଚ୍ଛା ଖିଆଲବଶରୁ ।
ମୋହରି ଶରୀରୁ ଜନ୍ମ ଲଭି ବ୍ୟାଧି,
ମୋହରି ଉପରେ ନେଲା ଦାଉ ସାଧି ।
କ୍ରୀଡ଼ାଶିଶୁ ଦଶା ଲଭିଲି ମହୀରେ,
ନିଜେ ଖଣା ଖୋଳି ପଡ଼ିଲି ତହିଁରେ ।
ନାରୀ ବଧ ପୁଣି ଧର୍ମପତ୍ନୀ ବଧ,
ଦେନ ପାପେ ପ୍ରାଣ ହେଉଛି ଦଗଧ !
ଅର୍ଜିଲି ସ୍ୱଦୋଷେ କଳଙ୍କ ଦୁର୍ଜ୍ଜନା,
କରୁଛନ୍ତି ବିବେକ ଅକଥ୍ୟ ଭର୍ତ୍ସନା !
ବାଜିବ ମୋ ନାମେ ଉଚେ ନିନ୍ଦା-ଭେରି,
କିନ୍ତୁ ଗଲା କଥା ନ ଆସିବ ଫେରି ।
କହିଗଲା ବାଣୀ ବହିଗଲା ପାଣି,
ବାହୁଡ଼ି ନ ଆସେ କେବେ ସେ ଉଜାଣି ।
ବାନ୍ଧିଛି ମୁଁ ଆଶା ମୋର ପ୍ରିୟତମା,
କରିବ ନିଶ୍ଚେ ମୋ ଅପରାଧ କ୍ଷମା ।
ସତୀ ନାରୀ କେବେ ବହେ ନାହିଁ ଦ୍ୱେଷ,
ଧରେ ନାହିଁ ସତୀ କେବେ ପତି-ଦୋଷ ।
ମୁଁ ପିନା ନାରକୀ ସେ ପୁଣ୍ୟହୃଦୟା,
ମାଗିବ ମୋ ଲାଗି ପ୍ରଭୁ ପାଦେ ଦୟା ।
ସତୀର ପ୍ରାର୍ଥନା ଶୁଣି ଭାବଗ୍ରାହୀ,
ଦେବେ ମୋତେ ନିଶ୍ଚେ ଏ ପାପରୁ ତ୍ରାହି ।
ଏହା ଭାବି କବି ଛାଡ଼ି ଦୀର୍ଘଶ୍ୱାସ,
ଲଭିଲେ ମାନସେ କିଞ୍ଚିତ ଆଶ୍ୱାସ ।
କଲେ କବିରବି ପ୍ରତିଜ୍ଞା ଦୁରୂହ,
ନ କରିବେ ଆଉ ଦାର-ପରିଗ୍ରହ ।
ସେହି ଦିନୁ କଲେ କି ସୁର ମୋହିନୀ—
କଳ୍ପନା ରାଣୀଙ୍କୁ ଜୀବନ ସଙ୍ଗିନୀ ।
ଶୟନେ ସ୍ୱପନେ ଦିବସ ଶର୍ବରୀ,
କଳ୍ପନା ତାଙ୍କର ହେଲା ସହଚରୀ ।
କଳ୍ପନା-ବିଳାସୀ କଳ୍ପନା ସଙ୍ଗରେ,
ମାତିଲେ ବିନୋଦେ ବିବିଧ ରଙ୍ଗରେ ।
ଯୋଗ୍ୟପାତ୍ର ମଣି କଳ୍ପନା-ସୁନ୍ଦରୀ,
ନେଲାକ କବିଙ୍କୁ ସମାଦରେ ବରି ।
ଦଇବେ ମାଳତୀ ଭେଟିଲେ ଚନ୍ଦନେ,
ଧରେ ପିନା ତାକୁ ଦୃଢ଼ ଆଲିଙ୍ଗନେ ।

http://oaob.nitrkl.ac.in

କଳ୍ପନା ତାହାର ରଥପଥେ ଫେରି,
କେତେ ମହାଦୃଶ୍ୟ ଦେଖାଇଲା ନେଇ ।
ନେଇଗଲା କେତେ ପର୍ବତ କାନ୍ତାରେ,
ରାଜ୍ୟ, ମରୁଭୂମି, ମହାସିନ୍ଧୁ ପାରେ ।
ତୋଳିଦେଲା କେତେ ଆକାଶରୁ ଫୁଲ,
ଚମ୍ପା, ନାଗେଶ୍ୱର, ବକୁଳ, ଅଙ୍କୁଳି ।
ବୁଲାଇଲା ନେଇ ବହୁ ସ୍ୱପ୍ନ-ସ୍ୱର୍ଗେ,
ଭୁଞ୍ଜିଲେ ଉପେନ୍ଦ୍ର ସୁଖ ତା ସଂସର୍ଗେ ।
ଅପାର୍ଥିବ ରତ୍ନେ ଗୁନ୍ଥି ଚାରୁହାର,
ପିନ୍ଧାଇଲା କବି-କଣ୍ଠେ ବାରମ୍ବାର ।
ଉତ୍କଳ-ଭାରତୀ-ଭକ୍ତ କବିବର,
ମନ୍ଥିଲେ ମୁଦେ କଳ୍ପନା-ସାଗର !
ସେ ମନ୍ଥନୁଁ ଜାତ ହୋଇଛି ଯେ ସୁଧା,
କରୁଛି ତା ପାନ ଉତ୍କଳ ବସୁଧା ।
ସେ ମନ୍ଥନୁଁ ଜାତ କାବ୍ୟ-ପାରିଜାତ,
ସୁଗନ୍ଧ ସମ୍ଭାରେ ସାହିତ୍ୟେ ବିଖ୍ୟାତ ।
ଚନ୍ଦ୍ରତୁଲ୍ୟ ପୁଣି ଜନମି ସଙ୍ଗୀତ,
ସାହିତ୍ୟ-ମନ୍ଦିରେ କରେ ଆଲୋକିତ ।
କବି, କଳ୍ପନାର ଏ ଅପୂର୍ବ ବିଭା,
ହେଲା ସାରସ୍ୱତ ବିଧାନରେ ନଭା ।
କଳ୍ପନା-ବୈଚିତ୍ର୍ୟ କଳ୍ପନା-କୁହୁକ,
କଳ୍ପନା ରସିକ ପକ୍ଷେ ସ୍ୱର୍ଗସୁଖ ।
କଳ୍ପନାର ଭାଷା କଳ୍ପନାର ଛନ୍ଦ,
ବାସ୍ତବରୁ ବଳି ପ୍ରଦାନେ ଆନନ୍ଦ !
କଳ୍ପନାରେ ଯେଉଁ ମଧୁ ବିଦ୍ୟମାନ,
ଭୁକ୍ତଭୋଗୀ ବିନା ନ ଜାଣେ ତା ଆନ ।
ପ୍ରଥମେ କଳ୍ପନା ପଶ୍ଚାତେ ସର୍ଜନା,
ଏ ଅନନ୍ତ ସୃଷ୍ଟି ବିଧିର କଳ୍ପନା ।
ପଛେ ତାହା ରୂପ ଯାଇଅଛି ଧରି,
କଳ୍ପନା ଶୂନ୍ୟରେ ଛାଞ୍ଚବନ୍ଧା ପରି ।
ଜଗତର ଯେତେ ଶ୍ରେଷ୍ଠ ଅନୁଷ୍ଠାନ,
କଳ୍ପନା ସବୁରି ମୂଳେ ବିଦ୍ୟମାନ ।
ନ ସମ୍ଭବେ ଭବେ କିଛି ତାହା ବିନା,
କଳ୍ପନା କାର୍ଯ୍ୟର ସୂକ୍ଷ୍ମ ଆତ୍ମା ସିନା !

ନୂଆଗଡ଼ ରାଜ୍ୟେ ମାଳୀସାହୀ ଗ୍ରାମ,
ଥିଲା କବିଙ୍କର ପ୍ରିୟ ଲୀଳାଧାମ ।
ସେ ଗ୍ରାମ ତାଙ୍କର ଯୌତୁକ ସମ୍ପତ୍ତି,
ପ୍ରକାଶନ୍ତି ତେଣୁ ମମତା ତା ପ୍ରତି ।
ନିବସି ସେ ସ୍ଥାନେ ଏକତାନ ମନେ,
ରତ ଥିଲେ କବି ବାଣୀ-ଆରାଧନେ ।
ସେହି ଗ୍ରାମ ତାଙ୍କ ସାଧନାର କ୍ଷେତ୍ର,
ବନ୍ଦୀ କରିଥିଲା ଦେହ ମନ ନେତ୍ର ।
ସାରସ୍ୱତ-ଯୋଗୀ ତେଜି ରାଜଭୋଗ,
ସାଧୁଥିଲେ ତହିଁ ସାରସ୍ୱତ-ଯୋଗ ।
ରଘୁନାଥ ନାମେ ଜନୈକ ସନ୍ନ୍ୟାସୀ,
କବି-ନିକେତନେ ପ୍ରବେଶିଲେ ଆସି ।
ଆତିଥ୍ୟେ ସନ୍ତୋଷ ଲଭି ଯୋଗିବର,
ଦେଲେ ତାଙ୍କୁ ରାମ-ତାରକ ମନ୍ତର ।
ସିଦ୍ଧଗୁମ୍ଫା ଗର୍ଭେ ବସି ରାଜସୁତ, ୧
ଜପିଲେ ସେ ମନ୍ତ୍ର ହୋଇ ଶୁଦ୍ଧପୂତ ।
ସେ ମନ୍ତ୍ର ପ୍ରଭାବେ କବି-ପ୍ରତିଭାର,
ଘଟିଲା ବିକାଶ ଅତି ଚମତ୍କାର !
ବହୁ ଛାନ୍ଦ କାବ୍ୟ ବିରଚିଲେ କବି,
ଉତ୍କଳ-ସାହିତ୍ୟ-ପଦ୍ମବନ-ରବି ।
ଅତୁଳ ଗୌରବ ଅତୁଳ ସୁଖ୍ୟାତି,
ଲଭିଲେ କୁମାର କାବ୍ୟରସେ ମାତି ।
ସଙ୍ଗୀତ ଚୌପଦୀ ଅବନା କବିତା, ୨
ରଚିଛନ୍ତି ବହୁ ସେ କବି-ସବିତା ।

୧—ସିଦ୍ଧଗୁମ୍ଫା ନୂଆଗଡ଼ ରାଜ୍ୟରେ ଅବସ୍ଥିତ । ୨—ଅବନା କବିତା ଛଡା ଉପେନ୍ଦ୍ରଭଞ୍ଜ "ରସତରଙ୍ଗ" ନାମରେ ଖଣ୍ଡିଏ ପ୍ରକାଣ୍ଡ କାବ୍ୟ ଅବନା ଅକ୍ଷରରେ ଲେଖିଅଛନ୍ତି ।



http://oaob.nitrkl.ac.in

ବହୁଭାଷାଭିଜ୍ଞ ସୁରସିକ କବି,
ଅଙ୍କିଛନ୍ତି କେତେ ଚାରୁବନ୍ଧ ଛବି ।
ଯାଗ, ନାସ, ଶୋଣା, ପଶାଖେଳ ଗୀତ,
ଚାରୁଣି ଛଟାରେ ମୋହେ ନାଏ ଚିତ୍ତ ।
କାବ୍ୟ ମହାକାବ୍ୟ ଦ୍ୱିପଞ୍ଚାଶ ଖଣ୍ଡ, *
ବିରଚିଲେ କବି ସାହିତ୍ୟ-ମାର୍ତ୍ତଣ୍ଡ ।
ବହୁମୁଖୀ କବି-ପ୍ରତିଭାର ଛାୟା,
କାବ୍ୟ-ଦର୍ପଣରେ ଧରିଅଛି କାୟା ।
ଯୋଗସିଦ୍ଧ ଯୋଗୀ ଭଞ୍ଜ ବୀରମଣି,
କାବ୍ୟବୀରକୁଳେ ଆଦର୍ଶ ଅଗ୍ରଣୀ ।
ଶତ ଧନ୍ୟ ତାଙ୍କ ଅଦ୍ଭୁତ କ୍ଷମତା,
ନର ନୁହନ୍ତି ସେ ବରେଣ୍ୟ ଦେବତା !
ସାହିତ୍ୟେ ବୀରତ୍ୱ ଦେଖି ତାହାଙ୍କର,
ଲଭିଲେ ସନ୍ତୋଷ ନବଦ୍ୱୀପେଶ୍ୱର ।
ଜାମାତୃ-ଗୌରବେ ତାହାଙ୍କ ହୃଦୟ,
ଉଠିଲା ଉଲ୍ଲାସେ ଫୁଲି ଅତିଶୟ ।
କରି ବୀରବର ଉପାଧି ପ୍ରଦାନ,
ଅର୍ପିଲେ କବିଙ୍କୁ ବିପୁଳ ସମ୍ମାନ ।
ସ୍ଥାପି ଯାଇଛନ୍ତି କବି କୁଳାଗ୍ରାମେ,
ପ୍ରତାପୀ ଦେବତା ରଘୁନାଥ ନାମେ ।
ଉପାସ୍ୟ ଦେବତା ସେହି କବିଙ୍କର,
ପୂଜୁଥିଲେ ନିତି ତାଙ୍କ ଶ୍ରୀପୟର ।
କୃପାମୟ ହରି ଦୁଃଖିତାପହାରୀ ।
ଡାକିଲେ ଶୁଣନ୍ତି ଆତୁର ଗୁହାରି ।
ସାଟେ୍ଟାପେ ପୂଜିତ ଅଦ୍ୟାପି ସେ ମୂର୍ତ୍ତି,
ବହିଛନ୍ତି ଦେବ ଭଞ୍ଜକବି ସ୍ମୃତି ।

କୁଳାଗ୍ରାମ-ଭାଗ୍ୟ ସେ ଦିନୁ ଉଦିତ,
ପୁଣ୍ୟତୀର୍ଥରୂପେ ଉତ୍କଳେ ପୂଜିତ ।
ଉଦ୍ଯାପିଣ କବି ସାରସ୍ୱତ ଯାଗ,
ଚତ୍ୱାରିଂଶ ବର୍ଷେ କଲେ ତନୁତ୍ୟାଗ ।
ସାହିତ୍ୟ-ଶଶାଙ୍କ ହେଲେ ଅସ୍ତମିତ,
ସାହିତ୍ୟ-ଗଗନ ହେଲା ଅନ୍ଧାରିତ ।
ସେହିଦିନୁ ଭଞ୍ଜ ଚିର ସ୍ମୃତିମଣି,
ଧରି ନାହିଁ ଗର୍ଭେ ଉତ୍କଳ ଧରଣୀ ।
କାନ୍ଦୁଛି ଉତ୍କଳ, କାନ୍ଦୁଛି ଗଞ୍ଜାମ,
କାନ୍ଦେ ଘୁମୁସର, ମାଳୀସାହି ଗ୍ରାମ ।
କାନ୍ଦୁଛି କୁଳାଡ଼ ବକ୍ଷେ କର ହାଣି,
କାନ୍ଦୁଛନ୍ତି ଶୋକେ ଦେବୀ ବୀଣାପାଣି ।
କବିତା ଅମୃତ, ସୁକବି ଅମର,
ଘଟେ ମାତ୍ର ସିନା ତାର ଘଟାନ୍ତର ।
କାବ୍ୟ ନୁହେଁ ଖାଲି ସୁକବିର ସ୍ମୃତି,
ତାହାରି ମଧ୍ୟରେ ଥାଏ କବିମୂର୍ତ୍ତି ।
ବହୁ ମୂର୍ତ୍ତି ଧରି କାବ୍ୟରୂପରେ ସେ,
ବୁଲୁଥାଏ ଘରେ ଘରେ ଛଦ୍ମବେଶେ ।
ଧରି ଜ୍ୟୋତିର୍ମୟ କୀର୍ତ୍ତି-କଳେବର,
ଭଞ୍ଜ ମହାକବି ହିକାଲେ ଅମର !
ଉପମାରେ ଭଞ୍ଜ ଦ୍ୱିତୀୟ କାଳିଦାସ,
ଭାବେ ଭବଭୂତି ସୁକବି ସଙ୍କାଶ ।
କାବ୍ୟକଳା ତାଙ୍କ ଅମର ବିଭବ,
ଆନ ଭାଷା, ଆନ ସାହିତ୍ୟେ ଦୁର୍ଲ୍ଲଭ !
ଅଙ୍କି ତାଙ୍କ ପୁଣ୍ୟ ଆଦର୍ଶ ଜୀବନୀ,
ପବିତ୍ର ହେଲା ଏ ଦୁର୍ବଳ ଲେଖନୀ ।

* ବୈଦେହୀଶ ବିଳାସ, ରସିକ‌ହାରାବଳୀ, ଚନ୍ଦ୍ରରେଖା, ରସଚନ୍ଦ୍ରିକା, ଚିତ୍ରକାବ୍ୟ ବନ୍ଧୋଦୟ, ହେମମଞ୍ଜରୀ, ଚିତ୍ରଲେଖା, କଳାବତୀ, କଳାକଉତୁକ, କାମକଳା, କୋଟିବ୍ରହ୍ମାଣ୍ଡସୁନ୍ଦରୀ, ଲାବଣ୍ୟବତୀ, ମୁକ୍ତାବତୀ, ମନୋରମା, ଲତା, ପ୍ରେମସୁଧାନିଧି, ଶଶିରେଖା, ଶୋଭାବତୀ, ସୁବର୍ଣ୍ଣରେଖା, ସୁଭଦ୍ରା ପରିଣୟ, ତ୍ରୈଲୋକ୍ୟମୋହିନୀ, ଅବନାରସତରଙ୍ଗ, ବାରଚଉତିଶା, ବ୍ରଜଲୀଳା, ଛାନ୍ଦଭୂଷଣ, ଛାନ୍ଦଭୂଷଣ, ଚଉପଦୀଚନ୍ଦ୍ର, ଯମକରାଜ ଚଉତିଶା, କଟପାୟା, ବୃତ୍ତବିହାର, ପୁରୁଷୋତ୍ତମ ମାହାତ୍ମ୍ୟ, ରସପଞ୍ଚକ, ରସଲେଖା, ସଙ୍ଗୀତକୌମୁଦୀ, ହାସ୍ୟାର୍ଣ୍ଣବ, ଚିତ୍ରକୋଷ, ଗୀତାଭିଧାନ ପ୍ରଭୃତି ୫୨ ଖଣ୍ଡ ପୁସ୍ତକ ।

http://oaob.nitrkl.ac.in

ଧନ୍ୟ ହେ କବୀନ୍ଦ୍ର ସାରସ୍ୱତ-ଯତି,
ଲକ୍ଷ୍ମୀପୁତ୍ର ହୋଇ ପୂଜିଲ ଭାରତୀ ।
ରାଜପୁତ୍ର ତୁମ୍ଭେ ହୋଇଥିଲେ ରାଜା,
ହୋଇନ୍ତା କି ଏତେ ସୁଖ୍ୟାତିର ବାଜା ?
ସାରସ୍ୱତ-ରାଜ୍ୟେ ଯେ ମହୁଡ଼ମଣି,
କେଉଁ ଲୋଡ଼ା ତାର ଧୂଳିର ଧରଣୀ ।
ଖେଳେ ଯେ ବିହଙ୍ଗ ଅନନ୍ତେ ସନ୍ତରି,
ଲୁଚିବ କି ତାକୁ ସଂକୀର୍ଣ୍ଣ ପଞ୍ଜୁରୀ ?
ବହି ଉଚ୍ଚ ଲକ୍ଷ୍ୟ ଉଚ୍ଚାଦର୍ଶ ପ୍ରୀତି,
ରଖିଗଲ ତୁମ୍ଭେ ଅନଶ୍ୱର କୀର୍ତ୍ତି ।
ଦେଇଗଲ କବି ଉତ୍କଳେ ଯେ ଦାନ,
ଅତୁଳିତ ତାହା, ମୂଲ୍ୟେ ମହୀୟାନ ।
ଉତ୍କଳ ଭାଷାକୁ ବଙ୍ଗ କବଳରୁ,
ଉଦ୍ଧାରିଛ ତୁମ୍ଭେ କବି-କଳ୍ପତରୁ ।
ଅଛି ଏ ଭାଷାର ସ୍ୱାଧୀନତା, ପ୍ରାଣ,
ତୁମ୍ଭ କାବ୍ୟ ଏହା କରି ସପ୍ରମାଣ । ୧
ତୁମ୍ଭ ଯୋଗୁଁ ସଦା ଏ ଉତ୍କଳ ଖଣ୍ଡ,
ସାହିତ୍ୟ-ଗୌରବେ ଫୁଲାଇବ ଛାଣ୍ଡ ।
ଗୋଟିଏ ଜନ୍ମରେ ହେ ସାହିତ୍ୟାଚାର୍ଯ୍ୟ,
କରିଗଲ ଦେବ ବହୁ ଜନ୍ମ କାର୍ଯ୍ୟ ।
ପରମାୟୁ ତବ ସ୍ୱଳ୍ପ ସୀମାବନ୍ତ,
ମାତ୍ର କରିଗଲ ସୁକର୍ମ ଅନନ୍ତ ।
ବିଶ୍ୱ-ହିତକାରୀ ଜନେ ବିଶ୍ୱସାଇଁ,
ନ ଦିଅନ୍ତି ହାୟ ଦୀର୍ଘାୟୁ କାପାଇଁ ?
କରୁଥିଲେ ତାଙ୍କୁ ଅଜର ଅମର,
କି କ୍ଷତି ବା ତହିଁ ହୁଅନ୍ତା ତାଙ୍କର ।
ସେହି ବିଧି ଫୁଲେ ମଣ୍ଡି ଗନ୍ଧଜାଲେ,
ନିଏ ତାକୁ ସଞ୍ଜେ ଫୁଟାଇ ସକାଳେ !

ପୁଣି ବିଦ୍ୟା ଜ୍ୟୋତି ଦେଇ ସେ ଦେଖାଇ,
ଚାହୁଁ ଚାହୁଁ ତାକୁ ହରିନିଏ କାହିଁ ।
ବିଧାତା ବିଧାନ ମହା ବଳୀୟାର,
ଅବ୍ୟର୍ଥ ସେ, ତାର ନାହିଁ ପଟାନ୍ତର ।
ମାତଃ ବୀଣାପାଣି ଏ କେଉଁ ରହସ୍ୟ,
ତୋ ଭକ୍ତର ହେବ ଦୁର୍ଭାଗ୍ୟ ଅବଶ୍ୟ ।
ସେହି ହେବ ରୁଗ୍ଣ ସେହି ହେବ ଦୀନ,
ସେହି କ୍ଷୀଣଆୟୁ ସେହି ପରାଧୀନ ।
ତୋତେ ପଟାନ୍ତର ତୋ ଲୀଳା ସୁନ୍ଦର,
ତୋ ବିଧାନ ଏକା ତୋତେ ହିଁ ସୁନ୍ଦର ।

ଶତ୍ରୁଞ୍ଜୟ ପତ୍ନୀ ଦାରବା ଗ୍ରାମରେ,
ପ୍ରସବିଲେ ପୁତ୍ର କେତେ ଦିନ ପରେ ।
ବହିଲେ କୁମାର ନାମ ରଣ ଭଞ୍ଜ,
ରୂପେ ଦେବ-ଶିଶୁ କୁଳିକା-ଅଙ୍ଗଜ ।
ଶୁଣି ଘନ ଭଞ୍ଜ ଧରାକୋଟେ ଥାଇ,
ଅଧୀର ଉଦ୍‌ବେଗେ ଆସିଲେକ ଧାଇଁ ।
ଗାଲିଞ୍ଜ ମୁଠାର ଗରୁଡ଼ ଗ୍ରାମରେ,
ରଖି ମାଳ କନ୍ଧ ଡ଼କାଇଲେ ଖରେ ।
ଆସିଲେ ସକଳ ଦିଗାଳ, ମଲିକେ, ୨
କହିଲେ ତାହାଙ୍କୁ ବସାଇ ଅନ୍ତିକେ—
"ଦେଖୁଛ ତ ସର୍ବେ ରାଜାଙ୍କ ଦୁର୍ନୀତି,
ଅର୍ଜିଲେଣି ବୀର ବହୁ ବୀରକୀର୍ତ୍ତି !
କରି ପିତା ଭ୍ରାତା ଭ୍ରାତୃଷ୍ପୁତ୍ରେ ହତ,
ସିଂହାସନେ ବସି ଦେଖାନ୍ତି ମହତ୍ତ୍ୱ ।
ନ୍ୟାୟ ବିଚାରେ ଏ ରାଜ୍ୟ ଘୁମୁସର,
ଶତ୍ରୁଞ୍ଜୟ ପୁତ୍ର ରଣ ଭଞ୍ଜଙ୍କର ।

୧—ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେ—ବଙ୍ଗଳାର ଉପଭାଷା, ଏହି ହାସ୍ୟକରଯୁକ୍ତି ଦେଖାଇ ବଙ୍ଗାଳୀମାନେ ଓଡ଼ିଶାରେ ବଙ୍ଗଳା ଭାଷା ଚଳାଇବାକୁ ଚେଷ୍ଟା କରିଥିଲେ; ମାତ୍ର ଉପେନ୍ଦ୍ର ଭଞ୍ଜ ପ୍ରଭୃତିଙ୍କ ଗ୍ରନ୍ଥାବଳୀ ସେ ଚେଷ୍ଟାର ଅନ୍ତରାୟ ହୋଇଥିଲା । ୨—ସମର ବିଭାଗୀୟ ଉପାଧିବିଶେଷ ।

http://oaob.nitrkl.ac.in

ଚାଲ ତାଙ୍କୁ ରାଜ୍ୟୁ ଖେଦୁଣ୍ଡ ଅଚିରେ,
ବାନ୍ଧିବା ମୁକୁଟ ରଣ ଭଞ୍ଜ ଶିରେ ।"
ନୀଳକଣ୍ଠ ପ୍ରତି ସମସ୍ତେ ବିରକ୍ତ,
ତେଣୁ ଏ ପ୍ରସ୍ତାବେ ହେଲେ ଏକମତ ।
ତହୁଁ ଘନ ଭଞ୍ଜ ପୁଲକିତ ମନେ,
ହେଲେ ଅଗ୍ରସର ଉଦ୍ଦେଶ୍ୟ ସାଧନେ ।
ଠୁଳ କରି ବହୁ ସୈନ୍ୟ ବୀର୍ଯ୍ୟବାନ,
ଖଲ୍ଲଡ଼ ମୁଖରେ କଲେ ଅଭିଯାନ ।
ନୀଳକଣ୍ଠ ଭଞ୍ଜ ଶୁଣି ଏ ବ୍ୟାପାର,
ତାଲଗଲେ ଦୁର୍ଗ ଘେନି ପରିବାର ।
ପାପେ ପ୍ରତିଷ୍ଠିତ ସମ୍ପଦ ଅସ୍ଥିର,
ଅସ୍ଥିର ଯେସନ ସାନ୍ଧ୍ୟ ପଦ୍ମେ ନୀର ।
ହତ୍ୟା-କଳଙ୍କିତ ସୌଭାଗ୍ୟ ସବଂଶ,
ସମର୍ପନ୍ତି ଭାଗ୍ୟଦେବୀ ଛାଡ଼ପତ୍ର ।
ବସନ୍ତେ ବିନାଶି ଉଗ୍ର ଗ୍ରୀଷ୍ମ ଋତୁ,
ପାରେ କି ଏଡ଼ାଇ ହେବେ ନିଜ ମୃତ୍ୟୁ ?
ପଛେ ପଛେ ତାର ଆସି ବର୍ଷା କାଳ,
ଭଞ୍ଜି ଦେଇ ତାକୁ ହୁଏ ସେ ଭୂପାଳ ।
ପରଭାଗ୍ୟ ଲୁଟି ସ୍ୱଭାଗ୍ୟ ଯେ ଗଢ଼େ,
ଅକାଳ ଚଡ଼କ ତାହା ଶିରେ ପଡ଼େ ।
ନୀଳକଣ୍ଠ ଭଞ୍ଜ ବହୁ ଶତ୍ରୁ ଭୟ,
ଧରାକୋଟେ ଯାଇ ନେଲେକ ଆଶ୍ରୟ ।
କେତେଦିନ ତହିଁ ରହି ମନଦୁଃଖେ,
କଲେ ସେ ପ୍ରୟାଣ ଅଷ୍ଟଦୁର୍ଗ ମୁଖେ ।
ଖଟଦୋଳା ଆଦି ଅମୂଲ୍ୟ ସମ୍ଭାର,
ଦେଲେ ଜଗଦେବେ ପ୍ରୀତି-ଉପହାର । ୧
ତହୁଁ ନବଦୁର୍ଗେ କଲେ ସେ ଗମନ,
ଲଙ୍ଘି ପଥେ ବହୁ ଗିରି ଗ୍ରାମ ବନ ।
ସୌଭାଗ୍ୟ ସମ୍ପଦ ସତତ ଅସ୍ଥିର,
ଆଜି ଯେ କୁବେର କାଲି ସେ ଫକୀର !
ମାଳୀସାହୀ ଗ୍ରାମେ ଭଞ୍ଜ କଣ୍ଠମଣି,
କରିଥିଲେ ଯାଇ ପୂର୍ବରୁ ରହଣି ।
ନୀଳକଣ୍ଠ ଭଞ୍ଜ ଯାଇ ପୁତ୍ର ପାଶେ,
ରହିଲେ ସ୍ୱରାଜ୍ୟ ଉପେକ୍ଷି ପ୍ରବାସେ ।
ତିନି ବର୍ଷ ମାତ୍ର କରି ରାଜପଣ,
ଭୁଞ୍ଜିଲେ ଦୁର୍ଭାଗ୍ୟ ଅକାଳ ପତନ ।

ଏଣେ ଘନ ଭଞ୍ଜ ବୋଧି ପ୍ରଜାବ୍ରଜେ,
ରାଜ୍ୟେ ଅଭିଷିକ୍ତ କଲେ ରଣ ଭଞ୍ଜେ ।
ସିଂହାସନେ ଖାଲି ସ୍ଥାପି ନବ ନୃପେ,
ଚଳାଇଲେ ରାଜ୍ୟ ପ୍ରତିନିଧିରୂପେ ।
ଗଲା ଏହି ଭାବେ ଚାରିବର୍ଷ ବିତି,
ଓଟାରିଲା ଘନ ଭଞ୍ଜେ ବଂଶ ରୀତି ।
ଭ୍ରମଣ ଛଳରେ ଦିନେ ଶିଶୁ ଭୂପେ,
ଘେନି ଯାଇ ବନେ ପେଲିଦେଲେ କୂପେ ।
ଫେରି ଆସି ରାଜ୍ୟେ କଲେ ସେ ରଟନା,
ପ୍ରକାଶି କପଟେ ଗଭୀର ଶୋଚନା ।
ବାଳୁତ ସୁଲଭ ଖେଳେ ନରରାଣ,
କୂପେ ପଡ଼ି ହାୟ ବିସର୍ଜିଲେ ପ୍ରାଣ !
ତହୁଁ ଯଥାବିଧି ଅନ୍ତ୍ୟେଷ୍ଟି ସମ୍ପାଦି,
ବସିଲେ ସେ ନିଜେ ମାଡ଼ି ରାଜଗାଦି ।
ଧିକ ରାଜ୍ୟଲିପ୍ସା ନରକ-ନିଶୁଣି,
ଅସାଧ୍ୟ ତାହାର କେଉଁ ପାପ ପୁଣି ?
ରାଜ୍ୟ ଧନ ଆୟୁ ହୋଇଥିଲେ ସ୍ଥାୟୀ,
ନ କରନ୍ତା ଅବା କିସ ଆତତାୟୀ ?
ନୀଳକଣ୍ଠେ ଘୃଣ୍ୟ ମଣନ୍ତି ଯେ ଲାଗି,
ନିଜେ ପୁଣି ହେଲେ ସେହି ପାପଭାଗୀ ।
ଏ ହେତୁ ସେ ପ୍ରଜା ଜ୍ଞାତିପରିଜନ,
ସଭିଙ୍କର ହେଲେ ବିରାଗଭାଜନ ।
ଘନ ଭଞ୍ଜଙ୍କ ଏ କଳଙ୍କ କାହାଣୀ,
ବ୍ୟାପିଲା ଚୌଦିଗେ ଯେସନେ ବଢ଼ି ପାଣି ।
ଏ ଭୀଷଣ ବାର୍ତ୍ତା ନବାବ କର୍ଣ୍ଣରେ,
ପ୍ରବେଶିଲା ଯାଇ ଇଚ୍ଛାପୁରେ ଖରେ । ୨

୧—ତେତେବେଳେ ଗଞ୍ଜାମ ଜିଲା ଚିକାକୋଲ ସରକାର ଅଧୀନସ୍ଥ ଇଚ୍ଛାପୁର ବିଭାଗର ଅନ୍ତର୍ଭୁକ୍ତ ଥିଲା । ୨—ଫ୍ରେଞ୍ଚ ସରକାର ନିଯୁକ୍ତ ଜଣେ ମୁସଲମାନ ନବାବ ଇଚ୍ଛାପୁର ବିଭାଗର ଶାସନକର୍ତ୍ତା ଥିଲେ ।

http://oaob.nitrkl.ac.in

ତହୁଁ ସୈନ୍ୟଦଳ ଆସି ବହୁ ଖଞ୍ଜେ, ୧
ଧରି ନେଇଗଲେ ରାଜା ଧନ ଭଞ୍ଜେ ।
ଇଚ୍ଛାପୁରେ ବନ୍ଦୀ ହେଲେ ନରପତି,
କେଉଁ ଦାଉ ଅବା ନ ସାଧେ ନିୟତି !
ନବାବଙ୍କ ଦୁଷ୍ଟ ଦୁର୍ଦ୍ଧର୍ଷ ଘୋଟକ,
ଅତି ବଳୀଆର ନ ମାନେ ଅଟକ ।
ଶୁଣିଲେ ନବାବ ରାଜା ଧନ ଭଞ୍ଜେ,
ଘୋଟକେ ସୁସାଧ୍ୟ କରିବେ ସହଜେ ।
ତହୁଁ ତାଙ୍କୁ ଡାକି ନବାବ ତକ୍ଷଣେ,
ଆଦେଶିଲେ ଦୁଷ୍ଟ ଅଶ୍ୱ ଆରୋହଣେ ।
ଧନ ଭଞ୍ଜ ଧରି ଅଶ୍ୱ ବାଗ କରେ,
ବୀରଦର୍ପେ ଡେଇଁ ଚଢ଼ିଲେ ଅଶ୍ୱରେ ।
ବାୟୁବେଗେ ତାକୁ ଦେଲେ ଝପଟାଇ,
ପକ୍ଷୀ ପରି ଘୋଡ଼ା ଉଡ଼ିଗଲା କାହିଁ ।
ଦୂର ଦୂରାନ୍ତରେ ଧାଇଁ ନାନାରଙ୍ଗେ,
ମିଶିଗଲା ଯାଇ ଚକ୍ରବାଳ ସଙ୍ଗେ ।
ନବାବ ସନ୍ଦେହ-ଜାଲେ ହୋଇ ଛନ୍ଦି,
ବିଚାରିଲେ ଶେଷେ ପଳାଇଲା ବନ୍ଦୀ ।
ବିସ୍ତୃତ ତଙ୍କ ମୁଠା ଯୋରଡ଼ା ପର୍ଯ୍ୟନ୍ତ,
ଘେନିଗଲା ନୃପେ ଅଶ୍ୱ ବଳବନ୍ତ ।
କରିଣ ବିଶ୍ରାମ କେତେ କ୍ଷଣ ତହୁଁ,
ଆସିଲେ ବାହୁଡ଼ି ଶେଷେ ଭୟ ବହି ।
ଜଣାଇଲେ ଯାଇ ନବାବ ଛାମୁରେ,
ଅବାଧ୍ୟ ଘୋଟକ ଘେନିଗଲା ଦୂରେ ।
ଦେଖି ତାହାଙ୍କର ବିକ୍ରମ ସୌଜନ୍ୟ,
ହେଲେ ତାଙ୍କ ପ୍ରତି ନବାବ ପ୍ରସନ୍ନ ।
ଶନିବାର ପେଣ୍ଠ ସାରସର୍କି ଗ୍ରାମ,
ପ୍ରଦାନିଲେ ତାଙ୍କୁ ପ୍ରୀତିର ଇନାମ । ୨
ବାର୍ଷିକ ରାଜସ୍ୱ ସପତ ହଜାର,
ଲେଖିନେଇ ଦେଲେ ରାଜ୍ୟ ଅଧିକାର ।

ହର୍ଷେ ଧନଭଞ୍ଜ ବଜାଇଣ ବାଜା,
ହେଲେ ଆସି ପୁଣି ଘୁମୁସରେ ରାଜା ।
ଅଟନ୍ତି ସେ ଥାଟରାଜାଙ୍କର ସୁତ,
ରାଜ ଔରସରୁ ନୁହନ୍ତି ସମ୍ଭୂତ ।
ଏଥିଯୋଗୁଁ କେତେ ପ୍ରଜା ଜମିଦାର,
ରାଜା ବୋଲି ତାଙ୍କୁ ନ କଲେ ସ୍ୱୀକାର ।
ତହୁଁ ତାଙ୍କୁ ରାଜା କଲେ ବଳେ ସାଧ୍ୟ,
ହେଲେ ସର୍ବେ ବଶ, କରି ଦାନେ ବାଧ୍ୟ ।
କି ରହସ୍ୟମୟ ମାନବ ଜୀବନ,
ଯଥା ରଙ୍ଗଦିଆ ସୁଦୀର୍ଘ ସ୍ୱପନ ।
ଜନ୍ମ ସ୍ୱପ୍ନ ମଧ୍ୟେ ସ୍ୱପନ ଆବର,
ସ୍ୱପନରେ ଗଢ଼ା ଜୀବନ ନିକର ।
ବଡ଼ ଅସହାୟ ମାନବ ଏ ଭବେ,
ପଥହରା ଶ୍ରାନ୍ତ ପକ୍ଷୀ ସିନ୍ଧୁଗର୍ଭେ !
ଅବଶ ତାହାର କ୍ଷୁଦ୍ର ଡେଣାଦ୍ୱୟ,
ଆତୁର ଚକ୍ଷୁରେ ଖୋଜୁଛି ଆଶ୍ରୟ ।
କାନ୍ଦୁଛି ନୀରବେ ଚଉଦିଗେ ଚାହିଁ,
ଅନନ୍ତ ସାଗରେ ସ୍ଥଳକୂଳ ନାହିଁ ।
ଉଦ୍ଧାରିବା ପାଇଁ ତାକୁ ଏ ସଙ୍କଟୁ,
ମୃତ୍ୟୁ ବିନା ଅନ୍ୟ କେହି ନୁହେ ପଟୁ ।
ଜନ୍ମ ପଛେ ପଛେ ମୃତ୍ୟୁ ନିଃଶବ୍ଦରେ,
ଅବିଶ୍ରାମେ ସଦା ଧାଇଁଛି ସତ୍ୱରେ ।
ଦିନେ ଆସି ସେହି ଅଜ୍ଞାତ ଅତିଥି,
ଭେଟିବ ନ ବାରି ବାର ଲଗ୍ନ ତିଥି ।
ନିଜକୁ ମାନବ ସମର୍ପି ତା ପାଦେ,
ଅତିଥି ସତ୍କାର କରିବ ଆହ୍ଲାଦେ ।
ନର ଜୀବନର ଏହି ପରିଣାମ,
ଏଥିକୁ ସେ ଯାଏ କରି କେତେ କାମ !
କେତେ ଦିନକୁ ସେ ବାନ୍ଧେ କେତେ ଆଶା,
ମେଣ୍ଟେ ନାହିଁ ତାର ଦୁର୍ବାର ପିପାସା ।

୧ —ଖଞ୍ଜ—କୌଶଳ । ୨ —ପୁରସ୍କାର ।

http://oaob.nitrkl.ac.in

ମାନବ ଜୀବନ ଯେତେକ ତାର ଛାଇ,
ଦିବସରେ ଥାଏ ରାତ୍ରେ ରହେ ନାହିଁ ।
ଏଥକୁ କପାଇଁ ଏଡ଼େ ହଟହଟା,
ଏତେ ଈର୍ଷା ଦ୍ୱେଷ ଏତେ ହଣାକଟା ।
ନୀତିଧର୍ମେ କଲେ ଦ୍ୱିଦିନ ଯାପନ,
ଲୁଟିଯାତ୍ରା ଅବା କେଉଁ ବଡ଼ପଣ !
ନିର୍ମଳ ସରଳ ପଥ ପରିହରି,
କି ଫଳ ବା କଣ୍ଟାବଣରେ ବିଚରି ?

ରାମଚନ୍ଦ୍ର ଦେବ ଉତ୍କଳ ନୃପତି,
ଯବନ-ଦୌରାତ୍ମ୍ୟେ ଭୀତ ହୋଇ ଅତି ।
କଟକ ଦୁର୍ଗରୁ କଲେ ପଳାୟନ,
ମାଡିବସିଲେ ତା ଦୁରନ୍ତ ଯବନ ।
ଅଷ୍ଟଦୁର୍ଗେ ଯାଇ ରହିଲେ ନୃମଣି,
ବିକ୍ରମ ପାସୋରି ଚରେ ଦୁଃଖ ଗଣି ।
ଶୁଣି ଘନ ଭଞ୍ଜ ପ୍ରବେଶି ସେ ସ୍ଥାନେ,
ଆସିଲେ ତାହାଙ୍କୁ ଘେନି ସସମ୍ମାନେ । *
ରଖି ଜଗନ୍ନାଥ-ପ୍ରସାଦ ଦୁର୍ଗରେ,
ଅର୍ପିଲେ ସାନ୍ତ୍ୱନା ତାଙ୍କୁ ନିରନ୍ତରେ ।
ତେଜି ନରପତି ବିଶ୍ରାମ ବ୍ୟସନେ,
ରତ ହେଲେ ସଦା ଯୁଦ୍ଧ ଆୟୋଜନେ ।
ବହୁ ରଣଦକ୍ଷ ସୈନ୍ୟ କରି ଠୁଳ,
କଲେ ଯୁଦ୍ଧଯାତ୍ରା ଶୁଭ ଅନୁକୂଳ ।
ପ୍ରବେଶି କଟକେ ରାମଚନ୍ଦ୍ର ସହ,
ଯବନ ସହିତେ ରଚିଲେ ବିଗ୍ରହ ।
ଭୀମ ପରାକ୍ରମେ କଲେ ଆକ୍ରମଣ,
ପ୍ରାଣ ଖାଇ ମଲେ ଶତ୍ରୁସେନାଗଣ ।
ଯବନ-ବାହିନୀ ପଶିଣ ଆତଙ୍କ,
ପଳାଇଲେ ବ୍ୟସ୍ତେ ହୋଇ ଛନ୍ନଭଙ୍ଗ ।

କଟକ ନଗର ଉତ୍କଳ ମହତ୍ତ୍ୱ,
ରାମଚନ୍ଦ୍ରଙ୍କର ହେଲା ହସ୍ତଗତ ।
ଦୁର୍ଗଚୂଡ଼େ ଦର୍ପେ ଉଡ଼ିଲା ପ୍ରଖରେ,
ଉତ୍କଳର ଜୟଧ୍ୱଜା ଫର୍ ଫରେ !
ରାଜନ୍ୟ-ମଣ୍ଡଳି-ମୁକୁଟ-ରତନ,
ଘନ ଭଞ୍ଜ ପ୍ରତି ହେଲେ ସୁପ୍ରସନ୍ନ ।
କଲେ ତାଙ୍କୁ ରାଏ ଉଚ ପୁରସ୍କୃତ,
"ଷର୍ଦ୍ଦିବର[୧]" ପଦେ କରି ଅଳଙ୍କୃତ ।
ଯୁଦ୍ଧଜୟୀ ବୀରେ ଧନରତ୍ନ ଦାନେ,
ତୋଷିଲେ ସମ୍ରାଟ ବିହିତ ସମ୍ମାନେ ।

ତହୁଁ ଘନ ଭଞ୍ଜ ଘେନି ଦଳବଳ,
ବାହୁଡି ଆସିଲେ ସ୍ୱରାଜ୍ୟ ଚଞ୍ଚଳ ।
ଷଣ୍ଡ ବରମ୍ପୁର ଶାସନ ବସାଇ,
ରଖିଲେ ଉପାଧି-ସ୍ମୃତି ନରପାଇଁ ।
ମଠ, ପାନ୍ଥଶାଳା, ଜଳାଶୟ ଆଦି,
ଯାଇଛନ୍ତି ବହୁ କୀର୍ତ୍ତି ସେ ସମ୍ପାଦି ।
ରାଜ୍ୟ ଚାଳନେ ସେ ଅତି ବିଚକ୍ଷଣ,
ଥିଲା ତାଙ୍କଠାରେ ନୃପତି ଲକ୍ଷଣ ।
ଅଦ୍ଭୁତ ତାଙ୍କର ପ୍ରତ୍ୟୁତ୍ପନ୍ନମତି,
ସବୁ ବିଭାଗେ ସେ ସାଧିଲେ ଉନ୍ନତି ।
ପ୍ରଜାପ୍ରୀତି ତାଙ୍କ ଅତି ସ୍ୱାଭାବିକ,
ମଣନ୍ତି ପ୍ରଜାଙ୍କୁ ସନ୍ତାନୁଁ ଅଧିକ ।
ରାଜସ୍ନେହେ ପ୍ରଜା ଭୁଲି ଶୋକତାପ,
ମଣୁଥିଲେ ତାଙ୍କୁ ଯେତେକ ନିଜ ବାପ !
ନିରେଖି ତାଙ୍କର ଲୋକହିତ କାମେ,
ଡାକୁଥିଲେ ତାଙ୍କୁ ଲୋକନାଥ ନାମେ ।
କାବ୍ୟକଳା ନେଇ ରାଜମନ କିଣି,
ଲେଖିଲେ ସେ କାବ୍ୟ—'ତ୍ରିପୁର ମୋହିନୀ ।'

୧—ରାମଚନ୍ଦ୍ର ଦେବ ଘନ ଭଞ୍ଜଙ୍କର ପିଉସା ବୋଲି ଅନେକେ କହନ୍ତି ।

http://oaob.nitrkl.ac.in

ଷମନ୍ତି ସେ ନବ ରସର ବାରିଧି,
ଲେଖିଲେ ଆବର କାବ୍ୟ ରସନିଧି ।
ଥିଲେ ଘନ ଭଞ୍ଜ ରାଜଧର୍ମୀ ଭୂପ,
ପବିତ୍ର କର୍ତ୍ତବ୍ୟ-ଯଜ୍ଞେ ଦୃଢ ଯୂପ ।
ଦାନେ ଧର୍ମେ ନ୍ୟାୟେ ଶୌର୍ଯ୍ୟେ ବୀର୍ଯ୍ୟେ ମୂର୍ତ୍ତି,
ଥିଲେ ସେ ଆଦର୍ଶ ଅଗ୍ରେସରୀ ଅରଣୀ ।
ସର୍ବ ଗୁଣେ ଗୁଣୀ ସେ ନରନାୟକ,
କିନ୍ତୁ ପୌତ୍ର ହତ୍ୟା ଚନ୍ଦ୍ରରେ କଳଙ୍କ !
ସପ୍ତବିଂଶ ବର୍ଷ କରି ରାଜପଣ,
ଭବଲୀଳା ନୃପ କଲେ ସମ୍ବରଣ ।

## ଏକାଦଶ ସର୍ଗ

କୃଷ୍ଣ ଭଞ୍ଜ ତାଙ୍କ ପ୍ରଥମ ସନ୍ତତି,
ଘୁମୁସର ରାଜ୍ୟ ହେଲେ ଅଧିପତି ।
ଚନ୍ଦ୍ରକଳା ଯଥା ବଢ଼େ ଶୁକ୍ଳପକ୍ଷେ,
ତଥା ତାଙ୍କ ଖ୍ୟାତି ବଢ଼ିଲା ପ୍ରତ୍ୟକ୍ଷେ ।
ଦାନ ଦୟା ସେବା ତାଙ୍କ ନିତ୍ୟକର୍ମ,
ଧରିଥିଲା ମୂର୍ତ୍ତି ଯେସନ୍ତେ ରାଜଧର୍ମ ।
ମାନବ ଶରୀରେ ଦେବତା ମସ୍ତକ,
ଯୋଡ଼ି ଦେଇଥିଲେ ଜଗତ-ଜନକ ।
ଧର୍ମ ପାଳନରେ ଯଥା ଯୁଧିଷ୍ଠିର
କାନକୁହା ବାକ୍ୟେ ସଦା ସେ ବଧିର ।
ରବିରୂପେ ଉଦେ ହେଲେ କୃଷ୍ଣ ଭଞ୍ଜ,
ହସିଲା ଆହ୍ଲାଦେ ଘୁମୁସର-କଞ୍ଜ ।
ନାରାୟଣ ମନ୍ତ୍ର ଉପାସକ ରାଏ,
ନାରାୟଣ ଶବ୍ଦ ତୁଣ୍ଡେ ଲାଗିଥାଏ ।
ହୃଦୟ ତାଙ୍କର ପ୍ରେମରସେ ଭରା,
ମେଲିଥିଲେ ପ୍ରେମ-ଦାନର ପସରା ।
"ତିସ୍ପୂଳ" ଆବର "ଘରତୁଳା" ଦାନ ୧
ସହ, କଲେ ନୃପ ଯଜ୍ଞ ଅନୁଷ୍ଠାନ ।
ପୁରୀକ୍ଷେତ୍ରେ ଯାଇ ଦାନ କଲେ ଭୂପ,
ରାଣୀଙ୍କ ତଉଲେ ଶୁଦ୍ଧ ସ୍ୱର୍ଣ୍ଣ ସ୍ତୂପ ୨
ତିନି ଦିନ ଯାଏଁ ସେଠାରେ ନିୟତ,
ଧରିଥିଲେ ଦାନ-କଳ୍ପତରୁ ବ୍ରତ ।
ସୁବର୍ଣ୍ଣେ ଗୋବିନ୍ଦ, ଗରୁଡ଼ ନିର୍ମାଣି,
ଦେଉଥିଲେ ଦ୍ୱିଜେ ହୋଇ କୁଶପାଣି ।
ବସ୍ତ୍ର ସହ ଧେନୁ କରି ଅଲଙ୍କୃତ,
ଦାନ କଲେ ରାଜା ବ୍ରାହ୍ମଣେ ବହୁତ ।
ବସାଇଲେ ରାଜ୍ୟେ ମେଳା ଯାତ୍ରା ହାଟ,
ବନାଇଲେ ପୁଣି ବହୁ ବାଟ ଘାଟ ।
ବାପୀ ପୁଷ୍କରିଣୀ ଖୋଳାଇଲେ ଦେଶେ,
ତୋଳା ହେଲା ଦୁର୍ଗ ତାହାଙ୍କ ଆଦେଶେ ।
ଆଶ୍ରମ ମଣ୍ଡପ ସୁଦୃଢ଼ ପ୍ରାଚୀର,
ହେଲା ସୁନିର୍ମିତ ପ୍ରସ୍ତର ମନ୍ଦିର ।
ସ୍ୱନାମେ ଆରାଧ୍ୟ ଦେବତାଙ୍କ ନାମେ,
ସ୍ଥାପିଲେ ଶାସନ ପୁଣ୍ୟାର୍ଜନ କାମେ । ୩
ରଚିଲେ କୁଳାଡ଼େ ସେ ନୃପ-ଶାର୍ଦ୍ଦୂଳ,
ଶ୍ରୀ ଜଗନ୍ନାଥଙ୍କ ଠିକଳ ଦେଉଳ ।
ଧରିଲା କୁଳାଡ଼ ଅପୂର୍ବ ସୁଷମା,
ବହିଲା ଅମରା-ଅଳକା ଉପମା । ୪
ଭୁଞ୍ଜିଲେ ପ୍ରଜାଏ ସ୍ୱାସ୍ଥ୍ୟ ଶାନ୍ତି ସୁଖ,
ନ ରହିଲେ ରାଜ୍ୟେ ଦରିଦ୍ର ଭିକ୍ଷୁକ ।

୧—ଦୁଇପ୍ରକାର ମହାଦାନ । ୨—କୃଷ୍ଣଭଞ୍ଜଙ୍କର ଅଠ ରାଣୀ ଥିଲେ । ୩—କୃଷ୍ଣଶରଣପୁର ଏବଂ ନାରାୟଣପୁର ନାମକ ବ୍ରାହ୍ମଣ ଶାସନ । ୪—ଇନ୍ଦ୍ରପୁରୀ ଏବଂ କୁବେର ପୁରୀ । ଏତଦ୍ୱାରା ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧି ଉଭୟ ସୂଚିତ ହେଉଅଛି ।

http://oaob.nitrkl.ac.in

ବୃତ୍ତ ନବାବଙ୍କ ଅଯୋଗ୍ୟତା ହେତୁ;
ଉଇଁଲା ନବାବୀ ଭାଗ୍ୟ ଧୂମକେତୁ ।
ଜମିଦାର୍‌ମାନେ ଦେଲେ ନାହିଁ କର,
ପଞ୍ଚଲକ୍ଷ ବାକି ରାଜସ୍ୱ ବିସ୍ତର ।
ଶେଷ ବର୍ଷ ତହୁଁ ଫୌଜ ସେନାପତି,
ଆସିଲେ ସସୈନ୍ୟେ ରୁସି ମହାମତି ।
ତହୁଁ ଶଙ୍କା କରି ଜମିଦାର୍‌ଗଣ,
ନିଜ ନିଜ ଦେୟ କଲେ ସମର୍ପଣ ।
ଏକା କୃଷ୍ଣ ଭଞ୍ଜ ଦେଲେ ନାହିଁ କର,
ରୁସିଙ୍କ ଆଦେଶ ନ କଲେ ଖାତର୍ ।
ତହୁଁ ରୁସି ହୋଇ କୋଧେ କମ୍ପମାନ,
ଘୁମୁସର ମୁଖେ କଲେ ଅଭିଯାନ ।
ଛନ୍ତି ରାଜ୍ୟ ସୀମା କରନ୍ତେ ପରଶ,
ଉଡିଗଲା ତାଙ୍କ ଧଇର୍ଯ୍ୟ ସାହସ ।
ଦେଖିଲେ ନୀରନ୍ଧ୍ର ଭୀମ ବଂଶବନ,
ରହିଛି ବିସ୍ତୃତ ଯୋଜନ ଯୋଜନ ।
ଯେସନ ନିବିଡ଼ ନିସର୍ଗ ପ୍ରାଚୀର,
ଥାଉ ଆନ ତହିଁ ନ ଗଳବ ତୀର ।
ସେହି ବନ୍ଦୁବନ କଶିବାକୁ କ୍ଷୟ,
ଭଜିବେ ବହ୍ନି ଉଭେ ପରାଜୟ ।
ଅନ୍ଧାର୍ ଦେଖିଲେ ରୁସି ଭବିଷ୍ୟତ,
ମାତ୍ର ହେଲେ ନାହିଁ ସଙ୍କଳ୍ପୁ ବିରତ ।
ଗଣେ ନାହିଁ ବୀର ବାଧାବିଘ୍ନଚୟ,
ଭୀରୁର ସଙ୍କୋଚ ସିନା ଖାଲି ଭୟ ।
ଆଦେଶିଲେ ରୁସି ସଇନ୍ୟେ ହକାରି,
"ବଣ କାଟି କାଟି ଚାଲ ଦିଗ ବାରି ।"
ତହୁଁ ସେନାଦଳ ତୀକ୍ଷ୍ଣ ଶସ୍ତ୍ରାଘାତେ,
ଲାଗିଗଲେ ବଂଶ–ଅରଣ୍ୟ ନିପାତେ ।
ଭୁମ୍ବ ପଛେ ଭୁମ୍ବ, ଭୁମ୍ବ ତାହା ପଛେ,
ଲଗାଲଗି ହୋଇ ରହିଛି ନିଘଞ୍ଚେ ।
ଥକିଲେ ସୈନିକେ ଭୁମ୍ବ ହାଣି ହାଣି,
ବଞ୍ଚିଲେ କି ସବେ ସମ୍ମୁ ଦ୍ରବ୍ୟ ପାଣି ?
କୁଠାର କଟାରି ଦାଆ ଖଣ୍ଡା ଟାଙ୍ଗି,
କେତେ ହେଲା ଲୁଣ୍ଠା କେତେ ଗଲା ଭାଙ୍ଗି ।
ଗଣ୍ଡେ ଦୂର ଯାଇ ସୈନିକନିକର,
ନ ପାରିଲେ ଆଉ ହୋଇ ଅଗ୍ରସର ।
ପ୍ରାଣପଣ ଚେଷ୍ଟା ଅତିରିକ୍ତ ଶ୍ରମେ,
ଦୁର୍ବଳ ପୀଡିତ ହେଲେ କ୍ରମେ କ୍ରମେ ।
ଅସହ୍ୟ ଗ୍ରୀଷ୍ମରେ ହୋଇ ଦଗ୍ଧୀଭୂତ,
ଦିନକରେ ହେଲେ ବହୁ ସେନା ମୃତ ।
ସେନାପତି ରୁସି ଗଣିଲେ ପ୍ରମାଦ,
ଘାରିଲା ଅନ୍ତରେ ଭୀଷଣ ବିଷାଦ ।
ତୀବ୍ର ଅନୁତାପ ଦେଲା ଶ୍ୱାସ ରୁନ୍ଧି,
କି କରିବେ କାନ୍ତ ନ ଦିଶିଲା ବୁଦ୍ଧି ।
ଭୁଞ୍ଜିଲେ ମାନସେ ନିଦାରୁଣ ବ୍ୟଥା,
ତପ୍ତ ମରୁଗର୍ଭେ କ୍ଳାନ୍ତ ପାନ୍ଥ ଯଥା ।
ଏଣେ କୃଷ୍ଣ ଭଞ୍ଜ ଶତ୍ରୁ ଆଗମନେ,
ଦେଶ କାଳ ପାତ୍ର ବିଚାରିଲେ ମନେ ।
ବିଦେଶୀୟ ସୈନ୍ୟ ଦକ୍ଷ ସୁଶିକ୍ଷିତ,
ଆବର ଉନ୍ନତ ଶସ୍ତ୍ରାସ୍ତ୍ର ସଜ୍ଜିତ ।
ଦେଶୀୟ ପାଇକେ ହେଲେ ସୁଦ୍ଧା ଦକ୍ଷ,
ନ ହେବେ କଦାପି ତାଙ୍କ ସମକକ୍ଷ ।
ବୃଥା ବଳକ୍ଷୟ କଲେ ରଣେ ମାତି,
ମିଳିବ ବା କେଉଁ କୁଳିତି ସୁଖ୍ୟାତି ।
ଏହା ଭାବି ନୃପ ବିବେକ–ବାରିଧି,
ସନ୍ଧି ପାଇଁ ତୂର୍ଣ୍ଣ ପେଷିଲେ ପ୍ରଣିଧି ।
ରୁସି ସାହେବଙ୍କ ଭାଳୁଣି କାଳରେ,
ଏ ଶୁଭ ସମ୍ବାଦ ପ୍ରବେଶିଲା ଖରେ ।
ଆତୁର ରୋଗୀର ବାଞ୍ଛିତ ଆହାର,
ବିହିଲା କି ବୈଦ୍ୟ ହୋଇଣ ଉଦାର ?
ଲଭିଲା ପରାଣେ ନବପ୍ରାଣ ରୁସି,
ସନ୍ଧି ପ୍ରସ୍ତାବରେ ହେଲେ ମହାଖୁସି ।
ଉଭୟ ପକ୍ଷର ସମ୍ମତି ସହିତ,
ସନ୍ଧିପତ୍ର ତହୁଁ ହେଲା ସ୍ୱାକ୍ଷରିତ ।

http://oaob.nitrkl.ac.in

ବାହୁଡ଼ିଲେ ଜୟି ହୋଇ ହର୍ଷପୂତ,
ଘୁମୁସର-ନଭ ହେଲା ମେଘମୁକ୍ତ ।
ଧାର୍ମିକ ତେଜସ୍ୱୀ ବୀର କ୍ଷମାବନ୍ତ,
କୃଷ୍ଣଭଞ୍ଜ ଖ୍ୟାତି ବ୍ୟାପିଲା ଦିଗନ୍ତ ।
ଅନାଥ ବ୍ରାହ୍ମଣ ବାଳକବାଳିକା,
ପାଳୁଥିଲେ ସ୍ନେହେ ନୃପକୁଳଟିକା ।
ବୃନ୍ଦେ କ୍ରୀଡ଼ାସଙ୍ଗୀ ଏକପ୍ରାଣମନ,
ଯୌବନରେ ନୃପେ କଲେ ପଦାର୍ପଣ ।
ଯୁବତୀ ନିକଟେ କୁତ୍ସିତ ପ୍ରସ୍ତାବ,
କଲା ସେ ଯୁବକ ଚପଳ-ସ୍ୱଭାବ ।
ଯୁବତୀ ସେ କଥା ରାଜାଙ୍କ ଛାମୁରେ,
ଜଣାଇଲା ଯାଇ କାନ୍ଦିଣ ଆତୁରେ ।
ଘୃଣା ବଶୁ ରାଜା କ୍ରୋଧିତ ଅନ୍ତରେ,
ନଅରୁ ଯୁବକେ ତଡ଼ିଦେଲେ ଖରେ ।
କେତେ ଦିନ ପରେ ପୁଣି ଅକସ୍ମାତ,
ଦେଖିଲେ ନଅରେ ତାକୁ ନରନାଥ ।
ଅସମ୍ଭାଳ କ୍ରୋଧେ ହରାଇ ବିବେକ,
ପକାଇଲେ ହାଣି ଯୁବକର ବେକ ।
କ୍ରୋଧର କ୍ଷଣିକ ଉତ୍ତେଜନା ତାପେ,
ଲିପ୍ତ ହେଲେ ନୃପ ବ୍ରହ୍ମହତ୍ୟା ପାପେ ।
କ୍ରୋଧ ପଛେ ପଛେ ଅନୁତାପ ଆସି,
ଖାଇଲାକ ତୀବ୍ର ପ୍ରଭାବ ପ୍ରକାଶି ।
ସେ ମହାପାତକୁ ଉଦ୍ଧାର ନିମିତ୍ତ,
କଲେ ସେ ବହୁ ଦାନ ପ୍ରାୟଶ୍ଚିତ୍ତ ।
ହୃଦୟର ଦ୍ୱାର ଭଣ୍ଡାରର ଦ୍ୱାର,
ରଖିଲେ ମୁକୁଳା ହୋଇ ନିର୍ବିକାର ।
ବହୁ ଦେବାଳୟ ହୋଇ ବିନିର୍ମିତ,
ବିଷ୍ଣୁ ଶିବ ତହିଁ ହେଲେ ପ୍ରତିଷ୍ଠିତ ।
ଜଳକୀର୍ତ୍ତି ନୃପ କଲେ ଠାବେ ଠାବେ,
ଦାନ କଲେ ଧେନୁ ଗଜ ଅଶ୍ୱ ନାବେ ।
କାରାଗାରୁ ମୁକ୍ତ ହେଲେ ବନ୍ଦୀଗଣ,
ଋଣମୁକ୍ତ ହେଲେ ଋଣଗ୍ରସ୍ତ ଜନ ।
ତଥାପି ମାନସେ ନ ଲଭିଲେ ଶାନ୍ତି,
ଚିନ୍ତାରେ ମଳିନ ହେଲା ସୌମ୍ୟ କାନ୍ତି ।
ଘଟିହେବା କାଳେ ଖଳକ ସେ ନୃପ,
ଦେଖିଲେ ଦର୍ପଣେ ମୃତବିପ୍ର-ରୂପ ।
ଭାବିଲେ ସେ ତହୁଁ ତେଜି ଦୀର୍ଘଶ୍ୱାସ,
ଭଙ୍ଗି ନାହିଁ ପାପ ସମୂଳେ ବିନାଶ ।
ଦିନେ ଦ୍ୱାପରର ବୀର ଖ୍ୟାତନାମା,
ଦେଖାଦେଲେ ତାଙ୍କୁ ସ୍ୱପ୍ନେ ଅଶ୍ୱତ୍ଥାମା ।
ଭାଷିଲେ ବାତ୍ସଲ୍ୟ କୋମଳ ଏ ଗିର ।
'ତେଜ ବତ୍ସ ଚିନ୍ତା ଚିତ୍ତ କର ସ୍ଥିର ।
ବ୍ୟର୍ଥ ପ୍ରାୟଶ୍ଚିତ୍ତ ବ୍ୟର୍ଥ ମନସ୍ତାପ,
ନ ଛୁଇଁବ ତୋତେ କଦାପି ଏ ପାପ ।
ଶୁଣ ବୀରମଣି ଶଙ୍କା କର ଦୂର,
ପୂର୍ବ ଜନମରେ ଥିଲୁ ତୁ ବିଦୁର ।
ସେବିଥିଲୁ ଦୃଢ଼େ କୃଷ୍ଣ ବ୍ରହ୍ମରାଶି,
ସେ ସୁକୃତି ତୋର ଉଦେ ହେଲା ଆସି ।
ନାରକୀଙ୍କ ଦୁଃଖେ ହୋଇଣ ବ୍ୟଥିତ,
ଯୁଧିଷ୍ଠିରେ ପ୍ରଭୁ କଲେ କଳଙ୍କିତ ।
ମିଥ୍ୟାବାଦ ଛଳେ ନରକ ଦର୍ଶନ,
କରାଇଲେ ତାଙ୍କୁ ଜଗତ-ଜୀବନ ।
ଦେଖି ନାରକୀଏ ଧର୍ମରାଜ ମୂର୍ତ୍ତି,
ଭୀଷଣ ନରକୁ ଲଭିଲେକ ମୁକ୍ତି ।
ହତ୍ୟାପାପ ଛଳେ ତୋତେ ସେହିପରି,
ଦେଖାଇ ତାରିବେ ପାପିକୁଳେ ହରି ।
ତୀର୍ଥପଥେ ତୋତେ କରିଣ ଦର୍ଶନ,
ସର୍ବପାପୁ ମୁକ୍ତ ହେବେ ପାପିଗଣ ।
ରଙ୍ଗନାଥ ତୀର୍ଥେ ଯାଇ ତୁ ବହନ
କର ରଙ୍ଗନାଥ ବିଗ୍ରହେ ସୁଜନ ।
ବେଙ୍କଟ ନୃସିଂହବେଶୀ ବଂଶଧର,
ବାଳକୃଷ୍ଣାଚାର୍ଯ୍ୟ ଗୋସ୍ୱାମୀ ପ୍ରବର । *

* ବେଙ୍କଟ ନୃସିଂହବେଶୀ ଶିବାଜିଙ୍କ ସଭା-ପଣ୍ଡିତ ଥିଲେ । ଏ ବିଷୟ ଭଞ୍ଜରାଜବଂଶର ବର୍ତ୍ତମାନ ରାଜଗୁରୁ ଶ୍ରୀ ରଘୁନାଥ ଅଗସ୍ତି ଗୋସ୍ୱାମୀଙ୍କଠାରୁ ସନନ୍ଦ ହସ୍ତିରେ ସଂଗୃହୀତ ।



http://oaob.nitrkl.ac.in

ଗୁରୁପଦେ ତାଙ୍କୁ ବରି ତୁ ତୁରିତ,
ହେବୁ ନାରାୟଣ ମନ୍ତ୍ରରେ ଦୀକ୍ଷିତ ।
ସେ ମନ୍ତ୍ର ପ୍ରଭାବେ ବ୍ରହ୍ମହତ୍ୟା ପାପ,
ହୋଇଯିବ ଧ୍ୱଂସ ତେଜ ମନସ୍ତାପ ।"
ଏହା ଭାଷି ଦ୍ରୈଣି ହେଲେ ଅନ୍ତର୍ଦ୍ଧାନ,
ଭାଙ୍ଗିଲା ରାଜାଙ୍କ ନିଦ୍ରା ଅବସାନ ।
ଉଠି ନରପତି ହେଜି ସ୍ୱପ୍ନକଥା,
ତେଜିଲେ ମାନସୁଁ ଭୀତି, ଚିନ୍ତା, ବ୍ୟଥା ।
ଅଚଳ ବିଶ୍ୱାସେ ପାଳି ସ୍ୱପ୍ନାଦେଶ,
ରଙ୍ଗନାଥ ତୀର୍ଥେ ମିଳିଲେ ନରେଶ ।
ଗୁରୁପଦେ ବରି ବାଳକୃଷ୍ଣାଚାର୍ଯ୍ୟ,
ସଙ୍ଗେ ଘେନି ତାଙ୍କୁ ଆସିଲେ ସ୍ୱରାଜ୍ୟ ।
ନାରାୟଣ ମନ୍ତ୍ର କରିଣ ଗ୍ରହଣ,
ଗୁରୁଙ୍କୁ ଦକ୍ଷିଣା ଦେଲେ ବହୁ ଧନ ।
ରଥ ବାଜା ଛତ୍ର ପାଲିଙ୍କି ହାନ୍ଦୋଳା,
ଗୁରୁଙ୍କୁ ଭକ୍ତିରେ ଅର୍ପିଲେ ସଙ୍ଖୋଳା ।
ଗ୍ରାମ ଭୂମି ତୋଟା ଗୃହ ଅଳଙ୍କାର,
ଅର୍ପିଲେ ଆହ୍ଲାଦେ ଶ୍ରଦ୍ଧା-ଉପହାର ।
ଅର୍ପିଲେ ଆବର ରାଜଗୁରୁ ପଦ,
ବଂଶାନୁକ୍ରମରେ ସମ୍ମାନ ସମ୍ପଦ ।
ବିଷ୍ଣୁଚକ୍ରେ ଦିବ୍ୟ ଦେଉଳ ନିର୍ମାଣି,
ନାରାୟଣ ମୂର୍ତ୍ତି ସଂସ୍ଥାପିଲେ ଆଣି ।
ନବାହ୍ନ ନିମନ୍ତେ ପୂଜା ନୀତି କାମ,
ଖଞ୍ଜିଦେଲେ ରାଜ୍ୟେ ଦୁଇ ଖଣ୍ଡ ଗ୍ରାମ ।
ନାରାୟଣେ ନିତି ନ କରି ଦର୍ଶନ,
ନ କରନ୍ତି ଜଳ କେବେ ସେ ଗ୍ରହଣ ।
ଜପି ଇଷ୍ଟ ମନ୍ତ୍ର, ପିଇ ପାଦୋଦକ,
ମଣନ୍ତି ଜୀବନ ଜନମ ସାର୍ଥକ ।
ନାରାୟଣ ମନ୍ତ୍ର ଜପି ନରଗଣ,
ଲଭିଲେକ ହତ୍ୟା ପାପୁ ପରିତ୍ରାଣ ।

ଫରାସି ହାତରୁ ଆସିଲେ ଇଂରାଜ,
କ୍ରମେ କ୍ରମେ ଶାନ୍ତ କଲେ ସୁବରାଜ ।
ଗଞ୍ଜାମ ଜିଲ୍ଲାର ରାଜନ୍ୟକଳାପ—
ମଧ୍ୟେ କୃଷ୍ଣ ଭଞ୍ଜ ପ୍ରବଳ ପ୍ରତାପ ।
ହେଳାରେ ରାଜସ୍ୱ କଲେ ନାହିଁ ଶୋଧ,
ପ୍ରକାଶିଲେ ତେଣୁ ପ୍ରତିନିଧି କ୍ରୋଧ । *
ଆସିଲେ ସେ ଘେନି ସଙ୍ଗେ ସେନାଗଣ,
ବିଷ୍ଣୁଚକ୍ର ଦୁର୍ଗ କଲେ ଆକ୍ରମଣ ।
ଶୁଣି କୃଷ୍ଣ ଭଞ୍ଜ ମନାସି ସଦ୍ଭାବ,
ପଠାଇଲେ କରି ସନ୍ଧିର ପ୍ରସ୍ତାବ ।
ସର୍ବାଗ୍ରେ ତେଇଶ ଗ୍ରାମ ନରସାଇଁ,
ନେଇଥିଲେ ନିଜ ରାଜ୍ୟରେ ମିଶାଇ ।
ତେର ଖଣ୍ଡ ତହୁଁ କଲେ ପ୍ରତ୍ୟର୍ପଣ,
ରାଜ-ପ୍ରତିନିଧି ହେଲେ ହୃଷ୍ଟମନ ।
ତେଣିକରେ ତୁଷ୍ଟି ଭଜି ପ୍ରତିନିଧି,
ଫେରିଗଲେ ସନ୍ଧି କରି ଯଥାବିଧି ।

କୃଷ୍ଣ ଭଞ୍ଜ ରାଜା ପନ୍ଦର ହଜାର,
ରଖିଥିଲେ ସୈନ୍ୟ ରଣେ ବଳୀଆର ।
ଆଶୁ ବିପଦେ ସେ ନ ହୋଇ ଆକୁଳ,
କରୁଥିଲେ କ୍ଷଣେ ବହୁ ସୈନ୍ୟ ଠୁଳ ।
କନ୍ଧ ବୀରଙ୍କର ବିକଟ ଭ୍ରୂକୁଟି—
ଦେଖି ବୈରିକୁଳ ବଳ ଯାଏ ତୁଟି ।
ସ୍ୱଭାବରେ କନ୍ଧ ଅଦ୍ଭୁତ ସାମର୍ଥ୍ୟ,
ଯୁଦ୍ଧକୁ ମଣନ୍ତି ପିଲାଖେଳ ପରି ।
ଯୁଦ୍ଧ ନାମ ଶୁଣି ଉଠନ୍ତି ସେ ମାତି,
ଦେଖାନ୍ତି ଶନଙ୍କ ନିର୍ଭୟରେ ଛାତି ।
ଛାଡ଼ି ବଜ୍ର ରଡ଼ି ବିକଟ କୁହାଟ,
ଧାଆନ୍ତି ସେ କରି ଅବାଟକୁ ବାଟ ।

* ଇଂରାଜ ରେସିଡେଣ୍ଟ କଟ୍‌ଫୋର୍ଡ ସାହେବ ।

http://oaob.nitrkl.ac.in

ରୁଦ୍ର ପରାକ୍ରମେ ବଦାନ୍ୟ ଅଶଙ୍କ,
ବିଜୟ-ଲକ୍ଷ୍ମୀଙ୍କୁ ଆଣନ୍ତି ସେ ଝିଙ୍କି ।
ଥିଲା ରାଜାଙ୍କର ଦୁର୍ଗ ଚତୁଷ୍ଟୟ,
ଥିଲେ ତହିଁ ବହୁ ସୈନ୍ୟ ଗଜ ହୟ ।
ବସ୍ତୁ ତନ୍ତ୍ର ପୁଣି କଟାରି କୋଟରେ,
ଥିଲା ଦୃଢ଼ ଦୁର୍ଗ ନିର୍ମିତ ପ୍ରସ୍ତରେ ।
ଅଷ୍ଟ ମହାଦେଈ ଗର୍ଭେ ରାଜାଙ୍କର,
ଲଭିଥିଲେ ଜନ୍ମ ଦ୍ୱାଦଶ କୁମର । *
ଜ୍ୟେଷ୍ଠ ଶ୍ରୀ ଲକ୍ଷ୍ମଣ ବହୁ ଗୁଣବନ୍ତ,
ଶୋଭାପଣେ ଋତୁସମ୍ରାଟ ବସନ୍ତ,
ନବ ଦୁର୍ଗାଧିପ ଜେମାମଣିଙ୍କର,
ଘେନିଥିଲେ ପାଣି ଭଞ୍ଜ ନୃପବର ।
ଶ୍ୱଶୁର ରାଜାଙ୍କ ଉପରୋଧ କ୍ରମେ,
ହୋଇଥିଲେ ବଦ୍ଧ କଠୋର ନିୟମେ ।
ତାଙ୍କ କନ୍ୟା ଗର୍ଭେ ହେଲେ ପୁତ୍ର ଜାତ,
ଘୁମୁସର ରାଜ୍ୟେ ହେବ ପ୍ରଜାନାଥ ।
ପାଳି କୃଷ୍ଣ ଭଞ୍ଜ ସେ ସତ୍ୟ ସହଜେ,
କଲେ ରାଜ୍ୟ ରାଜା ତ୍ରିବିକ୍ରମ ଭଞ୍ଜେ ।
ନବଖଣ୍ଡ ଗ୍ରାମ ପ୍ରଦାନ ଲକ୍ଷ୍ମଣେ,
ଶାନ୍ତ କଲେ ବହୁ ପ୍ରବୋଧ ବଚନେ ।
ଊନବିଂଶ ବର୍ଷ ହୋଇ ଧରାଧବ,
ଶେଷ ଜୀବନରେ ହେଲେ ସେ ବୈଷ୍ଣବ ।
ରାଜ୍ୟ ଧନ ମାନ ମଣି ସବୁ ମିଥ୍ୟା,
ଆଣିଲେ ରାଜର୍ଷି ଆଧ୍ୟାତ୍ମିକ ଚିନ୍ତା ।
ରାଜବେଶ ତେଜି ପିନ୍ଧିଲେ କୌପୀନ,
ଧର୍ମ ସାଧନରେ କଲେ ତନୁ କ୍ଷୀଣ ।
ଯୋଗିପକ୍ଷେ ରାଜବେଶ ହାସ୍ୟକର,
କିନ୍ତୁ ଯୋଗିବେଶ ରାଜାଙ୍କୁ ସୁନ୍ଦର ।

ଉଦେ ହେଲେ ରାଜ୍ୟେ ଯଥା ଧୂମକେତୁ,
ତ୍ରିବିକ୍ରମ ଭଞ୍ଜ ଅମଙ୍ଗଳ ହେତୁ ।
ତାଙ୍କ ଅତ୍ୟାଚାରେ ହୋଇ ପ୍ରପୀଡ଼ିତ,
ପଳାଇଲେ ପ୍ରଜା ଛାଡ଼ି ଗୃହ ବିତ୍ତ ।
ନ ରହିଲା ଆଉ ନୀତିର ଆଦର,
ପ୍ରକମ୍ପିଲା ରାଜ୍ୟ ହୋଇ ଥରହର ।
ଉଗ୍ର କ୍ରୋଧୀ ଦମ୍ଭୀ ଆଉରି ନୃଶଂସ,
ନ ପାରନ୍ତି କରି ନିଜକୁ ସେ ବଶ ।
ହେଲେ ପ୍ରଜା ତାଙ୍କ କ୍ରୋଧଯାଗେ ଛାଗ,
ବସନ୍ତ ରାଜ୍ୟରେ ଉଇଁଲା ନିଦାଘ ।
ଉଡ଼ାଇଲେ ବୀର କୀର୍ତ୍ତି କୃଷ୍ଣ ଧ୍ୱଜା,
ଭଞ୍ଜବଂଶରେ ସେ ଦୁଷ୍ଟ କଂସ ରଜା ।
ଯେଉଁ ସରେ ଜନ୍ମେ କୁମୁଦ କମଳ,
ସେହି ସରୁଁ ଜାତ ପୂତିଗନ୍ଧ ଦଳ ।
ଚନ୍ଦନ ପାଦପ ଭଗ୍ନ ଶାଖାମ୍ନଗେ,
ଏ ବରୁଣ ବଧି ଅଛି ଚାରିଯୁଗେ ।
ତ୍ରିବିକ୍ରମ ଭଞ୍ଜ ହୋଇ ରାଜ୍ୟେଶ୍ୱର,
କେତେ ବର୍ଷ ଯାଏଁ ଦେଲେ ନାହିଁ କର ।
ବହୁ ପ୍ରତିନିଧି ବହୁତ ଉପାୟ,
ନ ପାରିଲେ କରି ରାଜସ୍ୱ ଆଦାୟ ।
ଅଳ୍ପ କେତେ ବର୍ଷ ରାଜଦଣ୍ଡ ଧରି,
ମଣିଲେ ନିଜକୁ ସ୍ୱର୍ଗେ ଇନ୍ଦ୍ର ପରି ।
ପ୍ରକୃତି ପୁଞ୍ଜେ ସେ ଦଣ୍ଡିଲେ ପ୍ରଚଣ୍ଡେ,
ନିର୍ଦ୍ଦୋଷେ ଦଣ୍ଡିତ କଲେ ପ୍ରାଣଦଣ୍ଡେ ।
ପୂଜ୍ୟ ଜ୍ୟେଷ୍ଠଭ୍ରାତେ ନ ଗଣି କାଙ୍କ୍ଷିତ,
କଲେ ପିତୃଦତ୍ତ ବିଷୟୁଁ ବଞ୍ଚିତ ।
ନିରୁପାୟ ତହୁଁ ହୋଇଣ ଲକ୍ଷ୍ମଣ,
ଆସିକାରେ ଯାଇ ମିଳିଲେ ବହନ ।

* କୃଷ୍ଣଭଞ୍ଜ ରାହୁତ ପରୁ ଦୁଇକନ୍ୟା, ଧରାକୋଟ, ଖଲ୍ଲିକୋଟ ଓ ବଡ଼ଖେମଣ୍ଡିରୁ ଗୋଟିଏ ଲେଖାଏଁ କନ୍ୟା, ଦଶପଲ୍ଲାରୁ ଦୁଇଟି କନ୍ୟା ବିବାହ କରିଥିଲେ । ଏତଦ୍‌ବ୍ୟତୀତ ନୂଆଗଡ଼ର ରାଜା ପୁରୁଷୋତ୍ତମ ମାନଧାତାଙ୍କ କନ୍ୟାଙ୍କୁ ମଧ୍ୟ ପଣବନ୍ଧ ହୋଇ ବିବାହ କରିଥିଲେ ।

http://oaob.nitrkl.ac.in

ଖରଶୋଧା ଲାଲ ଆଁଖ୍ୟାଧାରୀ ଜଣେ,
ଥିଲେ ତହିଁ ରାଜ ଭୂରକ୍ଷକ ପଣେ ।
ରାଜାଙ୍କ ଭୀଷଣ ଅତ୍ୟାଚାରମାନ,
କଲେ ତାଙ୍କ ପାଶେ ଲକ୍ଷ୍ମଣ ବ୍ୟାଖ୍ୟାନ ।
ଘେନି ତାଙ୍କୁ ସଙ୍ଗେ ଗଣ୍ଡା ସେନାବାସେ,
ଦେଖା ହେଲେ ଯାଇ ପ୍ରତିନିଧି ପାଶେ ।
ଜଣାଇଲେ ତାଙ୍କୁ ନିଜର ଅବସ୍ଥା,
ରାଜାଙ୍କ ଦୁର୍ନୀତି, ପ୍ରଜା ଦୁଃଖ-ବ୍ୟଥା ।
କହିଲେ ସେ ମୋତେ ଦେଲେ ରାଜ୍ୟଭାର,
ଦେବି ମୁଁ ରାଜସ୍ୱ ଷାଠିଏ ହଜାର ।
କଡ଼ାଏ କଉଡ଼ି ନ ରହିବ ବାକୀ,
କହୁଛି ପ୍ରତିଜ୍ଞା ଧର୍ମେ ରଖି ସାକ୍ଷୀ ।
ପ୍ରତିନିଧି ଶୁଣି ପ୍ରକାଶି ସମ୍ମତି,
ରାଜା ହେବାପାଇଁ ଦେଲେ ଅନୁମତି ।
ସୈନ୍ୟ ସେନାପତି ଦେଇଣ ସଙ୍ଗରେ,
ପେଷିଲେ ତାହାଙ୍କୁ ଖରେ ଘୁମୁସରେ ।
କିଶୋରମେ ଏହା ଜଣା କଲା ଦୂତ,
ସମର ନିମନ୍ତେ ହେଲେ ସେ ପ୍ରସ୍ତୁତ ।
ପ୍ରବେଶନ୍ତେ ଯାଇ କୋମ୍ପାନୀଙ୍କ ଥାଟ,
ରାଜସେନା ତାଙ୍କୁ ଓଗାଳିଲେ ବାଟ ।
ଲାଗିଲାକ ତହୁଁ ବିଷମ ସମର,
ହେଲା ରଣଭୂମି ଶୋଣିତେ ଜର୍ଜର ।
ଭଗ୍ନ ଅସ୍ତ୍ରେ ପୂର୍ଣ୍ଣ ହୋଇ ସେ ଅଗମ୍ୟ,
ଦିଶିଲା ଭୀଷଣ ମୃତ୍ୟୁପୁରୀ ସମ ।
ଭୀଷଣୁଁ ଭୀଷଣ ହେଲା ଯୁଦ୍ଧ ଅନ୍ତ,
ମଲେ କ୍ରମେ ବହୁ ସୈନ୍ୟ ସେନାପତି ।
କିଶୋରମ ଭଞ୍ଜ ଲଭି ପରାଜୟ,
ହେଲେ ପ୍ରାଣଭୟେ ଏକାନ୍ତ ଅଥୟ ।
ଶତ୍ରୁ ଗୋଳାଘାତେ ହୋଇ ଭଗ୍ନଜାନୁ,
ପଳାଇଲେ ରାଜା ଶେଷେ ଯୁଦ୍ଧସ୍ଥାନୁଁ ।
ଶତ୍ରୁସେନା ତାଙ୍କ ପଛେ ଧାଇଁ ଧାଇଁ,
ନ ପାରିଲେ ତାଙ୍କୁ ବନ୍ଦୀ କରି କାହିଁ ।

କେତେ ଜଣ ବୀର ପାଇକ ସାହାଯ୍ୟେ,
ମିଳିଲେ ସେ ଯାଇ ଦଶପଲ୍ଲା ରାଜ୍ୟେ ।
ଶତ୍ରୁଭୟେ ରହି ନ ପାରିଣ ତହିଁ
ଗଲେ ବୌଦ ରାଜ୍ୟେ ବହୁ କ୍ଲେଶ ସହି ।
ରହିଲେ ସେଠାରେ ଗାରିଦା ଲୁଦରେ,
ପରିବାର ସହ ଚକିତ ଅନ୍ତରେ ।
ବସିଲେ ଲକ୍ଷ୍ମଣ ଭଞ୍ଜ ସିଂହାସନେ,
ପାଳିଲେ କୁଶଳେ ପ୍ରଜା-ପରିଜନେ ।
ଧରି ପୁଣ୍ୟଶ୍ଲୋକ ପିତାଙ୍କ ଆଦର୍ଶ,
ସାଧିଲେ ରାଜ୍ୟର ମଙ୍ଗଳ ଉତ୍କର୍ଷ ।
କିଶୋରମ ଭଞ୍ଜ ଏଣେ ଗୋପନରେ,
ପ୍ରବେଶିଲେ ଯାଇ ବିଜୟ ନଗରେ ।
ବିଜେରାମ ରାଜା ସେ ରାଜ୍ୟ ନୃପତି,
ଅର୍ଜିଥିଲେ ବହୁ ଖ୍ୟାତି ପ୍ରତିପତ୍ତି ।
କିଶୋରମ କରି ତାହାଙ୍କୁ ସାକ୍ଷାତ,
ବସାଇଲେ ତାଙ୍କ ସଙ୍ଗରେ ସଙ୍ଘାତ ।
ନିଜର ଦୁର୍ଦ୍ଦଶା କରିଣ ବର୍ଣ୍ଣନ,
ତାଙ୍କ ଆନୁକୂଲ୍ୟ କଲେ ଆକର୍ଷଣ ।
ଅନନ୍ତର ଘେନି ବିଜେରାମ ରାଜେ,
ହେଲେ ଉପସ୍ଥିତ ସୁଦୂର ମାନ୍ଦ୍ରାଜେ ।
ବିଜେରାମ ତହୁଁ ଲାଟ ପାଶେ ଯାଇ
ନିବେଦିଲେ ଭଞ୍ଜ ରାଜାଙ୍କୁ ଚହ୍ନାଇ ।
"ଏ ରାଜା ପ୍ରସିଦ୍ଧ ଭାସ୍କର ବଂଶଜ,
ଘୁମୁସର ପତି କିଶୋରମ ଭଞ୍ଜ ।
ଜଣାଇବା ପାଇଁ ନିଜର ଦୁର୍ଗତି,
ଆସିଛନ୍ତି ବହୁ ଦୂରୁ ମହୀପତି ।
କୃଷ୍ଣ ଭଞ୍ଜ ରାଜା ଏହାଙ୍କ ଜନକ,
ଥିଲେ ସତ୍ୟ ଧର୍ମ ନୀତି ଉପାସକ ।
ଜ୍ୟେଷ୍ଠ କୁମାରେ ସେ ଅଯୋଗ୍ୟ ଜାଣି,
ନ କଲେ କଦାପି ରାଜା ଘୁମୁସରେ ।
ଏହାଙ୍କୁ ହିଁ କରି ରାଜ୍ୟେ ଅଭିଷିକ୍ତ,
ଯଥାକାଳେ ବୃଦ୍ଧ ହେଲେ ଲୋକାତୀତ ।

http://oaob.nitrkl.ac.in

ଲକ୍ଷ୍ମଣ ଭଞ୍ଜଙ୍କ ଚକ୍ରାନ୍ତରେ ଦୁଷ୍ଟ,
ଦେଖିଲେ ପ୍ରତିନିଧି ଏହାଙ୍କୁ ସନ୍ତୁଷ୍ଟ ।
ଲକ୍ଷ୍ମଣ ଭଞ୍ଜଙ୍କୁ ଦେଲେ ରାଜପଣ,
ତେଣୁ ଏ ଛାମୁରେ ପଶିଲେ ଶରଣ ।
ପାଇଲେ ରାଜତ୍ୱ ହେବେ ଆଜ୍ଞାଧୀନ,
ରାଜସ୍ୱ ପାଇଁ ମୁଁ ରହିଲି ଜାମିନ ।”
ବଜେରମଙ୍କର ଏ ପ୍ରାର୍ଥନା ଶୁଣି,
ବିକ୍ରମେ ରାଜ୍ୟ ଦେଲେ ଲାଟ ପୁଣି ।
ତହୁଁ ବିକ୍ରମ ଆସି ଦର୍ପଭରେ,
ରାଜା ହେଲେ ପୁଣି ବହୁ ଆଡ଼ମ୍ବରେ ।
ପୂର୍ବ ଅତ୍ୟାଚାର ବଢ଼ିଲା ଦ୍ୱିଗୁଣ,
ପ୍ରଜା ଜମିଦାରେ ମଣିଲେ ସେ ତୃଣ ।
ପାଇଲେ ଦୁର୍ଜନ କ୍ଷମତା ପ୍ରଶ୍ରୟ,
ଘଡ଼ିକେ ଘଟାଇ ପାରେ ସେ ପ୍ରଳୟ ।
ଲକ୍ଷ୍ମଣ ଭଞ୍ଜଙ୍କ ଆତ୍ମୀୟ ସମସ୍ତେ,
ଲଭିଲେ କଠୋର ଦଣ୍ଡ ତାଙ୍କ ହସ୍ତେ ।
ପ୍ରାଣଦଣ୍ଡାଦେଶ ହେଲା କାହା ପ୍ରତି,
ଦୁଷ୍ଟ ରାଜ୍ୟେ ସିନା ଶିଷ୍ଟର ଦୁର୍ଗତି ।
ହୃତରାଜ୍ୟ ହୋଇ ନୃପତି ଲକ୍ଷ୍ମଣ,
ପ୍ରତିନିଧି ପାଶେ ପଶିଲେ ଶରଣ ।
ଜଣାଇଲେ ସବୁ କୂଟ ସମାଚାର,
ବଜେରମଙ୍କର ମିଥ୍ୟା ବ୍ୟବହାର ।
ଶୁଣି ପ୍ରତିନିଧି ହୋଇଣ ବିସ୍ମିତ,
ଲାଟଙ୍କ ସମୀପେ ଲେଖିଲେ ତ୍ୱରିତ ।
ବିକ୍ରମ ଭଞ୍ଜ ଅବାଧ୍ୟ ଏକାନ୍ତ,
ଶିକ୍ଷାଦୀକ୍ଷାହୀନ ଦୁର୍ବୃତ୍ତ ଦୁର୍ଦ୍ଦାନ୍ତ ।
ରାଜ୍ୟ ଚାଳନେ ସେ ସମ୍ପୂର୍ଣ୍ଣ ଅକ୍ଷମ,
ନୁହେଁ ପ୍ରଜାବନ୍ଧୁ, ପ୍ରଜାଙ୍କର ଯମ ।
ଅସନ୍ତୁଷ୍ଟ ସଦା ପ୍ରଜାଏ ତା ପ୍ରତି,
ଘଟିବ ବିଦ୍ରୋହ ହେଲେ ସେ ଭୂପତି ।
ଶ୍ରୀଲକ୍ଷ୍ମଣ ଭଞ୍ଜ ପୂର୍ବଙ୍କ ସୁଜନ,
ରାଜ୍ୟ ପାଳନରେ ସମ୍ପୂର୍ଣ୍ଣ ଭାଜନ ।

ହେଲେ ସେ ନରେଶ ଦୂର ହେବ ଶଙ୍କା,
ସର୍ବାଗ୍ରେ ରାଜସ୍ୱ ଦେବେ ଲକ୍ଷେ ଟଙ୍କା ।
ପତ୍ର ପାଠେ ଲାଟ କରି ସୁବିଚାର,
ସ୍ୱୀୟ ପୂର୍ବାଦେଶେ କଲେ ପ୍ରତ୍ୟାହାର ।
ପେଷି ପ୍ରତିନିଧି ସୈନିକ ପ୍ରହରୀ,
ବିକ୍ରମ ଭଞ୍ଜେ ନେଲେ ରାଜ୍ୟୁଁ ଧରି ।
ରାଜ୍ୟଚ୍ୟୁତ ତାଙ୍କୁ କରି ସେହିଠାରେ
ଖଞ୍ଜିଦେଲେ ବୃତ୍ତି ମାସିକ ହାରରେ ।
ଲଭିଲେ ସେ ଶୁଣି ପରେ ଅଧିକାର,
ସପ୍ତସହସ୍ର ଆୟ ହାଞ୍ଜିଲ ମୁଠାର ।
ଇଂରାଜ କୋମ୍ପାନୀ ବୃତ୍ତିଭୋଗୀ ଭାବେ,
ପରିବାର ସହ ରହିଲେ ସେଠାବେ ।
ବିକ୍ରମ ଭଞ୍ଜ ସାତବର୍ଷ ମାତ୍ର,
ରାଜ୍ୟ ଶାସି ହେଲେ ଅଭକ୍ତିର ପାତ୍ର ।
ନିଜ କର୍ମଦୋଷେ ହେଲେ ଅପଦସ୍ଥ,
ଜୀବନ-ମଧ୍ୟାହ୍ନେ ଭାଗ୍ୟରବି ଅସ୍ତ ।
କାଚ ପରି ଭାଗ୍ୟ ଭଙ୍ଗୁରତାପୂର୍ଣ୍ଣ,
ସାମାନ୍ୟ ଆଘାତେ ହୋଇଯାଏ ଚୂର୍ଣ୍ଣ ।
ଦମ୍ଭ ଅତ୍ୟାଚାର ମଧ୍ୟେ ଭ୍ରାନ୍ତି ବହି,
ରାଜଲକ୍ଷ୍ମୀ କେବେ ନ ପାରନ୍ତି ରହି ।
ସଂଯମୀ ପ୍ରଭୁ ସେ ସଦା ବରଭୁଜା,
ନ ଘେନନ୍ତି ଦେବୀ ଦାମ୍ଭିକର ପୂଜା ।

ଏଥିଅନ୍ତେ ହେଲେ ନୃପତି ଲକ୍ଷ୍ମଣ,
ପଶିଲା ପ୍ରଜାଙ୍କ ପିଣ୍ଡରେ ଜୀବନ ।
ଶୀତଭୀତ ରାଜ୍ୟେ ବସନ୍ତ ଉଦିତ,
ଘୁମୁସର ମହୀ ହେଲା ପ୍ରମୁଦିତ ।
ପୂର୍ବ ରାଜାଙ୍କର କର୍ମଚାରୀଚୟ,
ନ ଆସିଲେ କେହି ଡରେ ବହି ଭୟ ।
ଅନ୍ୟ ରାଜ୍ୟୁଁ ତହୁଁ ଆଣିଣ ଦେଭାରୀ,
ଚଳାଇଲେ କାର୍ଯ୍ୟ ଭଞ୍ଜ ଦଣ୍ଡଧାରୀ ।

http://oaob.nitrkl.ac.in

ଧୁନ୍ଦିଆ ଭଣ୍ଡାରୀ ରାଜାଙ୍କ ନମତା, ୧
ଦେଲେ ତାଙ୍କୁ ନୃପ ସଚିବ କ୍ଷମତା ।
ଆଖ୍ୟ ଭାଗ୍ୟଧର ଧୁନ୍ଦିଆ ଚରିତ,
ହୋଇଅଛି ପୂର୍ବେ କାବ୍ୟାଂଶେ ବର୍ଣ୍ଣିତ ।
କୁମାର ଶ୍ରୀକରେ ଯୁବରାଜ ପଦେ,
କଲେ ଅଭିଷିକ୍ତ ନୃମଣି ଆନନ୍ଦେ ।
ରାଜ୍ୟ ଚାଳନର ସୁନ୍ଦର ଶୃଙ୍ଖଳା,
ତାଙ୍କ ଚନ୍ଦ୍ରା-ଛାଞ୍ଚେ ହୋଇଥିଲା ଢଳା ।
ରାଜ୍ୟ-ଯନ୍ତ୍ର ସୁଖେ ଚଳିବା କାରଣ,
ପ୍ରଣ୍ଡ ମୁଠାରେ ସେ ରଖିଲେ କରଣ ।
ଶ୍ରୀଲକ୍ଷ୍ମଣ ଭଞ୍ଜ ଶାନ୍ତ ଶିଷ୍ଟ ଧୀର,
ସତ୍ୟ ଧର୍ମ ବୀର ଦାନ ଦୟା ବୀର ।
ବସାଇଲେ ଚାରି ବ୍ରାହ୍ମଣ ଶାସନ, ୨
ଛତ୍ର ସ୍ଥାପି କଲେ ଅକ୍ଷମ ପୋଷଣ ।
ବାସୁଦେବ ମୂର୍ତ୍ତି ନିର୍ମାଣି ପ୍ରସ୍ତରେ,
ସ୍ଥାପିଲେ ଦେଉଳ ତୋଳି ଘୁମୁସରେ । ୩
ପ୍ରିୟ ଭ୍ରାତା ଜୟ ମଙ୍ଗଳଙ୍କ ସୁତ,—
ରଘୁନାଥେ ସ୍ନେହ କରନ୍ତି ବହୁତ ।
ରାଜପୁତ୍ର ପରି ପାଳଣ ଆଦରେ,
ରଖିଥାନ୍ତି ତାଙ୍କୁ ସର୍ବଦା ପାଖରେ ।
ଘୁମୁସରେ ପାଣି ହେବାରୁ ଧୁନ୍ଦିଆ,
ଯୁବରାଜ ହେଲେ ବିରୁଦ୍ଧରେ ଠିଆ ।
କହିଲେ ପିତାଙ୍କୁ ବୁଝାଇ ଏସନ,
ଏ ବ୍ୟବସ୍ଥା ପିତଃ ଅତି ଅଶୋଭନ ।
ଇତରଙ୍କୁ ଦେଲେ ଉଚ୍ଚ ଅଧିକାର,
କରିବ ସେ ତାର ଅପବ୍ୟବହାର ।
ନୁହେଁ ତାହା ନୀତିଶାସ୍ତ୍ରର ବିଧାନ,
ଅଧିକାର ପ୍ରଣ୍ଡ ତାହା ଅସମ୍ମାନ ।
ମୂଷିକେ କେଶରୀ ବଳ ପ୍ରାପ୍ତ ଯଣ୍ଡ,
ଅପାତ୍ରରେ ଦାନ ଭୟଙ୍କର ଅଣ୍ଡ ।

ଢାଳିଲେ ଭସ୍ମରେ ଦେବଭୋଗ୍ୟ ଘୃତ,
ଘୃତର ମହତ୍ତ୍ୱ ହୁଏ ସିନା ଚ୍ୟୁତ ।
ନିବେଦିଲେ ପୁତ୍ର ବିନୟ ବଚନେ,
ମାତ୍ର ନୃପ ତାହା ନ ଶୁଣିଲେ କର୍ଣ୍ଣେ ।
ତହୁଁ ଯୁବରାଜ ବହି ଅଭିମାନ,
ଗୃହ ତେଜି କଲେ ଅସିକା ପ୍ରୟାଣ ।
ବିରଚି ଆବାସ ନିବସିଲେ ତହିଁ,
ପିତୃ-ବ୍ୟବହାରେ ତୀବ୍ର ବ୍ୟଥା ସହି ।
ଦେଖି ତାଙ୍କ ପ୍ରଣ୍ଡ ବୃତ୍ତିର ବିଧାନ,
ବାରିଶ ଟଙ୍କାର ଭୂସ୍ୱତ୍ୱ ପ୍ରଦାନ ।
ସେ ବୃତ୍ତି ବାମନ ପୁର ମଠାରୁ ସେ,
ପାଇ ଆଧିପତ୍ୟ କଲେ ନିରଙ୍କୁଶେ ।
ସ୍ୱବୁଦ୍ଧି ରାଜାଙ୍କ କୁବୁଦ୍ଧି ଦୋଷରେ,
ରହିଲେ ସୁଯୋଗ୍ୟ ପୁତ୍ର ରାଜ୍ୟାନ୍ତରେ ।
ଯୋରଡ଼ା ନୃପତି କୃଷ୍ଣ ସିଂହଙ୍କର,
ଜେମାଙ୍କୁ ବିବାହ କଲେ ନରବର ।
ଶେଷ ଜୀବନରେ ପୁରାଣ ଶ୍ରବଣେ,
ରତ ଥିଲେ ରାଏ ବରି ସୁବ୍ରାହ୍ମଣେ ।
ଆଠ ବର୍ଷ ମାତ୍ର କରି ରାଜପଣ,
ତେଜିଲେ ନୃମଣି ନଶ୍ୱର ଜୀବନ ।
ପିତା ତାଙ୍କୁ ରାଜ୍ୟୁ କଲେହେଁ ବଞ୍ଚିତ,
ରାଜପଦେ ଭାଗ୍ୟ କଲା ଅଧିଷ୍ଠିତ ।
ଭାଗ୍ୟଲିପି ସଦା ଅବ୍ୟର୍ଥ ଅକ୍ଷୟ,
ଖଣ୍ଡ କଲେ ତାର ନାହିଁ ପରାଜୟ ।
ଅଦୃଷ୍ଟର ଦାନ ଶରୀରର ଛାଇ,
ଶକ୍ତି ନାହିଁ କାର ନେବାକୁ ଛଡ଼ାଇ ।
ସ୍ୱଭାବରେ ଧୂର୍ତ୍ତ ଧୁନ୍ଦିଆ ଦୁର୍ଦ୍ଦାନ୍ତ,
ରାଜମନ୍ତ୍ରୀ ପରେ ଫାନ୍ଦିଲା ଚକ୍ରାନ୍ତ ।
ଧାଇଁ ଯାଇ ନାଥ ଦେବର୍ଷିଙ୍କ ପାଶେ,
କହିଲା ଏସନ ଖରେ ଉର୍ଦ୍ଧ୍ୱଶ୍ୱାସେ ।

୧—ନମତା—ସେବକ । ୨—ଋଚେ ଲକ୍ଷ୍ମଣପୁର, ପ୍ରତାପ ଲକ୍ଷଣପୁର ବୀରଲକ୍ଷ୍ମଣପୁର ଓ ବାସୁଦେବପୁର, ଏହି ଚାରି ଶାସନ । ୩—ପୁରୁଣା ଘୁମୁସରର ବର୍ଣ୍ଣନା ଦେଖନ୍ତୁ ।

http://oaob.nitrkl.ac.in

'ମୃତ୍ୟୁକାଳେ ରାଜା କହି ହୃଦେ ବ୍ୟଥା,
କହିଯାଇଥିଲେ ମୋତେ ଏହି କଥା ।
ଦେବବର୍ମାଙ୍କୁ କହ ମୋର ଏ ଆଦେଶ,
ରଘୁନାଥ ଭଞ୍ଜେ କରିବ ନରେଶ ।'
ବିଚକ୍ଷଣ-ବୁଦ୍ଧି ନାଥ ବ୍ୟବହର୍ତ୍ତା,
କପଟେ ସମ୍ମତି ସହିଲେ ଅଗତ୍ୟା ।
ସେହି ରବେ ଯାଇ ଆସିବା ଚଞ୍ଚଳ,
ଶ୍ରୀକର ଭଞ୍ଜଙ୍କୁ କହିଲେ ସକଳ ।
ସୈନ୍ୟ ତାଙ୍କୁ ସଙ୍ଗେ ଆସିଲେ ସତ୍ୱରେ,
ବାଦ୍ୟ ପଡ଼ୁଥାଏ ସଂଗ୍ରାମ ପଥରେ ।
ବୀରଦର୍ପେ ବୀର କାହାଳୀ ସଘନେ,
ବାଜିଲା ଟମକେ ନଅର ପ୍ରାଙ୍ଗଣେ ।
ଢାଉଁ ଢାଉଁ ଶବ୍ଦେ ଗରଜିଲା ଢଙ୍କା,
ପଶିଲା ଧୁନ୍ଦିଆ ଛାଉଣିରେ ଛନକା ।
ଉଡ଼ାଇ ଶ୍ରୀକର ଭଞ୍ଜ ରାଜଛତ୍ର,
ସିଂହାସନେ ବସି ହେଲେ ମହୀପତି ।
ବେଲାଏ ଆସି କଲେ ନୃପେ ଦେଖା,
ନ ଆସିଲା ଧୁନ୍ଦି ମେଦିନୀର ଏକା ।

ସରିଲା ତାହାର ବଡ଼ପଣ ଏବେ,
ଏତେ ଦିନେ ହେଲେ ପ୍ରତିକୂଳ ଦେବେ ।
ମହାଭୟେ ଲୁଚି ରହିଲା ସେ ଘରେ,
ଜନ୍ମ ବୃହସ୍ପତି ଘଟିବ ଭାଗ୍ୟରେ ।
ନାଥେ ଦେବବର୍ମାଙ୍କୁ ରାଜଗୁରୁ ପଦ—
ସହ ଦେଲେ ରାଜା ବଳୟ ଅଙ୍ଗଦ ।
ଆନ କର୍ମଦକ୍ଷ କର୍ମଚାରୀ ଆଦି,
ଗୁଣ ତୁଳନାରେ ଲଭିଲେ ଉପାଧି ।
କାହାକୁ ବା ଭୂମି ଧନରତ୍ନ ଦାନେ,
କଲେ ପୁରସ୍କୃତ ବହୁତ ସମ୍ମାନେ ।
କିଛି କାଳ ପରେ ଦିନେ ଅତି ତ୍ୱରା,
ଧୁନ୍ଦିଆକୁ ହେଲା ଛାମୁକୁ ହକରା ।
ନ ଆସିଲା ଭୟେ ବହି ସେ ବିଶେଷ,
କଲାକ ଅମାନ୍ୟ ନୃପତି ଆଦେଶ ।
ତହୁଁ ଦୁଷ୍ଟ ହେଲା ରାଜାଜ୍ଞାରେ ବନ୍ଦୀ,
ସରିଗଲା ତାର ସବୁ ଅଭିସନ୍ଧି ।
ଲୁଣ୍ଠିଲେ ପାଇକେ ତାହାର ସମ୍ପତ୍ତି,
ନିଜ ଦୋଷେ ଖଳ ଭୁଞ୍ଜିଲା ଦୁର୍ଗତି ।

## ଦ୍ୱାଦଶ ସର୍ଗ

ସୁବିଜ୍ଞ ଶ୍ରୀକର ଭଞ୍ଜ ନରମଣି,
ସମୁଦ୍ର ଲହରୀ ପାରନ୍ତି ସେ ଗଣି ।
ବୈଷ୍ଣବ ଧାର୍ମିକ ଧୀର ସମଦର୍ଶୀ,
ବୋଲନ୍ତି ତେଣୁ ସେ ମହନ୍ତ ରାଜର୍ଷି ।
ଭୁଞ୍ଜିଲେ ପ୍ରଜାଏ ତାଙ୍କ ସୁପାଳନେ,
ରାମରାଜ୍ୟ ସୁଖ ଅତି ହୃଷ୍ଟ ମନେ ।
ଦେବଦ୍ୱିଜେ ନୃପ ପ୍ରକାଶିଲେ ଭକ୍ତି,
ନିଯୋଜିଲେ ସଦା ସତ୍କାର୍ଯ୍ୟେ ଆସକ୍ତି ।
ଶ୍ରୀକର ଭଞ୍ଜଙ୍କ ପବିତ୍ର ଶ୍ରୀକର,
ଦାନ-ଜଳେ ସିକ୍ତ ଥିଲା ନିରନ୍ତର ।

ଥରେ ମହା ମହା ବାରୁଣୀ ଯୋଗରେ,
ଗଙ୍ଗାସ୍ନାନ ସାରି ପ୍ରଫୁଲ୍ଲ ଅନ୍ତରେ ।
କଲେ ବିପ୍ରେ ଦାନ ଧୂଆଁଛାଇ ଗ୍ରାମ,
ପୂର୍ଣ୍ଣ କଲେ ଦୀନ ଦୁଃଖୀ ମନସ୍କାମ ।
କୁଲଡ଼େ ନିର୍ମାଣ କଲେ ନୃପବର,
ରତ୍ନେଶ୍ୱରଙ୍କର ମଣ୍ଡପ ସୁନ୍ଦର ।
ଧନଞ୍ଜୟ ପୁରେ ଯୁଗଳ ମଣ୍ଡପ,
ନିର୍ମାଣିଲେ ପୁଣି କରି ସେ ସଙ୍କଳ୍ପ ।
ସଂସ୍ଥାପିଲେ ତହିଁ ବହୁତ ବିଧାନେ,
ଶ୍ରୀବାଲୁଙ୍କେଶ୍ୱରେ, ବୀର ହନୂମାନେ ।

http://oaob.nitrkl.ac.in

ଉନନ୍ତ କାର୍ଯ୍ୟ ସାଧି ସେ ଅଭେଦ,
ରଖିଲେ ଅକ୍ଷତ ଭଞ୍ଜବଂଶ ଟେକ ।
କ୍ଷତ୍ରିୟ ସେ, କିନ୍ତୁ ଆଚାରେ ବ୍ରାହ୍ମଣ,
ସଦା ପରମାର୍ଥ ଚିନ୍ତା-ପରାୟଣ ।
ବିଶ୍ୱାସଘାତକ କର୍ମଚାରୀ ଦୋଷେ,
ନ ଆସିଲା ରାଜ୍ୟ ଅର୍ଥ ରାଜକୋଷେ ।
ପଡ଼ିଲା ଦୁର୍ଭିକ୍ଷ ଦଇବେ ଆଉର,
ବଢ଼ିଲା ବାକୀ କୋମ୍ପାନୀଙ୍କ କର ।
ମୃତ୍ୟୁଶେ ଭଗି ନାଥ ବୈବର୍ତ୍ତ ପ୍ରଣବ,
ପଚ୍ଛକୁ ହେଲେ ସେ ବିଗ୍ରହ ବୈଷ୍ଣବ ।
ହୀନଶକ୍ତ ସାଧୁ ଥାଉଁଲେ ତତ୍ପର,
ଘଟିଲା ବ୍ୟତ୍ୟୟ ଚାଣକ୍ୟ ଶ୍ଳୋକର ।
ନ ଆସେ ବିପଦ ଏକାକୀ କେବଳ,
ସଙ୍ଗେ ଧରି ଆସେ କାଣ୍ଡବନ୍ଧୁ ଦଳ ।
ପୁତ୍ର ଧନୁର୍ଜୟ ବଂଶ ଆଭରଣ,
କଲେ ଜନକଙ୍କ ବିରୁଦ୍ଧାଚରଣ ।
ଘଟାଇଲେ ରାଜ୍ୟେ ବିବିଧ ଅନର୍ଥ,
ଶିକ୍ଷା ଉପଦେଶ ହେଲା ସବୁ ବ୍ୟର୍ଥ ।
ଅପାତ୍ରେ ସଫଳ ଉପଦେଶାମୃତ,
ବିଫଳ ଯେସନ ପାଉଁଶରେ ଘୃତ ।
ବ୍ୟର୍ଥ ଉପଦେଶ ଅଧମେ ଅର୍ପଣ,
ବ୍ୟର୍ଥ ଅନ୍ଧ ଆଗେ ଧରିବା ଦର୍ପଣ ।
ନିମ୍ବମୂଳେ କଲେ ଗୋଦୁଗ୍ଧ ସେଚନ,
ପାରେ କି ସେ କରି ତିକ୍ତତା ବର୍ଜନ ?
ବଢ଼ିଲା ରାଜାଙ୍କ ବିରକ୍ତିର ମାତ୍ରା,
ପୁତ୍ରେ ରାଜ୍ୟ ଦେଇ କଲେ ତୀର୍ଥଯାତ୍ରା ।
ଧନୁର୍ଜୟଙ୍କର ସେକାଳେ ବୟସ,
ହୋଇଥିଲା ମାତ୍ର ଚଉଦ ବରଷ ।
ଅପକ୍ୱ ବୟସେ ପାଇ ଅଧିକାର,
ପ୍ରକାଶିଲେ ରାଜ୍ୟେ ପ୍ରତାପ ଦୁର୍ବାର ।
ଅଜାତ-ଯୌବନେ ଯୌବନ ବିଳାସେ,
ଢାଳିଦେଲେ ଦେହ-ପ୍ରାଣ ଅନାୟାସେ ।
କୁସଙ୍ଗରେ ମାତି ହୋଇ ଉଚ୍ଛୃଙ୍ଖଳ,
ନିଜର ଚରିତ୍ର କଲେ କଳଙ୍କିତ ।
ତେଜିଲେ ନୃପତି ସକଳ ବେଭାର,
କାମିନୀ କାଞ୍ଚନ ହେଲା ଏକା ସାର ।
ରାଜ୍ୟାନ୍ତରେ ପେଷି ଦୁଷ୍ଟ ଶଣ୍ଢ ଜନ,
ଆଣିଲେ ସେ ଲୁଟି ବହୁ ଦ୍ରବ୍ୟଧନ ।
ଗଞ୍ଜାମ ସେନାବାସୁ ଦୁଇ ସରଦାର,
ଆସିଲେ ପଳାଇ ଘେନି ସେନାବାର
ଜଣକର ନାମ ସର୍ଦ୍ଦାର ନାନ୍ଥନା,
ଭଗବାନ ସିଂହ ଅନ୍ୟ ଜଣର ନାଁ ।
ଧନୁର୍ଜୟ ତାଙ୍କୁ ରଖି ସମାଦରେ,
ଗଢ଼ିଲେ ସୈନ୍ୟଦଳ ଘୁମୁସରେ ।
ରାଜ୍ୟର ତିନଶ ଲୋକ ଯଥାସ୍ୱଚ୍ଛ,
ଶିକ୍ଷା କଲେ ଯୁଦ୍ଧବିଦ୍ୟା ପ୍ରତି ନିତି ।
କୋମ୍ପାନୀ ରାଜସ୍ୱ ନ ହେବାରୁ ଶୋଧ,
ବଢ଼ୁଥାନ୍ତି ତେଣୁ ମାନସେ ସେ କ୍ରୋଧ ।
ଫେରିଆସି ତୀର୍ଥୁ ଭଞ୍ଜ ନରମଣି,
ପୁତ୍ରମଣିଙ୍କର ଦେଖିଲେ କରଣି ।
ପୋଷିଥିଲେ ମନେ ପୂର୍ବୁ ଯେ ଆଶଙ୍କା,
ଦେଖି ଏବେ ତାହା ହେଲେ ସେ ଚାଟଙ୍କା ।
କଲେ ପୁତ୍ରେ କ୍ରୋଧେ କଠୋର ଭର୍ତ୍ସନା,
ପ୍ରବର୍ତ୍ତିବଦଳ ଭୁଞ୍ଜିଲେ ଲାଞ୍ଛନା ।
ଧନୁର୍ଜୟ ତହୁଁ ଘୋର ଅଭିମାନେ,
ବୁଲିଲେ ରାଜ୍ୟାନ୍ତେ ଯାଇ ନାନାସ୍ଥାନେ ।
ନବଦୁର୍ଗେ ଶେଷେ କଲେ ଅବସ୍ଥିତି,
ପୋଷି ହୃଦୟରେ ଦୁଷ୍ଟ ଚିନ୍ତା ଭୀତି ।
ବାରମ୍ବାର ପିତା କଲେହେଁ ଆହ୍ୱାନ,
ନ ଆସିଲେ ବହୁ ଗଭୀର ଗୁମାନ ।
ଦିନେ ମାନଧାତା ନବଦୁର୍ଗ ପତି,
କଲେ ଏ ପ୍ରସ୍ତାବ ଆସି ତାଙ୍କ ଛତି ।
ଆଦି କମସର ଅଳସୁଆଁ ଗ୍ରାମ,
ଲେଖିଦେବ ମୋତେ ଯେବେ ଗୁଣାଗ୍ରାମ,

http://oaob.nitrkl.ac.in

ତେବେ ମୁଁ ସମର୍ପି କନ୍ୟା ତୁମ୍ଭ କରେ,
ବରିବି ତୁମ୍ଭଙ୍କୁ ଜାମାତୃ ପଦରେ ।
ପେଷି ଘୁମୁସରେ ସୈନ୍ୟ ସେନାପତି,
ଛେଦାଇବ ତୁମ୍ଭ ଶିରେ ରାଜଛତ୍ର ।
ଶୁଣି ଧନୁର୍ଜୟ ଭୁଲି ପରିଣାମ,
ସେହିକ୍ଷଣି ଦେଲେ ଲେଖି ବେନି ଗ୍ରାମ ।
ପୁଣି କସ ଭାବ ନୃପତି-ତନୟ,
ସେ କନ୍ୟାକୁ କଲେ ତାହିଁ ପରିଣୟ ।
ଲୁଟିଲେ ନବକ୍ଷ, ନବଦୁର୍ଗ ଯାଇଁ,
କ୍ଷାନ୍ତି ଗ୍ରାମଧ୍ୱଂସ ନ ଦେଲେ ଫେରାଇ ।
ଧନୁର୍ଜୟ ଭଞ୍ଜ ଏଥୁ ଅନନ୍ତରେ,
ବହୁ ଦୁଷ୍ଟ ଲୋକ ସଂଗ୍ରହ ସତ୍ୱରେ,
ଗୋପନେ ସ୍ୱରାଜ୍ୟେ ଆସିଣ ଲେଉଟି,
ଖାନକୁଟ୍ଟ ରୁଣ୍ଡରେ କଲେ ଧନ ଲୁଟି । ✤
ବହୁଗ୍ରାମ ପୋଡ଼ି ଲୁଟି ଦୁଷ୍ଟମନେ,
ପ୍ରବେଶିଲେ ଯାଇ କରଚୁଲି ବନେ ।
ଶ୍ରୀକର ଭଞ୍ଜେ ତା ଶୁଣି ଧାଡ଼ବାରେ,
ପେଷିଲେ ପାଞ୍ଚଶ ପଦାତି ସଙ୍ଗରେ ।
କରଚୁଲି ବନେ ହେଲା ଘୋର ରଣ,
ଧନୁର୍ଜୟ ପକ୍ଷୁଁ ମଲେ ବହୁ ଜନ ।
କେତେ ହେଲେ ବନ୍ଦୀ କେତେ ବିକଳାଙ୍ଗ,
ଏମନ୍ତରେ ସାଙ୍ଗ ହେଲା ରଣ-ଯାଗ ।
କଠୋର ଭାବରେ ଲଭି ପରାଜୟ,
ପଳାଇଲେ ଲୁଚି ବେଗେ ଧନୁର୍ଜୟ ।
ଧରାକୋଟ ଅଷ୍ଟାଦୁର୍ଗେ ପୂର୍ବଖଣ୍ଡେ,
ଯାଇ ଅତ୍ୟାଚାର କଲେ ସେ ପ୍ରଚଣ୍ଡେ ।
ଦସ୍ୟୁବୃତ୍ତି ଧରି ହୋଇ ନୀଚମନା,
ପିତାଙ୍କ ନାମରେ ଦେଲେ ସେ ଦୁର୍ଛନ୍ଦା ।
ପ୍ରତାରି ଲୁଚିଲେ ଚୌଦିଗେ ଏସନ,
ଶ୍ରୀ ଶ୍ରୀକର ଭଞ୍ଜ ପେଷି ଦକ୍ଷ ଜନ,
କରୁଛନ୍ତି ଲୁଟି ରାଜ୍ୟ ରାଜ୍ୟାନ୍ତରେ,
ନଶୀଥେ ଗୋପନେ କୃତ୍ରିମ ବେଶରେ ।
ଏହିରୂପେ ବହୁ କୁତ୍ସା ପ୍ରଖ୍ୟାପନେ,
ବୋଲାଇଦେଲେ କାଳି ପିତାଙ୍କ ବଦନେ ।
କେ କରିବ ଏହା ପିତୃଭକ୍ତ ବିନା,
ପିତୃଭକ୍ତିର ଏ ପରାକାଷ୍ଠା ସିନା !
ଫିଙ୍ଗିଲେ ଇଷ୍ଟକ ଦେଉଳ ଲକ୍ଷିକି,
ନିଜ ଉପରକୁ ପଡ଼େ ସେ ଛିଟିକି ।
ଧନୁର୍ଜୟଙ୍କର ପିତୃନିନ୍ଦା ଭାଷେ,
ନ ଆସିଲେ କେହି ଠିକେ ହେଁ ବିଶ୍ୱାସେ ।
ଅଧିକନ୍ତୁ ନିଜ ଆଚରିତ ପାପେ,
ପିତୃଦ୍ରୋହୀ ଆଖ୍ୟା ଲଭିଲେ ସେ ଆପେ !
ବାନ୍ଧିଥିଲା ବାପ କି ଦୋଷେ ବାସୁରେ,
କୁଳାଙ୍ଗାର ପୁତ୍ର ଭଣ୍ଡି-ପିତା ଭାଗ୍ୟେ ।
ବନୁଁ ଜାତ ହୋଇ ଦାବାନଳ ଯଥା,
ସେହି ବନ ସଙ୍ଗେ ସାଧେ ସେ ବୈରିତା;
ବିଧିର ବିଧାନ ଅଛି ତ ଏସନ,
କାର ସାଧ୍ୟ ତାହା କରିବ ଖଣ୍ଡନ ?
ଶ୍ରୀକର ଭଞ୍ଜଙ୍କୁ ଚାରିଆଡୁ ଆସି,
ଘେରିଲା ବିପଦ ପ୍ରତାପ ପ୍ରକାଶି ।
ଟଙ୍କାକୁ ଭରଣେ ହେଲା ଧାନ ଦର,
ରାଜ୍ୟରୁ ଆଦାୟ ହେଲା ନାହିଁ କର ।
ହେଲେ ନରପତି ଚିନ୍ତାରେ ଅବଶ,
ନ ପାରିଣ ଶୁଝି କୋମ୍ପାନୀ ରାଜସ୍ୱ ।
ଜଳନ୍ତର ସାନ ପାଇଛା ଏକାଳେ,
ବନ୍ଦୀ ହୋଇଥିଲେ ରାଜ୍ଞୀ ବନ୍ଦୀଶାଳେ ।
କୌଶଳେ ତହୁଁ ସେ କରି ପଳାୟନ,
ଘୁମୁସରେ ଯାଇ ମିଳିଲେ ବହନ ।
ଦେଲେ ତାଙ୍କୁ ରାଜା ସାଦରେ ଆଶ୍ରୟ,
ନିରାଶ୍ରୟ ପ୍ରତି ହୋଇଣ ସଦୟ ।

✤ ଖାନକୁଟ୍ଟ ଘୁମୁସର ରାଜ୍ୟର ଗୋଟିଏ ଗ୍ରାମ ।



http://oaob.nitrkl.ac.in

ପୁଣି ମଣି ଦେଈ ଗଞ୍ଜା ବନ୍ଦୀ ବାସେ,
ରାଜବନ୍ଦୀରୂପେ ଥିଲେ ମହାବାସେ ।
ନେବାକୁ ତାହାଙ୍କୁ ମୁକୁଳାଇ ତହୁଁ,
ଶ୍ରୀକର ଭଞ୍ଜଙ୍କୁ ଲେଖିଲେ ଚିଠଉ ।
ରାଜା ପାଞ୍ଚଶତ ପାଇକ ପଠାଇ,
ଆଣିଲେ ଗୋପନେ ତାଙ୍କୁ ମୁକୁଳାଇ ।
ରଖିଲେ କୁଲଡ଼େ ପ୍ରଦାନ ଆଶ୍ରୟ,
କୋମ୍ପାନୀଙ୍କୁ ଛଳେ କଲେ ନାହିଁ ଭୟ ।
ଜଗନ୍ନାଥ ଦେବ ପାରଳା ନୃପତି,
କେଜାଣି ଗଣି କା ଅଜ୍ଞାତ ବସତି,
ପରିବାରବର୍ଗ ଘେନଣ ସଙ୍ଗରେ,
ଉପସ୍ଥିତ ହେଲେ ଆସି ଘୁମୁସରେ ।
ଭଞ୍ଜ ନରପାଳ ପ୍ରକାଶି ସମାନ,
ନିଜ ଦୁର୍ଗ ମଧ୍ୟେ ଦେଲେ ତାଙ୍କୁ ସ୍ଥାନ ।
ଗୁପ୍ତ ଦୂତ ଯାଇ ସକଳ ଘଟଣା,
କୋମ୍ପାନୀ ନିକଟେ କଲାକ ବର୍ଣ୍ଣନା ।
ତହୁଁ ପ୍ରତିନିଧି ଆସିଣ ତ୍ୱରିତ,
ଘୁମୁସର ରାଜ୍ୟେ ହେଲେ ଉପସ୍ଥିତ ।
ଚତୁର ସହସ୍ର ପାଇକ ଗହଣେ,
ସାହେବଙ୍କୁ ନୃପ ଭେଟିଲେ ତକ୍ଷଣେ ।
ରାଜବନ୍ଦୀଦ୍ୱୟେ ରଖିଥିବା କଥା,
ଅସ୍ୱୀକାର କଲେ ଶ୍ରୀକର ସର୍ବଥା ।
କହିଲେ ସାହେବ ତାଙ୍କୁ ଅନନ୍ତର,
ଆଣିଦିଅ ମଣି ଦେଇଙ୍କୁ ସତ୍ୱର ।
କାଲି ଆସିବାକୁ କହି ନରପତି,
ଆସିଲେ ବସାକୁ ମାଗି ଅନୁମତି ।
ମାତ୍ର ପ୍ରତାରଣା କରି ଦଣ୍ଡଧାରୀ,
କୁଲଡ଼ ଗଡ଼କୁ ଆସିଲେ ବାହାରି ।
ବୁଝିଣ ସାହେବ ରାଜାଙ୍କ ଛଳନା,
ଫେରିଲେ ଗଞ୍ଜାମେ ହୋଇ କ୍ଷୁବ୍ଧମନା ।
ନୃପତିଙ୍କ ଦୁଷ୍ଟ ପ୍ରକୃତିସକଳ,
ଲାଟଙ୍କ ସମୀପେ ଲେଖିଲେ ତତ୍କାଳ ।

ଲାଟ ଆଦେଶରେ ଚିନାପାଟଣାରୁ,
ଆସିଲେ ବାହିନୀ ଘେନ ନଳୀ, ଦାରୁ ।
ବାଙ୍କ ବିଚକ୍ଷଣ ବ୍ରୋନ ମହାମତି,
ସେ ସୈନ୍ୟ-ଦଳର ହେଲେ ସେନାପତି ।
ଇଂରାଜ-ବାହିନୀ ଯଥାସମୟରେ,
ଆସି ଉପସ୍ଥିତ ହେଲେ ଘୁମୁସରେ ।
ଶୁଣି ନରପତି ବହି ମନେ ତ୍ରାସ,
ଦୁର୍ଗା-ପ୍ରସାଦରେ କଲେ ଯାଇ ବାସ ।
ଧନୁର୍ଜୟ ଭାସି ଆନନ୍ଦ-ତରଙ୍ଗେ,
ଦେଖା କଲେ ଆସି ସେନାପତି ସଙ୍ଗେ ।
ପିତୃରାଜାଙ୍କର କ୍ଷୁଦ୍ର ଯାଲଙ୍କାରେ,
କହିଲେ ସାହେବ ପାଶେ ନିର୍ବିକାରେ ।
ସେନାପତି ଲଭି ଅପାର ଆହ୍ଲାଦ,
ଅର୍ପିଲେ ତାହାଙ୍କୁ ବହୁ ଧନ୍ୟବାଦ ।
କହିଲେ ଯଦ୍ୟପି କରିବ ସାହାଯ୍ୟ,
ଦେବି ମୁଁ ତୁମ୍ଭଙ୍କୁ ଘୁମୁସର ରାଜ୍ୟ ।
ମଣି ଧନୁର୍ଜୟ ସିଦ୍ଧ ମନୋରଥ,
ଦୁର୍ଗାପ୍ରସାଦକୁ କଢ଼ାଇଲେ ପଥ ।
ଲାଗିଲା ସେଠାରେ ଭୀଷଣ ସମର,
କମ୍ପିଲା କାନନ ଶିଖରି-ଶିଖର ।
ମାଳ ଲୋକେ ଧରି ନଳୀ ଧନୁର୍ବାଣ,
କଲେ ଆସି ଯୁଦ୍ଧ ପଣ କରି ପ୍ରାଣ ।
କେହି ତରୁ ଶିଳା ଉହାଡ଼ରେ ଥାଇ,
ଫିଙ୍ଗିଲେ ପ୍ରସ୍ତର ଲୁହାଇ ଲୁହାଇ ।
ଖଇ ଭାଜି ପରି ଫୁଟିଲା ବନ୍ଧୁକ,
ଫଟ ଫଟ ଶବ୍ଦେ ରହିଲା କାର୍ମୁକ ।
ଛୁଟିଲା ଶାୟକ ସାଇଁ ସାଇଁ ସ୍ୱରେ,
ଫୁଟିଲା ଛଟକେ ଅରାତି ବକ୍ଷରେ ।
ବଜ୍ର ରଡ଼ି ପ୍ରାୟ ଗର୍ଜିଲା କମାଣ,
ଉଦ୍ଗାରି ଅନଳ ବିଦାରି ପାଷାଣ ।
ବହୁ ସୈନ୍ୟ ଦେହୁଁ ବୁହାଇ ରକତ,
ଉଭୟ ପକ୍ଷରୁ ହେଲେ ହତାହତ ।

http://oaob.nitrkl.ac.in

ଅଣଚିହ୍ନିଆ ସ୍ଥାନେ ଇଂରାଜ-ବାହିନୀ,
ଥିବାରୁ ସମର ନ ପାରିଲେ ଜିଣି ।
ବୃଥା ବଳକ୍ଷୟେ ନ ବଳାଇ ମତି,
ଫେରାଇଲେ ସୈନ୍ୟ ବଙ୍କ ସେନାପତି ।
ତହୁଁ ଆସି କଲେ କୁଲଡ଼େ ସମର,
ମାରି ନ ପାରିଲେ ହୋଇ ଅଗ୍ରସର ।
ସେନାପତି ଶେଷେ ଯାଇ ଘୁମୁସରେ,
ସମର୍ପିଲେ ରାଜ୍ୟ ଧନୁର୍ଜୟ କରେ ।
ରାଜ-କର୍ତ୍ତବ୍ୟର ବହୁ ଉପଦେଶ,
ନୀତିଶିକ୍ଷା ନୃପେ ଅର୍ପିଲେ ବିଶେଷ ।
ସାହେବଙ୍କଦ୍ୱାରା ହୋଇଣ ଆହୂତ,
ଆସିଲେ ଶ୍ରୀକର ଭଞ୍ଜ ତହିଁ ଦ୍ରୁତ ।
ସେନାପତି ତାଙ୍କୁ ପାଖରେ ବସାଇ,
କୋମଳ ବଚନେ କହିଲେ ବୁଝାଇ ।
'ହୋଇଥାନ୍ତି ରାଜା ତୁମ୍ଭର କୁମାର,
ଭୁଞ୍ଜ ତୁମ୍ଭେ ବୃତ୍ତି ଦ୍ୱାଦଶ ହଜାର ।
ପିତାପୁତ୍ର ଦୁହେଁ ସୁଖେ କାଳ ଯାପି,
କର ନାହିଁ କେହି ଫିତୁରୀ କଦାପି । ୧
ଟଙ୍କା ପରିବର୍ତ୍ତେ ରାଜ୍ୟ ପାଞ୍ଚ ମୁଠା, ୨
ମାଗିଲେ ଶ୍ରୀକର ନ କହିଣ କୁଣ୍ଠା ।
ପ୍ରକାଶି ସମ୍ମତ ତହିଁ ସେନାପତି,
ବାହୁଡ଼ିଲେ ଘେନି ସୈନିକ ପଙ୍କତି ।
ସେ ଦିନୁ କୁଲଡ଼େ ରହିଲେ ଶ୍ରୀକର,
ଦୁର୍ଗାପ୍ରସାଦରେ ତୋଳିଲେ ନଗର ।
ମାଲ କନ୍ଧେ ବଶେ ରଖି ନରନାଥ,
କରନ୍ତି ଉଭୟ ଦୁର୍ଗେ ଯାତାୟାତ ।
ଧନୁର୍ଜୟ ଘେନି ପାତ୍ରମିତ୍ର ପୁରେ,
ରହିଲେ ପୁରୁଣା ଘୁମୁସର ଦୁର୍ଗେ ।
ଅମର ରାଜାଙ୍କ କନ୍ୟା ରମାନଭା,
ଧନୁର୍ଜୟ ତାଙ୍କୁ ହେଲେ ଆଗେ ବିଭା ।

ପଛେ ଖଣ୍ଡପଡ଼ା ବୌଦ ରଣପୁର,
ଦଶପଲ୍ଲା ରାଜ୍ୟ ବସ୍ତୃତ ସୁଦୂର ।
ଏହି ଚାରି ରାଜଜେମାଙ୍କ ସହିତ,
ବିବାହ ତାଙ୍କର ହେଲା ସମାହିତ ।
କୁଅନ୍ତେ ଅତୀତ କାଳ କତିପୟ,
ବିଚାରିଲେ ଦିନେ ରାଜା ଧନୁର୍ଜୟ ।
ଦଦେଇ ରାଜାଙ୍କ ପୁତ୍ର ଯଦୁ ଭଞ୍ଜେ,
ଅଛନ୍ତି ତ ରାଜା ହେବେ ସେ ସହଜେ ।
ଦୁଇ ଭାଗ ତେବେ ହେବ ଘୁମୁସର,
ହେବ ସଙ୍କୁଚିତ ରାଜ୍ୟ ପରିସର ।
ଏହା ଭାବି ନୃପ ପେଷି ପଠାଆର,
ପାଞ୍ଚ ମୁଠାସାକ କଲେ ଅଧିକାର ।
ଦୁର୍ଗରକ୍ଷିବର୍ଗେ କରିଣ ବିନାଶ,
କୁଲଡ଼ ଦୁର୍ଗରେ କଲେ ଆସି ବାସ ।
ସେକାଳେ ଶ୍ରୀକର ଭଞ୍ଜ ନରମଣି,
କରିଥିଲେ ଦୁର୍ଗାପ୍ରସାଦେ ରହଣି ।
ଶୁଣିଲେ ସେଠାରେ ଏହି କୁସମ୍ବାଦ,
ଚକ୍ଷୁକର୍ଣ୍ଣ ମଧ୍ୟେ ଘଟିଲ ବିବାଦ ।
କ୍ରୋଧ କ୍ଷୋଭ ଘୃଣା ବିରକ୍ତି ପ୍ରକାଶି,
ପରିବାର ସହ ତହୁଁ ବେଗେ ଆସି,
ରଖି ସମସ୍ତଙ୍କୁ ଗାଲେଣ୍ଡି ମୁଠାରେ,
କଲେ ତୀର୍ଥଯାତ୍ରା ପୁଣି ଧାଡ଼ିକାରେ ।
କାଶୀ ବଦ୍ରିନାଥ ଦ୍ୱାରିକା ପ୍ରୟାଗ,
ଭ୍ରମିଲେ ଅନେକ ତୀର୍ଥ ମହାଭାଗ ।
ଉତ୍ତର ପଶ୍ଚିମେ ଅଛି ଯେତେ ତୀର୍ଥ,
ଭ୍ରମିଲେ ସେ ହୋଇ ପ୍ରେମେ ପୁଲକିତ ।
ଫେରି ଆସି ତହୁଁ ସୁବୈଷ୍ଣବ ସାଜେ,
ବସା କରି ଶେଷେ ରହିଲେ ମାନ୍ଦ୍ରାଜେ ।
ଲାଟ ସାହେବଙ୍କ ବାଞ୍ଛିତ ନନ୍ଦନ,
ପର୍ଗାଘାତେ ଥିଲା ହୋଇ ଅଚେତନ ।

୧—ଫିତୁରୀ ମେଳି, ବିଦ୍ରୋହ । ୨—ନୂଆଗଡ଼ ଗ୍ରାମଠାରୁ କୁଲଡ଼ ସହିତ ଗାଲେଣ୍ଡି ବୋକଲବା ମୁଠାହୁରୁ, ପାଞ୍ଚଗଡ଼, ଢିଉରଗଡ଼ତଳ, ସାବାଡ଼ ପୂର୍ବଗଡ଼ତଳ ।

http://oaob.nitrkl.ac.in

ବୃଥା ହେଲା ଯେତେ କଲେ ପ୍ରତୀକାର,
ଉଠିଲା ପୁଣି ଶୋକ ହାହାକାର ।
ଶୁଣି ଏ ଦୁର୍ବାର୍ତ୍ତା ଉତ୍କଳ ନରମଣି,
ପ୍ରବେଶିଲେ ତହିଁ ଆସି ସେହିକ୍ଷଣି ।
ବାଳକ ଦେହରେ ବୁଲାଇଣ ହାତ,
ଝାଡ଼ିଦେଲେ ମନ୍ତ୍ର ପଢ଼ି ନରନାଥ ।
ନିଦ୍ରାରୁ ଉଠିଲା ପ୍ରାୟେ ସେ ନନ୍ଦନ,
ଉଠି ବସି କଲା ନେତ୍ର ଉନ୍ମୀଳନ ।
ହେରି ସର୍ବେ ଏହି ଘଟଣା ଅଦ୍ଭୁତ,
ନବାବ ବିସ୍ମୟେ ହେଲେ ଅଭିଭୂତ ।
ଶୋକ-ପାଣ୍ଡୁରିତ ଲାଟଙ୍କ ବଦନେ,
ମୃଦୁ ହାସ୍ୟରେଖା ଖେଳିଲା ତକ୍ଷଣେ ।
ପର୍ଯ୍ୟୁସିତ ପଦ୍ମେ ଭାସ୍କର-ମୟୂଖ,
ନିପତିତ ପ୍ରାୟେ ଦିଶିଲା ସେ ମୁଖ ।
ଭୂପେ ଚାହିଁ ଲାଟେ ପୁଚ୍ଛିଲେ ଏସନ,
"କିଏ ତୁମ୍ଭେ ସିଦ୍ଧ ତାପସ ସଜ୍ଜନ ?
କହ କି ଉଦ୍ଦେଶ୍ୟ ସାଧିବ ତୁମ୍ଭର,
ମାଗିବ ଯା ତାହା ଦେବି ମୁଁ ନିକର ।
ସତ୍ୟ କହ ତୁମ୍ଭେ କିଏ ବ୍ରହ୍ମଚାରୀ,
ପ୍ରତେ ହୁଏ ଯେତେକ ଛଦ୍ମବେଶଧାରୀ ।
ଉଠୁଛି ମୂର୍ତ୍ତିରୁ ଦେବତ୍ୱ ଆଭାସି,
ନୁହଁ କେବେ ପର ପ୍ରସାଦ-ପ୍ରୟାସୀ ।
ହେବ ନିଶ୍ଚେ କେଉଁ ଉଚ୍ଚବଂଶଧର,
ଆତ୍ମ-ପରିଚୟ ପ୍ରଦାନ ସତ୍ୱର ।
ପାରିଲେ ମୁଁ ରଖି ତୁମ୍ଭର ସମ୍ମାନ,
ମଣିବ ନିଜକୁ ଅତି ଭାଗ୍ୟବାନ ।"
ଏ ଶୁଭ ସୁଯୋଗେ ନିଶ୍ଚେ ନରନାଥ,
ହୋଇ ପାରିଥାନ୍ତେ ନିଜ ରାଜ୍ୟ ପ୍ରାପ୍ତ ।
ନ ମାଗିଲେ ତାହା ନୃପତି ମଣ୍ଡଳ,
ସୁତସ୍ନେହ ହୃଦେ ଉଠିଲା ଉଚ୍ଛୁଳ ।
ଦାମ୍ଭିକ କୁପୁତ୍ର କଲେ ଶତ ଦୋଷ,
ସୁପିତା ତହିଁକି ନ ବହେ ଆକ୍ରୋଶ ।
ବରଂ ବାଞ୍ଛେ ସେ ପୁତ୍ରର କଲ୍ୟାଣ,
ପୁତ୍ର ସ୍ନେହ ନପରେ ବିଧାତାର ଦାନ ।
ଆତ୍ମପରିଚୟ ଦେଇ ନରପତି,
ଭାଷିଲେ ବିନୟେ ପ୍ରାର୍ଥନା ଭାରତୀ,
"ଦେଇଛ ଦେଉଛ ଦେବ ତୁମ୍ଭେ ପୁଣି,
କିସ ଅଛି ଆଉ ଅଧିକ ମାଗୁଣି ?
ରାଜ୍ୟ ମଧ୍ୟେ ରହି ନିରାପଦ ସ୍ଥାନେ,
ରତ ହେବି ଇଷ୍ଟଦେବ-ପୂଜା ଧ୍ୟାନେ ।
ସ୍ୱେଚ୍ଛାକ୍ରମେ ପୁଣି କରିବି ଭ୍ରମଣ,
ସଙ୍ଗେ ଘେନି ନିର୍ବିଘ୍ନେ ପ୍ରିୟବନ୍ଧୁଜନ ।
ଏତିକି ସୁବିଧା ହେ ଗୁଣରାଗୁଣି,
ଦେଲେ ତୁମ୍ଭ ପାଶେ ହେବି ଚିରଋଣୀ ।"
ଲଭି ରାଜାଙ୍କର ସତ୍ୟ ପରିଚୟ,
ବସାଇଲେ ତାଙ୍କୁ ଲାଟ ମହୋଦୟ ।
ଭଣିଲେ ସସ୍ମିତେ ମୃଦୁ ମଧୁଭାଷେ,
ଲେଖୁଛି ମୁଁ ଜିଲ୍ଲା-ପ୍ରତିନିଧି ପାଶେ ।
ତବ ମନୋମତ ତାବତ ବ୍ୟବସ୍ଥା,
କରିବେ ସେ ନିଶ୍ଚେଁ, ନ ହେବ ଅନ୍ୟଥା ।
ଗଞ୍ଜାମରେ ଯାଇ କର ମହୀନାଥ,
ଜିଲ୍ଲା ଅଧିକାରୀ ସହିତେ ସାକ୍ଷାତ ।
ଶୁଣି ଉତ୍କଳରାଜ ସାହେବଙ୍କ ବାଣୀ,
ଧନ୍ୟବାଦ ଅର୍ପି ଘେନିଲେ ମେଲାଣି ।
ଆସିଲେ ଗଞ୍ଜାମେ ବାହୁଡ଼ି ସତ୍ୱର,
ଘେନି ସଙ୍ଗେ ସାଧୁ ବୈଷ୍ଣବନିକର ।
ଭାଗିନେୟ ତାଙ୍କ ସୁରଙ୍ଗୀ ଭୂପାଳ,
ରହିଲେ ସେଠାରେ ଆସି କିଛିକାଳ ।
ତହୁଁ ଯାଇ ମିଳି ଗଞ୍ଜାମ ସହରେ,
ଦେଖା କଲେ ନୃପ ଜିଲ୍ଲା-କଲେକ୍ଟରେ ।
ପୂର୍ବରୁ ସେ ଜ୍ଞାତ ଲାଟଙ୍କ ଆଦେଶ,
ଉତ୍କଳ-ଭୂପେ କଲେ ଆଦର ବିଶେଷ ।
ବୋଇଲେ ସାହେବ ତାହାଙ୍କୁ ସମ୍ମାନେ,
"କର କିଛିଦିନ ଅପେକ୍ଷା ଏ ସ୍ଥାନେ ।

http://oaob.nitrkl.ac.in

କରିଦେବି ତବ ସକଳ ସୁବିଧା,
ରହୁ ନୃପ ମନେ ନ ବହୁଣ ଦ୍ୱିଧା ।”
ତହୁଁ ଉତ୍ତମଣି ବସା କରି ତହିଁ,
ରହିଲେ ନିଶ୍ଚିନ୍ତେ ଦୃଢ଼ଆଶା ବହି ।
ଦେଖୁଁ ଦେଖୁଁ ହେଲା ବହୁ ସୂର୍ଯ୍ୟ ଅସ୍ତ,
*କ୍ରମଶଃ ଶ୍ରୀକଳ୍ପ ହୋଇଲେ ଶୂନ୍ୟହସ୍ତ ।*
ସାହେବଙ୍କୁ ଦିନେ କହିଲେ ଏସନ,
ସରିଗଲା ମୋର ଆଣିଥିବା ଧନ ।
ଯାଉଛି ମୁଁ ରାଜ୍ୟୁଁ ସଂଗ୍ରହଣ ଅର୍ଥ,
ଆସିବି ନ କରି ବିଳମ୍ବ ନିରର୍ଥ ।
ଉପସ୍ଥିତ ତାଙ୍କ ଅବସ୍ଥା ଦର୍ଶନେ,
କହିଲେ ସାହେବ ସମ୍ମୁଖ ତକ୍ଷଣେ ।
ହୃଷ୍ଟ ଚିତ୍ତେ ତହୁଁ ଯୋଗୀ ନାରାୟଣ,
ନୂଆଗଡ଼ ରାଜ୍ୟେ କଲେକ ପ୍ରୟାଣ ।
ପଛେ ଖଣ୍ଡପଡ଼ା ଦଶପଲ୍ଲା ବୋଦେ,
ଯାପି କେତେ ଦିନ ପରମ ପ୍ରମୋଦେ;
ଶେଷେ କେନ୍ଦୁଝରେ ରହିଲେ ସେ ଯାଇ,
ଚାତୁର୍ମାସ୍ୟ ବ୍ରତ ଉଦ୍ୟାପନ ପାଇଁ ।
ନିୟତିଙ୍କ ବଳ ନାହିଁତ କାହାର,
ଆଜି ଯେହୁ ଦାତା କାଲି ସେ ଭିଖାରୀ !
ଯେଉଁ ପୁଣ୍ୟକର ଦାନୋତ୍ସର୍ଗ ନୀରେ,
ଥିଲା ପରିସିକ୍ତ ଦିବାଯାମିନୀରେ ।
ସେହି କର ହାୟ, ଏବେ ବିପରୀତ,
ଅପର ନିକଟେ ହେଲା ପ୍ରସାରିତ !
ଭାଗ୍ୟଦେବ ଯେବେ ହୁଅନ୍ତି ବିମୁଖ,
ଦୁଃଖ ଦେବାଲାଗି ଦିଅନ୍ତି ସେ ସୁଖ ।
ପରିବର୍ତ୍ତନର ଉତ୍ତାଳ ଲହରୀ,
ଅଲକ୍ଷ୍ୟରେ ଆସେ ମାଡ଼ି ଏହିପରି ।
ଭାଗ୍ୟ-ବିଶ୍ୱକର୍ମା ମହା କର୍ମଶାଳେ,
ଭଙ୍ଗାଗଢ଼ା ଭାଗ୍ୟ ହୁଏ ଅନ୍ତରାଳେ ।
କାଳ-ଭାଣ୍ଡେ ଭାଗ୍ୟ ଆଉଟି ବିନ୍ଧାଣୀ,
ବିପରୀତ ଛାଞ୍ଚେ ଢାଳିଦିଏ ଆଣି ।

ଦୁର୍ବଳେ ପ୍ରବଳ ଦେଖାଇ ଭ୍ରୂକୁଟି,
ନେଉଅଛନ୍ତି ତାହା ଭାଗ୍ୟଚକ୍ର ଲୁଟି ।
ତାହା ଭାଗ୍ୟପୁଣି ଲୁଟୁଅଛନ୍ତି ଆନ,
ବିଧାତାର ଏହା ଶାଶ୍ୱତ ବିଧାନ !
ଏହି ଜନ୍ମକୋଷ୍ଠୀ ଭାଗ୍ୟର ଭାଗ୍ୟରେ,
*ଲେଖିଛି ବିଧାତା ଅମର ଅକ୍ଷରେ ।*

ଏଣେ ଧନୁର୍ଜୟ ବହି ରାଜ୍ୟଭାର,
କଲେ ଦୁର୍ନିବାର କ୍ଷମତା ବିସ୍ତାର ।
ତୀବ୍ର ନିଶାଭୋଳେ ହୋଇ ଜ୍ଞାନହତ,
ହେଲେ ନାନାବିଧ କୁକର୍ମରେ ରତ ।
ରାଜ୍ୟବାସୀ ବହୁ ଧନୀ ମାନୀ ଜନେ,
ରଖିଲେ ସେ ବନ୍ଦୀ କରି ଅନଶନେ ।
ଧନଦ୍ରବ୍ୟ ଲୁଟି ଆଣିଲେ ତାଙ୍କର,
ଦେଲେ ନାହିଁ ଗର୍ବେ କୋମ୍ପାନୀର କର ।
ବିଦେଶୀ ବଣିକ ପାଖୁଁ କିଣି ଦ୍ରବ୍ୟ,
ନ ଦେଇଣ ମୂଲ୍ୟ ରହିଲେ ନୀରବ ।
ତହୁଁ ସେ ବଣିକେ ଯାଇଣ ହତାଶେ,
କଲେକ ଗୁହାରି କଲେକ୍ଟର ପାଶେ ।
କଲେକ୍ଟର ହୋଇ ଦୁଃଖିତ କୋପିତ,
କଲେ ବହୁବାର ନୃପେ ସତର୍କିତ ।
ମାତ୍ର ଧନୁର୍ଜୟ ମନେ ଦମ୍ଭ ବହି,
କଲେ ନାହିଁ ତିଳେ କର୍ଣ୍ଣପାତ ତହିଁ ।
କର୍ମଚାରିବୃନ୍ଦ ନ ପାଇ ବର୍ତ୍ତନ,
ଦୁରବସ୍ଥା ଭୁଞ୍ଜି ହେଲେ କଦର୍ଥନ ।
କ୍ଷେମଣ୍ଡୀ-ନିବାସୀ ମାନ୍ତ୍ରିକ-ଲଲାମ,
ନୀଳକଣ୍ଠ ରାଜଗୁରୁ ତାଙ୍କ ନାମ ।
ମନ୍ତ୍ର ବ୍ୟବସାୟେ ମାତଣ ଦ୍ୱିଜାତ,
ସର୍ବଜ୍ଞ ବୋଲି ସେ ଲଭିଥିଲେ ଖ୍ୟାତ ।
ଶିଖି ତାଙ୍କଠାରୁ କି ମନ୍ତ୍ର ନୃପତି,
ବାତୁଳ ପରାଏ ହେଲେ ଛନ୍ନମତି ।

http://oaob.nitrkl.ac.in

କି ଅଜ୍ଞାତ ଦୁର୍ବ୍ୟ ନଅର ଭିତରେ,
ଚୋରିଗଲା ବୋଲି ନୃପ କ୍ରୋଧଭରେ,
ପାଟମହାଦେଈ ପ୍ରଭୃତିଙ୍କୁ ଖରେ,
ରଖିଲେ ଶିକୁଳୀ ଦେଇ ବନ୍ଦୀ ଘରେ ।
ଲୌହ ଶୃଙ୍ଖଳରେ ହସ୍ତପଦ ଛନ୍ଦି,
ସୁନ୍ଦ ବଇଭଦ୍ରେ କଲେ ମଧ୍ୟ ବନ୍ଦୀ ।
ନଅର ମଧ୍ୟରେ ସାତ କୋଣ୍ଡ ଲୋକେ,
ରହିଲେ ବନ୍ଦୀରେ ଜଳ ଶୋଷେ ଭୋକେ ।
ବାହାରରେ ବନ୍ଦୀ ହୋଇ ଚାରିଶତ,
ସ୍ୱଜନ୍ମଶେଷ ଶାସ୍ତି ଭୁଞ୍ଜିଲେ ସତତ ।
ଦସ୍ୟୁ ଗନ୍ତାଇତ ରଘୁ ମଲ୍ଲିଗଜେ,
ପରିବାର ସହ ବନ୍ଦୀ କଲେ ଭଞ୍ଜେ । *
କଲେ ପୁଣି ତାଙ୍କ ସର୍ବସ୍ୱ ହରଣ,
କଷଣ ଉପରେ ବଳ୍ହିଲେ କଷଣ ।
ସ୍ତ୍ରୀକର ଭଞ୍ଜଙ୍କ ପାଟରାଣୀ ହାୟ୍,
ରହିଲେ ବନ୍ଦୀରେ ହୋଇ ଅସହାୟ୍ ।
ବୃଦ୍ଧା ଜନନୀଙ୍କ ହସ୍ତରେ ଶିକୁଳି,
ଲଗାଇଲେ ନୃପ ସୁପୁତ୍ର-ମଣ୍ଡଳୀ ।
ସର୍ବନାଶ କାଳେ ବିପରୀତ ମତି,
ନଷ୍ଟଚରିତ୍ରର କାହିଁରୁ ବା ଗତି ?
ବଂଶଲୋପ କାଳେ ଦୈବ ଘଟସୂତ୍ରେ,
ଜନ୍ମନ୍ତି ବଂଶରେ ଧର୍ମଦ୍ରୋହୀ ପୁତ୍ରେ !
କି ଫଳ ବା ବର୍ଣ୍ଣି ଏ ପାପ ଆଖ୍ୟାନ,
ଅପବିତ୍ର ହିନା ହେବ ଶ୍ରୋତା କାନ !
ସ୍ମରିବେ କିବାରି ଶିବ ଶିବ ଶିବ,
ଧନୁର୍ଜୟ ଦ୍ୱିତୀ ଆଓରଙ୍ଗଜୀବ ।
ସ୍ୱଜକୀର୍ତ୍ତି-ପୂତା ଘୁମୁସର ମହି,
ଏ ମହାପାତକ ରହିଲୁ ତ ସହି !
ପୁଣ୍ୟବକ୍ଷ ତୋର ନ ଗଲା ଯା ଫାଟି,
ନ ଗଲୁ ପାତାଳେ ପଶି ତୋର ମାଟି ।

ମନ୍ତ୍ରାସୁଣୀଙ୍କର ବୀଭତ୍ସ କଳଙ୍କ,
ସହିଛୁ ତ ପୂର୍ବେ ନ ବହି ଆତଙ୍କ ।
ଜ୍ୟେଷ୍ଠ ଭ୍ରାତୃହନ୍ତା ଗୋପୀନାଥଙ୍କର,
ସହିଛୁ କଳଙ୍କ ଘୃଣ୍ୟ ଭୟଙ୍କର ।
ଘନ ଭଞ୍ଜଙ୍କର ପୌତ୍ରହତ୍ୟାପାପ,
ସହିଛୁ ନ ଦେଇ ତୀବ୍ର ଅଭିଶାପ ।
ସହିଛୁ ଏ ସର୍ବ, କି ତାସି ତୋହର,
ସହି ସହି ଦେହ ହୋଇଛି ପଥର !
ସହନଶୀଳତା ତୋର ନିରୁପମ,
ଧନ୍ୟ ବ୍ରହ୍ମଚର୍ଯ୍ୟ, ଧନ୍ୟ ତୋ ସଂଯମ !
ଯେହୁ ଗୁଣେ ଭୂମି ଶୋକହା ଦୁଃଖହା,
ସହିବାରୁ ହିନା ନାମ ସର୍ବଂସହା !
ମହାକବି ଜନ୍ମତୀର୍ଥେ ହତ୍ୟାଲୀଳା,
ଦେଖି କାନ୍ଦିଥିବେ ବନ-ତରୁଶିଳା ।
ଏହି ହତ୍ୟା ଏହି ଘୃଣ୍ୟ ଆଚରଣ,
ହେଲା ଭଞ୍ଜବଂଶ ପତନ କାରଣ ।
ପଳାଇ ଗୋପନେ ଦସ୍ୟୁ ଗନ୍ତାଇତ,
ଗଞ୍ଜାମ ସହରେ ହେଲା ଉପସ୍ଥିତ ।
ଧନୁର୍ଜୟଙ୍କର ସବୁ ଅତ୍ୟାଚାର,
କଲେକ୍ଟରଙ୍କ ପାଖେ କଲାକ ପ୍ରଚାର ।
ବାରମ୍ବାର ନୃପେ କଲେ ସେ ସତର୍କ,
ମାତ୍ର ସବୁଚେଷ୍ଟା ହେଲା ନିରର୍ଥକ ।
ନିଦାଘ ମଧ୍ୟାହ୍ନେ କରମାଳୀ କର,
କମେ କମେ ଯଥା ହୁଏ ସୁପ୍ରଖର;
ଧନୁର୍ଜୟଙ୍କର ବଢ଼ିଗଲା ତଥା,
ଦୁର୍ଜୟ ପ୍ରତାପ ଘୃଣ୍ୟ ବର୍ବରତା !
ସର୍ବାଙ୍ଗ ଲୋକଙ୍କୁ ଉଞ୍ଚାଇ ସେ ବାଡ଼ି,
କୁଲଡ଼ ମଧ୍ୟକୁ ଦେଲେ ନାହିଁ ଛାଡ଼ି !
କୋମ୍ପାନୀ ହାତେଗା ପଣାଦାରଗଣେ,
ପାଇକ ପଠାଇ ତଡ଼ିଲେ ତକ୍ଷଣେ ।

* ଦସ୍ୟୁ ଗନ୍ତାଇତ, ରଘୁ ମଲ୍ଲିଗଜ ରାଜାଙ୍କର ଦୁଇଜଣ ନମକ୍ତା ଅର୍ଥାତ୍ ବେଳସ୍ୱ । ସେମାନେ ଦୁଇ ଭାଇ ଥିଲେ ।

http://oaob.nitrkl.ac.in

ସତ୍ୱରେ ସେମାନେ ଯାଇ ଊର୍ଦ୍ଧ୍ୱଶ୍ୱାସେ,
କହିଲେ ଘଟଣା କଲେକ୍ଟର ପାଶେ ।
ସବୁ ଅତ୍ୟାଚାର ଶୁଣି କଲେକ୍ଟର,
ଗବର୍ଣ୍ଣର ପାଶେ ଲେଖିଲେ ସତ୍ୱର ।
ଏଣେ ଧନୁର୍ଜ୍ଜୟ ଭଞ୍ଜ ନରପତି,
ବାତୁଳ ପରାଏ ହେଲେ ଛନ୍ନମତି ।
ଗଡ଼ ବାନ୍ଧି ରହି ଉଦୟଗିରିରେ,
ଦଣ୍ଡିଲେ ଅଦୋଷେ ମାଳ କନ୍ଧବୀରେ ।
ପାପ ଅତ୍ୟାଚାରେ କଲେ ନୃପ ମୂଳ,
ରାଜଲକ୍ଷ୍ମୀ ତାଙ୍କୁ ହେଲେ ପ୍ରତିକୂଳ ।
ବଢ଼ିଲା କ୍ରମଶଃ କ୍ରୋଧ ଅତ୍ୟାଚାର,
ଧର୍ମାଧର୍ମ ଜ୍ଞାନ ହେଲା ଏକାକାର ।
ଧର୍ମ-ଆସନରେ ବସିଲା ଅଧର୍ମ,
ସାଧିଲେ ନିର୍ଦ୍ଦୟେ ବହୁ ଅପକର୍ମ !
ଲଜ୍ଜା ଅପବାଦେ ଦେଇ ବିସର୍ଜ୍ଜନ,
ଏହେ କୁଳେ ଜନ୍ମି ହେଲେ ଅଭାଜନ ।
କେଉଁ ଅପଦେବ କେଉଁ ଦୁଷ୍ଟ ଭୂତ,
ଆକ୍ରମି ତାହାଙ୍କ କଲା ଜ୍ଞାନଚ୍ୟୁତ ।
ଜନ୍ମା ଏହା କେଉଁ କୁଗ୍ରହ ଭୁଆଣ,
କହିବ ତା ଗଣି କେଉଁ ସର୍ବଜାଣ ।
ନିୟତିର ଲୀଳା ନିୟତି ବିଦିତ,
ନରଜ୍ଞାନ ତହିଁ ଚିର-ପରାଜିତ !

କଲେକ୍ଟର ପତ୍ର ପଢ଼ି ଗବର୍ଣ୍ଣର,
ତାଶ୍ରିଦଳ ସୈନ୍ୟ ପ୍ରେଷିଲେ ସତ୍ୱର ।
ଫ୍ଲେଚେରୀ ସାହେବ ହୋଇ ସେନାପତି,
ଘୁମୁସର ମୁଖେ କଲେ ଖରେ ଗତି ।

ଗାଲେଞ୍ଜି ମୂଠାରେ ଶିବିର ନିର୍ମାଣି,
ନିବସିଲେ ତହିଁ ନିଜପଦ ଜାଣି ।
ଚାରମୁଖେ ବାର୍ତ୍ତା ପାଇ ଧନୁର୍ଜ୍ଜୟ,
ଛଟେଳ ମାତ୍ର ମନେ ନ ଗଣିଲେ ଭୟ !
ଘେନି ପରିବାର, ବନ୍ଦୀ, କର୍ମଚାରୀ,
ଗଲେ ଦୁର୍ଗ ମଧ୍ୟୁ ସତ୍ୱର ବାହାରି ।
କେରଣ୍ଡି ଖୋଲର କିଆଙ୍ଗ ଘାଟିରେ,
ପୁଟ କରି ନୃପ ରହିଲେ ସୁସ୍ଥିରେ । ୧
ତାଙ୍କ ପଛେ ପଛେ କୋମ୍ପାନୀ ବାହିନୀ,
ଧାଇଁଲା ସଦର୍ପେ ରଣେ ନିଃଶଙ୍କିନୀ ।
କନ୍ଧ ସବୁ ଥିଲା ରାଜାଙ୍କ ବିରୋଧ,
ସାଧିଲେ ସେମାନେ ଆସି ପ୍ରତିଶୋଧ ।
ଦୁଇଜଣ କନ୍ଧ କଢ଼ାଇଲେ ବାଟ,
ଘାଟି ଉପରକୁ ଉଠିଗଲା ଥାଟ ।
ଘୋଟକେ ଆରୋହି ତହୁଁ ଧନୁର୍ଜ୍ଜୟ,
ପଳାଇଲେ ହୋଇ ଭୟରେ ଅଥୟ ।
ସେନାପତି ନାମ ପଚାରନ୍ତେ ବାଟେ,
ଢ଼ଗ ମେଲି ଅଶ୍ୱେ ପିଟିଦେଲେ ଛାଟେ । ୨
କଶାଘାତେ ଅଶ୍ୱ ବାୟୁବେଗେ ଧାଇଁ,
ଗଭୀର ଅରଣ୍ୟେ ଲୁଚିଗଲା କାହିଁ ।
ରାଜ-ଅନୁଚରେ ଏହି ଅବସରେ,
ପଳାଇ ଲୁଚିଲେ ଯାଇ ବନାନ୍ତରେ ।
ପୁଟ ମଧ୍ୟେ ତହୁଁ ପଶି ସେନାପତି,
ବନ୍ଦୀବର୍ଗେ ଦେଖି କ୍ଷୁବ୍ଧ ହେଲେ ଅତି ।
ଲୌହ-ଶିକୁଳୀରେ ହସ୍ତପଦ ଛନ୍ଦି,
ରଖିଥିଲେ ନୃପ ତହିଁ ବହୁ ବନ୍ଦୀ ।
ସଦୟେ ସାହେବ ଆଦେଶିଲେ ଖରେ,
ଭଙ୍ଗା ହେଲା ବେଢ଼ି ପ୍ରସ୍ତର ଖଣ୍ଡରେ ।

୧—ପୁଟ—ଗୁପ୍ତନିବାସ । ୨—ରାଜାଙ୍କୁ ସାହେବ ନାମ ପଚାରିବାରୁ ସେ ନିମ୍ନୋକ୍ତ ପ୍ରକାରେ କହିଥିଲେ ବୋଲି ଜନଶ୍ରୁତି ଅଛି:—"ହାତୀର ନାମ ରତନ୍‌ଗଜ, ଘୋଡ଼ାର ନାମ ସୁରେଖା, ହାମାର ନାମ ଧନୁର୍ଜ୍ଜୟ ଫେର ଫେର ମାରେଗା ।"

http://oaob.nitrkl.ac.in

ବନ୍ଦୀମୁକ୍ତ ଉଗେ ତେଜି ଅଶ୍ୱ ଧାର,
କହିଲେ ରାଜାଙ୍କ ସବୁ ଅତ୍ୟାଚାର ।
ଶୁଣି ସେନାପତି ଲଭିଲେ ବିସ୍ମୟ,
ଓହ୍ଲାଇ ଆସିଲେ ଘେନି ସୈନ୍ୟଚୟ ।
କୁପାଟି ଗ୍ରାମରେ ଛାଉଣି ପକାଇ,
ବିଶ୍ରାମିଲେ ତହିଁ କେତେ ଦିନ ପାଇଁ ।
ତାହାଙ୍କ ଆଦେଶେ ବନ୍ଦୀମୁକ୍ତ ନରେ,
ବାହୁଡ଼ିଲେ ହର୍ଷେ ନିଜ ନିଜ ଘରେ ।
ସସୈନ୍ୟେ ସାହେବ ତହୁଁ ଯାଇ ପୁଣି,
ପକାଇଲେ ବେଣୀପଲ୍ଲୀରେ ଛାଉଣି ।
ପାଇକପଡ଼ାରେ ରହି କଲେକ୍ଟର,
ମୁସ୍ତାଜରଗଣେ ଡାକିଲେ ସତ୍ୱର ।
କଲେ ସେ ଘୋଷଣା ପାଇକ ମୁଖରେ,
ନୂଆ ଜମା ଧାର୍ଯ୍ୟ ହେବ ସମ୍ମୁଖରେ ।
ଜାରସୁ ନାଇକ୍ ନାମରେ ଦୋଭାଷୀ,
ସାହେବଙ୍କ ସଙ୍ଗେ ଥିଲା ତହିଁ ଆସି ।
ଧନୁର୍ଜୟ ଭଞ୍ଜେ ହେଲକ ଡ଼ାକରା,
ଇତସ୍ତତ ନୋହି ଆସିଲେ ସେ ତ୍ୱରା ।
ସାହେବଙ୍କୁ ଭେଟି ବିଞ୍ଝଣା ଗ୍ରାମରେ,
ବହୁ କଥାବାର୍ତ୍ତା ହେଲେ ପରସ୍ପରେ ।
ସଙ୍ଗରେ ଯିବାକୁ ଡାକିଲେ ସାହେବ,
କହିଲେ ବନସ୍ତେ ତହୁଁ କରିଦେବ ।
"ଆଗେ ଆଗେ ବାଟେ ହୁଅନ୍ତୁ ଆପଣ,
ଯାଉଛୁ ମୁଁ ପଛେ ବଢ଼ାଇ ଯୋଗଣ ।"
ତହୁଁ ଦୋଭାଷୀଙ୍କୁ ଜଗାଇ ସେଠାରେ,
ଗଲେ କଲେକ୍ଟର ଫେରି ଧାଉଡ଼ାରେ ।
ଯୋଗଣ ଶେଷରେ ଅଶ୍ୱେ ଚଢ଼ି ସ୍ୱୟଂ,
ପଳାଇବା ପାଇଁ ଫାନ୍ଦିଲେ ଉପାୟ ।
ଏକାଳେ ଦୋଭାଷୀ ସତ୍ୱର ଆସିଣ,
ଧରିଲା ଓଟାରି ଅଶ୍ୱର ଖଲିଣ ।
ବସାଇ ରାଜାଙ୍କୁ ପାଲିଙ୍କି ଯାନରେ,
ପାଇକପଡ଼ାକୁ ଘେନିଗଲା ଖରେ ।

ଶୁଣି ରାଜାଙ୍କର ଦୁଷ୍ଟ ବ୍ୟବହାର,
ବିହିଲେ ସାହେବ ଯୋଗ୍ୟ ପ୍ରତିକାର ।
ଭଞ୍ଜ ନୃପତିଙ୍କୁ ସୈନିକ ଘେରାଇ,
ଦେଲେ ସେ ତକ୍ଷଣେ ଗଞ୍ଜାମେ ପଠାଇ ।
ବନ୍ଦୀଶାଳେ ତହିଁ ରହି ଧନର୍ଜୟ,
ଲୁଟିଲ ଚନ୍ଦ୍ରାରେ ଯାପିଲେ ସମୟ ।
ଦକ୍ଷ କଲେକ୍ଟରେ କୋମ୍ପାନୀ ସର୍କାର,
ଦଶ ସହସ୍ର ମୁଦ୍ରା ଦେଲେ ପୁରସ୍କାର ।

ଶ୍ରୀକର ଭଞ୍ଜ ତ ଥିଲେ କେନ୍ଦୁଝରେ,
ଅଣାହେଲା ତାଙ୍କୁ ସେଠାରୁ ସତ୍ୱରେ ।
ବନ୍ଦୀଶାଳ ମଧ୍ୟେ ଆଗାର ନିର୍ମାଣି,
ତହିଁରେ ତାହାଙ୍କୁ ରଖାଗଲା ଆଣି ।
ଧନୁର୍ଜୟଙ୍କର କଳଙ୍କ ଯାବତ,
କଲେକ୍ଟର ଆସି କହିଲେ ତଦନ୍ତ ।
ନଅରେ ବନ୍ଦିନୀ ଥିଲେ ବହୁ ନାରୀ,
ସାହେବଙ୍କ ଆଗେ କହିଲେ ବିସ୍ତାରି—
"ବଳଭଦ୍ର ଭଞ୍ଜ ରାଜାଙ୍କ ନନ୍ଦନ,
ସ୍ୱହସ୍ତେ ତାହାଙ୍କୁ କଲେ ସେ ନିଧନ ।
ବହୁ ପୁରନାରୀ ଖାଇଛନ୍ତି ହାଣ,
ରାଜରୋଷୁଁ କେହି ଲଭି ନାହିଁ ତ୍ରାଣ ।
ସମସ୍ତଙ୍କୁ ହାଣି ପକାଇ କୂପରେ,
ପୋତି ଦେଇଛନ୍ତି ମୃତ୍ତିକା ପ୍ରସ୍ତରେ ।"
ଇଚ୍ଛିଲେ ସାହେବ ଦେଖିବାକୁ କୂଅ,
ଦେଖାଇଲେ ନେଇ ବନ୍ଦିନୀ ସମୂହ ।
କଲେକ୍ଟରଙ୍କର ଆଦେଶ ପ୍ରକାରେ,
ଖୋଳାହେଲା କୂପ ବିସ୍ତୃତ ଆକାରେ ।
ବାହାରିଲା ତହୁଁ ନରସ୍ଥି କଙ୍କାଳ,
ହସ୍ତ ପଦ ଖଣ୍ଡି ମୁଣ୍ଡ ମାଳ ମାଳ !
ଘେନି କଲେକ୍ଟର ସଙ୍ଗରେ ସେମାନ,
ଗଞ୍ଜାମ ସହରେ କଲେକ ପ୍ରସ୍ଥାନ ।

http://oaob.nitrkl.ac.in

ଛାରଖାର୍ ହେଲା କଣ୍ଟ ଦିନାନ୍ତରେ,
ଚଣ୍ଡ୍ରାମ ନଗର କାଳ-କମ୍ପନରେ ।
ହଟମ ଲୋକସଙ୍ଘ ହେଲା ବିବର୍ଜିତ,
ପଳାଇଲେ ଜନେ ଛାଡି ଗୃହ-ଦ୍ୱାର ।
ସିନ୍ଧୁବେଳା-ଟିକା-ସୁନ୍ଦରୀ ନଗରୀ,
ଶ୍ମଶାନ ପର୍ଯ୍ୟେ ଦିଶିଲା ହତଶ୍ରୀ ।
ତହୁଁ ବ୍ରହ୍ମପୁର୍ ହେଲା ରାଜଧାନୀ,
ପରିପୂର୍ଣ୍ଣ ଯହିଁ ଧନୀ ମାନୀ ଜ୍ଞାନୀ ।
ଛାଡି ପଣ୍ଡିତ କି କହିବ କୁଟର,
ଲକ୍ଷ୍ମୀ ସରସ୍ୱତୀ ମିଳନ-ମନ୍ଦିର ।
ଜନକ ଶ୍ରୀକର ପୁତ୍ର ଧନୁର୍ଜୟ,
ବନ୍ଦୀଶାଳେ ତହିଁ ରହିଲେ ଉଭୟ ।
କୁଟିଳ କୁଚକ୍ରୀ ଧନୁର୍ଜୟ ଭଞ୍ଜ,
ଖୋଜୁଥାନ୍ତି ସଦା ଆତ୍ମୋଦ୍ଧାର ଖଞ୍ଜ ।୧
ମତାଇ ପ୍ରଜାଙ୍କୁ ଗୁପ୍ତେ ବହୁ କୋହ,
ଜାଳିଦେଲେ ନିଜ ରାଜ୍ୟରେ ବିଦ୍ରୋହ ।
ବିଦ୍ରୋହୀ ପ୍ରଜାଏ ହୋଇ ଉତ୍ତେଜିତ,
ପୋଡିଦେଲେ ଗ୍ରାମ ଲୁଟିନେଲେ ସର୍ବ ।
ସର୍କାର ବିଦ୍ରୋହ ଦମନ ସକାଶେ,
ପେଷିଲେ ଶିକ୍ଷିତ ସୈନ୍ୟ ଚଉପାଶେ ।
ଦୁଷ୍ଟପ୍ରକୃତିକ କେତେ ଜଣ ମନ୍ତ୍ରୀ,
ବିଦ୍ରୋହ ଯନ୍ତ୍ରର ହୋଇଥିଲେ ଯନ୍ତ୍ରୀ ।
ବ୍ରିଟିଶବାହିନୀ ଗଡ କରି ରୁଦ୍ଧ,
ଲୁଚି ରହି ବନେ କରୁଥାନ୍ତି ଯୁଦ୍ଧ ।
କହିଲେ ସେମାନେ ଯୁବରାଜେ ବୃତ୍ତି—
ଖଞ୍ଜିଲେ ଘଟିବ ଯୁଦ୍ଧର ନିବୃତ୍ତି ।
କୁମାରୀ ଗୋଟିକୁ କୁମାର ସଜାଇ,
ବହୁ ରଙ୍ଗେ ମଣ୍ଡି ଘୋଡେ ବସାଇ,
ଯୁବରାଜ ବୋଲି ଦେଲେ ପରିଚୟ,
ସରଳ ସର୍କାର କଲେ ତା ପ୍ରତ୍ୟୟ ।

ଯୁବରାଜ ପାଇଁ ହେଲା ବୃତ୍ତି ଧାର୍ଯ୍ୟ,
ଷୋଳ ସହସ୍ର ମୁଦ୍ରା ବାର୍ଷିକ ସାହାଯ୍ୟ ।
ଶଠ ମନ୍ତ୍ରୀମାନେ ନ ବହିଣ ଶଙ୍କା,
ଦୁଇ ବର୍ଷ ଯାଏଁ ଭକ୍ଷିନେଲେ ଟଙ୍କା ।
ଧନୁର୍ଜୟ ଯୋଗୁଁ ହେଲା ଏ ଫିତୁରୀ,
ବୁଝିଲେ ସର୍କାର ରାଜାଙ୍କ ଚାତୁରୀ ।
ପ୍ରବଳ ବିଦ୍ରୋହ ଉଜିଲାକ ଶାନ୍ତ,
ଧନୁର୍ଜୟ ଦଣ୍ଡ ଭୁଞ୍ଜିଲେ ସେ ଗାନ୍ତ ।
ସରିଲା ତାଙ୍କର ସବୁ କୂଟ ଫନ୍ଦି,
ଚସ୍ତ୍ତ କାଞ୍ଚି ସ୍ଥାନେ ହେଲେ ରାଜା ବନ୍ଦୀ ।୨
ସ୍ଥବିର ଶ୍ରୀକର ଭଞ୍ଜ ନବପଣ୍ଡ,
ପୁନି ଦେଶାନ୍ତରେ ହେଲେ ଯୁଣ୍ଡମଣ୍ଡ ।
ମନେ ମନେ ଦିନେ ଭାବିଲେ ନୃବର,
କୋମ୍ପାନୀର ଅସ୍ତ୍ର ବାଜୀ ବହୁ ବର ।
ନ ଶୁଝିଲେ ତାହା ନ ରହିବ ରାଜ୍ୟ,
ଗଲେ ମୁଁ କରନ୍ତି ଆଗେ ସେହି କାର୍ଯ୍ୟ ।
ଛାଡ଼ି ଏ ସ୍ଥାନରୁ ଯିବି କେଉଁରୂପେ,
ହୋଇଛି ତ ବନ୍ଦୀ ନଜେ ବନ୍ଦୀରୂପେ ।
ଏହା ପାଞ୍ଚି ନୃପ ରାତ୍ରେ ଗୋପନରେ,
ପଳାଇ ମିଳିଲେ ଯାଇ ଘୁମୁସରେ ।
ନିରୀକ୍ଷଣ କରି ବୃଦ୍ଧ ପୌତ୍ର ଦେହ,
ମନେ ମନେ ରାଜା ଗଣିଲେ ସନ୍ଦେହ ।
ଏକାଦଶୀ ବ୍ରତ କରି ସେ ପାଳନ,
କରୁଥିଲେ ମହାପ୍ରସାଦ ସେବନ ।
ଭୁଞ୍ଜିବାକୁ ପୌତ୍ରେ କଲେ ସେ ଇଙ୍ଗିତ,
ମାତ୍ର ତାଙ୍କ ଆଜ୍ଞା ନ ହେଲା ପାଳିତ ।
ମୌନେ ମୃଦୁ ହାସ୍ୟେ ପୌତ୍ର ବୁଦ୍ଧିମାନ,
ପିତାମହ ଆଜ୍ଞା କଲେ ପ୍ରତ୍ୟାଖ୍ୟାନ ।
ତହୁଁ ନରବର ବୁଝିଲେ ସହଜେ,
ନୁହନ୍ତି ଏ କେବେ ବଳଭଦ୍ର ଭଞ୍ଜେ ।

୧— ଖଞ୍ଜ—କୌଶଳ, ଉପାୟ । ୨— ଦାକ୍ଷିଣାତ୍ୟସ୍ଥ ଚେଙ୍ଗଲ ପଟ୍ଟ ନଗର ।



http://oaob.nitrkl.ac.in

ଜାଣିଲେ ବିଶ୍ୱାସୀ ଲୋକଙ୍କୁ ପଚାରି,
କୃତ୍ରିମ କୁମାର ଅଟେ ସେ କୁମାରୀ ।
ଏ ଗୁପ୍ତ ରହସ୍ୟ ବୁଝି ନରପତି,
ଗବର୍ଣ୍ଣର୍ ପାଶେ ଲେଖିଲେ ତଡ଼ତି ।
ଗବର୍ଣ୍ଣର୍ ଲଭି ସନ୍ତୋଷ ଅପାର,
ସମର୍ପିଲେ ତାଙ୍କୁ ପୁଣି ରାଜ୍ୟଭାର ।
ଖୁମୁଣର ଦୁର୍ଗେ ନିବସି ଶ୍ରୀକର,
ପାଳିଲେ ପ୍ରକୃତି ଯଥା ପୁରନ୍ଦର ।
ଦ୍ୱାଦଶ ମୁଠାରେ ନବର ପ୍ରାକାର,
ନିର୍ମାଣି ସ୍ଥାପିଲେ ଦ୍ୱାଦଶ ଖମାର ।
ଲଗିଲା ପ୍ରତ୍ୟହ ବୈଷ୍ଣବସଙ୍ଗତ,
ବ୍ରାହ୍ମଣ-ଭୋଜନ, ଦାନ-ପୁଣ୍ୟବ୍ରତ ।
ନିତ୍ୟେ ଫୁଲ ତୋଳି ରଚନ୍ତି ନରେଶ,
ଦେବତାଙ୍କ ବଡ଼ସିଂହାର ସୁବେଶ ।
ମାଳତୀ କୁସୁମ ବନରୁ ତୋଳାଇ—
ଗୁନ୍ଥି ଚାରୁହାର ରଖନ୍ତି ଶୁଖାଇ;
ଜଗନ୍ନାଥଙ୍କର ଭୂଷଣ ସକାଶେ,
ପ୍ରେରନ୍ତି ଶ୍ରୀକ୍ଷେତ୍ରେ ତାହା ଭୁଲା ମାସେ ।
ଅନନ୍ତ ସୂତାରେ ବୁଣାଇ ବସନ,
କରନ୍ତି ବୈଷ୍ଣବଗଣେ ବିତରଣ ।
ପ୍ରତିବର୍ଷ ପୁଣି ସର୍ବ ଜମିଦାର,
ଲଭନ୍ତି ସେ ବସ୍ତ୍ର ସ୍ନେହ-ଉପହାର ।
ରାଜ-ପରିଚ୍ଛଦ କରି ବିବର୍ଜନ,
ପିନ୍ଧନ୍ତି ନୃପତି କଷାୟ ବସନ ।
ଚାରିମାସଯାକ ଚତୁର୍ମାସ୍ୟା କାଳେ,
ରଖାଇ ବୈଷ୍ଣବକୁଳେ ଦେବଆଳେ;
ଅର୍ପନ୍ତି ପ୍ରତ୍ୟେକେ କମ୍ବଳ ଲୋମଶ,
ଆବର ମାସିକ ମୁଦ୍ରା ପଞ୍ଚଦଶ ।
ପ୍ରତିବର୍ଷ ଚୈତ୍ରେ ନୃପତି-ପୁଙ୍ଗବ,
ରାମ-ନବମୀରେ କରନ୍ତି ଉତ୍ସବ ।

ଚାରି ସମ୍ପ୍ରଦାୟ ବୈଷ୍ଣବପ୍ରବୀଣ,
ସେ ଉତ୍ସବେ ଯୋଗ ଦିଅନ୍ତି ଆସିଣ ।
ପାଞ୍ଚ ସହସ୍ର ମୁଦ୍ରା ହୁଏ ତହିଁ ବ୍ୟୟ,
ଭୁଞ୍ଜନ୍ତି ଆନନ୍ଦ ସୁଖ ପ୍ରଜାଚୟ ।
ଧରାକୋଟ ରାଜା ଗୋପୀ ସିଂହଙ୍କର –
ଭଗିନୀକୁ ବିଭା ହେଲେ ନରବର ।
ଦୁର୍ଗ ଉପକଣ୍ଠେ ନୃପତି-ରତନ,
ସ୍ଥାପିଲେ ସ୍ୱନାମେ ବ୍ରାହ୍ମଣ ଶାସନ । ୧
ବାଲୁପଦରରେ ଜଗନ୍ନାଥଙ୍କର,
ତୋଳାଇଲେ ରାଜା ଦେଉଳ ସୁନ୍ଦର ।
କୁଗୁଡ଼ାରେ ରଚି ମଠ ଶୋଭାବନ,
ତ୍ରିମୂର୍ତ୍ତି ଦେବତା କଲେ ସଂସ୍ଥାପନ । ୨
ପୂଜିଲେ ଆବର ସୂର୍ଯ୍ୟଦେବେ ସ୍ଥାପି,
ସେ ସୂର୍ଯ୍ୟମନ୍ଦିର ବିରାଜେ ଅଦ୍ୟାପି ।
ଦେବନୀତି ପାଇଁ ନୃପତି ଲଲାମ,
ଖଞ୍ଜିଲେ ଆଦିତ୍ୟପୁର ନାମେ ଗ୍ରାମ । ୩
ପୁଣି ରାମ-ସୀତା-ଲକ୍ଷ୍ମଣେ ବସାଇ,
ପୂଜାର ବ୍ୟବସ୍ଥା କଲେ ନରସାଇଁ ।
ଚଡ଼ିଆ ପଲ୍ଲୀର ଶ୍ରୀ ଗୋବିନ୍ଦ ଦାସେ, ୪
ଚେଲରୂପେ ସଦା ଥିଲେ ତାଙ୍କ ପାଶେ ।
ସୁବୈଷ୍ଣବ ସେହୁ ସର୍ବଗୁଣବନ୍ତ,
କଲେ ତାଙ୍କୁ ରାଜା ସେ ମଠେ ମହନ୍ତ ।
ହୁମୁଗର ତାଙ୍କ କୀର୍ତ୍ତିରେ ମଣ୍ଡିତ,
କାବ୍ୟାଂଶରେ ତାହା ହୋଇଛି ବର୍ଣ୍ଣିତ ।
ପଞ୍ଚବିଂଶ ଲକ୍ଷ ମୁଦ୍ରା କରି ବ୍ୟୟ,
କଲେ ବହୁ କୀର୍ତ୍ତି ନୃପତି ସଞ୍ଚୟ ।
ଧନୁର୍ଜୟଠାରୁ ନବଦୁର୍ଗ ପାଇଁ,
ନେଇଥିଲେ ଦୁର୍ଗ ଦୁଇଟି ଲେଖାଇ ।
କରିବାକୁ ସେହି ଦୁର୍ଗ ସମୁଦ୍ଧାର,
ପେଷିଲେ ଶ୍ରୀକର ଦକ୍ଷ ସେନାବାର ।

୧—ଶ୍ରୀକରପୁର ଶାସନ । ୨—ତ୍ରିମୂର୍ତ୍ତି—ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା । ୩—ଆଦିତ୍ୟପୁର—ଆଦପୁର । ୪—ବେଲଗୁଣ୍ଠା ନିକଟସ୍ଥ ଚଡ଼ିଆପଲ୍ଲୀ ଗ୍ରାମ ।

http://oaob.nitrkl.ac.in

କବିସୂର୍ଯ୍ୟମଣି ଚ୍ୟାଉଙ୍କ ସନ୍ତତି,
ସେ ସୈନ୍ୟଦଳର ହେଲେ ସେନାପତି ।
ଜଗନ୍ନାଥ ଫୌଜ ବକ୍ସି ତାଙ୍କ ନାମ,
ଅଦ୍ଭୁତ କୌଶଳେ ହେଲେ ସିଦ୍ଧକାମ ।
ବ୍ୟାଘ୍ରଦେବୀଙ୍କର ସ୍ୱପ୍ନାଦେଶ ପାଇ,
ଜୟଶ୍ରୀ-ମଣ୍ଡିତ ହେଲେ ଯୁଦ୍ଧେ ଯାଇ ।
ନବଦୁର୍ଗ ତୀରେ ରଣ ବାଜୁଡ଼ାଣି,—
କହିଥିଲେ ଯାଇ ସ୍ୱସୈନ୍ୟେ ଯେ ବାଣୀ;
ଗାଉଛନ୍ତି ଅଦ୍ୟାପି ତାହା ଜନଶ୍ରୁତି,
କଳ୍ପଶକ୍ତି ତହିଁ ଧରିଅଛି ମୂର୍ତ୍ତି । *
ନବଦୁର୍ଗୁ ଆସି ପାଇକେ ଗୋପନେ,
କରୁଥିଲେ ଚୋରି ଲୁଚ ରହି ବନେ ।
ଧରିଆଣି ତାଙ୍କୁ ଭଞ୍ଜ ନରପତି,
ବିହିଲେ କୌତୁକ ଶାସ୍ତି ତାଙ୍କ ପ୍ରତି ।
ନ ପକାଇ ତାଙ୍କୁ ଅଧିକ ସଙ୍କଟେ,
ଛି'ର କଲେ ତାଙ୍କ ନାଶ ପଟେ ପଟେ ।
ରହସ୍ୟେ ପିନ୍ଧାଇ ପୁଣି ଶଙ୍ଖାଶାଢ଼ୀ,
ନାରୀବେଶ କରି ଦେଲେ ତାଙ୍କୁ ଛାଡ଼ି ।
ହେଲେ ସେ ପାଇକେ ଲଜ୍ଜିତ ବିଶେଷ,
ବୀରପକ୍ଷେ ସିନା ମୃତ୍ୟୁ ନାରୀବେଶ !
ଦ୍ୱାବିଂଶ ବରଷ ପାଳି ବସୁମତୀ,
ବିଶ୍ରାମେ ଶ୍ରୀକର ବଳାଇଲେ ମତି ।
କ୍ରମରେ ଅଧିକ ହେବାରୁ ବୟସ,
ଜରା ଆକ୍ରମଣେ ହେଲେ ସେ ଅବଶ ।
ତହୁଁ ଗବର୍ଣ୍ଣରେ ଲେଖିଲେ ଚିଠାଉ,
ସାଧୁଅଛି ଜରା ମୋହୋ ସଙ୍ଗେ ଦାଉ ।
ପାଉ ନାହିଁ ଶକ୍ତି କରିବାକୁ କାର୍ଯ୍ୟ,
ନ ପାରିବି ଆଉ ପରିଚାଳି ରାଜ୍ୟ ।
ଦୟା ବହି ଦେଲେ ମୋ ପୁତ୍ରେ ପଠାଇ,
ଅର୍ପି ତାକୁ ରାଜ୍ୟ ଲଭିବି ମୁଁ ହାହି ।

କରୁଛନ୍ତି ବିନୟେ ଏତିକି ପ୍ରାର୍ଥନା,
ଦିବ୍ୟ ଅବଧାନେ ଘେନ ମହାମନା !"
ରାଜାଙ୍କର ପତ୍ର ପଢ଼ି ଗବର୍ଣ୍ଣର,
ଦେଲେ ଧନଞ୍ଜୟେ ପଠାଇ ସତ୍ୱର ।
ପୂରିଲା ଶ୍ରୀକର ଭଞ୍ଜ ମନସ୍କାମ,
ପୁତ୍ରେ ରାଜ୍ୟ ଦେଇ ନେଲେ ସେ ବିଶ୍ରାମ ।
ଜୀବନ-ସନ୍ଧ୍ୟାରେ ନୀଳାଚଳେ ଯାଇ,
କଲେ ତୀର୍ଥବାସ ଜଗନ୍ନାଥେ ଧ୍ୟାଇ ।
ମହାପୁରୁଷଙ୍କ ମୃତ୍ୟୁହୀନ ପ୍ରାଣ—
ପ୍ରଦୀପ କଦାପି ନ ଲଭେ ନିର୍ବାଣ ।
ମାଟିଦେହ ଏକା ଲଭୁଛି ବିଲୟ,
ମାତ୍ର କୀର୍ତ୍ତି-ଦେହ ଅମର ଅକ୍ଷୟ ।
ସମ୍ପୂର୍ଣ୍ଣ ଶ୍ରୀକର ଭଞ୍ଜ କର୍ମଗାଥା,
ଭଞ୍ଜ ରାଜଲକ୍ଷ୍ମୀ ହୋଇଲେ ଅନାଥା ।
ଧନଞ୍ଜୟ ଭଞ୍ଜ ରାଜା ହୋଇ ପୁଣି,
ଶାସିଲେ ତାଲୁକ ଦର୍ପେ ଶିର ଝୁଣି ।
ସେହି ଜନପୀଡ଼ା ସେହି ଅତ୍ୟାଚାର,
କଲା ଆସି ତାଙ୍କ ଚିତ୍ତ ଅଧିକାର ।
ବଢ଼ିଲା ପ୍ରବଳେ ଇନ୍ଦ୍ରିୟ ଲାଳସା,
ସେହି ଏକା ହେଲା ସତତ ବେବସା ।
ଘୁମୁସର ମଧ୍ୟେ ବାଲିଚଦରରେ,
ନିବସନ୍ତି ବହୁ ଖ୍ୟାତ ଶିଳ୍ପକରେ ।
ଶିଳ୍ପେ ଜ୍ୟୋତିର୍ମୟ ଗ୍ରାମ ଚିରକାଳ,
କି ସେ ବିଶ୍ୱକର୍ମା ଚାରୁ ଶିଳ୍ପଶାଳ !
ସେ ଗ୍ରାମ-ନିବାସୀ ଜଣେ ସୂତ୍ରଧର,
ବିଦିତ ବିବିଧ ଅଦ୍ଭୁତ ହୁନର ।
ଥିଲା ତାର ଏକ କନ୍ୟା ରୂପବତୀ
ରାଜାଙ୍କ କୁଦୃଷ୍ଟି ପଡ଼ିଲା ତା ପ୍ରତି ।
କହିଲେ ଶିଳ୍ପୀକୁ ଡାକି ସେ ସତ୍ୱରେ,
ଛାଡ଼ିଦିବୁ ତୋର କନ୍ୟାକୁ ନଅରେ ।

* ନୟାଗଡ଼ ବୀରମାନେ ଫେରିଯାଇ କ ହିଲେ—"ଛନ୍ଦଭରକରେ ଅମ୍ଭେ ତାଙ୍କୁ ବାରୁ ନ ପାରନ୍ତୁ କେବେ ଜଣି, ଅନ୍ଧଲେକ ପର ଗୃହଁ ରହୁଥାଉଁ କହ ହଲେ ମୁଣ୍ଡ ହାଣି ।"

http://oaob.nitrkl.ac.in

ସଭ୍ୟେ ବର୍ଣ୍ଣିବୀ ସମ୍ପୂର୍ଣ୍ଣ ପ୍ରକାଶି,
ମିଳଲ ମେଲାଣି ମାଗି ଗୃହେ ଆସି ।
ନିଜ କନ୍ୟା ତୁଲ୍ୟ କାଷ୍ଠେ ଅବିକଳ,
ନିର୍ମାଣିଲା ଏକ ପ୍ରତିମା ସୁଢଳ ।
ବିଚିତ୍ର କୌଶଳେ ଚିତ୍ରିଲା ସେ ତହିଁ,
ତାର ଦେହ-କାନ୍ତି ଯାହା ଲୋଡ଼ା ଯହିଁ ।
ଦିଶିଲା ତହୁଁ ସେ କୃତ୍ରିମ-ପୁତ୍ରିକା,
ଚାଲିଲା ଯେସନ ପ୍ରକୃତ ବାଳିକା !
ନିଜେ ଗଢ଼ି ଶିଳ୍ପୀ ନିଜେ ସେ ନିହାରି,
କନ୍ୟା କି ପ୍ରତିମା ନ ପାରିଲା ବାରି ।
ସଜାଇ ତାହାକୁ ବସ୍ତ୍ର ଅଳଙ୍କାରେ,
ରଖିଲା ନୃପତି ଶୟନ ଆଗାରେ ।
ନିବେଦିଲା ଯାଇ ନୃପେ ଯୋଡ଼ି ପାଣି,
ଛାଡ଼ିଗଲା ମୋର ଦୁହିତାକୁ ଆଣି ।
ଶୁଣି ରାଜା ଉଠି ଆନନ୍ଦେ ଅଚିରେ,
ବିଜେ ହେଲେ ଯାଇ ପହୁଡ଼ ମନ୍ଦିରେ ।
ପରଶନ୍ତେ ତାକୁ ନୃପ ବେନି ହାତେ,
ଚାଲିଲା ସେ କନ୍ୟା ନୃମଣିଙ୍କ ସାଥେ ।
ବିଜେ ହୋଇ ରାଜା ଗଜଦନ୍ତ ଖଟେ,
ବସିବାକୁ ତାକୁ ଡାକିଲେ ନିକଟେ ।
ମାତ୍ର ଖଟେ ଉଠି ପାରିଲା ସେ ନାହିଁ
ହସିଲା କେବଳ ରାଜା ମୁଖେ ଚାହିଁ ।
ପଚାରିଲେ ଯାହା ନ କହିଲା କଥା,
ନୃପ ଚିତ୍ତେ ଜାତ ସନ୍ଦେହ ସର୍ବଥା ।
ବୁଝିଲେ ରହସ୍ୟ ପଛେ ଜାଣି ପାରି,
ପ୍ରକୃତ ନୁହେଁ ଏ କୃତ୍ରିମ-କୁମାରୀ ।
ଆନନ୍ଦେ ଆଦରେ ଭାବିଲେ ଏସନ,
ଅଛନ୍ତି ମୋ ରାଜ୍ୟେ ଏଡ଼େ ଗୁଣିଜନ !
ପ୍ରତିବିମ୍ବ ପ୍ରାୟେ ଗଢ଼ିଛି ପ୍ରତିମା,
କଳି ନୁହେଁ ତାର ଦକ୍ଷତାର ସୀମା ।
ଧନ୍ୟ ଶିଳ୍ପୀ ଧନ୍ୟ ପ୍ରତିଭା ତାହାର,
ନିର୍ମାଣିଛି ମୂର୍ତ୍ତି କେଡ଼େ ଚମତ୍କାର !

ଏହା ଭାବି ରାଜ୍ୟେ ପ୍ରହୃଷ୍ଟ ଅନ୍ତରେ,
ହକାରିଲେ ସେହି ଦକ୍ଷ ସୂତ୍ରଧରେ ।
ଏଣେ ଶିଳ୍ପମଣି ଦୁଃଖେ କାଳ ଯାପି,
ହେଉଥିଲା ଭୟେ ବିକଳେ ସନ୍ତାପି ।
ଭାବୁଥିଲା ମନେ—ନୃପ ମହାବଳୀ,
ନିଶ୍ଚେ ଆଜି ମୋତେ ଦେବେ କଶାବଳୀ ।
ମାତ୍ର ଧନୁର୍ଜୟ ଦେଖି ନୃତ୍ତମନ,
ଅଧିକ ତା ପ୍ରତି ହେଲେ ସୁପ୍ରସନ୍ନ ।
ପ୍ରକାଶି ବିଶେଷ ସ୍ନେହ ଶିଷ୍ଟାଚାର,
ଅର୍ପିଲେ ଶିଳ୍ପୀକୁ ବହୁ ପୁରସ୍କାର ।
ଶିଳ୍ପୀ ମୃତପିଣ୍ଡେ ପଶିଲା ଜୀବନ,
ଭାବିଲା ଏ କିସ ସତ୍ୟ କା ସ୍ୱପନ ?
ମଣୁଥିଲା ଯାକୁ ଶମନସ୍ୱରୂପ,
ଶମନ ନୁହେଁ ସେ ଗୁଣଗ୍ରାହୀ ଭୂପ ।
ଭୀତି ପରିବର୍ତ୍ତେ ମନେ ଜାତ ଭକ୍ତି,
ବିପତ୍ତି ବଦଳେ ପ୍ରଲବ୍ଧ ସମ୍ପତ୍ତି ।
ଅଦୃଷ୍ଟ ଯାହାକୁ କରେ ପୁରସ୍କୃତ,
ତୀବ୍ର ବିଷ ହୁଏ ତା ପକ୍ଷେ ଅମୃତ ।
ଗୁଣ-ପୁରସ୍କାର ଅଛି ଭୂମଣ୍ଡଳେ,
ଦିଏ ତା ପ୍ରକୃତି ଯାଚି ବଳେ ବଳେ ।
ଧନୁର୍ଜୟ ଭଳି ଦୃପ୍ତ ନରପତି,
କ୍ରୋଧୀ ସ୍ୱେଚ୍ଛାଚାରୀ ଦୁଷ୍ଟ ପାପମତି ।
ସ୍ୱଭାବେ ସେ ପୁଣି ଉଗ୍ର ନାଗ ସାପ,
ଅକୃତ ତାଙ୍କର ନାହିଁ କେଉଁ ପାପ ।
ଥିଲା ଗ୍ରାହକତା ତଥାପି ତାଙ୍କର,
ଜନମ ସଂସ୍କାର ଚିର ଅନଶ୍ୱର ।
ମଧୁଚକ୍ରେ ସୁଦ୍ଧା ଥାଏ ମଧୁ ମିଠା,
ନ ଥାଏ କେବଳ ମାଛି ଡିମ୍ବ ସିଠା ।
ଥିଲେହେଁ ତୀକ୍ଷ୍ଣତା ନିମ୍ବ ଫଳେ ପୂରି,
ଏକାନ୍ତ ଅଭାବ ନ ଥାଏ ମାଧୁରୀ ।
ଦୁରଦୃଷ୍ଟ ଦୋଷେ ସମ୍ଭ୍ରାନ୍ତ ବଂଶଜେ,
ଆଶ୍ରିଥାନ୍ତି ପଛେ ଦୁଷ୍ଟ ଗୁଣବ୍ରଜେ,

http://oaob.nitrkl.ac.in

ମାନ ନ ପାରନ୍ତି ଛାପି କେଉଁମତେ,
ସେ ବୁର୍ଗୁଣେ ତାର ବଂଶୀୟ ମହତ୍ତ୍ୱେ ।
ଚନ୍ଦନକୁ ସର୍ପେ ଥାଆନ୍ତି ଆବରି,
ମାତ୍ର ତା ସୌରଭ ପାରନ୍ତି କି ହରି ?
ଅଶିଶତ ମୁଦ୍ରା ବାର୍ଷିକ ଧନୁର୍ଜୟ,
ଯୋଗୁଁ ରାଜ୍ୟକୁ କରିଥିଲେ ଜୟ ।
ତାହାଙ୍କ ପ୍ରଚଣ୍ଡ ରାଜତ୍ୱ କାଳରେ,
ବର୍ଷିଯାଉଥିଲା ଅଗ୍ନି ଘୁମୁସରେ ।
ଅତ୍ୟାଚାରେ ରତ ସଦା ନରନାଥ,
ହତ୍ୟାରେ ବୀଭତ୍ସ କରିଥିଲେ ହାତ ।
ଶୁଣିଲେ ତାଙ୍କର ପାପ ଭୟଙ୍କର,
ପାପର ଆତ୍ମା ବି କାନ୍ଦିବ ନିକର ।
ମାତା ଭଗ୍ନୀ ପତ୍ନୀ, ପୁତ୍ରେ କରି ହତ୍ୟା,
ଉଡ଼ାଇଲେ ଭବେ କଳଙ୍କର ଛତା ।
ସେହି ପାପେ ଗଲେ ରାଜଲକ୍ଷ୍ମୀ ଛାଡ଼ି,
ଧାନ ଗଛେ ଫଳ ହେଲେ ସେ ଅଗାଡ଼ି ।
ପୈଶାଚିକ ହତ୍ୟା ଅମାନୁଷୀ ଦଣ୍ଡ,
ଥିଲା ତାଙ୍କ ପ୍ରିୟ କର୍ତ୍ତବ୍ୟ ଅଖଣ୍ଡ !
ଧର୍ମ ବୋଲି କିଛି ଅଛି ଯେ ଜଗତେ,
ଏ କଥାଟି ତାଙ୍କର ଥିଲା ନାହିଁ ସ୍ମୃତେ ।
ଏତେ ମୂଢ଼ ଭାଗ୍ୟେ ଅହୋ କି ରହସ୍ୟ,
ଦାନିଲା ବିଧାତା ସୁବର୍ଣ୍ଣ କଳସ !
ରାଜତ୍ୱରୁ ହେଲା କୁଇବର୍ଷ ଗତ,
ହେଲେ ପୂର୍ବ ପରି ନୃପତି ଉନ୍ମତ୍ତ !
କଲେ ସେ ସର୍କାର ଆଦେଶ ଅମାନ୍ୟ,
ବସିଲେ ପ୍ରକାଶି ଆପଣା ପ୍ରାଧାନ୍ୟ ।
ଟିମିସନ ଥିଲେ ଜିଲ୍ଲା କଲେକ୍ଟର,
ଯୁଝିଲେ ତାହାଙ୍କ ସଙ୍ଗେ ମତାନ୍ତର ।
ବିଦ୍ରୋହ ପ୍ରକାଶେ ଲୋକଙ୍କୁ ମତାଇ,
ଉଦୟ ଗିରିରେ ଲୁଟ କଲେ ଯାଇ ।
ବିଦ୍ରୋହ ଅନଳ ଜଳିଲା ଉତ୍କଟେ,
ଦେଖୁଥିଲେ ବସି ତାହା ସେ ନିର୍ଭୀକେ ।

ସେନାପତି ତାଙ୍କ ଦୁଷ୍ଟ ଆଚରଣ,
ଗବର୍ଣ୍ଣର ପାଶେ କଲେ ନିବେଦନ ।
ଲେଖିଲେ ଆବର ସ୍ୱତନ୍ତ୍ର ଶାସକ,
ଘୁମୁସର ପାଇଁ ଶୀଘ୍ର ଆବଶ୍ୟକ ।
ରସଲ ସାହେବ ତହୁଁ ଯଥାବିଧି,
ଆସିଲେ ନିଯୁକ୍ତ ହୋଇ ପ୍ରତିନିଧି ।
ବାରବଲ ସୈନ୍ୟ ଘେନିଣ ସଙ୍ଗରେ,
ମାଲ ସହ ସାଧ୍ୟ କଲେ ଘୁମୁସରେ ।
ଧୈର୍ଯ୍ୟ ବୋଗି "ଦୋରା ବିଶୋଇ" ଦୁର୍ଦ୍ଦମ,
"ବଳୀଆର ସିଂହ" ବଳେ ସିଂହ ସମ,
ଧାନୁକୀ ସଂଗ୍ରାମ ସିଂହ "କୃଷ୍ଣ ଗୁରୁ"
ବୈରୀ ପକ୍ଷେ କାଳ ଯା କୁଟିଳ ଭ୍ରୂ,
ବଜ୍ରବାହୁ "ବାହୁ ବଳେନ୍ଦ୍ର" ଯା ନାମ,
ଆବର "ସୁନାଆ ସିଂହ" "ହାତୀରାମ ।"
ଦେଖାଇଣ ଥିଲେ ଏ ବୀରସକଳ,
ସମରେ ଅଦ୍ଭୁତ ସାହସ କୌଶଳ ।
"ଚନ୍ଦ୍ର ବିଶୋଇ"ର ସଂଗ୍ରାମ ପାଣ୍ଡିତ୍ୟ,
ହେବ ଶତ୍ରୁ ସୁଦ୍ଧା ହେବ ବିମୋହିତ !
ପ୍ରାଣପଣେ ଯୁଝି ବହିଣ ସାହସ,
ଶେଷେ ବୀରମଣି ହେଲା ପଳାତକ ।
ରହିଲା ସେ କେଉଁ ଗୁପ୍ତ ବାସେ ଯାଇ,
ବହୁ ଅନ୍ୱେଷଣେ ନ ମିଳିଲା କାହିଁ ।
ବୀର ହରି ଭଞ୍ଜ ପ୍ରତ୍ୟୁତ୍ପନ୍ନ ମତି,
ଘୁମୁସର ପକ୍ଷେ ଥିଲେ ସେନାପତି ।
ରଘୁ ପଟ୍ଟନାୟକ ଚ୍ୟାଉ ପଟ୍ଟନାୟକ,
ଇଂରାଜ ପକ୍ଷରେ ଥିଲେ ସହାୟକ ।
ରସଲ ସାହେବ ଜୟୀ ହୋଇ ରଣେ,
ବିଧିଲେକ ଶାସ୍ତି ରାଜଦ୍ରୋହୀ ଜନେ ।
ପାଇକ ସର୍ଦ୍ଦାର ଚାରିଶ ତୌରାଶି,
ବିଦ୍ରୋହୀ ଲୋକଙ୍କୁ ଦିଆଗଲା ଫାସି ।
ରାଜଦ୍ରୋହୀଙ୍କର ଭୂମି ହେଲା କଟା,
ରାଜଭକ୍ତେ ଭୂମି ଦିଆଗଲା ପଟା ।

http://oaob.nitrkl.ac.in

ଅପରାଧୀ ହସ୍ତେ ପିନ୍ଧେଇ ଶୃଙ୍ଖଳା,
ସପକ୍ଷେ ଲଭିଲେ ଖାଡ଼ୀ ସୁନାବଳା ।
ପାଇଲେ ଅନେକେ ବହୁ ପୁରସ୍କାର,
ଉପକାରର ତା ପ୍ରତି-ଉପକାର !
ସ୍ୱନାମେ ରସଲନଗର ବସାଇ, ✿
ରଖିଲେ ସେଠାରେ ସୈନିକ ଜଗାଇ ।
ନାନା ସ୍ଥାନୁ ଆଣି ବଣିକଜନଙ୍କରେ,
ସୁନ୍ଦର ସର୍ଜ୍ଜିତ କଲେ ସେ ସହରେ ।
କେତେ ଦିନାନ୍ତରେ ରାଜା ଧନୁର୍ଜୟ,
ଉଦୟଗିରିରେ ଭଜିଲେ ବିଲୟ ।
କଲେ ସେ ରାଜତ୍ୱ ଚାରିବର୍ଷ ମାତ୍ର,
ନ ହେଲେ କାହାର ଭଲେ ପ୍ରିୟପାତ୍ର ।
କୁ ଲକ୍ଷଣେ ଥିଲେ ହୋଇ ଅବତଂସ,
ରାଜ୍ୟ ରାଜବଂଶ ସବୁ କଲେ ଧ୍ୱଂସ ।
ମହାକାଳ ବକ୍ଷେ ବହୁକାଳ ହିଣ୍ଡି,
କେତେ ରାଜବଂଶ ଗଲା ଆହା ଛିଣ୍ଡି !
ବ୍ରଜରାଜ ଭଞ୍ଜ ତାହାଙ୍କ କୁମାର,
ସାରି ପିତାଙ୍କର ଅନ୍ତ୍ୟେଷ୍ଟି ସତ୍କାର ।
ରସଲ ସାହେବେ ଦେଖା କଲେ ଯାଇ,
ଖଞ୍ଜିଲେ ସାହେବ ବୃତ୍ତି ତାଙ୍କ ପାଇଁ ।
ମାସିକ ହଜାରେ ଧାର୍ଯ୍ୟ ହେଲା ବୃତ୍ତି,
ଗଭର୍ଣ୍ଣର ତହିଁ ଦେଲେ ପ୍ରତିଶ୍ରୁତି ।
ନ ଆସି ରାଜ୍ୟକୁ ଫେରି ପୁନର୍ବାର,
ନଜରବନ୍ଦୀରେ ରହିଲେ କୁମାର ।
ପାଟମହାଦେଈ ପୁରୀକ୍ଷେତ୍ରେ ବାସ,
କରିବାକୁ କଲେ ସ୍ୱଇଚ୍ଛା ପ୍ରକାଶ ।
ତାଙ୍କର ସଦିଚ୍ଛା ବୁଝି ସୁସଙ୍ଗତ,
ଦିଆଗଲା ତାଙ୍କୁ ବୃତ୍ତି ପାଞ୍ଚଶତ ।
ବାକୀ ପାଞ୍ଚଶତ ପ୍ରଦତ୍ତ କ୍ରମରେ,
ହେଲେକ ସେ ବନ୍ଦୀ ରସ୍ତୁଲ ସହରେ ।

ଘୁମୁସର ଭାଗ୍ୟ ଘୁଞ୍ଚିଲା ଦୁର୍ଦ୍ଦିନ,
ସେ ଦିନୁ ହେଲା ସେ ଇଂରାଜ ଅଧୀନ ।
ବ୍ରିଟିଶ ଶାସନେ ଏବେ ଘୁମୁସର,
ଭୁଞ୍ଜୁ ଅଛି ସୁଖଶାନ୍ତି ନିରନ୍ତର ।
ଶିଳ୍ପକଳା ତାର ସୁବିଖ୍ୟାତ ଚିର,
ଶିକ୍ଷା ସଭ୍ୟତାରେ ଟେକୁଛି ସେ ଶିର ।
ସକଳ ବିଷୟେ ସାଧୁଛି ଉନ୍ନତି,
ଦୁଃଖ ପରେ ସୁଖ ପ୍ରଦାନେ ନିୟତି ।
ଘୁମୁସର ପକ୍ଷେ ଇଂରାଜ ଶାସନ,
ବିଧି ଆଶୀର୍ବାଦ ଶୁଭ ନିଦର୍ଶନ ।
ଚିର-ପ୍ରଶସ୍ତିତ ଘୁମୁସର ରାଜ୍ୟ,
ଶୌର୍ଯ୍ୟ ବୀର୍ଯ୍ୟ ଶକ୍ତି ତାର ଅନିବାର୍ଯ୍ୟ ।
କେତେ ଧନୀ, ମାନୀ, ଜ୍ଞାନୀ, ସୁପଣ୍ଡିତ,
କରିଥିଲେ ତାର ବକ୍ଷ ବିମଣ୍ଡିତ ।
ଗୁଣିକ, ବଣିକ, ଧାର୍ମିକ ଅନେକ,
ରଖିଯାଇଛନ୍ତି ଘୁମୁସର ଟେକ ।
କର୍ମକ୍ଷେତ୍ରେ କେତେ କର୍ମୀ ମହାମନା,
ଯାଇଛନ୍ତି କରି କର୍ମ-ଆରାଧନା ।
ନିଜ ଜୀବନକୁ କରି କର୍ମମୟ,
ଦେଶ ପାଇଁ ଗଲେ କରି ଆତ୍ମ କ୍ଷୟ ।
କେତେ ଦେଶପ୍ରେମୀ, ଦେଶପ୍ରାଣ ଜନ,
କାର୍ଯ୍ୟକ୍ଷେତ୍ରେ କଲେ ଯଶ ଉପାର୍ଜନ ।
ଏହି ଘୁମୁସରେ ନରସିଂହ ଦାସ,
ଜନ୍ମ ଦେଶ ଲାଗି ଗହିଲେ ସନ୍ନ୍ୟାସ ।
ଭୀଷ୍ମ ପରି ଧରି ପ୍ରତିଜ୍ଞା ମହତ,
ଆଚରିଲେ ଚିର-କୁମାର ସୁବ୍ରତ ।
ଦେଶଚନ୍ଦ୍ରା ତାଙ୍କ ଶ୍ୱାସପ୍ରଶ୍ୱାସରେ,
ମିଶି ରହିଥିଲା ରଜନୀ-ବାସରେ ।
ଶତହସ୍ତ ହୋଇ କରୁଥିଲେ କାମ,
ରୋଗ ପୀଡ଼ାରେ ବି ନ ଥିଲା ବିଶ୍ରାମ ।

✿ ରସଲକୋଣ୍ଡା ସହର

http://oaob.nitrkl.ac.in

ଗୁରୁତର ଶ୍ରମେ କଲେ ତନୁ ତ୍ୟାଗ,
ରହିଲା ଅପୂର୍ଣ୍ଣ ଦେଶସେବା-ଯାଗ ।
ରଖିଗଲେ ଯେଉଁ ଆଦର୍ଶ ମହତ,
ଜନମିବେ ତହୁଁ ନରସିଂହ ଶତ ।
ଧୂଆଁ ଛାଇ ଗାମେ ହରହର ଦ୍ୱିଜ,
ଜନ୍ମ ବୁଣିଗଲେ ଦେଶଭକ୍ତି-ବୀଜ ।
ଉତ୍କଳ ମିଳନ ପାଇଁ ନିରନ୍ତର,
କାନ୍ଦୁଥିଲା ତାଙ୍କ ହୃଦୟ ଅନ୍ତର ।

ଶାରୀରିକ ଶକ୍ତି ହେଲେହେଁ ଦୁର୍ବଳ,
ମନୋବଳେ ଥିଲେ ଦୃପ୍ତ ଦନ୍ତାବଳ ।
ପେଟଚିନ୍ତା ଭୁଲି ଦେଶଚିନ୍ତା ରତ—
ହୋଇ ଦେଖାଇଲେ ମାନବ ମହତ୍ତ୍ୱ ।
ଉତ୍କଳେ ସେ ଋଷି ଦଧୀଚି ସମାନ,
ସ୍ୱଦେଶ ସେବାରେ ବିସର୍ଜିଲେ ପ୍ରାଣ ।
ଏହିପରି କେତେ ମହାଜନଙ୍କର,
ପୂତ ଚିତାଭସ୍ମ ବହେ ଘୁମୁସର ।



http://oaob.nitrkl.ac.in